୧୬ପୃଷ୍ଠା+
୧୨ପୃଷ୍ଠା
ରାଖୀ ବାର୍ତ୍ତା

# ଧରିତ୍ରୀ
DHARITRI



ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୧/୨୦୨୨ (୧୬+୧୨ ପୃଷ୍ଠା) | Bhubaneswar, Thursday, August 11/2022 | Page 16+12 | ₹ 7.00 | ★★★★★★

୪୮ଶ ଭାଗ ୨୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-



**ଉର୍ବଶୀଙ୍କୁ ବିବାହ ପ୍ରସ୍ତାବ**

ଇଜିପ୍ଟର ଜଣେ ବିବାହିତ ଗାୟକ ବଲିଉଡ ଅଭିନେତ୍ରୀ ଉର୍ବଶୀ ରଉତେଲାଙ୍କୁ ବିବାହ ପ୍ରସ୍ତାବ ଦେଇଥିବା ସେ କହିଛନ୍ତି। ୦୮

୧୪ **ଭବାନୀଙ୍କୁ ସ୍ୱର୍ଣ୍ଣ**

ରାଜ୍ୟଗୋଷ୍ଠୀ ଫେନ୍‌ସିଂ ଚାମ୍ପିୟନଶିପର ସାବ୍ରେ ବର୍ଗରେ ଭାରତର ଭବାନୀ ଦେବୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।








# ୟୁପିରେ ରାଶନ ପାଇଁ ତ୍ରିରଙ୍ଗା ବାଧ୍ୟ

**ଭାଜପା ଶାସିତ ଉତ୍ତର ପ୍ରଦେଶରେ ଯୋଗୀ ଆଦିତ୍ୟନାଥ ସରକାର ଘରେ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ଅଭିଯାନ ଚଳାଇଛନ୍ତି। ହେଲେ ରାଶନ ପାଇବା ପାଇଁ ହିତାଧିକାରୀଙ୍କୁ ତ୍ରିରଙ୍ଗା କିଣିବାକୁ ବାଧ୍ୟ କରାଯାଉଛି। ଏପରି କି ଯାହାଙ୍କ ପାଖରେ ଜାତୀୟ ପତାକା ନାହିଁ, ତାଙ୍କ ରାଶନରୁ ତ୍ରିରଙ୍ଗା ବାବଦକୁ ୨୦ ଟଙ୍କାର ସାମଗ୍ରୀ କାଟି ରଖାଯାଉଥିବା ଅଭିଯୋଗ ହୋଇଛି। ଏହା ବିରୋଧରେ ଖୋଦ୍ ଭାଜପା ଏମ୍‌ପି ବରୁଣ ଗାନ୍ଧୀ ସ୍ୱର ଉତ୍ତୋଳନ କରିଛନ୍ତି ।**

ନୂଆଦିଲ୍ଲୀ,୧୦।୮

ଉତ୍ତର ପ୍ରଦେଶର ପିଲିଭିଟ୍ ଆସନରୁ ଭାଜପା ଟିକେଟରେ ବିଜୟୀ ହୋଇଥିବା ବରୁଣ ଗାନ୍ଧୀ ବୁଧବାର ନିଜ ଦଳକୁ ଟାର୍ଗେଟ କରିଛନ୍ତି। ବରୁଣ ଟୁଇଟରରେ ଏକ ଭିଡିଓ ଶେୟାର କରିଛନ୍ତି। ଏଥିରେ ୨୦ ଟଙ୍କାରେ ଜାତୀୟ ପତାକା କିଣିବାକୁ ଲୋକଙ୍କୁ ବାଧ୍ୟ କରାଯାଉଥିବା ନେଇ ସେମାନଙ୍କ ଅଭିଯୋଗର ଦୃଶ୍ୟ ରହିଛି। ଜଣେ ରାଶନ କାର୍ଡଧାରୀଙ୍କ ପାଖରେ ପତାକା କିଣିବାକୁ ଟଙ୍କା ନ ଥିବାରୁ ଡିଲର ତାଙ୍କୁ ସାମଗ୍ରୀ ଦେବାକୁ ମନା କରିଦେଇଥିଲେ। ତ୍ରିରଙ୍ଗା ନ କିଣିବା ଯାଏ ତାଙ୍କୁ ରାଶନ ସାମଗ୍ରୀ ଦିଆଯିବ ନାହିଁ ବୋଲି ଡିଲର ତାଙ୍କୁ କହିଥିବା ବ୍ୟକ୍ତି ଜଣକ ଅଭିଯୋଗ କରୁଥିବା ଦେଖିବାକୁ ମିଳିଛି।




ଭାଜପା ଏମ୍‌ପି ବରୁଣ ଗାନ୍ଧୀ କରିଥିବା ଟୁଇଟ୍

କେନ୍ଦ୍ର ସରକାର ଚଳାଇଥିବା 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜାତୀୟ ପତାକା କିଣି ନିଜ ଘରେ ଉଡ଼ାଇବାକୁ କୁହାଯାଉଛି। ଏଭଳି ସମୟରେ ଭାଜପା ଏମ୍‌ପି ବରୁଣ ଗାନ୍ଧୀଙ୍କ ଏକ ପୋଷ୍ଟ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ବରୁଣ ଉକ୍ତ ଭିଡିଓରେ କ୍ୟାପ୍ସନ ଲେଖିଛନ୍ତି, ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉତ୍ସବ ଗରିବଙ୍କ ଉପରେ ବୋଝ ପାଲଟିବା ଦୁର୍ଭାଗ୍ୟଜନକ। ରାଶନ କାର୍ଡଧାରୀଙ୍କୁ ତ୍ରିରଙ୍ଗା କିଣିବା ପାଇଁ ବାଧ୍ୟ କରାଯାଉଛି ଅଥବା ଏହା ବଦଳରେ ସେମାନଙ୍କ ଭାଗର ରାଶନ କାଟି ଦିଆଯାଉଛି। ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ରହିଥିବା ତ୍ରିରଙ୍ଗାର ମୂଲ୍ୟ ଗରିବଙ୍କ ଆହାର ଛଡ଼ାଇ ଅସୁଲ କରିବା ଲଜ୍ଜାଜନକ ବୋଲି ବରୁଣ ଟୁଇଟ୍ କରିଛନ୍ତି। ଏହା ଭାଇରାଲ ହେବା ପରେ ସମ୍ପୃକ୍ତ ଡିପୋ ମାଲିକଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିବା ଡେପୁଟି କମିଶନର ଅନିଷ ଯାଦବ କହିଛନ୍ତି। ଏପରି କୌଣସି ଘଟଣା ସାମ୍ନାକୁ ଆସିଲେ ତୁରନ୍ତ ପ୍ରଶାସନକୁ ଅବଗତ କରାଇବାକୁ ଅନିଷ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରକାଶ ଯେ, ବରୁଣ କିଛି ମାସ ହେଲା ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ଓ ପ୍ରଶ୍ନପତ୍ର ପ୍ରଘଟ ଭଳି ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ଘେରିଆସୁଛନ୍ତି। ଏହା ପୂର୍ବରୁ ସେ ରେଲୱେ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ରିହାତିରେ ଟିକେଟ ବନ୍ଦ କରାଯିବା, ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଏବଂ ସେନାରେ ଠିକା ନିଯୁକ୍ତି ଯୋଜନା 'ଅଗ୍ନିପଥ'କୁ ନେଇ କେନ୍ଦ୍ରକୁ ହରଡ଼ଘଣାରେ ପକାଇଥିଲେ।

**ଆଜି କାଗଜରେ ଆପଣଙ୍କ ପାଇଁ ରହିଛି**




'ଅତୁଟ ବନ୍ଧନ' ରାଖୀ ବାର୍ତ୍ତା ପ୍ରତିଯୋଗିତା-୨୦୨୨ର ୧୨ପୃଷ୍ଠା ସମ୍ବଳିତ ସ୍ୱତନ୍ତ୍ର ସଂଖ୍ୟା ନେବାକୁ ଭୁଲିବେ ନାହିଁ।

**୧୦ ବୃହତ୍ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ**

**ସଂଳାପ ଲେଖକ ରଣଜିତ୍ ପଟ୍ଟନାୟକଙ୍କ ପରଲୋକ**

୪

**ଆଜିର ସମ୍ପାଦକୀୟ**

ସାତଦିନରେ ଭାରତ ଇତିହାସ







**ଡଙ୍ଗାବୁଡ଼ି ୫୦ ଶରଣାର୍ଥୀ ନିଖୋଜ**

କାରାପାଥୋସ୍‌ର ଗ୍ରୀକ୍ ଦ୍ୱୀପ ନିକଟରେ ଡଙ୍ଗା ବୁଡ଼ିଯାଇଥିବା ବୁଧବାର ଜଣାପଡ଼ିଛି। ସେଥିରେ ଥିବା ୮୦ ଶରଣାର୍ଥୀଙ୍କ ମଧ୍ୟରୁ ୫୦ ଜଣ ନିଖୋଜ ଅଛନ୍ତି। ଡଙ୍ଗା ଦୁର୍ଘଟଣାଗ୍ରସ୍ତ ହେବା ପରେ ଖବରପାଇ ଉପକୂଳ ସୁରକ୍ଷାକର୍ମୀମାନେ ଉଦ୍ଧାର କାର୍ଯ୍ୟ କରିଥିଲେ। ସେମାନଙ୍କ ମଧ୍ୟରୁ ଅଦ୍ୟାବଧି ୨୯ ଜଣଙ୍କୁ ଉଦ୍ଧାର କରାଯାଇଛି। ଡଙ୍ଗାଟି ମଙ୍ଗଳବାର ତୁର୍କୀରୁ ଇଟାଲୀ ଅଭିମୁଖେ ବାହାରିଥିଲା। ପ୍ରବଳବେଗରେ ପବନ ବହିବା ଯୋଗୁ ଡଙ୍ଗାଟି ବୁଡ଼ି ଯାଇଥିଲା ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ୭ ବିଲିୟନ ଡଲାର ମୂଲ୍ୟର ଟେସ୍‌ଲା ଶେୟାର ବିକିଲେ ମସ୍କ

**ୱାଶିଂଟନ୍, ୧୦।୮:** ଟୁଇଟର ଡିଲ୍‌ରୁ ଓହରିବା ମାମଲାର ଆସନ୍ତା ଅକ୍ଟୋବରରେ କୋର୍ଟରେ ବିଚାର ହେବାକୁ ଯାଉଥିବାବେଳେ ଏଲନ ମସ୍କ ତାଙ୍କ ଟେସ୍‌ଲା କମ୍ପାନୀର ୭ ବିଲିୟନ ଡଲାର ମୂଲ୍ୟର ଶେୟାର ବିକ୍ରି କରିଛନ୍ତି। କିଛି ଦିନ ମଧ୍ୟରେ ସେ ଟେସ୍‌ଲାର ପ୍ରାୟ ୮ ନିୟୁତ ଶେୟାର ବିକ୍ରି କରିସାରିଥିବା ରିପୋର୍ଟ ପ୍ରକାଶ ପାଇଛି। ଏପରି କରି ମସ୍କ ଟୁଇଟର କିଣିବା ପାଇଁ ପ୍ରସ୍ତୁତି କରୁଥିବା ଚର୍ଚ୍ଚା ହେଉଛି। ଉଭୟ ଟେସ୍‌ଲା ଏବଂ ଟୁଇଟରରେ ମସ୍କଙ୍କ ସର୍ବାଧିକ ଶେୟାର ହୋଲ୍ଡର ଅଛନ୍ତି। ଯଦି ଟୁଇଟର ଚୁକ୍ତି ରଦ୍ଦ ନ ହେଲେ ସେ ପୁନର୍ବାର ଟେସ୍‌ଲା ଶେୟାର କିଣିବେ ବୋଲି ମସ୍କ ବୁଧବାର କହିଛନ୍ତି।



### କୋର୍ବୋଭାକ୍ସ ବୁଷ୍ଟର ଡୋଜ୍‌କୁ କେନ୍ଦ୍ରର ମଞ୍ଜୁରୀ

**ନୂଆଦିଲ୍ଲୀ, ୧୦।୮:** ବାୟୋଲୋଜିକାଲ-ଇ ଦ୍ୱାରା ପ୍ରସ୍ତୁତ କୋର୍ବେଭାକ୍ସ କୋଭିଡ୍ ଟିକାର ବୁଷ୍ଟର ଡୋଜ୍‌କୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବୁଧବାର ମଞ୍ଜୁରୀ ଦେଇଛି। ପୂର୍ବରୁ କୋଭାକ୍ସିନ କିମ୍ବା କୋଭିଶିଲ୍ଡ ଟିକା ନେଇଥିବା ସାବାଳକମାନଙ୍କୁ କୋର୍ବେଭାକ୍ସ ପ୍ରିକଶନ ଡୋଜ୍ ଭାବେ ଦିଆଯାଇପାରିବ। ଦ୍ୱିତୀୟ ଡୋଜ୍ ନେବାର ୨୬ ସପ୍ତାହ କିମ୍ବା ୬ ମାସ ପରେ କୋର୍ବୋଭାକ୍ସ ବୁଷ୍ଟର ଡୋଜ୍ ନେଇପାରିବେ।

**ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି**

### ଦୁଇ ସ୍କୁଲ ସର୍ଭିସ୍ କମିଶନ ଅଫିସର ଗିରଫ

**କୋଲକାତା, ୧୦।୮:** ପଶ୍ଚିମ ବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ସିବିଆଇ ବୁଧବାର ଦୁଇ ସ୍କୁଲ ସର୍ଭିସ୍ କମିଶନ (ଏସ୍ଏସ୍‌ସି) ଅଫିସରଙ୍କୁ ଗିରଫ କରିଛି। ଏସ୍ଏସ୍‌ସିର ପୂର୍ବତନ ଅଧକ୍ଷ ଶାନ୍ତି ପ୍ରସାଦ ସିହ୍ନା ଏବଂ ଅଶୋକ ଶାହାଙ୍କୁ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଗିରଫ କରାଯାଇଛି। ଦୁଇ ଅଫିସର ଶିକ୍ଷକ ନିଯୁକ୍ତି ଆଇନର ଉଲ୍ଲଂଘନ କରିବା ସହ ନିଯୁକ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନ ଥିବା ବ୍ୟକ୍ତିବିଶେଷ ଏବଂ ନିଜ ପରିଚିତଙ୍କୁ ଚାକିରିରେ ରଖୁଥିବା ସିବିଆଇ ପକ୍ଷରୁ କୁହାଯାଇଛି। ନିଯୁକ୍ତି ପତ୍ରରେ ଆଞ୍ଚଳିକ କମିଶନଙ୍କର ଜାଲ ଦସ୍ତଖତ କରିଥିବା ଅଭିଯୋଗ ମଧ ସାମ୍ନାକୁ ଆସିଛି। ଚାକିରି ଲାଗି ସ୍ୱତନ୍ତ୍ର ପରୀକ୍ଷା କରାଯାଉଥିଲେ ସୁଦ୍ଧା ବିଭାଗର ୱେବ୍‌ସାଇଟ୍‌ରେ ଆବେଦନକାରୀଙ୍କ ମେରିଟ୍ ଲିଷ୍ଟ ପ୍ରକାଶ କରାଯାଉ ନ ଥିଲା।

### ୟୁପିରେ ୬୦ ବର୍ଷୀୟାଙ୍କ ବସ୍ ଯାତ୍ରା ମାଗଣା

**ଲକ୍ଷ୍ନୌ, ୧୦।୮:** ଉତ୍ତରପ୍ରଦେଶରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ମହିଳାମାନଙ୍କୁ ସରକାରୀ ବସ୍‌ରେ ମାଗଣା ଯାତ୍ରା ସୁବିଧା ମିଳିବ। ଏ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ଟୁଇଟ୍ ଯୋଗେ ଘୋଷଣା କରିଛନ୍ତି। ଏଥିସହ ରାଖୀପୂର୍ଣ୍ଣିମା ଅବସରରେ ମହିଳାମାନେ ୪୮ ଘଣ୍ଟା ଅର୍ଥାତ୍ ଅଗଷ୍ଟ ୧୦ ରାତି ୧୨ଟାରୁ ୧୨ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ମାଗଣାରେ ବସ୍‌ରେ ଯାତାୟାତ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### କଶ୍ମୀରୀ ପଣ୍ଡିତ ରାହୁଲ ଭଟ୍ଟଙ୍କ ହତ୍ୟାକାରୀ ନିହତ

**ଶ୍ରୀନଗର, ୧୦।୮:** କଶ୍ମୀରୀ ପଣ୍ଡିତ ରାହୁଲ ଭଟ୍ଟଙ୍କୁ ଗୁଳିକରି ହତ୍ୟା କରିଥିବା ଆତଙ୍କବାଦୀ ଲତିଫ ରାଥର ସେନା ଗୁଳିରେ ନିହତ ହୋଇଛନ୍ତି। ଜମ୍ମୁ-କଶ୍ମୀର ବୁଦଗାମ ଜିଲାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ତିନି ଲଶ୍କର-ଇ-ତୋଇବା ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଅନ୍ୟ ଦୁଇ ଆତଙ୍କବାଦୀ ଚିହ୍ନଟ ହୋଇପାରି ନ ଥିବାବେଳେ ଘଟଣାସ୍ଥଳରୁ ବିପୁଳମାତ୍ରାରେ ବିସ୍ଫୋରକ ସାମଗ୍ରୀ ଓ ମାରଣାସ୍ତ୍ର ପୋଲିସ ଜବତ କରିଛି। କଶ୍ମୀର ଜୋନ୍ ପୋଲିସର ସୂଚନାକ୍ରମେ, ମୃତ ଜମ୍ମୁ-କଶ୍ମୀରରେ ଘଟିଥିବା ଏକାଧିକ ହିଂସାକାଣ୍ଡରେ ଲତିଫଙ୍କ ସମ୍ପୃକ୍ତି ରହିଥିଲା। ଗତ ମେ'ରେ ରେଭିନ୍ୟୁ ବିଭାଗରେ କାର୍ଯ୍ୟରତ କଶ୍ମୀରୀ ପଣ୍ଡିତ ରାହୁଲ ଭଟଙ୍କୁ ତାଙ୍କ କାର୍ଯ୍ୟାଳୟ ଭିତରେ ପଶି ଦୁଇ ଆତଙ୍କବାଦୀ ଗୁଳି କରି ହତ୍ୟା କରିଥିଲେ।



# ବିବାଦରେ ପ୍ରଫେସରଙ୍କ ବିକିନି ଫଟୋ

**କୋଲକାତା, ୧୦।୮**

- ସୁଇମ୍‌ସୁଟ୍ ଫଟୋ ଯୋଗୁ ବିଦାହେଲେ
- ୯୯ କୋଟି ଜରିମାନା ଦେବାକୁ କହିଲା ୟୁନିଭର୍ସିଟି
- କଙ୍ଗାରୁ କୋର୍ଟରେ ଅପମାନିତ କରାଯାଇଛି: ପ୍ରଫେସର

କୋଲାକାତାରେ ଥିବା ସେଣ୍ଟ ଜାଭିୟର୍ସ ୟୁନିଭର୍ସିଟିର ଜଣେ ୩୦ ବର୍ଷୀୟା ମହିଳା ପ୍ରଫେସରଙ୍କୁ ଅଜବ କାରଣ ପାଇଁ ଚାକିରିରୁ ଇସ୍ତଫା ଦେବାକୁ ବାଧ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ପ୍ରଫେସର ଜଣକ ସୁଇମ୍‌ସୁଟ୍‌ରେ ଇନ୍‌ଷ୍ଟାଗ୍ରାମ୍‌ରେ ଫଟୋ ଅପ୍‌ଲୋଡ୍ କରିବାରୁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କେବଳ ଏତିକି ନୁହେଁ, ୟୁନିଭର୍ସିଟିର ପ୍ରତିଷ୍ଠା ହାନି କରିବା ଅଭିଯୋଗରେ ତାଙ୍କୁ ୯୯ କୋଟି ଟଙ୍କା ଜରିମାନା ଦେବାକୁ କୁହାଯାଇଛି। ଏପରି କରି ସମ୍ପୃକ୍ତ ପ୍ରଫେସରଙ୍କ ବ୍ୟକ୍ତିଗତ ଜୀବନ ଓ ପ୍ରିଭେସିରେ ୟୁନିଭର୍ସିଟି ହସ୍ତକ୍ଷେପ କରିଥିବା ଅଭିଯୋଗ ହୋଇଛି।

ପ୍ରଫେସର ଜଣକ ଇନ୍‌ଷ୍ଟାରେ ସୁଇମ୍ ପୋଷାକ ପିନ୍ଧି ଫଟୋ ଅପ୍‌ଲୋଡ କରିଥିବା ସମ୍ପର୍କରେ ଜଣେ ଛାତ୍ରଙ୍କ ବାପା ୟୁନିଭର୍ସିଟି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ପ୍ରଫେସରଙ୍କ ଇନ୍‌ଷ୍ଟା ଆକାଉଣ୍ଟ ପ୍ରାଇଭେଟ ଥିବା ସତ୍ତ୍ୱେ ତାହାକୁ ହ୍ୟାକ୍ କରାଯାଇ ଲକ୍ ଥିବା ପ୍ରୋଫାଇଲ ଫଟୋକୁ ଛାତ୍ର ଜଣକ ହାସଲ କରିବା ପରେ ଭାଇରାଲ କରିଥିଲେ ବୋଲି ମଧ୍ୟ ଅଭିଯୋଗ ହୋଇଛି। ଏହାର ଯାଞ୍ଚ କରି ସମ୍ପୃକ୍ତ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ୟୁନିଭର୍ସିଟି ପ୍ରଫେସରଙ୍କୁ ଇସ୍ତଫା ଦେବାକୁ ବାଧ କରିବା ଘଟଣା ଅନେକଙ୍କୁ ଚକିତ କରିଛି। ଛାତ୍ରଙ୍କ ବାପା କରିଥିବା ଅଭିଯୋଗ ଅନୁସାରେ, ତାଙ୍କ ପୁଅ ମୋବାଇଲରେ ପ୍ରଫେସରଙ୍କ ଫଟୋ ଦେଖୁଥିବା ସେ ଜାଣିବାକୁ ପାଇଥିଲେ। ଜଣେ ଶିକ୍ଷୟିତ୍ରୀ ଅନ୍ତଃବସ୍ତ୍ରରେ ଏଭଳି ଫଟୋ ଅପ୍‌ଲୋଡ୍ କରିବା ଲଜ୍ଜାକର କଥା ବୋଲି ଛାତ୍ରଙ୍କ ବାପା ୟୁନିଭର୍ସିଟିକୁ ଚିଠି ଲେଖି ଅଭିଯୋଗ ଜଣାଇଥିଲେ। ଅପରପକ୍ଷେ ପ୍ରଫେସର ଏହା ବିରୋଧରେ ଆସନ୍ତା ସପ୍ତାହରେ କାଲ୍‌କାଟା ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିବେ ବୋଲି କହିଛନ୍ତି। ସେ ଗତ ବର୍ଷ ଅଗଷ୍ଟରେ ୟୁନିଭର୍ସିଟିରେ ଯୋଗ ଦେଇଥିଲେ। ଏହା ପୂର୍ବରୁ ଏହି ଫଟୋ ତାଙ୍କ ଇନ୍‌ଷ୍ଟା ଷ୍ଟୋରିରେ ଅପ୍‌ଲୋଡ୍ କରିଥିଲେ। ୨୪ ଘଣ୍ଟା ପରେ ଉକ୍ତ ଷ୍ଟୋରି ଇନ୍‌ଷ୍ଟାରୁ ଆପେ ଗାଏବ ହୋଇଯାଇଥିଲା। କିନ୍ତୁ ଗତ ଅକ୍ଟୋବର ୭ରେ ତାଙ୍କୁ ୟୁନିଭର୍ସିଟିରୁ ଫୋନ ଯାଇଥିଲା। ସେହିଦିନ ଅପରାହ୍ଣରେ ବିଶ୍ୱବିଦ୍ୟାଳୟ କୁଳପତି ଫେଲିକ୍ସ ରାଜ, ରେଜିଷ୍ଟ୍ରାର ଆଶିଷ ମିତ୍ରାଙ୍କ ଉପସ୍ଥିତିରେ କଙ୍ଗାରୁକୋର୍ଟ ବସିଥିଲା। ସେଠାରେ ତାଙ୍କୁ ଅପମାନିତ କରାଯିବା ସହ ଧମକ ଦିଆଯାଇଛି। ତାଙ୍କ ବିରୋଧରେ ଆପତ୍ତିଜନକ ଟିପ୍ପଣୀ କରାଯାଇଛି। ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ପ୍ରାଇଭେଟ ହୋଇଥିବାବେଳେ କିପରି ଛାତ୍ର ଜଣକ ଉକ୍ତ ଫଟୋ ପାଇଲେ ତାହାର ତଦନ୍ତ ହେବା ଜରୁରୀ। ତାଙ୍କ ଅଜାଣତରେ ୟୁନିଭର୍ସିଟିରେ ମଧ ଉକ୍ତ ଫଟୋ ଭାଇରାଲ ହୋଇଛି। ଏସବୁ ତାଙ୍କୁ ମାନସିକ ଭାବେ ଆଘାତ ଦେଇଥିବା ପ୍ରଫେସର ଜଣକ କହିଛନ୍ତି।


ପ୍ରତୀକାତ୍ମକ ଫଟୋ

# ବିରୋଧୀ ଏକତା ଲକ୍ଷ୍ୟ

**ପାଟନା, ୧୦।୮**

- ଶପଥ ପରେ ମୋଦିଙ୍କୁ ନୀତୀଶଙ୍କ ଚ୍ୟାଲେଞ୍ଜ
- ୨୦୧୪ରେ ଜିତିଥିଲ, ୨୦୨୪ରେ ଜିତିବ କି

ମହାମେଣ୍ଟ ସମର୍ଥନରେ ପୁନର୍ବାର କ୍ଷମତାସୀନ ହୋଇଥିବା ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାର ବୁଧବାର ଅଷ୍ଟମ ଥର ବିହାର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଛନ୍ତି। ତାଙ୍କ ସହ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବ ଦ୍ୱିତୀୟ ଥର ପାଇଁ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ପାଟନା ସ୍ଥିତ ରାଜଭବନରେ ରାଜ୍ୟପାଳ ଫାଗୁ ଚୌହାନ ଏକ ନିରାଡମ୍ବର ଉତ୍ସବରେ ଉଭୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ଅବସରରେ ନୀତୀଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିବା ସହ ୨୦୨୪ ସାଧାରଣ ନିର୍ବାଚନରେ ବିରୋଧୀ ଦଳଗୁଡ଼ିକୁ ଏକଜୁଟ୍ କରିବା ତାଙ୍କ ଲକ୍ଷ୍ୟ ବୋଲି ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି।

ନୀତୀଶ କୁମାର ମଙ୍ଗଳବାର ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଛାଡ଼ି ପୁରୁଣା ସହଯୋଗୀ ଲାଲୁ ପ୍ରସାଦ ଯାଦବଙ୍କ ଆର୍‌ଜେଡି ହାତ ଧରିଥିଲେ। ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ମହାମେଣ୍ଟ ସମର୍ଥନରେ କ୍ଷମତାରେ ରହିବାକୁ ପସନ୍ଦ କଲେ। ବୁଧବାର ଶପଥ ନେବା ପରେ ନୀତୀଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଜେଡିୟୁ ନେତା କହିଛନ୍ତି, ଭାଜପାକୁ ଛାଡ଼ିବା ନିଷ୍ପତ୍ତି ଜେଡିୟୁ ନେଇଛି। ମୁଁ ୨୦୨୪ ପର୍ଯ୍ୟନ୍ତ ଥିବି କି ନାହିଁ କହିହେବ ନାହିଁ। କିନ୍ତୁ ସେମାନେ ଯାହା ଚାହୁଁଛନ୍ତି ତାହା କହିପାରିବେ। ଯେଉଁମାନେ ୨୦୧୪ରେ କ୍ଷମତାକୁ ଆସିଥିଲେ, ସେମାନେ ୨୦୨୪ରେ ବିଜୟୀ ହେବେ କି? ୨୦୨୪ ପାଇଁ ସବୁ ବିରୋଧୀ ଦଳ ଏକାଠି ହୁଅନ୍ତୁ। ମୁଁ ପ୍ରଧାନମନ୍ତ୍ରୀ ପଦ ପାଇଁ ଦାବିଦାର ନୁହେଁ ବୋଲି ନୀତୀଶ ସ୍ପଷ୍ଟ କରିଛନ୍ତି। ସେ ଆହୁରି କହିଛନ୍ତି, ଭାଜପାକୁ କେନ୍ଦ୍ରରୁ କ୍ଷମତାଚ୍ୟୁତ କରିବା ପାଇଁ ବିରୋଧୀ ଏକତାକୁ ମଜଭୁତ କରିବା ହେଉଛି ତାଙ୍କ ଲକ୍ଷ୍ୟ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ତୁଳନାରେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କିପରି ଦେଖନ୍ତି ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ୭୧ ବର୍ଷୀୟ ନୀତୀଶ କହିଥିଲେ, ଆପଣମାନେ କିପରି ତୁଳନା କରୁଛନ୍ତି? ଜର୍ଜ ଫର୍ନାଣ୍ଡିଜ୍‌ଙ୍କ ନେତୃତ୍ୱରେ ଆମେ ଏନ୍‌ଡିଏରେ ସାମିଲ ହେବା ପରେ ଅଟଳଜୀଙ୍କଠାରୁ ଅନେକ ସ୍ନେହ ମିଳିଛି। ତାଙ୍କୁ କେବେହେଲେ ଭୁଲିହେବ ନାହିଁ। ୨୦୨୦ ବିଧାନସଭା ନିର୍ବାଚନରେ ସଂଯୁକ୍ତ ଜନତା ଦଳର ବିଜୟ ସମ୍ଭାବନାକୁ ସହଯୋଗୀ ଭାଜପା ଦୁର୍ବଳ କରିଦେଇଥିଲା। କିନ୍ତୁ ୨୦୧୫ରେ ଆର୍‌ଜେଡି ସହ ଜେଡିୟୁ ମେଣ୍ଟ କରି ଲଢ଼ିଥିବାବେଳେ କିପରି ସଫଳତା ମିଳିଥିଲା ତାହା ସମସ୍ତେ ଜାଣନ୍ତି। ସିପିଆଇଏମ୍ଏଲ୍, ସିପିଆଇ ଏବଂ ସିପିଆଇଏମ୍ ନୂଆ ସରକାରଙ୍କୁ ବାହାରୁ ସମର୍ଥନ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିବା ନୀତୀଶ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୨୦୨୪ ଲୋକ ସଭା ନିର୍ବାଚନର ବର୍ଷକ ପରେ ଅର୍ଥାତ୍ ୨୦୨୫ରେ ବିହାରରେ ବିଧାନସଭା ନିର୍ବାଚନ ହେବ। ସାଧାରଣ ନିର୍ବାଚନରେ ନୀତୀଶ ମୋଦିଙ୍କ ପ୍ରତିଦ୍ୱନ୍ଦ୍ୱୀ ହୋଇପାରନ୍ତି ବୋଲି ଆକଳନ କରାଯାଉଥିବାବେଳେ ତାଙ୍କର ଏହି ନାସ୍ତିବାଣୀ ବିଶ୍ଳେଷକଙ୍କୁ ବିସ୍ମିତ କରିଛି।


ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ।

# ଜଷ୍ଟିସ୍ ଲଳିତ ନୂଆ ସିଜେଆଇ

**ନୂଆଦିଲ୍ଲୀ, ୧୦।୮**

ଭାରତର ୪୯ ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଜଷ୍ଟିସ୍ ଉଦୟ ଉମେଶ ଲଳିତ ବୁଧବାର ନିଯୁକ୍ତ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ନିଯୁକ୍ତି ୱାରେଣ୍ଟରେ ସ୍ୱାକ୍ଷର କରିଛନ୍ତି। ବର୍ତ୍ତମାନର ସିଜେଆଇ ଜଷ୍ଟିସ୍ ଏନ୍. ଭି. ରମନା ଅବସର ନେବାର ଦିନକ ପୂର୍ବରୁ ଅର୍ଥାତ୍ ଅଗଷ୍ଟ ୨୭ରେ ଜଷ୍ଟିସ୍ ଲଳିତ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କ କାର୍ଯ୍ୟକାଳ ୭୪ ଦିନ ପାଇଁ ରହିବ। ନଭେମ୍ବର ୮ରେ ଜଷ୍ଟିସ୍ ଲଳିତ ଅବସର ନେବେ। ଅଗଷ୍ଟ ୨୬ରେ ଅବସର ନେବାକୁ ଥିବା ସିଜେଆଇ ରମନା ତାଙ୍କ ଉତ୍ତରାଧିକାରୀ ଭାବେ ଜଷ୍ଟିସ୍ ଲଳିତଙ୍କ ନାମକୁ ସୁପାରିସ୍ କରିଥିଲେ। ସିଜେଆଇ ଭାବେ ନିଯୁକ୍ତି ପାଇବା ପରେ ଜଷ୍ଟିସ୍ ରମନା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୧୯୫୭ ନଭେମ୍ବର ୯ରେ ଜନ୍ମିତ ଜଷ୍ଟିସ୍ ଲଳିତ ୧୯୮୩ ଜୁନ୍‌ରେ ଓକିଲାତି ଆରମ୍ଭ କରିଥିଲେ। ବମ୍ବେ ହାଇକୋର୍ଟରେ ୨ ବର୍ଷ ଅଭ୍ୟାସ କରିବା ପରେ ୧୯୮୬ ଜାନୁୟାରୀରେ ସେ ଦିଲ୍ଲୀ ହାଇକୋର୍ଟକୁ ଯାଇଥିଲେ। ୨୦୦୪ରେ ସୁପ୍ରିମକୋର୍ଟ ତାଙ୍କୁ ବରିଷ୍ଠ ଓକିଲ ମାନ୍ୟତା ଦେଇଥିଲେ। ଜଷ୍ଟିସ ଲଳିତ ୨୦୧୪ ଅଗଷ୍ଟ ୧୩ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ଯୋଗଦେଇଥିଲେ। ଏହା ପୂର୍ବରୁ ସେ ସର୍ବୋଚ୍ଚ ଅଦାଲତରେ ଜଣେ ବରିଷ୍ଠ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ। ଗୁରୁତ୍ୱପୂର୍ଣ୍ଣ ୩ ତଲାକ ମାମଲାରେ ରାୟ ପ୍ରଦାନ କରିଥିବା ସୁପ୍ରିମକୋର୍ଟର ୫ ଜଣିଆ ପୀଠରେ ଜଷ୍ଟିସ ଲଳିତ ରହିଥିଲେ। ସେହିପରି ଶିଶୁ ଶରୀରର ଗୋପନ ଅଙ୍ଗ ଛୁଇଁବା କିମ୍ବା ଯୌନ ଉଦ୍ଦେଶ୍ୟ ରଖି ସେମାନଙ୍କ ସହ ଶାରୀରିକ ସଂସ୍ପର୍ଶରେ ଆସିବା ପୋକ୍ସୋ ଆଇନ ଅନୁଯାୟୀ ଯୌନ ବ୍ୟଭିଚାର ବୋଲି ଜଷ୍ଟିସ ଲଳିତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ରାୟ ଦେଇଥିଲେ। ତାଙ୍କ ବାପା ୟୁ.ଆର୍. ଲଳିତ ମଧ ଜଣେ ଆଇନଜୀବୀରୁ ଦିଲ୍ଲୀ ହାଇକୋର୍ଟ ବିଚାରପତି ହୋଇଥିଲେ।





ଗତ ମାର୍ଚ୍ଚରେ ମସ୍କୋର ୟୁକ୍ରେନ୍ ଆକ୍ରମଣକୁ ନିନ୍ଦା କରି ରାତାରାତି ଚର୍ଚ୍ଚା ସାଉଣ୍ଟିଥିବା ରୁଷୀୟ ଟିଭି ଜର୍ନାଲିଷ୍ଟ ମାରିନା ଓଭ୍‌ସ୍ୟାନିକୋଭାଙ୍କୁ ଗିରଫ କରାଯାଇଛି। ୪୪ ବର୍ଷୀୟା ମାରିନା ଖବର ଉପସ୍ଥାପନବେଳେ ରୁଷିଆର ଯୁଦ୍ଧଖୋର ମନୋବୃତ୍ତିକୁ ସମାଲୋଚନା କରିଥିଲେ। ଏଥିପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ନିଜ ଦେଶର ସାମରିକ ବଳ ବିରୋଧରେ ଅପପ୍ରଚାର ଅଭିଯୋଗରେ ସାମ୍ବାଦିକାଙ୍କ ନାଁରେ ଆପରାଧିକ ମାମଲା ରୁଜୁ କରାଯାଇଛି। ଚାରିଆଡୁ ଚାପ ପଡ଼ିବା ପରେ ସେ ଇସ୍ତଫା ଦେଇଛନ୍ତି।

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ବୁଧବାର ୧୬୮ ଦିନରେ ପହଞ୍ଚିଛି। ମଙ୍ଗଳବାର ରାତିସାରା ଜାପୋରିଝିଆ ନ୍ୟୁକ୍ଲିୟର ପ୍ଲାଣ୍ଟ ନିକଟ ନିପ୍ରୋପେଟ୍ରୋଭ୍‌ସ୍କ ଅଞ୍ଚଳରେ ରୁଷିଆର ଶେଲ୍ ମାଡ଼ରେ ଅନ୍ୟୁନ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ମସ୍କୋ ତୁରନ୍ତ ଉକ୍ତ ଆଣବିକ କେନ୍ଦ୍ରକୁ ୟୁକ୍ରେନ୍‌କୁ ହସ୍ତାନ୍ତର କରୁ ବୋଲି ଜି-୭ ରାଷ୍ଟ୍ରସମୂହ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ନୂପୁର ଶର୍ମା ଆଶ୍ୱସ୍ତ

**ସବୁ ମାମଲା ଦିଲ୍ଲୀ ପୋଲିସକୁ ସ୍ଥାନାନ୍ତର**

**ନୂଆଦିଲ୍ଲୀ, ୧୦।୮**

ପ୍ରଫେଟ୍ ମହମ୍ମଦଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇ ଆଇନ ଜାଲରେ ଫସିଥିବା ଭାଜପାର ନିଲମ୍ବିତ ମୁଖପାତ୍ର ନୂପୁର ଶର୍ମାଙ୍କୁ ବୁଧବାର ଆଶ୍ୱସ୍ତି ମିଳିଛି। ଦେଶର ବିଭିନ୍ନ ଭାଗରେ ତାଙ୍କ ବିରୋଧରେ ଦାଏର ମାମଲାଗୁଡ଼ିକୁ ସୁପ୍ରିମକୋର୍ଟ ଦିଲ୍ଲୀ ପୋଲିସକୁ ସ୍ଥାନାନ୍ତର କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧୀନରେ ଥିବା ଦିଲ୍ଲୀ ପୋଲିସ ସବୁ ମାମଲାକୁ ଏକାଠି କରି ସେଗୁଡ଼ିକର ତଦନ୍ତ କରିବ। ଏ ନେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜେ. ବି. ପର୍ଡିୱାଲାଙ୍କ ଖଣ୍ଡପୀଠ ଅନୁମତି ଦେଇଛନ୍ତି। ତଦନ୍ତ ଶେଷ ନ ହେବା ଯାଏ ନୂପୁରଙ୍କୁ ପୂର୍ବରୁ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷା ବଳବତ୍ତର ରହିବ।

# ରାଜୁ ଶ୍ରୀବାସ୍ତବଙ୍କୁ ହୃଦ୍‌ଘାତ

**ନୂଆଦିଲ୍ଲୀ, ୧୦।୮**

ଲୋକପ୍ରିୟ ହାସ୍ୟ ଅଭିନେତା ରାଜୁ ଶ୍ରୀବାସ୍ତବଙ୍କୁ ବୁଧବାର ହୃଦ୍‌ଘାତ ହୋଇଛି। ସକାଳ ପ୍ରାୟ ୧୦ଟା ୪୫ରେ ୫୮ ବର୍ଷୀୟ ଅଭିନେତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଛି। ଲଗାତର ୨ ଥର କିଛି ସମୟ ପାଇଁ ତାଙ୍କ ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଯାଇଥିବାବେଳେ ଡାକ୍ତର ତାଙ୍କୁ ସ୍ୱାଭାବିକ କରିବା ସହ କ୍ୟାଥେଟେରାଇଜେଶନ ଲାବ୍‌କୁ ଜରୁରିକାଳୀନ ଭିତ୍ତିରେ ଆଞ୍ଜିଓଗ୍ରାଫି ପାଇଁ ନେଇଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପୂର୍ବାପେକ୍ଷା ଭଲ ଅଛି ଏବଂ ସେ ବିପଦମୁକ୍ତ ଥିବା ଶ୍ରୀବାସ୍ତବଙ୍କ ବନ୍ଧୁ ସୁନୀଲ ପାଲ କହିଛନ୍ତି। ୧୯୮୦ ଦଶକରୁ ସେ ମନୋରଞ୍ଜନ ଦୁନିଆ ସହ ଜଡ଼ିତ ଅଛନ୍ତି। 'ଦ ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଚ୍ୟାଲେଞ୍ଜ' କମେଡି ଶୋ' ମାଧ୍ୟମରେ ତାଙ୍କୁ ବିପୁଳ ଲୋକପ୍ରିୟତା ମିଳିଥିଲା। ପରେ ସେ ମୈନେ ପ୍ୟାର କିୟା, ବାଜିଗର, ବମ୍ବେ ଟୁ ଗୋଆ, ଆମଦାନୀ ଅଠାନୀ ଖର୍ଚ୍ଚା ରୁପୈୟା ଆଦି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ସେ ବିଗ୍ ବସ୍ ସିଜନ୍-୩ରେ ମଧ ଭାଗ ନେଇଥିଲେ। ଶ୍ରୀବାସ୍ତବ ଏବେ ଫିଲ୍ମ ଡେଭେଲପମେଣ୍ଟ କାଉନସିଲ ଉତ୍ତର ପ୍ରଦେଶର ଚେୟାରମ୍ୟାନ ଅଛନ୍ତି।



# ୱାରାୱାରା ରାଓଙ୍କୁ ସୁପ୍ରିମକୋର୍ଟ ଜାମିନ

**ନୂଆଦିଲ୍ଲୀ, ୧୦।୮**

ମହାରାଷ୍ଟ୍ରର ଭୀମା-କୋରେଗାଓଁ ମାମଲାରେ ଅଧିକାର କର୍ମୀ ପି. ୱାରାୱାରା ରାଓଙ୍କୁ ବୁଧବାର ସୁପ୍ରିମକୋର୍ଟ ଜାମିନ ଦେଇଛନ୍ତି। ଜଷ୍ଟିସ୍ ୟୁ.ୟୁ. ଲଳିତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ୮୨ ବର୍ଷୀୟ ୱାରାୱାରା ରାଓଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ଜାମିନ ପ୍ରଦାନ କରିଛନ୍ତି।

ଅସୁସ୍ଥ ଥିବା ପ୍ରଖ୍ୟାତ ତେଲୁଗୁ କବି ୱାରାୱାରା ପୂର୍ବରୁ ଜାମିନ ପାଇ ବାହାରେ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁ ନ ଥିବାରୁ ସେ ଜାମିନ ଦେବା ପାଇଁ ଗତ ଏପ୍ରିଲ ୧୩ରେ ବମ୍ବେ ହାଇକୋର୍ଟଙ୍କୁ ନିବେଦନ କରିଥିଲେ। ହାଇକୋର୍ଟ ଜାମିନ ଆବେଦନ ଖାରଜ କରିବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଅନିରୁଦ୍ଧ ବୋଷ ଏବଂ ସୁଧାଂଶୁ ଧୁଲିଆ ସାମିଲ ଥିବା ତିନିଜଣିଆ ଖଣ୍ଡପୀଠ ୱାରାୱାରାଙ୍କ ପିଟିଶନର ଶୁଣାଣି କରି କହିଛନ୍ତି, ଏହି ମାମଲାରେ ଚାର୍ଜଶିଟ୍ ଦାଖଲ ହୋଇଥିଲେ ହେଁ କେତେଜଣ ଅଭିଯୁକ୍ତଙ୍କୁ ଏଯାଏ ଗିରଫ କରାଯାଇନାହିଁ। ଅନ୍ୟପକ୍ଷେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜଫ୍ରେମ୍ କରାଯାଇଛି। ପୂର୍ବରୁ ଯେଉଁ ସର୍ତ୍ତରେ ୱାରାୱାରାଙ୍କୁ ଜାମିନ ଦିଆଯାଇଥିଲା ତାହା ପୂରଣ ହୋଇ ନ ଥିବାରୁ ଜାମିନ ରଦ୍ଦ କରାଯାଇପାରିବ ନାହିଁ। ୨୦୧୭ ଡିସେମ୍ବର ୩୧ରେ ଭୀମା-କୋରେଗାରେ ଘଟିଥିବା ହିଂସା ପାଇଁ ଏଲ୍‌ଗାର ପରିଷଦ କାର୍ଯ୍ୟକ୍ରମର ବକ୍ତାମାନଙ୍କୁ ଦାୟୀ କରାଯାଇଥିଲା।



# ପାନୀୟ ଉପଯୋଗୀ ନୁହେଁ ବର୍ଷାଜଳ

**ଷ୍ଟକ୍‌ହୋମ୍, ୧୦।୮**

ବର୍ଷାଜଳକୁ ସିଧାସଳଖ ପାନୀୟ ଭାବେ ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ସୁଇଡେନ୍‌ସ୍ଥିତ ଷ୍ଟକ୍‌ହୋମ୍ ୟୁନିଭର୍ସିଟିର ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏଥିରେ ମାତ୍ରାଧିକ ପର୍-ଆଣ୍ଡ ପଲିଫ୍ଲୋରୋଆଲ୍‌କାଇଲ ସବ୍‌ଷ୍ଟାନ୍ସେସ୍ (ପିଏଫ୍ଏଏସ୍) ରହିଥାଏ। ଏହି ବିଷାକ୍ତ କେମିକାଲର ବିଘଟନ ବିଳମ୍ବରେ ହୋଇଥାଏ। ଫଳରେ ତାହା ଆମ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ବୋଲି ସଦ୍ୟ ଅଧ୍ୟୟନ ରିପୋର୍ଟରେ କୁହାଯାଇଛି। ଏହି ରିପୋର୍ଟ ଏନ୍‌ଭାଇରନ୍‌ମେଣ୍ଟାଲ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପତ୍ରିକାରେ ପ୍ରକାଶ ପାଇଛି।

ପିଏଫ୍ଏଏସ୍ ପ୍ରଥମେ ଶାମ୍ପୁ ଏବଂ କସ୍‌ମେଟିକ୍ ସାମଗ୍ରୀରେ ମିଳିଥିଲା। ଏବେ ତାହା ପାଣି ଏବଂ ବାୟୁରେ ବ୍ୟାପି ସାରିଛି। ଗବେଷଣାରେ ଭାଗ ନେଇଥିବା ପ୍ରଫେସର ଇଆନ୍ କଜିନ୍ କହିଛନ୍ତି, ପୃଥିବୀରେ ଏପରି କୌଣସି ଏକ ସ୍ଥାନ ନାହିଁ ଯେଉଁଠି ବର୍ଷାଜଳ ପାନୀୟ ଉପଯୋଗୀ। ଏପରି କି ଆଣ୍ଟାର୍କଟିକା ଏବଂ ତିବ୍ବତ ମାଳଭୂମିରେ ମଧ୍ୟ ବର୍ଷାଜଳ ବିଷାକ୍ତ।



**ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ**

ରିପୋର୍ଟରେ ଆହୁରି କୁହାଯାଇଛି, ପିଏଫ୍ଏସ୍ ମିଶ୍ରିତ ପାଣି ପିଉଥିବା ଏବଂ ଏହା ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କ ପ୍ରଜନନ କ୍ଷମତା ପ୍ରଭାବିତ ହୋଇଥାଏ। ଶିଶୁଙ୍କ ଶାରୀରିକ ବିକାଶ ବାଧାପ୍ରାପ୍ତ ହେବା ସହ ମୋଟାପଣ ଏବଂ ରକ୍ତରେ କୋଲେଷ୍ଟର ମାତ୍ରା ମଧ୍ୟ ବଢ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ପିଏଫ୍ଏସ୍ ପୃଥିବୀ ସାରା ବ୍ୟାପ୍ତ ଏବଂ ଏହାକୁ ସମ୍ପୂର୍ଣ୍ଣ ଭାବେ ହଟାଯିବା ଅସମ୍ଭବ। ଆମ ଗ୍ରହରେ ଯେତିକି ମାତ୍ରାରେ ପିଏଫ୍ଏସ୍ ରହିବା କଥା ଏବେ ତାହାଠାରୁ କାହିଁ କେତେଗୁଣା ଏହାର ମାତ୍ରା ବଢ଼ିଯାଇଛି। ତେଣୁ ଏହି କ୍ଷତିକାରକ ରାସାୟନିକ ପଦାର୍ଥ ସହ ଆମକୁ ଚଳିବାକୁ ପଡ଼ିବ ବୋଲି ପ୍ରଫେସର କଜିନ୍ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୯,୧୫,୯୧,୦୩୦ | ୬୪,୪୨,୮୨୧ | ୫୬,୩୫,୬୬,୩୫୪ |
| ଭାରତ | ୪,୪୧,୯୦,୬୯୭ | ୫,୨୬,୮୨୬ | ୪,୩୫,୩୫,୬୧୦ |
| ଓଡ଼ିଶା | ୧୩,୨୦,୬୬୭ | ୯୧୫୨(+୫୩) | ୧୩,୦୬,୨୪୯ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ସ୍ୱାଧୀନତା ଦିବସ ଉତ୍ସବରେ ସାମିଲ ହେବେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୦।୮ (ବ୍ୟୁରୋ)

ସ୍କୁଲରେ ସ୍ୱାଧୀନତା ଦିବସ ପାଳନ ସଂକ୍ରାନ୍ତ ନିଷ୍ପତ୍ତିରେ ସରକାର ପରିବର୍ତ୍ତନ କରିଛନ୍ତି। ସ୍କୁଲ ଓ ଶିକ୍ଷାନୁଷ୍ଠାନରେ ହେବାକୁ ଥିବା ସ୍ୱାଧୀନତା ଦିବସ ଉତ୍ସବରେ ଛାତ୍ରୀଛାତ୍ର ଯୋଗଦେଇ ପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ

**ବଦଳିଲା ନିଷ୍ପତ୍ତି**

ଦାଶ ବୁଧବାର ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ର ଏହି ପବିତ୍ର ଦିନରେ ସାମିଲ ହେବାକୁ ସରକାର ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନରେ କେବଳ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଗହଣରେ ସ୍ୱାଧୀନତା ଦିବସ ପାଳନ ହେବ ଏବଂ ଛାତ୍ରୀଛାତ୍ରମାନେ ଯୋଗଦେଇ ପାରିବେ ନାହିଁ ବୋଲି ମଙ୍ଗଳବାର ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ନେଇ ବିଭିନ୍ନ ମହଲରୁ ତୀବ୍ର ସମାଲୋଚନା କରାଯାଇଥିଲା। ପିଲାମାନେ ଯଦି ସ୍କୁଲକୁ ପାଠ ପଢ଼ିବାକୁ ଯାଇ ପାରୁଛନ୍ତି, ତେବେ ସ୍ୱାଧୀନତା ଦିବସ ପାଳନରେ କେଉଁଠି ଅସୁବିଧା ରହିଲା ବୋଲି ଅଭିଭାବକମାନେ ପ୍ରଶ୍ନ କରିଥିଲେ। ଫଳରେ ବୁଧବାର ଗଣଶିକ୍ଷା ବିଭାଗ ନିଜ ନିଷ୍ପତ୍ତି ବଦଳାଇଛି। ଗଣଶିକ୍ଷା ମନ୍ତ୍ରୀ ଦାଶଙ୍କ ସୂଚନାନୁଯାୟୀ, ଚଳିତବର୍ଷ ସ୍ୱାଧୀନତା ଦିବସ ଅବସରରେ ଶିକ୍ଷାନୁଷ୍ଠାନରେ ହେବାକୁ ଥିବା ଉତ୍ସବରେ ଛାତ୍ରୀଛାତ୍ର ସାମିଲ ହେବେ। ମାତ୍ର ଏହି ସମୟରେ କୋଭିଡ୍ ଗାଇଡଲାଇନ୍ କଡ଼ାକଡ଼ି ପାଳନ ହେବ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଏହାର ତଦାରଖ କରିବେ। ଏହି ଘୋଷଣା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। କାରଣ କରୋନା ପାଇଁ ଗତ ୨ବର୍ଷ ହେଲା ସ୍ୱାଧୀନତା ଦିବସରେ ପିଲାମାନେ ସାମିଲ ହୋଇପାରୁ ନ ଥିଲେ। କେବଳ ଶିକ୍ଷକମାନେ ସ୍କୁଲ ଯାଇ ଜାତୀୟ ପତାକା ଉତ୍ତୋଳନ କରୁଥିଲେ।







ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୧ ଅଗଷ୍ଟ, ୨୦୨୨

**ଆଜିର ମନ୍ତବ୍ୟ**

"ଜାତୀୟତାବାଦକୁ କେବେହେଲେ ବିକ୍ରି କରାଯାଇପାରିବ ନାହିଁ। ଗରିବଙ୍କୁ ରାଶନ ସାମଗ୍ରୀ ଦେବାବେଳେ ତ୍ରିରଙ୍ଗା ପାଇଁ ୨୦ ଟଙ୍କା ଅସୁଲ କରିବା ସେମାନଙ୍କ ଆତ୍ମସମ୍ମାନ ଉପରେ ଆକ୍ରମଣ। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**"




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ସୁବେଶ୍ ପରିବାରବର୍ଗ


ଡାଏନା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସଂଳାପ ଲେଖକ ରଣଜିତ୍ ପଟ୍ଟନାୟକଙ୍କ ପରଲୋକ

**ଭୁବନେଶ୍ୱର, ୧୦।୮(ବ୍ୟୁରୋ)**

ଓଡ଼ିଆ ଚଳଚ୍ଚିତ୍ର ଓ ନାଟ୍ୟ ଜଗତର ବିଶିଷ୍ଟ ସଂଳାପ ଲେଖକ, ଅଭିନେତା ତଥା ସାହିତ୍ୟିକ ରଣଜିତ୍ ପଟ୍ଟନାୟକଙ୍କ ମଙ୍ଗଳବାର ରାତିରେ କଟକ ସିଡିଏ ସେକ୍ଟର-୯ସ୍ଥିତ ବାସଭବନରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ ଲିଭର ଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସାଧୀନ ଥିଲେ। ତାଙ୍କୁ ୬୫ବର୍ଷ ହୋଇଥିଲା। ଜଣେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟ ଅଭିନେତା, ନାଟ୍ୟ ସଂଗଠକ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ଏଥିସହ ସେ ସାହିତ୍ୟ ଓ ସଙ୍ଗୀତ ସାଧକ ମଧ୍ୟ ଥିଲେ।


ରଣଜିତ୍ ପଟ୍ଟନାୟକ

୧୯୫୭ ମାର୍ଚ୍ଚ ୨୦ରେ ବରଗଡ଼ ଜିଲା ପଦ୍ମପୁର ରାଜାସମ୍ବରଠାରେ ରଣଜିତ୍ ଜନ୍ମ ଗ୍ରହଣ କରିଥିଲେ। ବାପା ଜଗନ୍ନାଥ ପଟ୍ଟନାୟକ ଓ ମାତା ହେମଲତା ପଟ୍ଟନାୟକଙ୍କ ସେ ଥିଲେ ତୃତୀୟ ସନ୍ତାନ। ସେ ଇତିହାସରେ ଏମ୍ଏ ଓ ଏମ୍ଫିଲ୍ କରିଥିଲେ। କାନାରା ବ୍ୟାଙ୍କରେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ ମଧ୍ୟ ଓଡ଼ିଆ ଚଳଚ୍ଚିତ୍ର, ନାଟକ ଓ ସାହିତ୍ୟ ସାଧନାରେ ସମଗ୍ର ଜୀବନ ସମର୍ପି ଦେଇଥିଲେ। ଭୁବନେଶ୍ୱର ଦୂରଦର୍ଶନରେ ସାହିତ୍ୟ ପତ୍ରିକା, ଦର୍ଶକ ଦରବାର, ଦୂର ଦିଗନ୍ତ ଆଦି କାର୍ଯ୍ୟକ୍ରମରେ ଉପସ୍ଥାପକ ଭାବେ କାର୍ଯ୍ୟ କରିଥିଲେ। ଆକାଶବାଣୀ କଟକ, ସମ୍ବଲପୁର ଓ ଦୂରଦର୍ଶନର ସେ ଜଣେ ସ୍ୱୀକୃତିପ୍ରାପ୍ତ ଅଭିନେତା ଥିଲେ। ପରବର୍ତ୍ତୀ ସମୟରେ ସେ କଳିଙ୍ଗ ଷ୍ଟୁଡିଓର ନିର୍ଦ୍ଦେଶକ ମଧ୍ୟ ଥିଲେ। ରଣଜିତ୍ ୪୧ ଟି ଚଳଚ୍ଚିତ୍ରର ଚିତ୍ରନାଟ୍ୟ, ସଂଳାପ ଓ ଗୀତ ରଚନା କରିଛନ୍ତି। ତାଙ୍କର ୧୫ରୁ ଊର୍ଦ୍ଧ୍ୱ ନାଟ୍ୟ ପୁସ୍ତକ ପ୍ରକାଶିତ ହୋଇଥିବାବେଳେ ଅନେକ ଅପ୍ରକାଶିତ ରହିଛି। ୨୫ ନାଟକରେ ଅଭିନୟ, ୩୨ରୁ ଊର୍ଦ୍ଧ୍ୱ ନାଟକରେ ନାଟ୍ୟ ନିର୍ଦ୍ଦେଶନା, ୧୧ଟି ଧାରାବାହିକର ସଂଳାପ ରଚନା କରିଛନ୍ତି। ଏଥିସହ ବହୁ ଏକାଙ୍କିକା, କାବ୍ୟ ଓ ଗଳ୍ପ ପୁସ୍ତକ ରଚନା କରିଛନ୍ତି। ନିଜର ଅନନ୍ୟ କୃତି ପାଇଁ ସେ ୨୦୦୨ରେ ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୧୩ରେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ସହ ଜଷ୍ଟିସ୍ ହରିହର ମହାପାତ୍ର ସ୍ମାରକୀ, ଆଦି ନାଟ୍ୟକାର, ଗଣକବି ବୈଷ୍ଣବ ପାଣି, କବି ହଳଧର ନାଗ ଜୟନ୍ତୀ ସମ୍ମାନ, ଚଳଚ୍ଚିତ୍ର ଜଗତ ସମ୍ମାନ, ବାଣୀଚିତ୍ର ସମ୍ମାନ, ତରଙ୍ଗ ସିନେ ଆୱାର୍ଡ୍ସ, ଓଡ଼ିଶା ଫିଲ୍ମ ଫେୟାର ଆୱାର୍ଡ୍ସ ଆଦି ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି।

ରଣଜିତ୍‌ଙ୍କ ବିୟୋଗରେ ଚଳଚ୍ଚିତ୍ର, ନାଟକ, ସାହିତ୍ୟ ଜଗତ ସମେତ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ସଚିବ ପ୍ରବୋଧ କୁମାର ରାଉତ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।



# ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ଖୁଡ଼ୀ, ଖୁଡୁତା**
**ମୁହଁରେ ଆଦର ପୁତା ପୁତା।**

ଯେତେ ସ୍ନେହ ଆଦର ଦେଖାଇଲେ ମଧ୍ୟ କେହି ମା'ବାପାଙ୍କ ପରି ହୋଇପାରି ନ ଥାନ୍ତି। ଅନାବିଳ ସ୍ନେହ ମମତା କେବଳ ମା'ବାପା ହିଁ ନିଜ ସନ୍ତାନକୁ ଦେଇ ଚାଲିଥାନ୍ତି, ଯେତେବେଳେ କି ଖୁଡ଼ୀ ଓ ଖୁଡୁତାଙ୍କ ପରି ସମ୍ପର୍କୀୟଙ୍କ ସ୍ନେହରେ କିଛି ଛଳନା ଓ ସ୍ୱାର୍ଥ ଲୁଚି ରହୁଥିବାର ଜଣାଯାଇଥାଏ। ମୁହଁ ଉପରେ ଆପଣାର ହୋଇ କଥା କହି ମନ ତୋଷୁଥିବା ଆତ୍ମୀୟ ସ୍ୱଜନଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖାଇଲେ ପେଟ ପୂରଇ ନାହିଁ**
**କହିଲେ ପେଟ ପୂରଇ ନାହିଁ।**

ମନ ଭରି ଖାଇଲେ କିମ୍ବା ମନ ତୋଷ ହେବା ଭଳି କିଛି କଥା ଶୁଣିଲେ ଯେ ପେଟ ପୂରିଯାଏ ବା ମନ ବୁଝିଯାଏ, ସେଭଳି ଭାବିବାରେ ଯଥାର୍ଥତା ନଥାଏ। ଯେଉଁଠି ସ୍ନେହ, ଆଦର ତଥା ଆନ୍ତରିକ ଭାବ ନ ଥାଏ, ସେଠି ଏସବୁ ମୂଲ୍ୟହୀନ ହୋଇଯାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଜିଠୁ ଯୁକ୍ତ୩ ଆବେଦନ

■ **୨୫ ପର୍ଯ୍ୟନ୍ତ ଚାଲିବ, ୩୧ରେ ପ୍ରଥମ ମେରିଟ ଲିଷ୍ଟ**

ଭୁବନେଶ୍ୱର, ୧୦।୮(ବ୍ୟୁରୋ) – ରାଜ୍ୟର ସମସ୍ତ ଡିଗ୍ରୀ କଲେଜରେ ଯୁକ୍ତ୩ ନାମଲେଖା ପାଇଁ ଗୁରୁବାରଠାରୁ ଆବେଦନ ଆରମ୍ଭ ହେବ। ସାମ୍ସ ୱେବ୍‌ସାଇଟ୍ www.samsodisha.gov.inରେ ଛାତ୍ରୀଛାତ୍ର ଗୁରୁବାର ପୂର୍ବାହ୍ନ ୧୧ଟାରୁ ୨୫ ତାରିଖ ରାତି ୧୧ଟା ୪୫ ମଧ୍ୟରେ ଆବେଦନ କରିପାରିବେ। ୩୧ ତାରିଖ ପୂର୍ବାହ୍ନ ୧୧ଟାରେ ପ୍ରଥମ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରୀଛାତ୍ର ସେପ୍ଟେମ୍ବର ୨ରୁ ୫ (ରବିବାର ବ୍ୟତୀତ) ଅପରାହ୍ନ ୫ଟା ମଧ୍ୟରେ ନାମ ଲେଖାଇବେ। ସେପ୍ଟେମ୍ବର ୧୧ରେ ଦ୍ୱିତୀୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ ଓ ମନୋନୀତ ଛାତ୍ରୀଛାତ୍ର ୧୨ରୁ ୧୪ ତାରିଖ ଅପରାହ୍ନ ୫ଟା ଭିତରେ ନାମ ଲେଖାଇବେ। ଦୁଇଟି ପର୍ଯ୍ୟାୟ ନାମଲେଖା ପରେ ସ୍ପଟ୍ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ। ସୂଚନାଯୋଗ୍ୟ, ଚଳିତବର୍ଷ ଯୁକ୍ତ୨ ପାସ୍‌ହାର ତୁଳନାରେ ରାଜ୍ୟର ପ୍ରମୁଖ ଡିଗ୍ରୀ କଲେଜଗୁଡିକରେ ସିଟ୍ ସଂଖ୍ୟା କମ୍ ରହିଛି। ରାଜ୍ୟରେ ଏଥର ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବିଷୟରେ ମୋଟ ୨,୬୬,୫୬୮ଜଣ ପାସ୍ କରିଛନ୍ତି। ତେବେ ରାଜ୍ୟରେ ଥିବା ଡିଗ୍ରୀ କଲେଜରେ ୨ଲକ୍ଷ ୪୯ହଜାର ୪୫୩ ସିଟ୍ ରହିଛି। ତେଣୁ ସିଟ୍ ସଂଖ୍ୟାଠାରୁ ପାସ୍ ହୋଇଥିବା ପିଲାଙ୍କ ସଂଖ୍ୟା ୧୭,୧୧୫ ଅଧିକ ରହିଛି। ତେଣୁ ନାମଲେଖାରୁ ଯେପରି ଛାତ୍ରୀଛାତ୍ର ବଞ୍ଚିତ ନ ହେବେ, ତାହା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

# ଓଏସ୍ଏଲ୍ ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ରଙ୍କ ଜାମିନ ଖାରଜ

**ଭୁବନେଶ୍ୱର,୧୦।୮(ବ୍ୟୁରୋ)**

**ପାରାଦୀପ ବନ୍ଦରରେ ଲାଞ୍ଚ କାରବାର ମାମଲା**

■ **ବିଲ୍‌ଡର ଶିଶିର ଦାସଙ୍କୁ ଜାମିନ**

■ **ଅଭିଯୁକ୍ତଙ୍କ ରିମାଣ୍ଡ ଆବେଦନ ଖାରଜ କଲେ କୋର୍ଟ**

■ **ଜାମିନ ଖାରଜ ପରେ ୬ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଗଲେ**

ପାରାଦୀପ ବନ୍ଦରର ଏକ କନ୍‌ଭେୟର ବେଲ୍ଟ ମରାମତି ପାଇଁ ହୋଇଥିବା ଲାଞ୍ଚ କାରବାର ଘଟଣାରେ ଗିରଫ ହୋଇଥିବା ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ସାନ ପୁଅ ତଥା ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍ଏଲ୍)ର ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ରଙ୍କ ଜାମିନ ଆବେଦନକୁ ବୁଧବାର ସିବିଆଇ ସ୍ୱତନ୍ତ୍ର କୋର୍ଟ ଖାରଜ କରିଛନ୍ତି। ମାମଲାରେ ଗିରଫ ଚର୍ଚ୍ଚିତ ଓ ଚିଫ୍ ଇଲେକ୍ଟ୍ରିକାଲ ମେକାନିକାଲ ଇଞ୍ଜିନିୟର(ସିଇଏମ୍ଇ) ସରୋଜ କୁମାର ଦାସଙ୍କ ସମେତ ୭ ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି ସରିବା ପରେ ସମସ୍ତଙ୍କୁ ସିବିଆଇ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। କୋର୍ଟରେ ଚର୍ଚ୍ଚିତ, ବିଲ୍ଡର ଶିଶିର ଦାସ ଓ କେସିଟି ଗ୍ରୁପ୍‌ର କର୍ମଚାରୀ ଦେବପ୍ରିୟ ମହାନ୍ତିଙ୍କ ଜାମିନ ଆବେଦନର ଶୁଣାଣି ହୋଇଥିଲା। ତେବେ କୋର୍ଟ କେବଳ ବିଲ୍ଡର ଦାସଙ୍କୁ ଜାମିନ ଦେଇଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କ ଆବେଦନକୁ ଖାରଜ କରିଛନ୍ତି। ଫଳରେ ଚର୍ଚ୍ଚିତଙ୍କ ସମେତ ୬ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ସମସ୍ତ ୭ ଅଭିଯୁକ୍ତଙ୍କୁ ସିବିଆଇ ପୁଣି ଥରେ ୯ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଥିଲା। ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା ଏବଂ ସେମାନଙ୍କ ଭଏସ୍ ଟେଷ୍ଟ କରି ମାମଲାରେ ଅଧିକ ପ୍ରମାଣ ଯୋଗାଡ଼ କରିବାକୁ କୋର୍ଟଙ୍କ ନିକଟରେ ସିବିଆଇ ଯୁକ୍ତି ବାଢ଼ିଥିଲା। ହେଲେ କୋର୍ଟ ଏହି ଆବେଦନକୁ ମଧ୍ୟ ଖାରଜ କରିଦେଇଛନ୍ତି।


ଚର୍ଚ୍ଚିତ ମିଶ୍ର

ସୂଚନାଯୋଗ୍ୟ, ପାରାଦୀପ ପୋର୍ଟରେ ଓଏସ୍ଏଲ୍‌ର କର୍ମଚାରୀମାନେ କାର୍ଗୋ ଅନ୍‌ଲୋଡିଂ କଲାବେଳେ ପୋର୍ଟର କନ୍‌ଭେୟର୍ ବେଲ୍ଟ ନଷ୍ଟ ହୋଇଥିଲା। ପାରାଦୀପ ବନ୍ଦରର ସିଇଏମ୍ଇ ସରୋଜ ଏଥିରେ ହସ୍ତକ୍ଷେପ କରି ସରକାରୀ ଖର୍ଚ୍ଚରେ କନ୍‌ଭେୟର ବେଲ୍ଟ ସଜାଡ଼ିବାକୁ କହି ୨ ମଧ୍ୟସ୍ଥଙ୍କ ଦ୍ୱାରା ୬୦ ଲକ୍ଷ ଟଙ୍କା ମାଗିଥିଲେ। ପରେ କନ୍‌ଭେୟର ମରାମତି ପାଇଁ ପାରାଦୀପ ପୋର୍ଟରୁ ବହୁ ଟଙ୍କା ଖର୍ଚ୍ଚ ହୋଇଥିଲା। ୩୧ ଜୁଲାଇରେ ମଧ୍ୟସ୍ଥ ଓଏସ୍ଏଲ୍‌ଠାରୁ ୨୫ ଲକ୍ଷ ଟଙ୍କା ଗ୍ରହଣ କରିଥିଲେ। ଅଭିଯୋଗକ୍ରମେ ଅଗଷ୍ଟ ୪ରେ ସିବିଆଇ ମହିମାଙ୍କ ବାସଭବନ ସମେତ ୧୫ଟି ସ୍ଥାନରେ ଚଢ଼ାଉ କରିଥିଲା। ପରେ ପର୍ଯ୍ୟାୟକ୍ରମେ ସିବିଆଇ ୭ ଜଣଙ୍କୁ ଗିରଫ କରିଥିଲା।

# ୧୦ ବୃହତ୍ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର,୧୦।୮(ବ୍ୟୁରୋ)**

■ **୭୪,୬୨୦.୧୮ କୋଟି ପୁଞ୍ଜିନିବେଶ ହେବ**

■ **ସୃଷ୍ଟି ହେବ ୨୪,୦୦୦ ନିଯୁକ୍ତି ସୁଯୋଗ**

ରାଜ୍ୟ ସରକାର ୧୦ଟି ବୃହତ୍ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏଥିଲାଗି ସବୁଜ ସଙ୍କେତ ଦିଆଯାଇଛି। ସମସ୍ତ ପ୍ରକଳ୍ପରେ ମୋଟ୍ ୭୪,୬୨୦.୧୮ କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ୨୪,୦୪୭ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଅନୁମୋଦିତ ହୋଇଥିବା ପ୍ରକଳ୍ପ ମଧ୍ୟରୁ ଆର୍‌ଇଏଫ୍‌ପିଏଲ୍ ପକ୍ଷରୁ ଜଗତ୍‌ସିଂହପୁର ଜିଲାର ପାରାଦୀପଠାରେ ଏକ ଗ୍ରୀନ୍ ହାଇଡ୍ରୋଜେନ ପ୍ଲାଣ୍ଟ ସ୍ଥାପନ କରାଯିବ। ଏଥିରେ ୨ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବାକୁ ଥିବା ବେଳେ ୨ ହଜାର ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ଟାଟାଷ୍ଟିଲ୍ ପକ୍ଷରୁ ୬୦ ହଜାର ମେଟ୍ରିକ ଟନ୍ ଇଣ୍ଡଷ୍ଟ୍ରିଆଲ ଷ୍ଟ୍ରକ୍ଚର ଏବଂ ୬ ହଜାର ମେଟ୍ରିକ ଟନ୍ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରାଯିବ। ଏଥିରେ କମ୍ପାନୀ ପକ୍ଷରୁ ପ୍ରାୟ ୧ ହଜାର କୋଟି ଟଙ୍କା ପୁଞ୍ଜିବିନିଯୋଗ ହେବ। ୨୪୫୧ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ରାୟଗଡ଼ାର କାଶୀପୁରଠାରେ ଆଦାନୀ ଏଣ୍ଟରପ୍ରାଇଜେସ ଲିମିଟେଡ୍ ପକ୍ଷରୁ ୪.୦ ନିୟୁତ ଟନ୍‌ର ଆଲୁମିନା ରିଫାଇନେରି ଏବଂ ୧୭୫ ମେଗାୱାଟର ସିପିପି ପ୍ଲାଣ୍ଟ ସ୍ଥାପନ କରାଯିବ। ଏ ବାବଦରେ କମ୍ପାନୀ ୪୧,୬୫୩ କୋଟି ଟଙ୍କା ପୁଞ୍ଜିନିବେଶ କରିବ। ଏଥିରେ ୭,୭୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଓଡ଼ିଶା ଆଲଏ ଷ୍ଟିଲ୍ ପକ୍ଷରୁ କଳିଙ୍ଗନଗରଠାରେ ୨.୫ ନିୟୁତ ଟନ୍‌ର ଷ୍ଟିଲ୍ ପ୍ଲାଣ୍ଟ ଏବଂ ୩୭୦ ମେଗାୱାଟର ସିପିପି ସ୍ଥାପନ କରାଯିବ। ଏଥିରେ ୮,୦୦୦ କୋଟି ଟଙ୍କା ବିନିଯୋଗ ହେବାସହ ୫ ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସୋମପୁରୀ ଇନ୍‌ଫ୍ରାଷ୍ଟ୍ରକଚର୍ସ ପକ୍ଷରୁ ଭଦ୍ରକ ଜିଲାର ଧାମରାଠାରେ ୨୪ ନିୟୁତ ଟନ୍ ପେଲେଟ ପ୍ଲାଣ୍ଟ ଏବଂ ୬ ନିୟୁତ ଟନ୍ ଫିଲଟର କେକ୍ ପ୍ଲାଣ୍ଟ ସ୍ଥାପନ କରାଯିବ। କମ୍ପାନୀ ପକ୍ଷରୁ ଏଥିପାଇଁ ୭୮୧୧ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରାଯିବ। ଏହା କାର୍ଯ୍ୟକ୍ଷମ ହେଲେ ୬୮୪ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି କେନ୍ଦୁଝର ଜିଲାର ଦେଓଝରଠାରେ ୩୦ ନିୟୁତ ବେନିଫିକେଶନ ପ୍ଲାଣ୍ଟ ଏବଂ ୩୦ ନିୟୁତ ଟନ ସ୍ଲରି ପାଇପଲାଇନ ସ୍ଥାପନ କରାଯିବ। ଏଥିରେ ୯ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଏହା କାର୍ଯ୍ୟକ୍ଷମ ହେଲେ ୮୫୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

# ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୧୦।୮(ବ୍ୟୁରୋ)**

■ **୫ ଜଣଙ୍କୁ ବାଧ୍ୟତାମୂଳକ ଅବସର**

■ **ଚାକିରିରୁ ବିଦା ହେଲେ ୨ ଅଧିକାରୀ**

■ **୨ ଜଣଙ୍କ ପେନ୍‌ସନ ସ୍ଥାୟୀ ଭାବେ ବନ୍ଦ**

ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ପୁନର୍ବାର ଶୂନ୍ୟ ସହନଶୀଳ ଆଭିମୁଖ୍ୟ ପୋଷଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଭିନ୍ନ ଦୁର୍ନୀତି ମାମଲାରେ ଲିପ୍ତ ଅଭିଯୋଗ ଆସିବା ପରେ ରାଜ୍ୟ ସରକାର ଆଉ ୯ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବାବେଳେ ୨ଜଣଙ୍କୁ ଚାକିରିରୁ ବିଦା କରାଯାଇଛି। ଅନ୍ୟ ୨ଜଣଙ୍କ ପେନ୍‌ସନ ସ୍ଥାୟୀ ଭାବେ ବନ୍ଦ କରାଯାଇଛି। ଅଦ୍ୟାବଧି ରାଜ୍ୟ ସରକାର ଏଭଳି ୧୬୩ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିସାରିଥିବାବେଳେ ଅନେକଙ୍କ ପେନ୍‌ସନ୍ ସ୍ଥାୟୀ ଭାବେ ବନ୍ଦ କରାଯାଇଛି। କଣ୍ଟ୍ରାକ୍ଟରମାନଙ୍କଠାରୁ ଅସତ୍ ଉପାୟରେ ୧୦.୨୩ ଲକ୍ଷ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ ମାଲକାନଗିରି ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ର ପୂର୍ବତନ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଆଶିଷ କୁମାର ଦାଶ। ଚଢ଼ାଉ ପରେ ତାଙ୍କ ନିକଟରୁ ୮.୬୩ କୋଟି ଟଙ୍କାର ସମ୍ପତ୍ତି ଓ ୧.୪ କୋଟିର ନଗଦ ଅର୍ଥ ଧରାପଡ଼ିଥିଲା। ଅନୁରୂପ ଭାବେ ଭଦ୍ରକ ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ର ପୂର୍ବତନ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ମାନସ ରଞ୍ଜନ ମହାନ୍ତି ଜଣେ କଣ୍ଟ୍ରାକ୍ଟରଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରାପଡ଼ିଥିଲେ। ତାଙ୍କ ପାଖରୁ ୩.୯୦ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିଲା। ତାଙ୍କ ବିରୋଧରେ ୨ ବିଭାଗୀୟ ତଦନ୍ତ ମଧ୍ୟ ଚାଲିଥିଲା। କଟକ ଗଣ୍ଡରପୁର ଡ୍ରେନେଜ୍ ଡିଭିଜନର ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ମନୋଜ କୁମାର ବେହେରା ଓ ତାଙ୍କ ସ୍ତ୍ରୀଙ୍କ ନାମରେ ୪.୨୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଥିବା ଅଭିଯୋଗରେ ଭିଜିଲାନ୍ସ ମାମଲା ଚାଲିଥିଲା। ସେହିପରି କେନ୍ଦୁଝର ଜିଲା ସାଳପଡ଼ାସ୍ଥିତ ବୈତରଣୀ ଜଳସେଚନ ଡିଭିଜନର ଆସିଷ୍ଟାଣ୍ଟ ଇଞ୍ଜିନିୟର ଉମେଶ କୁମାର ଶାଶିନୀଙ୍କ ବିରୋଧରେ ୧.୪୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିଲା। ଉମରକୋଟ ସଡ଼କ ଓ କୋଠାବାଡି (ଆର୍ ଆଣ୍ଡ ବି ସେକ୍ସନ)ର ଆସିଷ୍ଟାଣ୍ଟ ଇଞ୍ଜିନିୟର ବିଶୁଦ୍ଧାନନ୍ଦ ବେହେରାଙ୍କ ନାମରେ ନିମ୍ନମାନର କାମ କରିବାର ଅଭିଯୋଗ ଥିଲା। ଏହାସହିତ ତାଙ୍କ ନାମରେ ୭୦.୯୩ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଥିବା ଅଭିଯୋଗରେ ଗୋଟିଏ ଦୁର୍ନୀତି ମାମଲା ରହିଛି। ସମ୍ପୃକ୍ତ ୫ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଅନୁରୂପ ଭାବେ ପାରଳାଖେମୁଣ୍ଡିର ଅବସରପ୍ରାପ୍ତ ପୂର୍ବତନ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଜଳଧର ମଲ୍ଲିକଙ୍କ ନାମରେ ୧୦ ହଜାର ଟଙ୍କାର ଲାଞ୍ଚ ମାମଲା ଥିଲା। ସେହିପରି ଗଞ୍ଜାମ ଜିଲା ରୁରାଲ ୱାର୍କ୍ସ ଡିଭିଜନ-୨ର ଦିଗପହଣ୍ଡିସ୍ଥିତ ଅବସରପ୍ରାପ୍ତ ପୂର୍ବତନ ଜୁନିୟର ଇଞ୍ଜିନିୟର ତ୍ରିନାଥ ସେଠୀ ୯ ହଜାର ଟଙ୍କା ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସମ୍ପୃକ୍ତ ୨ ଜଣଙ୍କ ପେନ୍‌ସନ ସ୍ଥାୟୀ ଭାବେ ବନ୍ଦ ରଖାଯାଇଛି। ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ବାଲେଶ୍ୱର ଜିଲାରେ ଡେପୁଟି କଲେକ୍ଟର ଥିବା ଓ ମୟୂରଭଞ୍ଜ ଜିଲାର ଶାମାଖୁଣ୍ଟା ବ୍ଲକର ପୂର୍ବତନ ତହସିଲଦାର ଓଏଏସ୍ ଅଧିକାରୀ ସବିତା ସାହୁ ଧରାପଡ଼ିଥିଲେ। ସେହିପରି ସାମାଜିକ ସୁରକ୍ଷା ଯୋଜନାରେ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ ଲାଗି ଜଣେ ସ୍ୱାମୀହରା ମହିଳାଙ୍କଠାରୁ ୩ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ବଲାଙ୍ଗୀର ଜିଲାର ପୂର୍ବତନ ସାମାଜିକ ଶିକ୍ଷା ଅଧିକାରୀ ପ୍ରଭାସିନୀ ବାବୁଙ୍କୁ ଭିଜିଲାନ୍ସ ଧରିଥିଲା। ସମ୍ପୃକ୍ତ ୨ଜଣଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି।


## classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & College**କୁ ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.**
D-73283

BDA Yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି । 9556840491. D-73628

ନଖରା **East** କଲେଜଠାରୁ **2.5k.m.** ଦୂରତାରେ **@870/-** ପାଚେରି ଥାଇ **Govt. Medical** ନିକଟରେ ଘରବାରି ପ୍ଲଟ୍ ମିଳୁଛି। **9348152874.** D-73291

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381.
D-73292

**healthcare**

All type body massage by Expert Therapist, Room service available. 8917243035. D-73631

**Relax, Refresh your body, mind at Saikrupa Spa with best therapies. 8984068077.** D-1121

Newly open full body massage 1099 free massage one. Mo: 9583808247. D-1164

Newly open full body massage, ladies and gents. 7846923244. D-73948

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473.
D-73949

**AFFIDAVIT**

In the Court of Executive Magistrate, BBSR Date- 03.08.2022. By the virtue of an affidavit Dt.03.08.2022 before the Court of Executive Magistrate, Bhubaneswar. I Kabita Singh, D/o Satyabrata Singh, W/o Priyabrata Routray, At Plot No.207, Road No.-8, Unit-9, Kharvelnagar, BBSR, Dist.- Khurdha have changed the name from Kabita Singh to Manasi Routray according to my husband's surname for all future purposes.
D-1236

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କୌଣସି ଲୋଭନୀୟ ଜିନିଷ ବନ୍ଧୁଙ୍କ ମାଧ୍ୟମରେ ପ୍ରାପ୍ତ ହେବେ। କୃତ୍ତିକା ନକ୍ଷତ୍ର ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ। ଗୃହ, ଭୂମି, ଗାଡ଼ିମୋଟର, ବନ୍ଧୁବାନ୍ଧବ, ସହକର୍ମୀ, ଧାରକରଜ, ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ରକରି କଳହର ସମ୍ଭାବନା ମଧ୍ୟ ଦେଖାଦେଇପାରେ। ପିଲାଙ୍କ ବିବାହ ସମ୍ପର୍କରେ ଆଲୋଚନା କରିପାରନ୍ତି ।

**ବୃଷ**
ଆଜି ରୋହିଣୀ ନକ୍ଷତ୍ରର ସକାଳୁ ଜଣେ ବନ୍ଧୁଙ୍କ କଥା ମନରେ ଆଲୋଡ଼ନ ସୃଷ୍ଟି କରିବ। ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି । କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା କାରଣରୁ ମନ ଉଦାସ ରହିବ। ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାର ସୂଚନା ରହିଛି।

**ମିଥୁନ**
ଭୁଲ୍ ବୁଝାମଣାଜନିତ ପାରିବାରିକ ଅସ୍ଥିରତା ଓ ଅଶାନ୍ତି ସକାଶରୁ ମନ ଭଲ ରହିବ ନାହିଁ। ବୈବାହିକ କର୍ମ ସକାଶେ ନୂତନ ବନ୍ଧୁସମ୍ପର୍କ ଯୋଡ଼ିବାକୁ ଚେଷ୍ଟା କଲେ ଉପକୃତ ହେବେ। ପୁନର୍ବସୁ ନକ୍ଷତ୍ର ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ନିଷ୍ପତ୍ତି ନେଇପାରନ୍ତି। ବ୍ୟବସାୟ କ୍ଷେତ୍ରରେ କୌଣସି ଅସୁବିଧା ନ ହେଲେ ମଧ୍ୟ ମନ ଅସ୍ଥିର ରହିପାରେ।

**କର୍କଟ**
କର୍ମଜଞ୍ଜାଳ ବୃଦ୍ଧିପାଇବା କାରଣରୁ ଭଲରୂପେ ଖାଇବା ଲାଗି ସମୟ ପାଇବେ ନାହିଁ। ଅଶ୍ଳେଷା ନକ୍ଷତ୍ର ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତି ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅଶାନ୍ତି ହେତୁ ମନରେ ସରସତା ରହିବ ନାହିଁ। ସାମାଜିକ ସ୍ତରରେ ନିକଟସ୍ଥ ବ୍ୟକ୍ତି ପରୋକ୍ଷ ସମାଲୋଚନା କରିପାରନ୍ତି। ମଘା ନକ୍ଷତ୍ର ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ। ରଚନାତ୍ମକ କାମ, ସାହିତ୍ୟ, ସାମ୍ବାଦିକତା, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ।

**କନ୍ୟା**
କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଚିତ୍ରା ନକ୍ଷତ୍ର ଜାତ ବ୍ୟକ୍ତିମାନେ ଯାହା ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିପାରନ୍ତି। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ ।

**ତୁଳା**
କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନରେ ବନ୍ଧୁ ସାହାଯ୍ୟ କରିବେ। ଭୋଗବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ସାମୟିକ ସାହାଯ୍ୟଜନିତ ଅଫିସ ଭିତରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। କଚେରି ମାମଲା କିମ୍ବା ଜମିଜମା ସମ୍ପର୍କିତ ବିବାଦ ହେତୁ ଦୁଶ୍ଚିନ୍ତା ବଢ଼ିପାରେ।

**ବିଛା**
ଆଜି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ସକାଳୁ ଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଫେରନ୍ତା ବାଟରେ ଶତ୍ରୁ କବଳରୁ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦମୁକ୍ତ ହୋଇପାରନ୍ତି।

**ଧନୁ**
ପାରସ୍ପରିକ ମତଭେଦ କାରଣରୁ ଘରର ପରିସ୍ଥିତି ଦୁଶ୍ଚିନ୍ତାର କାରଣ ହେବ। ମୂଳା ନକ୍ଷତ୍ର ସକାଶେ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ସକାଳୁ ସକାଳୁ ଶୁଭଖବର ପାଇ ଉଲ୍ଲସିତ ହୋଇପାରନ୍ତି। ବିଳାସବ୍ୟସନ କିମ୍ବା ସଭାସମିତିରେ ଆଲୋଚନା ମଧ୍ୟରେ ସମୟ ଅତିବାହିତ ହେବ।

**ମକର**
କର୍ମକ୍ଷେତ୍ରରେ ମନକଥା ମନରେ ରଖି ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ପରୋକ୍ଷ ଶତ୍ରୁତା କାରଣରୁ ନିର୍ମାଣାଧୀନ କାମଟି କରିପାରିବେ ନାହିଁ। ବନ୍ଧୁଙ୍କଠାରୁ ଗୁଜବ ଶୁଣିବା ପରେ ବିଭିନ୍ନ ସମସ୍ୟା ସୃଷ୍ଟି ହେବ। ଶ୍ରବଣା ନକ୍ଷତ୍ରର ପଡ଼ୋଶୀଙ୍କ ସହ ସମ୍ପର୍କରେ ଉନ୍ନତି ଘଟିବ।

**କୁମ୍ଭ**
ଉଦ୍ଦେଶ୍ୟକୁ ଗୋପନ ରଖି ମନବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇବାରେ ସମର୍ଥ ହେବେ। ପୂର୍ବଭାଦ୍ର ନକ୍ଷତ୍ର ଚେଷ୍ଟା କରୁଥିବା କାମରେ ପରିବାରରୁ ସହଯୋଗ ପାଇ କାମ ହାସଲ କରିବେ। ସାମାଜିକସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ସୂଚନା ରହିଛି। ସ୍ୱାସ୍ଥ୍ୟରେ ଉନ୍ନତି ହେବା ଦିଗରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ।

**ମୀନ**
ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ଆପଣ ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ରେବତୀ ନକ୍ଷତ୍ର ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତବିବ୍ରତ ହୋଇପାରନ୍ତି। ଈର୍ଷାପରାୟଣତା ହେତୁ ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ।

# ରକ୍ଷାବନ୍ଧନ ଅଭିନନ୍ଦନ ଜଣାଇଲେ ନବୀନ

## ନବୀନ ନିବାସ ନ ଆସିବାକୁ ଅନୁରୋଧ

**ଭୁବନେଶ୍ୱର,୧୦।୮(ବ୍ୟୁରୋ)**

ରାଖୀ ପୂର୍ଣ୍ଣିମା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କୋଭିଡ୍ ସଂକ୍ରମଣ ଦୃଷ୍ଟିରେ ରଖି ଗହଳି ନ କରି ନିରାପଦରେ ଏହି ଗଣପର୍ବରେ ସାମିଲ ହେବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏଥିସହିତ ରକ୍ଷାବନ୍ଧନ ପାଇଁ ନବୀନ ନିବାସ ନ ଆସିବା ଲାଗି ସେ ଅନୁରୋଧ କରିଛନ୍ତି। ଗତ ଦୁଇବର୍ଷ ଭଳି ଚଳିତବର୍ଷ ମଧ୍ୟ ମୁଖ୍ୟମନ୍ତ୍ରୀ ନିରାଡ଼ମ୍ବରରେ ରକ୍ଷାବନ୍ଧନ ପାଳନ କରିବେ ବୋଲି ଜଣାପଡ଼ିଛି।

**ବିଦ୍ୟୁତ୍ ସଂସ୍ପର୍ଶରେ ଦମ୍ପତି ମୃତ**

ଯୋଡ଼ା,୧୦।୮(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ଥାନା ଅଁସେଇକଳା ପଞ୍ଚାୟତ ଜାମୁକୁଣ୍ଡିଆ ଗାଁରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମାନ୍ଦୁରୁ ମୁଣ୍ଡା ଓ ତାଙ୍କ ସ୍ତ୍ରୀ ରାଇମଣି। ସୂଚନା ଅନୁଯାୟୀ, ବିଦ୍ୟୁତ୍ ତାର ଲାଗି ମାନ୍ଦୁରୁଙ୍କ ଘରର ଲୁହା କବାଟ ଚାର୍ଜ ହୋଇଯାଇଥିଲା। ସକାଳୁ ମାନ୍ଦୁରୁ କବାଟ ଖୋଲିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ବଞ୍ଚାଇବା ପାଇଁ ସ୍ତ୍ରୀ ରାଇମଣି ଚେଷ୍ଟା କରୁଥିବା ବେଳେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଘର ଭିତରେ ଶୋଇଥିବା ୫ ବର୍ଷର ଶିଶୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

# ଦିବ୍ୟାଙ୍ଗଙ୍କୁ ମାଡ଼ମାରି ପାଦ ଚଟାଇଲେ

**ନିଶା ନିବାରଣ କେନ୍ଦ୍ରରେ ବର୍ବରତା**

- ମାଲିକଙ୍କ ସମେତ ୨ ଗିରଫ
- ଭିଡିଓ ଭାଇରାଲ ପରେ କାର୍ଯ୍ୟାନୁଷ୍ଠାନ

ବାରିପଦା ଅଫିସ,୧୦।୮

ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରରେ ଜଣେ ଦିବ୍ୟାଙ୍ଗ ଅନ୍ତେବାସୀଙ୍କୁ ମାଡ଼ ମାରିବା ଓ ପାଦ ଚଟାଇବା ଭଳି ସ୍ପର୍ଶକାତର ଘଟଣା ପଦାକୁ ଆସିଛି। ଏ ସଂକ୍ରାନ୍ତରେ ଦିବ୍ୟାଙ୍ଗ ମହାସଂଘର ସଭାପତି ଅରୁଣ କୁମାର ବେହେରାଙ୍କ ଲିଖିତ ଅଭିଯୋଗକ୍ରମେ ଟାଉନଥାନା ପୋଲିସ ଏକ ମାମଲା(ନଂ. ୬୬୯/୨୨) ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦ୍ରର ମାଲିକ ଅବନୀ ପତି ଓ ସହଯୋଗୀ କରଞ୍ଜିଆ ଅଞ୍ଚଳର ପୀତବାସ ରାଉଳ। ନିଶା ନିବାରଣ କେନ୍ଦ୍ରର ଲାଇସେନ୍ସ ରଦ୍ଦ କରିବା ପାଇଁ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ସହ ମାମଲାରେ ଜଡ଼ିତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସଦର ଏସ୍‌ଡିପିଓ କେ.କେ.ହରିପ୍ରସାଦ ବୁଧବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।



ଦିବ୍ୟାଙ୍ଗ ଯୁବକଙ୍କୁ ନିଶା ନିବାରଣ କେନ୍ଦ୍ର କର୍ମଚାରୀ ପାଦ ଚଟାଉଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଜନୈକ ଦିବ୍ୟାଙ୍ଗ ଯୁବକଙ୍କୁ ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରର କର୍ମଚାରୀମାନେ ମାଡ଼ ମାରିବା ସହ ପାଦ ଚାଟିବା ପାଇଁ ବାଧ୍ୟ କରିଥିଲେ। ସେ ଏଥିରେ ଅରାଜି ହେବାରୁ ଏକ ପ୍ଲାଷ୍ଟିକ ପାଇପ୍ ଯୋଗେ ତାଙ୍କୁ ମାଡ଼ ମାରିଥିଲେ। ମାଲିକ ଜଣକ ଗୀତ ମ୍ୟୁଜିକର ତାଳେ ତାଳେ ନାଚି ନାଚି ମାଡ଼ ମାରିଥିଲେ। ପରେ ତାଙ୍କ ମୁଣ୍ଡକୁ ଧରି ୨୦୨୧ ଜୁଲାଇରେ ଉତ୍ତୋଳିତ ହୋଇଥିବା ଏଭଳି ଅକଥନୀୟ ଅତ୍ୟାଚାର ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେବେ ଉକ୍ତ ସଂସ୍ଥାରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ୨୦୧୭ରେ ଏହାର ଲାଇସେନ୍ସକୁ ରଦ୍ଦ କରାଯାଇଥିଲା। ମାତ୍ର ଅନୁକମ୍ପା ପ୍ରଦର୍ଶନ ପୂର୍ବକ ଉକ୍ତ ଅନୁଷ୍ଠାନକୁ ପୁନର୍ବାର ସ୍ୱୀକୃତି ପ୍ରଦାନ କରାଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଲାଞ୍ଜିପଲିରୁ ୧.୨୨ କୋଟି ଟଙ୍କା, ୨୩ ସୁନା ବିସ୍କୁଟ ଜବତ



- ଦୁଇଜଣଙ୍କୁ ଜେରା, ସୁନା ଦୋକାନରେ ତଲାସୀ
- ଜିଏସ୍‌ଟି ଫାଙ୍କି ବ୍ୟବସାୟ କରିବାକୁ ମସୁଧା

ବ୍ରହ୍ମପୁର ଅଫିସ,୧୦।୮

ଅବକାରୀ ପୋଲିସ ନିଶାଦ୍ରବ୍ୟ ଧରିବାକୁ ଯାଇ ଜବତ କରିଛି ୧.୨୨ କୋଟି ଟଙ୍କା ଓ ୨୩ଟି ସୁନା ବିସ୍କୁଟ। ଏ ନେଇ ପୋଲିସକୁ ଜଣାଇବା ପରେ ଖୋଳତାଡ଼ ଆରମ୍ଭ ହୋଇଯାଇଛି। ଜିଏସ୍‌ଟି ଫାଙ୍କି ବ୍ୟବସାୟ କରିବାକୁ ଯୋଜନା କରାଯାଉଥିବା ପୋଲିସ ଜାଣିବାକୁ ପାଇଛି। ଏହି ଘଟଣାରେ ଜିଏସ୍‌ଟି ଓ ଆୟକର ବିଭାଗ ପକ୍ଷରୁ ଦୁଇଜଣଙ୍କୁ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ଜାତୀୟ ରାଜପଥ ଲାଞ୍ଜିପାଲି ବାଇପାସ ନିକଟରେ ଅବକାରୀ ପୋଲିସ ଜଗି ରହିଥିଲା। ଏକ ସରକାରୀ ବସ୍‌ରେ ଚୋରା ନିଶାଦ୍ରବ୍ୟ ଚାଲାଣ ହେଉଥିବା ଖବର ପାଇ ପୋଲିସ ବସ୍ ଅଟକାଇଥିଲା। ସେଥିରେ ଆସୁଥିବା ମହାରାଷ୍ଟ୍ରର ସାଙ୍ଗାଲିର ଜଣେ ବ୍ୟବସାୟୀ ଦଶରଥ ସାହୁକାରଙ୍କୁ ସନ୍ଦେହ କରି ଯାଞ୍ଚ କରିଥିଲା। ତାଙ୍କ ଠାରୁ ୧ କୋଟି ୨୨ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଜେରା ବେଳେ ସେ ମହାରାଷ୍ଟ୍ରରୁ ସୁନା ଆଣି ଜିଏସ୍‌ଟି ଫାଙ୍କି ବ୍ରହ୍ମପୁରରେ ଚୋରା କାରବାର କରୁଥିବା ଜଣାପଡିଥିଲା। ଉକ୍ତ ଟଙ୍କା ସହ ବ୍ୟବସାୟୀଙ୍କୁ ଅବକାରୀ ପୋଲିସ ବୈଦ୍ୟନାଥପୁର ଥାନାରେ ହସ୍ତାନ୍ତର କରିଥିଲା। ପୋଲିସ ତାଙ୍କୁ ଅଧିକ ଜେରା କରିବା ପରେ ବ୍ରହ୍ମପୁରର 'ଆନନ୍ଦ ଜୁଏଲେରୀ'ରେ ପହଞ୍ଚି ସେଠାରୁ ୨୩ଟି ସୁନା ବିସ୍କୁଟ ଜବତ କରିଥିଲା ବୋଲି ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣା ବିବେକ ଏମ. ବୁଧବାର ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଏତେ ପରିମାଣର ସୁନା କେଉଁଠୁ ଆସିଲା, ଗଚ୍ଛିତ ସୁନା ବିସ୍କୁଟ ଓ ଅଳଙ୍କାରର ଜିଏସ୍‌ଟି ପୈଠ ହୋଇଛି କି ନାହିଁ ସେ ନେଇ ଉଭୟ ମହାରାଷ୍ଟ୍ରରୁ ଆସିଥିବା ବ୍ୟବସାୟୀ ସାହୁକାର ଓ ଜୁଏଲେରୀର ମାଲିକ ଆନନ୍ଦ ସୁବୁଦ୍ଧିଙ୍କୁ ପଚରାଉଚରା କରାଯାଉଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ସୁନା ଦୋକାନରେ ଜିଏସ୍‌ଟି ବିଭାଗ ପକ୍ଷରୁ ତଲାସୀ ଜାରୀ ରହିଥିବା ଜଣାପଡ଼ିଛି।

## ଏଫସିଆଇ ଏମ୍‌ଡି ହେଲେ ଅଶୋକ ମୀନା

**ଉଷା ପାଢୀଙ୍କୁ ପଦୋନ୍ନତି**

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

୨ ଜଣ ଆଇଏଏସ୍ ଅଫିସର ଗତ ସପ୍ତାହରେ ଡେପୁଟେସନ ସାରି ଓଡ଼ିଶା ଫେରିଛନ୍ତି। ବୁଧବାର ରାଜ୍ୟ ପଞ୍ଚାୟତିରାଜ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନାଙ୍କୁ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିଛି। ଅନ୍ୟପଟେ ଆଇଏଏସ୍ ଉଷା ପାଢୀଙ୍କୁ ଯୁଗ୍ମ ସଚିବରୁ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି। ତେବେ ଅଶୋକ ମୀନାଙ୍କୁ ଅତିରିକ୍ତ ସଚିବ ପାହ୍ୟାରେ ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ)ର ପରିଚାଳନା ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି।

## ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୦।୮(ବ୍ୟୁରୋ)–ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ କୈଳାସ ଚନ୍ଦ୍ର ନାୟକଙ୍କୁ ପୁରୀ ଏଡିଏମ୍ ଭାବେ ବଦଳି କରାଯାଇଥିବା ବେଳେ ସୁନ୍ଦରଗଡ଼ ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ର ଶେଖରଙ୍କୁ ମୟୂରଭଞ୍ଜ ପିଡିଡିଆରଡିଏ, ପୁରୀ ଏଡିଏମ୍ ଦିଲୀପ କୁମାର ମହାପାତ୍ରଙ୍କୁ ଏଡିଏମ୍(ପ୍ରୋଟୋକଲ) ପୁରୀ, ବରଗଡ଼ ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲଙ୍କୁ ଟିଇଆଣ୍ଡଏସ୍‌ସିଆରଟିଇ ପ୍ରଶାସନିକ ଅଧିକାରୀ, ସୁନ୍ଦରଗଡ଼ ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ କଳାହାଣ୍ଡି ପିଡି ଡିଆରଡିଏ ଏବଂ ସମ୍ବଲପୁର ଡିଆରଡିଏ ଏପିଡି(ପ୍ରଶାସନ) ତନ୍ମୟ କୁମାର ଦରୱାନଙ୍କୁ ଢେଙ୍କାନାଳ ପିଡି ଡିଆରଡିଏ ଭାବେ ବଦଳି କରାଯାଇଛି।

## ସମୁଦ୍ର ତଟ ସୁରକ୍ଷା, ଲୁଣିବନ୍ଧ ସୁଦୃଢ଼ୀକରଣ ପାଇଁ ଏମ୍‌ଓୟୁ

ଭୁବନେଶ୍ୱର, ୧୦।୮(ବ୍ୟୁରୋ)



ଓଡ଼ିଶାରେ ସମୁଦ୍ର ତଟ ସୁରକ୍ଷା ଓ ଲୁଣିବନ୍ଧ ସୁଦୃଢ଼ୀକରଣ କରିବା ଲାଗି ରାଜ୍ୟ ଜଳ ସମ୍ପଦ ବିଭାଗ ଏବଂ ରାଷ୍ଟ୍ରୀୟ ସାମୁଦ୍ରିକ ପ୍ରାଦ୍ୟୋଗିକ ସଂସ୍ଥାନ (ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନ୍ ଟେକ୍ନୋଲୋଜି) ମଧ୍ୟରେ ଏକ ବୁଝାମଣାପତ୍ର ବୁଧବାର ସ୍ୱାକ୍ଷରିତ ହୋଇଯାଇଛି। ବିଭାଗର ସମ୍ମିଳନୀ କକ୍ଷରେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ର ଏବଂ ରାଷ୍ଟ୍ରୀୟ ସାମୁଦ୍ରିକ ପ୍ରାଦ୍ୟୋଗିକ ସଂସ୍ଥାନର ନିର୍ଦ୍ଦେଶକ ଡ. ଜି.ଏ. ରାମଦାସଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମନ୍ତ୍ରୀ ସାହୁ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଓ ଜଳବାୟୁ ପରିବର୍ତ୍ତନ ହେତୁ ଓଡ଼ିଶାରେ ବିଭିନ୍ନ ସମୟରେ ବନ୍ୟା, ବାତ୍ୟା ଲାଗି ରହିଥାଏ। ଏହି ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାକୁ ସବୁବେଳେ ଗୁରୁତ୍ୱଦେଇ ଆସିଛନ୍ତି ଓ ପ୍ରତ୍ୟେକ ଜୀବନ ମୂଲ୍ୟବାନ୍ ବୋଲି କହିଛନ୍ତି। ଏଣୁ ୫ ବର୍ଷ ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷର ଆଗାମୀ ଦିନରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଅନ୍ତର୍ଗତ ସମୁଦ୍ରର ତଟ ସୁରକ୍ଷା ଓ ଲୁଣିବନ୍ଧ ସୁରକ୍ଷାରେ ସହାୟକ ହେବ ବୋଲି ସେ କହିଛନ୍ତି। ଅନୁ ଗର୍ଗ କହିଛନ୍ତି, ଚୁକ୍ତିନାମା ଅନୁସାରେ ଉକ୍ତ ଅନୁଷ୍ଠାନ ଆବଶ୍ୟକ ବୈଷୟିକ ଜ୍ଞାନକୌଶଳ, ଡିଜାଇନ ପ୍ରଦାନ କରିବା ସହିତ କାର୍ଯ୍ୟ ସମ୍ପାଦନ, ବିଭାଗୀୟ ଯନ୍ତ୍ରୀମାନଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶରେ ସହାୟତା ଯୋଗାଇବ। ସରକାରଙ୍କ ଏହି ଚୁକ୍ତିନାମା ଫଳରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ ଓ ଗଞ୍ଜାମର ଲୋକମାନେ ଉପକୃତ ହେବେ। ପ୍ରାକୃତିକ ଦୁର୍ବିପାକଜନିତ କ୍ଷୟକ୍ଷତିରେ ଆଶଙ୍କା ହ୍ରାସ କରିବା ଦିଗରେ ଏହି ଚୁକ୍ତିନାମା ଭବିଷ୍ୟତରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉକ୍ତ ୬ ଜିଲାର ଜିଲାପାଳଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT
ADMISSION OPEN
FOR HOTEL MANAGEMENT COURSES

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ODISHA STATE OPEN UNIVERSITY
ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ ✲ ୟୁ.ଜି.ସି ଦ୍ୱାରା ମାନ୍ୟତା ପ୍ରାପ୍ତ

PROGRAMMES ON OFFER

MASTER DEGREE PROGRAMMES
Eligibility: +3 Pass
Duration: 2 Years

| Programme | Code |
|---|---|
| MA in Economics | MAEC |
| MA in English | MAEG |
| MA in Hindi | MAHD |
| MA in History | MAHI |
| MA in Odia | MAOD |
| MA in Political Science | MAPS |
| MA in Rural Development | MARD |
| MA in Sanskrit | MASK |
| MA in Sociology | MASO |
| Master of Commerce | MCOM |
| MA in Journalism | MJMC |
| MSc. in Cyber Security | MSCS |
| MA in Public Administration | MAPA |

BACHELOR DEGREE PROGRAMMES
Eligibility: +2 Pass
Duration: 3 Years

| Programme | Code |
|---|---|
| BA (Honours) in Economics | BAEC |
| BA (Honours) in English | BAEG |
| BA (Honours) in Hindi | BAHD |
| BA (Honours) in History | BAHI |
| BA (Honours) in Odia | BAOD |
| BA (Honours) in Political Science | BAPS |
| BA (Honours) in Sanskrit | BASK |
| BA (Honours) in Sociology | BASO |
| Bachelor of Business Administration | BBA |
| Bachelor of Commerce (Honours) | BCOM |
| BA (Honours) Journalism | BJMC |

DIPLOMA PROGRAMMES
Eligibility: +2 Pass
Duration: 1 Year

| Programme | Code |
|---|---|
| Computer Applications | DCA |
| Cyber Security | DCS |
| Journalism and Mass Comm. | DJMC |
| Tourism Studies | DTS |

CERTIFICATE PROGRAMME
Eligibility: +2 Pass
Duration: 6 Months

| Programme | Code |
|---|---|
| Tourism Management | CTM |

GET IT ON Google Play
DOWNLOAD 'OSOU' MOBILE APP
"Even the greatest were beginners. Don't be afraid to take that first step."

2022-23 ADMISSION OPEN
Online Admission Starts from 10th August 2022
VISIT OUR WEBSITE www.osou.ac.in
REGISTER NOW
Admission Prospectus can be downloaded from website.
Admission form is to be submitted through the online portal of Odisha State Open University, Sambalpur

WHO CAN JOIN:
Those who have already completed or are pursuing any U.G. and P.G. programme from a recognised Institute /University who would like to pursue a Dual Degree or acquire additional degree, diploma or certificate to enhance their skill and employability.
Those who have completed 10 + 2 or equivalent can also join the U.G., diploma and certificate programmes.
All programmes are recognised by UGC & are same in status with Degrees offered by the Regular Universities.
[ Age: No Bar ]

Contact Address:
Odisha State Open University, Sambalpur
Phone: 0663-2521600
0663-2521700
0663-2522700
Whatsapp: 8895903525
TOLL FREE No: 1800 34567 58
Email: admission@osou.ac.in

Regional Centres
Jeypore (06854-230213)
Balasore (06782-263871)
Berhampur (0680-2222169)
Bhubaneswar (0674-2970779)

DSPL-132
ଓଡ଼ିଶା ସରକାର
ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ-୨୦୨୨
ମ୍ୟାଲେରିଆ ନିରାକରଣ
- ଶୀତ ଓ କମ୍ପ ସହିତ ଜ୍ୱର ହେବା, ମୁଣ୍ଡ ବିନ୍ଧିବା ଓ ବାନ୍ତି ଲାଗିବା କିମ୍ବା ଅଧିକ ଜ୍ୱର ଯୋଗୁ ରୋଗୀ ବାଉଳି ଝାଉଳି ହେବା ଓ ବାତ ମାରିବା ହେଉଛି ମ୍ୟାଲେରିଆର ଲକ୍ଷଣ।
- ଜ୍ୱର ହେଲେ ଅତିଶୀଘ୍ର ରକ୍ତ ପରୀକ୍ଷା କରାନ୍ତୁ। ମ୍ୟାଲେରିଆ ଜଣାପଡ଼ିଲେ ଔଷଧ ପୂରାମାତ୍ରାରେ ଖାଆନ୍ତୁ।
- ପ୍ରତିଦିନ ମଶାରୀ ଟାଣି ଶୁଅନ୍ତୁ। ଆବଶ୍ୟକ ସ୍ଥଳେ ଔଷଧବୁଡ଼ା ମଶାରୀକୁ ସଫା କରିବା ପାଇଁ ଖାଲି ପାଣିରେ ଧୋଇ ଛାଇରେ ଶୁଖାନ୍ତୁ।





ମ୍ୟାଲେରିଆର ଚିହ୍ନଟ ଓ ଚିକିତ୍ସା ଆଶା, ସ୍ୱାସ୍ଥ୍ୟକର୍ମୀ ଓ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନା ମୂଲ୍ୟରେ ଉପଲବ୍ଧ।
କୋଭିଡ୍ ନିୟମ ମାନନ୍ତୁ, ସୁରକ୍ଷିତ ରୁହନ୍ତୁ
ସର୍ବଦା ସଠିକ୍ ଭାବରେ ମାସ୍କ ପିନ୍ଧନ୍ତୁ
ହାତକୁ ବାରମ୍ବାର ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ
ଜନଗହଳି ଠାରୁ ଯଥାସମ୍ଭବ ଦୂରରେ ରୁହନ୍ତୁ
ସମସ୍ତ ଯୋଗ୍ୟ ବ୍ୟକ୍ତି କୋଭିଡ୍ ଟୀକାର ଆବଶ୍ୟକ ମାତ୍ରା ନିଶ୍ଚୟ ନିଅନ୍ତୁ
OIPR-10003/13/0059/2223
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
http://www.health.odisha.gov.in/
@HFWOdisha

“ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍‌ଭବ ହେବ। କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ। –ଶ୍ରୀଅରବିନ୍ଦ

# ସାତଦିନରେ ଭାରତ ଇତିହାସ



ଦେବଦତ୍ତ ପଟ୍ଟନାୟକ

ଭାରତର ଇତିହାସକୁ ସଂକ୍ଷିପ୍ତ କରି ଏକ ସପ୍ତାହରେ ସୀମିତ ରଖାଗଲେ ସେଥିରୁ ଆମକୁ ଅତୀତର ଖୁବ୍ ରୋଚକ ଦୃଷ୍ଟିକୋଣ ଦେଖିବାକୁ ମିଳେ। ଭାରତ ଇତିହାସର ଅବଧି ପ୍ରାଚୀନ ହରପ୍ପା ସଭ୍ୟତା ସମୟରୁ ଏପର୍ଯ୍ୟନ୍ତ ପ୍ରାୟ ୫,୦୦୦ ବର୍ଷ। ଏହାକୁ ସାତଦିନରେ ସଂକ୍ଷିପ୍ତ କଲେ ପ୍ରତି ସପ୍ତାହର ପ୍ରତ୍ୟେକ ଦିନ ପାଖାପାଖି ୭୦୦ ବର୍ଷ ହେବ। ପ୍ରଥମେ ହରପ୍ପା ସଭ୍ୟତାର ଯୁଗ ରବିବାର। ଏହି ସମୟରେ ଉତ୍ତର ଭାରତରେ କୃଷି କାର୍ଯ୍ୟ ଆରମ୍ଭ ହୋଇଛି। କୃଷିକୁ ଭିତ୍ତିକରି ହରପ୍ପାର ସୁବ୍ୟବସ୍ଥିତ ସହରଗୁଡ଼ିକ ସିନ୍ଧୁ ଉପତ୍ୟକା ଏବଂ ଗୁଜରାଟ ଉପକୂଳ, ରାଜସ୍ଥାନ ଓ ହରିୟାଣାରେ ଗଢିଉଠିଥିଲା। ଏହିସବୁ ସହରରେ ବ୍ରୋଞ୍ଜ ଯୁଗ ବାଣିଜ୍ୟିକ ସମ୍ପର୍କର ଝଲକ ଦେଖିବାକୁ ମିଳେ। ରାଶି, କୁକୁଡ଼ା, ରତ୍ନଖଚିତ ହାର ଏବଂ କପା ଏଠାରୁ ପ୍ରାଚ୍ୟକୁ ରପ୍ତାନି ହେଉଥିଲା। ବିଭିନ୍ନ ପ୍ରକାର ଭାବ ଭଙ୍ଗି ପ୍ରକାଶ କରୁଥିବା ଛବି (ଇମୋଜି) ଏବଂ ୟୁନିକର୍ନ (ଧଳାଘୋଡା ଭଳି ଏକଶିଙ୍ଗିଆ ଜୀବ)ର ପ୍ରତିକୃତି ଥିବା ସିଲ୍ ବା ମୋହରକୁ ବ୍ୟବସାୟ ସଞ୍ଚାଳନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା। ରବିବାର ଅର୍ଥାତ୍ ହରପ୍ପା ସଭ୍ୟତା ସମୟରେ ଭାରତ ଘୋଡା ସମ୍ପର୍କରେ କିଛି ଜାଣି ନ ଥିଲା। ଧୀରେ ଧୀରେ ହରପ୍ପା ସହରଗୁଡ଼ିକର ପତନ ଦେଖିଲା ସୋମବାର। ଭାରତ ଇତିହାସର ସୋମବାର ଦିନ କାସ୍ପିଆନ୍ ସାଗରର ଉତ୍ତରରେ ଘୋଡ଼ା ପାଳନ ଆରମ୍ଭ ହୋଇଥିଲା। ଏହି ସମୟ ବ୍ରୋଞ୍ଜ ଯୁଗୀୟ ବ୍ୟବସାୟିକ ତଥା ସାମାଜିକ ସମ୍ପର୍କ ସାରା ବିଶ୍ୱରେ ପ୍ରକାଶ ପାଇଥିଲା। ସେତେବେଳେ ବିଶ୍ୱରେ ଏକ ଅବ୍ୟବସ୍ଥିତ ସ୍ଥିତି ରହିଥିଲା। ତା'ପରେ ମଙ୍ଗଳବାରରେ ସାରା ବିଶ୍ୱରେ ଇଜିପ୍ଟ, ଗ୍ରୀସ୍, ମଧ୍ୟପ୍ରାଚ୍ୟ, ଚାଇନା ଏପରି କି ଭାରତରେ ଘୋଡ଼ାଟଣା ଗାଡ଼ି ବା ରଥରେ ବୀରମାନଙ୍କୁ ଦେଖିବାକୁ ମିଳିଥିଲା। ଏହି ଦିନ ୟୁରୋପର ପରିସଂସ୍ଥାପୂର୍ଣ୍ଣ ତୃଣଭୂମି ଅଞ୍ଚଳ( ୟୁରାସିଆନ ଷ୍ଟିପ୍ପର୍ସ)ରୁ ଘୋଡ଼ା ଉପରେ ବସି ପୁରୁଷମାନେ ପଞ୍ଜାବରେ ପହଞ୍ଚିଥିଲେ। ୟୁରାସିଆନ ଷ୍ଟିପ୍ପର୍ସରେ କେନ୍ଦ୍ରୀୟ ଏସିଆର ଅକ୍ସସ ସଭ୍ୟତା ଗଢ଼ିଉଠିଥିଲା ଓ ସେଠାକାର ଲୋକେ କିଛି ପିଢି ଅତିବାହିତ କରିବା ପରେ ହିଁ ପଞ୍ଜାବକୁ ଆସିଥିଲେ। ସେମାନେ ପଞ୍ଜାବର ମହିଳାମାନଙ୍କୁ ବିବାହ କରିଥିଲେ। ସେମାନଙ୍କ ପିଲାମାନେ ୟୁରାସିଆ, ଅକ୍ସସ ଏବଂ ସିନ୍ଧୁ ଓ ହରପ୍ପା ସଭ୍ୟତା ସମୟର ଅନ୍ତର୍ନିହିତ ସ୍ମୃତିକୁ ଭିତ୍ତିକରି ସଂସ୍କୃତ ଭାଷା ସୃଷ୍ଟି କରିଥିଲେ। ସେତେବେଳେ ସେମାନେ ଆର୍ଯ୍ୟ ନାମରେ ପରିଚିତ ଥିଲେ ଓ ସ୍ୱର୍ଗବାସୀ ଦେବଦେବୀଙ୍କୁ ସ୍ତୁତି କରୁଥିଲେ। ପରେ ସେମାନେ ଗାଙ୍ଗେୟ ସମତଳ ଭୂମିକୁ ଆସିଥିଲେ। ସେଠାରେ ସେମାନେ ଯାଯାବର ଭାବେ ପଶୁପାଳନ ଜୀବନ କଟାଉଥିଲେ। ପରେ ଏହି ପେସା ସେମାନଙ୍କୁ ଏକ ସ୍ଥାୟୀ କୃଷିଗତ ଜୀବନ ଜିଇବା ଲାଗି ବାଟ ଦେଖାଇଥିଲା। ଉକ୍ତ ଅଞ୍ଚଳର ଉର୍ବର ମାଟି ଯୋଗୁ ଏହା ସମ୍ଭବ ହୋଇଥିଲା ଓ ସେହି ସମୟରେ ବି ଲୁହା ଆବିଷ୍କାର ହୋଇଥିଲା। ଦକ୍ଷିଣରେ ସେହି ସମୟରେ ପଶୁପାଳକ ଗୋଷ୍ଠୀମାନେ ବଡ଼ ମାଟିପାତ୍ରରେ ସମାଧି ଦେବା, ପ୍ରସ୍ତରର ବିରାଟ ସ୍ମୃତିସ୍ତମ୍ଭ ନିର୍ମାଣ କରିବା ଦେଖିବାକୁ ପାଉ। ଏହା ବ୍ୟତୀତ ସେମାନଙ୍କ ଦ୍ୱାରା ସୃଷ୍ଟ ଭସ୍ମର ସ୍ତୁପ ମଧ୍ୟ ଦୃଷ୍ଟିଗୋଚର ହୋଇଥାଏ। ଉକ୍ତ ପଶୁପାଳକମାନଙ୍କ ସହିତ ଉତ୍ତର ଭାରତର ଆର୍ଯ୍ୟମାନଙ୍କର ସମ୍ପର୍କ ନ ଥିଲା।



ଏଥର ଆସିବା ଇତିହାସର ସଂକ୍ଷିପ୍ତ ବୁଧବାରକୁ। ଏହି ସମୟରେ ଗାଙ୍ଗେୟ ସମତଳ ଅଞ୍ଚଳରେ ବୈଦିକ୍ ସଂସ୍କୃତି ବିକାଶର ଅୟମାରମ୍ଭ ହୋଇଥିଲା। ବଣିକମାନେ ବାଣିଜ୍ୟ କରୁଥିଲେ। ସେମାନେ ହାତୀ ଓ କପା ଆଦି ଜିନିଷକୁ ପର୍ସିଆନ ସାମ୍ରାଜ୍ୟକୁ ରପ୍ତାନି କରୁଥିଲେ। ସେହି ସମୟରେ ଭାରତର ପୁରାତନ ମୁଦ୍ରା (କାର୍ଷାପଣ) କାରବାର କରାଯାଉଥିଲା। ସେତେବେଳେ ସହରର ବ୍ୟବସାୟିକ କାର୍ଯ୍ୟକଳାପ ଓ ଶାସନକୁ କିଛି ପ୍ରଭାବଶାଳୀ ତଥା ଧନୀକ ଗୋଷ୍ଠୀର ଲୋକ ନିୟନ୍ତ୍ରଣ କରୁଥିଲେ। ଏହା ଏଭଳି ଏକ ସମୟ ଯାହା ବୁଦ୍ଧଙ୍କ ଭଳି ଯୁବରାଜଙ୍କୁ ସନ୍ନ୍ୟାସୀ ହେବା ଦେଖିଥିଲା ଏବଂ ଧନ ଓ ବିଳାସ ଦୃଷ୍ଟିରୁ ବି ଏହି ଯୁଗ ଚମତ୍କାର ଥିଲା। ପୁନର୍ଜନ୍ମର ବିଶ୍ୱାସ ଦୃଢ଼ୀଭୂତ ହୋଇଥିଲା। ଋଣ କାରବାର ଏବଂ ସ୍ୱାଧୀନତା ଗ୍ରହଣୀୟ ବିଷୟ ହୋଇପାରିଥିଲା। ସମ୍ରାଟ ଆଲେକ୍‌ଜାଣ୍ଡରଙ୍କ ସାହସିକ କାର୍ଯ୍ୟ ପ୍ରକାଶ ପାଇଥିଲା। ସେ ପାର୍ସି ସାମ୍ରାଜ୍ୟକୁ ଆକ୍ରମଣ କରି ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲା ଯାହା ପାଟଳିପୁତ୍ରର ସାମ୍ରାଜ୍ୟିକ ମହତ୍ତ୍ୱାକାଂକ୍ଷାଗୁଡ଼ିକୁ ଅନୁପ୍ରାଣିତ କରିଥିଲା। ବୁଦ୍ଧ ଏବଂ ଜୈନ ସନ୍ନ୍ୟାସୀ ଏବଂ ବ୍ରାହ୍ମଣ ପୁରୋହିତମାନେ ଦକ୍ଷିଣର ନର୍ମଦା,ମହାନଦୀ, ଗୋଦାବରୀ, କୃଷ୍ଣା ଏବଂ କାବେରୀ ନଦୀ ଅବବାହିକାରେ ଗଢି ଉଠିଥିବା ସଭ୍ୟତାକୁ ପ୍ରଭାବିତ କରିବା ଆରମ୍ଭ କରିଥିଲେ।

ଗୁରୁବାର ମଧ୍ୟ ଭାରତ ଇତିହାସର ଏକ ସମୟକୁ ସୂଚିତ କରେ ଯେତେବେଳେ ବୈଦିକ୍ ଉପାସନା କରୁଥିବା ନାସିକ୍‌ର ସାତବାହାନ ରାଜାମାନେ ଜୈନ ଓ ବୁଦ୍ଧ ଧର୍ମାବଲମ୍ବୀ ବଣିକମାନଙ୍କୁ ଆନ୍ଧ୍ରରୁ କପା ନେଇ ସୋପରା( ଏବକାର ମୁମ୍ବାଇ) ବାଟ ଦେଇ ରୋମକୁ ରପ୍ତାନି କରିବା ପାଇଁ ସକ୍ଷମ କରାଇପାରିଥିଲା। ଉତ୍ତର ଭାରତରେ ଗ୍ରୀକ୍,ସ୍କିଥିଆନ, ପାର୍ଥିଆନ୍, କେନ୍ଦ୍ରୀୟ ଏସିଆର କୁଷାଣ ଏବଂ ହୁନମାନଙ୍କ ଭଳି ବିଦେଶୀ ଜନଜାତିର ଲୋକେ ରାଜପଥଗୁଡ଼ିକୁ ନିୟନ୍ତ୍ରଣ କରୁଥିଲେ। ସେମାନେ ବୌଦ୍ଧ ମଠଗୁଡ଼ିକୁ ସହଯୋଗ କରିବା ସହ ସଂସ୍କୃତ ଭାଷାର ସଂରକ୍ଷଣ ତଥା ବିକାଶ ମଧ୍ୟ କରିଥିଲେ। ଦକ୍ଷିଣରେ ପ୍ରେମୀ ଓ ଯୋଦ୍ଧାମାନଙ୍କ ଭାବାବେଗପୂର୍ଣ୍ଣ କବିତା ଏବଂ ସ୍ତ୍ରୀ, ଗଣିକା ଓ ତପସ୍ୱିନୀମାନଙ୍କର ପ୍ରେମରସାତ୍ମକ କାବ୍ୟ ତାମିଲ ଓ ପ୍ରାକୃତି ଭାଷାରେ ଶୁଣିବାକୁ ମିଳିଥିଲା। ହିନ୍ଦୁତ୍ୱର ଏକ ନୂଆ ରୂପ ପ୍ରକାଶ ପାଇଥିଲା ସେହି ସମୟରେ, ଯାହା ବିଷ୍ଣୁ, ଶିବ ଓ ଦୁର୍ଗାଙ୍କ କଥା ବଖାଣେ।

ଶୁକ୍ରବାର ହେଉଛି ଭାରତ ଇତିହାସର ସେହି ଯୁଗ ଯେଉଁ କାଳରେ ଦକ୍ଷିଣରେ ଡେକାନ୍( ନର୍ମଦା ନଦୀର ଦକ୍ଷିଣରେ ଥିବା ବିଶାଳ ଉପଦ୍ୱୀପ)ର ଚାଲୁକ୍ୟ, ରାଷ୍ଟ୍ରକୂଟ, ଛେରା, ଚୋଲା , ହୋୟାସାଲା, କାକଟିୟା, ପାଲା ଏବଂ ସେନାମାନେ ମନ୍ଦିର ଆଧାରିତ ଦ୍ରାବିଡ଼ ସାମ୍ରାଜ୍ୟଗୁଡ଼ିକ(ରାଜମଣ୍ଡଳ) ଗଢ଼ିଉଠିଥିଲା। କନ୍ନଡ଼, ମରାଠୀ, ତେଲୁଗୁ, ଓଡ଼ିଆ, ବେଙ୍ଗଲୀ ଶକ୍ତିଶାଳୀ ସ୍ଥାନୀୟ ଭାଷା ଭାବେ ପ୍ରକାଶ ପାଇଥିଲା। ଏହା ଆଦି ଶଙ୍କରାଚାର୍ଯ୍ୟ, ରାମାନୁଜ ଓ ମାଧବଙ୍କ ଯୁଗ। ଏହି ସମୟରେ ବ୍ରାହ୍ମଣ ସଂସ୍କୃତି ଅଧିକ ଶକ୍ତିଶାଳୀ ହେବା ସହ ବୌଦ୍ଧ ଓ ଜୈନ ଧର୍ମକୁ ଦବାଇ ଦେଇଥିଲା। ଶେଷରେ ଭାରତ ଇତିହାସର ଯେଉଁ ସମୟକୁ ଶନିବାରରେ ସଂକ୍ଷିପ୍ତ କରାଯାଇଛି ତାହା ହେଉଛି ଭକ୍ତି, ଶିଳ୍ପକରଣ ଏବଂ ଗଣତନ୍ତ୍ରର ଯୁଗ। ଏହି ସମୟରେ ଦିଲ୍ଲୀ ଓ ବାହାମଣି ସମ୍ରାଟ, ରାଜପୁତ ଏବଂ ଗୁଜରାଟୀମାନଙ୍କ ସମ୍ପର୍କରେ ଶୁଣିବାକୁ ମିଳେ। ଏହା ବ୍ୟତୀତ ବିଜୟନଗର(ବିଜୟନଗରମ୍), ମୋଗଲ, ମରାଠା ଏପରି କି ଇଂରେଜ ସାମ୍ରାଜ୍ୟ ଓ ସ୍ୱାଧୀନତା ସଂଗ୍ରାମର ଉତ୍‌ଥାନ ଏବଂ ପତନକୁ ଏହି ଯୁଗ ଦେଖିଛି।

devdutt.pattanaik@gmail.com

## ରକ୍ଷାବନ୍ଧନ



ଡ. ଅରୁନ୍ଧତୀ ଦେବୀ

ହିନ୍ଦୁ ଧର୍ମଶାସ୍ତ୍ରରେ ଶ୍ରାବଣ ମାସ (ଜୁଲାଇ-ଅଗଷ୍ଟ)ର ପୂର୍ଣ୍ଣିମାକୁ ରାଖୀପୂର୍ଣ୍ଣିମା ଭାବେ ପାଳନ କରାଯାଏ। ଏହି ଦିନ ପ୍ରତ୍ୟେକ ଭଉଣୀ ଭାଇମାନଙ୍କୁ ରାଖୀ ବାନ୍ଧି ନିଜ ସୁରକ୍ଷା ପାଇଁ ପ୍ରତିଜ୍ଞାବଦ୍ଧ କରାଇଥାନ୍ତି। ରକ୍ଷାବନ୍ଧନର ଇତିହାସ ହିନ୍ଦୁ ପୁରାଣରେ ବର୍ଣ୍ଣିତ ହୋଇଛି। ବାମନାବତାର ନାମକ ପୌରାଣିକ କଥାରେ ରକ୍ଷାବନ୍ଧନର ପ୍ରସଙ୍ଗ ଉଲ୍ଲେଖ ରହିଛି। କାହାଣୀ ଅନୁସାରେ; ରାଜା ବଳି ଯଜ୍ଞ ସମ୍ପନ୍ନ କରି ସ୍ୱର୍ଗ ଅଧିକାର କରିବାକୁ ପ୍ରସ୍ତୁତ ହେଉଥିଲେ। ଏହା ଜାଣି ଦେବରାଜ ଇନ୍ଦ୍ର ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ। ପ୍ରଭୁ ବାମନାବତାର ଗ୍ରହଣ କରି ବ୍ରାହ୍ମଣ ବେଶରେ ବଳି ରାଜାଙ୍କ ପାଖକୁ ଭିକ୍ଷା ମାଗିବାକୁ ଗଲେ। ବଳି ଭିକ୍ଷା ଦେବାକୁ ଉଦ୍ୟତ ହୁଅନ୍ତେ ତାଙ୍କ କୁଳଗୁରୁ ଏଥିରୁ ବିରତ ହେବାକୁ ଚେତାଇ ଦେଇଥିଲେ। କିନ୍ତୁ ବଳି କିଛି ନ ଶୁଣି ଭଗବାନଙ୍କୁ ତିନିପାଦ ଭୂମି ଦାନ କଲେ। ଏହି ତିନିପାଦ ଭୂମିରେ ଭଗବାନ ଆକାଶ, ପାତାଳ ଓ ପୃଥିବୀକୁ ମାପିନେଇ ବଳିଙ୍କୁ ରସାତଳକୁ ଚାପିଦେଲେ। ଏହି ସମୟରେ ରାଜା ବଳି ନିଜ ଭକ୍ତିବଳରେ ପ୍ରତ୍ୟେକ ସମୟରେ ଭଗବାନଙ୍କୁ ନିଜ ପାଖରେ ରହିବାକୁ ପ୍ରତିଜ୍ଞା କରାଇନେଲେ। ଲକ୍ଷ୍ମୀ ମା' ଏହାକୁ ନେଇ ଚିନ୍ତିତ ହେଲେ। ନାରଦଙ୍କ ପରାମର୍ଶ ନେଇ ସେ ବଳି ରାଜାଙ୍କୁ ରକ୍ଷାସୂତ୍ର ବାନ୍ଧି ଭାଇ କରିନେଲେ। ବଦଳରେ ବଳି ରାଜା ବିଷ୍ଣୁ ଭଗବାନଙ୍କ ପ୍ରତିଜ୍ଞାକୁ ଖଣ୍ଡନ କଲେ।

ମହାଭାରତ ସମୟରେ ଯୁଧିଷ୍ଠିର ଭଗବାନ କୃଷ୍ଣଙ୍କୁ ପଚାରିଲେ ମୁଁ ସମସ୍ତ ସଙ୍କଟକୁ କିପରି ପାରି କରିପାରିବି? ଭଗବାନ କହିଥିଲେ, ତୁମେ ତୁମ ସେନାଙ୍କୁ ରାଖୀପୂର୍ଣ୍ଣିମା ପାଳନ କରିବାକୁ ଅନୁମତି ଦିଅ। କେବଳ ସେତିକି ନୁହେଁ, ଶିଶୁପାଳକୁ ବଧ କରିବା ସମୟରେ ସୁଦର୍ଶନ ଚକ୍ରରେ କୃଷ୍ଣଙ୍କ ତର୍ଜନୀ କ୍ଷତାକ୍ତ ହୋଇଥିଲା। ସେତେବେଳେ ଦ୍ରୌପଦୀ ରକ୍ତସ୍ରାବ ବନ୍ଦ କରିବାକୁ କୃଷ୍ଣଙ୍କ ହାତରେ ଶାଢ଼ି ଚିରି ଗୁଡ଼ାଇ ଦେଇଥିଲେ। ଏହାର ଫଳସ୍ୱରୂପ କୁରୁସଭାରେ ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟରେ ଭଗବାନ କୋଟିବସ୍ତ୍ର ପ୍ରଦାନ କରିଥିଲେ।

ଇତିହାସ ପୃଷ୍ଠା ଲେଉଟାଇଲେ ଜଣାପଡ଼େ, ରକ୍ଷାବନ୍ଧନର ଉତ୍ପତ୍ତି ପ୍ରାୟ ୬ ହଜାର ବର୍ଷ ପୁରୁଣା। ତେବେ ଏହାର କୌଣସି ଠିକ୍ ସମୟ ଇତିହାସରେ ଲିପିବଦ୍ଧ ନାହିଁ। କୁହାଯାଏ, ସର୍ବପ୍ରଥମେ ସାକ୍ଷ୍ୟରାଣୀ କର୍ଣ୍ଣାବତୀ ଓ ସମ୍ରାଟ୍ ହୁମାୟୁନ୍ ରକ୍ଷାବନ୍ଧନ ଆରମ୍ଭ କରିଥିଲେ। ମଧ୍ୟକାଳୀନ ଯୁଗରେ ରାଜପୁତ ଓ ମୁସ୍‌ଲିମ୍‌ଙ୍କ ମଧ୍ୟରେ ସଂଘର୍ଷ ଚାଲିଥିଲା। ରାଣୀ କର୍ଣ୍ଣାବତୀ ଚିତ୍ତୋର ରାଜାଙ୍କ ବିଧବା ପତ୍ନୀ ଥିଲେ। ସେତେବେଳେ ଗୁଜରାଟର ସୁଲତାନ୍ ବାହାଦୁର ଶାହଙ୍କଠୁ ନିଜ ରାଜ୍ୟ ଓ ପ୍ରଜାଙ୍କ ସୁରକ୍ଷା ପାଇଁ ରାଣୀ ହୁମାୟୁନ୍‌ଙ୍କୁ ରାଖୀ ପଠାଇଥିଲେ। ହୁମାୟୁନ୍ କର୍ଣ୍ଣାବତୀଙ୍କ ରାଖୀର ସମ୍ମାନ ରକ୍ଷାକରି ତାଙ୍କ ରାଜ୍ୟର ରକ୍ଷା କରିଥିଲେ। ଦ୍ୱିତୀୟ ସୂତ୍ରଧର ଥିଲେ ଆଲେକ୍‌ଜାଣ୍ଡର ଓ ପୁରୁ। କୁହାଯାଏ, ଆଲେକ୍‌ଜାଣ୍ଡର ଭାରତୀୟ ରାଜା ପୁରୁଙ୍କ ପ୍ରଖରତା ସାମ୍ନାରେ ବିଚଳିତ ହୋଇପଡ଼ିଥିଲେ। ଏହାକୁ ନେଇ ଆଲେକ୍‌ଜାଣ୍ଡରଙ୍କ ପତ୍ନୀ ଚିନ୍ତିତ ହୋଇ ପୁରୁଙ୍କ ପାଖକୁ ରାଖୀ ପଠାଇଲେ। ପୁରୁ ଆଲେକ୍‌ଜାଣ୍ଡରଙ୍କ ପତ୍ନୀଙ୍କୁ ଭଉଣୀ ଭାବେ ସମ୍ମାନ ଦେଲେ ଓ ଯୁଦ୍ଧର ପରିସମାପ୍ତି ଘଟିଲା। ପୁରୁ ଆଲେକ୍‌ଜାଣ୍ଡରଙ୍କୁ ଜୀବନଦାନ ଦେଲେ।

ଭାରତ ସ୍ୱାଧୀନତା ସମୟରେ କ୍ରାନ୍ତିକାରୀ ଚନ୍ଦ୍ରଶେଖର ଆଜାଦ୍ ଇଂରେଜଙ୍କଠୁ ବଞ୍ଚିବା ପାଇଁ ଜଣେ ବିଧବା ବୃଦ୍ଧାଙ୍କ ଘରେ ତୋଫାନି ରାତିରେ ପ୍ରବେଶ କଲେ। ସେଠାରେ ବୃଦ୍ଧା ନିଜ ଝିଅକୁ ଧରି ରହୁଥିଲେ। ଆଜାଦ୍ ନିଜ ପରିଚୟ ଦେବା ପରେ ତାଙ୍କୁ ବୃଦ୍ଧା ଶରଣ ଦେଲେ। କଥାବାର୍ତ୍ତାରୁ ଆଜାଦ୍ ଜାଣିବାକୁ ପାଇଲେ ଗରିବ ହେତୁ ବୃଦ୍ଧା ଜଣକ ନିଜ ଝିଅର ବିବାହ କରାଇପାରୁନାହାନ୍ତି। ସେ ବୃଦ୍ଧାଙ୍କୁ କହିଲେ, ମୋତେ ଧରାଇଦେବା ଲୋକଙ୍କୁ ଇଂରେଜମାନେ ୫ ହଜାର ଟଙ୍କା ଦେବେ। ତେଣୁ ତୁମେ ମୋତେ ସେମାନଙ୍କ ହାତରେ ଧରାଇଦିଅ। ସେଇ ୫ ହଜାର ଟଙ୍କାରେ ଝିଅର ବିବାହ ସମ୍ପନ୍ନ କର। ବିଧବା ଜଣଙ୍କ କହିଲେ, ତୁମକୁ ଧରାଇଦେଇ ସେ ରାକ୍ଷସଙ୍କ ପଇସାରେ ମୁଁ ମୋ ଝିଅ ବାହାଘର କରିପାରିବିନାହିଁ। ଏତିକି କହି ସେ ରକ୍ଷାସୂତ୍ରକୁ ଆଜାଦ୍‌ଙ୍କ ହାତରେ ବାନ୍ଧି ଦେଶସେବାର ବଚନ ନେଲେ। ସକାଳ ପାହିବା ବେଳକୁ ଆଜାଦ୍ ଘରୁ ଚାଲିଯାଇଥିଲେ। ହେଲେ ତକିଆ ତଳେ ୫ ହଜାର ଟଙ୍କା ସହ ଏକ ଚିଠି ଛାଡ଼ିଯାଇଥିଲେ। ସେଥିରେ ଲେଖା ଥିଲା, ପ୍ରିୟର ଭଉଣୀ ପାଇଁ ରାଖୀବନ୍ଧାର ଭେଟିସ୍ୱରୂପ ଏହାକୁ ଗ୍ରହଣ କର।

**ନିର୍ଦ୍ଦେଶିକା-ସମ୍ପାଦିକ, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋ-୯୯୩୭୧୭୨୮୧୦**

## ଏଇ ଭାରତରେ

ଗାଡ଼ି ପଙ୍କ୍‌ଚର ମରାମତି କରୁଥିବା ମହିଳାଙ୍କୁ କେବେ ଦେଖିଛନ୍ତି କି? ଯଦି ଦେଖିନାହାନ୍ତି, ତେବେ ଜାଣନ୍ତୁ ୫୫ ବର୍ଷୀୟା ମହିଳା ମେକାନିକ୍ କମଳା ନେଗିଙ୍କ କାହାଣୀ। କମଳା ବର୍ଷେ କିମ୍ବା ଦୁଇ ବର୍ଷ ନୁହେଁ, ପାଖାପାଖି ୧୫ ବର୍ଷ ହେବ ବାଇକ୍, କାର, ଟ୍ରକ୍, ବସ୍ ଆଦିର ପଙ୍କ୍‌ଚର ମାରୁଛନ୍ତି। କେବଳ ଏତିକି ନୁହେଁ, ଭାରିଯାନ ମରାମତି ସହ ସର୍ଭିସିଂ ମଧ୍ୟ କରୁଛନ୍ତି। ଉତ୍ତରାଖଣ୍ଡର ନୈନିତାଲ ଜିଲା ରାମଗଡ଼-ମୁକ୍ତେଶ୍ୱର ରୋଡ୍ କଡ଼ରେ ତାଙ୍କ ଦୋକାନ। ଆଖପାଖର ଲୋକେ କମଳାଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ ତାଙ୍କୁ 'ଟାୟାର ଡାକ୍ତର' ବୋଲି ସମ୍ବୋଧନ କରୁଛନ୍ତି। ୨୦୦୪ରେ ସେ ଛୋଟ ଛୋଟ ପିଲାଙ୍କୁ ୨୦ରୁ ୨୫ ମିନିଟ୍ ପାଇଁ ସାଇକେଲ ଶିଖାଇ ୫ ଟଙ୍କା ନେଉଥିଲେ। ପାରିବାରିକ ଅବସ୍ଥା ଭଲ ନ ଥିବାରୁ ସେ ଏହା ଆରମ୍ଭ କରିଥିଲେ। ସେହି ସମୟରେ ସାଇକେଲ ପଙ୍କ୍‌ଚର ହେଲେ ତାହାକୁ ନିଜେ ମରାମତି କରୁଥିଲେ ସ୍ୱାମୀ ହୟାତ୍ ସିଂ ନେଗିଙ୍କ ପଙ୍କ୍‌ଚର ଦୋକାନରେ। ଏହି ଅଭ୍ୟାସ ତାଙ୍କୁ ଜଣେ ମେକାନିକ୍ ଭାବେ ଗଢ଼ିତୋଳିଛି। ପରେ ୨୦୦୮ରେ ସେ ବ୍ୟବସାୟିକ ଭାବେ ଦୁଇଚକିଆ ଯାନ, କାର, ବସ୍, ଟ୍ରକ୍ ଆଦିର ପଙ୍କ୍‌ଚର ମରାମତି କାମ ଆରମ୍ଭ କରିଥିଲେ। କମଳାଙ୍କ ପୁଅ ସୀମା ସୁରକ୍ଷା ବଳରେ ଚାକିରି କରିଥିବାବେଳେ ଝିଅ ବିବାହ କରିଛନ୍ତି। ତଥାପି କମଳା ମେକାନିକ୍ ଭାବେ ବଞ୍ଚି ରହିବା ଲାଗି ଏହି କାର୍ଯ୍ୟ ଜାରି ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଅଗଷ୍ଟ ୧୯୯୭

- ନେପାଳର ଉତ୍ତର-ପୂର୍ବ ଜିଲାରେ ପ୍ରବଳ ବର୍ଷା ଓ ମାଟି ଅତଡ଼ା ଖସି ୨ ଶିଶୁଙ୍କ ସମେତ ୧୯ ମୃତ।
- ବେଜିଂ ଅଭିମୁଖେ ଯାତ୍ରା କରୁଥିବା ତାଇୱାନର ଏକ ଛୋଟ ବିମାନ ପାହାଡ଼ିଆ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିବାରୁ ସମସ୍ତ ୧୬ ଯାତ୍ରୀଙ୍କ ମୃତ୍ୟୁ।
- ପୂର୍ବତନ ୟୁରୋପୀୟ ବିଶ୍ୱ ଏବଂ ଅଲିମ୍ପିକ ୧୦୦ ମିଟର ଚାମ୍ପିୟନ ଲନଫୋର୍ଡ କ୍ରିଷ୍ଟିଙ୍କ ଆଥଲେଟ ଜଗତରୁ ଅବସର ଘୋଷଣା।
- କଂଗ୍ରେସ କାର୍ଯ୍ୟକାରିଣୀ କମିଟି (ସିଡବ୍ଲ୍ୟୁସି)ର ୧୦ଟି ସଦସ୍ୟ ପଦ ପାଇଁ ଅନୁଷ୍ଠିତ ହୋଇଥିବା କଡ଼ା ପ୍ରତିଦ୍ୱନ୍ଦ୍ୱିତାମୂଳକ ନିର୍ବାଚନରେ ଦଳର ବରିଷ୍ଠ ନେତା ରାଜେଶ ପାଇଲଟ ହାରିଯାଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | 8 | | 2 |
| | | | 6 | 3 | 2 | | | |
| | | | | | | 7 | 4 | |
| | 2 | | | | 5 | | 7 | |
| 1 | | 8 | | | | 4 | | |
| | | | | | 3 | | | |
| 4 | 1 | 2 | | | | | 9 | |
| | 5 | | | | 9 | | | |
| 3 | 6 | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 5 | 8 | 7 | 9 | 4 | 1 | 6 |
| 8 | 1 | 7 | 6 | 3 | 4 | 5 | 2 | 9 |
| 6 | 9 | 4 | 5 | 2 | 1 | 7 | 3 | 8 |
| 9 | 6 | 2 | 7 | 1 | 8 | 3 | 4 | 5 |
| 1 | 4 | 8 | 2 | 5 | 3 | 6 | 9 | 7 |
| 7 | 5 | 3 | 4 | 9 | 6 | 2 | 8 | 1 |
| 5 | 8 | 6 | 1 | 4 | 2 | 9 | 7 | 3 |
| 2 | 3 | 1 | 9 | 6 | 7 | 8 | 5 | 4 |
| 4 | 7 | 9 | 3 | 8 | 5 | 1 | 6 | 2 |

ଗତକାଲିର ଉତ୍ତର

# ଛଳନା ନ କରି ଚଳିହେବ କି



ନିରଞ୍ଜନ ସାହୁ

ଆପଣ କେବେ ବୁଢ଼ିଆଣୀର ଘର ଦେଖିଛନ୍ତି- ଘର ମାନେ ଜାଲ। ଜାଲ ତିଆରି କରି ଏପରି ଜାଗାରେ ସେ ମେଲି ଦେଇଥାଏ ଯେ, ସେଇ ବାଟ ଦେଇ ଆସୁଥିବା କୀଟ ପତଙ୍ଗ ସହଜରେ ପଡ଼ିଯାଏ ଫାଶରେ। ସେଠାରୁ ବାହାରିବାର ଯୁ ମିଳେନା ତାକୁ। କିଛି ସମୟ ଯୁଝିବା ପରେ ତା'ର ସମସ୍ତ ଶକ୍ତି ସାମର୍ଥ୍ୟ ସରିଯାଏ ଓ ଶେଷରେ ସେ ପାଲଟିଯାଏ ବୁଢ଼ିଆଣୀର ଆହାର। ଖାଲି ଖାଦ୍ୟ ଆହରଣ ପାଇଁ ନୁହେଁ, ନିଜର ସାଥୀ ଖୋଜିବା କିମ୍ବା ନିଜକୁ ବିପଦରୁ ରକ୍ଷା କରିବା ପାଇଁ ମଧ୍ୟ ହରେକ୍ ରକମର ପ୍ରାଣୀ ବିଭିନ୍ନ କୌଶଳ ଅବଲମ୍ବନ କରନ୍ତି। ଏମିତି କୌଶଳ ମାନ ଅବଲମ୍ବନ କରୁ ନ ଥିଲେ କେହି ତିଷ୍ଠି ପାରନ୍ତେ ନାହିଁ। ଏଇ କୌଶଳ ଭିତରୁ କିଛି ଅଛି, ଯାହା ଜନ୍ମରୁ ପ୍ରାଣୀମାନେ ଆପେ ଆପେ ଜାଣିଯାଆନ୍ତି। ମାତ୍ର ଆଉ କିଛି ଅଛି, ଯାହା ସେମାନଙ୍କର ଗୋଷ୍ଠୀ ଜୀବନରେ ସେମାନେ ଶିକ୍ଷା କରନ୍ତି। ଏଇ କୌଶଳ କେବଳ ପ୍ରାଣିସମାଜରେ ସୀମିତ ହୋଇ ନାହିଁ। ଏହାକୁ ମଣିଷ ଅଧିକ ଉପଯୋଗ କରି କୌଶଳକ୍ରମେ ବିଶାଳ ଦିଗନ୍ତ ଆବିଷ୍କାର କରିଛି।

ଆପଣ କେତେବେଳେ ଟେଲିଫୋନ୍ ପାଇଥିବେ ଏଇଭଳି। ସେପଟରୁ ଟେଲିଫୋନ୍ କରିଥିବା ବାବୁଜଣକ ପ୍ରଥମେ କହିବେ ସାର୍ ନମସ୍କାର। ମୁଁ ବିପିନ କହୁଛି ସାର୍, ଗତକାଲି ଆପଣ ଯେଉଁ ଲେଖାଟି ଫେସ୍‌ବୁକ୍‌ରେ ପୋଷ୍ଟ କରିଥିଲେ ସେଇଟା ପଢୁପଢୁ ମୋ ଆଖି ଓଦା ହୋଇଗଲା । ଗତଥର ଆପଣଙ୍କ ସହିତ ଦେଖାହୋଇଥିଲା ଆମ କଲେଜ ଫଙ୍କ୍‌ସନ୍‌ରେ। ଆପଣ ଯେଉଁ ଭାଷଣ ଦେଇଥିଲେ ଆଜିଯାଏ ମନେଅଛି ସମସ୍ତଙ୍କର। ସାର୍, ଗୋଟିଏ ଛୋଟିଆ କାମ ପାଇଁ ମନେପକାଉଥିଲି ସାର୍। ଆପଣଙ୍କୁ କାଲି ଅଫିସ୍‌ରେ ଭେଟିପାରିବି ସାର୍? ଏତେବେଳକୁ ଆପଣ ବୁଝିଯିବେଣି ପ୍ରଥମ ଯେଉଁ ଦୁଇଟି କଥା ବାବୁଜଣକ କହିଲେ ତାହା କେବେବି ଲକ୍ଷ୍ୟ ନୁହେଁ, ମାତ୍ର ଉପଲକ୍ଷ୍ୟ-ଉପକ୍ରମଣିକା।

ଅନେକ ପରିସ୍ଥିତି ଅଛି, ଯେଉଁଠି ଆପଣ ଯାହା ସତ ତାହା କହିପାରିବେ ନାହିଁ। ଯେମିତି କଲେଜ ଇଲେକ୍‌ସନ୍ ପାଇଁ ଜୋର୍‌ରେ ପ୍ରଚାର ଚାଲିଛି। ଗୋଟିଏ ଦଳର କିଛି ପିଲା ଆସି ଆପଣଙ୍କ ନିକଟକୁ ତାଙ୍କ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ଓ କହିଲେ, ''କ'ଣ ଭାଇ, ଆମ ପ୍ରାର୍ଥୀ ଆପଣଙ୍କ ଭୋଟ ପାଇବେ ତ?'' ଆପଣ ପରିସ୍ଥିତିର ଗମ୍ଭୀରତାକୁ ବଦଳେଇବା ପାଇଁ କହିବେ- ''ମୋର ତ ନିଜର କେହି କ୍ୟାଣ୍ଡିଡେଟ୍ ନାହାନ୍ତି। ଆପଣଙ୍କୁ ନ ଦେବି କ'ଣ ପାଇଁ?'' ସେମାନେ ଖୁସି ହୋଇ ଆପଣଙ୍କ ସହିତ ହାତ ମିଳାଇ ତାଙ୍କ ଖାତାରେ ଆଉ ଗୋଟାଏ ଭୋଟ ଚଢ଼ିଲା ବୋଲି ଭାବି ଖୁସିହୋଇ ଫେରିଯିବେ। ଅଥଚ ଯଦି ଟିକିଏ ଛଳନା ନ କରି ଆପଣ ସ୍ୱାଭାବିକ ଭାବରେ କହିଥାଆନ୍ତେ ଯେ, ଆପଣ ଆଉ କାହାକୁ ଦେବାକୁ ମନସ୍ଥ କରିଛନ୍ତି କିମ୍ବା ଆପଣ ଭାବିଚିନ୍ତି ନିଷ୍ପତ୍ତି ନେବେ, ତା'ହେଲେ ସେଇ ଦଳରୁ ଯଦି ଉତ୍ପାତିଆ କେହି ଥିବେ ତା'ହେଲେ ଆପଣଙ୍କର ଚଉଦ ପୁରୁଷ ଉଦ୍ଧାର କରିବା କଥା ନିଧାର୍ଯ୍ୟ।

ପିଲାବେଳେ ଆମେ ଗୋଟିଏ ଛୋଟ ଗପ ପଢ଼ିଥିଲେ। ଦୁଇ ସାଙ୍ଗ ଜଙ୍ଗଲରେ ବୁଲୁବୁଲୁ ଦେଖିଲେ ବହୁ ଦୂରରୁ ଗୋଟିଏ ବିଶାଳକାୟ ଭାଲୁ ସେମାନଙ୍କ ଆଡ଼କୁ ଆସୁଛି। ସାଙ୍ଗ ଦୁହେଁ କାଳ ବିଳମ୍ବ ନ କରି ମୁହଁ ତଳକୁ କରି ପଡ଼ିରହିଲେ ଓ ମୁର୍ଦ୍ଦାରର



ଅଭିନୟ କଲେ। ଭାଲୁ ସେମାନଙ୍କ ପାଖରେ ପହଞ୍ଚି ତାଙ୍କୁ ଗଡ଼େଇ ଦେଲାରୁ ମଲା ଲୋକ ପରି ତାଙ୍କର ପାର୍ଥିବ ଶରୀର ଗଡ଼ିଗଡ଼ି ଗଲା। ଭାଲୁ ଭାବିଲା ହୁଏତ ସେ ଦୁଇଟିଯାକ ଶବ। ତେଣୁ ସେଠାରୁ ପଳେଇଗଲା; ମାତ୍ର ଏଇ ଦୁଇ ବନ୍ଧୁ ବହୁ ସମୟଯାଏ ପଡ଼ିରହି ଭାଲୁକୁ ଲକ୍ଷ୍ୟ କରୁଥା'ନ୍ତି। ଯେତେବେଳେ ବହୁ ଦୂରକୁ ସେ ଚାଲିଗଲା, ସେତେବେଳେ ସେମାନେ ବିପରୀତ ଦିଗକୁ ଦୌଡ଼ି ଦୌଡ଼ି ଯାଇ ନିଜର ଜୀବନ ବଞ୍ଚେଇଦେଲେ। ଯଦି ସେଦିନ ସେମାନେ ଛଳନା ଟିକିଏ କରିନଥା'ନ୍ତେ, ତା'ହେଲେ କ'ଣ ଜୀବନ ନେଇ ଘରକୁ ଫେରିଥାନ୍ତେ!

ବହୁ ବର୍ଷତଳେ ଆମ ରାଜ୍ୟର ପଶ୍ଚିମାଞ୍ଚଳରେ ଚାକିରି କଲାବେଳେ ଗୋଟିଏ ରୋଚକ କଥା ଶୁଣିଥିଲି। ଏକଦା ସେ ଅଞ୍ଚଳରେ ଜଣେ ଡାକ୍ତର ଭାରି ନାଁ କରିଥିଲେ ରୋଗୀ ସେବାରେ। ସେକାଳରେ ଲୋକମାନଙ୍କର ବିଶ୍ୱାସ ଥିଲା ହଇଜା ରୋଗ ଠାକୁରାଣୀଙ୍କ ଆକ୍ରୋଶରୁ ହୁଏ ଏବଂ ତାଙ୍କର କୃପା ହେଲେ ଭଲ ହୁଏ। ସେ ଗୋଟିଏ ଲୋକକୁ ପଇସା ଦେଇ ରଖୁଥିଲେ, ଯିଏକି ଜଣେ ଗୁଣିଆର ଅଭିନୟ କରୁଥିଲା ଏବଂ ସେ ରୋଗୀର କାନରେ କହୁଥିଲା, ''ମା' ଏବେ ପ୍ରସନ୍ନ ହେଲେଣି, ତୋ ରୋଗ ଅଲବତ ଛାଡ଼ିଯିବ। ଡାକ୍ତରବାବୁ ଯେଉଁ ସୁଜା ବା ଇଞ୍ଜେକ୍‌ସନ୍ ଦେବେ ତାକୁ ନେବାକୁ ଅରାଜି ହେବୁନି।'' ତା'ପରେ ଡାକ୍ତରବାବୁ ତାଙ୍କର ଡାକ୍ତରିବିଦ୍ୟା ପ୍ରୟୋଗ କରୁଥିଲେ ଏବଂ ଅଧିକାଂଶ ରୋଗୀ ଆରୋଗ୍ୟ ପ୍ରାପ୍ତ ହେଉଥିଲେ। ହୁଏତ ଏପରି ଛଳନାପୂର୍ଣ୍ଣ କାର୍ଯ୍ୟ ଆଧୁନିକ ମନୋବିଜ୍ଞାନର 'ପ୍ଲାସିବୋ ଇଫେକ୍ଟ' ପରି କାର୍ଯ୍ୟ କରୁଥିଲା। ସେଇ ଡାକ୍ତର କ୍ରମେ ଏତେ ଲୋକପ୍ରିୟ ହେଲେ ଯେ, ମୁଁ ସେଇ ଅଞ୍ଚଳରେ ପହଞ୍ଚିଲା ବେଳକୁ ସେ ସାଂସଦ ପାଲଟି ଗଲେଣି।

ଆଜିକାଲି ଯୁଦ୍ଧରେ ବି ଛଳନାକୁ ପ୍ରୟୋଗ କରାଯାଉଛି। ନିକଟରେ ରୁଷ-ୟୁକ୍ରେନ୍ ଯୁଦ୍ଧରେ ପ୍ରୟୋଗ କରାଯାଇଥିବା ଛଳନାଟିଏ ଆପଣଙ୍କ ନଜରକୁ ଆସିଥିବ। ରୁଷିଆ ପକ୍ଷରୁ ଏକ ବିଶାଳ ଅସ୍ତ୍ରଶସ୍ତ୍ର ସଜ୍ଜିତ ପୋତ କୃଷ୍ଣ ସାଗରରେ ମୁତୟନ କରାଯାଇଥିଲା। ଏତେ ଅତ୍ୟାଧୁନିକ ଯନ୍ତ୍ରପାତି ସମ୍ମିଳିତ ଯୁଦ୍ଧ ପୋତଟିର ନାଁ ଥିଲା 'ମସ୍କୋଭା'। ଏହାର ଆନୁମାନିକ ମୂଲ୍ୟ ଥିଲା ପାଞ୍ଚ ହଜାର କୋଟି ଟଙ୍କାରୁ ଅଧିକ। ଏହା ଥିଲା ରୁଷିଆ ନୌସେନାର ଅହଂକାରର ପ୍ରତୀକ; ମାତ୍ର ୟୁକ୍ରେନ୍ ତରଫରୁ ଗୋଟିଏ ଚାଲ୍ ଖେଳା ହେଲା। ସେମାନେ କିଛି ଡ୍ରୋନ୍ ଉଡ଼େଇଦେଲେ ଯୁଦ୍ଧ ଜାହାଜର ଗୋଟିଏ ଦିଗରେ ଆଉ ମସ୍କୋଭାର ରାଡାର ଅବିଳମ୍ବେ ତାକୁ ଠାବ କଲା। କାଳବିଳମ୍ବ ନ କରି ସେଇ ଡ୍ରୋନ୍‌କୁ ଆକ୍ରମଣ କରିବାକୁ ମସ୍କୋଭାର ସ୍ୱୟଂଚାଳିତ ଅସ୍ତ୍ରଗୁଡ଼ିକ ସଙ୍ଗେ ସଙ୍ଗେ ପ୍ରସ୍ତୁତ ହୋଇଗଲେ। ଯେତେବେଳେ ମସ୍କୋଭାର ସାମରିକ ଶକ୍ତି ସେଇ ଡ୍ରୋନ୍ ଉପରେ କେନ୍ଦ୍ରିଭୂତ, ସେତିକିବେଳେ ମିଜାଇଲ୍ ମାଡ଼ କଲା ୟୁକ୍ରେନ୍ ସେନା ମସ୍କୋଭା ଉପରେ। ମସ୍କୋଭା ଭିତରେ ଥିବା ବିଶାଳ ବାରୁଦ ଭଣ୍ଡାର ଅଗ୍ନିପିଣ୍ଡରେ ପରିଣତ ହେଲା ଅଚିରେ ଏବଂ ଫଳ ଏଇଆ ହେଲା ଯେ, ଅଳ୍ପ ସମୟ ଭିତରେ ଗଭୀର ସମୁଦ୍ର ଭିତରେ ବୁଡ଼ିଗଲା ମସ୍କୋଭା। ଆଉ ତା' ସହିତ ସାମୟିକ ଭାବରେ ନୀରବିଗଲା ଆକ୍ରମଣକାରୀ ରାଷ୍ଟ୍ରର ଅହଂକାର।

ଛଳନାଶ୍ରୟୀ ହୋଇ ଯେତେବେଳେ ଜଣେ ଅନ୍ୟର ଅମଙ୍ଗଳ କରେ ବା ଅନ୍ୟକୁ ଲୁଣ୍ଠନ କରେ, ସେତେବେଳେ ତାହା ପରିତ୍ୟଜ୍ୟ; ମାତ୍ର ଯେତେବେଳେ ନିଜକୁ ବଞ୍ଚାଇ ହେବ ଟିକିଏ ଛଳନା କରି, ତାହା କଲେ କ'ଣ ତାକୁ ଅପରାଧ କହିବା! କ୍ରୋଧକୁ ଏକ ଅବଗୁଣ ଭାବରେ ସବୁବେଳେ ଧରିନିଆଯାଇଛି; ମାତ୍ର ଯେତେବେଳେ ଅନ୍ୟାୟ ସଙ୍ଘଟିତ ହେଉଥାଏ, ତାକୁ ଯଦି ସହିଯିବା ଏବଂ ନିଜର କ୍ରୋଧ ପ୍ରକାଶ କରିବା ନାହିଁ, ତା'ହେଲେ ତାହା ବୃହତ୍ତର ଅମଙ୍ଗଳର କାରଣ ହୋଇଯିବ। ତେଣୁ ଛଳନା କଲାବେଳେ ସବୁବେଳେ ତାହା ଯେପରି ଏକ ବୃହତ୍ତର ସ୍ୱାର୍ଥର ପରିପନ୍ଥୀ ହେଉନାହିଁ ତାହା ଦେଖିଲେ ଆମ ନିଜର ମଙ୍ଗଳ ଏବଂ ସମାଜର ବି।

**ମୋ:୯୪୩୮୪୮୨୯୧୧**

## ପାଠକ ଶ୍ରେଷ୍ଠ ବିଚାରକ

### ଖଣି ଓ ବନ ସମ୍ପଦରୁ ମଦ ରାଜସ୍ୱ ଭରଣା କରାଯାଉ

ମହାଶୟ,

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦେଶୀ ବିଦେଶୀ ମଦ ଲୁଚାଛପାରେ ବିକ୍ରି ହେଉଛି। କଦବା କେତେବେଳେ ପୋଲିସ ଚଢ଼ାଉ କରୁଛି। କିନ୍ତୁ ଚୋରାମଦ ବେପାରୀ ସେଥିପ୍ରତି ଖାତିର ନ କରି ଦିନ ରାତି ଅବାଧରେ ବେପାର କରୁଛନ୍ତି। ମାଦକ ଦ୍ରବ୍ୟ ସେବନ କରି ବହୁ ଯୁବକ ଉଦ୍‌ଭ୍ରାନ୍ତ ହେଉଛନ୍ତି। ଅନେକଙ୍କ ସୁନାର ସଂସାର ଚୂରମାର ହୋଇଯାଉଛି। ଗାଁଗହଳିରେ ଗଣ୍ଡଗୋଳ, ବିଭ୍ରାଟ ଓ ଆଇନ ଶୃଙ୍ଖଳା ବ୍ୟାହତ ହେଉଛି। ସରକାର ରାଜସ୍ୱ ବୃଦ୍ଧି ପାଇଁ ବିଭିନ୍ନ ଅଞ୍ଚଳରେ ମଦ ଦୋକାନ ଖୋଲିବାକୁ ଅନୁମତି ଦେବା ଯୋଗୁ ମଦ୍ୟପ ଓ ନିଶାଖୋରଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ନିଶା ଦ୍ରବ୍ୟ ସେବନ କରି ଅନେକ ବ୍ୟକ୍ତି ରୋଗରେ ପଡୁଛନ୍ତି ଓ କେତେକ ମୃତ୍ୟୁର ଶିକାର ହେଉଛନ୍ତି। ଗତ ୧୦ବର୍ଷ ମଧ୍ୟରେ ରାଜ୍ୟ ସରକାର ମଦରୁ ୩୧ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ପାଇଛନ୍ତି । ଏହି ରାଜସ୍ୱ ମଧ୍ୟ ଖଣିଜ ପଦାର୍ଥ ଓ ବନଜାତ ଦ୍ରବ୍ୟରୁ ଭରଣା କରାଯାଇପାରିବ। କିନ୍ତୁ ଚୋରା ବ୍ୟବସାୟୀମାନେ ଖଣିଜ ସମ୍ପଦ ହରିଲୁଟ କରୁଛନ୍ତି। ଜଙ୍ଗଲ ସମ୍ପଦ ମଧ୍ୟ ଲୁଟ ହେଉଛି। ସେଥିପାଇଁ କେହି ଦୃଷ୍ଟି ଦେଉନାହାନ୍ତି। ଜଙ୍ଗଲରେ ବନ୍ୟଜନ୍ତୁ ସଫା ହୋଇଗଲେଣି। ମଦ ଓ ନିଶାମୁକ୍ତ ରାଜ୍ୟ ଗଠନ କରିବାକୁ ହେଲେ ଖଣିଜ ଓ ଜଙ୍ଗଲ ସମ୍ପଦ ଚୋରା କାରବାର ରୋକି ରାଜସ୍ୱ ବୃଦ୍ଧି କରିବା ଉଚିତ।

**-ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଭୁଲି ଗଲି ବିଶ୍ୱମୟ ଲାଗିଲା କି ପ୍ରାସ ଯେ,
ନ ବୁଝିଲି ତୁମେ କିମ୍ପା କର ଉପହାସ ହେ।
ମୋର ସବୁ ଛନ୍ଦର ଯେ ତୁମେ ପରା ନାୟିକା,
ସବୁ ସ୍ୱର ସାଧନାର ତୁମେ ଚାରୁ ଗାୟିକା।
ତେବେ କିମ୍ପା ଉପହାସ କର ରହି ରହି ଗୋ,
ନ ପାରଇଁ ବୁଝି କିଛି କହ ପ୍ରିୟସହୀ ଗୋ!

-(ଛନ୍ଦ ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୧ ଅଗଷ୍ଟ, ୨୦୨୨



## ବାପା ଟାଙ୍ଗିଆ ଚୋଟରେ ପୁଅ ମୃତ

ରାଜଗାଙ୍ଗପୁର, ୧୦।୮(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ହାର୍ଡିଧସା ଗ୍ରାମର ଜାତେପଡ଼ା ଟୋଲାରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଘରୋଇ କଳିକୁ ନେଇ ବାପା ସାଧୁ ଏକ୍କାଙ୍କ ଟାଙ୍ଗିଆ ଚୋଟରେ ପୁତ୍ର ଅଜିତଙ୍କ ମୃତ୍ୟୁ ଘଟିଛି। ପୋଲିସ ସାଧୁଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ମଙ୍ଗଳବାର ରାତିରେ ପୁତ୍ର ଅଜିତ ବଜାରରୁ ଫେରି ରୋଷେଇ କରୁଥିଲେ। ଏହି ସମୟରେ ଗୋରୁ ହରଡ଼ ଖାଇବାକୁ ନେଇ ବାପା ପୁଅ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସାଧୁ ଅଚାନକ ଏକ ଟାଙ୍ଗିଆ ଆଣି ଅଜିତଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।



**ଧୋବାଗଣ୍ଡି ନାଳ ପୋଲ ଧସିଲା** ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ଜିଲାର ରେମୁଣା ବ୍ଲକ ଅଧୀନ ଇଞ୍ଜୁଡ଼ି ପଞ୍ଚାୟତର କଳାମାଟିଆ ପାହି ଅଞ୍ଚଳର ଦକ୍ଷିଣସାହି ଦେଇ ଯାଇଥିବା କୋଷ୍ଟ କେନାଲର ଶାଖା ଧୋବାଗଣ୍ଡି ନାଳ ପୋଲ ମଙ୍ଗଳବାର ରାତିରେ ଧସିଯାଇଛି।



**ଜୋଙ୍କ ନଦୀ ପୋଲ ଭୁଶୁଡ଼ିଲା**

ନୂଆପଡ଼ା ଜିଲା ସଦର ମହକୁମାଠାରୁ ଛତିଶଗଡ ରାଜ୍ୟକୁ ସଂଯୋଗ କରୁଥିବା ଜୋଙ୍କ ନଦୀ ପୋଲ ସାରାବଙ୍ଗଠାରେ ଭାଙ୍ଗିଯାଇଛି। ପୋଲ ଭାଙ୍ଗିଯିବାରୁ ୫୦ରୁ ଊର୍ଦ୍ଧ୍ୱ ଗାଁ ସମେତ ଛତିଶଗଡକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।

# ଟଟ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ

**କ୍ଷେତ୍ରସ୍ତରୀୟ ସମନ୍ୱୟ ଦୃଢ଼ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,୧୦।୮(ବ୍ୟୁରୋ)

ଉପକୂଳରେ ଆତଙ୍କବାଦ କାର୍ଯ୍ୟକଳାପ, ଚୋରାଚାଲାଣ, ବେଆଇନ କାର୍ଯ୍ୟକଳାପ, ବେଆଇନ ଅନୁପ୍ରବେଶ ରୋକିବା ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ କେତେକ ସଂସ୍ଥା ଓ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବାକୁ ତଟ ସୁରକ୍ଷା ଆପେକ୍ସ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ବୁଧବାର ଚିଲିକାସ୍ଥିତ ଭାରତୀୟ ନୌବାହିନୀ ଷ୍ଟେଶନରେ ଆୟୋଜିତ କମିଟି ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ନିରୀକ୍ଷଣ, ଗୁପ୍ତତଥ୍ୟ ସଂଗ୍ରହ, ଅନୁଧ୍ୟାନ, ମିଳିତ ପାଟ୍ରୋଲିଂ ଦ୍ୱାରା ଅସାମାଜିକ ଓ ଦେଶ ବିରୋଧୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ଲୋପ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ତଟ ଅଞ୍ଚଳ ଗ୍ରାମରେ ବସବାସ କରୁଥିବା ଗ୍ରାମବାସୀ ଏବଂ ମତ୍ସ୍ୟଜୀବୀଙ୍କ ମଧ୍ୟରେ ବେଆଇନ ଅନୁପ୍ରବେଶ ଏବଂ ଚୋରାଚାଲାଣ ଆଦି ବିଷୟରେ ଲଗାତର ସଚେତନତା କାର୍ଯ୍ୟକ୍ରମ ଚାଲୁ ରଖିବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏଥିସହିତ ଓଡ଼ିଶାର ପୂର୍ବତଟ ସୁରକ୍ଷା ନିମନ୍ତେ ପ୍ରତିଷ୍ଠା କରାଯାଇଥିବା ତଟ ସୁରକ୍ଷା ଥାନା, କୋଷ୍ଟଗାର୍ଡ, ନୌବାହିନୀ, ବିଭିନ୍ନ ବନ୍ଦର କର୍ତ୍ତୃପକ୍ଷ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଆଦି ପରସ୍ପର ମଧ୍ୟରେ ଗୋଇନ୍ଦା ତଥ୍ୟ ନିୟମିତ ଆଦାନ ପ୍ରଦାନ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ଏହି ସବୁ ସଂସ୍ଥା ଓ ବିଭାଗ ମାଧ୍ୟମରେ ସୃଷ୍ଟି କରାଯାଇଥିବା ସୁରକ୍ଷା ଭିତ୍ତିଭୂମି, ସୂଚନା ସରବରାହ ବ୍ୟବସ୍ଥା, କମାଣ୍ଡ ଏବଂ କଣ୍ଟ୍ରୋଲ ବ୍ୟବସ୍ଥା, ସ୍ପିଡ୍ ବୋଟ୍, ଜେଟି ଆଦିକୁ ପରସ୍ପର ମଧ୍ୟରେ ମିଳିତ ଭାବେ ବ୍ୟବହାର କରିବା ସହ ନିରୀକ୍ଷଣ ଓ ସୁରକ୍ଷା ବ୍ୟବସ୍ଥାକୁ ତ୍ରୁଟିମୁକ୍ତ କରିବା ପାଇଁ ଉଭୟ ମୁଖ୍ୟ ଶାସନ ସଚିବ ଏବଂ ନୌବାହିନୀ ଭାଇସ୍ ଆଡ୍‌ମିରାଲ ବିଶ୍ୱଜିତ୍ ଦାସଗୁପ୍ତା ନିର୍ଦ୍ଦେଶ ଦେଇଛନ୍ତି।

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ନିମ୍ନଲିଖିତ ଟେଣ୍ଡର ଗୁଡ଼ିକ ୱେବସାଇଟ www.ireps.gov.in ରେ ଅପ୍‌ଲୋଡ୍ କରିଦିଆଯାଇଛି ।
ଟେଣ୍ଡର ବିଜ୍ଞପ୍ତି ସଂ.SDMM/KUR/EP/ 2022-23/ E-Procurement Tender Notice/09, ତା. 05.08.2022
କ୍ରମ ସଂ.01, ଟେଣ୍ଡର ନଂ.81225625, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : BCM ପାଇଁ ୱ୍ୟାର ପ୍ଲେଟ୍, ପରିମାଣ : 08 ସେଟ୍, ଏବଂ ୱ୍ୟାର ପ୍ଲେଟ୍ ର ଯୋଗାଣ, ପରିମାଣ : 04 ସେଟ୍।
କ୍ରମ ସଂ.02, ଟେଣ୍ଡର ନଂ.81225745, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ହେଡ୍‌ଫିଲ୍ଡ (Hadfield) ମାଙ୍ଗାନିଜ ଷ୍ଟିଲ ପ୍ଲେଟ୍ (ମୋଟେଇ 16MM), ପରିମାଣ : 6 MT, ଏବଂ ହେଡ୍‌ଫିଲ୍ଡ (Hadfield) ମାଙ୍ଗାନିଜ ଷ୍ଟିଲ ପ୍ଲେଟ୍ (ମୋଟେଇ 10MM), ପରିମାଣ : 4 MT।
କ୍ରମ ସଂ.03, ଟେଣ୍ଡର ନଂ.81225735, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 220KVAR, 8KV ସିଙ୍ଗଲ ଫେଜ 50 Hz, ପରିମାଣ : 150 ସଂଖ୍ୟକ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.09.2022ରିଖ (କ୍ରମ ସଂ.1 ପାଇଁ), ତା.07.09.2022ରିଖ (କ୍ରମ ସଂ.2 ପାଇଁ) ଏବଂ ତା.12.09.2022ରିଖ (କ୍ରମ ସଂ.3 ପାଇଁ) 1500 ଘଟିକା।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-368/N/22-23

**ବିଜ୍ଞାପନ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**
ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ପଂସକୁରା, ଉଲୁବେରିଆ, ବାଉରିଆ, ଆନ୍ଦୁଲ, ଝାରଗ୍ରାମ, ମେଦିନାପୁର, ଘାଟଶିଳା, ଫୁଲେଶ୍ୱର, ହିଜ୍‌ଲି, କାନ୍ଥି ହଲ୍ଟ, ଦାସନଗର, ଗିରିମଇଦାନ ଏବଂ ରାମରାଜତାଲାଠାରେ ଆଭ୍ୟନ୍ତରୀଣ କ୍ଷେତ୍ର (ଅଣ ଡିଜିଟାଟ୍) ପାଇଁ ୧୩ ଗୋଟି ଷ୍ଟେଶନ ଲଟ୍ ଏବଂ ରେକ୍‌ଗୁଡ଼ିକରେ ସମ୍ପୂର୍ଣ୍ଣ ବଡି ବିଜ୍ଞାପନ ପାଇଁ ୧୩ ଗୋଟି ମେଲ୍/ଏକ୍ସପ୍ରେସ୍, ଯାହା ୱେବ୍‌ସାଇଟ୍ https://www.ireps.gov.inରେ ଅଧିସୂଚିତ ହୋଇଛି । (୧) **ବର୍ଗ:** ୧୩ ଗୋଟି ଷ୍ଟେଶନ । **କାଟାଲଗ୍ ନଂ.:** ଏଡିଭିଟି-କେଜିପି-ଓଏସ୍‌ଏନ୍-୦୨, ତାରିଖ ୦୮।୦୮।୨୦୨୨ । **ନିଲାମ ତାରିଖ:** ୨୪।୦୮।୨୦୨୨ । **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଟିକା । **ନିଲାମ ସମାପ୍ତି ସମୟ:** ୧୪.୩୦ ଘଟିକା । (୨) **ବର୍ଗ:** ୧୩ ଗୋଟି ମେଲ୍/ଏକ୍ସପ୍ରେସ୍ । **କାଟାଲଗ୍ ନଂ.:** ଏଡିଭିଟି-କେଜିପି-ଏମ୍‌ଇ-୦୨, ତାରିଖ ୦୮।୦୮।୨୦୨୨ । **ନିଲାମ ତାରିଖ:** ୨୫।୦୮।୨୦୨୨ । **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଟିକା । **ନିଲାମ ସମାପ୍ତି ସମୟ:** ୧୪.୩୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ତଥା ତତ୍-ସମ୍ପର୍କିତ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-453) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

# ଘର ଭୁଶୁଡ଼ି ବୃଦ୍ଧଙ୍କ ମୃତ୍ୟୁ

କୋରାପୁଟ/ଦଶମନ୍ତପୁର, ୧୦।୮(ସ୍ୱ.ପ୍ର./ଡି.ଏନ.ଏ.)

ଗତ ୨୪ ଘଣ୍ଟାରେ କୋରାପୁଟ ଜିଲାରେ ୪୮୯.୬ ମି.ମି. ବର୍ଷା ହୋଇଛି। ଲଗାତର ବର୍ଷା ଲାଗି ରହିଥିବାରୁ ବୁଧବାର ସକାଳେ ଜିଲାର ଦଶମନ୍ତପୁର ବ୍ଲକର ଫୁଲବେଡା ଗ୍ରାମରେ ଏକ ଘର ଭୁଶୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ କୁହାଯାଇଛି। ମୃତକଙ୍କ ନାମ ଚନ୍ଦ୍ର ମୁଦୁଲି (୬୦)। ଚନ୍ଦ୍ର ଘରେ ଶୋଇଥିବାବେଳେ ଘର ଭୁଶୁଡ଼ି ପଡିଥିଲା। ଖବରପାଇ ଗ୍ରାମବାସୀ ଚନ୍ଦ୍ରଙ୍କୁ ଘର କାନ୍ଥ ତଳୁ ଉଦ୍ଧାର କରିବାବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ୨ପୁଅ ଅଲଗା ରହିବା ପରେ ଚନ୍ଦ୍ର ଓ ତାଙ୍କ ସ୍ତ୍ରୀ ବୈଦୀ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଘରେ ରହି ଆସୁଥିଲେ। ସେମାନଙ୍କୁ ଆବାସ ଯୋଜନାରେ ଘର ଯୋଗାଇଦେବାକୁ ଅନେକ ଥର ପ୍ରଶାସନକୁ ଜଣାଇଥିଲେ ମଧ୍ୟ ତାଙ୍କ କଥା କେହି ଶୁଣି ନ ଥିଲେ।

# ୧୩ରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର,୧୦।୮(ବ୍ୟୁରୋ)

- ମହାନଦୀ, ବୁଢ଼ାବଳଙ୍ଗ, ବୈତରଣୀ ଫୁଲୁଛି
- ବିପଦ ସଙ୍କେତ ଉପରେ ବଂଶଧାରା
- ମହାନଦୀରେ ହୋଇପାରେ ଛୋଟ ଧରଣ ବନ୍ୟା

ଉତ୍ତର ବଙ୍ଗୋପସାଗର, ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ବୁଧବାର ଦୁର୍ବଳ ହୋଇ ଛତିଶଗଡ଼ ଏବଂ ପୂର୍ବ ମଧ୍ୟପ୍ରଦେଶ ଉପରେ ରହିଛି। ଆସନ୍ତା ୧୨ ଘଣ୍ଟା ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ଦୁଇ ଦିନ ପରେ ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇବ। ତେବେ ଆସନ୍ତା ୧୩ ତାରିଖରେ ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଲଘୁଚାପ ଯୋଗୁ ରାଜ୍ୟରେ ଗତ ୩ ଦିନ ଧରି ବର୍ଷା ଲାଗି ରହିଛି। ବିଶେଷ କରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ ସମ୍ବଲପୁର ଜମନକିରାରେ ୧୪୭ ମିମି ବର୍ଷା ହୋଇଥିବା ବେଳେ ଝାରସୁଗୁଡ଼ା ୧୩୬, ସମ୍ବଲପୁର ୧୨୫, ବରଗଡ଼ ୧୧୫, ବୁର୍ଲା ୧୧୨.୪, ଅନୁଗୋଳ ୧୦୭, ନବରଙ୍ଗପୁର ୯୫, ଦେବଗଡ଼ ୯୪, କଳାହାଣ୍ଡି ୯୧, ବାଙ୍କୀରେ ୯୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ପ୍ରବଳବର୍ଷା ଯୋଗୁ ମହାନଦୀର ନରାଜ, ବୈତରଣୀ ନଦୀର ଆନନ୍ଦପୁର, ବୁଢ଼ାବଳଙ୍ଗ ନଦୀର ଏନଏଚ-୫, ଜଳକାର ମଥାନୀଠାରେ ବନ୍ୟାଜଳ ବୃଦ୍ଧିପାଉଛି। ତେବେ ବଂଶଧାରା ନଦୀର କାଶୀନଗରଠାରେ ବନ୍ୟା ଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳମାନଙ୍କୁ ସତର୍କ ରହିବାକୁ ଏସ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି।

ଏହାର ପ୍ରଭାବରେ ୧୩ ଓ ୧୪ ଦୁଇଦିନ ଯାଏ ରାଜ୍ୟର ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ଏଥିଯୋଗୁ ମହାନଦୀ ଓ ଏହାର ଶାଖା ନଦୀରେ ଛୋଟଧରଣର ବନ୍ୟା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ୧୩ ତାରିଖରେ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କଟକ, ନୟାଗଡ଼, କନ୍ଧମାଳ ଓ କଳାହାଣ୍ଡି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଏହି ସମୟରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଗଜପତି, ଢେଙ୍କାନାଳ, ବୌଦ୍ଧ, ଅନୁଗୋଳ, ରାୟଗଡ଼ା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ସୋନପୁର, ସମ୍ବଲପୁର ଓ ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଏହି ସବୁ ଜିଲା ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି।

ଆସନ୍ତା ୧୪ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଆସନ୍ତା ୧୯ ତାରିଖରେ ଓଡ଼ିଶା ଏବଂ ଛତିଶଗଡ଼ ଉପରେ ଏକ ଘର୍ଣ୍ଣିବଳୟ ସୃଷ୍ଟି ହେବ। ଏହାର ପ୍ରଭାବରେ ଦୁଇଦିନ ପ୍ରବଳ ବର୍ଷା ହେବ।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. 08-SBP-TRD-OT-2022-23, ତା.03.08.2022
କାର୍ଯ୍ୟର ନାମ : 02 ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ବରଗଡ଼ ରୋଡ୍ ଡିପୋର 4 ଚକିଆ ଟାୱାର କାର/ୱାଗନ ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (AMC) ଏବଂ ବଇଣ୍ଡା, ସମ୍ବଲପୁର ସିଟି, ବଲାଙ୍ଗୀର, ମୁନିଗୁଡ଼ା, ମହାସମୁନ୍ଦ, ବରଗଡ଼ ରୋଡ୍, ଟିଟିଲାଗଡ଼, କଣ୍ଟାବାଞ୍ଜି, ରୁପ୍ରା ରୋଡ୍ OHE ଡିପୋଗୁଡ଼ିକର 09 ଗୋଟି ଟାୱାର କାର / ୱାଗନର 15 ଗୋଟି କମିନ୍ସ (Cummins) ଇଞ୍ଜିନ୍ ନିମନ୍ତେ B, C ଏବଂ D ଯାଞ୍ଚ ପାଇଁ ରକ୍ଷଣାବେକ୍ଷଣ ଚୁକ୍ତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 60,12,201.71, EMD (ଟଙ୍କାରେ) : ₹ 1,20,300/-, ଶେଷ ହେବା ଅବଧି : 24 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.08.2022ରିଖ 1530 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-369/N/22-2

# ଲଗାଣ ବର୍ଷା ଯୋଗୁ ହଇଜା ବ୍ୟାପିପାରେ

**ସତର୍କ ରହିବାକୁ ପରାମର୍ଶ**

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ଲଗାଣ ବର୍ଷା ଯୋଗୁ ରାଜ୍ୟରେ ହଇଜା, ଝାଡ଼ାବାନ୍ତି ବ୍ୟାପିପାରେ। ତେଣୁ ସତର୍କ ରହିବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ବର୍ଷାରେ ଜଳବାହିତ ରୋଗ ବଢ଼ିଯିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଏନେଇ ସବୁ ଜିଲାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସତର୍କ ରହି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଝାଡ଼ାବାନ୍ତି ବ୍ୟାପିଥିବା ୭ ଜିଲା ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି। ଏବେ ବି ସେହି ୭ ଜିଲାରେ ଡାକ୍ତରୀ ଟିମ୍ ବୁଲୁଛନ୍ତି। ସେହିପରି ଲୋକଙ୍କୁ ସଚେତନ କରାଯାଉଛି। ସ୍ୱଚ୍ଛ ପାଣି ବ୍ୟବହାର କରିବା, କୌଣସି ଉତ୍ସରୁ ପାଣି ବ୍ୟବହାର ନ କରିବା ପାଇଁ ପରାମର୍ଶ ଦିଆଯାଇଛି। କାରଣ ଏବେ ବି ବାହାରେ ଲୋକେ ମଳତ୍ୟାଗ କରୁଛନ୍ତି। ତାହା ବାହାର ପାଣିରେ ମିଶୁଛି। ଫଳରେ ସଂକ୍ରମଣ ବଢ଼ିବ। ତେଣୁ ସେହି ପାଣି ନ ପିଇବା ଓ ଅନ୍ୟ କୌଣସି କାମରେ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦିଆଯାଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ସୂଚନାଯୋଗ୍ୟ, ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ସାରା ରାଜ୍ୟରେ ଏବେ ଲଗାଣ ବର୍ଷା ଜାରି ରହିଛି। ସେପଟେ ଆଗକୁ ଆଉ ଏକ ଲଘୁଚାପ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆଗକୁ ଏହିଭଳି ବର୍ଷା ଲାଗି ରହିବ। ତେଣୁ ଲଗାଣ ବର୍ଷାଜନିତ ସ୍ଥିତି ମୁକାବିଲା କରିବାକୁ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଛି।

**ଦ.ପୂ. ରେଳପଥ - ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ ଟିଆରଡି/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଟେଣ୍ଡରଗୁଡ଼ିକ ତା୦୨।୦୯।୨୦୨୨ରିଖ ୧୫.୩୦ ଘଟିକାରେ ଖୋଲାଯିବା ପାଇଁ ଧାର୍ଯ୍ୟ ଅଟେ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧) ସିକେପି-ଟି-୬୦୫-ଆରଏସ୍‌ପି, ତାରିଖ ୦୮।୦୮।୨୦୨୨; ଏକବର୍ଷ ପାଇଁ ଚକ୍ରଧରପୁର ଡିଭିଜନରେ ରାଉରକେଲାଠାରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସ୍‌ପି) ସାଇଡିଂର ଓଏଚ୍‌ଇ/ପିଏସ୍‌ଆଇ ରକ୍ଷଣାବେକ୍ଷଣ । ₹୧,୬୮,୭୮,୧୦୪.୩୬; ₹୨,୩୯,୪୦୦/-। (୨) ସିକେପି-ଟି-୮୧୬-ବିଏନ୍‌ଡିଏମ୍-ଇଏକ୍ସ-ଓ୍ୱାଇଡି, ତାରିଖ ୦୮।୦୮।୨୦୨୨; ଚକ୍ରଧରପୁର ଡିଭିଜନର ବଣ୍ଡାମୁଣ୍ଡା ଏକ୍ସଚେଞ୍ଜ ୟାର୍ଡଠାରେ ଡିଟାଚ୍‌ମେଣ୍ଟ ଫ୍ରି ରେକ୍ ଏକ୍ସାମିନେଶନ୍ ୟାର୍ଡର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍‌ଇ ସଂଶୋଧନ କାର୍ଯ୍ୟ; ₹୨୩,୨୪,୦୯୩.୨୩; ₹୪୬,୫୦୦/-। (୩) ସିକେପି-ଟି-୮୧୫-କେଆରବିୟୁ-ଓ୍ୱାଇଡି, ତାରିଖ ୦୮।୦୮।୨୦୨୨; ଚକ୍ରଧରପୁର ଡିଭିଜନରେ କିରିବୁରୁ ୟାର୍ଡର ରିମଡେଲିଂ ସଂକ୍ରାନ୍ତରେ ଓଏଚ୍‌ଇ ସଂଶୋଧନ କାର୍ଯ୍ୟ । ₹୧୩,୦୭,୨୦୯.୫୨; ₹୨୬,୨୦୦/-। **ସମାପ୍ତି ଅବଧି:** ପ୍ରତ୍ୟେକ ପାଇଁ ୧୨ ମାସ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୨।୦୯।୨୦୨୨ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୦୨।୦୯।୨୦୨୨ରିଖ ୧୫.୩୦ ଘଟିକା । ଇ-ଟେଣ୍ଡର ଖୋଲାଯିବା ସ୍ଥାନ: ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଦ.ପୂ. ରେଳପଥ । ଇ-ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **(PR-451)**

# ଉଚ୍ଚଶିକ୍ଷା ସଚିବ ଦାୟିତ୍ୱ ନେଲେ ବିଷ୍ଣୁପଦ ସେଠୀ



ବିଷ୍ଣୁପଦ ସେଠୀଙ୍କ ବୁଧବାର ଦାୟିତ୍ୱ ଗ୍ରହଣ ଅବସରରେ କର୍ମଚାରୀମାନେ ଶୁଭେଚ୍ଛା ଜଣାଉଛନ୍ତି।

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ବିଷ୍ଣୁପଦ ସେଠୀ ବୁଧବାର ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଉଚ୍ଚଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା ଆଦି ସମ୍ପର୍କରେ ସେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଭାଗକୁ ଅଧିକ କ୍ରିୟାଶୀଳ କରିବା ତଥା ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବା ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ।

# ଘର ସହ ପୋଡ଼ିଗଲେ ଶିଶୁ କନ୍ୟା

କପ୍ତିପଦା,୧୦।୮(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ଭଣ୍ଡାର ଗ୍ରାମରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଛି। ଘରେ ନିଆଁ ଲାଗି ଜଣେ ଶିଶୁ କନ୍ୟା ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ଉକ୍ତ ଗ୍ରାମର ଚୈତନ୍ୟ ମହାକୁଡ଼ଙ୍କ ଦୁଇ ମାସର ଝିଅ ଶିବାନୀ ଚୁଲି ପାଖ ଏକ ଖଟିଆରେ ଶୋଇଥିଲେ। ପରିବାର ଲୋକେ ଚୁଲିରେ କାଠ ଲଦି ବାହାରକୁ ଯାଇଥିଲେ। ଏହି ସମୟରେ କାଠ ଜଳିଉଠିବା ସହ ଘରେ ନିଆଁ ଲାଗି ଯାଇଥିଲା। ଏହି ନିଆଁରେ ଖଟିଆରେ ଶୋଇଥିବା ଶିବାନୀ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲେ। ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଲା ବେଳେକୁ ଶିବାନୀଙ୍କ ମୃତ୍ୟୁ ହୋଇଯାଇଥିଲା।

fssai
ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ କର୍ତ୍ତୃପକ୍ଷ
ବିଶ୍ୱାସକୁ ପ୍ରେରିତ କରୁଛି, ସୁରକ୍ଷିତ ଓ ପୁଷ୍ଟିକର ଖାଦ୍ୟକୁ ସୁନିଶ୍ଚିତ କରୁଛି
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର
**ଜାତୀୟ 'ରେଫରେନ୍ସ ଲାବରେଟୋରୀ' ଭାବେ ଘୋଷିତ ହେବା ପାଇଁ ଏଫ୍‌ଏସ୍‌ଏସ୍‌ଏଆଇ ସ୍ୱୀକୃତିପ୍ରାପ୍ତ ଖାଦ୍ୟ ପରୀକ୍ଷଣ ଲାବରେଟୋରୀ (ଅଧିସୂଚିତ ପ୍ରାଥମିକ ଏବଂ/କିମ୍ବା ରେଫେରାଲ୍ ଲାବରେଟୋରୀ)ଗୁଡ଼ିକଠାରୁ ଆଗ୍ରହର ଅଭିବ୍ୟକ୍ତି (ଇଓଆଇ)**
ଖାଦ୍ୟ ସୁରକ୍ଷା ଏବଂ ମାନକ (ଲାବରେଟୋରୀଗୁଡ଼ିକର ସ୍ୱୀକୃତି ଏବଂ ଅଧିସୂଚନା) ବିନିୟମ, ୨୦୧୮ ଅନୁଯାୟୀ ଜାତୀୟ 'ରେଫରେନ୍ସ ଲାବରେଟୋରୀ' ଭାବେ ଘୋଷିତ ହେବା ପାଇଁ ଯୋଗ୍ୟ ଏଫ୍‌ଏସ୍‌ଏସ୍‌ଏଆଇ ସ୍ୱୀକୃତିପ୍ରାପ୍ତ ଖାଦ୍ୟ ପରୀକ୍ଷଣ ଲାବରେଟୋରୀ (ଏଫ୍‌ଏସ୍‌ଏସ୍ ଅଧିନିୟମ, ୨୦୦୬ର ଧାରା ୪୩ ଅଧୀନରେ ଅଧିସୂଚିତ ପ୍ରାଥମିକ ଏବଂ/କିମ୍ବା ରେଫେରାଲ୍ ଲାବରେଟୋରୀ)ଗୁଡ଼ିକଠାରୁ ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନ କରାଯାଉଛି ।
ଯୋଗ୍ୟତା ମାନଦଣ୍ଡ, ଇଓଆଇର ଦାଖଲ ତଥା ପ୍ରକ୍ରିୟାକରଣ ସମ୍ବନ୍ଧୀୟ ସବିଶେଷ ସୂଚନା ଏଫ୍‌ଏସ୍‌ଏସ୍‌ଏଆଇ ୱେବ୍‌ସାଇଟ୍: **fssai.gov.in** ତଥା ଇନ୍‌ଫୋଲ୍‌ନେଟ୍ ପୋର୍ଟାଲ୍ **(infolnet.fssai.gov.in)**ରେ ଉପଲବ୍ଧ । ଇଓଆଇ ଗ୍ରହଣ କରାଯିବାର ଶେଷ ତାରିଖ ହେଉଛି **ତା୧୫।୦୯।୨୦୨୨ରିଖ ଅପରାହ୍ନ ୩.୦୦ ଘଟିକା ।**
ଉପଦେଷ୍ଟା (ଗୁଣବତ୍ତା ଆଶ୍ୱାସନା ଡିଭିଜନ)
CBC 17163/12/0018/2223

**Government of Odisha**
**Higher Education Department**
**Timeline for e-Admission into U.G. Courses in Higher Education Institutions for the Academic year 2022-23**

No. N-26: Timeline for e-Admission in all (+13) Degree HEIs including Self Financing (Degree) HEIs/Sanskrit (Shastri) of the State under Student Academic Management System (SAMS) is given below. In the process, the applicants have to fill up the Common Application Form (CAF) for admission. Any changes in the timelines will be published in the newspapers as well as in the website **www.samsodisha.gov.in**. **Kindly refer the Common Prospectus (CP) before filling up the CAF.**

| Sl # | Items | Timeline |
|---|---|---|
| 1) | Availability of the Online Common Application Form (CAF) in the website **www.samsodisha.gov.in** | 11th Aug. 2022 **(11.00 A.M.)** |
| 2) | Last date of applying online CAF through **www.samsodisha.gov.in**. | 25th Aug. 2022 **(11.45 P.M.)** |
| 3) | Publication of **First Selection Merit List** | 31st Agu. 2022 **(11.00 A.M.)** |
| 4) | Admission and online data updation of admitted students in **First Selection (Data updation shall continue upto 07.00 P.M. on 5th Sept. 2022)**. | 2nd Sep. 2022 to 5th Sep. 2022 **(Upto 05.00 P.M.) (Except Sunday)** |
| 5) | Filling up of **slide-Up Option Form** online by admitted students. | 2nd Sept. 2022 to 5th Sept. 2022 **(11.45 P.M.)** |
| 6) | Publication of **Second Selection Merit List** | 11th Sept. 2022 **(11.00 A.M.)** |
| 7) | Admission and online data updation of admitted students in **Second Selection (Data updation shall continue upto 07.00 P.M. on 14th Sept. 2022)**. | 12th Sept. 2022 to 14th Sept. 2022 **(05.00 P.M.)** |
| 8) | Publication of vacant seats in SAMS website and Institution e-space of Higher Education Institutions | 16th Sept. 2022 **(02.00 P.M.)** |
| 9) | Complete verification regarding the vacancy position in different subjects by the HEIs in HEI e-Space for verification at the level of SAMS | 16th Sept. 2022 **(03.00 P.M. onwards) to 17th Sept. 2022 (upto 03.00 P.M.)** |
| 10) | Availability for filling of **CAF (SPOT)** in the existing Applicatnt's login (bearing Barcode No. 22D .................) with new choices (Maximum 5 choice with respect to HEIs/Subjects) **(Note: Applicants, who have registered and submitted their CAF during 1st Phase admission process i.e. in between 11th Aug. 2022 to 25th Aug. 2022, are only eligible to apply)**. | 19th Sept. 2022 **(02.00 P.M.) to** 21st Sept. 2022 **(11.45 P.M.)** |
| 11) | Submission of handwritten **Annexure Form-A** by Applicants to HEIs along with the printed copy of the edited **CAF (SPOT)**, a photocopy of self-attested Mark Sheet, PwD Certificate, etc. | 20th Sept. 2022 to 22nd Sept. 2022 **(05.00 P.M.)** |
| 12) | Preparation & Publication of Select List in HEI notice board out of the reported candidates as per actual vacancy by respective HEIs after de-reservation of all seats and updation of selected Applicant's data in Institutions e-Space by the respective HEI. | 24th Sept. 2022 (Merit List Publication **11.00** A.M.) Data Updation upto **(02.00 P.M.)** |
| 14) | Reflecting the selected Applicant's option/s in the Applicatnt's login after updation made by the respective HEI in their e-Space | 25th Sept. 2022 **(11.00 A.M.)** to 27th Sept. 2022 **(11.00 A.M.)** |
| 15) | If a selected Applicant got multiple choices/options,, S/he has to choose only one selected opton for taking SPOT Admission. **(Note: Once the Applicant selects one option from the multiple options, the other options will be immediately disabled. No further editiing is possible. Thus, Applicants before selecting options for taking admission S/he should think carefully)**. | 25th Sept. 2022 **(11.00 A.M.)** to 27th Spet. 2022 **(11.00 A.M.)** |
| 16) | Document verification & Admission of the selected Applicants | 26th Sept. 2022 to 28th Sept. 2022 **(05.00 P.M.)** |
| 17) | Final admission data updation in the e-space of respective HEIs | 29th Sept. 2022 **(07.00 P.M.)** |
| 18) | Collection of Admission Fees at the respective HEIs **(After completion of e-Admission Process for the Session 2022-23)**. | Dates will be notified by the Higher Education Department later |

**For more details please contact:**
**e-Admission Helpline (Toll Free) Number 155335/1800-345-6770**
OIPR-11001/11/0016/2223 **Sd./- Deputy Director, PTC Section**

**NOTICE**
**IN THE DEBT RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 500 of 2019**
**CANARA BANK**
**(E-Syndicate Bank)**
**Vani Vihar Branch**
**Sahid Nagar, Bhubaneswar**
**Dist-Khurda.................................................... Applicant**
**AND**
**M/s.Mahavir Enterprises & Others.....................Defendants**
**To**
1. M/s. Mahavir Enterprises, Represented through its proprietor: Mr. Gouri Sankar Mishra, At-Sidhimandap Campus, Kotitirtha Lane, Near Kedar Gouri Temple, Old Town, Bhubaneswar, Dist-Khurda, Pin-751002.
2. Mr. Gouri Sankar Mishra, S/o. Late Minaketan Mishra, At-Sidhimandap Campus, Kotitirtha Lane, Near Kedar Gouri Temple, Old Town, Bhubaneswar, Dist-Khurda, Pin-751002.
3. Mr. Asit Kumar Ghose, S/o-Late Baishnab Chandra Ghose, At: Radha Krishna Road, Lewis Road near Garage Chhaka, Bhubaneswar, District- Khurda, Pin-751002.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted a suit in O.A. No. 500 of 2019 in the Court of Debts Recovery Tribunal at Cuttack for a recovery of Rs.54,78,410.00 only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 15th day of Sept. 2022 at 10.30 A.M. as to why reliefs prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this 28th day of July 2022.
**Sd./- Registrar**
**Debts Recovery Tribunal**

**NOTICE**
**IN THE DEBT RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 471 of 2019**
**CANARA BANK**
**(E-Syndicate Bank)**
**Paradeep Port Branch**
**Paradeep, Dist-Jagatsinghpur ............................. Applicant**
**AND**
**Susanta Kumar Swain & Others.......................Defendants**
**To**
1. Mr. Susanta Kumar Swain, S/o- Sunakar Swain, At-Plot No.457, Bijayachandrapur, PO-Atharbanki, PS-Paradeep, Dist-Jagatsinghpur, Pin-754141.
2. Mr. Golekha Chandra Sahoo, S/o-Krushna Chandra Sahoo, At-Plot No.457, Bijayachandrapur, PO-Atharbanki, PS-Paradeep, Dist- Jagatsinghpur, Pin-754141.
3. Smt. Jyostna Rani Swain, W/o-Susanta Kumar Swain, At-Plot No.457, Bijayachandrapur, PS- Atharbanki, PS- Paradeep, Dist- Jagatsinghpur, Pin-754141.
4. Mr. Harekrushna Malla, S/o- Late Narayan Malla, At- VMK-3, Badapadia, PS- Paradeep, Dist- Jagatsinghpur-754141.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**
Take notice that the applicant has instituted a suit in O.A. No. 471 of 2019 in the Court of Debts Recovery Tribunal at Cuttack for a recovery of Rs.71,42,658.39 only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 22nd day of Sept 2022 at 10.30 A.M. as to why reliefs prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this 25th day of July 2022.
**Sd./- Registrar**
**Debts Recovery Tribunal**

See Career Appointment on every Wednesday & Saturday

## ଶେୟାର ବଜାରରେ ଅସ୍ଥିର କାରବାର

**ନୂଆଦିଲ୍ଲୀ:** ଗତ କିଛି ଦିନ ହେବ ଶେୟାର ବଜାରରେ ଲାଭ କ୍ଷତିର କାରବାର ଜାରି ରହିଥିଲା। ହେଲେ ବୁଧବାର ଶେୟାର ବଜାର ଆରମ୍ଭରୁ ତଳ ଉପର ହୋଇ ଏକ ଅସ୍ଥିର ବ୍ୟବସାୟରେ ଦିନର କାରବାର ଶେଷ କରିଥିଲା। ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ଏକ ଭିନ୍ନ କାରବାର ଦେଖିବାକୁ ମିଳିଛି। ବୁଧବାର ସେନ୍‌ସେକ୍ସ ୩୬ (୩୫.୭୮) ପଏଣ୍ଟ ହ୍ରାସ ଘଟି ୫୮,୮୧୭ (୫୮,୮୧୭.୨୯) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ କିନ୍ତୁ ୧୦ (୯.୬୫) ପଏଣ୍ଟ ବୃଦ୍ଧି ଘଟି ୧୭,୫୩୫ (୧୭,୫୩୪.୭୫) ଅଙ୍କରେ କାରବାର ଶେଷ କରିଥିବା ସୂଚନା ମିଳିଛି।

# ଆକାଶ ବାଇଜୁସ୍‌ର 'ସମସ୍ତଙ୍କ ପାଇଁ ଶିକ୍ଷା'

**ଭୁବନେଶ୍ୱର,୧୦।୮**

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ଆକାଶ ବାଇଜୁସ୍ ଜାତୀୟସ୍ତରରେ ଏକ ସ୍ୱତନ୍ତ୍ର ପ୍ରକଳ୍ପ 'ସମସ୍ତଙ୍କ ପାଇଁ ଶିକ୍ଷା'ର ଶୁଭାରମ୍ଭ କରିଛି। ଏହା ଜରିଆରେ ବେସରକାରୀ କୋଚିଂ କ୍ଷେତ୍ରରେ ଛାତ୍ରୀମାନଙ୍କର ଅନ୍ତର୍ଭୁକ୍ତି ଏବଂ ସଶକ୍ତୀକରଣ ପାଇଁ ଏକ ବୃହତ ଅଭିଯାନର ମଧ୍ୟ ଆୟୋଜନ କରୁଛି। ଏଥିରେ ୨୦୦୦ ବଞ୍ଚିତ ଓ ଛାତ୍ରୀମାନଙ୍କୁ (୮ମରୁ ଦ୍ୱାଦଶ ପର୍ଯ୍ୟନ୍ତ) ମାଗଣାରେ ଏନ୍‌ଇଇଟି ଏବଂ ଜେଇଇ କୋଚିଂ ଓ ସ୍କଲାରଶିପ ପ୍ରଦାନ କରାଯିବ ବୋଲି ଘୋଷଣା କରିଛି। ଏପରିକି ସମଗ୍ର ଦେଶରେ ଏକ ସମୟରେ ୪୫ଟି ସ୍ଥାନରେ ଏହି ପ୍ରକଳ୍ପର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦିଲ୍ଲୀ ଏରୋସିଟିସ୍ଥିତ ଜେଡବ୍ଲ୍ୟୁ ମାରିଅଟ ହୋଟେଲ ପରିସରରେ ମଙ୍ଗଳବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆକାଶ ବାଇଜୁସ୍‌ର ଚେୟାରମ୍ୟାନ ଜେ.ସି. ଚୌଧୁରୀ, ଏମ୍‌ଡି ଆକାଶ ଚୌଧୁରୀ ଏବଂ ସିଇଓ ଅଭିଷେକ ମାହେଶ୍ୱରୀଙ୍କ ସମେତ ଅନୁଷ୍ଠାନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ନଭେମ୍ବର ୫ରୁ ୧୩ ପର୍ଯ୍ୟନ୍ତ ଆୟୋଜନ କରାଯାଉଥିବା



'ଆନ୍ଥେ-୨୦୨୨ ଏବଂ ସମସ୍ତଙ୍କ ପାଇଁ ଶିକ୍ଷା' ପ୍ରକଳ୍ପକୁ ଓଡ଼ିଶା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଆକାଶ ବାଇଜୁସ୍‌ର ଭୁବନେଶ୍ୱର ଶାଖା ନିର୍ଦ୍ଦେଶକ ଏ.ବି. ସିଂ ଓ ଅନ୍ୟମାନେ ଶୁଭାରମ୍ଭ କରୁଛନ୍ତି।

ଇନ୍‌ଷ୍ଟିଚ୍ୟୁଟର ଛାମୁଆ ସ୍କଲାରଶିପ ପରୀକ୍ଷା 'ଆକାଶ ବାଇଜୁସ୍ ଜାତୀୟ ଟାଲେଣ୍ଟ ହଣ୍ଟ ଏକ୍‌ଜାମ-୨୦୨୨' (ଆନ୍ଥେ- ୨୦୨୨) ହେବ। ଉକ୍ତ ପରୀକ୍ଷାରୁ ଶ୍ରେଷ୍ଠ ୨୦୦୦ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ବିବେଚନା ଆଧାରରେ ଆକାଶ ବାଇଜୁସ୍‌ର ସବୁଠାରୁ ଆକାଂକ୍ଷିତ ଏନ୍‌ଇଇଟି ଏବଂ ଆଇଆଇଟି-ଜେଇଇ ପାଠ୍ୟକ୍ରମ ମାଗଣାରେ କୋଚିଂ ଦିଆଯିବ। ସେହିପରି ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରିବାକୁ ଆକାଶ ବଛାବଛା ଏନ୍‌ଜିଓଙ୍କ ସହ ସହଭାଗିତା କରିବ।

ଏ ସମ୍ପର୍କରେ ଆକାଶ ବାଇଜୁସ୍‌ର ମ୍ୟାନେଜିଂ ଡାଇରେକ୍ଟର ଆକାଶ ଚୌଧୁରୀ କହିଛନ୍ତି, 'ଏହି କ୍ଷେତ୍ରରେ ଦୀର୍ଘକାଳ ଧରି ରହିଥିବା ଦୃଷ୍ଟିରୁ ଆମେ ଲକ୍ଷ୍ୟ କରୁଛୁ ଯେ ଆମ ଦେଶରେ କେବଳ ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା ନିମନ୍ତେ ଆଶା ଆକାଂକ୍ଷା ବୃଦ୍ଧି ପାଉଛି। ବିଗତ ଦିନଗୁଡିକ ଭଳି ଆନ୍ଥେ-୨୦୨୨ର ତ୍ରୟୋଦଶ ସଂସ୍କରଣର ମେଧାବୀ ଛାତ୍ରୀଛାତ୍ରଙ୍କୁ ୧୦୦% ପର୍ଯ୍ୟନ୍ତ ସ୍କଲାରଶିପ ସହ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ନଗଦ ଅର୍ଥ ପୁରସ୍କାର ଦେବ। ଏହା ବ୍ୟତୀତ ୫ ଜଣ ଛାତ୍ରୀଛାତ୍ର ସେମାନଙ୍କର ଜଣେ ଅଭିଭାବକଙ୍କ ସହ ମାଗଣାରେ ନାସା ଗସ୍ତ କରିବା ସୁଯୋଗ ପାଇପାରିବେ। ଏହାର ପ୍ରଚଳନ ଦିନଠାରୁ ଆନ୍ଥେ ୩୩ ଲକ୍ଷରୁ ଅଧିକ ଛାତ୍ରୀଛାତ୍ରଙ୍କୁ ସ୍କଲାରଶିପ ପ୍ରଦାନ କରିଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଆନ୍ଥେ ଛାତ୍ରୀଛାତ୍ର ମଧ୍ୟ ଉପସ୍ଥିତ ଥିଲେ। ପରିଶେଷରେ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ଶିକ୍ଷାଗତ ସଫଳତା ନିମନ୍ତେ ଟ୍ରଫି ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ବୃଦ୍ଧି ପାଉଛି ବିଭିନ୍ନ ଡାଲିର ମୂଲ୍ୟ

**ନୂଆଦିଲ୍ଲୀ,୧୦।୮:** ମୌସୁମୀ ବର୍ଷା ଓ ଆମଦାନୀର ହ୍ରାସ ଯୋଗୁ ବିଭିନ୍ନ ବର୍ଗର ଡାଲିର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇଛି। ଖାଇବା ତେଲ ପରେ ବର୍ତ୍ତମାନ ଡାଲି ଦର ଆକାଶଛୁଆଁ ରହିବା ଉଭୟ ସରକାର ଓ ଖାଉଟିଙ୍କ ଚିନ୍ତା ବଢାଇ ଦେଇଛି। ଗତ ୬ ସପ୍ତାହ ମଧ୍ୟରେ ହରଡ଼ ଡାଲି ଏବଂ ବିରି ଡାଲିର ଦାମ ୧୫% ରୁ ଊର୍ଦ୍ଧ୍ୱ ବୃଦ୍ଧି ଘଟିଛି। ଏହାର ସବୁଠାରୁ ବଡ଼ କାରଣ ହେଉଛି ଉକ୍ତ ଫସଲ ଉତ୍ପାଦନ ଅଞ୍ଚଳରେ ଅଧିକ ଜଳ ପ୍ରବାହ ହେତୁ ଫସଲ କ୍ଷତିର ଆଶଙ୍କା ସାଙ୍ଗକୁ ଖରିଫ୍ ଋତୁରେ କମ୍ ମହଜୁଦ ଯୋଗୁ ଏଭଳି ହେଉଥିବା କୁହାଯାଇଛି। ବିଶେଷକରି ମହାରାଷ୍ଟ୍ରର ଲାତୁରରେ ଭଲ ଗୁଣବତ୍ତାର ହରଡ଼ ଡାଲିର ଏକ୍ସ-ମିଲ୍ ଦାମ୍ ଗତ ୬ ସପ୍ତାହ ପୂର୍ବରୁ ପାଖାପାଖି ୯୭ ଟଙ୍କା ରହିଥିଲା। ହେଲେ ବର୍ତ୍ତମାନ ଏହାର ମୂଲ୍ୟ କିଲୋଗ୍ରାମ୍ ପିଛା ୧୧୫ ଟଙ୍କାରେ ବିକ୍ରି ହେଉଛି। ସେହିପରି କୃଷି ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ତାଜା ସୂଚନା ଅନୁସାରେ ହରଡ଼ ଡାଲିର ଦାମ୍ ଗୋଟିଏ ବର୍ଷ ପୂର୍ବରୁ ୪.୬% ଏବଂ ବିରି ଡାଲି ୨% କମ୍ ରହିଥିଲା। ପ୍ରମୁଖ ଡାଲି ଜାତୀୟ ଶସ୍ୟ ଉତ୍ପାଦିତ ଅଞ୍ଚଳରେ ଜଳ ପ୍ରବାହ ହେତୁ ଫସଲ କ୍ଷତି ହେବା ଆଶଙ୍କା କରି ଦାମ୍ ବୃଦ୍ଧି କରାଯାଉଥିବା କୁହାଯାଉଛି। ଅପରପକ୍ଷରେ ଆଫ୍ରିକାରୁ ଆସୁଥିବା ୫ ଲକ୍ଷ ଟନ୍ ଡାଲି ଜାତୀୟ ଶସ୍ୟ ଅଗଷ୍ଟ ଶେଷ କିମ୍ବା ସେପ୍ଟେମ୍ବର ପହିଲା ସୁଦ୍ଧା ଆସିବା ନେଇ ଅନୁମାନ କରାଯାଉଛି।

## ଚାନ୍ଦବାଲି ସହରରେ 'ଟ୍ରେଣ୍ଡ୍‌ସ'ର ଏକ୍ସକ୍ଲୁସିଭ ଷ୍ଟୋର




**ଭୁବନେଶ୍ୱର,୧୦।୮**

ରିଲାଏନ୍ସ ରିଟେଲର ପୋଷାକ ଏବଂ ଆସେସୋରିଜ ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍‌ସର ଏକ୍ସକ୍ଲୁସିଭ ଷ୍ଟୋର ଭଦ୍ରକ ଜିଲା ଅନ୍ତର୍ଗତ ଚାନ୍ଦବାଲି ସହରରେ ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ଚାନ୍ଦବାଲି ସହରରେ ଟ୍ରେଣ୍ଡ୍‌ସର ଏହା ପ୍ରଥମ ଷ୍ଟୋର ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ସେହିଭଳି ୫୫୦୦ ବର୍ଗଫୁଟ ପରିମିତ ଏହି ଆକର୍ଷଣୀୟ ଷ୍ଟୋର ଆଧୁନିକତାର ସ୍ପର୍ଶ ସହ ଗ୍ରାହକଙ୍କ ପାଇଁ ମନଲୋଭା ପରିବେଶ ବି ରହିଛି। ଟ୍ରେଣ୍ଡ୍‌ସ ହିଁ ବାସ୍ତବରେ ଭାରତରେ ଫ୍ୟାଶନକୁ ସବୁବର୍ଗର ଲୋକଙ୍କ ପାଖରେ ପହଞ୍ଚାଇଛି। ସେହିପରି ଏଠାରେ ଆକର୍ଷଣୀୟ ରେଞ୍ଜର ଉନ୍ନତ ମାନର ଫ୍ୟାଶନ ସାମଗ୍ରୀ ଉପଲବ୍ଧ ସାଙ୍ଗକୁ ସ୍ଥାନୀୟ ଅଞ୍ଚଳର ଗ୍ରାହକଙ୍କ ଆବଶ୍ୟକତା ଓ ପକେଟକୁ ସୁହାଇବା ଭଳି ସୁଲଭ ମୂଲ୍ୟରେ ସାମଗ୍ରୀ ବିକ୍ରିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଚାନ୍ଦବାଲି ସହରରେ ଟ୍ରେଣ୍ଡ୍‌ସର ଏହା ପ୍ରଥମ ଷ୍ଟୋର ହୋଇଥିବାର ଶ୍ରେଷ୍ଠ ଫ୍ୟାଶନ ଓ ସୁଲଭ ମୂଲ୍ୟ ସହ ପ୍ରାରମ୍ଭିକ ଅଫର ଭାବେ ଗ୍ରାହକମାନଙ୍କ ପାଇଁ ଅନେକ ଆକର୍ଷଣୀୟ ଅଫର ରହିଛି। କେତେକ ନିର୍ଦ୍ଦିଷ୍ଟ ସାମଗ୍ରୀ ବର୍ଗରେ ୩୪୯୯ ଟଙ୍କାର ସାମଗ୍ରୀ କିଣିଲେ ଆଉ ୩୪୯୯ ଟଙ୍କା ମୂଲ୍ୟର ସାମଗ୍ରୀ ମାଗଣା ପାଇପାରିବେ। କେବଳ ସେତିକି ନୁହେଁ, ୨୯୯୯ ଟଙ୍କାର କ୍ରୟ ଉପରେ ୩୦୦୦ଟଙ୍କା ମୂଲ୍ୟର ରିହାତି କୁପନ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ।

## ଇଲେକ୍ଟ୍ରିକ୍ ପେ ସହ ଜେଏସ୍‌ଡବ୍ଲ୍ୟୁର ଇଭି ଚାର୍ଜିଂ ସହଭାଗିତା

**ଭୁବନେଶ୍ୱର,୧୦।୮**




ଦେଶର ପ୍ରମୁଖ ଇଭି ଚାର୍ଜିଂ ପ୍ଲାଟ୍‌ଫର୍ମ ଇଲେକ୍ଟ୍ରିକ ପେ ସହ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଏକ ଚାର୍ଜିଂ ସହଭାଗିତା ସ୍ଥାପନ ହୋଇଛି। ଇଲେକ୍ଟ୍ରିକ ଯାନ କିଣିବା ନିମନ୍ତେ କର୍ମଚାରୀଙ୍କୁ ପ୍ରୋତ୍ସାହନ ଯୋଗାଇଦେବା ଏବଂ ସେମାନଙ୍କ କାର୍ଯ୍ୟାଳୟ ଓ କାରଖାନା ପରିସରରେ ଚାର୍ଜିଂ ଭିତ୍ତିଭୂମି ଯୋଗାଇଦେବାକୁ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ନିକଟରେ ପ୍ରଚଳନ କରାଯାଇଥିବା ସବୁଜ ନୀତି ଅନୁଯାୟୀ ଏହି ସହଭାଗିତା କାର୍ଯ୍ୟକ୍ଷମ ହୋଇଛି। ଇଲେକ୍ଟ୍ରିକ ପେ ପକ୍ଷରୁ ଜେଏସ୍‌ଡବ୍ଲ୍ୟୁ ମୁମ୍ବାଇ କାର୍ଯ୍ୟାଳୟର ମୁଖ ଦପ୍ତରରେ ଇତିମଧ୍ୟରେ ଆବଶ୍ୟକ ଚାର୍ଜିଂ ଭିତ୍ତିଭୂମିକୁ କାର୍ଯ୍ୟକ୍ଷମ କରି ସାରିଛି। କମ୍ପାନୀ ଖୁବ୍‌ଶୀଘ୍ର ଭାସିନ୍ଦ, ଡଲଭି, ବିଜୟନଗରମ, ଶୋଲଟୁ ଏବଂ ଝାରସୁଗୁଡା ଆଦି ସ୍ଥାନରେ ଥିବା ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟାଳୟଗୁଡିକୁ ନିଜର ସେବା ସମ୍ପ୍ରସାରଣ କରିବ। ଇଭି ବ୍ୟବହାରକାରୀଙ୍କୁ ନିରବଚ୍ଛିନ୍ନ ଚାଳନା ଅନୁଭୂତି ପ୍ରଦାନ ଏବଂ ଇଭି ଗ୍ରହଣୀୟତା ବୃଦ୍ଧି କରିବା ସକାଶେ ଜେଏସ୍‌ଡବ୍ଲ୍ୟୁ ପ୍ରତିବଦ୍ଧତା ପୂରଣ ନିମନ୍ତେ ଏହି ସହଭାଗିତା ଇଲେକ୍ଟ୍ରିକ ପେ'ର ଦୂରଦୃଷ୍ଟିକୁ ଆଗେଇନେବ। ଏହି ଦୁଇ କମ୍ପାନୀ ସମ୍ମିଳିତ ଭାବେ ଦେଶରେ ସବୁଜ ଗମନାଗମନକୁ ପ୍ରୋତ୍ସାହିତ କରିବା ସହ ୨୦୭୦ ସୁଦ୍ଧା ଭାରତକୁ ନେଟ୍-ଶୂନ୍ୟ ଅଙ୍ଗାରକ ନିର୍ଗମନକାରୀରେ ରୂପାନ୍ତରଣକୁ ସମର୍ଥନ କରୁଛନ୍ତି।

ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ପ୍ରେସିଡେଣ୍ଟ ଓ ସିଏଚ୍‌ଆରଓ ଦିଲୀପ ପଟ୍ଟନାୟକ କହିଛନ୍ତି, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ପକ୍ଷରୁ ଘୋଷଣା କରାଯାଇଥିବା ଇଭି ନୀତି ଇଭିର ବର୍ଦ୍ଧିତ ଗ୍ରହଣୀୟତାକୁ ଆଗେଇନେବା ଦିଗରେ ଏକ ଅନନ୍ୟ ପ୍ରୟାସ ହୋଇଛି। ଏହା ସବୁଜ ଗମନାଗମନ ନିମନ୍ତେ ଆମର ପ୍ରୟାସକୁ ପରିବ୍ୟାପ୍ତ କରିବା ସହ ଏହାର ବ୍ୟବହାରକୁ ସମର୍ଥ କରାଇବ। ଇଲେକ୍ଟ୍ରିକ ପେ ସହ ଆମର ସହଭାଗିତା କମ୍ପାନୀର ସମସ୍ତ କର୍ପୋରେଟ କାର୍ଯ୍ୟାଳୟ ଏବଂ କାରଖାନା ସ୍ଥଳଗୁଡିକରେ କର୍ମଚାରୀଙ୍କ ପାଇଁ ନିରବଚ୍ଛିନ୍ନ ଚାର୍ଜିଂ ଅନୁଭୂତି ପ୍ରଦାନରେ ସହାୟକ ହେବ ଏବଂ ସେମାନେ ଏକ ପରିବର୍ଦ୍ଧିତ ଇଭି ଚାଳନା ଅନୁଭୂତି ହାସଲ ଦିଗରେ ସେମାନଙ୍କ ପରିସର ମଧ୍ୟରେ ଇଲେକ୍ଟ୍ରିକ ଯାନଗୁଡିକର ଦ୍ରୁତ ଚାର୍ଜିଂ ସୁବିଧା ଏଣିକି ପାଇପାରିବେ।

## ସେନ୍‌କୋ ପକ୍ଷରୁ ଟ୍ରିଆ ସମ୍ଭାର ଉନ୍ମୋଚିତ

**ଭୁବନେଶ୍ୱର,୧୦।୮**



ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ନୂଆ ଟ୍ରିଆ ସମ୍ଭାରକୁ ନିକଟରେ ଉନ୍ମୋଚନ କରାଯାଇଛି। ଏହା ବିଶେଷକରି ନିତିଦିନିଆ ପରିଧାନ ପାଇଁ ସୁନା, ରୁପା ଓ ପ୍ଲାଟିନମ୍‌ରେ ପ୍ରସ୍ତୁତ ଚେନ୍ ପେଣ୍ଡାଣ୍ଟ, ରିଂ, ଇୟର ରିଂ ଓ ନେକ୍‌ପିସ୍ ଇତ୍ୟାଦି ରହିଛି। ସେହିଭଳି ନୂଆ ସମ୍ଭାର ଟ୍ରିଆରେ ଥିବା ଗହଣାଗୁଡ଼ିକର ମୂଲ୍ୟ ୨୦ ହଜାର ଟଙ୍କାରୁ ଆରମ୍ଭ ହେଉଛି। ଅପରପକ୍ଷରେ ଭାରତର ୭୫ତମ ସ୍ୱାଧୀନତା ଦିବସ ପାଳନ କରିବା ଲାଗି ସେନ୍‌କୋ ଗୋଲ୍ଡ ପକ୍ଷରୁ ଆଜାଦୀ ଅଫର ମଧ୍ୟ ଘୋଷଣା କରାଯାଇଛି। ଏହି ଅଫରରେ ଗ୍ରାହକମାନେ ସୁନା, ହୀରା, ପ୍ଲାଟିନମ୍, ରୁପା ଓ ଗୋସିପ୍ ଗହଣାର ଗଢ଼ା ମୂଲ୍ୟ ଉପରେ ବିପୁଳ ରିହାତି ପାଇପାରିବେ। ଏହାର କାରିଗରମାନଙ୍କ ଗୁଣାତ୍ମକ କାରିଗରିକୁ ଏହି ଅଫର୍ ପ୍ରଦର୍ଶିତ କରୁଛି।

ଏ ସମ୍ପର୍କରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶିକା ମିସ୍ ଜୋଇତା ସେନ୍ କହିଛନ୍ତି, ଏହା ହେଉଛି ଏକ ଗୁରୁତ୍ୱର ଦିନ ଓ ପ୍ରତି ଭାରତୀୟଙ୍କ ପାଇଁ ଏକ ଉତ୍ସବ। ଏହି ସ୍ୱତନ୍ତ୍ର ଅବସରରେ ଆମେ ଆମର ନୂଆ ଆଜାଦୀ ଅଫର ଘୋଷଣା କରିଥିବା ବେଳେ ଆମର ମୂଲ୍ୟବାନ୍ ଗ୍ରାହକଙ୍କ ପାଇଁ ଅତୁଳନୀୟ ଡିଜାଇନର ବର୍ଣମାଳା ପ୍ରଦାନ କରୁଛୁ। ସେହିଭଳି ସେନ୍‌କୋ ପକ୍ଷରୁ ରାଖୀ ସ୍ୱତନ୍ତ୍ର ସମ୍ଭାର ମଧ୍ୟ ଘୋଷଣା କରାଯାଇଛି, ଯେଉଁଥିରେ ସୁନା, ହୀରା ଓ ରୁପା ଉତ୍ପାଦ ରହିଛି। ନୂଆ ବର୍ଗର ହୀରା ରାଖୀକୁ ପେଣ୍ଡାଣ୍ଟ ଭାବେ ମଧ୍ୟ ପିନ୍ଧି ହେବ। ନୂଆ ରାଖୀ ସମ୍ଭାରର ମୂଲ୍ୟ ୫୦ହଜାର ଟଙ୍କାରୁ ଆରମ୍ଭ ହୋଇଛି। କମ୍ପାନୀ ପକ୍ଷରୁ ୨୦୦ଟଙ୍କାରୁ ଆରମ୍ଭ ହେଉଥିବା ରୁପା ରାଖୀକୁ ମଧ୍ୟ ଉନ୍ମୋଚନ କରାଯାଇଛି। ଆଜାଦୀ ଅଫର ଉଭୟ ଶୋ'ରୁମ୍ ଓ ଅନ୍‌ଲାଇନରେ ସୀମିତ ସମୟ ପାଇଁ ଉପଲବ୍ଧ ହେବ।

## ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ଛାତ୍ରବୃତ୍ତି

**ଭୁବନେଶ୍ୱର,୧୦।୮**

ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାର (ଜେଏସ୍‌ପି)ର ସିଏସ୍‌ଆର ସଂସ୍ଥା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଦ୍ୱାରା ତା'ର ଜିନ୍ଦଲ ସ୍ୱୟଂସମ୍ପନ୍ନା ନାରୀ କାର୍ଯ୍ୟକ୍ରମ ଅଧୀନରେ ଉଭୟ ଓଡ଼ିଶା ଓ ଛତିଶଗଡର ଆର୍ଥିକ ଦୁର୍ବଳ ବର୍ଗର ୫୦୮ ଯୋଗ୍ୟ ବାଳିକାଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜେଏସ୍‌ପିଏଲ୍ ଫାଉଣ୍ଡେଶନର ଚେୟାରମ୍ୟାନ୍ ଶାଲୁ ଜିନ୍ଦଲ ମନୋନୀତ ଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ପତ୍ର ବଣ୍ଟନ କରିଥିଲେ। ଉପସ୍ଥିତ ଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ସମ୍ବୋଧିତ କରି ଶାଲୁ କହିଥିଲେ, ସାମାଜିକ ତଥା ଆର୍ଥିକ ଦୁର୍ବଳ ବର୍ଗର ମହିଳା ଏବଂ ଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ହେଉଛି ଜିନ୍ଦଲ ସ୍ୱୟଂସମ୍ପନ୍ନା ନାରୀ କାର୍ଯ୍ୟକ୍ରମ ଆମର ଆଉ ଏକ ପ୍ରୟାସ। ଅନେକ ପ୍ରତିଭାବାନ ଯୁବତୀ ଓ ମହିଳା ଅର୍ଥ ଅଭାବରୁ ସେମାନଙ୍କର ଦକ୍ଷତା ବିକାଶ କିମ୍ବା ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି।


ଶାଲୁ ଜିନ୍ଦଲ

ମୁଁ ଆଶା କରୁଛି ଯେ ଏହି କାର୍ଯ୍ୟକ୍ରମ ସେମାନଙ୍କ ସ୍ୱପ୍ନ ପୂରଣ କରିବାରେ ଏବଂ ସଶକ୍ତ କରିବାରେ ବେଶ୍ ସହାୟକ ହେବ। ଅନ୍ୟମାନଙ୍କ ମଧ୍ୟରେ ଜେଏସ୍‌ପିଏଲ୍ ଫାଉଣ୍ଡେଶନର ଉପଦେଷ୍ଟା ମଣ୍ଡଳୀ ସଦସ୍ୟା କୁମାରୀ ଯଶସ୍ୱିନୀ ଜିନ୍ଦଲ ନିଜର ଖୁସି ବ୍ୟକ୍ତ କରିବା ସହ ଆର୍ଥିକ ଦୁର୍ବଳ ବର୍ଗର ବାଳିକାମାନଙ୍କ ଶିକ୍ଷିତ ହେବାର ସ୍ୱପ୍ନକୁ ସାକାର କରିବାରେ ସହାୟତା ପାଇଁ ଜେଏସ୍‌ପିଏଲ୍ ଫାଉଣ୍ଡେଶନର ଉଦ୍ୟମକୁ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅଧୀନରେ ମାର୍ଚ୍ଚ ୨୦୨୨ରେ ଆରମ୍ଭ ହୋଇଥିବା ଏକ ଚୟନ ପ୍ରକ୍ରିୟା ମାଧ୍ୟମରେ ୫୦୮ ବାଳିକାଙ୍କୁ ଚୟନ କରାଯାଇଥିଲା। ମନୋନୀତ ଛାତ୍ରୀମାନେ ବିଭିନ୍ନ ଅନୁଷ୍ଠାନରେ ନିଜ ପସନ୍ଦର ପାଠ୍ୟକ୍ରମ ପଢୁଛନ୍ତି। ଏହା ମଧ୍ୟରେ ବିୟୁଟିସିଆନ୍ ପାଠ୍ୟକ୍ରମ, ଡ୍ରେସ୍ ଡିଜାଇନ୍, କମ୍ପ୍ୟୁଟର ପାଠ୍ୟକ୍ରମ ଆଦି ବିଭିନ୍ନ ଧନ୍ଦାମୂଳକ ତାଲିମ ସହିତ ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ଆଇନ ଆଦି ବୃତ୍ତିଗତ ଶିକ୍ଷା ଏବଂ ଉଚ୍ଚଶିକ୍ଷା ପାଠ୍ୟକ୍ରମ ରହିଛି। ସହାୟତା ରାଶି ଛାତ୍ରୀମାନେ ପଢୁଥିବା ଅନୁଷ୍ଠାନକୁ ସିଧାସଳଖ ପ୍ରଦାନ କରାଯିବ। ଜେଏସ୍‌ପିର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍ ଆଣ୍ଡ ଏଜୁକେଶନ) ପ୍ରଶାନ୍ତ କୁମାର ହୋତା ସ୍ୱାଗତ ସମ୍ବୋଧନ କରି ଜିନ୍ଦଲ ସ୍ୱୟଂସମ୍ପନ୍ନା ନାରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।

## ଫୁରସତ

# ଦେଶର ପ୍ରଥମ ଅଣ୍ଡର ୱାଟର ମେଟ୍ରୋ

**କୋଲକାତା:** ପଶ୍ଚିମବଙ୍ଗ ରାଜଧାନୀ କୋଲକାତାରେ ଦେଶର ପ୍ରଥମ ଅଣ୍ଡର ୱାଟର ମେଟ୍ରୋ ଷ୍ଟେଶନ୍‌ର କାର୍ଯ୍ୟ ଜାରି ରହିଛି। ଆସନ୍ତା ବର୍ଷ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବାନେଇ କୋଲକାତା ମେଟ୍ରୋ ରେଲ୍ କର୍ପୋରେଶନ୍ ଆଶା ରଖିଛି। ପୂର୍ବ-ପଶ୍ଚିମ ମେଟ୍ରୋ ରେଳ ପ୍ରୋଜେକ୍ଟ ଅଧୀନରେ ନିର୍ମାଣ ହେଉଥିବା ଷ୍ଟେଶନ୍ ଦେଶର ପ୍ରଥମ ଅଣ୍ଡର ୱାଟର ମେଟ୍ରୋ ଷ୍ଟେଶନ ବୋଲି କୁହାଯାଉଛି। ମେଟ୍ରୋ ଲାଇନ୍ ଭାୟା କୋଲକାତା ସଲ୍ଟ ଲେକ୍‌ରୁ ହୋଉରାହକୁ ସଂଯୋଗ କରିବ। ରେଳ ଲାଇନ୍‌ର ଲମ୍ବ ୧୬.୫୫ କି.ମି ରହିଛି। ସେକ୍ଟର ୫ରୁ ଶିଳଦାହ ପର୍ଯ୍ୟନ୍ତ ୯.୩୦ କି.ମି ରେଳ ଧାରଣା କାମ ସମ୍ପୂର୍ଣ୍ଣ ହୋଇସାରିଥିବାବେଳେ ବଳକା ଥିବା ୭.୨୫ କି.ମି ମେଟ୍ରୋ ଧାରଣାର କାର୍ଯ୍ୟ ଜାରି ରହିଛି। ନିର୍ମାଣ କାମ ଅଳ୍ପ ଦିନ ମଧ୍ୟରେ ଶେଷ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ମେଟ୍ରୋ ରେଳ ପ୍ରକଳ୍ପ ୨୦୨୧ ଡିସେମ୍ବରରେ ସାରିବା ପାଇଁ କୁହାଯାଇଥିବାବେଳେ ଟନେଲ କାମରେ ବାରମ୍ବାର ଦୁର୍ଘଟଣା କାରଣରୁ କାମରେ ବିଳମ୍ବ ହେଉଛି।



# ଉର୍ବଶୀଙ୍କୁ ବିଦେଶୀ ସିଙ୍ଗରଙ୍କ ବିବାହ ପ୍ରସ୍ତାବ


ଉର୍ବଶୀ ରଉତେଲା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରଉତେଲା ଖାଲି ଭାରତ ନୁହେଁ ବିଦେଶରେ ମଧ୍ୟ ଜଣେ ପରିଚିତ ଚେହେରା। ଉର୍ବଶୀଙ୍କ ବିବାହ ପ୍ରସ୍ତାବକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଆରମ୍ଭ ହୋଇଛି। ନିକଟରେ ନାୟିକା ଜଣକ ନିଜର ଏକ ଇଣ୍ଟରଭ୍ୟୁରେ ତାଙ୍କୁ ମିଳିଥିବା ଏକ ଅଜବ ବିବାହ ପ୍ରସ୍ତାବ କଥା କହିଛନ୍ତି। ଇଜିପ୍ଟର ଜଣେ ଗାୟକ ତାଙ୍କୁ ବିବାହ ପ୍ରସ୍ତାବ ଦେଇଥିବା ସେ ସାକ୍ଷାତ୍‌କାରରେ କହିଛନ୍ତି। କିନ୍ତୁ ସବୁଠାରୁ କୌତୂହଳର କଥା ହେଉଛି, ଗାୟକ ଜଣକ ପୂର୍ବରୁ ବିବାହିତ। ତାଙ୍କର ଦୁଇଟି ସ୍ତ୍ରୀ ଓ ୪ଟି ସନ୍ତାନ ଥିବା ସେ କହିଥିଲେ। ଏ ପ୍ରକାର ବିବାହ ପ୍ରସ୍ତାବକୁ ନେଇ ଉର୍ବଶୀ କହିଛନ୍ତି, ଦିନ ପ୍ରତିଦିନ ଅନେକ ଫ୍ୟାନ୍ ଓ ପ୍ରଶଂସକ ମ୍ୟାରେଜ୍ ପ୍ରପୋଜାଲ୍ ଦେଇଥାନ୍ତି। କିନ୍ତୁ ଇଜିପ୍ଟ ସିଙ୍ଗର ଯେତେବେଳେ ତାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ ସେ ସମୟରେ ତାଙ୍କୁ ଅଜବ ଲାଗିଥିଲା। ପ୍ରତ୍ୟେକ ବ୍ୟକ୍ତି ପାଇଁ ବାହାଘର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ହୋଇଥିବାବେଳେ ଏ ସମ୍ପର୍କିତ ପ୍ରତ୍ୟେକ ନିଷ୍ପତ୍ତି ଭାବିଚିନ୍ତି ନେବା ଦରକାର। ଗତବର୍ଷ ଉର୍ବଶୀ ଇଜିପ୍ଟ ସିଙ୍ଗର ମହମ୍ମଦ ରମଦାନଙ୍କ ସହ ଏକ ମ୍ୟୁଜିକ୍ ଭିଡିଓ ତିଆରି କରିଥିଲେ, ଯାହାକୁ ଦର୍ଶକଙ୍କ ଖୁବ୍ ଭଲପାଇବା ମିଳିଥିଲା। ତେବେ ଉର୍ବଶୀ ସିଙ୍ଗରଙ୍କ ନାମ ସର୍ବସମ୍ମୁଖରେ କହି ନ ଥିବାବେଳେ ସାକ୍ଷାତ୍‌କାରର କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମହମ୍ମଦ ରାମଦାନଙ୍କ ନାଁ ଏ ଘଟଣାରେ ଚର୍ଚ୍ଚାକୁ ଆସିଛି।

# ସାନିଟାରି ନାପ୍‌କିନ୍‌ରେ କୃଷ୍ଣଙ୍କ ଛବି




### ପୁଣି ପୋଷ୍ଟର ବିବାଦ

**ନୂଆଦିଲ୍ଲୀ:** ହିନ୍ଦୁ ଠାକୁରାଣୀ ମା' କାଳୀ ସିଗାରେଟ ଟାଣୁଥିବାର ପୋଷ୍ଟରକୁ ନେଇ କିଛିଦିନ ପୂର୍ବେ ବିବାଦ ଦେଖାଯାଇଥିବାବେଳେ ଏବେ ପୁଣି ଆଉ ଏକ ପୋଷ୍ଟର ବିବାଦ ସାମ୍ନାକୁ ଆସିଛି। ଫିଲ୍ମ 'ମାସୁମ୍ ସୱାଲ'ର ପୋଷ୍ଟରରେ ସାନିଟାରି ନ୍ୟାପ୍‌କିନ୍‌ରେ ଶ୍ରୀ କୃଷ୍ଣଙ୍କ ଫଟୋ ନେଇ ଏବେ ବିବାଦ ଦେଖିବାକୁ ମିଳିଛି। ହିନ୍ଦୁ ରାଷ୍ଟ୍ର ନବନିର୍ମାଣ ସେନାର ସଭାପତି ଅମିତ ରାଥୋଡ ଥାନାରେ ମାମଲା ରୁଜୁ କରିବା ପରେ ଫିଲ୍ମ ନିର୍ମାତା ସନ୍ତୋଷ ଉପାଧ୍ୟାୟଙ୍କ ସମେତ ଅନ୍ୟ କ୍ରିଉ ମେମ୍ବରଙ୍କୁ ପୋଲିସ ଅଟକ ରଖିଥିବା ଖବର ପ୍ରକାଶ ପାଇଛି। ଆଇପିସି ଧାରା ୨୯୫ ଅଧୀନରେ ଫିଲ୍ମ ନିର୍ମାତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ସାହିବାବାଦ ଓ ଗାଜିଆବାଦର ସିନେମା ହଲ୍ ସମ୍ମୁଖରେ ହିନ୍ଦୁ ରାଷ୍ଟ୍ର ନବନିର୍ମାଣ ସେନା ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ହିଂସାକାଣ୍ଡର ଆଶଙ୍କା କରି ସ୍ଥାନୀୟ ଅଞ୍ଚଳଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ କୌଣସି ବ୍ୟକ୍ତି ଯଦି ବିଶୃଙ୍ଖଳା କରିବାକୁ ଚେଷ୍ଟା କରନ୍ତି, ତେବେ ତାଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ପୋଲିସ କହିଛି।

# ଚୋରି ପୂର୍ବରୁ ଠାକୁରାଣୀଙ୍କୁ ମୁଣ୍ଡିଆ

**ଭୋପାଳ**

ମଧ୍ୟପ୍ରଦେଶ ଜବଲପୁରର ଏକ ମନ୍ଦିରରୁ ଚୋରି ହୋଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମନ୍ଦିରରୁ ଚୋରି କରିବା ପୂର୍ବରୁ ଚୋର ଜଣକ ଠାକୁରାଣୀଙ୍କୁ ମୁଣ୍ଡିଆ ମାରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଭିଡିଓରେ ଜାରି ଚିତ୍ର ଅନୁସାରେ ମୁହଁ ଢାଙ୍କି ଫୁଙ୍ଗୁଳା ଦେହରେ ଚୋର ଜଣକ ମନ୍ଦିର ଗର୍ଭଗୃହରେ ପ୍ରବେଶ କରୁଛନ୍ତି। ପ୍ରଥମେ ଠାକୁରାଣୀଙ୍କୁ ଜୁହାର ହେଉଛନ୍ତି ଓ ତା'ପରେ ସେଠାରେ ଥିବା ଦାନ ବାକ୍ସ ଓ ମୂଲ୍ୟବାନ ଜିନିଷ ସବୁ ନେଇ ଚମ୍ପଟ ମାରୁଛନ୍ତି। ଗତ ୫ ତାରିଖରେ ମନ୍ଦିରରୁ ଚୋରି ହୋଇଥିଲା। ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ କରୁଥିବାବେଳେ ମନ୍ଦିରର ସିସିଟିଭି ଫୁଟେଜ୍ ଚେକ୍ କଲା ପରେ ଚୋରର ସମସ୍ତ କାରନାମା ଏବେ ପଦାକୁ ଆସିଛି। ପୋଲିସ ଚୋର ଚିହ୍ନଟ ପାଇଁ ଛାନ୍‌ଭିନ୍ ଚଳାଇଛି। ସୋସିଆଲ ମିଡିଆରେ ଏହି ଭିଡିଓ ଭାଇରାଲ ହେଉଛି।



# ନିଃଶ୍ୱାସ ଦ୍ୱାରା ନିୟନ୍ତ୍ରିତ ହେବ ପ୍ରୋସ୍‌ଥେଟିକ୍ ହ୍ୟାଣ୍ଡ୍

**ୱାଶିଂଟନ:** ଅକ୍ସଫୋର୍ଡ ୟୁନିଭର୍ସିଟି ପକ୍ଷରୁ ଶିଶୁମାନଙ୍କ ପାଇଁ ଏକ ପ୍ରୋସ୍‌ଥେଟିକ୍ ହ୍ୟାଣ୍ଡର ଆବିଷ୍କାର କରାଯାଇଛି ଯାହା ନିଃଶ୍ୱାସ ଦ୍ୱାରା ନିୟନ୍ତ୍ରିତ ହେବ। ବୈଜ୍ଞାନିକଙ୍କ ମତରେ ଏହି ପ୍ରୋସ୍‌ଥେଟିକ୍ ହାଣ୍ଡ ଖୁବ୍ ହାଲୁକା। ଛୋଟ ଶିଶୁଙ୍କ କ୍ଷେତ୍ରରେ ଏହା ବହନ କରିବା ଅତି ସହଜ ହେବ। ତେବେ ଏହି ବିକଳ୍ପ ଉପକରଣର ମୂଲ୍ୟ ଖୁବ୍ କମ୍ ହୋଇଥିବା ଏହାକୁ ବିକାଶ କରିଥିବା ବୈଜ୍ଞାନିକ କହିଛନ୍ତି। ଜୁଲାଇ ୨୯ରେ ପ୍ରୋସ୍‌ଥେସିସ୍ ଜର୍ନାଲ୍ ଜରିଆରେ ଏହି ପ୍ରୋସ୍‌ଥେଟିକ୍ ହାଣ୍ଡର ପ୍ରଥମ କରି ପ୍ରକାଶ ପାଇଥିଲା। ନିଃଶ୍ୱାସ ଏବଂ ବ୍ଲେଡ୍‌ଲେସ୍ ଟର୍ବାଇନ୍ ସାହାଯ୍ୟରେ ଏହା କାର୍ଯ୍ୟକାରୀ ହୋଇପାରିବ। ଅନ୍ୟ ପ୍ରୋସ୍‌ଥେଟିକ୍ ହ୍ୟାଣ୍ଡ ତୁଳନାରେ ଅକ୍ସଫୋର୍ଡ ଦ୍ୱାରା ବିକଶିତ ଏହି ହାଣ୍ଡ ବ୍ୟବହାର କରିବା ସାଙ୍ଗକୁ ସାଙ୍ଗରେ ବହନ କରିବା ଅତିସହଜ। ୯୦ ଦଶକରେ ଯେତେବେଳେ ପ୍ରଥମ କରି ପ୍ରୋସ୍ଥେଟିକ୍ ଆର୍ମର ବ୍ୟବହାର କରାଗଲା ସେ ସମୟରେ ଆର୍ମରେ ବହୁତଗୁଡ଼ିଏ ଓ୍ୟାର ବ୍ୟବହାର କରାଯାଉଥିବାବେଳେ ଏହାର ଓଜନ ମଧ୍ୟ ଖୁବ୍ ଅଧିକ ଥିଲା।



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଗଛରେ ରାଖୀ ବନ୍ଧନ ଉତ୍ସବ ଓ ଚାରା ବଣ୍ଟନ ସମାରୋହ, ଇନ୍ଦିରା ଗାନ୍ଧୀ ପାର୍କ, ଅପରାହ୍ନ ୪ଟା ୧୫।
- ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ସହ ରକ୍ଷାବନ୍ଧନ ଉତ୍ସବ ପାଳନ, ଦୃଷ୍ଟିହୀନ ଆସୋସିଏଶନ, ଖାରବେଳ ନଗର, ୟୁନିଟ୍-୩, ଅପରାହ୍ନ ୫ଟା ୩୦।

**କଟକ**

- ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ବୁଦ୍ଧିଜୀବୀ ସମ୍ମିଳନୀ, କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ଅପରାହ୍ନ ୫ଟା ୩୦।
- ସାରଳା ସାହିତ୍ୟ ସଂସଦ ଓ ଗଙ୍ଗାଧର ମେହେର ଫାଉଣ୍ଡେଶନ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ସାରଳା ଭବନ, ସନ୍ଧ୍ୟା ୬ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ଶତାବ୍ଦୀ ଭବନ, ପୂର୍ବାହ୍ନ ୧୦ଟା।

# ଅଗ୍ନିଶମ ବାହିନୀର ନାଁ 'ଅଗ୍ନିଶମ ଏମର୍ଜେନ୍ସି ବିଭାଗ' ହେବ

## ରାଜ୍ୟସ୍ତରୀୟ ବରିଷ୍ଠ ଅଗ୍ନିଶମ ଅଧିକାରୀ ଅଧିବେଶନ

**■ଖର୍ଚ୍ଚ ହେବ ୪୦୦ କୋଟି**

ଭୁବନେଶ୍ୱର,୧୦।୮(ବ୍ୟୁରୋ)

ଅଗ୍ନିଶମ ବାହିନୀର ନାଁ ବଦଳି ହେବ 'ଅଗ୍ନିଶମ ଏମର୍ଜେନ୍ସି ବିଭାଗ'। ଏଥିସହ ଏନ୍‌ଡିଆର୍‌ଏଫ୍ ଭଳି ଅଗ୍ନିଶମ ବାହିନୀ ମଧ୍ୟ ତ୍ୱରିତ ସେବା ପ୍ରଦାନ କରିବା ସହ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଅନ୍ତର୍ଜାତୀୟମାନର ପ୍ରଶିକ୍ଷଣ ଦିଆଯିବ ବୋଲି ବୁଧବାର ଓଡ଼ିଶା ଅଗ୍ନିଶମ ନିର୍ଦ୍ଦେଶାଳୟ ଦ୍ୱାରା ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବରିଷ୍ଠ ଅଗ୍ନିଶମ ଅଧିକାରୀ ଅଧିବେଶନ-୨୦୨୨ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହା କହିଛନ୍ତି। ସେ କହିଥିଲେ, ରାଜ୍ୟ ସରକାର ଏହି ବିଭାଗ ପାଇଁ ୪୦୦ କୋଟିର ଖର୍ଚ୍ଚ ପାଇଁ ଆକଳନ କରିଛନ୍ତି। କେନ୍ଦ୍ର ଅଗ୍ନିଶମ ବିଭାଗକୁ ରାଜ୍ୟ ଅଗ୍ନିଶମ ବିଭାଗର ଉନ୍ନତୀକରଣ ପାଇଁ ୨୪୬ କୋଟି ପ୍ରଦାନ ପାଇଁ ଏକ ଚିଠା ପ୍ରସ୍ତୁତ କରାଯାଇଛି। ନିଆଁଲିଭା ବ୍ୟତୀତ ଏନ୍‌ଡିଆର୍‌ଏଫ୍ କାର୍ଯ୍ୟ ଠାରୁ ଅଧିକ କିଛି କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। କଟକ ଓ ଭୁବନେଶ୍ୱରରେ ଲୋକଙ୍କୁ ଆପାତ୍‌କାଳୀନ ସେବା ଯୋଗାଇଦେବାକୁ ୨୦୦ ସ୍ୱତନ୍ତ୍ର ଅଗ୍ନିଶମ ବାହିନୀ ପ୍ରସ୍ତୁତ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଅଗ୍ନିଶମ ସେବାର ଅତ୍ୟାଧୁନିକୀକରଣ ଲାଗି ଅର୍ଥ କେବେ ବି ବାଧକ ସାଜିବ ନାହିଁ ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା କହିଥିଲେ। ଏହି ଅବସରରେ ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ କହିଥିଲେ, ଅନ୍ୟ ଶିଳ୍ପାଞ୍ଚଳ ସହ ତୈଳ ଓ ରାସାୟନିକ ଶିଳ୍ପଗୁଡିକର ଅଗ୍ନି ବିପତ୍ତି ନିରୋଧ କ୍ଷମତା ବୃଦ୍ଧି କରିବା ଜରୁରୀ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ଫାୟାର ସର୍ଭିସ ନ୍ୟୁଜ ବୁଲେଟିନ୍ ଓ ଟେଲିଫୋନ ଡିରେକ୍ଟୋରୀ ଉନ୍ମୋଚନ କରିଥିଲେ।



ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିମାନେ ଫାୟାର ସର୍ଭିସ ନ୍ୟୁଜ୍ ବୁଲେଟିନ୍ ଉନ୍ମୋଚନ କରୁଛନ୍ତି।

# ସେପ୍ଟେମ୍ବର ୨ରୁ ବିଧାୟକ ଷ୍ଟଡି ଟୁର୍‌ରେ ଯିବେ

ଭୁବନେଶ୍ୱର,୧୦।୮(ବ୍ୟୁରୋ)

ବିଧାନସଭା ସଚିବାଳୟ ପରିସରରେ ବୁଧବାର ସଦାଚାର କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମିଟିର ଅଧ୍ୟକ୍ଷ ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ବୈଠକ ସମ୍ପର୍କରେ ସୂଚନା ଦେଇ ଶତପଥୀ କହିଛନ୍ତି, ଏହି ବୈଠକରେ ସମ୍ପ୍ରତି ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଏବଂ ସଚିବ, ଜିଲାପାଳ ଓ ଜିଲା ଏସ୍‌ପିମାନଙ୍କୁ ବୁକ୍ ସର୍କୁଲାଟ-୪୭ର ଦୃଢ଼ ଅନୁପାଳନ ପାଇଁ ଯେଉଁ ଚିଠି ଲେଖାଯାଇଛି ସେଥିପାଇଁ ସାଧୁବାଦ ପ୍ରଦାନ କରାଯାଇଥିଲା। ସେହିପରି ବିଧାନସଭା ନିବେଦନ କମିଟି ବୈଠକ ବିଧାୟକ ଡ. ପ୍ରମୋଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି ବୋଲି କମିଟି ଅଧ୍ୟକ୍ଷ ଡ. ମଲ୍ଲିକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବୈଠକରେ ଆଗାମୀ ସେପ୍ଟେମ୍ବର ୨ରୁ ୧୧ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ବାହାରକୁ ଏକ ଷ୍ଟଡି ଟୁର୍‌ରେ ବିଧାୟକମାନେ ଯିବେ। ଏ ନେଇ କମିଟିର ସଦସ୍ୟମାନଙ୍କୁ ଅବଗତ କରାଯାଇଛି। ଯେଉଁମାନେ ଷ୍ଟଡି ଟୁରରେ ଯିବା ପାଇଁ ଆଗ୍ରହୀ ସେମାନେ କମିଟିକୁ ଅବଗତ କରାଇବେ।



ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପ୍ରାକୃତିକ ସଂଗ୍ରହାଳୟର ୧୮ତମ ପ୍ରତିଷ୍ଠା ଦିବସରେ ଉଦ୍‌ଘାଟିତ 'ଆଫ୍ରିକା ଗରିଲା ମଡେଲ'କୁ ଅତିଥି ଓ ଦର୍ଶକମାନେ ଦେଖୁଛନ୍ତି।

# ପ୍ରତିଷ୍ଠା ଦିବସରେ ଗରିଲା ମଡେଲ ଭେଟି

## ଆଞ୍ଚଳିକ ପ୍ରାକୃତିକ ସଂଗ୍ରହାଳୟ

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ଆଞ୍ଚଳିକ ପ୍ରାକୃତିକ ସଂଗ୍ରହାଳୟ (ଆର୍‌ଏମ୍‌ଏନ୍‌ଏଚ୍) ତା'ର ୧୮ତମ ପ୍ରତିଷ୍ଠା ଦିବସ ବୁଧବାର ପାଳନ କରିଛି। ଏହି ଅବସରରେ ଦର୍ଶକଙ୍କୁ ଭେଟି ସ୍ୱରୂପ 'ଆଫ୍ରିକା ଗରିଲା ମଡେଲ' ଉନ୍ମୋଚିତ ହୋଇଛି। ପରିବେଶ ଅନୁକୂଳ ଓ କମ୍ପୋଜିଟ ବାୟୋ ଡିଗ୍ରେଡେବଲ ସାମଗ୍ରୀରେ ନିର୍ମିତ ଏହି ମଡେଲ ସଂଗ୍ରହାଳୟର ଆଫ୍ରିକା ଗ୍ୟାଲେରିରେ ପ୍ରଦର୍ଶିତ ହୋଇଛି। ଏଥିସହ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ନେଇ ପୋଷ୍ଟର ମେକିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବନ୍ୟପ୍ରାଣୀ ସଂରକ୍ଷଣ ବିଷୟବସ୍ତୁକୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା।

ରାଉରକେଲା ଆର୍‌ସିସିଏଫ୍ ଅରୁଣ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଗ୍ରହାଳୟ ଛାତ୍ରୀଛାତ୍ରଙ୍କ ଜ୍ଞାନ ବୃଦ୍ଧି କରିବାରେ କିପରି ସହାୟକ ହୋଇଥାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପୂର୍ବାଞ୍ଚଳ କାର୍ଯ୍ୟାଳୟର ଡ. ଟି. ଏଚ୍. ମହାତୋ, ସଂଗ୍ରହାଳୟ ସାଇଣ୍ଟିଷ୍ଟ ଇନ୍‌ଚାର୍ଜ ଗୌରବ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ନନ୍ଦନକାନନରେ କଳରାପତରିଆ ବାଘ ମଙ୍ଗଳର ମୃତ୍ୟୁ

ବାରଙ୍ଗ,୧୦।୮(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଥିବା ୧୬ ବର୍ଷର କଳରାପତରିଆ ବାଘ ମଙ୍ଗଳର ମଙ୍ଗଳବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଗତ କିଛିଦିନ ହେବ ମଙ୍ଗଳ ଅସୁସ୍ଥ ରହିବାରୁ ଧୀରେ ଧୀରେ ଖାଇବା ଛାଡ଼ି ଦେଇଥିଲା। ପ୍ରାଣୀ ଉଦ୍ୟାନର ଡାକ୍ତର ଚିକିତ୍ସା କରିଥିଲେ ମଧ୍ୟ ତା'ର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ହୋଇ ନ ଥିଲା। ପରେ ନନ୍ଦନକାନନ ଡାକ୍ତର ମଙ୍ଗଳକୁ ବାଧ୍ୟ ହୋଇ ୧୮ ନଂ. ଏନ୍‌କ୍ଲୋଜରରୁ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଡାକ୍ତରଖାନାରେ ମଙ୍ଗଳର ଚିକିତ୍ସା ଆରମ୍ଭ ହୋଇଥିଲେ ମଧ୍ୟ ତା'ର ମୃତ୍ୟୁ ଘଟିଛି। ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ମଙ୍ଗଳକୁ ୨୦୧୨ରେ ଚଣ୍ଡିଗଡ଼ରୁ ୬ ବର୍ଷର ହୋଇଥିବାବେଳେ ନନ୍ଦନକାନନକୁ ଅଣାଯାଇଥିଲା। ବୟସାଧିକ କାରଣରୁ ମଙ୍ଗଳ ଅସୁସ୍ଥତାର ଶିକାର ହୋଇ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ମଙ୍ଗଳର ମୃତ୍ୟୁ ପରେ ବର୍ତ୍ତମାନ ନନ୍ଦନକାନନରେ କଳରାପତରିଆ ବାଘ ସଂଖ୍ୟା ହ୍ରାସ ପାଇ ୪ରେ ପହଞ୍ଚିଛି। ସେଥିମଧ୍ୟରେ ୨ ମାଈ ଓ ୨ ଅଣ୍ଡିରା ବାଘ ଥିବା ଜଣାପଡ଼ିଛି।




## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରଭାଶିଷ


@ ଶୁଭମ୍


@ ଦୀପ୍ତିରଞ୍ଜନ


@ ସତ୍ୟ


@ ଅନିକେତ

# ଭଉଣୀଙ୍କୁ ସଙ୍ଗୀତ ଉପହାର ଦେଲେ ରାପର

## 'ମେରୀ ବେହେନା ଦି ରାଖୀ ସଙ୍ଗ୍' ରିଲିଜ୍

ପୁରୀ ଅଫିସ, ୧୦।୮

ସଂସାରରେ ଭାଇ-ଭଉଣୀର ସମ୍ପର୍କ ହେଉଛି ସବୁଠାରୁ ପବିତ୍ର। ଭଉଣୀଟିଏ ସର୍ବଦା ଭାଇର ମଙ୍ଗଳ ମନାସିଥାଏ। ସେହିପରି ଭଉଣୀର ସୁରକ୍ଷା ପାଇଁ ଭାଇ ତତ୍ପର ରହିଥାଏ। ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମା ତଥା ରକ୍ଷାବନ୍ଧନ ଦିନ ଭାଇ ହାତରେ ଭଉଣୀ ରାଖୀ ବାନ୍ଧି ସାରା ଜୀବନ ପାଇଁ ତା'ଠାରୁ ସୁରକ୍ଷାର ବଚନ ନେବା ସହ ଠାକୁରଙ୍କ ନିକଟରେ ଭାଇର ଦୀର୍ଘାୟୁ କାମନା କରିଥାଏ। ଚଳିତ ବର୍ଷ ରକ୍ଷାବନ୍ଧନକୁ ନିଆରା ଢ଼ଙ୍ଗରେ ପାଳନ କରିଛନ୍ତି ପୁରୀର ଜଣାଶୁଣା ର୍‍ୟାପର ରାଜେଶ କୁମାର କର। ବୁଧବାର ରାଜେଶଙ୍କ ନୂତନ ର୍‍ୟାପ୍ ସଙ୍ଗୀତ 'ମେରୀ ବେହେନା ଦି ରାଖୀ ସଙ୍ଗ୍' ରିଲିଜ ହୋଇଛି। ସେ ଏହି ଗୀତକୁ ତାଙ୍କ ଭଉଣୀ ଦେବସ୍ମିତାଙ୍କୁ ଉତ୍ସର୍ଗ କରିଛନ୍ତି।



ରିଲିଜ୍ ହୋଇଥିବା ରାପ୍ ସଂଗୀତ ପୋଷ୍ଟରରେ ରାଜେଶ କରଙ୍କ ସହ ଭଉଣୀ ଦେବସ୍ମିତା।

ରାଜେଶ ହେଉଛନ୍ତି ମଧୁସୂଦନ କର ଓ ଗୀତାଞ୍ଜଳି କରଙ୍କ ପୁଅ। ପିଲାବେଳୁ ତାଙ୍କର ସ୍ୱପ୍ନ ଭିନ୍ନ ଥିଲା। ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସିଂହାରୀ ସେବାୟତ ଭାବେ ମଧ୍ୟ ସେବା କରିଥାନ୍ତି। ଜଗନ୍ନାଥଙ୍କ ସେବାପୂଜା ସହ ଖାଲି ସମୟରେ ର୍‍ୟାପ୍ ଗୀତ ଲେଖିଥାନ୍ତି। ସେ ଅନେକ ର୍‍ୟାପ୍ ଗୀତ ଲେଖି ପ୍ରସଂଶା ପାଇଛନ୍ତି। ଏହା ପୂର୍ବରୁ ରାଜେଶଙ୍କ ର୍‍ୟାପ୍ ସଙ୍ଗୀତ 'ଅତିଥି ଦେବୋ ଭବ' ସଫଳତା ପାଇ ଢେର ପ୍ରଶଂସା ସାଉଣ୍ଟିଥିଲା। ସେହିପରି ସେ ଶ୍ରୀଲଙ୍କାର ୟୋହାନୀଙ୍କ 'ମାନିକେ ମାଗେ ହିତେ' ଗୀତ ଗାଇ ଚର୍ଚ୍ଚାକୁ ଆସିଥିଲେ। ଏଥର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଭଉଣୀଙ୍କ ପାଇଁ ଏହି ଗୀତ ଲେଖିଥିବା ସେ କହିଛନ୍ତି। ଗୀତଟି ସମସ୍ତ ଭଉଣୀଙ୍କ ଲାଗି ଉଦ୍ଦିଷ୍ଟ ବୋଲି ସେ ପ୍ରକାଶ କରିଛନ୍ତି। ପୂର୍ବ ଗୀତଗୁଡ଼ିକ ପରି ଏହି ଗୀତଟି ମଧ୍ୟ ହିଟ୍ ହେବ ବୋଲି ସେ ଆଶା ରଖିଛନ୍ତି। ଏହି ଗୀତରେ ଓଡ଼ିଆ ଓ ହିନ୍ଦୀ ଭାଷାର ମିଶ୍ରଣ ରହିଛି। ଏହି ର୍‍ୟାପ ଗୀତରେ ତାଙ୍କ ଭଉଣୀ ମଧ୍ୟ ସାମିଲ ରହିଛନ୍ତି। ତାଙ୍କ ଜୀବନର ରାଖୀ ବନ୍ଧନରେ ଏହା ଶ୍ରେଷ୍ଠ ଉପହାର ବୋଲି ଦେବସ୍ମିତା କହିଛନ୍ତି।

# ଅକ୍ଟୋବର ୭ରୁ ଅଗ୍ନିପଥ ଯୋଜନାରେ ନିଯୁକ୍ତି ରାଲି

## ଆବେଦନ ଅବଧି ଅଗଷ୍ଟ ୧ରୁ ୩୦

କଟକ ଅଫିସ, ୧୦।୮

ଭାରତ ସରକାରଙ୍କ ଅଗ୍ନିପଥ ଯୋଜନାରେ ସୈନ୍ୟ ବାହିନୀରେ ନିଯୁକ୍ତି ରାଲି ପାରାଦୀପସ୍ଥିତ ଗୋପବନ୍ଧୁ ଷ୍ଟାଡିୟମରେ ଆସନ୍ତା ଅକ୍ଟୋବର ୭ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଣୁ ପ୍ରାର୍ଥୀମାନେ ଅଗଷ୍ଟ ୧ରୁ ୩୦ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଅନ୍‌ଲାଇନରେ ଫର୍ମପୂରଣ ନିମନ୍ତେ ପ୍ରାର୍ଥୀମାନେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କଟକ ସୈନ୍ୟ ବାହିନୀ ନିଯୁକ୍ତି କାର୍ଯ୍ୟାଳୟର ସହାୟତା ନେଇପାରିବେ ବୋଲି ସୈନ୍ୟବାହିନୀ ନିଯୁକ୍ତି ଅଧିକାରୀ କହିଛନ୍ତି। ଏହି ରାଲିରେ ଅଗ୍ନିବୀର ସାଧାରଣ ସେବା, ଅଗ୍ନିବୀର ବୈଷୟିକ ସେବା, ଅଗ୍ନିବୀର ବ୍ୟବସାୟିକ ସେବା, ଅଗ୍ନିବୀର କିରାଣୀ/ଭଣ୍ଡାର ରକ୍ଷକ ବୈଷୟିକ ସେବା ଆଦି ପଦବୀ ପାଇଁ ନିଯୁକ୍ତି ଦିଆଯିବ। ସମସ୍ତ ପଦବୀ ନିମନ୍ତେ ପ୍ରାର୍ଥୀଙ୍କ ବୟସ ୧୭ ବର୍ଷ ୬ ମାସରୁ ୨୩ ବର୍ଷ ମଧ୍ୟରେ ହୋଇଥିବା ଦରକାର। ଅଗ୍ନିବୀର ପଦବୀ ନିଯୁକ୍ତି ପ୍ରକ୍ରିୟାରେ ପୂର୍ବତନ ସାମରିକ କର୍ମଚାରୀଙ୍କ ସନ୍ତାନଙ୍କୁ ଉଚ୍ଚତା, ଛାତି ଏବଂ ଓଜନ ଆଦି ଶାରୀରିକ ପରୀକ୍ଷାରେ ସରକାରଙ୍କ ନୀତି ଅନୁଯାୟୀ କୋହଳ ପ୍ରଦାନ କରାଯିବ। ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ପରେ ପ୍ରାର୍ଥୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହେବ। ଏହାପରେ ସାଧାରଣ ଲିଖିତ ପରୀକ୍ଷା କରାଯିବ। ପ୍ରାର୍ଥୀମାନଙ୍କର ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଏ, ବି, ସି ସାର୍ଟିଫିକେଟ ଥିଲେ ସେମାନଙ୍କୁ ଲିଖିତ ପରୀକ୍ଷାରେ ଅଗ୍ରାଧିକାର ଦିଆଯିବ। ଏ ସମ୍ପର୍କିତ ସମସ୍ତ ବିବରଣୀ ୱେବ୍‌ସାଇଟ୍ www.joinindianarmy.nic.inରେ ଉପଲବ୍ଧ ରହିଛି। ଏଥିସହ ବିସ୍ତୃତ ବିବରଣୀ ନିମନ୍ତେ ପ୍ରାର୍ଥୀମାନେ ସୈନ୍ୟ ବାହିନୀ ନିଯୁକ୍ତି କାର୍ଯ୍ୟାଳୟ କଟକ ଫୋନ ନମ୍ବର ୦୬୭୧-୨୩୦୫୨୮୦/୯୪୩୭୧୬୨୨୮୦ରେ ଯୋଗାଯୋଗ କରିବାକୁ କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ବୁଧବାର ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।


ଆଜି ରକ୍ଷାବନ୍ଧନ: ଭୁବନେଶ୍ୱର ୟୁନିଟ୍-୧ ମାର୍କେଟର ଏକ ଦୋକାନରେ ଯୁବତୀମାନେ ରାଖୀ କିଣୁଛନ୍ତି।


ପବିତ୍ର ଝୁଲଣ ଉତ୍ସବ ଅବସରରେ ବୁଧବାର ପୁରୀ ସିଦ୍ଧ ବକୁଳ ମଠ ପକ୍ଷରୁ ସମ୍ବର୍ଦ୍ଧିତ କଳାକାରମାନେ।



ନିଖିଳ ଉତ୍କଳ ଗ୍ରାମରକ୍ଷୀ ମହାସଂଘ ପକ୍ଷରୁ ବୁଧବାର ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକ ଓ ଖବରଦାତା ସମ୍ମିଳନୀରେ ବିଭିନ୍ନ ଦାବି ସମ୍ପର୍କରେ ସୂଚନା ଦିଆଯାଉଛି।

**ଏନ୍‌ଡିଆର୍‌ଏଫ୍ ପକ୍ଷରୁ ସାଇକେଲ ରାଲି**

ବାରଙ୍ଗ,୧୦।୮(ଡି.ଏନ୍.ଏ.): ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଉଦ୍ଦେଶ୍ୟରେ ଲୋକଙ୍କୁ ସଚେତନ କରିବା ପାଇଁ ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ ୩ୟ ବାଟାଲିୟନ ପକ୍ଷରୁ ବୁଧବାର ଏକ ସାଇକେଲ ଶୋଭାଯାତ୍ରାର ଆୟୋଜିତ କରାଯାଇଛି। ଏହି ଶୋଭାଯାତ୍ରାରେ ୫୦ ଜଣ ଯବାନ ଅଂଶଗ୍ରହଣ କରିଥିଲେ। ମୁଣ୍ଡଳୀ ଏନ୍‌ଡିଆର୍‌ଏଫ୍ କମାଣ୍ଡାଣ୍ଟ ଯାଦବ କିସ୍ ପୋଟା ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସାଇକେଲ ଶୋଭାଯାତ୍ରାରେ ଡେପୁଟି କମାଣ୍ଡାଣ୍ଟ ଅରୁଣ ଦେଓଗାମ, ବର୍ଦ୍ଧମାନ ମିଶ୍ର, ଧନଞ୍ଜୟ କୁମାର ନେତୃତ୍ୱ ନେଇଥିଲେ। ଏନ୍‌ଡିଆର୍‌ଏଫ୍ ପରିସରରୁ ଶୋଭାଯାତ୍ରା ବାହାରି ତ୍ରିଶୂଳିଆରେ ପହଞ୍ଚିଥିଲା।

## ସଂକ୍ଷେପରେ

### ‘ଉତ୍କଳ ପ୍ରସଙ୍ଗ’, ‘ଓଡ଼ିଶା ରିଭ୍ୟୁ’ ପାଇଁ ଲେଖା ପାରିତୋଷିକ ବୃଦ୍ଧି

ଭୁବନେଶ୍ୱର,୧୦।୮(ବ୍ୟୁରୋ): ରାଜ୍ୟ ସରକାରଙ୍କ ମାସିକ ମୁଖପତ୍ର ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ପତ୍ରିକା ପାଇଁ ଲେଖା ପଠାଉଥିବା ଲେଖିକା ଲେଖକମାନଙ୍କ ପାଇଁ ପ୍ରଦାନ କରାଯାଥିବା ପାରିତୋଷିକ ରାଶିକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ଏବେ ପତ୍ରିକାରେ ବିଷୟ ଭିତ୍ତିକ ଫଟୋ ନ ଥାଇ ଲେଖା ପ୍ରକାଶ ପାଇଲେ ୫୦୦ଟଙ୍କା ପ୍ରଦାନ କରାଯିବ, ଯାହା ଆଗରୁ ୨୫୦ଟଙ୍କା ଥିଲା। ସେହିପରି ବିଷୟଭିତ୍ତିକ ଫଟୋ ଥାଇ ଲେଖା ପ୍ରକାଶ ପାଇଲେ ୬୦୦ଟଙ୍କା ଦିଆଯିବ, ଯାହା ଆଗରୁ ୩୦୦ଟଙ୍କା ଥିଲା। ଏ ନେଇ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହା ଦ୍ୱାରା ଲେଖିକା ଲେଖକମାନେ ଲେଖା ପଠାଇବାରେ ଆଗ୍ରହ ପ୍ରକାଶ କରିବେ।

### କଂଗ୍ରେସ ପାଳିଲା ସ୍ୱାଧୀନତାର ଗୌରବଯାତ୍ରା

ବାରଙ୍ଗ,୧୦।୮(ଡି.ଏନ୍.ଏ.): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶ ପାଇଁ ତ୍ୟାଗ ଓ ବଳିଦାନ ଦେଇଥିବା ମହାପୁରୁଷଙ୍କ ସ୍ମୃତିଚାରଣ ବୁଧବାର କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ କରାଯାଇଛି। ଏହି ଅବସରରେ ଆୟୋଜିତ ପଦଯାତ୍ରାରେ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇ ତ୍ରିଶୂଳିଆ ଛକ ନିକଟସ୍ଥ ବାଉଁଝେରୀ ମନ୍ଦିର ନିକଟରୁ ବାରଙ୍ଗ ପର୍ଯ୍ୟନ୍ତ ଯାଇଥିଲେ। କଟକ ଜିଲା ସଭାପତି ମାନସ ଚୌଧୁରୀ ଓ ବାରଙ୍ଗ ବ୍ଲକ ସଭାପତି ମଣ୍ଟୁ ମାଝିଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବାଙ୍କୀ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ।

### ପିସିଆର କର୍ମଚାରୀଙ୍କୁ ଆକ୍ରମଣ, ୨ ଗିରଫ

ଭୁବନେଶ୍ୱର,୧୦।୮(ବ୍ୟୁରୋ): ପିସିଆର କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ଟେକାପଥର ମାରି ଆକ୍ରମଣ କରିବା ଅଭିଯୋଗରେ ୨ ଯୁବକଙ୍କୁ ଭରତପୁର ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଧଉଳି ଥାନା ଅନ୍ତର୍ଗତ କଲ୍ୟାଣପୁରର ପ୍ରଶାନ୍ତ ଭୋଇ (୨୪) ଓ ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଦଳିତ ସାହିର ରାମଚନ୍ଦ୍ର ଭୋଇ (୧୯)। ପୋଲିସ ଏନେଇ ଏକ ମାମଲା ରୁଜୁ କରିଛି। ସୂଚନା ଅନୁସାରେ, ମଙ୍ଗଳବାର ରାତିରେ ଭରତପୁର ଥାନା ପୋଲିସ ଜୟଦେବ ବାଟିକା ନିକଟରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲେ। ରାତି ପ୍ରାୟ ସାଢେ ଗୋଟେ ସମୟରେ ୨ ଅଭିଯୁକ୍ତ ବାଇକ୍ ଯୋଗେ ଆସି ପିସିଆର୍ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ପିସିଆର କର୍ମଚାରୀ ସେମାନଙ୍କୁ ଧରିବା ପାଇଁ ଚେଷ୍ଟା କଲାବେଳେ ୨ ଯୁବକ କର୍ମଚାରୀଙ୍କୁ ଟେକାପଥର ମାରି ଆକ୍ରମଣ କରିଥିଲେ। ଏହାପରେ ଦୁହେଁ ଜୟଦେବ ବାଟିକାଠାରୁ ତପୋବନ ବସ୍ତି ଆଡକୁ ଯାଉଥିବାବେଳେ ଏକ ହମ୍ପସରେ ମାଡ ହୋଇ ପଡିଯାଇଥିଲେ। ଦୁହେଁ କ୍ଷତବିକ୍ଷତ ହୋଇଥିବାବେଳେ ପିସିଆର୍ ସେଠାରେ ପହଞ୍ଚିବାରୁ ଗାଡ଼ିକୁ ପୋଡି ଦେବାକୁ ଧମକ ଦେଇଥିଲେ। ପରେ ପୋଲିସ ସେମାନଙ୍କୁ କାବୁ କରିଥିଲା।

### ବିପିଏ ସଭାପତି ହେଲେ ପ୍ରମୋଦ ବିଶ୍ୱାଳ

ଭୁବନେଶ୍ୱର,୧୦।୮(ବ୍ୟୁରୋ): ବାଲିକୁଦା ପିପୁଲ୍ସ ଆସୋସିଏସନ (ବିପିଏ)ର ସାଧାରଣ ପରିଷଦ ବୈଠକ ରାଜଧାନୀ କଳା ସଂସଦଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଦେବେନ୍ଦ୍ର ଚରଣ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଅନୁଷ୍ଠାନର ସଭ୍ୟ କମଳ ଲୋଚନ ମହାନ୍ତି, ବିଭୂତି ଭୂଷଣ ସ୍ୱାଇଁ, ଚୈତନ୍ୟ ଚରଣ ପରିଡା, ଜ୍ୟୋତିର୍ମୟୀ ଦାସ, ଶରତ ଚନ୍ଦ୍ର ନାୟକ, କ୍ଷେତ୍ରମୋହନ ଦାସ ଏବଂ ମିହିର ମିଶ୍ର ପ୍ରମୁଖ ବାଲିକୁଦା ଅଞ୍ଚଳକୁ ସମୃଦ୍ଧ କରିବା ଓ ପ୍ରଗତିଶୀଳ କରିବା ଉଦ୍ଦେଶ୍ୟରେ ନିଜ ନିଜର ମତବ୍ୟକ୍ତ କରିଥିଲେ। ନୂତନ କମିଟି ଗଠନରେ ସଭାପତି ଭାବେ ପ୍ରମୋଦ ବିଶ୍ୱାଳ, ଉପ ସଭାପତି ଭାବେ ପ୍ରଶାନ୍ତ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଭାବେ ଚୈତନ୍ୟ ଚରଣ ପରିଡା, ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ଦାସ, ସହ ସମ୍ପାଦକ ଭାବେ ଚିତ୍ତରଞ୍ଜନ ଦାସ, କୋଷାଧ୍ୟକ୍ଷ ଭାବେ ଭାନୁପ୍ରକାଶ ସ୍ୱାଇଁ ଏବଂ ମିହିର ମିଶ୍ର ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ବୈଠକରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଚାରାରୋପଣ ଓ ଭଗବତ୍ ଗୀତା ପୁସ୍ତକ ବଣ୍ଟନ ହେବ ବୋଲି ସ୍ଥିର ହୋଇଥିଲା। ମିହିର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶ୍ରୀଲିଙ୍ଗରାଜଙ୍କ ପବିତ୍ରାରୋପଣ ନୀତି ବନ୍ଦ

## ୨ ସେବାୟତଙ୍କ ବିବାଦ ସମାଧାନ ହେଲାନି, ଠାକୁର ଉପବାସ ରହିଲେ

ପୁରୁଣା ଭୁବନେଶ୍ୱର,୧୦।୮(ଡି.ଏନ୍.ଏ.)



ଶ୍ରୀ ଲିଙ୍ଗରାଜଙ୍କ ପରମ୍ପରାରେ ଅନେକବାର ବ୍ୟାଘାତ ସୃଷ୍ଟି ହେଉଛି। ଏପରିକି ଅତୀତରେ କପିଳେଶ୍ୱର ମନ୍ଦିରରେ ଖୁଣ୍ଟିଆ ଏବଂ ମଳିଆ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ୯୦୦ବର୍ଷର ହାଣ୍ଡିଭଙ୍ଗା ଯାତ୍ରା ପରମ୍ପରାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସେହିପରି ବୁଧବାର ଶ୍ରୀଜୀଉଙ୍କ ପବିତ୍ରାରୋପଣ ନୀତି ବନ୍ଦ ହୋଇଛି। ବଡୁ ଏବଂ ପୂଜାପଣ୍ଡା ଦୁଇ ସେବାୟତଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବିଭ୍ରାଟ ଯୋଗୁ ୨୦୨୦ ମସିହାରୁ ଠାକୁରଙ୍କର ଏହି ପବିତ୍ରାରୋପଣ ନୀତି ବନ୍ଦ ହୋଇଆସୁଛି। ମଙ୍ଗଳବାର ରାତି ୯.୧୫ରୁ ଠାକୁରାଣୀ ସନ୍ଧ୍ୟାପରଠାରୁ ମନ୍ଦିରରେ ଶ୍ରୀଜୀଉଙ୍କ ସମସ୍ତ ନୀତି ବନ୍ଦ ରହିଛି। ପରମ୍ପରା ମୁତାବକ ପବିତ୍ରା ରୋପଣ ଦିନ ପୂଜାପଣ୍ଡା ସେବାୟତ ୩ଟି ପଇତା ଶ୍ରୀ ଲିଙ୍ଗରାଜଙ୍କୁ ଲାଗି କରିଥିବାବେଳେ ଅବଶିଷ୍ଟ ୨୪ଟି ପଇତାକୁ ବଡୁ ସେବାୟତମାନେ ଲାଗି କରିଥାନ୍ତି। ମାତ୍ର ଏଥିରେ ପୂଜାପଣ୍ଡା ସେବାୟତମାନେ ବଞ୍ଚିତ ରହିବାରୁ ଏ ନେଇ ଦେବତ୍ତ୍ୱର କମିଶନରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମନ୍ଦିର ପ୍ରଶାସନ ଉଭୟ ସେବାୟତଙ୍କୁ ମନାଇବାରେ ବିଫଳ ହେବାରୁ ଠାକୁରଙ୍କୁ ବୁଧବାର ଦିନତମାମ ଉପବାସ ରହିବାକୁ ପଡ଼ିଲା।

**ମନ୍ଦିର ବେଢାରେ କୁକୁର:** ଶ୍ରୀ ଲିଙ୍ଗରାଜ ମନ୍ଦିର ସୁରକ୍ଷାପାଇଁ ମେଟାଲ ଡ଼ିଟେକ୍ଟର ଏବଂ ସୁରକ୍ଷାକର୍ମୀ ନିୟୋଜିତ ଅଛନ୍ତି। ଏହାସତ୍ତ୍ୱେ ମଙ୍ଗଳବାର ସନ୍ଧ୍ୟାରେ ଏକ ବୁଲା କୁକୁର ମନ୍ଦିର ଉତ୍ତରଦ୍ୱାର ପାଚେରି ଦେଇ ଆନନ୍ଦବଜାର ପାହାଚରେ ଓହ୍ଲାଇ ଭିତରକୁ ଆସିଥିଲା ପରେ ସେଇପଟେ ବାହାରକୁ ଯାଇଥିଲା। ଏହାପରେ ମନ୍ଦିର ନୀତିକାନ୍ତି କରାଯାଇ ଶ୍ରୀଜୀଉଙ୍କ ଓଲାଗି କରାଯାଇଥିଲା। ପରେ ଉକ୍ତ ଦିନର ପାଳିଆ ପୂଜାପଣ୍ଡା ଶ୍ରୀଜୀଉଙ୍କ ମାଘସ୍ନାନ କରାଇ ମଙ୍ଗଳ ଆଳତୀ ଓ ଅନ୍ୟାନ ନୀତି କରାଯାଇଥିଲା।

# ଜଳବନ୍ଦୀ ସମସ୍ୟା ବୁଲି ଦେଖିଲେ ମେୟର



ବାଲିଅନ୍ତା,୧୦।୮(ଡି.ଏନ୍.ଏ.)

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଭୁବନେଶ୍ୱର ମହାନଗର ନିଗମ ୧୮ ନଂ. ୱାର୍ଡ ଅଧୀନ ପଳାଶୁଣୀ କପିଳେଶ୍ୱର ବିହାରରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘର ଚତୁଃପାର୍ଶ୍ୱ ଓ ରାସ୍ତା ଉପରେ ଜମି ରହୁଛି। ବାସିନ୍ଦାମାନେ ପାଣି ଭିତରେ ପଶି ଯିବା ଆସିବା କରିବାକୁ ବାଧ ହେଉଛନ୍ତି। ବୁଧବାର ସକାଳେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସ୍ଥାନୀୟ କର୍ପୋରେଟର ବିପ୍ଳବ ବେହେରା ଜଳବନ୍ଦୀ ଅଞ୍ଚଳକୁ ଗସ୍ତ କରିଥିଲେ। ମେୟର ପାଣି ଭିତରେ ପଶି ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ଥାନୀୟ ବାସିନ୍ଦା ସୁରେଶ ଚନ୍ଦ୍ର ମହାପାତ୍ର, ହରେକୃଷ୍ଣ ତରାଇ, ବ୍ରଜ କିଶୋର ରାଉତ, ସୁଶୀଳକାନ୍ତ ପ୍ରଧାନ ଓ ସାମାଜିକ କର୍ମୀ ସିଲୁ ଲେଙ୍କା ପ୍ରମୁଖ ମେୟରଙ୍କୁ ଜଳବନ୍ଦୀ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ମେୟର ପାଣି ଜମି ଥିବା ସମସ୍ତ ରାସ୍ତାକୁ ନିଜେ ବୁଲି ଦେଖିଥିଲେ। ଏହି ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପ୍ରତି ଦୃଷ୍ଟି ଦିଆଯିବ ବୋଲି ମେୟର କହିଥିଲେ।

# ଆଧୁନିକ ହସ୍ତତନ୍ତ ପୋଷାକରେ ‘ଫ୍ୟାଶନ୍ ଶୋ’





ଭୁବନେଶ୍ୱର,୧୦।୮(ବ୍ୟୁରୋ)

ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ଉପଲକ୍ଷେ ବୟନିକା ଓ ବୟନ ଶିଳ୍ପ ନିର୍ଦ୍ଦେଶାଳୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ସପ୍ତାହେ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବୁଧବାର ମାର୍କେଟ ବିଲ୍ଡିଂଠାରେ ସମ୍ପ୍ରସାରିତ ବୟନିକାର ଉଦ୍‌ଘାଟନ ସହ ବୟନ ଭବନରେ ବୟନିକା ଅନନ୍ୟର ଉଦ୍‌ଘାଟନ ମଧ୍ୟ ହୋଇଯାଇଛି। ଏକାମ୍ର ହାଟଠାରେ ବୟନିକା ପକ୍ଷରୁ ଓଡ଼ିଶା ହସ୍ତତନ୍ତର ଅନନ୍ୟ ଫ୍ୟାଶନ୍ ଶୋ’ ଅନୁଷ୍ଠିତ ହୋଇଯାଇଛି। ଏହି ଫ୍ୟାଶନ୍ ଶୋ’ରେ ୧୦ଟି ସେଗ୍‌ମେଣ୍ଟରେ ଓଡ଼ିଶା ହସ୍ତତନ୍ତର ବିଭିନ୍ନ ଡିଜାଇନ୍ ଓ କଲେକ୍‌ସନ୍‌କୁ ମଡେଲ୍‌ମାନେ ପ୍ରଦର୍ଶନ କରିଥିଲେ। ଏହି ଫ୍ୟାଶନ୍ ଶୋ’କୁ ଭୁବନେଶ୍ୱର ମହାନଗର ନିଗମ କମିଶନର ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକ୍‌ନୋଲୋଜିର ନିର୍ଦ୍ଦେଶକ ଶୋଭନ୍ କ୍ରିଷ୍ଣା ସାହୁ, ସୋନପୁରର କଲେକ୍ଟର ତଥା ଜିଲା ମାଜିଷ୍ଟ୍ରେଟ୍ ଅବୋଲି ସୁନୀଲ ନରୱାଣେ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ଡେପୁଟି ଡାଇରେକ୍ଟର, ଇଣ୍ଟେଲିଜେନ୍ସ କୁନାଲ କୁମାର, ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ହସ୍ତତନ୍ତ ଶିଳ୍ପର ଗୁରୁତ୍ୱ ଉପରେ ଜନସଚେତନତା ସୃଷ୍ଟି କରିବା ଏବଂ ଦେଶର ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧିରେ ଏହାର ଅବଦାନକୁ ସ୍ୱୀକୃତି ଦେବା ଏହି ଦିବସର ଉଦ୍ଦେଶ୍ୟ ଓ ଲକ୍ଷ୍ୟ। ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ଉତ୍ପାଦ ବ୍ୟତୀତ ରାଜ୍ୟର ଅଗଣିତ ପୁରୁଷ ଓ ମହିଳାଙ୍କ ପାଇଁ କାର୍ଯ୍ୟାଳୟ ପୋଷାକ, ଯୁବପିଢ଼ିଙ୍କ ପାଇଁ ଯୁଗୋପଯୋଗୀ ବସ୍ତ୍ର ବିକ୍ରୟ କରିବାରେ ବୟନିକା ପ୍ରମୁଖ ଭୂମିକା ଗ୍ରହଣ କରିଛି।

# ‘ମୁଁ ଅନୁତପ୍ତ ନୁହେଁ, ଘଟଣା ଭାଜପାର ଷଡ଼ଯନ୍ତ୍ର ଥିଲା’

## ଲୋକଙ୍କ ଉପରକୁ ବିଧାୟକ ଗାଡ଼ି ମଡ଼ାଇବା ଘଟଣା

- ଜେଲରୁ ମୁକୁଳିବା ପରେ ବିଧାୟକ ମତ ରଖିଲେ
- ଦୋଷ ଲୁଚାଇବାକୁ ଏମିତି କୁହନ୍ତି: ଗୋଲକ

ଖୋର୍ଦ୍ଧା ଅଫିସ,୧୦।୮

ବାଣପୁର ବ୍ଲକ ଆଗରେ ସାଧାରଣ ଲୋକ ଏବଂ ପୋଲିସ ଉପରକୁ ଗାଡି ମଡାଇବା ଘଟଣାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ସୁପ୍ରିମକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇ ଜେଲରୁ ମୁକୁଳିବା ପରେ ପ୍ରଥମଥର ଲାଗି ମୁହଁ ଖୋଲିଛନ୍ତି। ବୁଧବାର ବିଧାନସଭା କମିଟି ବୈଠକକୁ ଆସିଥିବା ଅବସରରେ ଗଣମାଧ୍ୟମ ନିକଟରେ ବିଧାୟକ କହିଛନ୍ତି, ସେଦିନର ଘଟଣା ପାଇଁ କୌଣସି ଅନୁତପ୍ତ ନୁହେଁ। ତାହା କେବଳ ଭାଜପାର ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଥିଲା।

ସେ କହିଛନ୍ତି, ବାଣପୁର ବ୍ଲକରେ ଚେୟାରମ୍ୟାନ ନିର୍ବାଚନ ଥିଲା। ମୁଁ ସମିତି ସଭ୍ୟଙ୍କୁ ଦେଖା କରିବାକୁ ଯାଉଥିଲି। ବ୍ଲକକୁ ପ୍ରବେଶ କରିବା ବେଳେ ବିନା କାରଣରେ ଭାଜପା କର୍ମୀମାନେ ଠେଙ୍ଗାରେ ପତାକା ଲଗାଇ ଗାଡ଼ି ଆଗକୁ ଆସିଥିଲେ। ଗାଡ଼ିକୁ ବାଡ଼େଇବା ଆରମ୍ଭ କରିଥିଲେ। ଫଳରେ ବ୍ରେକ ଉପରୁ ମୋ ପାଦ ଖସିଗଲା। ଗାଡିରେ ମଦ ବୋତଲ ଓ ନମ୍ବର ପ୍ଲେଟ ବଦଳ ବି ଭାଜପାର ଷଡ଼ଯନ୍ତ୍ର ଥିଲା। ମୁଁ କୌଣସି ଭୁଲ କରିନି। ଘଟଣା ଦିନ ସକାଳ ୭ଟାରେ ଚଣ୍ଡେଶ୍ୱର ମନ୍ଦିର ଦର୍ଶନ ସାରି ଫେରିଥିଲି। ମଦ୍ୟପାନ କରିବା କଥା ସମ୍ପୂର୍ଣ୍ଣ ମିଥ୍ୟା। ମୁଁ ଏବେ ମଧ୍ୟ ବିଜେଡିରେ ଅଛି। ଘରେ ରହି ଲୋକଙ୍କ ସମସ୍ୟା ବୁଝୁଛି ବୋଲି ପ୍ରଶାନ୍ତ ଜଗଦେବ କହିଛନ୍ତି। ହେଲେ ବିଧାୟକଙ୍କ ଏହି ବୟାନର କଡ଼ା ଜବାବ ରଖିଛନ୍ତି ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର। ସେ କହିଛନ୍ତି, ବିଧାୟକ ଜଗଦେବଙ୍କ ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ। ଘଟଣା ଦିନ ସେଠାରେ ଉପସ୍ଥିତ ଥିବା ଜନତା ସତ କ’ଣ ସବୁ ଜାଣିଛନ୍ତି। ନିଜ ଭୁଲ ପାଇଁ ଅନୁତାପ କରିବା ପରିବର୍ତ୍ତେ ଦୋଷକୁ ଲୁଚାଇବାକୁ ଯାଇ ମିଥ୍ୟା କଥା କହୁଛନ୍ତି।

# କୃଷି କାର୍ଯ୍ୟାଳୟରେ ନିଶାସେବନ ମନା

- ଅମାନ୍ୟ କଲେ ହେବ କାର୍ଯ୍ୟାନୁଷ୍ଠାନ
- ଶୁକ୍ରବାର ହସ୍ତତନ୍ତ ପିନ୍ଧିବାକୁ କର୍ମଚାରୀଙ୍କୁ ଅନୁରୋଧ

ଭୁବନେଶ୍ୱର,୧୦।୮(ବ୍ୟୁରୋ)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସମସ୍ତ କାର୍ଯ୍ୟାଳୟରେ ନିଶାଦ୍ରବ୍ୟ ସେବନ ନିଷେଧ କରାଯାଇଛି। ସଚିବାଳୟଠାରୁ ଆରମ୍ଭ କରି ବିଭାଗୀୟ ମୁଖ୍ୟ ଦପ୍ତର ଓ ଜିଲାସ୍ତରରେ ଥିବା କାର୍ଯ୍ୟାଳୟରେ ଏହାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। କୌଣସି କର୍ମଚାରୀ କାର୍ଯ୍ୟାଳୟରେ ନିଶାଦ୍ରବ୍ୟ, ପାନ, ବିଡ଼ି, ଗୁଟ୍‌ଖା, ସିଗାରେଟ ସେବନ କରିପାରିବେ ନାହିଁ । ବୁଧବାର ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସମସ୍ତ କାର୍ଯ୍ୟାଳୟର ମୁଖ୍ୟ ଏହାକୁ ଅନୁପାଳନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଖିଲାପ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହିତ ସେ ବିଭାଗର ସମସ୍ତ କର୍ମଚାରୀମାନଙ୍କୁ ସପ୍ତାହକୁ ଗୋଟିଏ ଦିନ(ଶୁକ୍ରବାର) ହସ୍ତତନ୍ତ ଲୁଗା ପିନ୍ଧିବାକୁ ଅନୁରୋଧ କରିଛନ୍ତି। ହସ୍ତତନ୍ତର ପ୍ରୋତ୍ସାହନ ତଥା ବୁଣାକାରମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପାଢ଼ୀ ଏଭଳି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସେ ପୁରୁଣା ପରମ୍ପରାକୁ ଭାଙ୍ଗିଛନ୍ତି। ଦୁଇଟି ବିଜ୍ଞପ୍ତିକୁ ଇଂଲିଶ ବଦଳରେ ସେ ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଓଡ଼ିଆ ଭାଷାର ପ୍ରସାର କରିବା ପାଇଁ ସରକାରୀ ସ୍ତରରେ ବାଧ୍ୟତାମୂଳକ କରିଥିବା ବେଳେ କୌଣସି ଅଧିକାରୀ ଏହାକୁ ଗୁରୁତ୍ୱ ଦେଇନାହାନ୍ତି।

# ଓଡ଼ିଶା ପର୍ଯ୍ୟଟନ ବିକାଶ ପାଇଁ ମନ୍ତ୍ରୀଙ୍କୁ ପ୍ରସ୍ତାବ

ଭୁବନେଶ୍ୱର,୧୦।୮(ବ୍ୟୁରୋ)

ଓଡ଼ିଶା ପର୍ଯ୍ୟଟନର ବିକାଶ ଏହାର ଉତ୍ତମ ଭିତ୍ତିଭୂମି ଉପରେ ନିର୍ଭର କରେ। ଏବେବି ରାଜ୍ୟର ବହୁ ପର୍ଯ୍ୟଟନସ୍ଥଳୀକୁ ଯଥେଷ୍ଟ ସଂଖ୍ୟାରେ ରେଳ ଚଳାଚଳ କରୁନାହିଁ। ରାଜ୍ୟରେ ଆନ୍ତର୍ଜାତିକ ବିମାନବନ୍ଦର ଥାଇ ବି ଅନ୍ତଃରାଷ୍ଟ୍ରୀୟ ବିମାନ ଏଠାରୁ ଉଡୁନି। ଦୁବାଇ, ଥାଇଲାଣ୍ଡ, ସିଙ୍ଗାପୁର, ନେପାଳ ଆଦି ରାଷ୍ଟ୍ରକୁ ସିଧାସଳଖ ବିମାନ ଉଡ଼ାଣର ଆବଶ୍ୟକତା ରହିଛି। ଫଳରେ ଅଧିକ ବିଦେଶୀ ପର୍ଯ୍ୟଟକ ରାଜ୍ୟକୁ ଆସି ପାରିବେ। ଏହା ବ୍ୟତୀତ ବୋଧଗୟା, ଉଦୟପୁର ଓ ଗୋଆକୁ ସିଧାସଳଖ ବିମାନସେବା ଆରମ୍ଭ ପାଇଁ ପଦକ୍ଷେପ ନିଆଯିବା ଜରୁରୀ ବୋଲି ହୋଟେଲ ଆଣ୍ଡ ରେସ୍ତୋରାଁ ଆସୋସିଏଶନ ଅଫ୍ ଓଡ଼ିଶା(ହାରୋ) ପକ୍ଷରୁ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ଚିଠି ମାଧ୍ୟମରେ ବିଭିନ୍ନ ପ୍ରସ୍ତାବ ଦିଆଯାଇଛି। ସେହିପରି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀରେ ଭିତ୍ତିଭୂମିର ବିକାଶ କରାଯିବା ସହ ଅଧିକ ପର୍ଯ୍ୟଟକ ଆସୁଥିବା ସ୍ଥାନ ଯଥା ପୁରୀ, କୋଣାର୍କ, ଭୁବନେଶ୍ୱର ଆଦି ସ୍ଥାନରେ ସରକାରୀ ଘରୋଇ ସହଭାଗିତା (ପିପିପି) ମୋଡ୍‌ରେ ସୌନ୍ଦର୍ଯ୍ୟକରଣ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ କରାଯାଉଥିବା ଅତୁଲ୍ୟ ଭାରତ କ୍ୟାମ୍ପେନ୍‌ରେ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀକୁ ସ୍ଥାନ ଦେବା ପାଇଁ ରାଜ୍ୟ ପକ୍ଷରୁ ଦାବି କରାଯିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି। ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଦୃଷ୍ଟି ଆକର୍ଷଣ ନିମନ୍ତେ ଓଡ଼ିଶା ପର୍ଯ୍ୟଟନର ବିଶ୍ୱସ୍ତରର ବ୍ରାଣ୍ଡିଂ କରାଯାଉ। ବିଦେଶରେ ଅଧିକ ରୋଡ ଶୋ’ କରିବା ସହ ପ୍ରତି ବର୍ଷ ଓ ଟ୍ରାଭେଲ ବଜାର କାର୍ଯ୍ୟକ୍ରମ ଆୟୋଜନ କରିବାକୁ ହୋଟେଲ ହାରୋ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନକୁ ୧୦୦ବର୍ଷ ପୂରଣ ହେବ। ତେଣୁ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ଓ ସୁଯୋଗ ରହିଛି ବୋଲି ହାରୋ ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଛନ୍ତି।

# ‘ଶୈକ୍ଷିକ ବିକାଶ ପାଇଁ ପଦକ୍ଷେପ ନିଅ’

## ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ(ଓଏଭିଏସ୍)ର ଷଷ୍ଠ ସାଧାରଣ ପରିଷଦ ବୈଠକ ବୁଧବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଅଧ୍ୟକ୍ଷତା କରି କହିଲେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ହେଉଛି ମୁଖ୍ୟମନ୍ତ୍ରୀଙ୍କ ମାନସ ସନ୍ତାନ। ତେଣୁ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଶିକ୍ଷକଙ୍କୁ ବିଭିନ୍ନ ବିଷୟଭିତ୍ତିକ ପ୍ରଶିକ୍ଷଣ ଏବଂ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶ ଦିଗରେ ସବୁ ପ୍ରକାର ପଦକ୍ଷେପ ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। କୋରାପୁଟ ଜିଲା ପଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କୋଟିଆ ଗ୍ରାମପଞ୍ଚାୟତର ଗଞ୍ଜେଇପଦରଠାରେ କାର୍ଯ୍ୟକ୍ଷମ ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବର୍ତ୍ତମାନ ସ୍ଥିତି ଉପରେ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ଓଏଭିଏସ୍‌ର ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ କହିଲେ, ମୁଖ୍ୟମନ୍ତ୍ରୀଙ୍କ ୧୦ ସୂତ୍ରୀ କାର୍ଯ୍ୟକ୍ରମ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ଏଗୁଡ଼ିକର ସଫଳ ରୂପାୟନ ପାଇଁ ନିୟମିତ ଭାବେ ଯାଞ୍ଚ ହେବା ଉଚିତ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବିଷୟଭିତ୍ତିକ ତାଲିମ ଦେବା ପାଇଁ ବିଭାଗୀୟ ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ। ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସଂଗଠନର ସମସ୍ତ ଶୈକ୍ଷିକ ଓ ଅଣଶୈକ୍ଷିକ କାର୍ଯ୍ୟକ୍ରମକୁ ଠିକ୍ ଭାବରେ ପରିଚାଳନା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏସ୍. ଆଶ୍ୱସ୍ଥି ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକର କାର୍ଯ୍ୟକ୍ରମର ସୁପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରକଳ୍ପ ନିର୍ଦ୍ଦେଶକ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ମଙ୍କିପକ୍ସ ଚିକିତ୍ସା ପ୍ରଶିକ୍ଷଣ ନେଲେ ଡାକ୍ତର

- ଜାରି ହେଲା ଏସ୍‌ଓପି
- ଏସ୍‌ସିବି ମେଡିକାଲରେ ୪ ବେଡ୍ ବ୍ୟବସ୍ଥା

କଟକ ଅଫିସ, ୧୦।୮



ଶିବିରରେ ଡା. ଜୟନ୍ତ ପଣ୍ଡା, ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଲୁସି ଦାସ ଓ ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣାଙ୍କ ସମେତ ଅନ୍ୟମାନେ।

ମଙ୍କିପକ୍ସକୁ ନେଇ ବିଶ୍ୱବାସୀ ଆତଙ୍କିତ ହୋଇପଡିଛନ୍ତି। ଏହାର ମୁକାବିଲା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭାଗର ନିର୍ଦ୍ଦେଶକ୍ରମେ ବୁଧବାର ଏସ୍‌ସିବି ମେଡିକାଲର ହେରିଟେଜ୍ ଅଡିଟୋରିୟମରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ଜୟନ୍ତ ପଣ୍ଡା ଅଧ୍ୟକ୍ଷତା କରି କହିଛନ୍ତି, ବିଶ୍ୱରେ ମଙ୍କିପକ୍ସର ସ୍ଥିତି କ’ଣ ରହିଛି ଓ ଏହାକୁ କିପରି ଚିହ୍ନଟ କରାଯାଇପାରିବ, ସେନେଇ ଉପସ୍ଥିତ ଡାକ୍ତରମାନଙ୍କୁ ତାଲିମ ଦିଆଯାଇଛି। ଏ ନେଇ ଏସ୍‌ଓପି ଜାରି କରାଯାଇଛି। କୌଣସି ରୋଗୀ ଚିହ୍ନଟ ହେଲେ କ’ଣ ପଦକ୍ଷେପ ନେବା ଆବଶ୍ୟକ, ରୋଗୀଙ୍କୁ କେତେବେଳେ ଆଇସୋଲେଶନରେ ରଖାଯିବ, କିଭଳି ଚିକିତ୍ସା କରାଯିବ ଓ ଟିକାର ଗୁରୁତ୍ୱ କ’ଣ ରହିଛି ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଏହି ପ୍ରଶିକ୍ଷଣ ପରେ ଜିଲାସ୍ତରରେ ଆମେ ମଙ୍କିପକ୍ସ ମୁକାବିଲା ପାଇଁ ପ୍ରସ୍ତୁତ ହୋଇପାରିବା ବୋଲି ସେ କହିଛନ୍ତି। ସେହିପରି ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି, ବର୍ତ୍ତମାନ ଏସ୍‌ସିବି ମେଡିକାଲ ମଙ୍କିପକ୍ସ ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ମେଡିକାଲରେ ୪ଟି ବେଡ୍ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ଦୁଇଟି ବେଡ୍ ଆଇସିୟୁରେ ଓ ଆଉ ଦୁଇଟି ଅନ୍ୟ ଏକ ବିଭାଗରେ ରହିଛି। ଆବଶ୍ୟକ ପଡିଲେ ବେଡ୍ ସଂଖ୍ୟା ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଡିଏମ୍‌ଇଟି ବ୍ରଜ କୁମାର ଦାସ, ଡା. ନୀହାର ରଞ୍ଜନ ମହାନ୍ତି, ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଲୁସି ଦାସ, ଆର୍‌ଏମ୍‌ଆର୍‌ସି ଡାଇରେକ୍ଟର ସଂଘମିତ୍ରା ପତି, ଡିନ୍ ପ୍ରସେନ୍‌ଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ପ୍ରତ୍ୟେକ ଜିଲାର ୪ଜଣ ଲେଖାଏ ଡାକ୍ତର, ଏସ୍‌ସିବି ମେଡିକାଲର ଭେଷଜ, ଚର୍ମରୋଗ ଓ ଶିଶୁରୋଗ ବିଭାଗ ଡାକ୍ତରଙ୍କ ସମେତ ପିଜି ଡାକ୍ତରଙ୍କୁ ମିଶାଇ ମୋଟ୍ ୨୦୦ ଜଣ ଡାକ୍ତର ସାମିଲ ହୋଇଥିଲେ।

## ସଂକ୍ଷେପରେ

### ୧୦ ଗ୍ରାମ ବ୍ରାଉନସୁଗାର ଜବତ, ଯୁବକ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)୧୦।୮: ବ୍ରାଉନସୁଗାର ବେପାର କରୁଥିବାବେଳେ ମଞ୍ଚେଶ୍ୱର ଥାନା ପୋଲିସ ଚଢ଼ାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଚକେଇଶିଆଣିର ବାବୁ ଓରଫ ପ୍ରଦୀପ୍ତ ନାୟକ (୨୮)। ତାଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର ଓ ନଗଦ ୫୦ ହଜାର ୨୫୦ ଟଙ୍କା ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ ୨୮୪/୨୨) ରୁଜୁ କରି ଅଭିଯୁକ୍ତ ପ୍ରଦୀପ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

### ନାବାଳିକା ବଳାତ୍କାର ମାମଲା
### ଅଭିଯୁକ୍ତ ପିଉସାଙ୍କୁ ୧୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ

କଟକ ଅଫିସ, ୧୦।୮- ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତଙ୍କୁ ୧୪ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ତିନି ମାସ ଜେଲ୍ ଦଣ୍ଡରେ ଦଣ୍ଡିତ କରାଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୧୧ ଡକ୍ୟୁମେଣ୍ଟ ଓ ୧୧ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଭିଯୁକ୍ତ ରମେଶ ଚନ୍ଦ୍ର ନାୟକଙ୍କୁ ବୁଧବାର କୋର୍ଟ ଏହି ଦଣ୍ଡାଦେଶ ଶୁଣେଇଛନ୍ତି। ଏହା ସହ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ କଟକ ଜିଲା ତିଗିରିଆ ଅଞ୍ଚଳରେ ୨୦୧୭ ମେ ୧୬ତାରିଖରେ ନାବାଳିକା ପୀଡ଼ିତା ଘରେ ଏକୁଟିଆ ଶୋଇଥିବାବେଳେ ଅଭିଯୁକ୍ତ ରମେଶ(ପୀଡ଼ିତାଙ୍କ ପୀଉସା) ବଳପୂର୍ବକ ବାଳାତ୍କାର କରିଥିଲେ। ଫଳରେ ନାବାଳିକା ପୀଡ଼ିତାଙ୍କ ଗୁପ୍ତାଙ୍ଗରେ ଗଭୀର କ୍ଷତ ହେବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସକାଳୁ ପୀଡ଼ିତାଙ୍କ ଜେଜେ ମା' ରକ୍ତସ୍ରାବ ଦେଖି କାରଣ ପଚାରିଥିଲେ। ଏହା ପରେ ପୀଡ଼ିତା ସମସ୍ତ ଘଟଣା କହିଥିଲେ। ପୀଡ଼ିତାଙ୍କ ବୟାନକୁ ଆଧାର କରି ଜେଜେ ମା' ତିଗିରିଆ ଥାନାରେ ୨୦୧୭ ମେ ୧୮ରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଅଭିଯୁକ୍ତ ରମେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୀଡ଼ିତାଙ୍କ ପକ୍ଷରୁ ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଏମ୍ସରେ ଓପିଓଏଡ୍ ସବଷ୍ଟିଚ୍ୟୁଶନ ଥେରାପି କେନ୍ଦ୍ର ଖୋଲିଲା

- ନିଶାଗ୍ରସ୍ତ ରୋଗୀ ହୋଇପାରିବେ ଚିକିତ୍ସା
- ଗୁରୁତର ଅସୁସ୍ଥ ମାନସିକ ରୋଗୀଙ୍କ ପାଇଁ ଆପାତକାଳୀନ ସେବାର ଶୁଭାରମ୍ଭ
- ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ କ୍ଲିନିକାଲ ସେବା ଉଦ୍ଘାଟିତ

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ରାଜ୍ୟରେ ବ୍ରାଉନସୁଗାର, ଅଫିମ, ହେରୋଇନ ଓ ଇଞ୍ଜେକ୍ସନ ଜରିଆରେ ବିଭିନ୍ନ ନିଶା ନେଉଥିବା ରୋଗୀଙ୍କୁ ଚିକିତ୍ସା କରି ସମାଜର ମୁଖ୍ୟସ୍ରୋତକୁ ଆଣିବାକୁ ଏମ୍ସ ଭୁବନେଶ୍ୱର ଅଣ୍ଟା ଭିଡିଛି। ଏଥିପାଇଁ ଏମ୍ସର ମାନସିକ ରୋଗ ବିଭାଗ ପକ୍ଷରୁ ଓପିଓଏଡ୍ ସବଷ୍ଟିଚ୍ୟୁଶନ ଥେରାପି (ଓଏସ୍‌ଟି) କେନ୍ଦ୍ର ଖୋଲିଛି। ସେହିଭଳି ଗୁରୁତର ଅସୁସ୍ଥ ମାନସିକ ରୋଗୀଙ୍କ ଚିକିତ୍ସା ସେବାକୁ ତ୍ୱରାନ୍ୱିତ କରିବା ପାଇଁ ଉକ୍ତ ବିଭାଗ ପକ୍ଷରୁ ଏକ ଆପାତକାଳୀନ ସେବା(ଆକ୍ୟୁଟ କେୟାର ୟୁନିଟ)ର ଶୁଭାରମ୍ଭ କରାଯାଇଛି। ଏଥିସହିତ ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ କ୍ଲିନିକାଲ୍ ସେବା ଆରମ୍ଭ କରାଯାଇଛି। ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ଅନୁଷ୍ଠାନ (ଏସ୍‌ଆଇଇପି) ଓଡ଼ିଶାରୁ ରେଫର ହୋଇ ଆସୁଥିବା ଏପରି ଦିବ୍ୟାଙ୍ଗ ଶିଶୁଙ୍କୁ ଏଠାରେ ଉନ୍ନତି ଚିକିତସା ସେବା ଯୋଗାଇଦିଆଯିବ। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ମାନସିକ ରୋଗ ବିଭାଗରେ ଏହି ସମସ୍ତ ସ୍ୱତନ୍ତ୍ର ସେବାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି (ଓଏସ୍‌ଏସିଏସ୍)ର ପ୍ରକଳ୍ପ ନିର୍ଦ୍ଦେଶିକା ଡା. ଉର୍ମିଳା ମିଶ୍ର ଓ ଏମ୍ସର ମେଡିକାଲ ଅଧୀକ୍ଷକ ଡା. ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଭାରତରେ ବର୍ତ୍ତମାନ ପ୍ରାୟ ୮ ଲକ୍ଷରୁ ଅଧିକ ଇଞ୍ଜେକ୍ସନ ଡ୍ରଗ୍ ବ୍ୟବହାରକାରୀ ରହିଛନ୍ତି। ବିଭିନ୍ନ କାରଣରୁ ଏମାନଙ୍କ ମଧ୍ୟରୁ ଅଧିକାଂଶ ନିଶାମୁକ୍ତ ଜୀବନଯାପନ କରିବାରେ ଅସମର୍ଥ ହୋଇଥାଆନ୍ତି। ଏପରିକି ସେମାନେ ଦୁରାରୋଗ୍ୟ ଏଡ୍‌ସ ଭଳି ମାରାତ୍ମକ ରୋଗର ଶିକାର ହୋଇଥାଆନ୍ତି ବୋଲି ଏମ୍ସ ମାନସିକ ରୋଗ ବିଭାଗ ମୁଖ୍ୟ ଡା. ବିଶ୍ୱରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଓଏସ୍‌ଟି ସହିତ ସାମଗ୍ରିକ ମାନସିକ ଚିକିତ୍ସା ସାହାଯ୍ୟରେ ନିଶା ପୀଡ଼ିତ ରୋଗୀମାନେ ଡ୍ରଗ୍‌ମୁକ୍ତ ଜୀବନଯାପନ କରିବାରେ ସକ୍ଷମ ହୋଇଥାଆନ୍ତି। ଏମାନେ ଡ୍ରଗ୍ସ ଇଞ୍ଜେକ୍ସନ ମଧ୍ୟ ବନ୍ଦ କରିଦିଅନ୍ତି, ଯାହାକି ଏଚ୍‌ଆଇଭି, ହେପାଟାଇଟିସ୍ ଏବଂ ଇଞ୍ଜେକ୍ସନ ମାଧ୍ୟମରେ ସଂକ୍ରମିତ ଅନ୍ୟ ରୋଗର ସମ୍ଭାବ୍ୟ କ୍ଷତିକୁ ରୋକିଥାଏ ବୋଲି ଓଏସ୍‌ଟି ସେଣ୍ଟରର ନୋଡାଲ ଅଫିସର ତଥା ମନସ୍ତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ଡା. ଅର୍ପିତ ପରମାର ପ୍ରକାଶ କରିଛନ୍ତି। ଏମ୍ସ ଓପିଓଏଡ୍ ସବଷ୍ଟିଚ୍ୟୁଶନ ଥେରାପି କେନ୍ଦ୍ର ଦୈନିକ ୧୫୦ରୁ ୨୦୦ ରୋଗୀଙ୍କୁ ସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି। ତେବେ ଏସ୍‌ଆଇଇପିରୁ ଆସୁଥିବା ପିଲାଙ୍କୁ ସପ୍ତାହରେ ପ୍ରତି ମଙ୍ଗଳବାର ଓ ବୁଧବାର ଦିନ ସାଇକିଆଟ୍ରିକ ଓପିଡିରେ ସେବା ଯୋଗାଇ ଦିଆଯାଉଥିବା ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ମନସ୍ତତ୍ତ୍ୱ ବିଭାଗର ଡା. ଏସ୍ କେ ପାଢ଼ୀ, ଡା. ସୁରଭି ପାତ୍ର, ଡା. ଶ୍ରୀ ମିଶ୍ର, ଡା. ଦେବଦତ୍ତା ମହାପାତ୍ର, ଏସ୍‌ଆଇଇପିର ପ୍ରକଳ୍ପ ସଂଯୋଜକ ଡା. ପାମ୍ପା ଦେ ପ୍ରମୁଖ ଉପସ୍ଥିତ ଥିଲେ।


ଉଦ୍‌ଘାଟନ ଅବସରରେ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ଓ ଅନ୍ୟମାନେ।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ଆର୍‌ଆଇ

## ପଟ୍ଟା କରାଇ ଦେବା ପାଇଁ ୮ହଜାର ଟଙ୍କା ଲାଞ୍ଚ ନେଉଥିଲେ

ଖୋର୍ଦ୍ଧା ଅଫିସ/ ନିରାକାରପୁର /ଟାଙ୍ଗୀ(ଖୋର୍ଦ୍ଧା), ୧୦।୮(ଡି.ଏନ୍.ଏ.)

ଜମି ପଟ୍ଟା ପାଇଁ ୮ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଖୋର୍ଦ୍ଧା ଜିଲା ଟାଙ୍ଗୀ ତହସିଲ ଅଧୀନ ଅଚ୍ୟୁତପୁର ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଗୌରାଙ୍ଗ ଶବର ବୁଧବାର ଭୁବନେଶ୍ୱର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ପକ୍ଷରୁ ତାଙ୍କ ବାସସ୍ଥାନ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ଜରୁରୀ କାଗଜପତ୍ର ଯାଞ୍ଚ କରୁଛନ୍ତି। ଏ ନେଇ ଭିଜିଲାନ୍ସ ଏକ ମାମଲା(ନଂ.୨୪/୨୨) ରୁଜୁ କରି ଆର୍‌ଆଇ ଶବରଙ୍କୁ ଗିରଫ କରିଛି। ସୂଚନା ମୁତାବକ, ସ୍ଥାନୀୟ ଛଣଗିରି ପଞ୍ଚାୟତ ଦେଉଳି(ଅରଙ୍ଗ) ଗ୍ରାମର ଦୀପକ ପ୍ରଧାନ ବାପାଙ୍କ ନାମରେ ଥିବା ଦଲିଲକୁ ପଟ୍ଟା କରିବାକୁ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ପଟ୍ଟା ପାଇଁ ଆର୍‌ଆଇ ୮ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଫଳରେ ଦୀପକ ଭୁବନେଶ୍ୱରସ୍ଥିତ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ତେବେ ପୂର୍ବ ଯୋଜନା ମୁତାବକ, ବୁଧବାର ଦୀପକ ଆର୍‌ଆଇ କାର୍ଯ୍ୟାଳୟକୁ ଯାଇ ଲାଞ୍ଚ ଟଙ୍କା ଦେଉଥିବା ବେଳେ ପୂର୍ବରୁ ଛକି ରହିଥିବା ୧୨ଜଣିଆ ଭିଜିଲାନ୍ସ ଟିମ୍ ଆର୍‌ଆଇଙ୍କୁ ଧରିବା ସହ କାଳିବୋଳା ୮ହଜାର ଟଙ୍କା ଜବତ କରିଥିଲେ। ଏଥିସହ ଦୀପକ ଦେଇଥିବା ପାଞ୍ଚଟି ଦଲିଲ ଓ କେତେକ ଆସବାବପତ୍ରକୁ ମଧ୍ୟ ଆର୍‌ଆଇଙ୍କ ପାଖରୁ ଜବତ କରାଯାଇଛି। କାର୍ଯ୍ୟାଳୟରେ ପଚରାଉଚରା ପରେ ଭୁବନେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟକୁ ଆର୍‌ଆଇଙ୍କୁ ନିଆଯାଇଛି। ତେବେ ଭିଜିଲାନ୍ସ ଚଢ଼ାଉ ସମୟରେ ଆର୍‌ଆଇ କାର୍ଯ୍ୟାଳୟର ଜଣେ କର୍ମଚାରୀ ଭୟରେ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଏପରିକି ଆର୍‌ଆଇ ଶବରଙ୍କ ବାଣପୁରସ୍ଥିତ ବାସଭବନରେ ମଧ୍ୟ ଭିଜିଲାନ୍ସ ଚଢ଼ାଉ କରିଛି। ଭିଜିଲାନ୍ସ ୧୨ଜଣିଆ ଦଳରେ ଡିଏସ୍‌ପି ଶ୍ରୀକାନ୍ତ ବେହେରା, ଇନ୍ସପେକ୍ଟର ସରିତା ତ୍ରିପାଠୀ, ଆଉ ୩ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ଥିଲେ।



# ଭୁବନେଶ୍ୱର ଟ୍ରାଫିକ ସମସ୍ୟା ବୁଲି ଦେଖିଲେ ୫-ଟି ସଚିବ

ଭୁବନେଶ୍ୱର, ୧୦।୮(ବ୍ୟୁରୋ): ଭୁବନେଶ୍ୱରର ଲୋକସଂଖ୍ୟା ଦିନକୁ ଦିନ ବଢ଼ୁଛି। ଗାଡ଼ିମୋଟର ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟୁଛି। ଫଳରେ ସହରରେ ଟ୍ରାଫିକ ସମସ୍ୟା ନିତିଦିନିଆ ହୋଇଯାଇଛି। ଏହା ନଜରକୁ ଆସିବା ପରେ ସମାଧାନ ପାଇଁ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବୁଧବାର ଭୋର୍ ସମୟରେ ଟ୍ରାଫିକ ସମସ୍ୟା ରହୁଥିବା ଛକଗୁଡ଼ିକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ପାଣ୍ଡିଆନ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ମଧ୍ୟ ସାଙ୍ଗରେ ନେଇଥିଲେ। ସେ ପ୍ରଥମେ ଶିଶୁ ଭବନ ଛକ, ରବି ଟକିଜ ଛକ, କଳ୍ପନା ଛକ, ରସୁଲଗଡ଼ ଏବଂ ଆଇଗିଣିଆ ଅଣ୍ଡର ପାସ୍ ଛକ ଆଦି ବୁଲି ଦେଖିଥିଲେ। ସ୍ଥିତି ଅନୁଧ୍ୟାନ କରିବା ସହ ପୋଲିସର ବରିଷ୍ଠ ଅଧିକାରୀମାନଙ୍କ ସହିତ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆଣିବା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ସମୟରେ ପୂର୍ତ୍ତ ସଚିବ ଭି.ଭି. ଯାଦବ, ପୋଲିସ ଅତିରିକ୍ତ କମିଶନର ଉମାଶଙ୍କର ଦାଶ, ଡିସିପି ପ୍ରତୀକ ସିଂ ଏବଂ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।


ରସୁଲଗଡ଼ସ୍ଥିତ ଏସ୍ପ୍ଲାନେଡ୍ ମଲ୍ ନିକଟ ଛକରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବୁଧବାର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସହ ଟ୍ରାଫିକ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି।

# ଯୁକ୍ତ୨ ନାମଲେଖା ଲାଗି ୫ଲକ୍ଷରୁ ଊର୍ଦ୍ଧ୍ୱ ଆବେଦନ

ଭୁବନେଶ୍ୱର, ୧୦।୮(ବ୍ୟୁରୋ): ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଯୁକ୍ତ୨ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ଲାଗି ବୁଧବାର ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ୫ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆବେଦନ କରିଥିବା ଜଣାପଡ଼ିଛି। ସେହିପରି ପ୍ରାୟ ୪ଲକ୍ଷ ୭୦ହଜାର ପିଲା ଟଙ୍କା ପୈଠ କରିସାରିଛନ୍ତି। ଅଗଷ୍ଟ ୧୭ ଅପରାହ୍ନ ୩ଟାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ଓ ୧୯ ରୁ ୨୫ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ନାମଲେଖା ସରିବ। ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ଯୁକ୍ତ୨ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଜଣାପଡ଼ିଛି।

**୧୭ରେ ପ୍ରଥମ ମେରିଟ୍ ଲିଷ୍ଟ**

ସୂଚନାଯୋଗ୍ୟ, ରାଜ୍ୟରେ ୨,୦୫୮ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ୪ଲକ୍ଷ ୨୪ହଜାର ୭୩୯ ସିଟ୍ ରହିଥିବାବେଳେ ୨୩୧ଟି ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ୧୧,୦୮ ଏବଂ ୧୭୪ଟି ସଂସ୍କୃତ ସ୍କୁଲରେ ଥିବା ୧୨,୦୨୦ଟି ସିଟ୍ ଲାଗି ନାମଲେଖା ହେବ। ଗତବର୍ଷ ସିଟ୍ ଅଭାବ ହେବାରୁ ସାରା ରାଜ୍ୟରେ ପ୍ରାୟ ୫୫ ହଜାର ସିଟ୍ ବୃଦ୍ଧି କରାଯାଇଥିଲା। ଫଳରେ ଯୁକ୍ତ୨ ନାମଲେଖା ପାଇଁ ଏବେ ପାଖାପାଖି ୫ ଲକ୍ଷ ସିଟ୍ ଉପଲବ୍ଧ ରହିଛି। ତେବେ ଏଥର ବହୁ ଛାତ୍ରୀଛାତ୍ର ମାଟ୍ରିକରେ ପାସ୍ କରିଛନ୍ତି। ତେଣୁ ଏଥର ବି ସିଟ୍ ସମସ୍ୟା ହେବ ବୋଲି ଆଶଙ୍କା କରାଯାଉଛି। ଯଦି ସିଟ୍ ଅଭାବ ପରିଲକ୍ଷିତ ହୁଏ, ତେବେ ସିଟ୍ ବୃଦ୍ଧି କରାଯିବ ବୋଲି ପୂର୍ବରୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସୂଚନା ଦେଇଥିଲେ।

# ୭୯ବର୍ଷରେ ବିଧାୟକ ସୁର ରାଉତରାୟ

ଭୁବନେଶ୍ୱର,୧୦।୮(ବ୍ୟୁରୋ)

ଜଟଣୀ ବିଧାୟକ ତଥା କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ(ସୁର) ବୁଧବାର ୭୯ ବର୍ଷ ବୟସରେ ପାଦ ଦେଇଛନ୍ତି। ତାଙ୍କ ଜନ୍ମଦିନ ଉପଲକ୍ଷେ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ସେବନ, ଭଜନ ସମାରୋହ ଏବଂ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ବାସଭବନରେ ବହୁ ପ୍ରଶଂସକ ଓ କଂଗ୍ରେସ କର୍ମୀ ପହଞ୍ଚି ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ପିସିସି ସଭାପତି ଶରତ କୁମାର ପଟ୍ଟନାୟକ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ, ମେୟର ସୁଲୋଚନା ଦାସ ଓ ଡେପୁଟି ମେୟର ମଞ୍ଜୁଲତା କହଁର ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ରାଉତରାୟଙ୍କ ଦୀର୍ଘାୟୁ କାମନା କରି ସେ ସବୁବେଳେ ରେଡି ରୁହନ୍ତୁ ବୋଲି ମେୟର ଦାସ କହିଥିଲେ। ସୁରବାବୁ ୧୦୦ବର୍ଷ ବଞ୍ଚନ୍ତୁ। ସୁରଭାଇ ବୋଲି କହିଦେଲେ ପିଲାଠୁ ବୁଢ଼ା ସବୁ ବୁଝି ଯାଆନ୍ତି। ଯାହା ମୁହଁରେ ବାଡ଼ ବତା ନାହିଁ, ସେ ହେଉଛନ୍ତି ସୁର ରାଉତରାୟ ବୋଲି ଦାମୋଦର ରାଉତ କହିଥିଲେ। ବିନ୍ଦାସ ଅନ୍ଦାଜ ଓ କୌତୁକିଆ କଥାବାର୍ତ୍ତା ପାଇଁ ଲୋକଙ୍କ ନିକଟରେ ଅତି ପରିଚିତ ସୁର ଭାଇଙ୍କ 'ମାଡ଼ି ଚାଲ' ଡାଏଲଗ ନିଆରା। ମିଡିଆ ଡାର୍ଲିଂ ଭାବେ ପରିଚିତ ସୁର ଯାହା କୁହନ୍ତି ଏକଦମ ସିଧା ଓ ରୋକ୍‌ଠୋକ୍। ୭୯ ବର୍ଷ ବୟସରେ ସେ ରାଜନୀତିରେ ଯେମିତି ଚଳଚଞ୍ଚଳ, ନିଜ ସ୍ୱାସ୍ଥ୍ୟକୁ ନେଇ ମଧ୍ୟ ଫିଟ୍। ବାର୍ଦ୍ଧକ୍ୟ ତାଙ୍କୁ ଛୁଇଁଥିଲେ ବି ସେ ନିଜକୁ ଯୁବକ ଭଳି ସୁସ୍ଥ ରଖିଛନ୍ତି। ଏହି ଅବସରରେ ସେ ଯୁବ ସମାଜକୁ ନିଶାଠାରୁ ଦୂରେଇ ରହିବା ସହ ପାଠ ପଢ଼ିବା, ଖେଳରେ ମନ ଦେବା, କର୍ମରେ ନିଜକୁ ନିୟୋଜିତ ରଖିବାକୁ ଆହ୍ୱାନ ଦେଇଛନ୍ତି। ଶାନ୍ତି ପ୍ରତିଷ୍ଠା ସହ ଗଣ୍ଡଗୋଳ ଓ ଆତ୍ମହତ୍ୟାଠୁ ଦୂରରେ ରହି ମା'ବାପାଙ୍କ କଥା ମାନିବା, ସ୍ନେହ, ଶ୍ରଦ୍ଧା କରିବାକୁ କହିଛନ୍ତି। ୧୯୭୭ରେ ପ୍ରଥମ ଥର ପାଇଁ ସେ ଜନତା ଦଳ ଟିକେଟରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ କଂଗ୍ରେସ ଟିକେଟରେ ୧୯୮୦, ୧୯୮୫, ୧୯୯୫ , ୨୦୦୦ ଏବଂ ୨୦୧୯ରେ ନିର୍ବାଚିତ ହୋଇଛନ୍ତି। ସୁରଭାଇଙ୍କ ଜନ୍ମଦିନ ଅବସରରେ ପ୍ରାୟ ୬ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ସହ ବିଭିନ୍ନ ମେଡିକାଲରେ ଫଳ ବଣ୍ଟନ କରାଯାଇଥିଲା।


ପିସିସି ସଭାପତି ଶରତ କୁମାର ପଟ୍ଟନାୟକ ଓ ଅନ୍ୟମାନଙ୍କ ସହ ସୁରେଶ କୁମାର ରାଉତରାୟ।

# ଜୀବନ ଯୁଦ୍ଧରେ ହାରିଗଲେ ରଣଜିତ୍

*ତାଙ୍କ ସଂଳାପ ଚଳଚ୍ଚିତ୍ର ଜଗତକୁ ଦେଉଥିଲା ଶକ୍ତି, ତାଙ୍କ ନିର୍ଦ୍ଦେଶନା ନାଟ୍ୟ ମଞ୍ଚରେ ଭରୁଥିଲା ରୋମାଞ୍ଚ, ତାଙ୍କ ଅଭିନୟ ଥିଲା ତା'ଠୁ ଜୀବନ୍ତ। ହେଲେ ଚଳଚ୍ଚିତ୍ର, ନାଟ୍ୟ ଜଗତର ଏହି ସଫଳ ବ୍ୟକ୍ତିତ୍ୱ ବିଶିଷ୍ଟ ଚଳଚ୍ଚିତ୍ର ସଂଳାପ ଲେଖକ, ନାଟ୍ୟକାର, ଅଭିନେତା ତଥା ସାହିତ୍ୟିକ ରଣଜିତ୍ ପଟ୍ଟନାୟକ ଆଉ ନାହାନ୍ତି। ଲିଭରଜନିତ ରୋଗ ସହ ସଂଘର୍ଷ କରି ଶେଷରେ ହାରିଯାଇଛନ୍ତି। ମଙ୍ଗଳବାର ରାତିରେ କଟକସ୍ଥିତ ନିଜ ବାସଭବନରେ ସବୁଦିନ ପାଇଁ ଆଖିବୁଜି ଦେଇଛନ୍ତି। ତାଙ୍କର ଅବର୍ତ୍ତମାନ ଚଳଚ୍ଚିତ୍ର, ନାଟକ ଓ ସାହିତ୍ୟ କ୍ଷେତ୍ରରେ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଥିବାବେଳେ ତାଙ୍କର ସୃଷ୍ଟି, କୃତି ଓ ସାଧନା ଅନ୍ୟମାନଙ୍କ ପାଇଁ ସ୍ମୃତି ଆଉ ପ୍ରେରଣା ହୋଇ ରହିଯିବ ନିଶ୍ଚୟ।*



**ପ୍ରକାଶିତ ନାଟ୍ୟ ପୁସ୍ତକ:** ଚଉକି, ନାକ୍‌ଟା ଚିତ୍ରକର, ଇଚ୍ଛା ବନାମ ପଦ୍ମନାଭ, ଦାନବୀୟ, ମୁକ୍ତି ଏକ ଭୁଲ, ଟିଟୋ, ଗୁଣିଆ ଝାଡେଲୋ ଡାହାଣୀ, ଗୋଇଠା ବାବା, ମନ ତୋହର ନିଜ ଗୁରୁ, ତିତିଲି, ଗାଁ (ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା ନାଟକ), ମାର୍ଫତ୍ ଈଶ୍ୱର, ହା'କୃଷ୍ଣ ଓ ବଧିର ଈଶ୍ୱର ଅନ୍ୟତମ।

**ନିର୍ଦ୍ଦେଶିତ ନାଟକ :** ପଳାତକ, ଗୁଣ୍ଡା, ଧୃତରାଷ୍ଟ୍ରର ଆଖି, ମୋର ବା ଦୋଷ କ'ଣ, ହାରାକିରି, ନୟନ ପିତୁଳା, ଭିନ୍ନ ଏକ ଶ୍ମଶାନ ସନ୍ଧାନରେ, ବଧିର ଈଶ୍ୱର, ସଇତାନ କବର ଉପରେ ମୁଁ ମଣିଷ, ଟିଟୋ, ନିରପେକ୍ଷ ନିର୍ଦ୍ଦେଶକ, ଶାମୁକା ସମାଧି, ଆରେ ବାୟା ସବୁ ମାୟା, କାଶୀନାଥ, ଫିକା ଆକାଶ, ଗୋଇଠା ବାବା, ଗାଁ, ଝାଡେଲୋ ଡାହାଣୀ, ଉଭା କୁବେର ପୋତା ସପନ, ବାଘ ଶିକାର, ଆଠ କାଞ୍ଚର ଅମରାବତୀ।

**ଏକାଙ୍କିକା :** ସଇତାନର କବର ଉପରେ ମୁଁ ମଣିଷ, ଆଠ କାଞ୍ଚର ଅମରାବତୀ, କସ୍ତୁରୀ, ହୁଏନ୍‌ସାଙ୍କ ଭାରତ ପରିଭ୍ରମଣ, ଚିରକାଳ ମିଦାସ/ଉଭା କୁବେର ପୋତା ସପନ, କାଶୀ ପିଉସୀ, ବାଘ ଶିକାର।

**କାବ୍ୟ ପୁସ୍ତକ :** ଅକବିର କବିତା, ଫେସ୍‌ବୁକ୍ କବିତା ଆଦି।

**ଅଭିନୀତ ନାଟକ :** ଯଥା ନଳସ୍ୟ ଦମୟନ୍ତୀ, ପରିଶୋଧ, ଯୋଗ ବିୟୋଗ, ପଳାତକ, ଗୁଣ୍ଡା, ସନ୍ନ୍ୟାସୀ, ଅଥଚ ଚାଣକ୍ୟ,ରାଜକୀୟ, କାଳ ପୁରୁଷ, ଆଠ କାଞ୍ଚର ଅମରାବତୀ, ମୁଁ ସଇତାନ କହୁଛି, ସ୍ନୋ ହ୍ୱାଇଟ୍ ଗେଷ୍ଟ ହାଉସ୍ , ଧୂଳି ଘରୁ ଆକାଶ ଆଡକୁ, ଇଚ୍ଛା ବନାମ ପଦ୍ମନାଭ, ଆମ ଘରର ହାଲ୍‌ଚାଲ୍ ପ୍ରମୁଖ।

**ଚଳଚ୍ଚିତ୍ର ଚିତ୍ରନାଟ୍ୟ, ସଂଳାପ, ଗୀତ ରଚନା :** ଗୋପରେ ବଢ଼ୁଛି କଳା କହ୍ନେଇ, ରକତ ଚିହ୍ନିଛି ନିଜର କିଏ, ସମୟ ଖେଳୁଛି ଚକା ଭଉଁରୀ, ବର୍ଷା ମାଇଁ ଡାର୍ଲିଂ, ପ୍ରେମ ରତ୍ତୁ ଆସିଲାରେ, ମୁଁ ତତେ ଲଭ୍ କରୁଛି, ସତ୍ୟମେବ ଜୟତେ, ଇଡିଏଟ୍, ମାଟ୍ରିକ୍ ଫେଲ୍, ମାଟଖୋଜେ ମମତା, ସୁପର ମିଛୁଆ, ଦିୱାନା, ଡନ୍, ରୋମିଓ ଦି ଲଭରବୟ, ୱାନ ଫୋର ଥ୍ରି ଆ ଲଭ ୟୁ, ପର୍ଶୁରାମ, ଅଶୋକ ସମ୍ରାଟ, ଶକ୍ତି, ସିଷ୍ଟର୍ ଶ୍ରୀଦେବୀ, ଫ୍ରେଣ୍ଡଶିପ୍, ଶ୍ରୀମାନ୍ ସୁରଦାସ୍ ଭଳି ୪୧ଟି।

**ଆଲବମ୍ ଓ ଧାରାବାହିକର ଗୀତ ରଚନା ସହ ନିର୍ଦ୍ଦେଶନା :** ସାଇ ଅମୃତ, ଲକ୍ଷେ ଫଗୁଣ, ଦୁର୍ଗତିନାଶିନୀ ଦୁର୍ଗା, ଜୟ ମା'ମା ଲକ୍ଷ୍ମୀ, ଛାତି ଚଲ୍ କଲା, ଟାଇମ୍‌ପାସ୍ ।

**ଧାରାବାହିକ ସଂଳାପ :** ଗୁଣିଆ ଝାଡ଼ିଲେ ଡାହାଣୀ, ମହାଯଜ୍ଞ, ସ୍ୱାଭିମାନ, ନୂଆ ବୋହୂ, ସାବିତ୍ରୀ, ପରୀ, ସିନ୍ଦୂର ବିନ୍ଦୁ, ତୋ ଅଗଣାରେ ତୁଳସୀ ମୁଁ, କେମିତି ଏ ବନ୍ଧନ, ମଙ୍ଗଳା ଚରଣ ପ୍ରମୁଖ।

### ନାଟକ ଲେଖିବାରେ ସିଦ୍ଧହସ୍ତ ଥିଲେ



ଅତି ପ୍ରତିଭାଧାରୀ ନାଟ୍ୟକାର ଥିଲେ। ମଞ୍ଚ ନାଟକରେ କ୍ୟାରିୟର ଆରମ୍ଭ କରି ତାହା ପରେ ଚଳଚ୍ଚିତ୍ର ଓ ଧାରାବାହିକ ପାଇଁ ସେ ସଂଳାପ ଲେଖୁଥିଲେ। କିନ୍ତୁ ନାଟ୍ୟକର ଭାବେ ସିଦ୍ଧହସ୍ତ ଥିଲେ। ତାଙ୍କ ନିର୍ଦ୍ଦେଶିତ 'ଗୋଇଠା ବାବା' ଲୋକପ୍ରିୟ ନାଟକ ଥିଲା। ଚଳିତବର୍ଷ ଏପ୍ରିଲ ୨୭ରେ ତାଙ୍କ ଶେଷ ନାଟକ 'ଗଣ କବି ବୈଷ୍ଣବ ପାଣି' ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା। ଏହାର ନିର୍ଦ୍ଦେଶନା ଦେବାର ସୁଯୋଗ ମୁଁ ପାଇଥିଲି। ସେ ମୋର ଅତି ଘନିଷ୍ଠ ବନ୍ଧୁ। ନାଟକ ଜଗତର ଜଣେ ଆଗଧାଡ଼ିର ବ୍ୟକ୍ତି ଆମକୁ ଛାଡ଼ି ଚାଲିଯିବା ନିଶ୍ଚିତ ଦୁଃଖଦ।

-ଧୀର ମଲ୍ଲିକ, ନାଟ୍ୟକାର

### ଦରଦୀ ମଣିଷ, ସଫଳ ଲେଖକ



ସେ ଜଣେ ଦରଦୀ ମଣିଷ ଓ ସଫଳ ଲେଖକ ଥିଲେ। ଜଣେ ସାହିତ୍ୟ ମନସ୍କ ବ୍ୟକ୍ତିତ୍ୱ। ମୁଁ ତାଙ୍କୁ ଲେଖକ ଜୀବନ ଅପେକ୍ଷା ବ୍ୟକ୍ତିଗତ ସ୍ତରରେ ଅଧିକ ଗୁରୁତ୍ୱ ଦିଏ। ସେ ମୋର ଜଣେ ଭଲ ବନ୍ଧୁ ଥିଲେ। ପରସ୍ପର ଫୋନ୍‌ରେ ସୁଖଦୁଃଖ ବାଣ୍ଟୁଥିଲୁ। ମୋର ଅନେକ ଅନୁଭୂତି ତାଙ୍କ ସହ ଯୋଡ଼ିହୋଇ ରହିଛି। ତାଙ୍କ ସହ ମିଶି କୌଣସି କାମ କରିନି, କିନ୍ତୁ ମୋର କୌଣସି ଚଳଚ୍ଚିତ୍ର ରିଲିଜ ହେଲେ ସେ ମୋତେ ଶୁଭକାମନା ଜଣାନ୍ତି ଆଉ ମୁଁ ମଧ୍ୟ। ତାଙ୍କ ବିୟୋଗରେ ମୁଁ ମ୍ରିୟମାଣ।

-ରଜନୀ ରଞ୍ଜନ ଦାଶ, ସଂଳାପ ଲେଖକ

### ଅନିଦ୍ରା ରହି ଲେଖୁଥିଲେ



ସେ ମୋ ସାନଭାଇ। ନାଟ୍ୟ ଜଗତରେ ସେ ଜଣେ ଭିନ୍ନ ଧରଣର ନାଟ୍ୟକାର ଥିଲେ। ସ୍ୱତନ୍ତ୍ର ମଣିଷର ସ୍ୱତନ୍ତ୍ର ଷ୍ଟାଇଲ, ଯାହା ତାଙ୍କ ନିର୍ଦ୍ଦେଶନାରୁ ବାରି ହୋଇପଡ଼େ। ସେ ଜଣେ କଠିନ ପରିଶ୍ରମୀ ମଣିଷ। ବ୍ୟାଙ୍କରେ ଚାକିରି କରିବା ସହ ନାଟକ, ସିନେମା, ଧାରାବାହିକ ପାଇଁ ତାଙ୍କୁ ରାତି ଅନିଦ୍ରା ରହିବାକୁ ପଡ଼ିଛି। ଗୋଇଠା ବାବା, ତିତିଲି ଆଦି ନାଟକର ନାମରୁ ହିଁ ତାଙ୍କ ନାଟକର ସ୍ୱତନ୍ତ୍ରତା ଜଣାପଡ଼େ। ତାଙ୍କ ମୃତ୍ୟୁରେ ବିଶେଷ ଭାବେ ଏକ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଛି।

-ମନୋଜ ପଟ୍ଟନାୟକ , ନାଟ୍ୟକାର

### ଜଣେ ସମ୍ପୂର୍ଣ୍ଣ ନାଟ୍ୟକାର



ଆଜୀବନ ଯୁବ ସୁଲଭ ନାଟ୍ୟକାର ଥିଲେ ରଣଜିତ୍ ପଟ୍ଟନାୟକ। ସେ ନାଟକରେ ଅଭିନୟରୁ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ନାଟ୍ୟ ନିର୍ଦ୍ଦେଶନା, ସଂଳାପ ରଚନା କରିଥିଲେ। ସେ ଜଣେ ସମ୍ପୂର୍ଣ୍ଣ ନାଟ୍ୟକାର ବୋଲି ମୁଁ ଭାବେ। ନାଟକ ଲେଖା, ନିର୍ଦ୍ଦେଶନା, ଅଭିନୟ ଓ ସାହିତ୍ୟ ଚର୍ଚ୍ଚା - ସବୁଥିରେ ଭାରସାମ୍ୟ ରକ୍ଷା କରିବାରେ ସେ ଥିଲେ ନିଆରା ତଥା ସଫଳ ମଣିଷ। ତାଙ୍କ ସ୍ଥାନ କେହି ପୂରଣ କରି ପାରିବେ ନାହିଁ।

-ସୁବୋଧ ପଟ୍ଟନାୟକ, ନାଟ୍ୟକାର



ପୁଡୁଚେରି ଉପରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନଙ୍କୁ ବିରୋଧ କରି ବୁଧବାର କଳାପୋଷାକ ପିନ୍ଧି ରାଜ୍ୟ ବିଧାନସଭାକୁ ଆସୁଛନ୍ତି କଂଗ୍ରେସ ଏବଂ ଡିଏମ୍‌କେ ସଦସ୍ୟ।

# ସୁନୀଲ ବଂଶଲ ଓଡ଼ିଶା ଭାଜପା ପ୍ରଭାରୀ

■ ଶାହାଙ୍କ ଗସ୍ତ ପରେ ବଂଶଲଙ୍କୁ ଦାୟିତ୍ୱ ନେଇ ଚର୍ଚ୍ଚା

■ ସରକାର ଗଠନ ପୂର୍ବର ସଙ୍କେତ: ଭାଜପା

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ଭାଜପା ରାଜ୍ୟ ପ୍ରଭାରୀ ଥିବା ଡି.ପୁରନ୍ଦେଶ୍ୱରୀଙ୍କୁ ଓଡ଼ିଶା ଦାୟିତ୍ୱରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ଉତ୍ତରପ୍ରଦେଶର ସଙ୍ଗଠନ ସମ୍ପାଦକ ସୁନୀଲ ବଂଶଲ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ଏହାସହ ତାଙ୍କ ହାତରେ ଦଳ ୩ଟି ରାଜ୍ୟର ଦାୟିତ୍ୱ ନ୍ୟସ୍ତ କରିଛି। ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନା ଭଳି ରାଜ୍ୟର ଦାୟିତ୍ୱ ତାଙ୍କୁ ପ୍ରଦାନ କରାଯାଇଛି। ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ୨୦୨୪ରେ ଓଡ଼ିଶାରେ ଭାଜପା ସରକାର ଆସିବ ବୋଲି କହିଥିଲେ। ତେବେ ତାଙ୍କର ଏଭଳି ମନ୍ତବ୍ୟ ପରେ ରାଜ୍ୟ ପ୍ରଭାରୀ ପରିବର୍ତ୍ତନ ହେବା ସରକାର ଗଠନ ପୂର୍ବର ସଙ୍କେତ ବୋଲି ଭାଜପା ମତ ରଖିଛି। ବଂଶଲଙ୍କ ଉପରେ ମଧ୍ୟ ଭାଜପା ଅଖଣ୍ଡ ବିଶ୍ୱାସ ରଖିଥିବା ଏହି ଦାୟିତ୍ୱ ପ୍ରଦାନ ପରେ ଜଣାପଡିଛି। ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ଏଭଳି ନିଷ୍ପତ୍ତି ନେଇଥିବା ଆଲୋଚନା ହେଉଛି। ତେବେ ବଂଶଲଙ୍କୁ ନିଯୁକ୍ତି ନେଇ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଦ୍ୱାରା ସେ ନିଯୁକ୍ତି ପାଇଥିବା ଦଳର ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବଂଶଲଙ୍କୁ ଦାୟିତ୍ୱ ମିଳିବା ପରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କଠାରୁ ଆରମ୍ଭକରି ବହୁ ବରିଷ୍ଠ ନେତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ସୁନୀଲ ବଂଶଲ

ସୂଚନାଯୋଗ୍ୟ, ସୁନୀଲ ବଂଶଲ ୨୦୧୪ ଲୋକ ସଭା ନିର୍ବାଚନରେ ୟୁପିର କୋ-ଇନ୍‌ଚାର୍ଜ ରହିଥିଲେ। ଏହି ସମୟରେ ଭାଜପା ଏଠାରେ ୮୦ରୁ ୭୩ ଆସନରେ ବିଜୟୀ ହୋଇଥିଲା। ଏହାପରେ ୟୁପିରେ ତାଙ୍କୁ ଗୁରୁଦାୟିତ୍ୱ ମିଳିଥିଲା। ସେ ୨୦୧୭-୧୯ ଏବଂ ୨୦୨୨ ଉତ୍ତରପ୍ରଦେଶ ବିଧାନସଭା ଓ ଲୋକସଭା ନିର୍ବାଚନରେ ଭାଜପା ଲାଗି ଭଲ କାମ କରି ଚର୍ଚ୍ଚାକୁ ଆସିଥିଲେ। ଏଥିଲାଗି ୨୦୨୨ରେ କେନ୍ଦ୍ରୀୟ ରାଜନୀତିରେ ତାଙ୍କୁ ପ୍ରବେଶ କରାଇବାକୁ ଭାଜପା ରଣନୀତି କରିଛି।

# ‘ଧୋକା ଦେଇଛି ଭାଜପା’

ପାଟନା,୧୦।୮

ବିହାରରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ପରେ ଜେଡିୟୁ ଜାତୀୟ ସଭାପତି ଲଲନ ସିଂ ଭାଜପାକୁ ଟାର୍ଗେଟ କରିଛନ୍ତି। ଭାଜପା ନୀତୀଶ କୁମାରଙ୍କ ପ୍ରତି ବିଶ୍ୱାସଘାତକତା କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ନୀତୀଶ କୁମାର ପୂର୍ବରୁ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁ ନ ଥିଲେ କିନ୍ତୁ ତାଙ୍କୁ ଜବରଦସ୍ତ ମୁଖ୍ୟମନ୍ତ୍ରୀ କରାଗଲା। ନୀତୀଶ କୁମାର ଅନ୍ଧ ଭାବେ ଭାଜପା ଉପରେ ବିଶ୍ୱାସ କରୁଥିଲେ କିନ୍ତୁ ଭାଜପା ତାଙ୍କ ପିଠିରେ ଛୁରାଘାତ କରିଛି। ୨୦୨୦ ନିର୍ବାଚନରେ ଆମର କାର୍ଯ୍ୟକର୍ତ୍ତାମାନେ ଭାଜପାକୁ ବିଜୟ ଦେଇଥିଲେ। କିନ୍ତୁ ସେମାନଙ୍କ କାର୍ଯ୍ୟକର୍ତ୍ତା ଆମକୁ ପରାସ୍ତ କରିବାକୁ କାର୍ଯ୍ୟ କରିଥିଲେ। ଏହି କାରଣରୁ ଆମେ ଏନଡିଏରେ ରହିବୁ ନାହିଁ ବୋଲି ନିଷ୍ପତ୍ତି ନେଇଥିଲୁ ବୋଲି ସେ କହିଛନ୍ତି। ଲଲନ ସିଂ ଆହୁରି ମଧ୍ୟ କହିଛନ୍ତି, ବହୁ ଭାଜପା ନେତା ଜନମତ ସହ ଖେଳାଯାଇଛି ବୋଲି ମନ୍ତବ୍ୟ ଦେଉଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ବିଶ୍ୱାସଘାତକ ନୁହେଁ। ଜେଡିୟୁ ଅରୁଣାଚଳ ପ୍ରଦେଶରେ ୭ଟି ଆସନ ଜିତିଥିଲା। ଆମର ୬ ଜଣ ବିଧାୟକଙ୍କୁ ନିଜ ଦଳରେ ସାମିଲ କରିନେଇଥିଲେ। ୨୦୧୯ରେ ଭାଜପା ଆବଶ୍ୟକ କରୁଥିଲା ତେଣୁ କୌଣସି ବିଶୃଙ୍ଖଳା ହେଲା ନାହିଁ। ୨୦୨୦ ଭାଜପା ଜେଡିୟୁର ଏକମାତ୍ର ବିଧାୟକଙ୍କୁ ମଧ୍ୟ ନିଜ ଦଳରେ ସାମିଲ କରି ଷଡଯନ୍ତ୍ର ରଚିଲା। ସୂଚନାଯୋଗ୍ୟ, ବିହାରରେ ୨୦୧୭ରେ ଭାଜପା ସମର୍ଥନରେ ଜେଡିୟୁ ସରକାର ଗଢ଼ିବା ପରଠାରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଭାଜପା ନେତା କ୍ରମାଗତ ଭାବେ ପରସ୍ପରକୁ କଟାକ୍ଷ କରିଆସୁଥିଲେ। କିନ୍ତୁ ଗତ କିଛିଦିନ ହେଲା ତାହା ଚରମ ସ୍ଥିତିରେ ପହଞ୍ଚିଥିଲା। ଜେଡିୟୁର ଅଭିଯୋଗ ହେଲା ଦଳ ଭିତରେ ନୀତୀଶଙ୍କ ପତିଆରା କ୍ଷୁଣ୍ଣ କରିବାକୁ ଭାଜପା ଉଦ୍ୟମ ଚଳାଇଥିଲା। ଶେଷରେ ଭାଜପାଠାରୁ ଦୂରେଇ ନୀତୀଶ କୁମାର ଆରଜେଡି ସହ ମିଶି ରାଜ୍ୟରେ ସରକାର ଗଢିଛନ୍ତି।



ଲଲନ ସିଂ

# ବିଧାନ ପରିଷଦ ନେତା ପଦରୁ ଇସ୍ତଫା ଦେଲେ ସ୍ୱତନ୍ତ୍ର ଦେବ



ସ୍ୱତନ୍ତ୍ର ଦେବ ସିଂ

**ଲକ୍ଷ୍ନୌ,୧୦।୮:** ଉତ୍ତରପ୍ରଦେଶ ଭାଜପାର ପୂର୍ବତନ ଅଧ୍ୟକ୍ଷ ସ୍ୱତନ୍ତ୍ର ଦେବ ସିଂ ବୁଧବାର ବିଧାନ ପରିଷଦର ନେତା ପଦରୁ ଇସ୍ତଫା ଦେଇଛନ୍ତି। ସ୍ୱତନ୍ତ୍ର ଦେବଙ୍କ ଇସ୍ତଫା ପରେ ବିଧାନ ପରିଷଦର ଜଣେ ନୂତନ ନେତାଙ୍କୁ ନିର୍ବାଚିତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ବିଧାନ ପରିଷଦର ନୂତନ ନେତା ହେବେ। ସ୍ୱତନ୍ତ୍ର ଦେବ ନିଜର ବ୍ୟସ୍ତତା କାରଣ ଦର୍ଶାଇ ଏହି ପଦରୁ ଇସ୍ତଫା ଦେଇଥିବା ଭାଜପା ସୂତ୍ରରୁ ଜଣାପଡ଼ିଛି। ଅନ୍ୟପଟେ ସ୍ୱତନ୍ତ୍ର ଦେବଙ୍କ ଇସ୍ତଫା ଦେବା ପରେ କଳ୍ପନାଜଳ୍ପନା ଚାଲିଛି ଯେ, ବର୍ତ୍ତମାନ ଦଳ ଉଚ୍ଚ ସଦନରେ ନେତାଙ୍କ ଦାୟିତ୍ୱ ମଧ୍ୟ କେଶବ ପ୍ରସାଦଙ୍କୁ ହସ୍ତାନ୍ତର କରିପାରେ।

# ୧୪ରେ ‘ବିଭାଜନ ବିଭୀଷିକା ସ୍ମୃତି ଦିବସ’

**ଭୁବନେଶ୍ୱର, ୧୦।୮(ବ୍ୟୁରୋ):** ଭାରତ, ପାକିସ୍ତାନ ବିଭାଜନ ସମୟରେ ଘୃଣା ଓ ହିଂସା ହେତୁ ଲକ୍ଷ ଲକ୍ଷ ଭଉଣୀଭାଇ ବିସ୍ଥାପିତ ହେବା ସହିତ ନିଜ ଜୀବନ ମଧ୍ୟ ବଳିଦାନ ଦେଇଥିଲେ। ଦେଶ ବିଭାଜନର ଯନ୍ତ୍ରଣା କେବେହେଲେ ଭୁଲିହେବ ନାହିଁ । ବିଭାଜନରେ ବିସ୍ଥାପିତ ହୋଇଥିବା ଏବଂ ନିଜ ଜୀବନ ବଳିଦାନ ଦେଇଥିବା ଭଉଣୀଭାଇଙ୍କ ସଂଘର୍ଷ ଓ ବଳିଦାନର ସ୍ମୃତିଚାରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଅଗଷ୍ଟ ୧୪ ତାରିଖକୁ ‘ବିଭାଜନ ବିଭୀଷିକା ସ୍ମୃତି ଦିବସ’ ରୂପେ ପାଳନ କରିବାକୁ ଭାଜପା ତରଫରୁ ନିଷ୍ପତ୍ତି ନିଆଯାଇଛି ବୋଲି ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି।

ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡାଙ୍କ ନିର୍ଦ୍ଦେଶାନୁଯାୟୀ ଚଳିତ ବର୍ଷ ‘ବିଭାଜନ ବିଭୀଷିକା ସ୍ମୃତି ଦିବସ’କୁ ଦେଶବ୍ୟାପୀ ପାଳନ କରାଯିବ। ୧୯୪୭ର ବିଭାଜନ ବିଭୀଷିକାର ପ୍ରଦର୍ଶନୀ ଅଗଷ୍ଟ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ସବୁଜିଲା ଏବଂ ପ୍ରମୁଖ ସହରାଞ୍ଚଳରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ହେବ। ସେହିପରି ଅଗଷ୍ଟ ୧୪ ସନ୍ଧ୍ୟାରେ ହାତରେ କେବଳ ତ୍ରିରଙ୍ଗା ଧରି ଏକ ନୀରବ ଯାତ୍ରା ଅନୁଷ୍ଠିତ ହେବ ବୋଲି ରାୟ ସୂଚନା ଦେଇଛନ୍ତି । ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶରେ ଏକ ପରିଚାଳନା କମିଟି ଗଠନ କରାଯାଇଛି । ରାଜ୍ୟ ମୁଖପାତ୍ର ରାୟ ଏହି କମିଟିର ରାଜ୍ୟ ସଂଯୋଜକ ସହିତ କଟକ ନଗର, କଟକ ସଦର, ଢେଙ୍କାନାଳ, ଅନୁଗୋଳ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଭୁବନେଶ୍ୱର ସାଙ୍ଗଠନିକ ଜିଲା ଦାୟିତ୍ୱରେ ଅଛନ୍ତି । ଏହାସହ ଅନ୍ୟ ଜିଲାଗୁଡ଼ିକର ଦାୟିତ୍ୱ ମଧ୍ୟ କେତେଜଣଙ୍କ ମଧ୍ୟରେ ବଣ୍ଟାଯାଇଛି।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୧୧ ତା:୦୧।୦୮।୨୦୨୨

ବିଜ୍ଞାପନ

No. CAD-1446: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଛେଣ୍ଡ, ଦ୍ୱିତୀୟ ପର୍ଯ୍ୟାୟ, ରାଉରକେଲା ହାଉସିଂ ପ୍ରକଳ୍ପରେ ଘର ନଂ. ଏଲ୍.ଆଇ.ଜି.-୨-୨୦ (LIG-II-20)ଟିକୁ ଶ୍ରୀ ବିନୟ କୁମାର ନନ୍ଦ, ପି.: ୰ପ୍ରଫୁଲ୍ଲ କୁମାର ନନ୍ଦ, ସା/ପୋ.: ରଙ୍ଗାଧୀପ, ଥା: ସଦର, ଜି.: ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବିନୟ କୁମାର ନନ୍ଦ ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ତାଙ୍କର କନ୍ୟା ଶ୍ରୀମତୀ ମମତା ନନ୍ଦ, ସ୍ୱା.: ସତ୍ୟଜିତ୍ ନନ୍ଦ, ସା/ପୋ.: ରଙ୍ଗାଧୀପ, ଥାନା: ସଦର, ଜି.: ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0248/2223

# ନୀତୀଶଙ୍କୁ ଉପରାଷ୍ଟ୍ରପତି କରାଇବାକୁ ଚାହୁଁଥିଲା ଜେଡିୟୁ

ପାଟନା,୧୦।୮

ବିହାରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ନୀତୀଶ କୁମାର। ରାଜ୍ୟପାଳ ଫଗୁ ଚୌହାନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ନୀତୀଶଙ୍କ ବ୍ୟତୀତ ଆରଜେଡି ନେତା ତେଜସ୍ୱୀ ଯାଦବ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ନୀତୀଶ ମୁଖ୍ୟମନ୍ତ୍ରୀ ହେବା ପରେ ଭାଜପା ନେତା ସୁଶୀଲ ମୋଦି ତାଙ୍କୁ ଟାର୍ଗେଟ କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସୁଶୀଲ କହିଛନ୍ତି, ଭାଜପା ଜେଡିୟୁର ପ୍ରତ୍ୟେକ ଅଭିଯୋଗର ସମାଧାନ କରିବାକୁ ଚେଷ୍ଟା କରିଥିଲା କିନ୍ତୁ ଏହାର କୌଣସି ପ୍ରଭାବ ପଡି ନ ଥିଲା। ଧର୍ମେନ୍ଦ୍ର ପ୍ରଧାନ ଦୁଇଥର ପାଟନାକୁ ଆସି ନୀତୀଶ ଜୀଙ୍କୁ ପଚାରିଥିଲେ କିଛି ଅସୁବିଧା ଅଛି କି? ସରକାର ପତନର ଗୋଟିଏ ଦିନ ପୂର୍ବରୁ ଆମ ଦଳର ଜଣେ ବଡ ନେତା ଦିଲ୍ଲୀରୁ ଫୋନ ଯୋଗେ ନୀତୀଶଙ୍କୁ ପଚାରିଥିଲେ ସବୁ ଠିକ ଅଛି ତ? ସେ କହିଥିଲେ, ସବୁକିଛି ଠିକ ଅଛି। ଟିଭିରେ ଲଲନ ସିଂଙ୍କ ମନ୍ତବ୍ୟ ଦେଖିଛନ୍ତି କି, ନୀତୀଶ କହିଥିଲେ, ଆପଣଙ୍କ ଦଳରେ ଗିରିରାଜ ଅଛନ୍ତି, ସେମିତି ଆମ ଦଳରେ ଲଲନ ସିଂ ମଧ୍ୟ ଅଛନ୍ତି। ଜେଡିୟୁ ନୀତୀଶ କୁମାରଙ୍କୁ ଉପରାଷ୍ଟ୍ରପତି କରିବାକୁ ଚାହୁଁଥିଲା। ତାହା ନ ହେବାକୁ ଏଭଳି ଘଟଣା ଘଟିଛି। ଆରସିପି ସିଂଙ୍କ ବାହାନାରେ ବିହାରରେ ଜେଡିୟୁକୁ ଦୁର୍ବଳ କରିବାର ଅଭିଯୋଗ ଉପରେ ସୁଶୀଲ ମୋଦି କହିଛନ୍ତି, ଜେଡିୟୁକୁ ଭାଙ୍ଗିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଆଜି ପର୍ଯ୍ୟନ୍ତ ଆମେ କୌଣସି ଦଳ ଭାଙ୍ଗି ନାହୁଁ। ନୀତୀଶ କୁମାରଙ୍କ ସହମତି ବିନା ଆରସିପି ସିଂଙ୍କୁ କେନ୍ଦ୍ରରେ ମନ୍ତ୍ରୀ କରାଯାଇଛି ବୋଲି ମିଥ୍ୟା ପ୍ରଚାର କରାଯାଇଛି। ଏହା ଏକ କଞ୍ଚା ମିଛ, ଅମିତ ଶାହା ନୀତୀଶ କୁମାରଙ୍କୁ ମନ୍ତ୍ରୀଙ୍କ ନାଁ ଦେବାକୁ କହିଥିଲେ, ସେ ହିଁ ଆରସିପି ସିଂଙ୍କ ନାଁ ଦେଇଥିଲେ। ଆମେ ନୀତୀଶ କୁମାରଙ୍କୁ ପାଞ୍ଚଥର ବିହାରର ମୁଖ୍ୟମନ୍ତ୍ରୀ କରିଛୁ। ୨୦୨୦ ଜନାଦେଶ ହେଉଛି, ନରେନ୍ଦ୍ର ମୋଦିଙ୍କ ଜନାଦେଶ। ଯଦି ତାହା ନୀତୀଶ କୁମାରଙ୍କ ଜନାଦେଶ ହୋଇଥାନ୍ତା, ତେବେ ତାଙ୍କୁ କେବଳ ୪୩ଟି ଆସନ ମିଳି ନ ଥାନ୍ତା। ତେଜସ୍ୱୀଙ୍କୁ ଟାର୍ଗେଟ କରି ସୁଶୀଲ ମୋଦି କହିଛନ୍ତି, ଦୁର୍ନୀତି ମାମଲାରେ ତେଜସ୍ୱୀଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରାଯାଇଛି, ସେ ଜାମିନରେ ଅଛନ୍ତି। କେବେ ବି ଜେଲ ଯିବେ। ଆସନ୍ତାକାଲି ନୀତୀଶ କୁମାର ମଧ୍ୟ ଆରଜେଡିକୁ ଠକିଦେବେ ଏଥିରେ ସନ୍ଦେହ ନାହିଁ। ଆରଜେଡିର ୮୦ ଜଣ ବିଧାୟକ ଏବଂ ନୀତୀଶଙ୍କ ୪୫-୪୬ ବିଧାୟକ ଅଛନ୍ତି। ନୀତୀଶ କୁମାର କେବଳ ଶୋ' ପାଇଁ ମୁଖ୍ୟମନ୍ତ୍ରୀ ହେବେ ଏବଂ ପ୍ରକୃତ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ହିଁ ହେବେ।



ସୁଶୀଲ ମୋଦି

OFFICE OF THE COLLECTOR, CUTTACK
(ST & SC Dev. Section)
Letter No. 2253/Wel Dated: 08.08.2022

NOTICE

No. V-50: In pursuance to this office Advertisement No. 3165, Dtd.30.12.2021 and Corrigednum No. 944, Dtd.31.03.2022, detail information on written examination for Initial Appointee teachers is published in the District Webstie i.e. **www.cuttack.nic.in**. The written examination will be held on 28.08.2022 (Sunday). The admit cards to the eligible applicants are issued through Registered Post in their corresponding address. If any, eligible candidate has not received his/her Admit Card by 24.08.2022, they are requested to contact this office on 25.08.2022 to obtain duplicate Admit Card.

Sd./- District Welfare Officer, Cuttack
OIPR-26014/11/0002/2223

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, BHUBANESWAR
Ph.No.0674-2301787,Fax No.-0674-2300965,
Email ID:eerw_bbsr@yahoo.co.in.

No.TCN-18 Date:08.08.2022

TENDER NOTICE

No.O-819:-1. Name of the Work: Consultancy service for proposed Hostel Buildings for RCTRC, Bhubaneswar.
2. Time for Completion: 12 Months.
3. Other details:

| Procurement Officer | Bid Identification No. | Sale & Receipt of the Bid documents | | Date & Time of opening of technical bid | Date & Time of opening of financial bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bhubaneswar | TCN-18 | 17.08.2022 at 11.00 A.M. | 23.08.2022 upto 4.00 P.M. | 24.08.2022 at 11.30 A.M. | 26.08.2022 at 11.30 A.M. |

Sd./- Executive Engineer, Rural Works Divn. BBSR
OIPR-25066/11/0019/2223

# ହିମାଚଳ ସରକାରଙ୍କ ବିରୋଧରେ ଅନାସ୍ଥା ନୋଟିସ୍

**ବିଧାନସଭାରେ ବିତର୍କ ଆଜି**

**ଶିମ୍‌ଲା, ୧୦।୮:** ଭାଜପା ଶାସିତ ହିମାଚଳ ପ୍ରଦେଶର ଜୟରାମ ଠାକୁର ସରକାରଙ୍କ ବିପକ୍ଷରେ ବିରୋଧୀ କଂଗ୍ରେସ ଏବଂ ସିପିଏମ୍ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। କଂଗ୍ରେସର ୨୨ ଏବଂ ସିପିଏମ୍ ଜଣେ ବିଧାୟକଙ୍କ ଦ୍ୱାରା ଆଗତ ନୋଟିସ୍‌କୁ ବାଚସ୍ପତି ବିପିନ ପର୍‌ମାର ଗ୍ରହଣ କରିଛନ୍ତି। ଏଥିସହ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଗୁରୁବାର ପୂର୍ବାହ୍ନ ୧୧ଟାରେ ବିଧାନସଭାରେ ଏହା ଉପରେ ବିତର୍କ ହେବ। ଅପରାହ୍ନ ୩ଟାରେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ତାଙ୍କ ବିବୃତି ରଖିବେ। ଠାକୁର ସରକାର ସବୁଦିଗରୁ ବିଫଳ ହୋଇଥିବା ବିରୋଧୀ ଦଳ ନେତା ତଥା କଂଗ୍ରେସ ବିଧାୟକ ମୁକେଶ ଅଗ୍ନିହୋତ୍ରୀ ସମାଲୋଚନା କରିଛନ୍ତି। ୬୮ ଆସନ ବିଶିଷ୍ଟ ବିଧାନସଭାରେ ଭାଜପାର ୪୩ ବିଧାୟକ ଥିବାବେଳେ କଂଗ୍ରେସର ୨୨ ସଦସ୍ୟ ଅଛନ୍ତି।



ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର

Government of Odisha No. MM-116

"e" Procurement Notice

OFFICE OF THE DIVISIONAL FOREST OFFICER
PURI WILDLIFE DIVISION, PURI
Bid Identification No. 01 of 2022-2023

1. Nature of the work : (a) Building and (b) Boundary Wall
2. No. of Works : 14 Nos.
3. Estimate Cost : As mentioned in Column No. 3
4. Period of Completion : 04 (Four Calendar Months)/Each
5. Date & time of availability of the Bid documents in the portal : 10.00 A.M. of 12.08.2022 to 5.00 P.M. of 25.08.2022
6. Last date/time of receipt of the bid in Portal : 25.08.2022 upto 5.00 P.M.
7. Date of Opening : 26.08.2022 at 11.00 A.M. in the Chamber of the undersigned
8. Name and address of the Office : Office of the Divisional Forest Officer, Puri Wildlife Division, Puri

Further details can be seen from the e-procurement portal **"https://tendersorissa.gov.in**.

Sd./- Divisional Forest Officer
Puri Wildlife Division, Puri
OIPR-08140/11/0007/2223

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ
ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର
OFFICE OF THE PROJECT ADMINISTRATOR, ITDA, PHULBANI
ST & SC Development
Government of Odisha
No. 1732 E-mail: itdaphulbani@gmail.com Date: 08.08.2022

REVISED TENDER CALL NOTICE

No. CAD-1431: Sealed tenders are invited from intending firms/companies and agencies having valid registration PAN/GSTIN, for supply of Dragon Fruit (Red Fleshed/White Fleshed/Yellow Fleshed) Plants in Bedakheta and nearby villages of Sadingia GP under Phiringia Block in the District of Kandhamal, Odisha with specifications mentioned in the detailed tender call notice which can be downloaded from District website **www.kandhamal.nic.in**. The sealed tenders complete in all respects must reach the office of the Project Administrator, ITDA, Phulbani, Dist.- Kandhamal, Odisha, PIN - 762001 latest by **20.08.2022 by 5.00 P.M.** through Registered/Courier/Speed Post. The tender wil be opened on **22.08.2022 by 11.00 A.M.** in presence of the Technical Committee. The tender paper can be obtained in the Office of the P.A., ITDA in any working day during the office hours on payment of Rs.5000/- (Rupees five thousand) only or can be downloaded from the District Website. The bidders those who download tender paper online should pay the tender paper cost in shape of DD in favour of Project Administrator, ITDA, Phulbani payable at Phulbani.

Sd./- Project Administrator, ITDA, Phulbani
OIPR-26040/11/0002/2223

# ବିକଳ୍ପ ରାଜନୈତିକ ଶକ୍ତି ଲାଗି ପ୍ରୟାସ

**ଭୁବନେଶ୍ୱର, ୧୦।୮(ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ଶାସନ ବିରୋଧରେ ରାଜ୍ୟରେ ସମସ୍ତ ବାମପନ୍ଥୀ ଦଳ ଓ କେତେଗୁଡିଏ ସକ୍ରିୟ ଆଞ୍ଚଳିକ ଦଳକୁ ନେଇ ମିଳିତ କାର୍ଯ୍ୟକ୍ରମ ଓଡିଶା ବଞ୍ଚାଅ ଅଭିଯାନ ନାମରେ ଏକ ବିକଳ୍ପ ରାଜନୈତିକ ଶକ୍ତି ଗଠନ ହୋଇଛି। ଏଥିରେ ସିପିଆଇ(ଏମ୍), ସିପିଆଇ, ସିପିଆଇ(ଏମ୍ଏଲ୍) ଲିବରେସନ, ସମୃଦ୍ଧ ଓଡିଶା, ସମତାକ୍ରାନ୍ତି ଦଳ, ସମାଜବାଦୀ ପାର୍ଟି, ଫରୱାର୍ଡ ବ୍ଲକ, ରାଷ୍ଟ୍ରୀୟ ଜନତା ଦଳ ଆଦି ଯୋଗ ଦେଇଥିବା ବେଳେ ଭବିଷ୍ୟତରେ ଅନ୍ୟ କେତେଗୁଡିଏ ପାର୍ଟି ଏକାଠି ହୋଇ ଓଡିଶାର ସ୍ୱାର୍ଥ ଲାଗି ଏକଜୁଟ ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ମିଳିତ କର୍ମୀ ସମ୍ମିଳନୀରେ ଏକ ଘୋଷଣା ପତ୍ର ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ପଦକ୍ଷେପର ସମାଲୋଚନା କରାଯାଇ ଆଗାମୀ ଦିନରେ ଜନ ଆନ୍ଦୋଳନ ଡାକରା ଦିଆଯାଇଛି। ଓଡିଶାର ସ୍ୱାର୍ଥରକ୍ଷା ପାଇଁ ଚାଷୀ ଓ ଚାଷର ସୁରକ୍ଷା, ଶିଳ୍ପର ବିକାଶ, ଖଣିଜ ଦ୍ରବ୍ୟର ସଦ୍‌ବ୍ୟବହାର ଓ ଶ୍ରମିକଙ୍କ ସ୍ୱାର୍ଥରକ୍ଷା, ଆଦିବାସୀ ଓ ଦଳିତଙ୍କ ବିକାଶ, ଉତ୍କଟ ବେକାରୀ ସମସ୍ୟାଆଦି ପ୍ରସଙ୍ଗରେ ଅଭିଯାନର ଆଭିମୁଖ୍ୟ ବିସ୍ତୃତ ଭାବେ ଆଲୋଚନା କରି ଆଦାମୀ ଭବିଷ୍ୟତ ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସମ୍ମିଳନୀରେ ବିଭିନ୍ନ ଦଳର ବହୁ ନେତା ଉପସ୍ଥିତ ଥିଲେ।

GOVERNMENT OF ODISHA No. O-816
OFFICE OF THE EXECUTIVE ENGINEER, RURAL WORKS DIVISION, MOHANA
E-mail: rwdmohana@gmail.com
NATIONAL COMPETITIVE BIDDING THROUGH e-Procurement
Identification No. Online Tender 04/MOHANA/2022-23

1. Name of the Work : Building Works
2. Total Number of Works : 07 (Seven) Nos.
3. Estimated Cost : Varies from Rs.35.71 lakhs to Rs.37.40 lakhs
4. Class of Contractor : As per Annexure
5. Period of Completion : As per Annexure
6. Other details :

| Procurement Officer | Bid Identification No. | No. of Works | Availability of Tender Online for Bidding | | Last Date & Time of Seeking Tender Clarification | Date and Time of Opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 04/MOHANA /2022-23 | 07 (Seven) Nos. | Dt.16.08.2022 from 11.00 A.M. | 26.08.2022 upto 5.00 P.M. | 25.08.2022 upto 5.00 P.M. | 29.08.2022 at 11.00 A.M. |

Further details can be seen from the website **www.tenderorissa.gov.in**.
OIPR-25148/11/0005/2223 Sd./- Executive Engineer, R.W. Division, Mohana

# ରାଜ୍ୟଗୋଷ୍ଠୀ ଫେନ୍‌ସିଂରେ ଭବାନୀଙ୍କୁ ସ୍ୱର୍ଣ୍ଣ

ଲଣ୍ଡନ,୧୦।୮(ପି.ଟି)

ରାଜ୍ୟଗୋଷ୍ଠୀ ଅସି ଚାଳନା (ଫେନ୍ସିଂ) ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭବାନୀ ଦେବୀ। ଗତଥରର ଟାଇଟଲ ଡିଫେଣ୍ଡ କରୁଥିବା ଭବାନୀ ଟୁର୍ନାମେଣ୍ଟର ଦ୍ୱିତୀୟ ସିଡ୍ ଅଷ୍ଟ୍ରେଲିଆର ଭେରୋନିକା ଭାସିଲେଭାଙ୍କୁ ୧୫-୧୦ରେ ପରାସ୍ତ କରିଛନ୍ତି। ପ୍ରଥମ ଭାରତୀୟ ଭାବରେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଥିବା ଭବାନୀ ଦେବୀ ଏହି କ୍ରୀଡାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ଲାଗିଛନ୍ତି। ବିଶ୍ୱ ମାନ୍ୟତାରେ ୪୨ତମ ସ୍ଥାନରେ ରହିଥିବା ଏହି ଖେଳାଳି ଜଣଙ୍କ ଇସ୍ତାନବୁଲରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍ ବିଫଳତାକୁ ପଛରେ ପକାଇ ସାବ୍ରେ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ଚଳିତ ବର୍ଷର ୧୦ମ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ। ଏହି ଫାଇନାଲ ମୁକାବିଲାଟି ଅତ୍ୟନ୍ତ କଷ୍ଟସାଧ୍ୟ ରହିଥିଲା। ତେବେ ଦେଶ ପାଇଁ ଏକ ସ୍ୱର୍ଣ୍ଣ ଜିତିଥିବାରୁ ମୋତେ ବେଶ୍ ଖୁସି ଲାଗୁଛି। ଦେଶରେ ଯେଉଁ ପ୍ରକାରର ସମର୍ଥନ ମିଳୁଛି ତାହା ବେଶ୍ ଉତ୍ସାହକର ଏବଂ ଭବିଷ୍ୟତର ଟୁର୍ନାମେଣ୍ଟଗୁଡିକ ପାଇଁ ପ୍ରେରଣା ଦେବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ଭବାନୀ ଦେବୀ। ଭବାନୀ ଅସି ଚାଳନାରେ ଭାରତର ମଶାଲ ବାହକ ବୋଲି କହିଛନ୍ତି ଅସିଚାଳନା ସଂଘର ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା। ଭାରତର ସମସ୍ତ ଫେନ୍ସରଙ୍କ ପାଇଁ ସେ ପ୍ରେରଣାର ଉତ୍ସ ଏବଂ ତାଙ୍କ ପାଇଁ ଅନେକ ଯୁବ ଖେଳାଳି ଫେନ୍ସିଂକୁ କ୍ୟାରିୟର କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଭାରତରେ ଅସି ଚାଳନା ପ୍ରତି ଆଗ୍ରହ ବଢୁଥିବା ପ୍ରମାଣିତ କରିଛି ଏହି ସ୍ୱର୍ଣ୍ଣପଦକ। ଆଗାମୀ ଦିନରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଏକାଧିକ ଭାରତୀୟଙ୍କୁ ଦେଖିବାର ସ୍ୱପ୍ନ ପୂରଣ ହେବାକୁ ଯାଉଛି ବୋଲି ମେହେଟ୍ଟା ପ୍ରକାଶ କରିଛନ୍ତି।


ଭବାନୀ ଦେବୀ

# ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ବୋଲ୍ଟ ବାଦ୍

**ୱେଲିଂଟନ୍,୧୦।୮(ପି.ଟି):** ନ୍ୟୁଜିଲାଣ୍ଡ କ୍ରିକେଟର କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ପଡିଛନ୍ତି ଅନୁଭବୀ ପେସ ବୋଲର ଟ୍ରେଣ୍ଟ ବୋଲ୍ଟ। ପରିବାର ସହିତ ଅଧିକ ସମୟ ବିତାଇବା ପାଇଁ ବୋଲ୍ଟଙ୍କ ଅନୁରୋଧ ପରେ ନ୍ୟୁଜିଲାଣ୍ଡ କ୍ରିକେଟ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ୩୩ ବର୍ଷୀୟ ବୋଲ୍ଟ ନ୍ୟୁଜିଲାଣ୍ଡର ଅନ୍ୟତମ ସଫଳ ବୋଲର। ୭୮ଟେଷ୍ଟରୁ ୩୧୭ ଉଇକେଟ ଏବଂ ୯୩ ଦିନିକିଆରୁ ୧୬୯ ଉଇକେଟ ନେଇଥିବା ଏହି ଖେଳାଳି ଜଣଙ୍କ ନ୍ୟୁଜିଲାଣ୍ଡକୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଜିତାଇଥିବା ବେଳେ ଦୁଇଥର ବିଶ୍ୱକପ ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି। ପରିବାର ସହିତ ସମୟ ବିତାଇବା ପାଇଁ ତାଙ୍କ ନିଷ୍ପତ୍ତିକୁ ଆମେ ସମ୍ମାନ କରୁଛୁ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟର ସିଇଓ ଡେଭିଡ ହ୍ୱାଇଟ୍ କହିଛନ୍ତି। ୨୦୧୧ରେ ଟେଷ୍ଟ ପଦାର୍ପଣ ପରଠାରୁ ବୋଲ୍ଟ ଆମର ପ୍ରମୁଖ ବୋଲର ରହିଛନ୍ତି ଏବଂ ଆମେ ତାଙ୍କୁ ସମସ୍ତ ଫର୍ମାଟରେ ଆମର ଶ୍ରେଷ୍ଠ ବୋଲର ବୋଲି ବିବେଚନା କରିଥାଉ। ପୂର୍ଣ୍ଣକାଳୀନ ଚୁକ୍ତିରୁ ବୋଲ୍ଟ ହଟିବା ଆମ ପାଇଁ କଷ୍ଟକର ନିଷ୍ପତ୍ତି । ତେବେ ନ୍ୟୁଜିଲାଣ୍ଡ କ୍ରିକେଟ ତରଫରୁ ତାଙ୍କୁ ଶୁଭେଚ୍ଛା। ପାରିବାରିକ ଶାନ୍ତି ପାଇଁ ଏହି ନିଷ୍ପତ୍ତି ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେବେ ଆଗାମୀ ଦିନରେ ପୁନର୍ବାର ମୋ ଦେଶର ପ୍ରତିନିଧିତ୍ୱ କରିବାକୁ ମୋର ଇଚ୍ଛା ରହିଛି। ଆଗାମୀ ଦିନରେ ବିନା କେନ୍ଦ୍ରୀୟ ଚୁକ୍ତିରେ ପ୍ରତ୍ୟାବର୍ତ୍ତନ କଷ୍ଟସାଧ୍ୟ ବୋଲି ସେ ସ୍ୱୀକାର କରିଛନ୍ତି।



ଟ୍ରେଣ୍ଟ ବୋଲ୍ଟ

9th Birth Anniversary

Aryakirti Rath (Anshu)
Sector-6, CDA, Cuttack
"I hope your special day will bring you lots of happiness, love & fun you deserve them a lot."
With best wishes : Mama- Sasmita Rath, Papa- Baikuntha Charan Rath, Sisters Alisha, Ankita, Friends & Family members.
ଧ-୧୨୩୫

BIRTHDAY WISHES

MONALISA
Many many Happy Returns of the day, Monalisa Happy Birthday to you.
God bless you ... Baba
ଧ-୧୧୯୮

୨୩ତମ ଜନ୍ମବାର୍ଷିକ ଶୁଭେଚ୍ଛା

ରାଜଶ୍ରୀ
ଗ୍ରାମ- ଧୁଁପୁର, ତିର୍ତ୍ତୋଲ, ଜଗତ୍‌ସିଂହପୁର
ଫୁଲପରି ମହକି ଉଠୁ ଜୀବନ ତୁମର,
ଚଲାପଥରେ ଖୁସି ଭରିଯାଉ ତୁମର,
ଏତିକି ଆଶୀର୍ବାଦ ଥାଉ ତୁମରି ଉପରେ,
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ।
ଧ-୧୨୩୧

BIRTHDAY WISHES

SMRUTI REKHA SAHOO
(RAKHI)
BEST WISHES FROM -
MUNA, LISA, ANANTA, AKANKSHYA, SAI, FAMILY AND FRIENDS
ଧ-୧୧୯୭

# ସୌଭାଗ୍ୟ ଚାମ୍ପିୟନ

## ଅଲ୍ ଓଡ଼ିଶା ଓପନ ସ୍ନୁକର

**ଭୁବନେଶ୍ୱର, ୧୦।୮ (କ୍ରୀଡ଼ା ପ୍ରତିନିଧି):** କଟକରେ ଅନୁଷ୍ଠିତ ୬ଷ୍ଠ ଅଲ୍ ଓଡ଼ିଶା ଓପନ ଗୋଲ୍ଡେନ କିଙ୍ଗ୍ ସ୍ନୁକର ଚାମ୍ପିୟନଶିପ୍‌ରେ ସୌଭାଗ୍ୟ ବେହେରା ଚାମ୍ପିୟନ ହୋଇଛନ୍ତି। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ସୌଭାଗ୍ୟ ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ଖେଳାଳି ସୁବ୍ରତ ଦାସଙ୍କୁ ୫୨-୭୦, ୬୧-୫, ୭୮-୨୮, ୬୪-୬୨, ୧୬-୬୦, ୫୩-୩୬, ୩୧-୫୯, ୬୦-୬୨, ୬୬-୧୪, ୪୯-୪୦ରେ ପରାସ୍ତ କରିଥିଲେ। ମହମ୍ମଦ ରାଜା ଓ ରାକେଶ ରୋଶନ ପ୍ରଧାନ ସେମିଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିବାବେଳେ ମିହିର ଭୋରା, ଜ୍ଞାନ ରଞ୍ଜନ, ବରୁଣ ପୂର୍ବା ଓ ସତ୍ୟଦୀପ ଦାସଙ୍କ ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଥିଲା। ଟ୍ରଫି ସହ ଚାମ୍ପିୟନ ସୌଭାଗ୍ୟଙ୍କୁ ୨୦,୦୦୦ ଓ ରନର୍ସଅପ୍ ସୁବ୍ରତଙ୍କୁ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଏସ୍‌ବିଆଇ କଟକ ବ୍ରାଞ୍ଚର ଏଜିଏମ୍ ସନ୍ତୋଷ କୁମାର ବେହେରା ଏବଂ ମୁଖ୍ୟ ଅତିଥି ଏବଂ ବ୍ଲୁଟେକ୍ ଉତ୍ପାଦର ପରିଚାଳନା ନିର୍ଦ୍ଦେଶକ ମିଶାଲ ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଗୋଲ୍ଡେନ କିଙ୍ଗ୍ ସ୍ନୁକର କ୍ଲବର ମାଲିକ ଜ୍ଞାନ ରଞ୍ଜନ ବେହେରା ଉପସ୍ଥିତ ଥିଲେ।

# ବିଡ଼ାନାସୀ କ୍ଲବ ବିଜୟୀ

## ଫାଓ ଲିଗ୍

**ଭୁବନେଶ୍ୱର, ୧୦।୮ (କ୍ରୀଡ଼ା ପ୍ରତିନିଧି):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ବିଡ଼ାନାସୀ କ୍ଲବ ବିଜୟୀ ହୋଇଛି। ବୋରିସଙ୍କ ହ୍ୟାଟ୍ରିକ ଗୋଲ ବଳରେ ଏହି କ୍ଲବ ସନ୍‌ସାଇନ୍ କ୍ଲବକୁ ୭-୧ ଗୋଲରେ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ମନୋଜ ଦାସ ୩ ଓ ୧୩ ମିନିଟରେ ୨ଟି, ବୋରିସ ୬, ୪୧ ଓ ୭୯ ମିନିଟରେ ୩ଟି ଏବଂ ଖଗେଶ୍ୱର ଲାକ୍ରା ୩୬ ଓ ନୀରଜ ମହାପାତ୍ର ୬୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସନ୍‌ସାଇନ୍ ପକ୍ଷରୁ ତ୍ରିଦେବ ମୁଖୀ ୭୬ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଜ୍ୟୋତି ରଞ୍ଜନ ସ୍ୱାଇଁ, ସଲିଲ ବେହେରା, ଚକ୍ରଧର ଛତ୍ରର ଓ ଲିଙ୍ଗରାଜ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ।


କଟକରେ ଅନୁଷ୍ଠିତ ଅଲ୍ ଓଡ଼ିଶା ଓପନ ଗୋଲ୍ଡେନ କିଙ୍ଗ୍ ସ୍ନୁକର ଚାମ୍ପିୟନଶିପର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ପ୍ରଫୁଲ୍ଲ ପଟେଲଙ୍କ ନାମରେ ମାନହାନି ମକଦ୍ଦମା

ଲଣ୍ଡନ,୧୦।୮(ପି.ଟି)

ବର୍ତ୍ତମାନ ଦେଶରେ ଫୁଟବଲ ପରିଚାଳନାର ଭାର କମିଟି ଅଫ୍ ଆଡମିନିଷ୍ଟ୍ରେଟର (ସିଓଏ) ଉପରେ ନ୍ୟସ୍ତ ରହିଛି। ତେବେ ଫୁଟବଲ କାର୍ଯ୍ୟ ପରିଚାଳନାରେ ବାଧା ସୃଷ୍ଟି କରୁଥିବା କାରଣରୁ ସର୍ବଭାରତୀୟ ଫୁଟବଲ ସଂଘ ସଭାପତି ପ୍ରଫୁଲ୍ଲ ପଟେଲଙ୍କ ନାମରେ ମାନହାନି ମକଦ୍ଦମା ଜାରି କରିଛି ସିଓଏ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜାତୀୟ ଫେଡେରେଶନ ନିର୍ବାଚନ ହେବାକୁ ଥିବା ବେଳେ ଏହି ପ୍ରକ୍ରିୟାରେ ପଟେଲ ବାଧା ସୃଷ୍ଟି କରୁଥିବା ସିଓଏ ପକ୍ଷରୁ କୁହାଯାଇଛି। ୩୫ ଜଣିଆ ପୂର୍ବତନ ସଦସ୍ୟମାନଙ୍କ ସହିତ ପଟେଲ ବୈଠକ କରିବା ସହ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବାକୁ ପ୍ରୟାସ କରୁଥିବା ମାନହାନି ମକଦ୍ଦମାରେ ଉଲ୍ଲେଖ ରହିଛି। ଅଗଷ୍ଟ ୮ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ଜୁମ୍ କଲ୍ ମାଧ୍ୟମରେ ଏହି ବୈଠକ କରାଯାଇଥିଲା। ଏହି ବୈଠକରେ ହୋଇଥିବା ବାର୍ତ୍ତାଳାପକୁ ମାନହାନି ମକଦ୍ଦମାରେ ସଂଯୁକ୍ତ କରାଯାଇଥିବା ଜଣାପଡିଛି। ଏହା ସହିତ ଫୁଟବଲ୍ ସମ୍ବନ୍ଧୀୟ କୌଣସ ବି କାର୍ଯ୍ୟରେ ଯୋଗ ଦେବାରୁ ପଟେଲଙ୍କ ଉପରେ କଟକଣା ଲଗାଇବା ପାଇଁ ଆବେଦନ କରାଯାଇଛି। ଫିଫା ହେଉ କିମ୍ବା ଏଏଫ୍‌ସି ଏଥିରେ କୌଣସି ପ୍ରକାର ପଦରେ ପଟେଲଙ୍କୁ ନ ରଖିବା ପାଇଁ ଆବେଦନ କରାଯାଇଛି। ସର୍ବୋଚ୍ଚ କୋର୍ଟ ଏହି ମାମଲାର ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନରେ କୁହାଯାଇଛି। ପ୍ରଫୁଲ୍ଲଙ୍କ ବ୍ୟତୀତ ଆଇଏଫ୍ଏ ଚେୟାରମ୍ୟାନ୍ ସୁବ୍ରତ ଦତ୍ତା, ଦିଲ୍ଲୀ ଫୁଟବଲ ମୁଖ୍ୟ ଶାଜି ପ୍ରଭାକରନ୍ ଏବଂ ଅନ୍ୟ ୫ ଜଣ ଏହି ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ଯୋଗ ଦେଇଥିବା ଅନ୍ୟମାନଙ୍କ ନାମରେ ମଧ୍ୟ କୋର୍ଟ ଅବମାନନା ମାମଲା ରୁଜୁ କରିବାକୁ ସିଓଏ ପକ୍ଷରୁ କୁହାଯାଇଛି। ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ ପୂର୍ବରୁ ନିର୍ବାଚନ କରିବାକୁ କଡା ନିର୍ଦ୍ଦେଶ ରହିଥିବା ବେଳେ ପଟେଲ ଏହି ଅଧିକାରୀମାନଙ୍କ ସହିତ ମିଶି ଏହାକୁ ଭଣ୍ଡୁର କରିବାକୁ ପ୍ରୟାସ ଚାଳାଇଥିବା ଅଭିଯୋଗରେ କୁହାଯାଇଛି। ପଟେଲ ବର୍ତ୍ତମାନ ଫିଫା କାଉନସିଲର ସଦସ୍ୟ ରହିଥିବାରୁ ସହଜରେ ବିଭିନ୍ନ ରାଜ୍ୟ ମୁଖ୍ୟମାନଙ୍କୁ ପ୍ରଭାବିତ କରୁଛନ୍ତି। ପୂର୍ବରୁ ସମସ୍ତ ରାଜ୍ୟ ସଂଘଗୁଡିକ ନିର୍ବାଚନ ପାଇଁ ହଁ ଭରିଥିଲେ ହେଁ ବର୍ତ୍ତମାନ ନିଜ ପ୍ରତିଶ୍ରୁତିରୁ ପଛକୁ ହଟୁଛନ୍ତି। ପ୍ରଥମେ ନିର୍ବାଚିତ କମିଟିରେ ୩୬ ଜଣ ପୂର୍ବତନ ଖେଳାଳିଙ୍କୁ ସାମିଲ କରାଯିବା ନିଷ୍ପତ୍ତିକୁ ଫିଫା ପକ୍ଷରୁ ବିରୋଧ କରାଯାଇଥିଲା। ଏହି ବିରୋଧାଭାସ ପରେ ଅଗଷ୍ଟ ୩ ତାରିଖରେ କେନ୍ଦ୍ର କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଏହାକୁ ଆଳ କରି ନିର୍ବାଚନ ରୋକିବାକୁ ଦାବି କରାଯାଇଥିଲା। ଫିଫାରେ ଗୁରୁଦାୟିତ୍ୱରେ ରହିଥିବା ପଟେଲ ନିଜ କ୍ଷମତାର ଦୁରୁପଯୋଗ କରି ନିର୍ବାଚନକୁ ପ୍ରଭାବିତ କରିବାକୁ ପ୍ରୟାସ କରୁଥିବାରୁ ତାଙ୍କୁ ନିଲମ୍ବିତ କରିବା ପାଇଁ ଏହି ମାନହାନି ମକଦ୍ଦମାରେ ଉଲ୍ଲେଖ କରାଯାଇଛି।


ପ୍ରଫୁଲ୍ଲ ପଟେଲ

### କୋର୍ଟଙ୍କ ଭର୍ତ୍ସନା

ମାନହାନି ମକଦ୍ଦମା ଉପରେ କୋର୍ଟ ଶୁଣାଣି କରିବା ସହିତ ଏପରି ପ୍ରୟାସକୁ ଭର୍ତ୍ସନା କରିଛନ୍ତି। ରାଜ୍ୟ କ୍ରୀଡା ବିଭାଗଗୁଡିକ ତରଫରୁ ଏଭଳି ପଛଦ୍ୱାର କାର୍ଯ୍ୟ କରାଯିବା ଆଦୌ ଗ୍ରହଣୀୟ ନୁହେଁ। ୧୭ ବର୍ଷରୁ କମ ବିଶ୍ୱକପ୍ ଆୟୋଜିତ ହେବାକୁ ଥିବା ବେଳେ ବୋର୍ଡଗୁଡିକ ଯେଉଁଭଳି ଭାବରେ ପଛଦ୍ୱାର ଦେଇ କୋର୍ଟଙ୍କ ଆଦେଶର ଅବମାନନା କରୁଛନ୍ତି ତାହା ଗ୍ରହଣୀୟ ନୁହେଁ। ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ, ସୂର୍ଯ୍ୟକାନ୍ତ ଏବଂ ଏ. ଏସ୍. ବୋପାନ୍ନାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଏହା ସହିତ ରାଜ୍ୟ ସଂଘମାନଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓକିଲ ମେନକା ଗୁରୁସ୍ୱାମୀଙ୍କୁ ଖଣ୍ଡପୀଠ ଚେତାବନୀ ଦେଇଥିଲେ। ପରବର୍ତ୍ତୀ ଶୁଣାଣି ଗୁରୁବାର ହେବ ବୋଲି ଖଣ୍ଡପୀଠ ନିଷ୍ପତ୍ତି ନେଇଛନ୍ତି।

# ସିରିଜ୍ ଜିତିଲା ଜିମ୍ବାୱେ

**ହରାରେ, ୧୦।୮ (ପି.ଟି):** ଟି ୨୦ ସିରିଜ ପରେ ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜକୁ ଜିତି ନେଇଛି ଜିମ୍ବାୱେ। ଅନ୍ତିମ ଦିନିକିଆ ମୁକାବିଲାରେ ୧୦୫ ରନରେ ପରାଜିତ ହେବା ସତ୍ତ୍ୱେ ଘରୋଇ ଦଳ ୨-୧ରେ ସିରିଜ ଜିତିଥିଲା। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୨୫୬ ରନ୍ କରିଥିବା ବେଳେ ୧୫୧ ରନରେ ଅଲଆଉଟ ହୋଇଥିଲା ଜିମ୍ବାୱେ। ପ୍ରଥମ ଦୁଇ ମ୍ୟାଚରେ ବିଜୟ ସହିତ ଆଗୁଆ ସିରିଜ ଜିତି ନେଇଥିବା ଜିମ୍ବାୱେ ଟସ୍ ଜିତି ବୋଲିଂ କରିଥିଲା। ଏନାମଲ ହକ୍ (୭୬) ଓ ଆଫିଫ ହୋସେନ୍ (୮୫*)ଙ୍କ ଦୃଢ଼ ବ୍ୟାଟିଂ ଯୋଗୁ ବାଂଲାଦେଶ ୨୫୬/୯ରେ ସମ୍ମାନଜନକ ସ୍କୋର କରିଥିଲା। ୨୫୭ ରନର ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଜିମ୍ବାୱେ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହିତ ୩୨.୨ ଓଭରରେ ୧୫୧ ରନରେ ଅଲଆଉଟ ହୋଇଥିଲେ। ଆଫିଫ୍ ହୋସେନଙ୍କୁ ପ୍ଲେୟର ଅଫ ଦ ମ୍ୟାଚ ଏବଂ ସିକନ୍ଦର ରାଜାଙ୍କୁ ପ୍ଲେୟର୍ ଅଫ୍ ଦ ସିରିଜ୍ ଘୋଷିତ କରାଯାଇଥିଲା।

# ଦିନେ ଆଗରୁ ଫିଫା ବିଶ୍ୱକପ୍

ଜେନେଭା,୧୦।୮(ପି.ଟି)

ଫୁଟବଲ୍ ବିଶ୍ୱକପ୍ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିଛି ଫିଫା। କାତାରରେ ହେବାକୁ ଥିବା ଫିଫା ବିଶ୍ୱକପ୍ ଗୋଟିଏ ଦିନ ପୂର୍ବରୁ ଆୟୋଜିତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଆୟୋଜକ କାତାର ଏବଂ ଇକ୍ୱେଡର ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ନଭେମ୍ବର ୨୦ ତାରିଖରେ କରିବା ପାଇଁ ଫିଫା ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଉଥିବା ଜଣାପଡିଛି। ପୂର୍ବରୁ ୨୮ ଦିନ ବ୍ୟାପୀ ହେବାକୁ ଥିବା ଟୁର୍ନାମେଣ୍ଟଟି ବର୍ତ୍ତମାନ ୨୯ ଦିନର ହେବ ବୋଲି କୁହାଯାଉଛି। ଫିଫା ସଭାପତି ଜିଆନି ଇନଫାଣ୍ଟିନୋଙ୍କ ନେତୃତ୍ୱରେ ଗଠିତ ଷଡ଼ରାଷ୍ଟ୍ରୀୟ କମିଟି ଆସନ୍ତା କିଛି ଦିନ ମଧ୍ୟରେ ଏହି ନିଷ୍ପତ୍ତିନେବ। କାତାର ଅଫିସିଆଲ ଏବଂ ଦକ୍ଷିଣ ଆମେରିକା ଫୁଟବଲ ଫେଡେରେଶନ (ସିଓଏନ୍‌ଏମ୍‌ଇବିଓଏଲ୍) ପକ୍ଷରୁ ଏହି ନିଷ୍ପତ୍ତିକୁ ସ୍ୱାଗତ କରାଯାଉଥିବା ବେଳେ କାତାର ଏବଂ ଇକ୍ୱେଡର ଫେଡେରେଶନ ସହିତ ଆଲୋଚନା ଆରମ୍ଭ କରିଛି ଫିଫା। ପୂର୍ବରୁ ନଭେମ୍ବର ୨୧ ତାରିଖ ସୋମବାର ଏହି ଟୁର୍ନାମେଣ୍ଟ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ପ୍ରଥମ ମ୍ୟାଚରେ ନେଦରଲାଣ୍ଡସ ଓ ସେନେଗାଲ ମଧ୍ୟରେ ମୁକାବିଲା ହେବାର କାର୍ଯ୍ୟକ୍ରମ ରହିଥିଲା। ଏହି ମ୍ୟାଚର ୬ ଘଣ୍ଟା ପରେ କାତାର ଏବଂ ଇକ୍ୱେଡର ମଧ୍ୟରେ ମୁକାବିଲା ହୋଇଥାନ୍ତା। ମାତ୍ର ବର୍ତ୍ତମାନର ନିଷ୍ପତ୍ତି ପରେ ଗୋଟିଏ ଦିନ ପୂର୍ବରୁ ଉଦ୍‌ଘାଟନୀ ସମାରୋହ ଏବଂ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ।

ପୂର୍ବରୁ ୟୁରୋପୀୟ ଲିଗ୍‌ମାନଙ୍କ ଦାବି କାରଣରୁ ରବିବାର ମ୍ୟାଚକୁ ବାତିଲ କରାଯାଇଥିବା ବେଳେ ତୃତୀୟ ମ୍ୟାଚରେ ଉଦ୍‌ଘାଟନୀ ସମାରୋହ ହେବା ନେଇ ଏପ୍ରିଲ ୧୧ ତାରିଖରେ ନିଷ୍ପତ୍ତି ହୋଇଥିଲା। ଦୈନିକ ୪ଟି ଲେଖାଏ ଲିଗ୍ ମ୍ୟାଚ ଖେଳାଯିବା ସହିତ ୨୮ ଦିନର କାର୍ଯ୍ୟସୂଚୀ ସ୍ଥିର ହୋଇଥିଲା। ୯୨ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟଟି ଉତ୍ତର ଗୋଲାର୍ଦ୍ଧ ବାହାରେ ଆୟୋଜିତ ହେବାକୁ ଯାଉଛି। ଏପରି କି କାତାରର ତାପମାତ୍ରାକୁ ପ୍ରତିହତ କରିବା ପାଇଁ ମେ-ଜୁଲାଇ ମଧ୍ୟରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟକୁ ନଭେମ୍ବରକୁ ଘୁଞ୍ଚାଇ ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ୨୦୧୦ରେ ଅନୁଷ୍ଠିତ ବିବାଦୀୟ ବିଡିଂରେ ୟୁଏଇକୁ ପଛରେ ପକାଇଥିଲା କାତାର। ରବିବାର ପ୍ରିମିୟର ଲିଗ୍ ଖେଳିବାକୁ ଖେଳାଳିଙ୍କୁ ଅନୁମତି ଦାବିରେ ଇଂଲିଶ କ୍ଲବଗୁଡିକ ସହମତି ପ୍ରକାଶ କରିଥିଲେ। ଇକ୍ୱେଡର ଓ କାତାରର ଅନେକ ଖେଳାଳି ଇପିଏଲ ଖେଳୁଥିବାରୁ ଏହି ନିଷ୍ପତ୍ତିକୁ ବିରୋଧ କରାଯାଉଛି।




ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ

୰ବାଣିଶ୍ରୀ ମହାପାତ୍ର
ପତରାଜପୁର, ବାଣିଶ୍ରୀ ଭବନ
ଆବିର୍ଭାବ : ୦୧।୦୫।୧୯୫୫
ତିରୋଧାନ : ୦୯।୦୭।୨୦୨୧
କେହି ରହି ନାହିଁ ରହିବେ ନାହିଁ ଏ ଭବରଙ୍ଗ ଭୂମି ତଳେ
ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ।
ଶୋକସନ୍ତପ୍ତ : ପୁଅ: ସତ୍ୟକାମ । ଦିଲ୍ଲୀପ, ପ୍ରଦୀପ, ପ୍ରମୋଦ, ଆଲୋକ, ବୋହୂ- ଡା. ଲିପିସ୍ମିତା ସାମଲ, ଝିଅ-ପୁରବୀ, ପଲ୍ଲବୀ, ଜ୍ୱାଇଁ- ରଞ୍ଜନ ସ୍ୱାଇଁ, ପ୍ରକାଶ ସାହୁ, ନାତୁଣୀ/ନାତି- ଗୁଡ୍ଡୁ, ରିଷ୍ଟୁ, ବଣ୍ଟୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୨୩୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ

ପ୍ରାଧ୍ୟାପକ
୰ଅଶୋକ କୁମାର ମହାପାତ୍ର
ପତରାଜପୁର, ବାଣିଶ୍ରୀ ଭବନ
ଆବିର୍ଭାବ : ୦୨।୦୪।୧୯୪୯
ତିରୋଧାନ : ୨୧।୦୮।୨୦୨୧
କେହି ରହି ନାହିଁ ରହିବେ ନାହିଁ ଏ ଭବରଙ୍ଗ ଭୂମି ତଳେ
ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ।
ଶୋକସନ୍ତପ୍ତ : ପୁଅ: ସତ୍ୟକାମ । ଭାଇ- ଦିଲ୍ଲୀପ, ପ୍ରଦୀପ, ପ୍ରମୋଦ, ଆଲୋକ, ବୋହୂ- ଡା. ଲିପିସ୍ମିତା ସାମଲ, ଝିଅ-ପୁରବୀ, ପଲ୍ଲବୀ, ଜ୍ୱାଇଁ- ରଞ୍ଜନ ସ୍ୱାଇଁ, ପ୍ରକାଶ ସାହୁ, ନାତୁଣୀ/ନାତି- ଗୁଡ୍ଡୁ, ରିଷ୍ଟୁ, ବଣ୍ଟୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୨୩୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ

୰ଡକ୍ଟର ଆଶିଷ କୁମାର ପଟ୍ଟନାୟକ
ଆବିର୍ଭାବ: ୨୪.୧୦.୧୯୪୬
ତିରୋଧାନ: ୦୧.୦୮.୨୦୨୨
ଆପଣ ଆମ ସମସ୍ତଙ୍କୁ ଛାଡ଼ି କେଉଁ ଅଫେରା ରାଇଜକୁ ଚାଲିଗଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଥାଉ।
ଆପଣ ଯେଉଁଠି ଅଛନ୍ତି ଶାନ୍ତିରେ ରହନ୍ତୁ, ଆଜି ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ-
ଧର୍ମପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ଭାଇ, ଭଉଣୀ ଏବଂ ନାତିନାତୁଣୀମାନେ।
D-1229

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଡକ୍ଟର ରବିନାରାୟଣ ମିଶ୍ର
ତିରୋଧାନ - ରାକ୍ଷୀ ପୂର୍ଣ୍ଣିମା
ନାନା, ... ଆଜିକୁ ୪ ବର୍ଷ ବିତିଗଲା,
ତୁମ ପଥକୁ ଚାହିଁ ଚାହିଁ । ତୁମେ ଜଗନ୍ନାଥଙ୍କ
ପାଖରେ ଭଲରେ ଥିବ ନିଶ୍ଚୟ ।
କିନ୍ତୁ ଆମ ଆଖିରୁ ଲୁହ ଝରି ଚାଲିଛି,
ଆମର ଅତୀତର ଦିନ ଗୁଡିକ ସ୍ମରଣ କରି ।
ଆଶୀର୍ବାଦ ଦେବ
ସୋନି - ମୁନୀ
D-73855



‘ଲାଲ୍ ସିଂ ଚଢ଼ା’ ଫିଲ୍ମରେ କରୀନା-ଆମୀର



‘ରକ୍ଷାବନ୍ଧନ’ ଫିଲ୍ମର ଏକ ଦୃଶ୍ୟରେ ଅକ୍ଷୟ କୁମାର

### ଆଜି ପରଦାରେ...

# ରକ୍ଷାବନ୍ଧନ ବନାମ ଲାଲ୍ ସିଂ ଚଢ଼ା

ଏଥର ରାଖୀପୂର୍ଣ୍ଣିମା ଦିନ ଅର୍ଥାତ୍ ଆଜି ଦୁଇଟି ବିଗ୍ ବଜେଟ୍ ଫିଲ୍ମ ପରଦା ଉପରକୁ ଆସୁଛି । ଏହି ଦିନ ‘ରକ୍ଷାବନ୍ଧନ’ ଏବଂ ‘ଲାଲ୍ ସିଂ ଚଢ଼ା’ ମଧ୍ୟରେ ପରଦା ଉପରେ ଲଢ଼େଇ ହେବ । ହେଲେ ଫିଲ୍ମ ରିଲିଜ୍ ହେବା ପୂର୍ବରୁ ଫିଲ୍ମଦ୍ୱୟ ଅନ୍‌ଲାଇନ୍‌ରେ ଆଶାନୁରୂପ ବିଜନେସ୍ କରିସାରିଲେଣି । ଅର୍ଥାତ୍ ପ୍ରିମିୟମ୍ ଶୋ’ ପାଇଁ ଟିକେଟ୍ ମାତ୍ର କେଇ ମିନିଟ୍‌ରେ ବୁକ୍ ହୋଇଯାଇଥିଲା । ଅନ୍ୟପକ୍ଷରେ ଏହି ଫିଲ୍ମଦୁଇଟି ବକ୍ସ ଅଫିସରେ ଭଲ ବିଜନେସ୍ କରିବ ବୋଲି ସିନେ ସମୀକ୍ଷକମାନେ ପୂର୍ବାନୁମାନ କରିସାରିଲେଣି । ଆନନ୍ଦ ଏଲ୍. ରାଇଙ୍କ ନିର୍ଦ୍ଦେଶିତ ‘ରକ୍ଷାବନ୍ଧନ’ ଫିଲ୍ମରେ ଅକ୍ଷୟ କୁମାର ନାୟକ ସାଜିଥିବା ବେଳେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଭୂମି ପେଡେନ୍‌କର । ଅନ୍ୟପକ୍ଷରେ ବହୁଚର୍ଚ୍ଚିତ ‘ଲାଲ୍ ସିଂ ଚଢ଼ା’ରେ ଆମୀର ଖାଁ ଏବଂ କରୀନା କପୁର ଯୋଡ଼ିକୁ ଦେଖିବାକୁ ମିଳିବ । ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଦଭିତ ଚନ୍ଦନ । ଆମୀରଙ୍କ ପ୍ରଯୋଜିତ ଏହି ଚିତ୍ରରେ ସାଉଥ୍ ଷ୍ଟାର ନାଗା ଚୈତନ୍ୟ ମଧ୍ୟ ଅଭିନୟ କରିଛନ୍ତି । ତେବେ ଅକ୍ଷୟ ଆମୀରଙ୍କ ମଧ୍ୟରେ ଏଥର ପରଦା ଲଢ଼େଇରେ କିଏ ବାଜିମାତ କରୁଛି, ତାହା ଅଳ୍ପଦିନରେ ଜଣାପଡ଼ିଯିବ ।

### ଅପେରା ହାଲ୍‌ଚାଲ୍

# ନୂଆ ସମ୍ଭାବନା ସୋନା



ସୋନା

ମୁହଁରେ ରଙ୍ଗ ବୋଳି, ମଞ୍ଚ ଉପରେ ଅଭିନୟ କରିବାର ଅଦମ୍ୟ ଇଚ୍ଛା । ପାଠପଢ଼ା ପରେ ସେ ଚାକିରି କରିଥିଲେ । ଶେଷରେ ସେ ପାଦ ଦେଇଥିଲେ ଜଲିଉଡ୍‌ରେ । ସେହି ନାୟିକା ଜଣକ ହେଲେ ସୋନାଲି ଓରଫ୍ ସୋନା । ଓଡ଼ିଆ ଅପେରା ଜଗତରେ ସେ ନୂଆ ହେଲେ ବି ଆଖିରେ ଆଖିଏ ସ୍ୱପ୍ନ । ଅନ୍ୟତମ ଅଗ୍ରଣୀ ଅପେରା ଅନୁଷ୍ଠାନ ‘ଯାତ୍ରା ମାୟାନଗରୀ’ରେ ସେ ନିଜର ଅଭିନୟ ଆରମ୍ଭ କରିଥିଲେ । ବର୍ତ୍ତମାନ ପାର୍ବତୀ ଗଣନାଟ୍ୟରେ ସେ ଏହାକୁ ଜାରି ରଖିଛନ୍ତି । ଆଉ ଏଥିପାଇଁ ନିଜ ସ୍ୱାମୀଙ୍କ ପ୍ରେରଣାକୁ ସର୍ବାଗ୍ରେ ସ୍ମରଣ କରନ୍ତି । ସେ ଅଭିନୟ କରିଥିବା ପ୍ରମୁଖ ନାଟକଗୁଡ଼ିକ ମଧ୍ୟରେ ରହିଛି-‘କଥା ଦିଅ ମୋତେ କରିବନି ପର’, ‘ଦେଲେଧରା କଥା ସରେ’, ‘ନିଜେ ନିଜର ରାମାୟଣ’ ଏବଂ ‘ଧନ ପାଖେ ମନ ବନ୍ଧା ପଡ଼ିଛି’, ‘ଗୀତା ପାଇଁ ମହାଭାରତ’, ‘କଥା ଦିଅ କହିବନି’ । ଏ ବର୍ଷ ସେ ଅଭିନୟ କରୁଥିବା ତଥା ପାର୍ବତୀ ଗଣନାଟ୍ୟର ନୂଆ ନାଟକ ହେଉଛି ‘ଜେଜେ ମୋ ଜିଅନ୍ତା ଠାକୁର’, ‘ସବୁଠୁ ପବିତ୍ର ପାପ ସମ୍ପର୍କ’, ଏବେ ରିହର୍ସାଲ ଚାଲିଥିବା ‘ବେଶ୍ୟାପଡ଼ାର ବିଦେଶିନୀ’ ।

# ମିଶନ ମଜ୍ନୁ

ଦକ୍ଷିଣ ଭାରତୀୟ ସିନେମାରେ ନିଜର ଅଭିନୟ ଦକ୍ଷତା ଦେଖାଇବା ପରେ ରଶ୍ମିକା ମନ୍ଦାନା ଏବେ ବଲିଉଡ୍‌ରେ ମୁହଁ ଦେଖାଇବେ । ଫିଲ୍ମଟିର ଟାଇଟଲ ରହିଛି ‘ମିଶନ ମଜ୍ନୁ’ । ଏକ ସସ୍‌ପେନ୍ସ ଥ୍ରୀଲର କାହାଣୀକୁ ନେଇ ଏହାକୁ ନିର୍ମାଣ କରାଯାଇଛି । ଏଥିରେ ରଶ୍ମିକାଙ୍କ ଅପୋଜିଟ୍‌ରେ ଅଛନ୍ତି ସିଦ୍ଧାର୍ଥ ମାଲ୍‌ହୋତ୍ରା । ଫିଲ୍ମଟିର ଘୋଷଣା ୨୦୨୦ରେ ହୋଇଥିଲେ ମଧ୍ୟ କୋଭିଡ୍ ପାଇଁ ଏହାର ନିର୍ମାଣକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଏବେ ଚିତ୍ରଟି ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରିଲିଜ୍ ଅପେକ୍ଷାରେ ରହିଛି । ଏ ନେଇ ରଶ୍ମିକା କୁହନ୍ତି, ‘ଏହି ଫିଲ୍ମରେ ମୋତେ ମିଳିଥିବା ଭୂମିକାଟି ବେଶ୍ ଗୁରୁତ୍ୱପୂର୍ଣ୍ଣ । କାହାଣୀ ମଧ୍ୟ କୌଣସି ଗୁଣରେ କମ୍ ନୁହେଁ । ମୋର ପ୍ରଥମ ହିନ୍ଦୀ ସିନେମା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛି ।’ ଆ ର୍ ଏ ସ୍ ଭି ପି ମୁଭିଜ୍ ବ୍ୟାନରରେ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଶାନ୍ତନୁ ବାଗ୍‌ଚୀ । ରୋନି ସ୍କ୍ରୁୱାଲା, ଅମର ଭୂତିଆ ଏବଂ ଗାରିମା ମେହେଟ୍ଟା ଏହାର ପ୍ରଯୋଜନା କରିଛନ୍ତି । ଏହି ଫିଲ୍ମ ବ୍ୟତୀତ ରଶ୍ମିକା ବର୍ତ୍ତମାନ ‘ଗୁଡ୍‌ବାୟ’ ଏବଂ ‘ଆନିମଲ’ ନାମକ ଆଉ ଦୁଇଟି ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ କରୁଛନ୍ତି । ଏହାପୂର୍ବରୁ ମାତ୍ର ୫ ବର୍ଷର କ୍ୟାରିୟର ଭିତରେ ସେ ବେଶ୍ କେତୋଟି ତେଲୁଗୁ, ତାମିଲ ଏବଂ କନ୍ନଡ ସିନେମାରେ ଅଭିନୟ କରିସାରିଛନ୍ତି ।



ରଶ୍ମିକା

# ଗଣେଶ ପୂଜାରେ ‘କିସ୍‌ମିସ୍’



‘କିସ୍‌ମିସ୍’ ଫିଲ୍ମରେ ସ୍ୱରାଜ-ଶିବାନୀ

ଝିଲିକ ମୋଶନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ନୂଆ ଓଡ଼ିଆ ସିନେମା ‘କିସ୍‌ମିସ୍’ ଚଳିତ ବର୍ଷ ଗଣେଶପୂଜା (ଅଗଷ୍ଟ ୩୧)ରେ ପରଦା ଉପରକୁ ଆସୁଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଏହି ଚିତ୍ରର ମୁଖ୍ୟ ଭୂମିକାରେ ସ୍ୱରାଜ-ଶିବାନୀ ଯୋଡ଼ିକୁ ଦେଖିବାକୁ ମିଳିବ । ଝିଲିକ୍ ଭଟ୍ଟାଚାର୍ଯ୍ୟଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁଶାନ୍ତ ମଣି ଓରଫ ସାନୁ । ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ରଚନା କରିଛନ୍ତି ଡ. ନିର୍ମଳ ନାୟକ ଏବଂ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସ୍ୱର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାର । ଏହି ଫିଲ୍ମରେ ସ୍ୱରାଜ ଜଣେ ଦୃଷ୍ଟିହୀନ ଯୁବକ ଭୂମିକାରେ ଅଭିନୟ କରିଛନ୍ତି । ଅନ୍ୟପକ୍ଷରେ ପ୍ରୀତିରାଜ, ସୋମେନ ପୂଜାରୀ, ନୀତୁ ସିଂ, ମାନିନୀ, ଲିଙ୍କନ ପଟ୍ଟନାୟକ, ଧରିତ୍ରୀ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି । ଓଡ଼ିଶା ଭିତରେ ସିନେମାର ସିକୁଏନ୍ସଗୁଡ଼ିକର ଶୁଟିଂ ହୋଇଥିବା ବେଳେ କେବଳ ଗୀତଗୁଡ଼ିକ ଓଡ଼ିଶା ବାହାରେ ଶୁଟ୍ ହୋଇଛି । ଏହି ବ୍ୟାନରରେ ‘ରୁଦ୍ରାଣୀ’, ‘ତୋର ମୋର କଟି’ ଏବଂ ‘ତୁ ମୋର ସିଏ’ ମଧ୍ୟ ପ୍ରସ୍ତୁତ ହୋଇ ମୁକ୍ତିଲାଭ ଅପେକ୍ଷାରେ ରହିଛି । ଏହାର କ୍ରିଏଟିଭ୍ ହେଡ୍ ଅଛନ୍ତି ପ୍ରଣୟ ଜେଠୀ ଏବଂ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ଅରୁଣ ସ୍ୱାଇଁ ।

### ନୂଆ ସିନେମା

# ଏଇ ରାଖୀ ତୋ ରକ୍ଷାକବଚ



ଅନନ୍ୟା



ରିଷି

ଜୀ ସାର୍ଥକ ଫିଲ୍ମସରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା ‘ଏଇ ରାଖୀ ତୋ ରକ୍ଷାକବଚ’ । ସମ୍ପୂର୍ଣ୍ଣ ପାରିବାରିକ ଘଟଣାକୁ ନେଇ ଆଧାରିତ ଏହି ଫିଲ୍ମର କାହାଣୀରେ ଭାଇ-ଭଉଣୀ ସମ୍ପର୍କକୁ ଏକ ସୁନ୍ଦର ରୂପରେ ଅବତାରଣା କରାଯାଇଛି । କ୍ଷୀରୋଦ ପଟ୍ଟନାୟକ ଏହାର ପ୍ରଯୋଜନା କରିଥିବା ବେଳେ ସହପ୍ରଯୋଜନା କରିଛନ୍ତି ଲିପ୍ସା ମିଶ୍ର । ଖାସ୍ କଥା ହେଲା, ଓଲିଉଡ୍‌ର ‘ଗିମିକ୍ ମାଷ୍ଟର’ ଭାବେ ପରିଚିତ ସଞ୍ଜୟ ନାୟକ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି । ଏହାପୂର୍ବରୁ ରତିକାନ୍ତ କାନୁନ୍‌ଗୋଙ୍କ ପ୍ରଯୋଜନାରେ ନିର୍ମିତ ତଥା ମିହିର ଦାସ, ସିଦ୍ଧାନ୍ତ ମହାପାତ୍ର ଏବଂ ଅନୁ ଚୌଧୁରୀଙ୍କ ଅଭିନୀତ ଚଳଚ୍ଚିତ୍ର ‘ରାଖୀ ବାନ୍ଧିଲି ମୋ ରଖିବ ମାନ’ର ନିର୍ଦ୍ଦେଶନା ଦେଇଥିଲେ ସଞ୍ଜୟ ଏବଂ ଫିଲ୍ମଟି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା । ତେଣୁ ଏହି ନୂଆ ଚଳଚ୍ଚିତ୍ରରେ ସେ କ’ଣ ନୂଆ ଗିମିକ୍ ରଖିଛନ୍ତି ତାହା ଦେଖିବାକୁ ଦର୍ଶକ ଅପେକ୍ଷା କରିଛନ୍ତି । ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ । ନିକଟରେ ଏହାର ଅଡିଓ ରିଲିଜ୍ ହୋଇଯାଇଛି । ଏଥିରେ ମୁଖ୍ୟ ଭୂମିକାରେ ଅଛନ୍ତି ‘ଦିବ୍ୟଦୃଷ୍ଟି’ ଫେମ୍ ଅନନ୍ୟା, ରିଷି ଓ ବିକ୍ରମ । ରାଜଦୀପଙ୍କୁ ଏହି ଫିଲ୍ମରେ ଏକ ସ୍ୱତନ୍ତ୍ର ଭୂମିକାରେ ଦେଖିବାକୁ ମିଳିବ । ଅନେକ ଦିନ ପରେ ରାଖୀକୁ ନେଇ ଓଡ଼ିଆ ସିନେମା ନିର୍ମାଣ ହୋଇଥିବା ବେଳେ ଏହା ଦର୍ଶକଙ୍କୁ ଆକୃଷ୍ଟ କରିବାରେ ସଫଳ ହେବ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଉଛି ।

# ଭାଗ୍ୟବତୀ ମୃଣାଳ



ମୃଣାଳ

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନାକଳସ ଢାଳିବା । ଏବେ କୁଆଡ଼େ ତାଙ୍କ ହାତରେ ତିନୋଟି ନୂଆ ବଲିଉଡ୍ ଅଫର୍ ରହିଛି । ପୁଣି ସେଗୁଡ଼ିକ ନାମୀ ବ୍ୟାନରରେ ପ୍ରସ୍ତୁତ ହେବ । ଯେତେବେଳେ ତାଙ୍କୁ ଏହି ଅଫର୍‌ଗୁଡିକ ମିଳିଲା ସେତେବେଳେ ତାଙ୍କ ଖୁସି କହିଲେ ନ ସରେ । ସେ କିଏ ଜାଣନ୍ତି ? ମୃଣାଳ ଠାକୁର । ଏଭଳି ସୁଯୋଗ ସମ୍ପର୍କରେ ସେ କୁହନ୍ତି, ‘ମୁଁ କେବେ ବିଶ୍ୱାସ କରି ନ ଥିଲି ଯେ ମୋତେ ଏକାଥରେ ତିନୋଟି ହିନ୍ଦୀ ସିନେମାରେ ଅଭିନୟ କରିବାର ସୁଯୋଗ ମିଳିବ । ତେବେ ଏଥିପାଇଁ ମୋତେ ପ୍ରସ୍ତୁତ ହେବାକୁ ପଡ଼ିବ । ସତକଥା କହିବାକୁ ଗଲେ ଏବେ ଭାଗ୍ୟଦେବୀ ମୋ ପ୍ରତି ପ୍ରସନ୍ନ ହୋଇଛନ୍ତି ।’ ନିକଟରେ ତାଙ୍କ ଅଭିନୀତ ତେଲୁଗୁ ଫିଲ୍ମ ‘ସୀତା ରାମମ୍’ ସୁପରହିଟ୍ ହୋଇଛି । ମୃଣାଳଙ୍କ ଅଭିନୟ କ୍ୟାରିୟର ଛୋଟ ପରଦାରୁ ଆରମ୍ଭ ହୋଇଥିଲା । ‘ଲଭ୍ ସୋନିଆ’ ହେଉଛି ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ।

### ଛୋଟ ପରଦା

# ମୋ ଅଗଣାର ତୁଳସୀ ତୁ

ନିପଟ ମଫସଲ ଗାଁର ଝିଅଟିଏ ତୁଳସୀ । ଗୋଟିଏପଟେ ପରିବାର ଚଳାଇବା ଅନ୍ୟପଟେ ଭାଇର ଅପରେଶନ । ହାତତିଆରି କ୍ରିମ୍‌ର ଦୋକାନ ଖୋଲି କିଛି ରୋଜଗାର କରିବାକୁ ଚେଷ୍ଟା କରିଛି । କିନ୍ତୁ ଭାଗ୍ୟର ଖେଳ ଅଲଗା । ସମୟକ୍ରମେ ତୁଳସୀ ଭୁବନେଶ୍ୱର ଆସିଛି । ବିଶିଷ୍ଟ ଶିଳ୍ପପତି ଚିତ୍ରା ସାମନ୍ତରାୟଙ୍କ ହାଣ୍ଡିଶାଳ ସମ୍ଭାଳିବା ଦାୟିତ୍ୱ ମିଳିଛି ତାକୁ । ନିଜ ଦାୟିତ୍ୱ ଅତି ନିଖୁଣତାର ସହ ସମ୍ଭାଳୁଥିବା ତୁଳସୀକୁ ସାମନ୍ତରାୟ ପରିବାର ଆପଣାଇ ନେଇଛି । ରୋଷେୟାରୁ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର କରାଯାଇଛି । ତେବେ ହଠାତ୍ ତୁଳସୀର ନିକଟତର ହୁଅନ୍ତି ଶିଳ୍ପପତି ଚିତ୍ରା ସାମନ୍ତରାୟଙ୍କ ବଡ଼ପୁଅ ଚନ୍ଦନ । ତେବେ ତୁଳସୀ ଜୀବନରେ ଚନ୍ଦନର ଭୂମିକା କିଭଳି ରହୁଛି ଓ ଉଭୟଙ୍କୁ ସାମନ୍ତରାୟ ପରିବାର କେଉଁଭଳି ଗ୍ରହଣ କରୁଛନ୍ତି, ତାକୁ ନେଇ କାହାଣୀ ଗତିଶୀଳ । ଓଡ଼ିଶାର ଲୋକପ୍ରିୟ ମନୋରଞ୍ଜନ ଚାନେଲ ଜୀ ସାର୍ଥକରେ ଏହି ମେଗା ଧାରାବାହିକ ‘ମୋ ଅଗଣାର ତୁଳସୀ ତୁ’ ବର୍ତ୍ତମାନ ପ୍ରସାରିତ ହେଉଛି । ଏଥିରେ ଅଙ୍କିତ୍, ହିରଣ୍ମୟୀ, ଡେଜି, ସୋମା ହୋତା, ନମିତା ଅଭିନୟ କରୁଛନ୍ତି । ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ଏହି ଧାରାବାହିକର ନିର୍ଦ୍ଦେଶନା ଦେଉଛନ୍ତି ସରୋଜ ଦାସ । ସଂଳାପ ରଚନା କରିଛନ୍ତି ଆଲୋକ ରାୟ ।



ହିରଣ୍ମୟୀ-ଅଙ୍କିତ

# ମିଲିନ୍ଦ, ଦୀପେଶ ଓଡ଼ିଶା ଜଗରନଟ୍ସ ଅଧିନାୟକ

ଭୁବନେଶ୍ୱର, ୧୦।୮ (କ୍ରୀଡ଼ା ପ୍ରତିନିଧି)

ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ପ୍ରଥମ ସଂସ୍କରଣ ପାଇଁ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଜଗରନଟ୍ସର ୨ ଜଣ ଅଧିନାୟକଙ୍କ ନାମ ଘୋଷଣା କରାଯାଇଛି। ଏକଲବ୍ୟ ପୁରସ୍କାରପ୍ରାପ୍ତ ମିଲିନ୍ଦ ଦିଲୀପ ଚଭାରେକର ଓ ଦୀପେଶ ବିଜୟ ମୋରେ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ। ଦଳର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ମୁଖ୍ୟ କୋଚ୍ ଅଶ୍ୱିନୀ କୁମାର ଶର୍ମା ଓ ଟିମ୍ ମ୍ୟାନେଜର ଲିଲନ ପ୍ରସାଦ ସାହୁ ଏହି ଘୋଷଣା କରିଛନ୍ତି। ଘରୋଇ ମ୍ୟାଚ ଗୁଡ଼ିକରେ ଦୀପେଶ ବିଜୟ ଏବଂ ଅନ୍ୟ ମ୍ୟାଚରେ ମିଲିନ୍ଦ ଏହି ଗୁରୁଦାୟିତ୍ୱ ତୁଲାଇବେ। ମହାରାଷ୍ଟ୍ରର ପୁଣେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏହି ପ୍ରତିଯୋଗିତା ଚଳିତ ମାସ ୧୪ ତାରିଖରୁ ଆରମ୍ଭ ହେବ।

''ଦୀପେଶ ଓ ମିଲିନ୍ଦ ଦଳର ସବୁଠାରୁ ସିନିୟର ଖେଳାଳି। ସେମାନଙ୍କ ନେତୃତ୍ୱରେ ଓଡ଼ିଶା ଜଗରନଟ୍ସ ପ୍ରଥମ ସଂସ୍କରଣରେ ପ୍ରଦର୍ଶନର ଛାପ ଛାଡ଼ିବ ବୋଲି ମୋର ଆଶା ରହିଛି। ଉଭୟ ଖେଳାଳିଙ୍କଠାରୁ ବହୁ ଅଭିଜ୍ଞତା ରହିଛି ଏବଂ ଦଳର ସମସ୍ତ ସଦସ୍ୟଙ୍କୁ ସେମାନେ ଭଲଭାବେ ଜାଣିଛନ୍ତି। ଦୁଇ ଅଧିନାୟକଙ୍କ ଅଧିନରେ ଆମେ ଅଲ୍‌ଟିମେଟ ଖୋ ଖୋ ଲିଗ୍ ଟ୍ରଫି ଜିତିବାନେଇ ଦୃଢ଼ ଆଶାବାଦୀ'' ବୋଲି ମୁଖ୍ୟ କୋଚ୍ ଶର୍ମା ପ୍ରକାଶ କରିଛନ୍ତି। ଲିଗ୍‌ର ୫ଟି ଘରୋଇ ମ୍ୟାଚରେ ଦଳର ନେତୃତ୍ୱ ନେବାକୁ ଯାଉଥିବା ୨୭ ବର୍ଷୀୟ ଦୀପେଶ ତାଙ୍କ ଉପରେ ଗୁରୁଦାୟିତ୍ୱ ଦିଆ ଯାଇଥିବାରୁ ଖୁସି ଜାହିର କରିଛନ୍ତି। ''ଦଳର ଅନ୍ୟତମ ଅଧିନାୟକ ଭାବେ ମୋତେ ମନୋନୀତ କରାଯାଇଥିବାରୁ ଏବଂ ମୋ ଉପରେ ଆସ୍ଥା ସ୍ଥାପନ କରାଯାଇଥିବାରୁ ଟିମ୍ ମ୍ୟାନେଜମେଣ୍ଟ ଏବଂ କୋଚ୍‌ଙ୍କୁ ଅନେକ ଧନ୍ୟବାଦ। ଯୁବ ଏବଂ ଅଭିଜ୍ଞ ଖେଳାଳିଙ୍କୁ ନେଇ ଆମ ଦଳ ବେଶ୍ ସମୃଦ୍ଧ। ଆମେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରି ଦଳକୁ ଆଗେଇ ନେବାକୁ ଚେଷ୍ଟା କରିବୁ'' ବୋଲି ଦୀପେଶ କହିଛନ୍ତି। ମହାରାଷ୍ଟ୍ର ସାଙ୍ଗଲିର ମିଲିନ୍ଦ ଏପର୍ଯ୍ୟନ୍ତ ୯ଟି ଜାତୀୟ ଟୁର୍ନାମେଣ୍ଟ ଖେଳି ସାରିଛନ୍ତି। ସେଣ୍ଟ୍ରାଲ ରେଲୱେ ପକ୍ଷରୁ ସେ ଖେଳ ଜାରି ରଖିଛନ୍ତି। ୨୦୧୬ରେ ଗୁହାହାଟୀଠାରେ ଅନୁଷ୍ଠିତ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ''ଦଳକୁ ଆଗେଇ ନେବାପାଇଁ ଆମ ଉପରେ ବଡ଼ ଦାୟିତ୍ୱ ଦିଆ ଯାଇଛି। ଆମ ଉପରେ ମ୍ୟାନେଜମେଣ୍ଟ ପକ୍ଷରୁ ଯେଉଁ ବିଶ୍ୱାସ ରଖା ଯାଇଛି ଆମେ ନିଶ୍ଚିତ ତା'ର ମୂଲ୍ୟ ଦେବାକୁ ଚେଷ୍ଟା କରିବୁ'' ବୋଲି ମିଲିନ୍ଦ କହିଛନ୍ତି।

ଓଡ଼ିଶା ଜଗରନଟ୍ସର ସିଇଓ ରଞ୍ଜିତ କୁମାର ପରିଡ଼ା ଏବଂ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆର ସହ ନିର୍ଦ୍ଦେଶକ (ମାନବସମ୍ବଳ ଓ ପ୍ରଶାସନ) ସିନ୍‌ଗୋ ନାକାମୁରା ଉଭୟ ଅଧିନାୟକଙ୍କୁ ସ୍ୱାଗତ କରିବା ସହ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସହ ମିଶି ଅମିତ ବର୍ମନ ଦେଶର ସର୍ବପ୍ରଥମ ଅଲ୍‌ଟିମେଟ ଖୋ ଖୋ ଲିଗ୍‌କୁ ପ୍ରମୋଟ କରୁଛନ୍ତି। ଲିଗ୍‌ର ପ୍ରଥମ ସଂସ୍କରଣ ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସର ବ୍ୟାଡ୍‌ମିଣ୍ଟନ ହଲ୍‌ରେ ଅନୁଷ୍ଠିତ ହେବ। ଅଗଷ୍ଟ ୧୪ରୁ ଏହା ଆରମ୍ଭ ହୋଇ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ସ୍ପୋର୍ଟ୍ସ ଡେଭଲପ୍‌ମେଣ୍ଟ ଆଣ୍ଡ ପ୍ରମୋଶନ କମ୍ପାନୀ (ଓଏସଡିପିସି) ମାଲିକାନାରେ ଓଡ଼ିଶା ଜଗରନଟ୍ସ ୫ମ ଫ୍ରାଞ୍ଚାଇଜ୍‌ଭାବେ ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଯାଉଛି। ଦଳରେ ମୋଟ ୨୫ ଖେଳାଳି ଥିବାବେଳେ ଏଥିରୁ ଓଡ଼ିଶାର ୬ ସାମିଲ ଅଛନ୍ତି। ଓଭରଅଲ୍ ଲିଗ୍‌ରେ ମୋଟ ୧୦ ଜଣ ଓଡ଼ିଆ ଖେଳାଳି ଆକ୍ସନରେ ଦେଖିବାକୁ ମିଳିବେ। ଓଡ଼ିଶା ଜଗରନଟ୍ସ ଏହାର ପ୍ରଥମ ମ୍ୟାଚ ୧୫ ତାରିଖରେ ଚେନ୍ନାଇ କ୍ୱିକ୍ ଗନ୍ସ ବିପକ୍ଷରେ ଖେଳିବ। ମ୍ୟାଚ ଗୁଡ଼ିକ ରାତି ୭ଟାରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।


ମିଲିନ୍ଦ ଦିଲୀପ ଚଭାରେକର ଓ ଦୀପେଶ ବିଜୟ ମୋରେ।

**ଅଲ୍‌ଟିମେଟ ଖୋ ଖୋ ଲିଗ୍**

# ଟାଟା ଷ୍ଟିଲ ଚେସ୍‌ରେ ମହିଳା ଟୁର୍ନାମେଣ୍ଟ ସାମିଲ

ଭୁବନେଶ୍ୱର, ୧୦।୮ (କ୍ରୀଡ଼ା ପ୍ରତିନିଧି)

ଚଳିତ ବର୍ଷ ନଭେମ୍ବର ୨୯ରୁ ଡିସେମ୍ବର ୪ ପର୍ଯ୍ୟନ୍ତ କୋଲକାତାରେ ହେବାକୁଥିବା ଟାଟା ଷ୍ଟିଲ୍ ଚେସ୍‌ର ଚତୁର୍ଥ ସଂସ୍କରଣରେ ମହିଳା ଟୁର୍ନାମେଣ୍ଟକୁ ସାମିଲ କରାଯିବ। ଏପର୍ଯ୍ୟନ୍ତ ଓପନ ଟୁର୍ନାମେଣ୍ଟର ୩ଟି ସଂସ୍କରଣ ଅନୁଷ୍ଠିତ ହୋଇଛି। ଆଗାମୀ ଚତୁର୍ଥ ସଂସ୍କରଣରେ ଓପନ ବିଭାଗ ସହିତ ମହିଳା ଟୁର୍ନାମେଣ୍ଟ ଖେଳାଯିବ। ଏହା ସେହି ସମାନ ରାପିଡ ଏବଂ ବ୍ଲିଜ୍ ଫର୍ମାଟରେ ଆୟୋଜନ ହେବ। ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର, ଭାରତର ପୁରୁଷ ଓ ମହିଳା ଗ୍ରାଣ୍ଡମାଷ୍ଟର, ଯୁବ ଭାରତୀୟ ପ୍ରତିଭା ଏହି ପ୍ରତିଯୋଗିତାରେ ଦେଖିବାକୁ ମିଳିବେ। ବିଶ୍ୱନାଥନ୍ ଆନନ୍ଦ ଟୁର୍ନାମେଣ୍ଟର ଆମ୍ବାସାଡର ତଥା ପରାମର୍ଶଦାତା ରହିଛନ୍ତି। କ୍ରୀଡ଼ା ଇତିହାସରେ ପ୍ରଥମ ଥର ପାଇଁ ଉଭୟ ମହିଳା ଓ ପୁରୁଷ ବର୍ଗରେ ପୁରସ୍କାର ପରିମାଣ ସମାନ ରହିବ।

ଆଗାମୀ ପ୍ରତିଯୋଗିତାରେ ଭାଗ ନେବାକୁ ସମ୍ମତି ଜଣାଇ ସାରିଥିବା ମହିଳା ଗ୍ରାଣ୍ଡମାଷ୍ଟରଙ୍କ ମଧ୍ୟରେ ଅଛନ୍ତି ୟୁକ୍ରେନର ଆନ୍ନା ଏବଂ ମାରିୟା ମୁଜିଚୁକ୍, ଜର୍ଜିଆର ନାନା ଜାଗ୍‌ନିଜେ ଏବଂ ପୋଲାଣ୍ଡର ଆଲିନା କାଶଲିନସ୍କାୟା। ସେହିପରି ଭାରତୀୟ ଚେସ୍ ସୁପରଷ୍ଟାର କୋନେରୁ ହମ୍ପି, ଦ୍ରୋଣାବଳୀ ହାରିକା ଏବଂ ପ୍ରତିଭା ସମ୍ପନ୍ନ ଆର. ବୈଶାଳୀଙ୍କ ସମେତ ନିକଟରେ ଚେନ୍ନାଇରେ ସମାପ୍ତ ହୋଇଥିବା ଚେସ୍ ଅଲିମ୍ପିଆଡରେ ବ୍ରୋଞ୍ଜ ପଦକ ହାସଲକାରୀ ଦଳର ସମସ୍ତ ସଦସ୍ୟ ଭାଗନେବେ।

''ସମ୍ପ୍ରତି ଚେସ୍‌ର ଗୁରୁତ୍ୱ ବଢ଼ିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଟାଟା ଷ୍ଟିଲ ଚେସ୍ ଇଣ୍ଡିଆ ଭଳି ଟୁର୍ନାମେଣ୍ଟ ଗୁଡ଼ିକରେ ଆମର ଯୁବ ଖେଳାଳିମାନେ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟରମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପରିପ୍ରେକ୍ଷୀରେ ନୂଆ ଚାମ୍ପିୟନ ସୃଷ୍ଟି ଦିଗରେ ସହାୟକ ହୋଇ ପାରୁଛି। ସମ୍ପ୍ରତି ଭାରତ ଚେସ୍‌ର ଗନ୍ତାଘର ଭାବରେ ବିବେଚିତ ହେଉଛି ଏବଂ ଆମ ଦେଶରେ ଉଭୟ ପୁରୁଷ ଏବଂ ମହିଳାମାନେ ଏହି କ୍ରୀଡାରେ ଉତ୍କର୍ଷ ଲାଭ କରୁଛନ୍ତି। ପୁରୁଷଙ୍କ ସହିତ ସମାନ ପରିମାଣର ପୁରସ୍କାର ରାଶି ସହିତ ମହିଳାଙ୍କ ଟୁର୍ନାମେଣ୍ଟ ପ୍ରଚଳନ ସ୍ୱାଗତଯୋଗ୍ୟ ପଦକ୍ଷେପ। ଚେସ୍ ଏକ ସମତାର କ୍ରୀଡା ହୋଇ ରହିଛି ଏବଂ ରହିବା ଉଚିତ'' ବୋଲି ଆନନ୍ଦ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଟାଟା ଷ୍ଟିଲ୍ ଉପସଭାପତି (କର୍ପୋରେଟ ସର୍ଭିସେସ) ଚାଣକ୍ୟ ଚୌଧାରୀ କହିଛନ୍ତି ଯେ, ଚଳିତ ବର୍ଷ ସଂସ୍କରଣରେ ମହିଳା ଟୁର୍ନାମେଣ୍ଟ ସାମିଲ ହୋଇଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଫିଡେ ପକ୍ଷରୁ 'ଚେସ୍‌ରେ ମହିଳାଙ୍କର ବର୍ଷ' ପାଳନ କରାଯାଉଛି। ତେଣୁ ଆଗାମୀ ଟୁର୍ନାମେଣ୍ଟରେ ମହିଳାଙ୍କ ପ୍ରତିଯୋଗିତା ସାମିଲଠାରୁ ଆଉ ଭଲ କ'ଣ ହୋଇପାରେ। ଏହି ଟୁର୍ନାମେଣ୍ଟ ଯୁବ ଭାରତୀୟ ପ୍ରତିଭାଙ୍କୁ ଶ୍ରେଷ୍ଠ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟରମାନଙ୍କ ବିପକ୍ଷରେ ଖେଳିବାକୁ ସୁଯୋଗ ଦେବ। ଆମକୁ ମିଳିଥିବା ଅନୁଭୂତିକୁ ନେଇ ଆମେ ବିଶ୍ୱ ଶ୍ରେଣୀର ଚେସ୍ ପ୍ରତିଯୋଗିତାକୁ ଆହୁରି ଭଲ କରିବା ଦିଗରେ ପ୍ରତିବଦ୍ଧ ରହିଛୁ''।

# ଓମାନରେ ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ

ମସ୍କଟ, ୧୦।୮ (ପି.ଟି): ଏସିଆ କପ୍ ୨୦୨୨ର ଯୋଗ୍ୟତା ପର୍ଯ୍ୟାୟ ଆସନ୍ତା ଅଗଷ୍ଟ ୨୦ରୁ ୨୪ ଯାଏ ଓମାନରେ ଆୟୋଜିତ ହେବ। ଓମାନ କ୍ରିକେଟ ଏକାଡେମୀର ଅଲ ଏମିରିଟ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳାଯିବ। ୟୁଏଇ, କୁଏଟ, ହଂକଂ ଓ ସିଙ୍ଗାପୁର ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଗୋଟିଏ ଦଳ ଯୋଗ୍ୟତା ଅର୍ଜନ କରିବା ସହିତ ଭାରତ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା ଓ ଆଫଗାନିସ୍ତାନ ସହିତ ମୁଖ୍ୟ ଡ୍ରରେ ସାମିଲ ହେବ। ଯୋଗ୍ୟତା ପର୍ଯ୍ୟାୟ ଆୟୋଜନର ସୁଯୋଗ ମିଳିଥିବାରୁ ଓମାନ କ୍ରିକେଟର ଚେୟାରମ୍ୟାନ ପଙ୍କଜ ଖିମ୍‌ଜୀ ଶ୍ରୀଲଙ୍କା କ୍ରିକେଟ ବୋର୍ଡକୁ ଧନ୍ୟବାଦ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏଥିରୁ ଯୋଗ୍ୟତା ହାସଲକାରୀ ଦଳ ଭାରତ ଓ ପାକିସ୍ତାନ ସହିତ ଗ୍ରୁପ୍ -ଏ ରେ ସାମିଲ ହେବ। ଆସନ୍ତା ଅଗଷ୍ଟ ୨୭ ତାରିଖରୁ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ।

# ବର୍ମିଂହାମରୁ ଦୁଇ ପାକ୍ ବକ୍ସର ନିଖୋଜ

କରାଚୀ, ୧୦।୮(ପି.ଟି): ରାଜ୍ୟଗୋଷ୍ଠୀ କ୍ରୀଡା ପରେ ନିଖୋଜ ହୋଇଛନ୍ତି ଦୁଇ ପାକିସ୍ତାନୀ ବକ୍ସର। ବୁଧବାର ପାକିସ୍ତାନ ବକ୍ସିଂ ଫେଡେରେଶନ (ପିବିଏଫ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଇସଲାମାବାଦ ଯିବା ପାଇଁ ପାକିସ୍ତାନ ଦଳ ବାହାରିବାର କିଛି ଘଣ୍ଟା ପୂର୍ବରୁ ଦୁଇ ବକ୍ସର ସୁଲେମାନ ବାଲୋଚ୍ ଓ ନଜିରୁଲ୍ଲା ନିଖୋଜ ହୋଇ ଯାଇଥିବା ନେଇ ପିବିଏଫ୍ ସମ୍ପାଦକ ନାସିର ଟାଙ୍ଗ କହିଛନ୍ତି । ଫେଡେରେଶନ କାର୍ଯ୍ୟକର୍ତ୍ତାଙ୍କ ପାଖରେ ଉଭୟଙ୍କ ଟ୍ରାଭେଲ ଡକ୍ୟୁମେଣ୍ଟ ରହିଥିବା ନେଇ ଟାଙ୍ଗ ସୂଚନା ଦେଇଛନ୍ତି। ଦୁଇ ନିଖୋଜ ଆଥ୍‌ଲେଟଙ୍କ ସମ୍ପର୍କରେ ପାକିସ୍ତାନ ଉଚ୍ଚାୟୁକ୍ତ ଏବଂ ଲଣ୍ଡନର ଅନ୍ୟାନ୍ୟ ଅଧିକାରୀଙ୍କୁ ସୂଚନା ଦିଆଯାଇଛି। ଦେଶକୁ ଫେରୁଥିବା ସମସ୍ତ ଆଥ୍‌ଲେଟଙ୍କ ଡକ୍ୟୁମେଣ୍ଟ ରଖାଯିବା ଏକ ସାଧାରଣ ପ୍ରକ୍ରିୟା ହୋଇଥିବା ବେଳେ ଏହାକୁ ରଖାଯାଇଥିଲା। ପାକିସ୍ତାନ ଅଲିମ୍ପିକ୍ ଆସୋସିଏଶନ ପକ୍ଷରୁ ଏହି ମାମଲାର ଯାଞ୍ଚ ପାଇଁ ଏକ ୪ ଜଣିଆ ଟିମ୍ ମଧ୍ୟ ଗଠନ କରାଯାଇଛି। ବକ୍ସିଂରେ ପାକିସ୍ତାନ ଗୋଟିଏ ବି ପଦକ ଜିତିବାରେ ସଫଳ ହୋଇ ନ ଥିବା ବେଳେ ଦୁଇଟି ସ୍ୱର୍ଣ୍ଣ ସହିତ ୮ ପଦକ ହାସଲରେ ସଫଳ ହୋଇଥିଲା। ଭାରୋତ୍ତୋଳନ ଓ ଜାଭେଲିନ୍ ଥ୍ରୋରୁ ପାକିସ୍ତାନକୁ ଦୁଇଟି ସ୍ୱର୍ଣ୍ଣ ପଦକ ମିଳିଥିଲା। ଏହା ପୂର୍ବରୁ ଫିନା ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍‌ରେ ଜଣେ ପାକ୍ ସନ୍ତରଣକାରୀ ଫୈଜାନ ଆକବର ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ତେବେ ଆକବର ବୁଦାପେଷ୍ଟରେ ପହଞ୍ଚିବା ପରେ ନିଜ ଟ୍ରାଭେଲ ଡକ୍ୟୁମେଣ୍ଟ ଧରି ଫେରାର ହୋଇ ଯାଇଥିଲେ। ଏଯାଏ ତାଙ୍କର ପତ୍ତା ମିଳିନାହିଁ।


ଚେନ୍ନାଇରେ ନିକଟରେ ଶେଷ ହୋଇଥିବା ଚେସ୍ ଅଲିମ୍ପିଆଡ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତ 'ଏ' ମହିଳା ଓ ଭାରତ 'ବି' ପୁରୁଷ ଦଳକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ୧ କୋଟି ଟଙ୍କା ଲେଖାଏର ଚେକ୍ ପ୍ରଦାନ କରୁଛନ୍ତି।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଚୌଦ୍ୱାର,(ଡି.ଏନ୍.ଏ.): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସ୍ୱପ୍ନା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୋଖଲେ ଆଦର୍ଶ ମହାବିଦ୍ୟାଳୟର ଅଧାପକ ଉତ୍ତମ କୁମାର ଦାସ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଓ ଆଚାର୍ଯ୍ୟ ବାଣୀ ଭୂଷଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୪୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମ୍ପାଦକ ସମର କୁମାର ଚୌଧୁରୀ, ସଂକୁଳ ପ୍ରମୁଖ ବଂଶୀଧର କାଣ୍ଡି, ହିମାଂଶୁ ଭୂଷଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ବୃଦ୍ଧ ମୃତ

ମଙ୍ଗୁଳି,୧୦।୮(ଡି.ଏନ୍.ଏ.): ଜଗତ୍‌ପୁର ପୁରୁଣା ଶିଳ୍ପାଞ୍ଚଳ ରାସ୍ତାର ନଜରପୁର ଛକ ନିକଟରେ ବୁଧବାର ଏକ କ୍ରେନ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତପୁର ଥାନା ଅଧୀନ ଶଗଡ଼ସାହିର ଧୀର ଦାସ(୬୦)। ସେ ବଜାରରୁ ସଉଦା କିଣିବା ଘରକୁ ଚାଲି ଚାଲି ଯାଉଥିବାବେଳେ ପଛରୁ ଏକ କ୍ରେନ୍ (ନଂ. ଓଆର୍‌୦୨ବିଏଫ-୫୦୬୫) ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ କ୍ରେନ୍ ଚକ ତାଙ୍କ ଉପରେ ମାଡି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକେ ଗାଡିକୁ ଜବତ କରିବା ସହ ଚାଳକଙ୍କୁ କାବୁ କରି ଜଗତପୁର ପୋଲିସ ଜିମା ଦେଇଥିଲେ। ଏ ନେଇ ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର କହିଚନ୍ତି, ଦୁର୍ଘଟଣା ଘଟାଇଥିବା ଗାଡ଼ିର କାଗଜ ପତ୍ର ଠିକ୍ ନାହିଁ। ତେବେ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ଜଣାପଡିବ।

### ସିଟି କଲେଜରେ ପରିବେଶ ସୁରକ୍ଷା ଅଭିଯାନ

କଟକ ଅଫିସ,୧୦।୮: ଆଜାଦୀ କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ କଟକସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜରେ ପରିବେଶ ସୁରକ୍ଷା ଅଭିଯାନ ମଙ୍ଗଳବାର ଶୁଭାରମ୍ଭ ହୋଇଯାଇଛି। ଅଧକ୍ଷ ଡ. ସରୋଜ ଦେଓଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶବିତ୍ ଡ. ଦିଲୀପ ଶ୍ରୀଚନ୍ଦନ ଏବଂ ଓଡ଼ିଶା ପାଇକ ସଙ୍ଗଠନର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଧାପକ ଡ. ଧରଣୀଧର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ପ୍ରକାଶ ଶ୍ରୀଚନ୍ଦନ ଛାତ୍ରୀଛାତ୍ର, ଅଧାପକ ଓ କର୍ମଚାରୀଙ୍କୁ ପରିବେଶ ସୁରକ୍ଷା ପାଇଁ ଶପଥ ପାଠ କରାଇଥିଲେ। ପ୍ରାଧାପକ ଡ. ସତ୍ୟପ୍ରିୟ ମହାନ୍ତି, ଡ. ସନ୍ତୋଷ କୁମାର ସାମଲ, ଅମିତା ଦାସ, ଅରୁଣ କୁମାର ଦାଶ, ଡ. ରେଖା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରାଧାପିକା ଅମିତା ଦାସ ଧନ୍ୟବାଦ ଦେଇଥିଲେ।

### ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ସାଲେପୁର,୧୦।୮(ଡି. ଏନ.ଏ): ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅଗଷ୍ଟ ୧୩ରେ ସାଲେପୁର କୋର୍ଟ ପରିସରରେ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ତାଲୁକ କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ଧନୁର୍ଦ୍ଧର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଭିଲ ଜଜ୍ ସିନିୟର ଡିଭିଜନ ଜନ୍ମଜୟ ଦାସ, ସିଭିଲ୍ ଜଜ ଜୁନିୟର ଡିଭିଜନ ପଦ୍ମଲାଭ ମାଝି ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁଭଲକ୍ଷ୍ମୀ ପ୍ରିୟଦର୍ଶୀନି ଏବଂ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ବିଚାରଧୀନ ମକଦ୍ଦମାର ଆପୋଷ ସମାଧାନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସରକାରୀ ଆଇନଜୀବୀ ଜିତେନ୍ଦ୍ର ମହାନ୍ତି, ପ୍ରଦିପ୍ତ ଷଡ଼ଙ୍ଗୀ, ଦେବେନ୍ଦ୍ର ସାହୁ, ଭାସ୍କର ଚନ୍ଦ୍ର ବେହେରା ଓ ବିକ୍ରମ କେଶରୀ ବଳ ପ୍ରମୁଖ ଉପସ୍ଥିତ ଥିଲେ।

### ଉନ୍ନୟନ କାର୍ଯ୍ୟକୁ ନେଇ ଅସନ୍ତୋଷ

**ଚୌଦ୍ୱାର ପୌର ପରିଷଦର ସ୍ୱତନ୍ତ୍ର ଅଧିବେଶନ**

ଚୌଦ୍ୱାର,୧୦।୮(ଡି.ଏନ୍.ଏ.): ଚୌଦ୍ୱାର ପୌର ପରିଷଦର ସ୍ୱତନ୍ତ୍ର ଅଧିବେଶନ ବୁଧବାର ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଅଧକ୍ଷତା କରିଥିଲେ। ଏଥିରେ ସ୍ୱାଧୀନତା ଦିବସ ଓ ସ୍ୱାୟତ୍ତ ଶାସନ ଦିବସ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କରୋନା କଟକଣା ମଧ୍ୟରେ ସ୍ୱାଧୀନତା ଦିବସ ପାଳନ କରାଯିବା ସହ ବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଓ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ପୌରପାଳିକା ଅଧୀନରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ବୈଠକରେ ଉପାଧକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରା, ମହେଶ ପ୍ରସାଦ ମିଶ୍ର, ସଞ୍ଜୟ ସାମଲ, ଶୁଭଶ୍ରୀ ନାୟକ, ପୂର୍ଣ୍ଣଚନ୍ଦ୍ର ପାଣି, ମୁକ୍ତା ପ୍ରକଳ୍ପ ସଂଯୋଜିକା ଦେବୀକା ମହାନ୍ତିଙ୍କ ସମେତ ସମସ୍ତ କାଉନସିଲର ଓ ବିଭାଗୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଭୂତଳ ବ୍ରିଜ୍ ନିର୍ମାଣରେ ମନ୍ଥରତା

କଟକ ଅଫିସ, ୧୦।୮



ସମୀକ୍ଷା ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ ବକ୍ତବ୍ୟ ଦେଉଛନ୍ତି।

୧୬ନଂ. ଜାତୀୟ ରାଜପଥର ଶିଖରପୁର-ମହାନଦୀ ବିହାର ସଂଯୋଗସ୍ଥଳୀରେ ଭୂତଳ ବ୍ରିଜ୍ ନିର୍ମାଣ କାର୍ଯ୍ୟରେ ମନ୍ଥରତା ଦେଖିବାକୁ ମିଳିଛି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖବରପାଇ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ବୁଧବାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବ୍ରିଜ୍ ନିର୍ମାଣ କାର୍ଯ୍ୟର ମନ୍ଥରତାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ନେଇ କଟକ ଶିଖରପୁରସ୍ଥିତ ଏକ ହୋଟେଲରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ବିଶ୍ୱାଳଙ୍କ ଉପସ୍ଥିତିରେ ଉକ୍ତ ବ୍ରିଜ୍ ନିର୍ମାଣ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟ ପାଇଁ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କ ସହ ବିଧାୟକ ଆଲୋଚନା କରିଥିଲେ।

**ଅସନ୍ତୋଷ ପ୍ରକାଶ କଲେ ବିଧାୟକ**

୨୦୨୩ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ପି.କେ. ସିଂ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱ ଅନ୍ଧାର ରହୁଥିବାରୁ ରେଡିୟମ୍ ଓ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ବିଧାୟକ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ଆଗକୁ ପାର୍ବଣରତୁ ଆସୁଥିବାରୁ ଏହି କାର୍ଯ୍ୟ ଖୁବ୍‌ଶୀଘ୍ର କରାଯିବ ବୋଲି ବିଧାୟକ କହିଛନ୍ତି। ସେହିପରି ଜାତୀୟ ରାଜପଥର ପାର୍ଶ୍ୱରୁ ଅବରୋଧ ହଟାଇବା ପାଇଁ କ୍ରେନ୍ ବ୍ୟବସ୍ଥା ଓ ଦୁର୍ଘଟଣା ଘଟିଲେ ଗୁରୁତ୍ୱରମାନଙ୍କୁ ନେବା ପାଇଁ ୨୪ଘଣ୍ଟିଆ ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଟିପିସିଓଡିଏଲ୍‌ର ନିର୍ବାହୀ ଯନ୍ତ୍ରୀ ଚନ୍ଦ୍ରଭାନୁ ମହାନ୍ତି, ସହକାରୀ ଯନ୍ତ୍ରୀ ଅୟସକାନ୍ତ ମହାନ୍ତି, ୱାଟ୍‌କୋର ମହାପ୍ରବନ୍ଧକ ଦେବୀପ୍ରସାଦ ମହାନ୍ତି, ସହକାରୀ ପରିଚାଳକ ଦୟାନିଧି ବେହେରା, କଟକ ମହାନଗର ନିଗମର ସିଟି ଇଞ୍ଜିନିୟର ସୁବାରାଓ ପାତ୍ର ଓ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



୭ ଦଫା ଦାବି ନେଇ କଟକ ବକ୍ସିବଜାରସ୍ଥିତ ପ୍ରଧାନ ଡାକଘର ସମ୍ମୁଖରେ ବୁଧବାର ଡାକ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସ୍କୁଲ ବହନ କଲା ଟିଏମ୍‌ସି ବିଦ୍ୟୁତ୍ ବିଲ୍

କଟକ ସଦର,୧୦।୮(ଡି.ଏନ୍.ଏ.)

କରୋନା ମୁକାବିଲା ପାଇଁ ସରକାର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି) ଖୋଲିଥିଲେ। ୨୦୨୦ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ କଟକ ସଦର ବ୍ଲକ ସମେତ ଜିଲାର ଅନ୍ୟ ୧୩ଟି ବ୍ଲକର ୩୭୦ ପଞ୍ଚାୟତରେ ଟିଏମ୍‌ସି କାର୍ଯ୍ୟକ୍ଷମ ରହିଥିଲା। ଉକ୍ତ ଟିଏମ୍‌ସିରେ ପ୍ରବାସୀଙ୍କ ରହିବା ପାଇଁ ବ୍ୟବସ୍ଥା ହୋଇଥିଲା। ପ୍ରତି ଟିଏମ୍‌ସିକୁ ସରକାରଙ୍କ ପକ୍ଷରୁ ୬ରୁ ୮ ଲକ୍ଷ ଟଙ୍କା ଦିଆଯାଇଥିଲା। ଏଥିରେ ଘରର ରଙ୍ଗ, ବେଡ୍ କିଣା, ଇନ୍‌ଭର୍ଟଓର ଓ ଜଳ ବିଶୋଧନ ଯନ୍ତ୍ର ସହିତ ବିଦ୍ୟୁତ୍ ବିଲ୍ ପଇଠ ପାଇଁ ବ୍ୟବସ୍ଥା କରାଯାଇଥିଲା। କଟକ ସଦର ବ୍ଲକରେ ୨୩ଟି ହାଇସ୍କୁଲରେ ଟିଏମ୍‌ସି ଖୋଲା ଯାଇଥିଲା। ୨୧ଟି ଟିଏମ୍‌ସିର ବିଦ୍ୟୁତ୍ ବିଲ୍ ଆଦୌ ପଇଠ କରାଯାଇ ନ ଥିବା ସୂଚନା ଅଧିକାରୀ ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡିଛି। କେବଳ ଆୟଓପୁର ହାଇସ୍କୁଲ କର୍ତ୍ତୃପକ୍ଷ ୪୦ ହଜାର ଟଙ୍କା ଓ ବାରଦା ହାଇସ୍କୁଲ କର୍ତ୍ତୃପକ୍ଷ ୧୦ ହଜାର ଟଙ୍କା ବିଦ୍ୟୁତ୍ ବିଲ୍ ବାବଦକୁ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ନିକଟରେ ପଇଠ କରିଛନ୍ତି। ବାକି ୨୧ ପଞ୍ଚାୟତରେ ସ୍କୁଲ ଲାଇନ ବ୍ୟବହାର ହୋଇ ନ ଥିବା କଟକ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀଙ୍କ ପତ୍ରସଂଖ୍ୟା ୯୧୬୬/୨୨।୭।୨୦୨୨ରେ ଜଣାପଡିଛି। ଏହାଛଡା ପ୍ରତି ଟିଏମ୍‌ସିରେ ବ୍ୟବହୃତ ପଙ୍ଖା, ଜଳ ବିଶୋଧନ ଯନ୍ତ୍ର, ଇନଭର୍ଟରକୁ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ହସ୍ତାନ୍ତର ପାଇଁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପତ୍ରସଂଖ୍ୟା ୫୧୬୬/୧୨।୩।୨୦୨୧ରେ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ୯୦ ଭାଗ ସ୍କୁଲକୁ ଏହି ଜିନିଷ ହସ୍ତାନ୍ତର କରାଯାଇ ନ ଥିବା ଜଣାପଡ଼ିଛି। ଏହି ଖର୍ଚ୍ଚ ମଧ୍ୟରେ ବିଦ୍ୟୁତ୍ ବିଲ୍ ପଇଠ କରିବା ଅନ୍ତର୍ଭୁକ୍ତ ଥିଲା କି ନାହିଁ ସେ କଥା କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ା ଫାଇଲ ଦେଖିଲେ କହିବେ ବୋଲି କହିଥିଲେ।

# ଭୂ-ଅଭିଲେଖ, ସର୍ଭେ ଓ ଚକବନ୍ଦୀ ନିର୍ଦ୍ଦେଶକ ଦାୟିତ୍ୱ ନେଲେ ବିକାଶ ମହାପାତ୍ର

କଟକ ଅଫିସ, ୧୦।୮


ବିକାଶ ମହାପାତ୍ର

ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ବିକାଶ ଚନ୍ଦ୍ର ମହାପାତ୍ର ଭୂ-ଅଭିଲେଖ, ସର୍ଭେ ଓ ଚକବନ୍ଦୀ ନିର୍ଦ୍ଦେଶକ ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କଟକସ୍ଥିତ ରାଜସ୍ୱ ପର୍ଷଦ କାର୍ଯ୍ୟାଳୟ ପରିସରରେ ଥିବା ନିର୍ଦ୍ଦେଶାଳୟରେ ବିଦାୟୀ ନିର୍ଦ୍ଦେଶକ ତୁଷାରକାନ୍ତ ମହାନ୍ତିଙ୍କଠାରୁ ମହାପାତ୍ର ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ରାଜସ୍ୱ ପର୍ଷଦ ସଦସ୍ୟ ଜି.ଭି.ଭି. ଶର୍ମାଙ୍କୁ ମହାପାତ୍ର ସାକ୍ଷାତ କରିଥିଲେ। ସେହିପରି ଭୂ-ଅଭିଲେଖ, ସର୍ଭେ ଏବଂ ଚକବନ୍ଦୀ ନିର୍ଦ୍ଦେଶାଳୟର ଅଧିକାରୀ ଓ କର୍ମଚାରୀମାନେ ନିର୍ଦ୍ଦେଶକ ମହାପାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ମହାପାତ୍ର ହାଇଟେକ୍-ସର୍ଭେ, ଭୂ-ଅଭିଲେଖ ମ୍ୟାପ୍ ପ୍ରସ୍ତୁତି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବନ୍ଦୋବସ୍ତ ଓ ଚକବନ୍ଦୀର ବରିଷ୍ଠ ଅଧିକାରୀଠାରୁ ପଚାରି ବୁଝିଥିଲେ। ଏଥିସହ ନିଷ୍ଠାର ସହ ଦାୟିତ୍ୱ ସମ୍ପାଦନ କରିବାକୁ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ଦ୍ଦେଶକ (ବନ୍ଦୋବସ୍ତ) ବ୍ରହ୍ମାନନ୍ଦ ବେହେରା, ଚକବନ୍ଦୀ ଅତିରିକ୍ତ ସଚିବ ଡ. ସିଓନା ମିଶ୍ର, ସହକାରୀ ନିର୍ଦ୍ଦେଶକ (ସିଏଲ୍‌ଆର୍) ଚିତ୍ତରଞ୍ଜନ ମହାନ୍ତି, ଚକବନ୍ଦୀ ସଂସ୍ଥା ଅଧିକାରୀ ଭାଗ୍ୟଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମହାପାତ୍ର ଏହାପୂର୍ବରୁ ଟେଷ୍ଟ ବୁକ୍ ପ୍ରଡ୍‌କ୍ସନ ଆଣ୍ଡ୍ ମାର୍କେଟିଂର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ।

## ଅମୃତ ମହୋତ୍ସବ ପାଳିତ

କଣ୍ଟାପଡା,୧୦।୮(ଡି.ଏନ୍.ଏ.)

ଓଲଟପୁରସ୍ଥିତ ଆରୋଗ୍ୟ ଭବନ ପରିସରରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପୁରସ୍କାର ବିତରଣ ଓ ଅମୃତ ମହୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଅମୃତ ମହୋତ୍ସବ ସମିତିର ସଂଯୋଜିକା ପ୍ରଭାତୀ ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଭାବେ ଏସ୍‌ଭି ନିର୍‌ତାରର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି, ମୁଖ୍ୟବକ୍ତା ଆର୍‌ଏସ୍‌ଏସ୍‌ର କଟକ ସହ ବିଭାଗ ସଂଘଚାଳକ ଡା. ଗୌତମ ମହାରଣା ଓ ସମ୍ମାନିତ ଅତିଥିଭାବେ ଉତ୍କଳ ବିପନ୍ନ ସହାୟତା ସମିତିର ସମ୍ପାଦକ ଅଚ୍ୟୁତାନନ୍ଦ ପାଣିଗ୍ରାହୀ ଯୋଗଦେଇଥିଲେ। ଅଗଷ୍ଟ ୧ରୁ କଣ୍ଟାପଡା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିବାବେଳେ ବୁଧବାର ଏହାର ଉଦ୍‌ଯାପନ ହୋଇଥିଲା। ସମିତିର ସହ ସଂଯୋଜକ ସୌମେନ୍ଦ୍ର ଦାସଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଙ୍କିପକ୍ସ ଚିକିତ୍ସା ପ୍ରଶିକ୍ଷଣ ନେଲେ ଡାକ୍ତର

କଟକ ଅଫିସ, ୧୦।୮



ଶିବିରରେ ଡା. ଜୟନ୍ତ ପଣ୍ଡା, ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଲୁସି ଦାସ ଓ ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣାଙ୍କ ସମେତ ଅନ୍ୟମାନେ।

ମଙ୍କିପକ୍ସକୁ ନେଇ ବିଶ୍ୱବାସୀ ଆତଙ୍କିତ ହୋଇପଡିଛନ୍ତି। ଏହାର ମୁକାବିଲା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭାଗର ନିର୍ଦ୍ଦେଶକ୍ରମେ ବୁଧବାର ଏସ୍‌ସିବି ମେଡିକାଲର ହେରିଟେଜ୍ ଅଡିଟୋରିୟମରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ଜୟନ୍ତ ପଣ୍ଡା ଅଧକ୍ଷତା କରି କହିଛନ୍ତି, ବିଶ୍ୱରେ ମଙ୍କିପକ୍ସର ସ୍ଥିତି କ'ଣ ରହିଛି ଓ ଏହାକୁ କିପରି ଚିହ୍ନଟ କରାଯାଇପାରିବ, ସେନେଇ ଉପସ୍ଥିତ ଡାକ୍ତରମାନଙ୍କୁ ତାଲିମ ଦିଆଯାଇଛି। ଏ ନେଇ ଏସ୍‌ଓପି ଜାରି କରାଯାଇଛି। କୌଣସି ରୋଗୀ ଚିହ୍ନଟ ହେଲେ କ'ଣ ପଦକ୍ଷେପ ନେବା ଆବଶ୍ୟକ, ରୋଗୀଙ୍କୁ କେତେବେଳେ ଆଇସୋଲେଶନରେ ରଖାଯିବ, କିଭଳି ଚିକିତ୍ସା କରାଯିବ ଓ ଟିକାର ଗୁରୁତ୍ୱ କ'ଣ ରହିଛି ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଏହି ପ୍ରଶିକ୍ଷଣ ପରେ ଜିଲାସ୍ତରରେ ଆମେ ମଙ୍କିପକ୍ସ ମୁକାବିଲା ପାଇଁ ପ୍ରସ୍ତୁତ ହୋଇପାରିବା ବୋଲି ସେ କହିଛନ୍ତି। ସେହିପରି ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି, ବର୍ତ୍ତମାନ ଏସ୍‌ସିବି ମେଡିକାଲ ମଙ୍କିପକ୍ସ ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ମେଡିକାଲରେ ୪ଟି ବେଡ୍ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ଦୁଇଟି ବେଡ୍ ଆଇସିୟୁରେ ଓ ଆଉ ଦୁଇଟି ଅନ୍ୟ ଏକ ବିଭାଗରେ ରହିଛି। ଆବଶ୍ୟକ ପଡିଲେ ବେଡ୍ ସଂଖ୍ୟା ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଡିଏମ୍‌ଇଟି ବ୍ରଜ କୁମାର ଦାସ, ଡା. ନୀହାର ରଞ୍ଜନ ମହାନ୍ତି, ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଲୁସି ଦାସ, ଆର୍‌ଏମ୍‌ଆର୍‌ସି ଡାଇରେକ୍ଟର ସଂଘମିତ୍ରା ପତି, ଡିନ୍ ପ୍ରସେନ୍‌ଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ପ୍ରତ୍ୟେକ ଜିଲାର ୪ଜଣ ଲେଖାଏ ଡାକ୍ତର, ଏସ୍‌ସିବି ମେଡିକାଲର ଭେଷଜ, ଚର୍ମରୋଗ ଓ ଶିଶୁରୋଗ ବିଭାଗ ଡାକ୍ତରଙ୍କ ସମେତ ପିଜି ଡାକ୍ତରଙ୍କୁ ମିଶାଇ ମୋଟ୍ ୨୦୦ ଜଣ ଡାକ୍ତର ସାମିଲ ହୋଇଥିଲେ।

- ଜାରି ହେଲା ଏସ୍‌ଓପି
- ଏସ୍‌ସିବି ମେଡିକାଲରେ ୪ ବେଡ୍ ବ୍ୟବସ୍ଥା

## କବି ମନୋଜ ମେହେର ପାଇବେ ଗଙ୍ଗାଧର ମେହେର ସମ୍ମାନ

କଟକ ଅଫିସ, ୧୦।୮

ବିଶିଷ୍ଟ କବି ମନୋଜ ମେହେର ଚଳିତବର୍ଷ ଗଙ୍ଗାଧର ମେହେର ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ କଟକ ସାରଳା ଭବନରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଗୁରୁବାର ଅନୁଷ୍ଠିତ ହେବ। ଏଥିରେ କବି ମେହେରଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, କବି ମେହେର ସାମ୍ପ୍ରତିକ କାଳର ଜଣେ ବିଶିଷ୍ଟ କବି। ତାଙ୍କ ସୃଷ୍ଟି ମଧ୍ୟରେ ପକ୍ଷୀ, ଖୋଲାଝର୍କା, ଅଦ୍ୱିତୀୟ ବ୍ୟକ୍ତିବିଶେଷ, ଦୁଃଖଫୁଲ, ତିରିଶ ଭିତରର ମନୋଜ, ଜୀବନ ପ୍ରେମିକ ପ୍ରଭୃତି ଉଲ୍ଲେଖନୀୟ।



କଟକ ଶିଖରପୁର-ଗଣ୍ଡରପୁର ରାଜପଥରେ ସୃଷ୍ଟି ହୋଇଥିବା ଖାଲଖମା।

# ଟଙ୍କା, ମୋବାଇଲ ଜବତ: ୨ ଗିରଫ

କଟକ ଅଫିସ, ୧୦।୮

ଜଗତ୍‌ପୁର ଥାନା ଅନ୍ତର୍ଗତ ପୀରବଜାରସ୍ଥିତ ତାରିଣୀ ମନ୍ଦିରରୁ ହୁଣ୍ଡିବାକ୍ସ ଚୋରି କରିବା ଅଭିଯୋଗରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାଲେପୁର ଥାନା ଅନ୍ତର୍ଗତ ସିମଳପଡ଼ାର ମହମ୍ମଦ ମାର୍ଗୁ ଓ ସେକ୍ ଇବ୍ରାର। ସେମାନଙ୍କଠାରୁ ହୁଣ୍ଡିବାକ୍ସ, ୪୧୧୦ ଟଙ୍କା ଓ ଏକ ଗାଡି ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ସୋମବାର ରାତିରେ ପୂଜକ ଭଇରପୁର ଗ୍ରାମର ଭୀମସେନ ସାହୁ ପୂଜା କାର୍ଯ୍ୟ ସାରି ମନ୍ଦିର କବାଟ ବନ୍ଦ କରିଥିଲେ। ମଙ୍ଗଳବାର ଭୋର ସମୟରେ ମନ୍ଦିର କବାଟ ଖୋଲିବାକୁ ଆସିବାବେଳେ କେହି ଦୁର୍ବୃତ୍ତ ହୁଣ୍ଡିବାକ୍ସ ଚୋରି କରି ନେଇଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ମନ୍ଦିର କମିଟିକୁ ଜଣାଇବା ସହ ଜଗତ୍‌ପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ମାମଲା(ନଂ.୩୩୩/୨୨) ରୁଜୁ କରିଥିଲା। ଏଥିସହ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା।


ଜବତ ମୋବାଇଲ, ଟଙ୍କା ଓ ଅନ୍ୟ ସାମଗ୍ରୀ।

# 'କଳାବିକାଶ କେନ୍ଦ୍ର କଳାକାରଙ୍କ ଅନ୍ତୁଡ଼ିଶାଳ'

କଟକ ଅଫିସ, ୧୦।୮


କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଳା ବିକାଶ କେନ୍ଦ୍ରର ୭୧ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ କେନ୍ଦ୍ରର ପ୍ରେକ୍ଷାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି ଉଦ୍‌ଘାଟନ କରିଥିଲେ। କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଇଂ. ଗୋପାଳକୃଷ୍ଣ ବେହେରା ଯୋଗଦେଇ କହିଥିଲେ, କଳାବିକାଶ କେନ୍ଦ୍ର ହେଉଛି କଳାକାରଙ୍କ ଅନ୍ତୁଡିଶାଳ। ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ସଙ୍ଗୀତ ଓ ଲୋକକଳା ଓଡ଼ିଶାର ପରିଚୟ। ଏଣୁ ଏହି କେନ୍ଦ୍ରର ସୁରକ୍ଷା ସରକାରଙ୍କ ସହ ପ୍ରତ୍ୟେକ ନାଗରିକଙ୍କର ଦାୟିତ୍ୱ ବୋଲି ବେହେରା କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମଶ୍ରୀ ଦାସ କହିଥିଲେ, ସେବା, ସମର୍ପଣ ଓ ନିଷ୍ଠା ହେଉଛି କଳାର ଭୂଷଣ। କେନ୍ଦ୍ରର ସାଧାରଣ ସମ୍ପାଦକ ପ୍ରସେନଜିତ୍ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ନନ୍ଦ ସ୍ୱାଗତ ଭାଷଣ ଓ ଯୁଗ୍ମ ସମ୍ପାଦିକା ସୁଦୀପ୍ତା ଦାଶ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ହିନ୍ଦୁସ୍ଥାନୀ ସଙ୍ଗୀତ ମଧ୍ୟରେ ଶ୍ରୀଗଣେଶ ଆରତି ଓ ମା' ସରସ୍ୱତୀ ଆରତି, ଏକକ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ମାଧ୍ୟରେ ସରସ୍ୱତୀ ବନ୍ଦନା, ବନ୍ଦେ ମାତରମ୍, ମେଘ ପଲ୍ଲବୀ, ସୋଲୋ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସଭାପତି ରାଧାମୋହନ ସାହୁ ପରିଚାଳନା କରିଥିଲେ।

**କଳା ବିକାଶ କେନ୍ଦ୍ରର ପ୍ରତିଷ୍ଠା ଦିବସ**

# ଖୋର୍ଦ୍ଧା, ଜଟଣୀରେ ଜମିଲା ରାଖୀ ବେପାର

**ଖୋର୍ଦ୍ଧା ଅଫିସ,୧୦।୮**

## ରାତିପାହିଲେ ରକ୍ଷାବନ୍ଧନ ଉତ୍ସବ



ରାଖୀ ଦୋକାନରେ ଲୋକଙ୍କ ଭିଡ଼।

ଦେଶରେ ଗୁରୁବାର ପାଳନ ହେବାକୁ ଯାଉଛି ଭଉଣୀଭାଇଙ୍କ ପବିତ୍ର ଦିନ ରକ୍ଷାବନ୍ଧନ। ହସଖୁସିର ଏହି ବନ୍ଧନକୁ ସୁଦୃଢ଼ କରିବା ପାଇଁ ଭଉଣୀ ଭାଇ ହାତରେ ରାଖୀଟିଏ ବାନ୍ଧି ଦେଇଥାଏ। ବର୍ଷକୁ ଥରେ ଏହି ସମୟକୁ ଉଉଣୀଟିଏ ଚାହିଁ ରହିଥାଏ। ଏହି ପବିତ୍ର ମୁହୂର୍ତ୍ତରେ ଭାଇକୁ ରାଖୀଟିଏ ବାନ୍ଧି ଦେଇ ତା'ର ଶୁଭ ମନାସିବା ସହ ନିଜ ସୁରକ୍ଷା ପାଇଁ ଭାଇଠାରୁ ପ୍ରତିଶ୍ରୁତି ନେଇଥାଏ ଭଉଣୀଟିଏ। ଏହି ଉତ୍ସବ ପାଇଁ ସହରଠୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ରହିଛି ଉତ୍ସାହର ମାହୋଲ। ନିଜ ମନପସନ୍ଦର ରାଖୀ କିଣିବା ଲାଗି ବଜାରରେ ରାଖୀ ଦୋକାନରେ ଭିଡ଼ ଲାଗିଛି। ଏହି ଅବସରରେ ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା, ଜଟଣୀ ଅଞ୍ଚଳରେ ରାଖୀ ବେପାର ଜମିବାରେ ଲାଗିଛି। ଭେଳିକି ଭେଳି ନୂଆ ରକମର ରାଖୀ ବଜାରକୁ ଆସିଥିବାରୁ ଭଲ ବ୍ୟବସାୟ ହେଉଥିବା ଦେଖିବାକୁ ମିଳୁଛି। ଖୋର୍ଦ୍ଧା ବଜାରରେ ପ୍ରାୟ ପଚାଶରୁ ଊର୍ଦ୍ଧ୍ୱ ସ୍ଥାନରେ ରାଖୀର ପସରା ଖୋଲିଛି। ବିଶେଷତଃ ଟ୍ରାଫିକ ଛକ, ସମବାୟ ଛକ, କୋର୍ଟ ଛକ, ନୂଆ ବସଷ୍ଟାଣ୍ଡ, ପଲ୍ଲା ଛକ ସମେତ ବିଭିନ୍ନ ବଜାରରେ ଭଳି କି ଭଳି ରାଖୀ ଦୋକାନ ହୋଇଛି। ବିଶେଷତଃ ଚଳିତବର୍ଷ ଷ୍ଟୋଟ, ଷ୍ଟୋନ, ଧାନ, ଫୁଲ, ବ୍ରେସଲେଟ, ବ୍ରୋ' ଲେଖାଥିବା ରାଖୀ, ଭାଇ ଲେଖାଥିବା ରାଖୀ, ବିଭିନ୍ନ ରଙ୍ଗିନର ଦଉଡି ରାଖୀ, ପିଲାଙ୍କ ମୋଟୁ ପତଲୁ, ଛୋଟା ଭିମ୍, ରକେଟ ରାଖୀ ପ୍ରଭୃତିର ଚାହିଦା ରହିଛି। ୨ବର୍ଷ ପରେ କରୋନା କଟକଣା, ସଂକ୍ରମଣ ହ୍ରାସ ପରେ ଦୋକାନ ବଜାର ଖୋଲିବାକୁ ଅନୁମତି ମିଳିଛି। ଦୁଇ ବର୍ଷ ରାଖୀର ବେପାର ଜମିଥିବା ହାବେଳି ପଡିଆଠାରେ ଖୋଲିଥିବା ଅସ୍ଥାୟୀ ରାଖୀ ବଜାରରେ ଜଣେ ବ୍ୟବସାୟୀ କହିଛନ୍ତି। ପ୍ରାୟ ୧୦ଟଙ୍କା ରୁ ଆରମ୍ଭ କରି ୩ଶହ ଟଙ୍କା ପର୍ଯ୍ୟନ୍ତ ରାଖୀ ରହିଛି ବୋଲି ନୂଆ ବସଷ୍ଟାଣ୍ଡରେ ଜଣେ ବ୍ୟବସାୟୀ କହିଛନ୍ତି।

ସେହିଭଳି ଜଟଣୀ ବଜାରରେ ମଧ୍ୟ ରାଖୀ ପାଇଁ ବେଶ୍ ଚାହିଦା ରହିଛି। ବାହାର ରାଜ୍ୟରୁ ଏଠାକୁ ରାଖୀ ଆସୁଥିବାରୁ ଖୁବ୍ କମ୍ ଏବଂ ହୋଲସେଲ୍ ଦାମରେ ମିଳିଯାଏ। ତେଣୁ ଖୋର୍ଦ୍ଧା, ପୁରୀ, ଗଞ୍ଜାମ, କନ୍ଧମାଳ, ଭୁବନେଶ୍ୱର, କଟକ ସମେତ ଆଖପାଖ ଅଞ୍ଚଳର ଛୋଟବଡ ବ୍ୟବସାୟୀ ରାଖୀ ପାଇଁ ଜଟଣୀ ଉପରେ ନିର୍ଭରଶୀଳ। ଛୋଟବଡ ଦୋକାନକୁ ମିଶାଇ ଏଠାରେ ଏକାଧିକ ଷ୍ଟଲ ଖୋଲିଥିବା ଦେଖିବାକୁ ମିଳିଛି। ପ୍ରମୋଦ ସିଜନ୍ ସେଣ୍ଟର ମାଲିକ ପ୍ରମୋଦ କୁମାର କୁହନ୍ତି, ଚଳିତବର୍ଷ କରୋନା କଟକଣା ହଟିବା ପରେ ବେପାର ଜମିଛି। ଗ୍ରାହକଙ୍କ ପସନ୍ଦ ଅନୁସାରେ ବିଭିନ୍ନ ଭେରାଇଟିର ରାଖୀ ରହିଛି।



ଛାତ୍ରୀମାନେ ଛାତ୍ରଙ୍କ ହାତରେ ରାଖୀ ପିନ୍ଧାଉଛନ୍ତି।

## ରାଖୀ ବାନ୍ଧିଲେ, ଶୁଭେଚ୍ଛା ଜଣାଇଲେ

**ଖୋର୍ଦ୍ଧା ଅଫିସ,୧୦।୮**

ସ୍ନେହର ବନ୍ଧନ ରକ୍ଷାବନ୍ଧନ। ଭାଇ ଭଉଣୀଙ୍କ ପବିତ୍ର ବନ୍ଧନ। ରକ୍ଷାବନ୍ଧନର ଗୋଟିଏ ଦିନ ଅବ୍ୟାହତ ପୂର୍ବରୁ ସ୍ଥାନୀୟ ସିଗ୍‌ମା ପବ୍ଲିକ ସ୍କୁଲ ଶିକ୍ଷାନୁଷ୍ଠାନ ଆନୁକୂଲ୍ୟରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ଏହି ଉତ୍ସବର ମହତ୍ତ୍ୱ ସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ। ପରେ ଭଉଣୀମାନେ ଭାଇମାନଙ୍କ ମଥାରେ ସିନ୍ଦୂର, ଚାଉଳ ଦେଇ ବନ୍ଦାପନା କରି ହାତରେ ସ୍ନେହର ଡୋରିକୁ ବାନ୍ଧିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ପିଲାଙ୍କୁ ଏହି ବନ୍ଧନର ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ଭଉଣୀଭାଇ ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧାଭାବ ରଖିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଏହି ଦିନରେ ଗୃହପାଳିତ ପଶୁ, ଗୋରୁଙ୍କୁ ପୂଜା କରିବା ପରମ୍ପରା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୁଷାରରଞ୍ଜନ ମହାନ୍ତି, ଜ୍ୟୋତି ପ୍ରକାଶ ସାହୁ, ବର୍ଣ୍ଣାଳୀ ମାଝି, ସୁମିତ୍ରା ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।




ବୟନିକା ପକ୍ଷରୁ ଏକାମ୍ର ହାଟରେ ବୁଧବାର ଆୟୋଜିତ ଫ୍ୟାଶନ୍ ଶୋ'ରେ ମଡେଲମାନେ ର୍ୟାମ୍ପ ଶୋ' କରୁଛନ୍ତି।

## ସଂକ୍ଷେପରେ

### ଫେରାର ମହିଳା ଘରକୁ ଫେରିଲେ

ବାଣପୁର,୧୦।୮(ଡି.ଏନ୍.ଏ.): କିଛିଦିନ ତଳେ ନିଜ ସ୍ୱାମୀ ଓ ଦୁଇ ପିଲାଙ୍କୁ ଛାଡି ପ୍ରେମିକ ସହ ଫେରାର ହୋଇଯାଇଥିବା ମହିଳା ବୁଧବାର ନିଜ ପ୍ରେମିକ ସହ କୋର୍ଟ ମ୍ୟାରେଜ କରିବାକୁ ଆସିଥିବା ବେଳେ ବାପଘର ହାବୁଡରେ ପଡି ଘରକୁ ଫେରିଛନ୍ତି। ସୂଚନା ମୁତାବକ, ବାଣପୁର ଅଞ୍ଚଳର ଜଣେ ମହିଳାଙ୍କର କାଳୁପଡା ଅଞ୍ଚଳର ଜଣେ ଯୁବକଙ୍କ ସହିତ ପ୍ରାୟ ୧୦ ବର୍ଷ ପୂର୍ବେ ବାହାଘର ହୋଇଥିଲା। ଏଥି ମଧ୍ୟରେ ସେମାନଙ୍କର ଗୋଟିଏ ପୁଅ ଏବଂ ଗୋଟିଏ କନ୍ୟା ହୋଇଥିଲା। ତେବେ ମହିଳାଙ୍କ ନାଚୁଣୀ ପଞ୍ଚାୟତର ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଥିଲା। କିଛି ଦିନ ପୂର୍ବେ ମହିଳାଜଣଙ୍କ ସମ୍ପୃକ୍ତ ପ୍ରେମିକଙ୍କ ସହ ଫେରାର ହୋଇଯାଇଥିଲେ। ତେବେ ବୁଧବାର ଉଭୟେ କୋର୍ଟ ମ୍ୟାରେଜ କରିବାକୁ ବାଣପୁର ଅଦାଲତକୁ ଆସିଥିଲେ। ମାତ୍ର ଏ ବିଷୟରେ ମହିଳାଙ୍କ ପରିବାର ଲୋକ ଖବରପାଇ ବ୍ଲକ କାର୍ଯ୍ୟାଳୟ ନିକଟରେ ଉଭୟଙ୍କୁ ଅଟକ ରଖିଥିଲେ। ତେବେ ଘଟଣା ସମ୍ପର୍କରେ ଜାଣିବା ପାଇଁ ସେଠାରେ ଲୋକଙ୍କ ଭିଡ ଲାଗିଥିଲା। ଶେଷରେ ଉପସ୍ଥିତ ଭଦ୍ରବ୍ୟକ୍ତି ଓ ପରିବାର ସଦସ୍ୟଙ୍କ ବୁଝାଶୁଝା ପରେ ଉଭୟେ ନିଜ ନିଜ ପରିବାରକୁ ଫେରି ଯାଇଥିଲେ। ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

### ଚୋରି ଘଟଣାରେ ଅଭିଯୁକ୍ତ କୋର୍ଟ ଚାଲାଣ

ଜଟଣୀ,୧୦।୮(ଡି.ଏନ୍.ଏ.): ଜଟଣୀ ପୋଲିସ ଏକ ଚୋରି ଘଟଣାରେ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଟଣୀ ଥାନା ଅଧୀନ ତିରିମଲ ପାଇକସାହିର ବାବୁନା ଓରଫ ବାବୁଲା ଗୁମାନସିଂ(୩୦)। ଏ ନେଇ ପୋଲିସ ଏକ ମାମଲା(ନଂ.୧୮୪/୨୨) ରୁଜୁକରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଖୋର୍ଦ୍ଧା ବିଦ୍ୟୁତ୍ ଉପମଣ୍ଡଳ ଅଧୀନରେ ଲାଇନ ମ୍ୟାନ ଭାବେ କାର୍ଯ୍ୟ କରୁଥିବା କଟକ ଜିଲା ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ ବାଲିପାହାଡ଼ ଗ୍ରାମର ରାଜେଶ୍ୱର ପାହାଡାସିଂ ଜଟଣୀ ଥାନା ଅଧୀନ ତିରିମଲ ଗ୍ରାମରୁ ବିଦ୍ୟୁତ୍‌ଖୁଣ୍ଟକୁ ୪ଜଣ ବ୍ୟକ୍ତି କାଟି ଚୋରି କରି ନେଇଥିବା କିଛିଦିନ ତଳେ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ବାବୁଲା ଚୋରି କରିଥିବା ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲେ। ଫଳରେ ବୁଧବାର ବାବୁଲା ଗ୍ରାମରେ ଥିବା ପୋଲିସ ଜାଣି ସେଠାରେ ଚଢ଼ାଉ କରି ଗିରଫ କରିଥିଲେ। ତେବେ ଅନ୍ୟ ୩ ଅଭିଯୁକ୍ତ ପୂର୍ବରୁ କୋର୍ଟଙ୍କ ନିକଟରେ ଆତ୍ମ ସମର୍ପଣ କରିଥିବା ଥାନାଧିକାରୀ ସୌମ୍ୟକାନ୍ତ ବଳିଆରସିଂ ସୂଚନା ଦେଇଛନ୍ତି।

### ୨୫ ରୋଗୀଙ୍କ ଚକ୍ଷୁ ପରୀକ୍ଷା

ନିରାକାରପୁର,୧୦।୮(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ପ୍ରଭାବତୀ କଲ୍ୟାଣ ମଣ୍ଡପରେ ଏକ ସାମାଜିକ ଅନୁଷ୍ଠାନ ସାଧନା ଆନୁକୂଲ୍ୟରେ ବୁଧବାର ଏକ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୨୫ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୬ଜଣ ମୋତିଆବିନ୍ଦୁ ପାଇଁ ଚିହ୍ନଟ ହୋଇଛନ୍ତି। ଅନ୍ୟ ରୋଗୀମାନଙ୍କ ଚକ୍ଷୁ ସମ୍ବନ୍ଧିତ ବିଭିନ୍ନ ଚିକିତ୍ସା କରାଯାଇଥିଲା। ଏଥିସହ ୬ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ଏକ ଗାଡ଼ି ଯୋଗେ ଭୁବନେଶ୍ୱର ନିଆଯାଇଥିଲା। ତେବେ ଭୁବନେଶ୍ୱରସ୍ଥିତ ଆଡଭାନ୍ସ ଆଇକେୟାର ହସ୍ପିଟାଲର ଆଖି ଚିକିତ୍ସକମାନେ ପହଞ୍ଚି ଡାଇବେଟିସ ଏବଂ ଆଖି ପରୀକ୍ଷା ନିରୀକ୍ଷା କରାଇଥିଲେ। ଏଥିରେ ଅନୁଷ୍ଠାନର ସଭାପତି ଚକ୍ରଧର ତ୍ରିପାଠୀ, ସମ୍ପାଦିକା ଉଷାରାଣି ପଟ୍ଟନାୟକ, ଭବାନୀ ପ୍ରସାଦ ପଟ୍ଟନାୟକ, ଅଭିମନ୍ୟୁ ବାରିକ, ସତ୍ୟନାରାୟଣ ଶ୍ରୀଚନ୍ଦନ, ବିଶ୍ୱଜିତ୍ ରାଉତରାୟ ଓ ବିଷ୍ଣୁପ୍ରିୟା ପାଟଯୋଶୀ ପ୍ରମୁଖ ସହଯୋଗ କରିଥିଲେ।

### ପିଲାଙ୍କୁ ମିଳିଲା ଜୋତା, ପୋଷାକ

ଖୋର୍ଦ୍ଧା ଅଫିସ,୧୦।୮: ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଦେଉଳିଟାଙ୍ଗି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ନବମ ଶ୍ରେଣୀରେ ପଢୁଥିବା ୧୨୫ ଛାତ୍ରୀଛାତ୍ରଙ୍କୁ ସ୍କୁଲ ପୋଷାକ ଓ ଜୋତା ବଣ୍ଟନ କରାଯାଇଛି। କାଇପଦର ପଞ୍ଚାୟତ ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ, ସ୍କୁଲ ଅଧକ୍ଷ ବୀରେନ ଦଳେଇ, ଏସ୍ଏମ୍‌ସି ସଭ୍ୟ ସୁଭାଷ ଦଳେଇ, ବିପିନ ବିହାରୀ ନାୟକ, ସୁଧୀର ପ୍ରଧାନ ଏବଂ ବେଣୁଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଭଲ ପାଠ ପଢ଼ି ବିଦ୍ୟାଳୟ ଗୌରବ ବୃଦ୍ଧି କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦେଇଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକମାନେ ଉପସ୍ଥିତ ଥିଲେ।

## ଆସନ୍ତା ୩ୟ ସପ୍ତାହରେ ଖୋର୍ଦ୍ଧା ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

**ଖୋର୍ଦ୍ଧା,୧୦।୮(ଡି.ଏନ୍.ଏ.)**

ଖୋର୍ଦ୍ଧା ଜୟଦୁର୍ଗା କ୍ଲବ ପକ୍ଷରୁ ଆସନ୍ତା ୩ୟ ସପ୍ତାହରୁ ଖୋର୍ଦ୍ଧା ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଖୋର୍ଦ୍ଧା ସ୍ପୋର୍ଟ୍ସ ଆସୋସିଏସନ ଷ୍ଟାଡିୟମ୍‌ରେ ଆରମ୍ଭ ହେବ। ଜିଲାର ବିଭିନ୍ନ ଦଳକୁ ନେଇ ଏହି ଟୁର୍ନାମେଣ୍ଟ ହେବାକୁ ଥିବାବେଳେ ଏଥିରେ ଇଚ୍ଛୁକ ଥିବା ଦଳ ଆସନ୍ତା ୧୩ ତାରିଖ ସୁଦ୍ଧା ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ, ମୋବାଇଲ ନଂ. ୯୪୩୭୧୬୩୦୮୩, ଜୟଦୁର୍ଗା କ୍ଲବ ସହ ସହଯୋଗ କରନ୍ତୁ।

## ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ

**ବୋଲଗଡ଼,୧୦।୮(ଡି.ଏନ୍.ଏ.)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆର୍ଥିକ ସହାୟତାରେ ବୁଧବାର ବୋଲଗଡ଼ ଶିକ୍ଷା ବ୍ଲକଅଧୀନ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଗୋପୀନାଥ ପରିଜା, ସମ୍ମାନିତ ଅତିଥି ସମିତି ସଭ୍ୟା ବିନୋଦିନୀ ଦତ୍ତ, ନୂଆସାହି ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ସେଠୀ, ଶ୍ରୀଧର ଦତ୍ତ, ବିଦ୍ୟାଳୟ ପରିଚାଳନା ପରିଷଦ ସଭ୍ୟ ପ୍ରହ୍ଲାଦ ସାହୁ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ ଏବଂ ସୌଦାମିନୀ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ଅଧ୍ୟୟନରତ ୨୨୦ଜଣ ବିଦ୍ୟାର୍ଥୀଙ୍କୁ ୨ହଳ ଲେଖାଏ ପୋଷାକ, ଏକ ହଳ ଲେଖାଏ ଜୋତା ଏବଂ ୨ହଳ ଲେଖାଏ ମୋଜା ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ, ସ୍ମିତାସିନ୍ଧୁ ମହାପାତ୍ର, ଶିକ୍ଷକ ବିଚିତ୍ର ଘଡ଼େଇ, ସ୍ନେହଲତା ପାଇକରାୟ, ସମ୍ବିତ କେଦାର କର ଏବଂ ସ୍ମୃତିରଞ୍ଜନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ବିଶ୍ୱଜିତ ସରୋଜ କୁମାର ଧନ୍ୟବାଦ ଦେଇଥିଲେ।

## 'ଶ୍ରମିକ ନେତା ସୁଶାନ୍ତଙ୍କ ଆଦର୍ଶରେ ବ୍ରତୀ ହୁଅ'

**ଜଟଣୀ,୧୦।୮(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁରଠାରେ ବିଶିଷ୍ଟ ଶ୍ରମିକ ନେତା ତଥା ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନର ଅନ୍ୟତମ ପୁରୁଖା ଶ୍ରମିକ ନେତା ସ୍ୱର୍ଗତ ସୁଶାନ୍ତ ମହାନ୍ତିଙ୍କ ୨୧ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସଂଗଠନର ସଭାପତି ଅବନୀ ରାଉତରାୟଙ୍କ ସଭାପତିତ୍ୱରେ ଏହି ସଭା ଆୟୋଜିତ ହୋଇଥିଲା। ଜଟଣୀ ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଭାରତରେ ଜରୁରିକାଳୀନ ସମୟରେ ସମାଜର ମଙ୍ଗଳ ପାଇ ଆନ୍ଦୋଳନ କରି ୧୯ ମାସ କାରାବରଣ କରିଥିବା ଶ୍ରମିକ ନେତା ସ୍ୱର୍ଗତ ମହାନ୍ତିଙ୍କ ନୀତି ଓ ଆଦର୍ଶର ଗୁଣଗାନ କରି ତାଙ୍କ ଆଦର୍ଶରେ ବ୍ରତୀ ହେବା ପାଇଁ ଅତିଥିମାନେ ମତପ୍ରକଶ କରିଥିଲେ। ଉକ୍ତ ଦିବସରେ ଆମନ୍ତ୍ରିତ ଅତିଥି ସ୍ୱର୍ଗତ ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହିତ ମହାନ୍ତିଙ୍କ ଜୀବନୀ ଉପରେ ଏକ ପୁସ୍ତକ ଲେଖାଯିବା ପାଇ ନିଷ୍ପତ୍ତି ନେଇଥିଲେ।

## ଛାତ୍ରୀଛାତ୍ରଙ୍କ ସାଇକେଲ ଶୋଭାଯାତ୍ରା



ଛାତ୍ରୀଛାତ୍ରମାନେ ସାଇକେଲ ଶୋଭାଯାତ୍ରାରେ ନଗର ପରିକ୍ରମା କରୁଛନ୍ତି।

**ବାଣପୁର,୧୦।୮(ଡି.ଏନ୍.ଏ.)**

ଦେଶ ସ୍ୱାଧୀନତାର ସ୍ୱର୍ଣ୍ଣିମ ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହେଉଛି । ଏହି ଅବସରରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବୁଧବାର ସାଇକେଲ ଶୋଭାଯାତ୍ରାରେ ନଗର ପରିକ୍ରମା କରି ମହୋତ୍ସବ ପାଳିବା ସହ ଲୋକଙ୍କୁ ବିଭିନ୍ନ ପ୍ରକାରର ସଚେତନ କରିଛନ୍ତି। ବୁଧବାର ପୂର୍ବାହ୍ନରେ ମହାବିଦ୍ୟାଳୟର ଏନ୍‌ସିସି ଓ ସ୍କାଉଟ୍‌ର ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ନିକଟରୁ ଏକ ସାଇକେଲ ଶୋଭାଯାତ୍ରାରେ ତ୍ରିରଙ୍ଗା ପତାକା ଧରି ନଗର ପରିକ୍ରମା କରିଥିଲେ।

## 'ମୁଁ ଅନୁତପ୍ତ ନୁହେଁ, ଘଟଣା ଭାଜପାର ଷଡ଼ଯନ୍ତ୍ର ଥିଲା'

**ଖୋର୍ଦ୍ଧା ଅଫିସ,୧୦।୮**

### ଲୋକଙ୍କ ଉପରକୁ ବିଧାୟକ ଗାଡ଼ି ମଡ଼ାଇବା ଘଟଣା

- ଜେଲରୁ ମୁକୁଳିବା ପରେ ବିଧାୟକ ମତ ରଖିଲେ
- ନିଶାଗ୍ରସ୍ତ ବ୍ୟକ୍ତି ଏମିତି କୁହନ୍ତି:ଗୋଲକ

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଆଗରେ ଜନତା ଏବଂ ପୋଲିସକୁ ଚିଲିକା ବିଧାୟକଙ୍କ ଗାଡି ମଡାଇବା ଦେବା ଘଟଣାରେ ସୁପ୍ରିମକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇ ଜେଲରୁ ମୁକୁଳିବା ପରେ ପ୍ରଥମଥର ଲାଗି ବିଧାୟକ ପ୍ରଶାନ୍ତ ଜଗଦେବ ମୁହଁ ଖୋଲିଛନ୍ତି। ବୁଧବାର ବିଧାନସଭା କମିଟି ବୈଠକକୁ ଆସିଥିବା ଅବସରରେ ଗଣମାଧ୍ୟମ ଜରିଆରେ ବିଧାୟକ କହିଛନ୍ତି, ସେଦିନର ଘଟଣା ପାଇଁ କୌଣସି ଅନୁତପ୍ତ ନୁହେଁ। ତାହା କେବଳ ଭାଜପାର ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଥିଲା ବୋଲି କହିଥିଲେ।

ସେ କହିଛନ୍ତି, ବାଣପୁର ବ୍ଲକରେ ଚେୟାରମ୍ୟାନ ନିର୍ବାଚନ ଥିଲା। ମୁଁ ସମିତି ସଭ୍ୟଙ୍କୁ ଦେଖା କରିବାକୁ ଯାଉଥିଲି। ବ୍ଲକକୁ ପ୍ରବେଶ କରିବା ବେଳେ ବିନା କାରଣରେ ଭାଜପା କର୍ମୀମାନେ ଠେଙ୍ଗାରେ ପତାକା ଲଗାଇ ଗାଡ଼ି ଆଗକୁ ଆସିଥିଲେ। ଗାଡ଼ିକୁ ବାଡ଼େଇବା ଆରମ୍ଭ କରିଥିଲେ। ଫଳରେ ବ୍ରେକ ଉପରୁ ମୋ ପାଦ ଖସିଗଲା। ଏପରିକି ମୋତେ କାର୍ ଭିତରୁ ଭିଡି ଆଣି ଠେଙ୍ଗାରେ ଆକ୍ରମଣ କରିଥିଲେ। ଗାଡିରେ ମଦ ବୋତଲ ଓ ନମ୍ବର ପ୍ଲେଟ ବଦଳ ବି ଭାଜପାର ଷଡ଼ଯନ୍ତ୍ର ଥିଲା। ମୁଁ କୌଣସି ଭୁଲ କରିନି। ଘଟଣା ଦିନ ସକାଳ ୭ଟାରେ ଚଣ୍ଡେଶ୍ୱର ମନ୍ଦିର ଦର୍ଶନ ସାରି ଫେରିଥିଲି। ମଦ୍ୟପାନ କରିବା କଥା ସମ୍ପୂର୍ଣ୍ଣ ମିଥ୍ୟା। ମୁଁ ଏବେ ମଧ୍ୟ ବିଜେଡିରେ ଅଛି। ସୁପ୍ରିମକୋର୍ଟଙ୍କ ସର୍ତ୍ତାବଳୀ ଅନୁସାରେ ନିର୍ବାଚନମଣ୍ଡଳୀକୁ ଯାଇପାରୁନି। ଘରେ ରହି ଲୋକଙ୍କ ସମସ୍ୟା ବୁଝୁଛି। ଅତୀତରେ ବହୁ ନେତା ଦଳରୁ ନିଲମ୍ବନ, ବହିଷ୍କାର ପରେ ବି ଟିକେଟ ପାଇ ନିର୍ବାଚନ ଲଢିଛନ୍ତି। ଦଳ ଟିକେଟ ଦେବା ବେଳେ ନିଷ୍ପତ୍ତି ନେବ ବୋଲି ପ୍ରଶାନ୍ତ ଜଗଦେବ କହିଛନ୍ତି। ହେଲେ ବିଧାୟକଙ୍କ ଏହି ବୟାନର କଡ଼ା ଜବାବ ରଖିଛନ୍ତି ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର। ସେ କହିଛନ୍ତି, ବିଧାୟକ ଜଗଦେବଙ୍କ ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ। ଘଟଣା ଦିନ ସେଠାରେ ଉପସ୍ଥିତ ଥିବା ଜନତା ସତ କ'ଣ ସବୁ ଜାଣିଛନ୍ତି। ନିଜ ଭୁଲ ପାଇଁ ଅନୁତାପ କରିବା ପରିବର୍ତ୍ତେ ଦୋଷକୁ ଲୁଚାଇବାକୁ ଯାଇ ମିଥ୍ୟା କଥା କହୁଛନ୍ତି। ତାଙ୍କ ବିଶୃଙ୍ଖଳିତ ଆଚରଣ ଯୋଗୁ ଦଳ ତାଙ୍କୁ ନିଲମ୍ବନ ପରେ ବହିଷ୍କୃତ କରିଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ୧୨ ବାଣପୁର ବ୍ଲକ ଆଗରେ ଲୋକଙ୍କ ଉପରକୁ ଗାଡି ମଡାଇଦେବା ଘଟଣାରେ ବିଧାୟକ ପ୍ରଶାନ୍ତ ଜଗଦେବ ଗିରଫ ହୋଇଥିଲେ।

## ବିଜ୍ଞାନମେଳାରେ ୧୨୭ ପ୍ରକଳ୍ପ

**ଖୋର୍ଦ୍ଧା ଅଫିସ,୧୦।୮**



ଗୁରୁଜଙ୍ଗ ସରସ୍ୱତୀ ଶିଶୁମନ୍ଦିର ଆନୁକୂଲ୍ୟରେ ବୁଧବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ସପ୍ତମଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ମୋଟ ୧୨୭ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ପୂର୍ବତନ ଖୋର୍ଦ୍ଧା ସଙ୍କୁଳ ସଂଯୋଜକ ଲିଙ୍ଗରାଜ ମହାନ୍ତି, ଶିକ୍ଷାବିତ କିଶୋର ଚନ୍ଦ୍ର ବରାଳ, ସମ୍ପାଦକ ସମରେନ୍ଦ୍ର ନାଥ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ଜିଜ୍ଞାସା ମନୋଭାବ ରହିଲେ ସଫଳତା ମିଳିବ ବୋଲି ଅତିଥିମାନେ କହିବା ସହ ଗବେଷଣାତ୍ମକ ମନୋଭାବ ରଖି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ବିଜ୍ଞାନ ଶିକ୍ଷକ ଗୋରାଚାନ୍ଦ ରାୟ, ମନୋଜ ସାମନ୍ତରାୟ, ନୀଳକଣ୍ଠ ରଥ, ଦୀପ୍ତିରଞ୍ଜନ ରଣା, ଲକ୍ଷ୍ମୀପ୍ରିୟା ପ୍ରଧାନ, ପ୍ରକାଶ କୁମାର ସାହୁ, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ପ୍ରକଳ୍ପ ମୂଲ୍ୟାଙ୍କନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦୁଷ୍ମନ୍ତ ସୁବୁଦ୍ଧି, ଗୁରୁଜୀ ଦିଲ୍ଲୀପ କୁମାର ରାଉତରାୟ, ସସ୍ମିତା ସାମନ୍ତସିଂହାର, ରାଜଲକ୍ଷ୍ମୀ ମିଶ୍ର, ଅନୁପମା ପଣ୍ଡା ଏବଂ ଶାନ୍ତିଲତା ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ଲଗାଣବର୍ଷାରେ ଭାଙ୍ଗିଲା ଘର, ଜରିପାଲ ତଳେ ପରିବାର

**ବୋଲଗଡ,୧୦।୮(ଡି.ଏନ୍.ଏ.)**



ଲଗାଣବର୍ଷାରେ ଭାଙ୍ଗିଯାଇଥିବା ନାରାୟଣଙ୍କ ଘର।

ଖୋର୍ଦ୍ଧା ଜିଲା ବୋଲଗଡ ତହସିଲ ମାଣିକାଗୋଡା ରାଜସ୍ୱ ମଣ୍ଡଳ ଅଧୀନ ମଣ୍ଡଳସିଂହ ଗ୍ରାମରେ ଲଘୁଚାପଜନିତ ଲଗାଣ ବର୍ଷା କାରଣରୁ ଗୋଟିଏ ଚାଳଘରର ମାଟିକାନ୍ଥ ବତୁରିଯାଇ ଭୁଶୁଡି ପଡିଛି। ଫଳରେ ନାରାୟଣ ପରିଡା(୪୦)ଙ୍କ ପରିବାରର ୨ ଶିଶୁଙ୍କ ସମେତ ୫ଜଣ ସଦସ୍ୟ ଜରିପାଲ ତଳେ ଆଶ୍ରୟ ନେଇଛନ୍ତି।

ବୋଲଗଡ ବ୍ଲକ ଫାସିଓଦା ପଞ୍ଚାୟତ ମଣ୍ଡଳସିଂହ ଗ୍ରାମର ତଳସାହିରେ ନାରାୟଣ ନିଜ ମା ଓ ସ୍ତ୍ରୀ ସମେତ ୧୪ ବର୍ଷର ଝିଅ ଓ ୮ ବର୍ଷର ପୁଅ ସହିତ ଦୁଇବଖରା ମାଟିକାନ୍ଥ ଚାଳଘରେ ରହି ଆସୁଥିଲେ। ତେବେ ପ୍ରାୟ ଦେଢମାସ ତଳେ ଏପରି ଏକ ଲଗାଣବର୍ଷାରେ ଗୋଟିଏ ବଖରା କାନ୍ଥ ସହ ଭୁଶୁଡି ପଡିବାରୁ ଅନ୍ୟ ବଖରାରେ କଷ୍ଟେ ମଷ୍ଟେ ଚଳିଆସୁଥିଲେ। ହେଲେ ଏଇ କିଛିଦିନ ହେଲା ବର୍ଷା ଲାଗିରହିଥିବାରୁ ମଙ୍ଗଳବାର ରାତିରେ ସେ ଗୋଟିଏ ଘର ମଧ୍ୟ ଭୁଶୁଡି ପଡିଛି। ପ୍ରଥମ ବଖରା ଘର ଭାଙ୍ଗିବା ବେଳେ ନାରାୟଣ ବୋଲଗଡ ତହସିଲଦାରଙ୍କୁ ସାହାଯ୍ୟ ପାଇଁ ଆବେଦନ କରିଥିବା ବେଳେ କୌଣସି ସୁବିଧା ପାଇ ନ ଥିଲେ। ଏଥିନେଇ ମାଣିକାଗୋଡ ଆର୍‌ଆଇ ତଦନ୍ତ କରି ରିପୋର୍ଟ ଦେବାକୁ ବିଭାଗୀୟ ନିର୍ଦ୍ଦେଶ ଥିଲେ ମଧ୍ୟ ସେ ପହଞ୍ଚି ନ ଥିବା କହିବା ସହ ପଲିଥିନଟିଏ ମଧ୍ୟ ପାଇ ନ ଥିବାର କ୍ଷୋଭର ସହ କହିଛନ୍ତି ନାରାୟଣ। ଏବେ ଗତ ରାତିରେ କାନ୍ଥଟି ବାହାର ପଟକୁ ଭୁଶୁଡିଥିବାରୁ ଅଳ୍ପକେ ବର୍ତ୍ତିଯାଇଛି ପୂରା ପରିବାର। ସ୍ଥାନୀୟ ସରପଞ୍ଚଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲା ବେଳେ ସେଠାରେ କେବଳ ୱାର୍ଡମେମ୍ବର ଅଞ୍ଜନା ସ୍ୱାଇଁ ପହଞ୍ଚିଛନ୍ତି। ଗରିବ ସୀମାରେଖା ତଳେ ଥିବା ନାରାୟଣ ଆବାସ ଯୋଜନାରେ ଘରେଖଣ୍ଡେ ପାଇଁ ୫ ବର୍ଷତଳୁ ଆବେଦନ କରି ମଧ୍ୟ ନିରାଶ ହୋଇଛନ୍ତି। ତେବେ ଏହି ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ୱାର୍ଡସଭ୍ୟା ଅଞ୍ଜନାଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୧ ଅଗଷ୍ଟ, ୨୦୨୨

**ଚାରା ଲଗାଇ ଜନ୍ମଦିନ ପାଳିଲେ ଛାତ୍ର**

**କଣାସ, (ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ସିରେଇ ପଞ୍ଚାୟତ ତିପୁରୀ ଗ୍ରାମର ତରୁଣସେନ ସ୍ୱାଇଁ ଓ ଶୁଚିସ୍ମିତା ରାଉତରାୟଙ୍କ ପୁତ୍ର ତିଳକ୍ ନିଜର ୭ତମ ଜନ୍ମଦିନ ନିଆରା ଢଙ୍ଗରେ ପାଳିଛନ୍ତି। ସେ ଚାରା ଲଗାଇ ଜୀବଜଗତର ସନ୍ତୁଳନ ରକ୍ଷା ନିମନ୍ତେ ବାର୍ତ୍ତା ପ୍ରଦାନ କରିଛନ୍ତି। ଚାନ୍ଦପଡା-ବଳାଜିତପୁରରେ ଥିବା ହରିହର ନୋଡାଲ ଉ.ପ୍ରା ବିଦ୍ୟାଳୟ, ଶାଶ୍ୱତ ବିଦ୍ୟା ନିକେତନ ଓ କଲ୍ୟାଣପୁର ବଜାର ନିକଟ ନିଜ ବାସଭବନ ନିକଟରେ ନଡିଆ, ଆମ୍ବ, ଲେମ୍ବୁ, ଗୁଆ, କଦଳୀ ଗଛର ଚାରା ଲଗାଇଥିଲେ। ଏଥିସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବାବା ବାଲୁଙ୍କେଶ୍ୱର ଦେବ ସଭ୍ୟଙ୍କୁ ଚାରା ବଣ୍ଟନ କରିଥିଲେ। ବକୁ ସମିତିସଭ୍ୟ ଲକ୍ଷ୍ମୀଧର ଜଗଦେବ, ସାମାଜିକ କର୍ମୀ ଗୁଣନିଧି ପାତ୍ର, ନିମାଇଁ ଚରଣ ହରିଚନ୍ଦନ, ତୁଷାର ଚମ୍ପତି, ସୁକାନ୍ତ କିଶୋର ସାମନ୍ତରାୟ, ବିଷ୍ଣୁଜୟ ମଡଗଜିଙ୍କ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।





**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୦।୮।୨୦୨୨

| | |
|---|---|
| ୨,୪୮,୧୭୦ଟଙ୍କା | |
| ସୁନା | ୨୨୦ ମିଲିଗ୍ରାମ |
| ରୁପା | ଗ୍ରାମ |

# ସାଇବର ଥାନାର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ




**ନାହାନ୍ତି ତଦନ୍ତକାରୀ ଅଧିକାରୀ**

- ୧୬ରୁ ୧୩ ମାମଲାର ତଦନ୍ତ ଆଗଉନି
- ଅଭିଯୋଗ ସତ୍ତ୍ୱେ ମାମଲା ରୁଜୁ ହେଉନି

**ପୁରୀ ଅଫିସ,୧୦।୮**

ପ୍ରଯୁକ୍ତିବିଦ୍ୟା ସହ ତାଳଦେଇ ନୂଆ ନୂଆ ତରିକାରେ ଆପରାଧିକ କାର୍ଯ୍ୟକଳାପ ହେଉଛି। ସାମାଜିକ ଗଣମାଧ୍ୟମରେ ବିଭିନ୍ନ ଲିଙ୍କ୍ ଓ କଲ୍ ଜରିଆରେ ସାଇବର ଠକମାନେ ଲୋକଙ୍କୁ ଲୁଟୁଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ସରକାର ସବୁ ଜିଲାରେ ସାଇବର ଥାନା ଖୋଲିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି କ୍ରମରେ ପୁରୀ ସହରରେ ୨୦୨୧ ଡିସେମ୍ବରରୁ ସାଇବର ଥାନା ଖୋଲିଥିଲେ ବି ଏହାର କାର୍ଯ୍ୟ ଧିମା। ଠକାମିର ଶିକାର ବ୍ୟକ୍ତି ଥାନାରେ ଅଭିଯୋଗପତ୍ର ଦେବା ସତ୍ତ୍ୱେ ତାହା ସେମିତି ପଡ଼ିରହୁଛି। ଏପରି କି ଅନେକ କ୍ଷେତ୍ରରେ ଥସୂଚନା ଅନୁଯାୟୀ, ଗତ ଏପ୍ରିଲରେ ନିବେଦିତା ସାହୁ ଏକ ଅଣସୁରକ୍ଷିତ ଲିଙ୍କ୍‌ରେ କ୍ଲିକ୍ କରି ୩୫ ହଜାର ଟଙ୍କା ଠକେଇର ଶିକାର ହୋଇଥିଲେ। ଏ ନେଇ ସେ ପୁରୀ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ତାଙ୍କୁ କୌଣସି ଅପଡେଟ୍ ବର୍ତ୍ତମାନ ସୁଦ୍ଧା ମିଳି ନ ଥିବାବେଳେ ସେ ଟଙ୍କା ପାଇବା ଆଶା ଛାଡ଼ି ଦେଇଥିବା କହିଛନ୍ତି। ଠକେଇ ହେବାର ଏକ ଘଣ୍ଟା ମଧ୍ୟରେ ଅଭିଯୋଗ କଲେ ଟଙ୍କା ମିଳିବାର ସମ୍ଭାବନା ଅଧିକ ବୋଲି କୁହାଯାଉଥିବାରୁ ସେ ଆଶା ଛାଡ଼ିଦେଇଥିବା ପ୍ରକାଶ କରିଛନ୍ତି। ସେହିଭଳି ନିକଟ ଅତୀତରେ ଚନ୍ଦନପୁରର ଜଣେ ଯୁବକଙ୍କଠାରୁ ଅନଲାଇନ୍‌ରେ ଟିକା ପଞ୍ଜୀକରଣ ନାମରେ ଅର୍ଥ ଠକି ନିଆଯାଇଥିଲା। ସେ ଅଭିଯୋଗ କରିଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ। ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ସାଇବର ଥାନା ରହିଛି। ଗତ ଡିସେମ୍ବରରୁ ଅଦ୍ୟାବଧି ମାତ୍ର ୧୬ଟି ମାମଲା ଦାଏର ହୋଇଛି। ତନ୍ମଧ୍ୟରୁ ୩ଟିରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତେବେ ସାଇବର ଥାନାରେ ସ୍ୱତନ୍ତ୍ର ଭାବେ ତଦନ୍ତ ଅଧିକାରୀ ନାହାନ୍ତି।

ଏନେଇ ଅତିରିକ୍ତ ଦାୟିତ୍ୱରେ ଥିବା ସାଇବର ଥାନା ଅଧିକାରୀ ନୀଳିମା ପଟ୍ଟନାୟକ କହିଛନ୍ତି, ଯେଉଁ ଥାନା ଅନ୍ତର୍ଗତ ସାଇବର ଠକେଇ ମାମଲା ଦାଏର ହେଉଛି, ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ତଦନ୍ତ ଅଧିକାରୀ ଭାବେ କାର୍ଯ୍ୟ କରିବାକୁ କୁହାଯାଉଛି। ସେହିପରି ସାଇବର ଏକ୍ସପର୍ଟ ପ୍ରଶାନ୍ତ ସାହୁଙ୍କ ମତରେ, ସାଇବର ଥାନାରେ ନିଯୁକ୍ତ ହେଉଥିବା ଅଧିକାରୀମାନେ ସ୍ୱତନ୍ତ୍ର ତାଲିମ ନେବାର ଆବଶ୍ୟକତା ରହିଛି। ଗତାନୁଗତିକ ଧାରାରେ ଚାଲି ଆସିଥିବା ଥାନା ଅଧିକାରୀମାନେ ତଦନ୍ତ ଦାୟିତ୍ୱ ନେଲେ ଅପରାଧୀଙ୍କୁ ଧରିବା ସମ୍ଭବପର ନୁହେଁ। ସାଇବର ସେଲ୍ ପାଖରେ ବ୍ୟାଙ୍କ ଅପରେଟରମାନଙ୍କ ନମ୍ବର ରହିଛି। ସେହି ମାଧ୍ୟମରେ ସେମାନେ ଠକେଇ ହୋଇଥିବା ଅର୍ଥ କେଉଁ ଆକାଉଣ୍ଟକୁ ଯାଇଛି ତାହା ଜାଣିପାରିବେ। ଜାଣିବା ପରେ ତଦନ୍ତକାରୀ ଟିମ୍‌ର କାର୍ଯ୍ୟ ପ୍ରମୁଖ ହୋଇପଡ଼େ। ଦକ୍ଷ ସାଇବର ସେଲ ଓ ତଦନ୍ତକାରୀ ଟିମ୍ ମିଳିବା ଅତ୍ୟନ୍ତ କଷ୍ଟକର। ସାଇବର ସେଲ୍ ପାଖରେ ଦକ୍ଷ ମାନବ ସମ୍ବଳ ଅଭାବ କାରଣରୁ ସାଇବର ଠକ ଦିନକୁ ଦିନ ଅଧିକ ସକ୍ରିୟ ହେବାରେ ଲାଗିଛନ୍ତି। କ୍ରାଇମବ୍ରାଞ୍ଚ ସାଇବର ସେଲ୍‌କୁ ଛାଡ଼ି ଜିଲାସ୍ତରୀୟ ସାଇବର ସେଲ୍‌ରେ ଦକ୍ଷ କର୍ମଚାରୀ ନାହାନ୍ତି ବୋଲି ସାହୁ କହିଛନ୍ତି। ସାଇବର ଠକେଇ ରୋକିବା ପାଇଁ ପୁରୀ ପୋଲିସ ତରଫରୁ ସଚେତନତା କାର୍ଯ୍ୟକ୍ରମ କରାଯିବାର ଆବଶ୍ୟକତା ରହିଛି। ଲିଙ୍କ୍ ବିଶ୍ୱସନୀୟତା କିଭଳି ଚିହ୍ନଟ କରାଯିବ, ଲିଙ୍କ୍ ଉପରେ କ୍ଲିକ୍ କରିବା ପୂର୍ବରୁ କିଭଳି ସେହି ସମ୍ପର୍କିତ ଜ୍ଞାନ ପାଇବେ, ଓଟିପିର ଗୁରୁତ୍ୱ କ'ଣ ଓ କେଉଁ କେଉଁ ଉପାୟରେ ଠକେଇ ହେଉଛି ସେନେଇ ସଚେତନତା କାର୍ଯ୍ୟକ୍ରମ କରାଯିବା ଦରକାର ବୋଲି ଆଇଟି ଏକ୍ସପର୍ଟ ସୁନୀଲ କୁମାର ସାହୁ ମତ ଦେଇଛନ୍ତି। ଏ ନେଇ ପୁରୀ ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା କହିଛନ୍ତି, ଥାନା ଅଧିକାରୀ ଭାବେ ଜଣେ ଅତିରିକ୍ତ ଦାୟିତ୍ୱରେ ରହିଥିବା ବେଳେ ଦୁଇଜଣ ସବ୍‌ଇନ୍ସପେକ୍ଟର ଓ କର୍ମଚାରୀ ସାଇବର ଥାନା ଦାୟିତ୍ୱରେ ରହିଛନ୍ତି। ସାଇବର ସୁରକ୍ଷା ଦିଗରେ ପୋଲିସ ଦୃଷ୍ଟି ଦେଉଛି।

## କ୍ଷତିପୂରଣ ନ ମିଳିଲେ ୧୫ରେ ଆତ୍ମାହୁତି

**ପୁରୀ ଅଫିସ, ୧୦।୮**

ଦୁର୍ଘଟଣାଜନିତ ମୃତ୍ୟୁର କ୍ଷତିପୂରଣ ଦାବିରେ ଜଣେ ମହିଳା ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାକ୍ଷୀଗୋପାଳ ହାଟସାହିର ସଂଯୁକ୍ତା ମହାନ୍ତି ଅଭିଯୋଗ କରିଛନ୍ତି, ତାଙ୍କ ସ୍ୱାମୀ ପର୍ଶୁରାମ ମହାନ୍ତି ଜିଲା ମୁଖ୍ୟ ଚିକିତ୍ସାଳୟର ଆମ୍ବୁଲାନ୍ସ ଧକ୍କାରେ ୨୦୦୪ରେ ପ୍ରାଣ ହରାଇଥିଲେ। ସେ ଅବକାରୀ ବିଭାଗର କର୍ମଚାରୀ ହୋଇଥିଲେ ବି ତାଙ୍କ ମୃତ୍ୟୁ ପରେ ପରିବାରର କାହାକୁ ନିଯୁକ୍ତି ଦିଆଗଲା ନାହିଁ। ଦୁର୍ଘଟଣାଜନିତ କ୍ଷତିପୂରଣ ରାଶି ୯ଲକ୍ଷ ୬୭ ହଜାର ଏବଂ ଏହାର ୭% ସୁଧ ସହିତ ସମ୍ପୂର୍ଣ୍ଣ ଅର୍ଥ ପରିବାରଲୋକଙ୍କୁ ଦେବାକୁ କୋର୍ଟ ୨୦୧୨ରେ ପୁରୀ ଲଜିଂ ହାଉସ ଫଣ୍ଡର ସଭାପତି ଏବଂ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତାହା କାର୍ଯ୍ୟକାରୀ ହେଉନାହିଁ। ଏନେଇ ଜିଲାପାଳ, ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଜଣାଇ ନିରାଶ ହେବାକୁ ପଡ଼ିଛି। ତୁରନ୍ତ କ୍ଷତିପୂରଣ ନ ମିଳିଲେ ୧୫ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସପରିବାର ଆତ୍ମାହୁତି ଦେବେ ବୋଲି ସଂଯୁକ୍ତା କହିଛନ୍ତି।

## ସଂକ୍ଷେପରେ

### ଜିଲାରେ ୪୪ ଡେଙ୍ଗୁ ସଂକ୍ରମିତ

**ସଚେତନତା ସୃଷ୍ଟି, ମଶା ଲାର୍ଭା ନଷ୍ଟ ପାଇଁ ପରାମର୍ଶ**

**ପୁରୀ ଅଫିସ,୧୦।୮:** ପୁରୀ ଜିଲା ସ୍ୱାସ୍ଥ୍ୟ ସମିତି ଏବଂ ଜାତୀୟ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ନିରାକରଣ ଲାଗି ବୁଧବାର ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସମର୍ଥ ବର୍ମା ଅଧକ୍ଷତା କରିଥିଲେ। ଡେଙ୍ଗୁ ନିରାକରଣ ଉପରେ ଗୁରୁତ୍ୱ ଦେଇ ମଶାତେଲ ସିଞ୍ଚନ ଓ ଟିଫା ମେଶିନ୍‌ରେ ଧୂଆଁ ଛାଡ଼ିବାକୁ ପୁରୀ ପୌରସଂସ୍ଥା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଉପଜିଲାପାଳ ଭବତାରଣ ସାହୁ ସଚେତନତା ସୃଷ୍ଟି ସହ ଘରକୁ ଘର ବୁଲି ଡେଙ୍ଗୁ ମଶା ଲାର୍ଭା ଦେଉଥିବା ସ୍ଥାନଗୁଡ଼ିକୁ ନଷ୍ଟ କରିବା ଲାଗି କହିଥିଲେ। ଡେଙ୍ଗୁ ନିରାକରଣ ପାଇଁ ନିଆଯାଇଥିବା କାର୍ଯ୍ୟପନ୍ଥା ସମ୍ପର୍କରେ ଜିଲା ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ ଅଧିକାରୀ ଡା. ନିମାଇ ଚରଣ ଜେନା ସୂଚନା ଦେଇଥିଲେ। ଚଳିତବର୍ଷ ଏପର୍ଯ୍ୟନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୬୭୩ ନମୁନା ପରୀକ୍ଷା କରାଯାଇଥିବାବେଳେ ୪୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜିଲା ବାହାରର ୨୫ ଜଣ ଥିବାବେଳେ ୧୯ ଜଣ ଜିଲା ବାସିନ୍ଦା ରହିଛନ୍ତି। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର, ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ପ୍ରସନ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### କ୍ରାନ୍ତି ଦିବସ, ସ୍ୱାଧୀନତା ଦିବସ ସଂକ୍ରାନ୍ତ ଆଲୋଚନାଚକ୍ର

**ପୁରୀ ଅଫିସ, ୧୦।୮:** କ୍ରାନ୍ତି ଦିବସ ଓ ସ୍ୱାଧୀନତାର ହୀରକ ଜୟନ୍ତୀ ଅବସରରେ କ୍ରାନ୍ତି ଶ୍ରଦ୍ଧାଞ୍ଜଳି କମିଟି ଆନୁକୂଲ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସଭାପତି ଗିରିଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ପୁଷ୍କର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ପ୍ରଫୁଲ୍ଲ ମହାପାତ୍ର, ଜିଲା କଂଗ୍ରେସ କମିଟି ଉପସଭାପତି ବୀରେନ୍ଦ୍ର ହୋତା, ସିପିଏମର ଜିଲା ସମ୍ପାଦକ ଜଗନ୍ନାଥ ଦେଓ, ଜିଲା ମହିଳା କଂଗ୍ରେସର ସାଧାରଣ ସମ୍ପାଦକ ବିଦ୍ୟୁଲତା ଆଚାର୍ଯ୍ୟ, ଖବରଦାତା ଅଶୋକ ଆଢ୍ୟ, ବନମାଳୀ ସାହୁ ଏବଂ ଗୋପବନ୍ଧୁ ମିଶ୍ର ଉପସ୍ଥିତ ଥିଲେ। କ୍ରାନ୍ତି ଦିବସ ଓ ସ୍ୱାଧୀନତା ଦିବସ ସମ୍ପର୍କିତ ଆଲୋଚନାରେ ଯଦୁମଣି ସାହୁ, ଏନ୍.କେ.ପଟ୍ଟନାୟକ, ଦୁର୍ଗା ଶ୍ରୀଚନ୍ଦନ, ଶଙ୍କର୍ଷଣ ଦାସ ଭାଗ ନେଇଥିଲେ। ସମ୍ପାଦକ ବିମଳ ପାତ୍ର ଧନ୍ୟବାଦ ଦେଇଥିଲେ।

### ନାଟକରେ ଝିଅଙ୍କ ସୁରକ୍ଷା ନେଇ ସଚେତନତା ବାର୍ତ୍ତା

**ପୁରୀ ଅଫିସ, ୧୦।୮:** ସଂସ୍କୃତ ସପ୍ତାହ ଅବସରରେ ସଂସ୍କୃତ ଭାରତୀର ପୁରୀ ଶାଖା ପକ୍ଷରୁ ଏକ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଯାଇଛି। ବେଳାଭୂମି ଓ ଶ୍ରୀମନ୍ଦିର ସମ୍ମୁଖରେ ଏହି ସଂସ୍କୃତ ନାଟକ 'ପୁତ୍ରୀଂ ରକ୍ଷେତ୍ ପୁତ୍ରୀଂ ପାଠୟେତ୍' ପରିବେଷଣ କରାଯାଇଥିଲା। ଏହା ମାଧ୍ୟମରେ ଝିଅଙ୍କ ପାଳନ ଓ ସୁରକ୍ଷା ନେଇ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏଥିସହ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସଂସ୍କୃତ ପ୍ରଶ୍ନମଞ୍ଚ ଆୟୋଜିତ ହୋଇଥିଲା। ଏଥିରେ ପ୍ରତିଟି ପ୍ରଶ୍ନ ପାଇଁ ପୁରସ୍କାର ବ୍ୟବସ୍ଥା କରାଯାଇଥିଲା। ନାଟକରେ ଇନ୍ଦିରା, ସରିତା, ଶୁଭଲକ୍ଷ୍ମୀ, ମାନସୀ, ସ୍ମୃତିରେଖା, ପଲ୍ଲବୀ, ସୀମା, ରୁପେଶ, ଅଭିଜିତ, ସୂର୍ଯ୍ୟକାନ୍ତ, ମାନସ, ସତ୍ୟଜିତ, ଗୌରାଙ୍ଗ, ବିଦ୍ୟୁତପ୍ରଭା ଏବଂ ଋଷିକେଶ ପ୍ରମୁଖ ଅଭିନୟ କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତ ଭାରତୀର ଜିଲା ସଂଯୋଜକ ସୁଶାନ୍ତ ରାୟ, ପ୍ରାନ୍ତ ସାପ୍ତାହିକ ମେଳନ ପ୍ରମୁଖ ରମାକାନ୍ତ ସା, ପ୍ରାନ୍ତ ପ୍ରଚାର ପ୍ରମୁଖ ଅକ୍ଷୟ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋକ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଷ୍ଟୋନ୍, ଫ୍ୟାନ୍ସି, କାର୍ଟୁନ୍ ରାଖୀର ଚାହିଦା ଅଧିକ



ପୁରୀ ସହରରେ ଏକ ଦୋକାନରେ ଦୁଇଜଣ ଯୁବତୀ ରାଖୀ ଦେଖୁଛନ୍ତି।

**ପୁରୀ ଅଫିସ, ୧୦।୮**

ଭଉଣୀ ଭାଇ ପବିତ୍ର ସମ୍ପର୍କର ପର୍ବ ହେଉଛି ରକ୍ଷାବନ୍ଧନ। ରାଖୀ ପୂର୍ଣ୍ଣିମାରେ ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ତା'ର ଶୁଭ ମନାସି ଥାଏ। ପ୍ରତିବଦଳରେ ଭାଇ ତା'ର ଭଉଣୀକୁ ସୁରକ୍ଷା ଦେବାର ସଂକଳ୍ପ ନେଇଥାଏ। ରକ୍ଷା ବନ୍ଧବ ପର୍ବ ପାଇଁ ପୁରୀ ସହର ଉତ୍ସବମୁଖର ହୋଇପଡ଼ିଛି। ସହରର ବିଭିନ୍ନ ସ୍ଥାନରେ ରାଖୀ ଦୋକାନ ଖୋଲିଛି। ବିଭିନ୍ନ ଡିଜାଇନ୍‌ର ଆକର୍ଷଣୀୟ ରାଖୀ ମିଳୁଛି। ଜଗନ୍ନାଥ, ଲାଇଟ, ମୋଟୁପତ୍‌ଲୁ, ଡୋରେମନ, ଛୋଟା ଭୀମ୍, ଟେଡି, ତୁଳା ଓ କାର୍ଟୁନ ରାଖୀ ବିକ୍ରି ହେଉଛି। ସେହିପରି ଫ୍ୟାନ୍ସି, ମେଟାଲ ଓ ଷ୍ଟୋନ ରାଖୀ ବିକ୍ରି ହେଉଛି। ରାଖୀ ଦାମ୍ ୫ଟଙ୍କାରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ବୁଧବାର ରାଖୀ ଦୋକାନଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଦୋକାନୀ ଅଭିନାଶ ମହାନ୍ତି କହିଛନ୍ତି, ଷ୍ଟୋନ, କାର୍ଟୁନ ଓ ଫ୍ୟାନ୍ସି ରାଖୀର ଚାହିଦା ଅଧିକ ରହିଛି। ସେହିପରି କୋଲାକାତା ରାଖୀ ଅପେକ୍ଷା ଗୁଜରାଟ ରାଖୀକୁ ଗ୍ରାହକ ପସନ୍ଦ କରୁଛନ୍ତି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଭଲ ବ୍ୟବସାୟ ହେଉଥିବା ସେ ପ୍ରକାଶ କରିଛନ୍ତି।

## ବିଜେଡି ପକ୍ଷରୁ ନୂତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**ଅସ୍ତରଙ୍ଗ,୧୦।୮ (ଡି.ଏନ୍.ଏ.)**

ଅସ୍ତରଙ୍ଗ ଥାନା ଅଧିକାରୀ ପଞ୍ଚାନନ ପରିଡ଼ାଙ୍କୁ ଅସ୍ତରଙ୍ଗ ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧନା ଦିଆଯାଇଛି। ବିଜେଡିର ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକଙ୍କ ନେତୃତ୍ୱରେ ବ୍ଲକ ବିଜେଡି ସଭାପତି କେଦାରନାଥ ବିଶ୍ୱାଳ, ବିଜୁ ଛାତ୍ର ଜନତା ସଭାପତି ପ୍ରଶାନ୍ତ ନାୟକ, ଛାତ୍ର ଜନତାର ସାମାଜିକ ଗଣମାଧ୍ୟମ ପ୍ରତିନିଧି ରୁଦ୍ର ପ୍ରସାଦ ଲେଙ୍କା, ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବରିଷ୍ଠ ବିଜେଡି ନେତା କୁଞ୍ଜ ବିହାରୀ ପ୍ରଧାନ, ସରପଞ୍ଚ ଶ୍ରୀୟା ବରାଳ, ସମିତିସଭ୍ୟ ବିଦ୍ୟାଧର ବିଶ୍ୱାଳଙ୍କ ସମେତ ବହୁ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ବ୍ଲକରେ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ଓ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ପ୍ରତି ଦୃଷ୍ଟି ଦେବାକୁ ପ୍ରତିନିଧି ଦଳ ପରାମର୍ଶ ଦେଇଥିଲେ। ଏଥିସହ କୌଣସି ସମୟରେ ଆଇନ ବିଶୃଙ୍ଖଳା ପରିସ୍ଥିତି ପ୍ରତି ମଧ୍ୟ ଦୃଷ୍ଟିଦେବାକୁ କହିଥିଲେ। ଆପଣଙ୍କ ପୂର୍ଣ୍ଣ ସହଯୋଗ ରହିଲେ ଆଇନ ସବୁବେଳେ ଆଇନ ବାଟରେ ଯିବ। ଅସ୍ତରଙ୍ଗ ଥାନା ଅଞ୍ଚଳରେ ସବୁବେଳେ ଶାନ୍ତି ବଜାୟ ରଖିବାକୁ ଚେଷ୍ଟା ଜାରି ରହିବ ବୋଲି ଥାନା ଅଧିକାରୀ ପରିଡ଼ା କହିଛନ୍ତି।

## ନିମାପଡ଼ା ବ୍ଲକ : ୧୨ ପିଇଓ ପଦବୀ ଖାଲି

**ନିମାପଡ଼ା,୧୦।୮(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକରେ ମୋଟ ୩୨ଟି ଗ୍ରାମପଞ୍ଚାୟତ ରହିଛି। ଆୟତନ, ପରିସୀମା, ଜନସଂଖ୍ୟା, ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ନିମାପଡ଼ା ବ୍ଲକ ବେଶ ଜଣାଶୁଣା। ଏହି ବ୍ଲକର ୩୨ଟି ପଞ୍ଚାୟତରେ ୩୨ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କ ବଦଳରେ ବର୍ତ୍ତମାନ ମାତ୍ର ୨୦ ଜଣ ପିଇଓ ରହିଛନ୍ତି। ଦୀର୍ଘଦିନ ହେବ ଏହି ବ୍ଲକରେ ୧୨ଟି ପିଇଓ ପଦବୀ ଖାଲି ପଡିଛି। ହେଲେ ଏହି ପଦବୀଗୁଡିକ ପୂରଣ ଦିଗରେ ଜିଲା ପ୍ରଶାସନ ଆଦୌ ଦୃଷ୍ଟି ଦେଉ ନ ଥିବା ଅତ୍ୟନ୍ତ ଦୁଃଖ, ପରିତାପର ବିଷୟ ବୋଲି ବହୁ ସରପଞ୍ଚ ସମିତିସଭ୍ୟ ମତ ପ୍ରକାଶ କରିଛନ୍ତି। ଜଣେ ଜଣେ ପିଇଓ ଦୁଇ ଦୁଇଟି ପଞ୍ଚାୟତ ଦାୟିତ୍ୱରେ ରହିଥିବାରୁ ଉଭୟ ପଞ୍ଚାୟତର କାର୍ଯ୍ୟ ସୁଚାରୁ ରୂପେ କରିବାରେ ଘୋର ଅନ୍ତରାୟ ସୃଷ୍ଟି ହେଉଛି। ଅନ୍ୟ ପକ୍ଷରେ ବ୍ଲକରେ ଦୀର୍ଘଦିନ ଧରି ରହିଥିବା ୨୦ଜଣ ପିଇଓଙ୍କ ମଧ୍ୟରୁ ୧୬ଜଣ ପିଇଓଙ୍କ ଜିଲାର ବିଭିନ୍ନ ବ୍ଲକକୁ ବଦଳି ହୋଇଛି। ବଦଳି ହୋଇଥିବା ୧୬ଜଣ ପିଇଓଙ୍କ ସ୍ଥାନରେ ନୂତନ ଭାବେ ୧୬ଜଣ ଏହା ମଧ୍ୟରେ ନିମାପଡ଼ା ବ୍ଲକରେ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି। ସେମାନେ ହେଲେ ମାନିନି ପ୍ରଧାନ, ପାର୍ଥ ସାରଥି ସେଠୀ, ବନଲତା ଚିନେରା, ସୁରେନ୍ଦ୍ର ପ୍ରଧାନ, ହେମନ୍ତ ଜେନା, ଭଗବାନ ମହାପାତ୍ର, ଦେବେନ୍ଦ୍ର ସ୍ୱାଇଁ, ଅନାମଚରଣ ସାହୁ, ରାଜରାଜ ମୌଜି, ବିଜୟ ବିଶ୍ୱାଳ, ଜିତେନ୍ଦ୍ର ମୁଆ ମାଝି, ସୁଶାନ୍ତ ବେହେରା, ସୋମନାଥ ନାୟକ, କାଳନ୍ଦୀଚରଣ ନାୟକ, ସୁଦର୍ଶନ ଦଳେଇ, ସୁରଥ ପ୍ରଧାନ। ବ୍ଲକରେ ଖାଲି ପଡିଥିବା ପିଇଓ ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରାଯିବା ଦିଗରେ ପଦକ୍ଷେପ ନେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଜିଲା ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିବା ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନସୂୟା ମହାନ୍ତି ପ୍ରମୁଖ କହିଛନ୍ତି।

# ପୂର୍ବ ଶତ୍ରୁତାରୁ କାର୍ ଜାଳିଦେଲେ

- ସିସିଟିଭି ଫୁଟେଜରେ ଦୃଶ୍ୟ କଏଦ
- ଅଭିଯୋଗ ପରେ ପୋଲିସର ତଦନ୍ତ

**ପୁରୀ ଅଫିସ, ୧୦।୮**

ପୁରୀ ସଦର ଥାନା ଅଧୀନ ମୁକୁନ୍ଦ ମିଶ୍ର ନଗରରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏକ କାର୍ ପୋଡ଼ି ଦେଇଛନ୍ତି। ବୁଧବାର ଏ ସମ୍ପର୍କରେ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ୨ଜଣ ବ୍ୟକ୍ତି କାର୍‌ରେ ନିଆଁ ଲଗାଉଥିବା ସ୍ଥାନୀୟ ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି।

ମୁକୁନ୍ଦ ମିଶ୍ର ନିବାସୀ ସୁଶିଲ ଖୁଣ୍ଟିଆଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ବିଜୟ ନିଜଘର ଆଗରେ ଏକ ଧଳା ରଙ୍ଗର ସ୍କୋଡ଼ା କାର୍ (ନଂ. ଓଆର୍ ୧୩ ଏଚ୍ ୦୦୦୯) ରଖିଥିଲେ। ବିଜୟ ବ୍ୟବସାୟ କାମରେ ଗତ ୮ତାରିଖରୁ କୋରାପୁଟ ଯାଇଛନ୍ତି। ଏହାର ସୁଯୋଗ ନେଇ ମଙ୍ଗଳବାର ଖଣ୍ଡିଆବନ୍ଧ ଅଞ୍ଚଳର ଦୁଇଜଣ ବ୍ୟକ୍ତି କାର୍‌କୁ ପୋଡ଼ିଦେଇଛନ୍ତି। ରାତି ପ୍ରାୟ ୨ଟା ୩୦ରେ ସମ୍ପୃକ୍ତ ବ୍ୟକ୍ତି ଦ୍ୱୟ କାର୍‌କୁ ଭଙ୍ଗାରୁଜା କରିବା ସହ ପେଟ୍ରୋଲ ଢାଳି ନିଆଁ ଲଗାଇ ଫେରାର ହୋଇଯାଉଥିବା ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ସେହିପରି ସେମାନେ ଧାରୁଆ ଅସ୍ତ୍ରରେ ଘରଗ୍ରୀଲକୁ ଚୋଟ ମାରିବା ସହ ଲାଇଟ ଭାଙ୍ଗିଦେଇଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୦ରେ ଖଣ୍ଡିଆବନ୍ଧ ଅଞ୍ଚଳର ଦୁଇଜଣ ବ୍ୟକ୍ତି ସୁଶିଲଙ୍କ ସାନନାତିଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଦ୍ୱୟ ଜେଲ୍‌ରେ ଅଛନ୍ତି। ତେବେ କେସ୍ ଉଠାଇ ନେବା ଓ ସାକ୍ଷୀଙ୍କୁ ଭୟଭୀତ କରିବା ପାଇଁ କିଛିମାସ ତଳେ ଅଭିଯୁକ୍ତମାନେ ମୁକୁନ୍ଦମିଶ୍ର ନଗରସ୍ଥିତ ଗୋଦାମ ଘର ଉପରେ ବୋମା ପକାଇଥିଲେ। ଅପରପକ୍ଷେ ଅଭିଯୁକ୍ତଙ୍କ ମା' ଗତ ମାସରେ ବୋମା ଫିଙ୍ଗିଥିଲେ, ଯାହାଫଳରେ ସୁଶିଲଙ୍କ ବଡ଼ନାତି ଆହତ ହୋଇଥିଲେ। ତେବେ ଦୁଇଦିନ ତଳେ ସମ୍ପୃକ୍ତ ମହିଳା ଜେଲରୁ ଆସିଥିବା ବେଳେ ସେ ସାକ୍ଷୀଙ୍କୁ ଭୟଭୀତ କରାଇବା ପାଇଁ ମଙ୍ଗଳବାର ରାତିରେ କାର ଭାଙ୍ଗି ନିଆଁ ଲଗାଇଥିବା ସୁଶିଲ ଅଭିଯୋଗ କରିଛନ୍ତି। ସୁଶୀଲଙ୍କ ପରିବାର ଲୋକେ ମଙ୍ଗଳବାର ରାତିରେ ସେ ଶୋଇଥିବା ବେଳେ ରାତି ପ୍ରାୟ ୨ଟା ୩୦ରେ ତାଙ୍କ ପଡ଼ୋଶୀ ଫୋନ କରି ତାଙ୍କ କାରରେ ନିଆଁ ଲାଗିଥିବା ଜଣାଇଥିଲେ। ପାଣି ଛାଟି ନିଆଁ ନ ଲିଭିବାରୁ ଅଗ୍ନିଶମ ବାହିନୀକୁ ଫୋନ କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ବୁଧବାର ସକାଳେ ସେମାନେ ସିସିଟିଭି ଯାଞ୍ଚ କରିବାରୁ ସବୁ କଥା ଜାଣିବାକୁ ପାଇଥିଲେ ବୋଲି ସୁଶିଲ ପ୍ରକାଶ କରିଛନ୍ତି।

## ବିଜ୍ଞାନ ପ୍ରତି ଗୁରୁତ୍ୱ ଦେବାକୁ ଆହ୍ୱାନ



ଜ୍ଞାନବିଜ୍ଞାନ ମେଳାରେ ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀ।

**ଗୋପ,୧୦।୮(ଡି.ଏନ୍.ଏ.)**

ଆମ ଦେଶ ବିଜ୍ଞାନକୁ ନେଇ ବିଶ୍ୱ ଦରବାରରେ ନା କରିଛି। ବିଜ୍ଞାନକୁ ନେଇ ବିଶ୍ୱ ଚିନ୍ତା କରୁଥିବାବେଳେ ଆମକୁ ମଧ୍ୟ ବିଜ୍ଞାନକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଗୋପ ବାଲି ପଡ଼ିଆସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମଙ୍ଗଳବାର ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳାରେ ମୁଖ୍ୟ ଅତିଥି ଭାବେ ଗୋପ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇ ଏହା କହିଛନ୍ତି। ବିଜ୍ଞାନମେଳାରେ ୧୨୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସୁବେଦାର ସତ୍ୟନାରାୟଣ ସେନାପତି, ସୁକାନ୍ତ ଶତ୍ରୁଶଲ୍ୟ, ନାରାୟଣ ସେନାପତି, ଦୀପକ ସେନାପତି ଯୋଗଦେଇ ବିଜ୍ଞାନ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେବାକୁ କହିଥିଲେ। ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ସ୍କୁଲ ପକ୍ଷରୁ ପୁରସ୍କୃତ କରାଯାଇ ସାର୍ଟିଫିକେଟ, ମାନପତ୍ର ପ୍ରଦାନ କରାଯାଇଥିଲା। ବିଜ୍ଞାନମେଳାକୁ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

# ୯ ଜଣଙ୍କଠାରୁ ୧ଲକ୍ଷ ୭ହଜାର ଟଙ୍କା ଜରିମାନା ଆଦାୟ

**ବେଆଇନ ବିଦ୍ୟୁତ୍ ବ୍ୟବହାର**

**କଣାସ,୧୦।୮(ସ୍ୱ.ପ୍ର)**

କଣାସ ବ୍ଲକର ବିଭିନ୍ନ ଗ୍ରାମରେ ବେଆଇନ ଭାବେ ବିଦ୍ୟୁତ୍ ବ୍ୟବହାରକୁ ନେଇ ବ୍ଲକର ୯ଜଣଙ୍କଠାରୁ ବୁଧବାର ୧ଲକ୍ଷ ୭ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସୂଚନା ମୁତାବକ, ଗ୍ରାମରେ ବିଦ୍ୟୁତ୍ ବ୍ୟବହାରକାରୀଙ୍କ ବାସଗୃହକୁ ତଦନ୍ତ ପାଇଁ କଣାସ, ପୁରୀ ଓ ଭୁବନେଶ୍ୱର ବିଦ୍ୟୁତ୍ କର୍ମଚାରୀ ଯାଇଥିଲେ। ତଦନ୍ତବେଳେ କେତେକ ଉପଭୋକ୍ତା ବେଆଇନ ଭାବେ ବିଦ୍ୟୁତ୍ ବ୍ୟବହାର କରୁଥିବାରୁ ସେମାନଙ୍କ ଉପରେ ଜରିମାନା ଧାର୍ଯ୍ୟ କରାଯାଇଥିଲା। ତେବେ ୬୦ରୁ ଊର୍ଦ୍ଧ୍ୱ ଜରିମାନା ଧାର୍ଯ୍ୟ କରାଯାଇଥିବା ଉପଭୋକ୍ତା ବୁଧବାର କଣାସ ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ୯ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୧ଲକ୍ଷ ୭ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। କଣାସ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଜେନା ଏହି ଜରିମାନା ଆଦାୟ କରିଥିଲେ।



ମୌସୁମୀ ପ୍ରଭାବରେ ବୁଧବାର ଅଶାନ୍ତ ହୋଇପଡ଼ିଥିବା ପୁରୀ ସମୁଦ୍ର।

# ୧୭୧ ଦୋକାନ ଉଚ୍ଛେଦ

**କୋଣାର୍କ ସୌନ୍ଦର୍ଯ୍ୟକରଣ ଯୋଜନା**

**କୋଣାର୍କ,୧୦।୮(ଡି.ଏନ୍.ଏ.)**



ପ୍ରଶାସନ ପକ୍ଷରୁ ଦୋକାନ ଘର ଭଙ୍ଗାଯାଉଛି।

କୋଣାର୍କ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କୋଣାର୍କ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ପରିସର ଓ ମଙ୍ଗଳା ମନ୍ଦିର ପାର୍ଶ୍ୱସ୍ଥ ସରକାରୀ ଜାଗାରେ ଥିବା ୧୭୧ଜଣ ବ୍ୟବସାୟୀଙ୍କ ଦୋକାନକୁ ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଖବର ଅନୁଯାୟୀ, ପୁରୀ ଜିଲା ପ୍ରଶାସନ ଓ କୋଣାର୍କ ଏନ୍‌ଏସି ମିଳିତ କ୍ରମେ ମଙ୍ଗଳା ମନ୍ଦିର ସମ୍ମୁଖ ଜାଗାରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସର ଓ ତତ୍ସଂଲଗ୍ନ ଅଞ୍ଚଳରେ ହସ୍ତଶିଳ୍ପ ଦୋକାନ କରିଥିବା ବ୍ୟବସାୟୀମାନଙ୍କୁ ଉଚ୍ଛେଦ ପରେ ଥଇଥାନ କରାଯାଇଥିଲା। ମାତ୍ର ଏହି ଥଇଥାନରେ କେତେଜଣ ବ୍ୟବସାୟୀ ବାଦ ପଡ଼ିବା ଯୋଗୁ ହସ୍ତଶିଳ୍ପ ବ୍ୟବସାୟୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଉଚ୍ଛେଦ ହୋଇଥିବା ବ୍ୟବସାୟୀମାନେ ପ୍ଲଟ ଆବଣ୍ଟନରେ ପାତରଅନ୍ତର ନୀତି କରିବା ପୁନର୍ବାର ବ୍ୟବସାୟ ଆରମ୍ଭ କରିଥିଲେ। କୋଣାର୍କ ସୂର୍ଯ୍ୟ ପାରିପାର୍ଶ୍ୱିକ ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ଏହି ଦୋକାନଗୁଡିକ ବାଧକ ସୃଷ୍ଟି ଯୋଗୁ ସୌନ୍ଦର୍ଯ୍ୟକରଣ କାମକୁ ତ୍ୱରାନ୍ୱିତ କରିବା ପାଇଁ ଗୋପ ତହସିଲ କାର୍ଯ୍ୟାଳୟ ଓ କୋଣାର୍କ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ମିଳିତ ଭାବେ ୧୭୧ଜଣ ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ଜାଗା ଖାଲି କରିବା ପାଇଁ ନୋଟିସ ଜାରି କରିଥିଲେ। ଏହି ନୋଟିସ ମୁତାବକ ବୁଧବାର ପୁରୀ ଜିଲା ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୀ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଗୋପ ତହସିଲଦାର ଏସ୍.କେ. ସାଗିର ଓ ନିମାପଡା ଡିଏସ୍‌ପି ଦେବାଶିଷ ମିଶ୍ରଙ୍କ ନେତୃତ୍ୱରେ ୩ଜଣ ଆଇଆଇସି ଓ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ଦୋକାନ ଉଚ୍ଛେଦ କରାଯାଇଥିଲା। ଏହି ଉଚ୍ଛେଦ ସମୟରେ ଜୀବିକା ପ୍ରଭାବିତ ହେଉଥିବା ବ୍ୟବସାୟୀମାନେ ପୋଲିସ ଗାଡିକୁ ଅଟକାଇ ଏହାର ବିରୋଧ ପ୍ରଦର୍ଶନ କରିଥିଲେ। ଏହି ଉଚ୍ଛେଦ କାର୍ଯ୍ୟରେ ଗୋପ ଅତିରିକ୍ତ ତହସିଲଦାର ଶରତ କୁମାର ପରିଡା, କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୧/୨୦୨୨ Bhubaneswar, Thursday, August 11/ 2022

# ମିଳିନ୍ଦ, ଦୀପେଶ ଓଡ଼ିଶା ଜଗରନଟ୍ସ ଅଧିନାୟକ

**ଭୁବନେଶ୍ୱର, ୧୦।୮ (କ୍ରୀଡ଼ା ପ୍ରତିନିଧି)**

ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ପ୍ରଥମ ସଂସ୍କରଣ ପାଇଁ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଜଗରନଟ୍ସର ୨ ଜଣ ଅଧିନାୟକଙ୍କ ନାମ ଘୋଷଣା କରାଯାଇଛି। ଏକଲବ୍ୟ ପୁରସ୍କାରପ୍ରାପ୍ତ ମିଳିନ୍ଦ ଦିଲୀପ ଚଭାରେକର ଓ ଦୀପେଶ ବିଜୟ ମୋରେ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ। ଦଳର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ମୁଖ୍ୟ କୋଚ୍ ଅଶ୍ୱିନୀ କୁମାର ଶର୍ମା ଓ ଟିମ୍ ମ୍ୟାନେଜର ଲିଲନ ପ୍ରସାଦ ସାହୁ ଏହି ଘୋଷଣା କରିଛନ୍ତି। ଘରୋଇ ମ୍ୟାଚ ଗୁଡ଼ିକରେ ଦୀପେଶ ବିଜୟ ଏବଂ ଅନ୍ୟ ମ୍ୟାଚରେ ମିଳିନ୍ଦ ଏହି ଗୁରୁଦାୟିତ୍ୱ ତୁଲାଇବେ। ମହାରାଷ୍ଟ୍ରର ପୁଣେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏହି ପ୍ରତିଯୋଗିତା ଚଳିତ ମାସ ୧୪ ତାରିଖରୁ ଆରମ୍ଭ ହେବ।

‘‘ଦୀପେଶ ଓ ମିଳିନ୍ଦ ଦଳର ସବୁଠାରୁ ସିନିୟର ଖେଳାଳି। ସେମାନଙ୍କ ନେତୃତ୍ୱରେ ଓଡ଼ିଶା ଜଗରନଟ୍ସ ପ୍ରଥମ ସଂସ୍କରଣରେ ପ୍ରଦର୍ଶନର ଛାପ ଛାଡ଼ିବ ବୋଲି ମୋର ଆଶା ରହିଛି। ଉଭୟ ଖେଳାଳିଙ୍କଠାରୁ ବହୁ ଅଭିଜ୍ଞତା ରହିଛି ଏବଂ ଦଳର ସମସ୍ତ ସଦସ୍ୟଙ୍କୁ ସେମାନେ ଭଲଭାବେ ଜାଣିଛନ୍ତି। ଦୁଇ ଅଧିନାୟକଙ୍କ ଅଧିନରେ ଆମେ ଅଲ୍‌ଟିମେଟ ଖୋ ଖୋ ଲିଗ୍ ଟ୍ରଫି ଜିତିବାନେଇ ଦୃଢ଼ ଆଶାବାଦୀ’’ ବୋଲି ମୁଖ୍ୟ କୋଚ୍ ଶର୍ମା ପ୍ରକାଶ କରିଛନ୍ତି। ଲିଗ୍‌ର ୫ଟି ଘରୋଇ ମ୍ୟାଚରେ ଦଳର ନେତୃତ୍ୱ ନେବାକୁ ଯାଉଥିବା ୨୭ ବର୍ଷୀୟ ଦୀପେଶ ତାଙ୍କ ଉପରେ ଗୁରୁଦାୟିତ୍ୱ ଦିଆ ଯାଇଥିବାରୁ ଖୁସି ଜାହିର କରିଛନ୍ତି। ‘‘ଦଳର ଅନ୍ୟତମ ଅଧିନାୟକ ଭାବେ ମୋତେ ମନୋନୀତ କରାଯାଇଥିବାରୁ ଏବଂ ମୋ ଉପରେ ଆସ୍ଥା ସ୍ଥାପନ କରାଯାଇଥିବାରୁ ଟିମ୍ ମ୍ୟାନେଜମେଣ୍ଟ ଏବଂ କୋଚ୍‌ଙ୍କୁ ଅନେକ ଧନ୍ୟବାଦ। ଯୁବ ଏବଂ ଅଭିଜ୍ଞ ଖେଳାଳିଙ୍କୁ ନେଇ ଆମ ଦଳ ବେଶ୍ ସମୃଦ୍ଧ। ଆମେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରି ଦଳକୁ ଆଗେଇ ନେବାକୁ ଚେଷ୍ଟା କରିବୁ’’ ବୋଲି ଦୀପେଶ କହିଛନ୍ତି। ମହାରାଷ୍ଟ୍ର ସାଙ୍ଗଲିର ମିଳିନ୍ଦ ଏପର୍ଯ୍ୟନ୍ତ ୯ଟି ଜାତୀୟ ଟୁର୍ନାମେଣ୍ଟ ଖେଳି ସାରିଛନ୍ତି। ସେଣ୍ଟ୍ରାଲ ରେଲୱେ ପକ୍ଷରୁ ସେ ଖେଳ ଜାରି ରଖିଛନ୍ତି। ୨୦୧୬ରେ ଗୁହାହାଟୀଠାରେ ଅନୁଷ୍ଠିତ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ‘‘ଦଳକୁ ଆଗେଇ ନେବାପାଇଁ ଆମ ଉପରେ ବଡ଼ ଦାୟିତ୍ୱ ଦିଆ ଯାଇଛି। ଆମ ଉପରେ ମ୍ୟାନେଜମେଣ୍ଟ ପକ୍ଷରୁ ଯେଉଁ ବିଶ୍ୱାସ ରଖା ଯାଇଛି ଆମେ ନିଶ୍ଚିତ ତା’ର ମୂଲ୍ୟ ଦେବାକୁ ଚେଷ୍ଟା କରିବୁ’’ ବୋଲି ମିଳିନ୍ଦ କହିଛନ୍ତି।

ଓଡ଼ିଶା ଜଗରନଟ୍ସର ସିଇଓ ରଞ୍ଜିତ କୁମାର ପରିଡ଼ା ଏବଂ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆର ସହ ନିର୍ଦ୍ଦେଶକ (ମାନବସମ୍ବଳ ଓ ପ୍ରଶାସନ) ସିନ୍‌ଗୋ ନାକାମୁରା ଉଭୟ ଅଧିନାୟକଙ୍କୁ ସ୍ୱାଗତ କରିବା ସହ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।



ମିଳିନ୍ଦ ଦିଲୀପ ଚଭାରେକର ଓ ଦୀପେଶ ବିଜୟ ମୋରେ।

## ଅଲ୍‌ଟିମେଟ ଖୋ ଖୋ ଲିଗ୍

ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସହ ମିଶି ଅମିତ ବର୍ମନ ଦେଶର ସର୍ବପ୍ରଥମ ଅଲ୍‌ଟିମେଟ ଖୋ ଖୋ ଲିଗ୍‌କୁ ପ୍ରମୋଟ କରୁଛନ୍ତି। ଲିଗ୍‌ର ପ୍ରଥମ ସଂସ୍କରଣ ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସର ବ୍ୟାଡ୍‌ମିଣ୍ଟନ ହଲ୍‌ରେ ଅନୁଷ୍ଠିତ ହେବ। ଅଗଷ୍ଟ ୧୪ରୁ ଏହା ଆରମ୍ଭ ହୋଇ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ସ୍ପୋର୍ଟ୍ସ ଡେଭଲପ୍‌ମେଣ୍ଟ ଆଣ୍ଡ ପ୍ରମୋଶନ କମ୍ପାନୀ (ଓଏସଡିପିସି) ମାଲିକାନାରେ ଓଡ଼ିଶା ଜଗରନଟ୍ସ ୫ମ ଫ୍ରାଞ୍ଚାଇଜ୍‌ଭାବେ ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଯାଉଛି। ଦଳରେ ମୋଟ ୨୫ ଖେଳାଳି ଥିବାବେଳେ ଏଥିରୁ ଓଡ଼ିଶାର ୬ ସାମିଲ ଅଛନ୍ତି। ଓଭରଅଲ୍ ଲିଗ୍‌ରେ ମୋଟ ୧୦ ଜଣ ଓଡ଼ିଆ ଖେଳାଳି ଆକ୍ସନରେ ଦେଖିବାକୁ ମିଳିବେ। ଓଡ଼ିଶା ଜଗରନଟ୍ସ ଏହାର ପ୍ରଥମ ମ୍ୟାଚ ୧୫ ତାରିଖରେ ଚେନ୍ନାଇ କ୍ୱିକ୍ ଗନ୍ସ ବିପକ୍ଷରେ ଖେଳିବ। ମ୍ୟାଚ ଗୁଡ଼ିକ ରାତି ୭ଟାରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

# ଟାଟା ଷ୍ଟିଲ ଚେସ୍‌ରେ ମହିଳା ଟୁର୍ନାମେଣ୍ଟ ସାମିଲ

**ଭୁବନେଶ୍ୱର, ୧୦।୮ (କ୍ରୀଡ଼ା ପ୍ରତିନିଧି)**

ଚଳିତ ବର୍ଷ ନଭେମ୍ବର ୨୯ରୁ ଡିସେମ୍ବର ୪ ପର୍ଯ୍ୟନ୍ତ କୋଲକାତାରେ ହେବାକୁଥିବା ଟାଟା ଷ୍ଟିଲ୍ ଚେସ୍‌ର ଚତୁର୍ଥ ସଂସ୍କରଣରେ ମହିଳା ଟୁର୍ନାମେଣ୍ଟକୁ ସାମିଲ କରାଯିବ। ଏପର୍ଯ୍ୟନ୍ତ ଓପନ ଟୁର୍ନାମେଣ୍ଟର ୩ଟି ସଂସ୍କରଣ ଅନୁଷ୍ଠିତ ହୋଇଛି। ଆଗାମୀ ଚତୁର୍ଥ ସଂସ୍କରଣରେ ଓପନ ବିଭାଗ ସହିତ ମହିଳା ଟୁର୍ନାମେଣ୍ଟ ଖେଳାଯିବ। ଏହା ସେହି ସମାନ ରାପିଡ ଏବଂ ବ୍ଲିଜ୍ ଫର୍ମାଟରେ ଆୟୋଜନ ହେବ। ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର, ଭାରତର ପୁରୁଷ ଓ ମହିଳା ଗ୍ରାଣ୍ଡମାଷ୍ଟର, ଯୁବ ଭାରତୀୟ ପ୍ରତିଭା ଏହି ପ୍ରତିଯୋଗିତାରେ ଦେଖିବାକୁ ମିଳିବେ। ବିଶ୍ୱନାଥନ୍ ଆନନ୍ଦ ଟୁର୍ନାମେଣ୍ଟର ଆମ୍ବାସାଡର ତଥା ପରାମର୍ଶଦାତା ରହିଛନ୍ତି। କ୍ରୀଡା ଇତିହାସରେ ପ୍ରଥମ ଥର ପାଇଁ ଉଭୟ ମହିଳା ଓ ପୁରୁଷ ବର୍ଗରେ ପୁରସ୍କାର ପରିମାଣ ସମାନ ରହିବ।

ଆଗାମୀ ପ୍ରତିଯୋଗିତାରେ ଭାଗ ନେବାକୁ ସମ୍ମତି ଜଣାଇ ସାରିଥିବା ମହିଳା ଗ୍ରାଣ୍ଡମାଷ୍ଟରଙ୍କ ମଧ୍ୟରେ ଅଛନ୍ତି ୟୁକ୍ରେନର ଆନ୍ନା ଏବଂ ମାରିୟା ମୁଜିଚୁକ୍, ଜର୍ଜିଆର ନାନା ଜାଗ୍‌ନିଜେ ଏବଂ ପୋଲାଣ୍ଡର ଆଲିନା କାଶଲିନସ୍କାୟା। ସେହିପରି ଭାରତୀୟ ଚେସ୍ ସୁପରଷ୍ଟାର କୋନେରୁ ହମ୍ପି, ଦ୍ରୋଣାବଲୀ ହାରିକା ଏବଂ ପ୍ରତିଭା ସମ୍ପନ୍ନ ଆର. ବୈଶାଳୀଙ୍କ ସମେତ ନିକଟରେ ଚେନ୍ନାଇରେ ସମାପ୍ତ ହୋଇଥିବା ଚେସ୍ ଅଲିମ୍ପିଆଡରେ ବ୍ରୋଞ୍ଜ ପଦକ ହାସଲକାରୀ ଦଳର ସମସ୍ତ ସଦସ୍ୟ ଭାଗନେବେ।

‘‘ସମ୍ପ୍ରତି ଚେସ୍‌ର ଗୁରୁତ୍ୱ ବଢ଼ିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଟାଟା ଷ୍ଟିଲ ଚେସ୍ ଇଣ୍ଡିଆ ଭଳି ଟୁର୍ନାମେଣ୍ଟ ଗୁଡ଼ିକରେ ଆମର ଯୁବ ଖେଳାଳିମାନେ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟରମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପରିପ୍ରେକ୍ଷୀରେ ନୂଆ ଚାମ୍ପିୟନ ସୃଷ୍ଟି ଦିଗରେ ସହାୟକ ହୋଇ ପାରୁଛି। ସମ୍ପ୍ରତି ଭାରତ ଚେସ୍‌ର ଗନ୍ତାଘର ଭାବରେ ବିବେଚିତ ହେଉଛି ଏବଂ ଆମ ଦେଶରେ ଉଭୟ ପୁରୁଷ ଏବଂ ମହିଳାମାନେ ଏହି କ୍ରୀଡାରେ ଉତ୍କର୍ଷ ଲାଭ କରୁଛନ୍ତି। ପୁରୁଷଙ୍କ ସହିତ ସମାନ ପରିମାଣର ପୁରସ୍କାର ରାଶି ସହିତ ମହିଳାଙ୍କ ଟୁର୍ନାମେଣ୍ଟ ପ୍ରଚଳନ ସ୍ୱାଗତଯୋଗ୍ୟ ପଦକ୍ଷେପ। ଚେସ୍ ଏକ ସମତାର କ୍ରୀଡା ହୋଇ ରହିଛି ଏବଂ ରହିବା ଉଚିତ’’ ବୋଲି ଆନନ୍ଦ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଟାଟା ଷ୍ଟିଲ୍ ଉପସଭାପତି (କର୍ପୋରେଟ ସର୍ଭିସେସ) ଚାଣକ୍ୟ ଚୌଧାରୀ କହିଛନ୍ତି ଯେ, ଚଳିତ ବର୍ଷ ସଂସ୍କରଣରେ ମହିଳା ଟୁର୍ନାମେଣ୍ଟ ସାମିଲ ହୋଇଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଫିଡେ ପକ୍ଷରୁ ‘ଚେସ୍‌ରେ ମହିଳାଙ୍କର ବର୍ଷ’ ପାଳନ କରାଯାଉଛି। ତେଣୁ ଆଗାମୀ ଟୁର୍ନାମେଣ୍ଟରେ ମହିଳାଙ୍କ ପ୍ରତିଯୋଗିତା ସାମିଲଠାରୁ ଆଉ ଭଲ କ’ଣ ହୋଇପାରେ। ଏହି ଟୁର୍ନାମେଣ୍ଟ ଯୁବ ଭାରତୀୟ ପ୍ରତିଭାଙ୍କୁ ଶ୍ରେଷ୍ଠ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟରମାନଙ୍କ ବିପକ୍ଷରେ ଖେଳିବାକୁ ସୁଯୋଗ ଦେବ। ଆମକୁ ମିଳିଥିବା ଅନୁଭୂତିକୁ ନେଇ ଆମେ ବିଶ୍ୱ ଶ୍ରେଣୀର ଚେସ୍ ପ୍ରତିଯୋଗିତାକୁ ଆହୁରି ଭଲ କରିବା ଦିଗରେ ପ୍ରତିବଦ୍ଧ ରହିଛୁ’’।

# ଓମାନରେ ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ

**ମସ୍କଟ, ୧୦।୮ (ପି.ଟି):** ଏସିଆ କପ୍ ୨୦୨୨ର ଯୋଗ୍ୟତା ପର୍ଯ୍ୟାୟ ଆସନ୍ତା ଅଗଷ୍ଟ ୨୦ରୁ ୨୪ ଯାଏ ଓମାନରେ ଆୟୋଜିତ ହେବ। ଓମାନ କ୍ରିକେଟ ଏକାଡେମୀର ଅଲ ଏମିରିଟ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳାଯିବ। ୟୁଏଇ, କୁଏଟ, ହଂକଂ ଓ ସିଙ୍ଗାପୁର ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଗୋଟିଏ ଦଳ ଯୋଗ୍ୟତା ଅର୍ଜନ କରିବା ସହିତ ଭାରତ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା ଓ ଆଫଗାନିସ୍ତାନ ସହିତ ମୁଖ୍ୟ ଡ୍ରରେ ସାମିଲ ହେବ। ଯୋଗ୍ୟତା ପର୍ଯ୍ୟାୟ ଆୟୋଜନର ସୁଯୋଗ ମିଳିଥିବାରୁ ଓମାନ କ୍ରିକେଟର ଚେୟାରମ୍ୟାନ ପଙ୍କଜ ଖିମ୍‌ଜୀ ଶ୍ରୀଲଙ୍କା କ୍ରିକେଟ ବୋର୍ଡକୁ ଧନ୍ୟବାଦ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏଥିରୁ ଯୋଗ୍ୟତା ହାସଲକାରୀ ଦଳ ଭାରତ ଓ ପାକିସ୍ତାନ ସହିତ ଗ୍ରୁପ୍ -ଏ ରେ ସାମିଲ ହେବ। ଆସନ୍ତା ଅଗଷ୍ଟ ୨୭ ତାରିଖରୁ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ।

# ବର୍ମିଂହାମରୁ ଦୁଇ ପାକ୍ ବକ୍ସର ନିଖୋଜ

**କରାଚୀ, ୧୦।୮(ପି.ଟି):** ରାଜ୍ୟଗୋଷ୍ଠୀ କ୍ରୀଡା ପରେ ନିଖୋଜ ହୋଇଛନ୍ତି ଦୁଇ ପାକିସ୍ତାନୀ ବକ୍ସର। ବୁଧବାର ପାକିସ୍ତାନ ବକ୍ସିଂ ଫେଡେରେଶନ (ପିବିଏଫ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଇସଲାମାବାଦ ଯିବା ପାଇଁ ପାକିସ୍ତାନ ଦଳ ବାହାରିବାର କିଛି ଘଣ୍ଟା ପୂର୍ବରୁ ଦୁଇ ବକ୍ସର ସୁଲେମାନ ବାଲୋଚ୍ ଓ ନଜିରୁଲ୍ଲା ନିଖୋଜ ହୋଇ ଯାଇଥିବା ନେଇ ପିବିଏଫ୍ ସମ୍ପାଦକ ନାସିର ଟାଙ୍ଗ କହିଛନ୍ତି । ଫେଡେରେଶନ କାର୍ଯ୍ୟକର୍ତ୍ତାଙ୍କ ପାଖରେ ଉଭୟଙ୍କ ଟ୍ରାଭେଲ ଡକ୍ୟୁମେଣ୍ଟ ରହିଥିବା ନେଇ ଟାଙ୍ଗ ସୂଚନା ଦେଇଛନ୍ତି। ଦୁଇ ନିଖୋଜ ଆଥ୍‌ଲେଟଙ୍କ ସମ୍ପର୍କରେ ପାକିସ୍ତାନ ଉଚ୍ଚାୟୁକ୍ତ ଏବଂ ଲଣ୍ଡନର ଅନ୍ୟାନ୍ୟ ଅଧିକାରୀଙ୍କୁ ସୂଚନା ଦିଆଯାଇଛି। ଦେଶକୁ ଫେରୁଥିବା ସମସ୍ତ ଆଥ୍‌ଲେଟଙ୍କ ଡକ୍ୟୁମେଣ୍ଟ ରଖାଯିବା ଏକ ସାଧାରଣ ପ୍ରକ୍ରିୟା ହୋଇଥିବା ବେଳେ ଏହାକୁ ରଖାଯାଇଥିଲା। ପାକିସ୍ତାନ ଅଲିମ୍ପିକ୍ ଆସୋସିଏଶନ ପକ୍ଷରୁ ଏହି ମାମଲାର ଯାଞ୍ଚ ପାଇଁ ଏକ ୪ ଜଣିଅ ଟିମ୍ ମଧ୍ୟ ଗଠନ କରାଯାଇଛି। ବକ୍ସିଂରେ ପାକିସ୍ତାନ ଗୋଟିଏ ବି ପଦକ ଜିତିବାରେ ସଫଳ ହୋଇ ନ ଥିବା ବେଳେ ଦୁଇଟି ସ୍ୱର୍ଣ୍ଣ ସହିତ ୮ ପଦକ ହାସଲରେ ସଫଳ ହୋଇଥିଲା। ଭାରୋତ୍ତୋଳନ ଓ ଜାଭେଲିନ୍ ଥ୍ରୋରୁ ପାକିସ୍ତାନକୁ ଦୁଇଟି ସ୍ୱର୍ଣ୍ଣ ପଦକ ମିଳିଥିଲା। ଏହା ପୂର୍ବରୁ ଫିନା ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍‌ରେ ଜଣେ ପାକ୍ ସନ୍ତରଣକାରୀ ଫୈଜାନ ଆକବର ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ତେବେ ଆକବର ବୁଦାପେଷ୍ଟରେ ପହଞ୍ଚିବା ପରେ ନିଜ ଟ୍ରାଭେଲ ଡକ୍ୟୁମେଣ୍ଟ ଧରି ଫେରାର ହୋଇ ଯାଇଥିଲେ। ଏଯାଏ ତାଙ୍କର ପତ୍ତା ମିଳିନାହିଁ।


ଚେନ୍ନାଇରେ ନିକଟରେ ଶେଷ ହୋଇଥିବା ଚେସ୍ ଅଲିମ୍ପିଆଡ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତ ‘ଏ’ ମହିଳା ଓ ଭାରତ ‘ବି’ ପୁରୁଷ ଦଳକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ୧ କୋଟି ଟଙ୍କା ଲେଖାଏର ଚେକ୍ ପ୍ରଦାନ କରୁଛନ୍ତି।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI

GUPTA DISTRIBUTORS
Symbol of Trust

# ଅତୁଟ ବନ୍ଧନ

## ରାଖୀ ବାର୍ତ୍ତା ପ୍ରତିଯୋଗିତା - ୨୦୨୨



**Powered by:**

KHIMJI®
Jewellers since 1936

**Co-Sponsors:**

RUCHI™ FOODLINE
Since 1976
Karlo dosti sehat se

durashine®
TATA BLUESCOPE STEEL
ଘରକୁ ଦିଏ VIP ବାଲା ଫିଲିଙ୍ଗ™

CHANDI BHANDAR®

PANDA TRAVEL MART

GREEN CHILLYZ
Outdoor Catering

ଆମର ପ୍ରିୟ
ପାଠିକାପାଠକବୃନ୍ଦ
ଏବଂ ସହଯୋଗୀ । ଆପଣମାନଙ୍କ
ସହଯୋଗ ଯୋଗୁ ଧରିତ୍ରୀର
ଏହି ନୂତନ ପ୍ରୟାସ ସଫଳ ହୋଇପାରିଛି ।

**ଅଶେଷ ଧନ୍ୟବାଦ**



ଆମ ଭାରତ ବର୍ଷରେ ବାରମାସରେ ତେର ପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ରକ୍ଷାବନ୍ଧନ ଅନ୍ୟତମ। ଶ୍ରାବଣ ମାସ ପୂର୍ଣ୍ଣମୀ ତିଥିରେ ପଡୁଥିବାରୁ ଏହା ରାଖୀ ପୂର୍ଣ୍ଣିମା ନାମରେ ଜଣାଶୁଣା। ଏହି ଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହି ପର୍ବକୁ ଗହ୍ମା ପର୍ବ ବୋଲି କୁହାଯାଏ। ଏହାକୁ ପାଳନ କରିବା ଦ୍ୱାରା ଭାଇ ଓ ଭଉଣୀଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ ହୁଏ।

**ଅଂଶୁମାନ ଗୋସ୍ୱାମୀ, ବାଣୀବିହାର, ଭୁବନେଶ୍ୱର**

---

ଭାଇ ଖୋଜୁଅଛି ଭଉଣୀ ମୋ କାହିଁ, ଭଉଣୀ ଖୋଜୁଛି ଭାଇ ; ରାଖୀଟିଏ ଧରି ଭଉଣୀ ରହିଛି ଭାଇ ବି ରହିଛି ଚାହିଁ। ଭଉଣୀ ଚାହିଁଛି ଭାଇ କି ଦୂରରୁ ଭାଇ ଆଖି ବୁଜିଦେଲା ସିନା। ରାଖୀଟିକୁ ଧରି ଭଉଣୀ ଝୁରଇ କାହିଁକି ଦେଲ ଏ ଦୁଃଖ, ପ୍ରଭୁ! କାହା ମନୁ ଆଉ ଛଡ଼ାଇ ନିଅନି ରକ୍ଷାବନ୍ଧନର ସୁଖ।

**ସୀତାକାନ୍ତ ସୌମ୍ୟରଞ୍ଜନ ମହାନ୍ତି, ଭୁବନେଶ୍ୱର**

---

ରକ୍ଷାବନ୍ଧନ ଆଣିଦିଏ ଘରେ ସୁଖ ଶରଧା।
ବଳଭଦ୍ର ହାତେ ବାନ୍ଧିଦିଏ ରାଖୀ ଭଗ୍ନି ସୁଭଦ୍ରା।
ବଳଭଦ୍ର ଜନ୍ମେ ଗୋସେବା ସଙ୍ଗେ ପୂଜା ଆଳତି
ସୁବାସିତ ଫୁଲ, ଚନ୍ଦନ, ନୈବେଦ୍ୟ ରାଖୀ ଲାଗି
ରୀତିନୀତି। ଆହା କି ସୁନ୍ଦର କି ଆନନ୍ଦମୟ
ହୁଅଇ ଏହି ଶାନ୍ତିକୁଟିର ; ଶାନ୍ତି, ସେବା, ମୈତ୍ରୀର
ପ୍ରତୀକ ଆମ ପାଇଁ ସେ ତ ଶ୍ରୀମନ୍ଦିର।

**ରାଜଶ୍ରୀ ମନସା ମହାନ୍ତି, ଶହୀଦ ନଗର**

---

ପୁରାଣରେ ବର୍ଣ୍ଣିତ ଯେବେଠୁ ବଳିରାଜା ହାତରେ ରାଣୀ ଲକ୍ଷ୍ମୀ ରାଖୀ ବାନ୍ଧିଲେ ସେବେଠୁ ଏହି ପର୍ବ ପାଳନ ହେଉଛି। ଏହା ଆମର ପରମ୍ପରା ଓ ଐତିହ୍ୟ। ଦ୍ରୌପଦୀ ଶ୍ରୀକୃଷ୍ଣଙ୍କ ହାତରେ ରାଖୀ ବାନ୍ଧିଥିବାରୁ ବସ୍ତ୍ରହରଣରୁ ତାଙ୍କୁ ରକ୍ଷା କରି ରାଖୀ ପୂର୍ଣ୍ଣିମାର ମହତ୍ ଉଦ୍ଦେଶ୍ୟ ପୁରାଣରେ ଲିପିବଦ୍ଧ ହୋଇ ରହିଛି।

**ତିତାରାମ ନନ୍ଦ ବ୍ରହ୍ମଚାରୀ,ବାଲେଶ୍ୱର**

---

ସମ୍ପର୍କର ଅତୁଟ ବନ୍ଧନ
ସ୍ନେହ ଶରଧାର ଅପୂର୍ବ ମିଳନ
ଭାଇ ଭଉଣୀର ନିଆରା ବନ୍ଧନ
ବାନ୍ଧି ରଖିଥାଏ ସାରା ଜୀବନ।
ସେନେହ ସୂତାରେ ମମତାର ମାଳ,
ଦେଉଛି ବାନ୍ଧି ମୁଁ ହାତରେ ତୋର,
ବାନ୍ଧିଦେଲି ରାଖୀ ଦିନ ଏହି ସାକ୍ଷୀ
କରିବୁନି କେବେ ଭଉଣୀକୁ ପର।
''ସବୁ ସମ୍ପର୍କଠାରୁ ପବିତ୍ର ଏ ଭାଇଭଉଣୀର ନିଆରା ସମ୍ପର୍କ'।

**ମୋନାଲିସା ଭଞ୍ଜ, ଲକ୍ଷ୍ମୀସାଗର, ଭୁବନେଶ୍ୱର**

---

ଆମ ଭାରତବର୍ଷରେ ୧୨ ମାସରେ ୧୩ ପର୍ବ। ରାଖୀ ପୂର୍ଣ୍ଣିମାକୁ ଶ୍ରାବଣ ପୂର୍ଣ୍ଣିମା ମଧ କୁହାଯାଏ। ରାଖୀପୂର୍ଣ୍ଣିମା ଓଡ଼ିଶା ସହିତ ସାରା ଭାରତରେ ମହା ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରାଯାଏ। ଏହିଦିନ ଭଉଣୀ ତା'ର ଭାଇ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରେ। ଭାଇ ମଧ ରାଖୀ ପିନ୍ଧି, ଭଉଣୀର ରକ୍ଷାକବଚ ସାଜିଥାଏ ଓ ସମସ୍ତ କଷ୍ଟ ଏବଂ ବିପଦରୁ ରକ୍ଷା କରିବା ପାଇଁ ପ୍ରତିଶ୍ରୁତି ଦେଇଥାଏ। ଏହା ହେଉଛି ପ୍ରେମ ଓ କର୍ତ୍ତବ୍ୟର ପର୍ବ। ଏହାଦ୍ୱାରା ଭାଇ-ଭଉଣୀର ସମ୍ପର୍କ ଦୃଢ଼ ହୋଇଥାଏ।

**ପ୍ରଜ୍ଞାପ୍ରିୟଦର୍ଶିନୀ, ରାଜାବଗିଚା, କଟକ**

---

ଭାଇ ଭଉଣୀଙ୍କ ଅତୁଟ ବନ୍ଧନ
ଏହି ବାର୍ତ୍ତା ଆଣେ ରକ୍ଷା ବନ୍ଧନ।

**ଶ୍ରଦ୍ଧା ସୁମନ ସାହୁ, ଶୈଳଶ୍ରୀ ବିହାର,ଚନ୍ଦ୍ରଶେଖରପୁର**

---

ଜରିଫୁଲ ଆଉ ସୂତୀ ବନ୍ଧା ମାଳି ନାମଟି ତାହାର ରାଖୀ, ଜନ୍ମ ଜନ୍ମ ପାଇଁ ଭାଇ ଭଉଣୀଙ୍କ ସ୍ନେହ ବନ୍ଧନର ସାକ୍ଷୀ। ରାଖୀ ରକ୍ଷା କରେ ଭାଇର ଜୀବନ ଭଉଣୀ ସ୍ନେହ ପ୍ରତୀକ, ନୁହେଁ ଖାଲି ସେ ଯେ ଉପହାର ଦ୍ରବ୍ୟ ପବିତ୍ର ହୃଦ ସନ୍ତକ। ସ୍ନେହ, ଶ୍ରଦ୍ଧା, ପ୍ରୀତି, ମମତା ସୌହାର୍ଦ୍ଦ୍ୟେ ଗଢ଼ା ରାଖୀ କଳେବର, ଭଗ୍ନୀ ବାନ୍ଧେ ଏହା ଭ୍ରାତାର ହସ୍ତରେ ସଙ୍କେତ ଏ ସଂକଳ୍ପର।

**ଅଭିଜିତ ପ୍ରିୟରଞ୍ଜନ,ବାସୁକେରା, ପୁରୀ**

---

ଓଡ଼ିଶାରେ ବାର ମାସରେ ତେର ପର୍ବ ପାଳିତ ହୁଏ। ଏଥିମଧ୍ୟରୁ ରକ୍ଷାବନ୍ଧନ ବା ରାଖୀ ପୂର୍ଣ୍ଣିମା ଅନ୍ୟତମ। ରାଖୀ ପୂର୍ଣ୍ଣିମା ଏକ ଭାରତୀୟ ପର୍ବ। ଏହା ଭାଇ ଓ ଭଉଣୀମାନଙ୍କର ପର୍ବ। ଭାଇମାନେ ନିଜ ଭଉଣୀକୁ ଉପହାର ଆକାରରେ ନିଜର ପ୍ରେମ ବ୍ୟକ୍ତ କରନ୍ତି। ରାଖୀ ପୂର୍ଣ୍ଣିମା ଦିନରେ ଭାଇମାନେ ମଧ୍ୟ ନିଜ ଭଉଣୀକୁ ସୁରକ୍ଷା ଦେବାକୁ ପ୍ରତିଜ୍ଞା କରନ୍ତି।

**କଳ୍ପନା ନାଥ,ବାଲେଶ୍ୱର**

---

ଶ୍ରାବଣ ମାସ ପୂର୍ଣ୍ଣିମା ତିଥିକୁ ଗହ୍ମା ପୂର୍ଣ୍ଣିମା କିମ୍ବା ରକ୍ଷା ବନ୍ଧନ କୁହାଯାଏ। ସେହିଦିନ ବଳଭଦ୍ରଙ୍କର ଜନ୍ମଦିନ ପାଳନ କରାଯାଏ। ସେହି ଜନ୍ମ ଦିନରେ ଓଡ଼ିଶାବାସୀଙ୍କ ଘରେ ଘରେ ଭଉଣୀ ଭାଇକୁ ରାଖୀ ବାନ୍ଧି ଭାଇଠାରୁ ଆଶୀର୍ବାଦ ଓ ପାଉଣା ନିଏ। ଏହି ପର୍ବରେ ଘରେ ଘରେ ପିଠାପଣା ହୁଏ ଓ ଗୋରୁଗାଈଙ୍କୁ ପୂଜା କରି ପିଠା ଖାଇବାକୁ ଦିଆଯାଏ ଓ ଗାଈଙ୍କୁ ରାଖୀ ବାନ୍ଧିପ୍ରଣାମ କରିଥାଉ।

**ବନିତାରାଣୀ ସାହୁ,ଲୋକନାଥ ରୋଡ୍, ପୁରୀ**

---

ରାଖୀ ତ ମାଧ୍ୟମ, ବନ୍ଧନ ନୁହେଁ,
ସାହସ ଚଳାଏ, ଇନ୍ଧନ ନୁହେଁ।
ଏଠି ସବୁ ଆମେ ଭାଇ ଭଉଣୀ,
ଭାରତ ମାତାର ସନ୍ତାନ ଗୁଣୀ।
ଆପୋସ ପ୍ରେମକୁ ଆଧାର କର,
ଶୃଙ୍ଖଳିତ କର ଜୀବନ ଗାର।
ସମସ୍ତ ଭାଇଙ୍କ ଦାୟିତ୍ୱ ଜାଣ,
ରଖ ଭଉଣୀଙ୍କ ମାନ ସମ୍ମାନ।
କର ତାଙ୍କ ମନ ବଳକୁ ଟାଣ,
ଅତୁଟ ବନ୍ଧନ ଏହା ହିଁ ଗଣ।

**ଡ. ଭୁବନାନନ୍ଦ ରାଉତ,ଶଙ୍କରପୁର, କଟକ**

---

ଯେଉଁ ବନ୍ଧନରେ ଥାଏ ସ୍ନେହ, ମମତା ଓ ପବିତ୍ରତା, ଯେଉଁ ବନ୍ଧନରେ ଥାଏ ପ୍ରତିଶ୍ରୁତି ଓ ନିଃସ୍ୱାର୍ଥପରତା, ଯେଉଁ ବନ୍ଧନରେ ଥାଏ ତ୍ୟାଗ, ସେବା ଭକ୍ତି ଓ ଶ୍ରଦ୍ଧାର ବାରତା, ଯେଉଁ ବନ୍ଧନରେ ଥାଏ ଆତ୍ମୀୟତା ଓ ନିବିଡ଼ତା, ସେହି ଅତୁଟ ବନ୍ଧନ, ଅମୂଲ୍ୟ ବନ୍ଧନ। ହେ ରାଖୀ, ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରେ ଏହି ପବିତ୍ର ରାଖୀ ପୂର୍ଣ୍ଣିମାରେ। ଭାଇ ଭଉଣୀଙ୍କ ଅନାବିଳ ସମ୍ପର୍କର ସାକ୍ଷୀ ରକ୍ଷାବନ୍ଧନ।

**ଗୀତାଞ୍ଜଳି ରାୟ, ଶ୍ରୀରାମ ନଗର,ଭୁବନେଶ୍ୱର**

---

ସୂତାର ଡୋର ନୁହେଁ, ଡୋର ଏ ପ୍ରେମର। ଭାଇ ଭଉଣୀର ସମ୍ପର୍କ ସବୁଠୁ ମଧୁର। ଶ୍ରାବଣ ମାସରେ, ମେଘର ରିମ୍‌ଝିମ୍ ନୃତ୍ୟରେ ସାରା ପ୍ରକୃତି ସବୁଜିମାରେ ଖେଳନ୍ତି। ଚିକ୍‌ମିକ୍ ବିଜୁଳି ଘଡ଼ଘଡ଼ି ନାଦରେ ମା' ଧରିତ୍ରୀ ନୀଳ ଆକାଶକୁ ସବୁଜିମା ଭରାସହ ଇନ୍ଦ୍ରଧନୁର ରାଖୀ ବାନ୍ଧନ୍ତି। ଭାଇଠାରୁ ଭଉଣୀର ରକ୍ଷାର ପ୍ରତିଜ୍ଞା ହେଉଛି ରାଖୀ, ଜାତି ଧର୍ମର ଭେଦଭାବଠାରୁ ବହୁତ ଉପରେ ହେଉଛି ରାଖୀ।

**ଶକ୍ତିପୂଜାରିଣୀ ଦାଶ, ପାଟେଣିଗାଁ, ଜଗତ୍‌ସିଂହପୁର**

---

ରକ୍ଷା ବନ୍ଧନ ପର୍ବ ଭାରତର ସଂସ୍କୃତି, ସଭ୍ୟତା ଓ ପରମ୍ପରାର ଅମୂଲ୍ୟ ପ୍ରତୀକ । ଏହା ଏକ ପବିତ୍ର ଉତ୍ସବ । ଏହା ସ୍ନେହ, ସୌହାର୍ଦ୍ଦ୍ୟ, ପ୍ରେମ ଓ ପ୍ରତ୍ୟୟ ଦେଇଥାଏ। ସେଥିପାଇଁ ରାଖୀକୁ ଶକ୍ତି, ବିଶ୍ୱାସ ଓ ବିଜୟର ପ୍ରତୀକ ବୋଲି କୁହାଯାଏ। ଏହି ପର୍ବ ସମାଜ ମଧ୍ୟରେ ଏକତା ଓ ସହଯୋଗର ନିବିଡ଼ ବନ୍ଧନ ସୃଷ୍ଟି କରେ। ତଥା କର୍ମମୁଖର ଜୀବନରେ ଏହା ଆନନ୍ଦ ଓ କର୍ମପ୍ରେରଣା ଭରି ଦେଇଥାଏ।

**ସୁଧୀର କୁମାର ଧଳ,ବରମୁଣ୍ଡା, ଭୁବନେଶ୍ୱର**

---

ବାପା, ମାଆ ପରେ ସବୁଠୁ ନିଜର
ସେହି ଅଟେ ପରା ଭଉଣୀ,
ରାଖୀ ପୁନିଅଁରେ ହାତେ ରାଖୀ ବାନ୍ଧି
ଅଜାଡ଼େ ତା' ସ୍ନେହ ଭଉଣୀ।
ରାଖୀର ପରବ ଭାଇ ଭଉଣୀଙ୍କୁ
ବାନ୍ଧଇ ସେନେହ ଡୋରିରେ,
ଯୁଗ ଯୁଗ ପାଇଁ ଭାଇର ପ୍ରତିଜ୍ଞା
ସାହାହେବେ ଦୁଃଖ ସୁଖରେ।

**ମଧୁଛନ୍ଦା ମହାନ୍ତି, ବାସୁକେରା, ସାକ୍ଷୀଗୋପାଳ, ପୁରୀ**

---

ଆଜିର ଦିନଟି ଖାସ ମୋ ପାଇଁ ଚାହିଁ ରହିଥାଏ ସଦା, ମୁଁ ତୋ ପାଇଁ ଜନ୍ମର ସମ୍ପର୍କ ଆମର ଅତୁଟ ଏ ଭାବ ବନ୍ଧନ ଆମର ଭୁଲିବିନିରେ ମୋତେ ମୋର ଭାଇ ସବୁବେଳେ ତୋର କଥା ଭାବୁଥାଏ। ସ୍ନେହ ଭରସାର ଏଇ ରାଖୀ ଭାଇଭଉଣୀ ସମ୍ପର୍କର ସାକ୍ଷୀ।

**ମନୋପ୍ରଭା ଭଞ୍ଜ,ଲକ୍ଷ୍ମୀସାଗର, ଭୁବନେଶ୍ୱର**

---

ମନେ ଅଛି ସେଇ ପିଲାଦିନ କଥା, କେତେ ମାଡ଼ଗୋଳ କେତେ ଅଛି ଗାଥା। ସ୍ନେହର ଡୋରିରେ ଏ ସମ୍ପର୍କ ଗଢ଼ା, ସମସ୍ତେ ଜାଣନ୍ତି ପିଲାଠୁ ବୁଢ଼ା। ଏହି ପରବ ରାଖୀ ବନ୍ଧନ ଅଟେ, ଭାଇ ଭଉଣୀ ସମ୍ପର୍କ କେବେ ନ ତୁଟେ। ଭାଗ୍ୟଶାଳୀ ସୁନା ଭଉଣୀ ସିଏ, ଭାଇର ଆଶିଷ ପାଇଛି ଯିଏ। ଦେଇଛି ସୁଯୋଗ 'ଧରିତ୍ରୀ' ରାଣୀ, ମନ କଥା ମୁଁ ଦେଲି ବଖାଣି।

**ସୌଦାମିନୀ ମହାନ୍ତି, ଭୁବନେଶ୍ୱର**

---

ରାଖୀ ପୂର୍ଣ୍ଣିମା ଏକ ପବିତ୍ର ବନ୍ଧନ ଭାଇ ଓ ଭଉଣୀଙ୍କର। ଏହି ଦିନରେ ଭାଇଟିଏ ଆଶା ଓ ବିଶ୍ୱାସ ରଖିଥାଏ ତା'ର ଭଉଣୀ ତା' ହାତରେ କେତେବେଳେ ରାଖୀ ବାନ୍ଧିବ। ଏହି ସମୟଟିକୁ ଅତି ଉତ୍କଣ୍ଠାର ସହିତ ଚାତକ ପରି ଚାହିଁ ରହିଥାନ୍ତି ଉଭୟ। ଏହି ଦିନରେ ଭାଇ ଭଉଣୀଙ୍କୁ ସ୍ନେହ, ଆଦର କରିଥାନ୍ତି। ଏହି ଦିନମାନଙ୍କରେ ପ୍ରତ୍ୟେକ ଘରେ ଆନନ୍ଦ ଓ ଉଲ୍ଲାସ ଭରି ରହିଥାଏ।

**ରବୀନ୍ଦ୍ର କୁମାର ପରିଡ଼ା,ରାମଚନ୍ଦ୍ରପୁର, ଖୋର୍ଦ୍ଧା**

---

ଭଉଣୀ ରହିବା ଏକ ଭଲ ବନ୍ଧୁ ପାଇବାର ପରିଚୟ। ଏଇଠି ଭଗବାନଙ୍କୁ ଧନ୍ୟବାଦ ଦେବା ମୁଁ ସେତିକି ଧନ୍ୟ ବୋଲି, ମୁଁ ପାଖରେ ଯେପରି ଭଲ ସାଙ୍ଗ ପାଇଛି। ଆଜି ମୁଁ ଶେଷଯାଏ ତୋର ସହ ଅଛି ଏବଂ ରହିବି। Love you Jhia

**ଦୀପ୍ତିରଞ୍ଜନ ମିଶ୍ର,ପୁରୀଘାଟ, କଟକ**

---

ମୋ ଭଉଣୀ ତୁ ଲକ୍ଷରେ ଗୋଟେ। ତୁ ଗୋଟେ ହୀରା। ତୁ ଭଲରେ ରହ। ଖୁସିରେ ରହ। ତୋ ଭାଇ ସବୁବେଳେ ତୋ ସାଥିରେ ଅଛି। ଆଉ ଧନ୍ୟବାଦ ଦେଉଛି ମୋ ମା'ଙ୍କୁ ଏବଂ ମୋତେ ଗୋଟେ ଭଉଣୀ ଦେଲୁ। ଆଉ ଜୀବନ ସାରା ଲଢ଼ିବାକୁ ସାଥୀଟିଏ ଦେଲୁ।

**ତିତାରାମନନ୍ଦ ବ୍ରହ୍ମଚାରୀ,ବାଲେଶ୍ୱର**

---

''ଭାଇ ଓ ଭଉଣୀର ପ୍ରେମ ମଧ୍ୟରେ କେବଳ ଏତିକି ଫରକ ଯେ, ଯିଏ କନ୍ଦେଇ ଦେଇ ମନେଇ ନିଏ ସେ ଭାଇ, ଆଉ ଯିଏ କନ୍ଦେଇ ଦେଇ ନିଜେ କାନ୍ଦି ପକାଏ ସେ ଭଉଣୀ।

**ସରୋଜକାନ୍ତ ଷଡ଼ଙ୍ଗୀ, ଟଙ୍କପାଣି ରୋଡ୍, ଭୁବନେଶ୍ୱର**

---

ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କ
ଅନାବିଳ ଚିରକାଳ,
ଭାଇ ହାତେ ତାହା ଥାଏ ସୁରକ୍ଷିତ
ଭାଇ ଦିଏ ଆତ୍ମବଳ।୧।
ରାଖୀ ପୂର୍ଣ୍ଣିମା ତ ଅଭୁଲା ସ୍ମାରଣୀ
ଆସେ ବରଷକେ ଥରେ,
ଭଉଣୀ ବାନ୍ଧଇ ଭାଇ ହାତେ ରାଖୀ
ସମ୍ପର୍କ ନିବିଡ଼ ଡୋରେ।୨।
ହେଲେ ହେଉ ଏକ ନିର୍ଜୀବ ପଦାର୍ଥ
ନାମଟି ତାହାର ରାଖୀ
ସମ୍ପର୍କର ଡୋର ଦୃଢ଼ କରିଥାଏ
ହୋଇଯାଏ ମୂକସାକ୍ଷୀ।

**ସତ୍ୟନାରାୟଣ ପ୍ରସାଦ ନାୟକ, ପୁରୁଣା ଭୁବନେଶ୍ୱର**

---

ଧରିତ୍ରୀ ଖବରକାଗଜ ଅନ୍ୟ ଖବରକାଗଜ ମଧ୍ୟରୁ ଅନ୍ୟତମ। ମୁଁ ସବୁବେଳେ ଏହି ଖବରକାଗଜର ନବୀନ କଥା, ମଜା କଥା ଓ ଫୁର୍‌ସତ ଆଦି କଥା ପଢ଼ିଥାଏ। ଏଠାରେ ଅନେକ ବିଷୟ ଉପରେ ବିଜ୍ଞାପନ ଦେଇଥାଏ, ଯେମିତି ବିଦ୍ୟାଳୟ, ମହାବିଦ୍ୟାଳୟ ଆଦି ଜିନିଷ ଉପରେ ଦେଇଥାଏ। ଯାହାଦ୍ୱାରା ପିଲାମାନେ ଏକ ଭଲ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପଢ଼ିପାରିଥାନ୍ତି। ଧନ୍ୟବାଦ ଏହି ଖବରକାଗଜକୁ ଏପରି ଭଲ ଜିନିଷ ଉପରେ ଆଧାରିତ କରି ଦେଇଥିବାରୁ।

**ଆଦିତ୍ୟ କୁମାର ନାୟକ, ନିମିଷେତା, ଖୋର୍ଦ୍ଧା**

---



ର ଙ୍ଗ ଅ।
ସୂତାଖିଅଟିଏ
ସିନା ରକ୍ଷାକବଚ
ଏ ପ୍ରିୟ ରାଖୀ,
ଭଉଣୀ ହାତରୁ
ଭାଇହାତେ ବନ୍ଧା ଥାଏ ଚିର ଦିନ
ସାକ୍ଷୀ। ରକ୍ଷାବନ୍ଧନ ଏ ଭଉଣୀ ଭାଇର ଅତୁଟ
ବନ୍ଧନ ଡୋରି; ସ୍ନେହ, ଶ୍ରଦ୍ଧା, ପ୍ରେମ, ମହକ
ସମ୍ପର୍କ ହୃଦୟେ ଜଗାଏ କେବେ ଯାଏ ନାହିଁ ସରି।
ଠାକୁରଙ୍କ ପାଖେ ପ୍ରାର୍ଥନା କରେ ମୁଁ ଦୀନହୀନ
ଅକିଞ୍ଚନ, ଭାବର ବନ୍ଧନ ଭଉଣୀ ଭାଇର
ରହିଥାଉ ଚିରଦିନ।

**ପ୍ରଦୀପ କୁମାର ନାଏକ ହାତୀସରା, ଦେଓଗାଁ, ବଲାଙ୍ଗୀର**

---

ଦେଖିଯାଅ ପ୍ରଭୁ ବଳିଆ ଠାକୁର
ତୁମ ଜନ୍ମ ପରବରେ,
ମିଛଟାରେ ......., ରାଖୀର ବନ୍ଧନ
ଗଲେ ଦୁନିଆ ହାଟରେ,
ସେନେହ ଶରଧା, କିଣାବିକା ହୁଏ
ମହଙ୍ଗା ଏଠି ମମତା,
ଏକ ମନ ଏକ ହୃଦୟ ରହିଲେ
ହେବ ଭାଇଚାରା ବର୍ତ୍ତା।

**ଆଦ୍ୟାଶା ମହାପାତ୍ର,ସୁହାଗପୁର, ପୁରୀ**

---

ଭାବର ପ୍ରତୀକ ସ୍ନେହର ପ୍ରତୀକ
ପ୍ରତୀକ ଶ୍ରାବଣ ଝରି,
ଶ୍ରାବଣ ପୁନେଇଁ ରକ୍ଷାର ପ୍ରତୀକ
ଭଉଣୀ ହାତରେ ଡୋରି।
ଭାଇ ଭଉଣୀର ସ୍ୱର୍ଗୀୟ ସମ୍ପର୍କ
ଅମ୍ଳାନ ଯା ସ୍ନେହପ୍ରୀତି,
ନିଆରା ଭାବର ଡୋରିରେ ବନ୍ଧା ସେ
ଅପାସୋରା ତା'ର ରୀତି।

**ଅଂଶୁମାନ ପାଢ଼ୀ,ସୁହାଗପୁର,ପୁରୀ**

---

ଭାରତୀୟ ଧର୍ମ ଓ ସଂସ୍କୃତି ପରମ୍ପରାର ମହାନ୍ ପର୍ବ 'ରକ୍ଷାବନ୍ଧନ' ; ସ୍ନେହ, ପ୍ରେମ, ଶ୍ରଦ୍ଧା, ଭକ୍ତି ଓ ଭ୍ରାତୃତ୍ୱର ଏକ ବଳିଷ୍ଠ ନିଦର୍ଶନ। ଆଜିର ଏ ପବିତ୍ର ବନ୍ଧନ ସବୁରି ପ୍ରାଣରେ ଭରି ଦେଉଛି କର୍ତ୍ତବ୍ୟ, ନିଷ୍ଠା, ତ୍ୟାଗ ; ଯାହା ମାନବଜାତିର ତଥା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାଇଚାରାର ବାର୍ତ୍ତା ନେଇ ରାଷ୍ଟ୍ର ତଥା ସମାଜକୁ ସୁଦୃଢ଼ କରିଥାଏ।

**ସାର୍ଥକ ମହାପାତ୍ର, ସୁହାଗପୁର, ପୁରୀ**

---

ଭାଇ ଭଉଣୀଙ୍କ ପବିତ୍ର ବନ୍ଧନ
ସ୍ନେହ ମମତାର ରାଖୀ,
ସମ୍ପର୍କ ସେତୁର ସୁରକ୍ଷା କବଚ
ରହିଥାଏ ସଦା ସାକ୍ଷୀ।
ଚିରନ୍ତନ ଏହି ପବିତ୍ର ବନ୍ଧନ
ନ ଥାଏ କାଳିମା ଏଠି,
ଦୁଃଖ ବିପଦରେ ସଦା ରହିଥାଏ
ସାକ୍ଷୀ ଅଟେ ଏହି ରାଖୀ।।

**ଶାନ୍ତନୁ କୁମାର ବେହେରା, ଡୁମୁଡୁମା, ଭୁବନେଶ୍ୱର**

---

ରାଖୀ ଏକ ଅତୁଟ ବନ୍ଧନ। ସୂତାରେ ତିଆରି ହେଲେ ବି ଭାଇ ଭଉଣୀଙ୍କୁ ବାନ୍ଧି ରଖିଥାଏ। ଭଉଣୀ ମନରେ ଯିଏ ଯେତେ ଆପଣାର ହେଉନା କାହିଁକି ଭାଇ ସବୁଠାରୁ ବଡ଼। ଯେଉଁ ଭଉଣୀର ଭାଇ ନାହିଁ, ସେମାନେ ରାଖୀ ପୂର୍ଣ୍ଣିମା ଦିନ ଯେ କୌଣସି ଦେବତାଙ୍କୁ ରାଖୀ ବାନ୍ଧି ଦିଅନ୍ତୁ। ସେ ନିଶ୍ଚୟ ଭଉଣୀଙ୍କୁ ସାହା ହେବେ।

**ସରୋଜ ନଳିନୀ ମହାନ୍ତି, ଭୁବନେଶ୍ୱର**

---

ରକ୍ଷା ବନ୍ଧନ ଭାଇ ପ୍ରତି ତା' ଭଉଣୀର ଅତୁଟ ସ୍ନେହମୟୀ ଭାବନା ଓ ଭାଇର ସୁରକ୍ଷା ଚିନ୍ତାଧାରାର ଏକ ପ୍ରମାଣ ସ୍ୱରୂପ ମନେକରି ଏହି ଉତ୍ସବ ବା ପବିତ୍ର ରକ୍ଷାବନ୍ଧନ ଯଥାର୍ଥରେ ବର୍ଣ୍ଣିତ, ହେଲେ ଭଉଣୀ ତା'ର ଭାଇ ହାତରେ ରକ୍ଷାକବଚ ବାନ୍ଧିଥାଏ। ଏହିଦିନ ବଳଦେବଙ୍କ ଜନ୍ମ ଉତ୍ସବ ପାଳିତ ହୁଏ। ଓଡ଼ିଶାର ସବୁ ଭାଇ ଭଉଣୀଙ୍କ ପାଇଁ ଏହା ଏକ ଭାବାତ୍ମକ ପର୍ବ ।

**ନିବେଦିତା ପଣ୍ଡା,ଝାରପଡ଼ା, ଭୁବନେଶ୍ୱର**

---

ରାଖୀ ରକ୍ଷା କରେ ଭାଇର ଜୀବନ,
ହାତେ ବନ୍ଧା ହୋଇଥିଲେ
ଭଉଣୀର ସ୍ନେହ,
ଅତୁଟ ବନ୍ଧନ।
ଶ୍ରେଷ୍ଠ ସେ
ଅମୃତ
ତୁଲେ,

ସମୁଦ୍ରଠାରୁ
ସେ ବେଶି ଅଗଭୀର,
ଶଶାଙ୍କଠାରୁ ଶୀତଳ, ଧରିତ୍ରୀ ପରି ସେ
ଉଦାର ହୃଦୟ, ସ୍ନେହ ତା'ର ଗଙ୍ଗା ଜଳ,
ଧରମ କରମ ଆଦର ସୁହାଗ, ଦେଇ ଗୁଛି ଦିଏ
ରାଖୀ, ବରଷକେ ଥରେ ଭାଇ ହାତେ ବାନ୍ଧି,
ରଖେ ଜନ୍ମ ଜନ୍ମର ସାକ୍ଷୀ।

**ସୁଶ୍ରୀ ସଙ୍ଗୀତା ଜେନା, ଶ୍ରୀରାମଚନ୍ଦ୍ରପୁର, ପୁରୀ**

---

ଏକତାର ଏକ ସୁନ୍ଦର ପରାକାଷ୍ଠା ହେଉଛି ରାଖୀ। ସବୁରି ଘରେ ଖୁସିର ଉନ୍ମାଦ ହେଉଛି ରାଖୀ। ଭାଇ, ଭଉଣୀର ପରସ୍ପର ବିଶ୍ୱାସ ଭଲପାଇବା ହେଉଛି ରାଖୀ। ସ୍ନେହ, ପ୍ରେମ, ବିଶ୍ୱାସରେ ତିଆରି ଡୋରଟିଏ ହେଉଛି ରାଖୀ। ପିଲାଦିନର ଲଢ଼େଇ ଝଗଡ଼ା ହୋଇ ମିଠା ସ୍ମୃତିରେ ସଂଗୃହୀତ ପ୍ରଖ୍ୟାଳୟ ହେଉଛି ରାଖୀ। ଭାଇର ଦୀର୍ଘ ବୟସର କାମନା ସହ ଭଉଣୀର ପବିତ୍ର ପ୍ରେମର ପ୍ରତୀକ ହେଉଛି ରଖୀ।

**ଶକ୍ତିପୂଜାରିଣୀ ଦାଶ, ପାଟେଣୀ ଗାଁ, ଜଗତ୍‌ସିଂହପୁର**

---

ଆଜିର ଦିନଟା କିଛି ଖାସ୍ ମୋ ପାଇଁ,
ଅନେଇ ରହିଥାଏ ସଦା ମୁଁ ତୋ ପାଇଁ।
ଭଉଣୀର ରାଖୀ ଅଛି ବନ୍ଧା ମୋ ହାତରେ
କରୁଛି ଶପଥ ଆଜି ମୁଁ ତୋ ପାଖରେ,
ତୋ ଭାଇ ସବୁଦିନ ଅଛି ତୋରି ପାଖରେ।

**ସୁଲୋଚନା ସାହୁ, ଶୈଳଶ୍ରୀବିହାର,ଚନ୍ଦ୍ରଶେଖରପୁର**

---

ଭାଇମାନଙ୍କର ସୁରକ୍ଷାକବଚ
ଭଉଣୀର ସୂତା ଡୋର,
ପବିତ୍ର ସମ୍ପର୍କ ଅତୁଟ ବନ୍ଧନ
ରଖିଥାଏ ନିରନ୍ତର।
ମଧୁର ସମ୍ପର୍କ, ସ୍ନେହ, ଆଶୀର୍ବାଦ
ଏଇ ଡୋର ମୂକ ସାକ୍ଷୀ,
ଭାଇଭଉଣୀଙ୍କ ରକ୍ଷା କବଚ
ନାମ ଅଟେ ତା'ର ରାଖୀ।

**ଜଗଦୀଶ ଦାସ, ଗୋବିନ୍ଦପୁର, କଟକ**

---

ଭାଇ ଭଉଣୀଙ୍କ ପବିତ୍ର ବନ୍ଧନ
ସ୍ନେହ ମମତାର ରାଖୀ,
ସମ୍ପର୍କ ସେତୁର ସୁରକ୍ଷା କବଚ
ରହିଥାଏ ସଦା ସାକ୍ଷୀ।
ଚିରନ୍ତନ ଏହି ପବିତ୍ର ବନ୍ଧନ
ନ ଥାଏ କାଳିମା ଏଠି,
ଦୁଃଖ ବିପଦରେ ସଦା ରହିଥାଏ
ସାକ୍ଷୀ ଅଟେ ଏହି ରାଖୀ।

**ଜୟଦେବ ଦାସ, ଗୋପାଳପୁର, କଟକ**

---

ସ୍ୱାଧୀନତାର ପଞ୍ଚସ୍ତରି ବର୍ଷ ଅବସରରେ ଦେଶ ପାଳୁଛି 'ଆଜାଦୀର ଅମୃତ ଉତ୍ସବ'। ଆମେ ବି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ମୁଖ୍ୟ ପଦବୀରେ ଜଣେ ଆଦିବାସୀ ମହିଳାଙ୍କୁ ଅଧିଷ୍ଠିତ କରିସାରିଛେ। ତେବେ କାହିଁକି ଆଉ ଜାତିଆଣ ଭାବ? ଚାଲ ପ୍ରତ୍ୟେକ ସବର୍ଣ୍ଣ ଭଉଣୀ ଜଣେ ଦଳିତ ଜନଜାତିର ଭାଇକୁ ରାଖୀ ବାନ୍ଧି ପ୍ରମାଣ କରିବା: ''ବସୁଧୈବ କୁଟୁମ୍ବକମ୍''।

**ସବିତା ଦାସ, ଘାଟିକିଆ, ଭୁବନେଶ୍ୱର**

---

This Raksha Bandhan, I Pray to God to give my handsome brother, good health, Long life, the world of happiness, Positivity, Peace and all that he desire & for. Happy Raksha Bandhan to my lovely Brother.

**Annapurna Mohanty, Narua, Puri**

---

ରାଖୀ ପୂର୍ଣ୍ଣିମା ଭାଇ ଓ ଭଉଣୀଙ୍କର ଏକ ପବିତ୍ର ପର୍ବ । ଏହି ପର୍ବ ଓଡ଼ିଶା ସମେତ ଭାରତ ବର୍ଷରେ ପାଳିତ ହୁଏ। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣମୀ ତିଥିରେ ଏହି ପର୍ବ ପାଳନ କରାଯାଏ। ଏହିଦିନ ଭଉଣୀ ଭାଇର ମଥାରେ ତିଳକ ଲଗାଇବା ସହ ହାତରେ ରାଖୀ ବାନ୍ଧିଥାଏ। ଭାଇ ମଧ୍ୟ ଭଉଣୀକୁ ସୁରକ୍ଷାର ପ୍ରତିଶ୍ରୁତି ଦେବା ସହ ସୁନ୍ଦର ଉପହାର ଦେଇଥାଏ। ରାଖୀକୁ ଶକ୍ତି, ବିଶ୍ୱାସ ଏବଂ ବିଜୟର ପ୍ରତୀକ କୁହାଯାଏ।

**ସନାତନ ଜେନା, ବଡ଼ଗଡ଼, ଭୁବନେଶ୍ୱର**

---

ରାଖୀ ଏକ ଶାଶ୍ୱତ ପ୍ରେମବନ୍ଧନର ପ୍ରକାଶ୍ୟ ରୂପ ; ଯାହା ଭଉଣୀ ଥିବା ଭାଇର ଅଲୋଡ଼ା ଅବା ଅତିଲୋଡ଼ା ଉପହାରରେ ସୀମିତ। ମାତ୍ର ଭଉଣୀ... ଭାଇର ଏକ ଯୁଗାନ୍ତ ଦୁଃସ୍ୱପ୍ନ ଉପଶମର ସଞ୍ଜୀବନୀ ଭୀମବାଣ। ଭୌତିକ ବସ୍ତୁବାଦୀ ଦୁନିଆରେ ଏହାର ମାନ ଅକ୍ଷୁଣ୍ଣ ରହିଲେ ଅମାନବୀୟ ପ୍ରବୃତ୍ତିର ଉପସଂହାର ହୋଇପାରିବ।

**ରାଜକିଶୋର ସାହୁ, ଭୁବନେଶ୍ୱର**

---

ଧନୀ ହେଉ ଅବା ଗରିବ ଭାଇ,ମୁଖେ ଦୁଃଖେ ସଦା ପାଖରେ ଥାଇ ; ଭଉଣୀ ଆଖିରେ ଲୁହ ଦେଖିଦେଲେ, କାନ୍ଦୁଥାଏ ନିଜେ ମୁହଁକୁ ଲୁଚାଇ !
ଭାଇ ଭଉଣୀଙ୍କ ପବିତ୍ର ବନ୍ଧନ ;
ରାଖୀ ରୂପେ ଏଇ ରକ୍ଷାର ଡୋରି,
ଭରିଦିଏ ଖୁସି ମନେ ସବୁରି।

**ବିଦ୍ୟୁତ୍ ରଞ୍ଜନ ବେହେରା,ଶିଶୁପାଳଗଡ଼**

---

ସମ୍ପର୍କ ଅତୁଟ ବନ୍ଧନ
ସ୍ନେହ ଶରଧାର ଅପୂର୍ବ ମିଳନ,
ଭାଇ ଭଉଣୀ ନିଆରା ବନ୍ଧନ
ବାନ୍ଧିରଖିଥାଏ ସାରା ଜୀବନ।
ସେନେହ ସୂତାରେ ମମତାର ମାଳ
ଦେଉଛି ବାନ୍ଧି ମୁଁ ହାତରେ ତୋର,
ବାନ୍ଧି ଦେଲି ରାଖୀ ଦିନ ଏହି ସାକ୍ଷୀ
କରିବୁନି କେବେ ଭଉଣୀକୁ ପର।
ସବୁ ସମ୍ପର୍କଠାରୁ ପବିତ୍ର ଏ ଭାଇ ଭଉଣୀର ନିଆରା ସମ୍ପର୍କ। ପବିତ୍ର ରାଖୀ ପୂର୍ଣ୍ଣିମାର ହାର୍ଦ୍ଦିକ ଶୁଭେଚ୍ଛା।

**ମୋନାଲିସା ଭଞ୍ଜ, ଲକ୍ଷ୍ମୀସାଗର, ଭୁବନେଶ୍ୱର**

---

'ରାଖୀ'ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କ
ଅନାବିଳ ଚିରକାଳ,
ଭାଇ ହାତେ ତାହା ଥାଏ ସୁରକ୍ଷିତ
ଭାଇ ଦିଏ ଆତ୍ମବଳ। (୧)
ରାଖୀ ପୂର୍ଣ୍ଣିମା ତ ଅଭୁଲା ସ୍ମାରକୀ
ଆସେ ବରଷକେ ଥରେ,
ଭଉଣୀ ବାନ୍ଧଇ ଭାଇ ହାତେ ରାଖୀ
ସମ୍ପର୍କ ନିବିଡ଼ ଡୋରେ। (୨)
ହେଲେ ହେଉ ଏକ ନିର୍ଜୀବ ପଦାର୍ଥ
ନାମଟି ତାହାର ରାଖୀ,
ସମ୍ପର୍କର ଡୋର ଦୃଢ଼ କରିଥାଏ
ହୋଇଯାଏ ମୂକ ସାକ୍ଷୀ। (୩)

**ସତ୍ୟନାରାୟଣ ପ୍ରସାଦ ନାୟକ, ରଥ ରୋଡ୍, ପୁରୁଣା ଭୁବନେଶ୍ୱର**

---

ଆସନ୍ତୁ, ରାଧା ବୃନ୍ଦାବନଙ୍କ ଆତ୍ମାକୁ ପାଳନ କରିବା। ଏକାଠି ହୋଇ ପ୍ରାର୍ଥନା କରନ୍ତୁ ଯେ ସମଗ୍ର ପରିବାର ଉତ୍ତମ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧିର ଉପଭୋଗ ଜାରି ରଖେ। ଏହି ଆନନ୍ଦଦାୟକ ଅବସରରେ ମୋ ପ୍ରିୟ ଭାଇ, ମୁଁ ତୁମଠୁ ଜୀବନର ସର୍ବୋତ୍ତମ ଜିନିଷ କାମନା କରୁଛି ।

**ଅନୁପ କୁମାର ମହାପାତ୍ର, ପୁରୀ**

---

ମୁଁ ଆପଣଙ୍କ ଖବରକାଗଜ ପ୍ରତି ବହୁତ କିଛି ଜାଣିବାକୁ ପାଉଛି ! ସବୁ ଖବରକାଗଜ ମଧ୍ୟରୁ ଏହା ମୋତେ ବହୁତ ପସନ୍ଦ ଲାଗିଛି ; କାହିଁକି ନା ଏଥିରେ ସୁଡୋକୁ ଖେଳିବାକୁ ମିଳୁଛି। ଧନ୍ୟବାଦ।

**ରାମଚନ୍ଦ୍ର ବେହେରା, କନ୍ଧମାଳ, ଡୁମୁଡିବନ୍ଧ**

---

ରାଖୀକୁ ଶକ୍ତି, ବିଶ୍ୱାସ ଓ ବିଜୟର ପ୍ରତୀକ ବୋଲି କୁହାଯାଏ। ରକ୍ଷାବନ୍ଧନ ପର୍ବ ଭାରତର ସଂସ୍କୃତି, ସଭ୍ୟତା ଏବଂ ପରମ୍ପରାର ଅମୂଲ୍ୟ ପ୍ରତୀକ। ରାଖୀ ପୂର୍ଣ୍ଣିମା ପାଳିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କ ଦୃଢ଼ ହେବା ସହ ସ୍ନେହ ଓ ପ୍ରେମ ଅତୁଟ ରହେ । ଏହି ଭାଇ ଓ ଭଉଣୀର ସମ୍ପର୍କ ବିଶ୍ୱର ସବୁ ସମ୍ପର୍କଠାରୁ ପବିତ୍ର ।

**ସାହିଲ ଅଗ୍ରୱାଲ, ରାମଚନ୍ଦ୍ରପୁର ବିହାର, ଜଟଣୀ**

---

ରାଖୀ ପୂର୍ଣ୍ଣିମାରେ ଭାଇ ଭଉଣୀର ଜୀବନରେ ଯେତେ ରାଗରୁଷା ଥାଏ ସବୁ ମିଳେଇ ଯାଇଥାଏ। ଏ ରାଖୀ ପୂର୍ଣ୍ଣିମା ଅତୁଟ ବନ୍ଧନ। ଏ ସମାଜ ପାଇଁ ସେ ଏକ ଭାଇ ଭଉଣୀର ପ୍ରତୀକ। ଭାଇ ଭଉଣୀଙ୍କର ଏହା ଏକ ଅତୁଟ ବନ୍ଧନ।

**ଶୁଭଙ୍କର ମହାନ୍ତି,ନୟାଗଡ଼**

---

ରାଖୀ କେବଳ ଗୋଟେ ଛୋଟ ସୂତା ନୁହେଁ ଏହା ହେଉଛି ମୂକସାକ୍ଷୀ। ଆମ ସମ୍ପର୍କର ମାନ ଅଭିମାନ ଏବଂ ତୋ ସେହ୍ନଭରା ଗାଳି, ଏହା ତ ହେଉଛି ଭାଇ ଭଉଣୀ ସେହ୍ନ ଓ ମମତାର।

**ସୁଲବନ ସାହୁ, ଶୈଳଶ୍ରୀ ବିହାର, ଭୁବନେଶ୍ୱର**

---

ଦୁନିଆର ସବୁଠୁ ଦାମିକା ସମ୍ପର୍କ ହେଉଛି ଭାଇ ଭଉଣୀର ସମ୍ପର୍କ; ଯେଉଁଥିରେ ଥାଏ ମିଛି ରାଗ ମିଛ ଅଭିମାନ ମିଛ ଝଗଡ଼ା ଆଉ ସତ ଭଲ ପାଇବା, ଯାହା ମୋର ତୋ ସହ ଆଜିଯାଏ ରହି ଆସିଛି। କେତେବେଳେ ତୁ ମୋ ସହ ଝଗଡ଼ା କରୁ ତ କେତେବେଳେ ଗାଳି ଦେଉ। ଆଉ ଥରେ ତୁ ମତେ ଡାକି ଦେଲେ ପୁଣି ସେ ସବୁ ତୁ ଭୁଲିଯାଉ। ବଡ଼ ବଡ଼ ସମସ୍ୟାର ସମାଧାନ ତୋର ଗୋଟିଏ ପଦରେ ହୋଇଥାଏ। ମୋର ବେଷ୍ଟ।

**ଦୀପ୍ତିରେଖା ଦାଶ, ଚର୍ଚ୍ଚିକା ବଜାର, ଜଗତ୍‌ସିଂହପୁର**

---

ରାଖୀ ପୂର୍ଣ୍ଣିମା ଅବସରରେ ସମଗ୍ର ବିଶ୍ୱବାସୀ ସେହ୍ନର ବନ୍ଧନରେ ଆବଦ୍ଧ ହୋଇ ଭ୍ରାତୃ-ଭଗ୍ନୀଭାବ ଉଦ୍ରେକ କରନ୍ତୁ। ଧର୍ମଭିତ୍ତିକ ବିଭାଜନକାରୀ କୁଶକ୍ତି ସମୂଳେ ଧ୍ୱଂସପ୍ରାପ୍ତ ହେଉ। ସାରା ଜଗତର ଶାନ୍ତି ବିରାଜମାନ କରୁ। ଜାତୀୟ ସଂହତି ନିମନ୍ତେ ରାଖୀ ପୂର୍ଣ୍ଣିମା ପ୍ରେରଣା ଦାୟୀ ହେଉ ।

**ମନୋଜ କୁମାର ଶତପଥୀ, ଫୁଲବାଣୀ, କନ୍ଧମାଳ**

---

ଭଉଣୀ ଈଶ୍ୱରଙ୍କର ଆମ ପାଇଁ ବରଦାନ, କେବଳ ରାଖୀ ପୂର୍ଣ୍ଣିମା ଦିନ ନୁହେଁ ସାରା ଜୀବନ ଭାଇ ହେଉଛି ଭଉଣୀର ସୁରକ୍ଷା କବଚ। ନିଜର ଭଉଣୀଙ୍କୁ ଯେତିକି ସମ୍ମାନ ଦେଉଛନ୍ତି ଅନ୍ୟମାନଙ୍କ ଭଉଣୀକୁ ସେତିକି ସମ୍ମାନ ଦିଅନ୍ତୁ। ଦେଖିବେ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ନିଶ୍ଚିତ ସାକାର ହେବ। ରାତି ୧୨ ନୁହେଁ, ୨୪ ଘଣ୍ଟା ନାରୀ ସୁରକ୍ଷିତ ରହିବେ।

**ଦେବାଶିଷ ସାହୁ, ବେଦପୁର, ପୁରୀ**

---

ରକ୍ଷାବନ୍ଧନ ହେଉଛି ଭ୍ରାତୃଭଗ୍ନୀ ବିଶିଷ୍ଟ ଏକ ମୁଖ୍ୟପର୍ବ। ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ ଏକ ଯୁଦ୍ଧ ସମୟରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ହସ୍ତକମଳରୁ ରକ୍ତକ୍ଷରିତ ହେଉଥିବା ସମୟରେ ଦ୍ରୌପଦୀ ନିଜ ବସ୍ତ୍ର ଚିରି ଶ୍ରୀକୃଷ୍ଣଙ୍କ ହାତରେ ବାନ୍ଧିଥିଲେ। ଏତଦ୍‌ବ୍ୟତୀତ ଏହି ପର୍ବରେ ହିନ୍ଦୁଧର୍ମର ଲୋକମାନେ ଗୋମାତାଙ୍କୁ ଫୁଲମାଳ, ସିନ୍ଦୂର, ଲଗାଇ ପୂଜା କରନ୍ତି ଏବଂ ଗୋମାତାଙ୍କୁ ସୁସ୍ୱାଦୁ ବ୍ୟଞ୍ଜନ ଖୁଆନ୍ତି।

**ଶୁଭକାନ୍ତ ଚୌଧୁରୀ,ସରିପୁର,ଖୋର୍ଦ୍ଧା**

---

ରାଖୀକୁ ଯେଉଁ ଭଉଣୀ ଭାଇକୁ ଦିଏ ତାକୁ ରକ୍ଷାବନ୍ଧନ କୁହାଯାଏ। ସେ ତ ହେଉଛି ଭାଇଭଉଣୀ। କିନ୍ତୁ ମୋ ମତରେ ମା' ଗୋଟିଏ ନୁହେଁ। ମୋର ବୁଝିବାରେ ମା' ୨ଟି। ଗୋଟିଏ ଜନ୍ମ ଦେଇଥିବା ମା' ଓ ଅନ୍ୟଟି ମାର୍ଗଦର୍ଶିତା ଭଉଣୀ ମା'। ମୋ ଭଉଣୀ ଇନ୍ଦିରା ମୋ ମା'। ଭଉଣୀକୁ କିଏ କ'ଣ ଦେଇପାରିବ। ସେ ତ ନିଜେ କରୁଣାମୟୀ।

**ଗୋଲକ ବିହାରୀ ସାହୁ, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର**

---

ରାଖୀ ପୂର୍ଣ୍ଣିମା ଭାଇ ଓ ଭଉଣୀମାନଙ୍କର ଏକ ପବିତ୍ର ପର୍ବ ଅଟେ। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣମୀ ତିଥିରେ ଏହି ପର୍ବ ପାଳନ କରାଯାଏ। ଏହି ଦିନ ପ୍ରଭୁ ଶ୍ରୀବଳଭଦ୍ରଙ୍କର ଜନ୍ମଦିନ ହୋଇଥିବାରୁ ଏହି ପର୍ବକୁ ଗହ୍ମା ପର୍ବ ବୋଲି କୁହାଯାଏ।

**ଆଦିତ୍ୟ କୁମାର ସାହୁ, ଅଙ୍ଗାରି ସାହି, କଟକ**

---

ଭାଇ ଓ ଭଉଣୀର ପବିତ୍ର ସମ୍ପର୍କର ପର୍ବ ରାଖୀ ପୂର୍ଣ୍ଣିମା, ଜନ୍ମ ଜନ୍ମ ସମ୍ପର୍କ ଆମ ସାକ୍ଷୀ ଆମ ଅତୁଟ ବନ୍ଧନ।

**ତ୍ରିଲୋଚନ ଦାସ, ଛଇତନା, ପୁରୀ**

---

ପ୍ରଭାତ ସହିତ ସୂର୍ଯ୍ୟଙ୍କର ଭାବ
ଯେପରି ପବିତ୍ର, ନିତ୍ୟ
ଭାଇ ଭଉଣୀଙ୍କ ଅତୁଟ ବନ୍ଧନ
ସଦା ଚିରନ୍ତନ ସତ୍ୟ।

**ସୌଭାଗ୍ୟଲକ୍ଷ୍ମୀ ସେଠୀ,ଭୁବନେଶ୍ୱର**

---

Best wishes, greetings images to share with loved ones on Raksha Bandhan sisters the Rakhi. There cannot be a better brother than you in this whole world, Wishing you the best in life always 1st.

**Dibyajyoti Choudhury, Kumusti sahi, Puri**

'ରକ୍ଷା ବନ୍ଧନ' ଭାରତୀୟ ସାଂସ୍କୃତିକ ପରମ୍ପରା ତଥା ମହାନତାର ଏକ ଅଗ୍ରଣୀ ବାର୍ତ୍ତାବହ ଭାବେ ଚିର ପରିଚିତ। ଏହା କେବଳ ମାନବୀୟ ପରମ୍ପରା ଭିତ୍ତିରେ ସୀମିତ ନୁହେଁ ଏହା ଭାଇଭଉଣୀର ପବିତ୍ର ବନ୍ଧନ, କର୍ତ୍ତବ୍ୟ, ତ୍ୟାଗ, ସ୍ନେହ, ପ୍ରେମ, ନିଷ୍ଠା ଓ ଆଧ୍ୟାତ୍ମିକ ତଥା ଭାଗବତ ଚିନ୍ତା ଚେତନାର ଏକ ଜ୍ୱଳନ୍ତ ଚିତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ।
**ସୌରଭ ମହାପାତ୍ର, ସୁହାଗପୁର, ପିପିଲି, ପୁରୀ**

ପ୍ରଭୁ ବଳରାମ ଜନମ ହୋଇଲେ
ଗହ୍ମାପୂର୍ଣ୍ଣିମା ଦିନ,
ଗହ୍ମାପୂର୍ଣ୍ଣିମାକୁ ରାଖୀର ଉତ୍ସବ
କଥା ରହୁ ସବୁଦିନ।
ରାଖୀ ତୁ ରହିବୁ ଯୁଗେ ଯୁଗେ ସାକ୍ଷୀ
ଭାଇଭଉଣୀର ଅମର ପ୍ରେମ
ସିନ୍ଦୂର ଚନ୍ଦନ ମମତା ବନ୍ଧନ
ବାନ୍ଧି ରଖିଥାଏ ସାରା ଜୀବନ।
**ସ୍ମିତାଞ୍ଜଳି ପାଢ଼ୀ, ସୁହାଗପୁର, ପିପିଲି, ପୁରୀ**

ସମ୍ପର୍କର ପବିତ୍ର ନାମଟିଏ ରାଖୀ। ଅଛିଡ଼ା ସ୍ନେହର ଡୋରିଟିଏ ରାଖୀ। ପିଲାବେଳ ଝଗଡ଼ା, ଅଳିଅର୍ଦ୍ଦଳିର ସାକ୍ଷୀ ହେଉଛି ରାଖୀ, ସ୍ୱାର୍ଥପର ଦୁନିଆରେ ନିଃସ୍ୱାର୍ଥ ବନ୍ଧନ ରାଖୀ, ଭାଇଭଉଣୀ ମଧ୍ୟରେ ଥିବା ପବିତ୍ର ସମ୍ପର୍କର ବନ୍ଧନ ରାଖୀ, ରାଖୀର ପ୍ରକୃତ ଅର୍ଥ ହେଉଛି ଭଉଣୀକୁ ସବୁ ବିପଦରୁ ରକ୍ଷା କରିବା, ସବୁବେଳେ ସୁଖରେ ଦୁଃଖରେ ସାଥ୍ ଦେଇ ଉତ୍ତମ ମାର୍ଗ ପ୍ରଦର୍ଶନ କରିବା। ଭାଇଭଉଣୀ ସମ୍ପର୍କର ମୂକସାକ୍ଷୀ ହେଉଛି ରାଖୀ। ଏହା ସବୁଠୁ ନିଆରା ଓ ସ୍ୱତନ୍ତ୍ର ।
**ତୁଷାରକାନ୍ତ ଓଝା, ଖଡ଼ିଅଙ୍ଗ, ବାଲିଚନ୍ଦ୍ରପୁର, ଯାଜପୁର**

ସୁରକ୍ଷାର ପ୍ରତୀକଟିଏ ଏହି ରାଖୀ, ଯାହାକୁ ନେଇ ଭଉଣୀଟିଏ ସ୍ନେହ, ସରାଗ, ଆଶା ବିଶ୍ୱାସର ସହିତ ବାନ୍ଧି ଦେଇଥାଏ ଭାଇର ହାତେ, ଭାଇଟି ମଧ୍ୟ ଅଭୟର ପ୍ରତିଶ୍ରୁତି ଦେଇ ଚିର ସାହା ହୋଇ ରହିଥାଏ ଭଉଣୀ ସାଥେ। ଭଉଣୀ ଭାଇଙ୍କ ଏହି ଭାବର ବନ୍ଧନ ସବୁଦିନ ରହିଥାଉ ଅତୁଟ, ଲାଗୁଥାଉ ଗହ ଗହ ବାସୁଥାଉ ଫୁଲଚନ୍ଦନ ବାସୁଥାଉ ଫୁଲ ଚନ୍ଦନ।
**ସନ୍ତୋଷିନୀ ନାଏକ, ପାଟଣାଗଡ଼, ବଲାଙ୍ଗୀର**

your support is what, I admire in every wals of lire.... Your conditional love always help me find the joy in life.... You always make me realise, that you are always there for me, It's a blessing to have a BROTHER as dear, as wonderful and as special as you, Raksha Bandhan is about unique bond between brother and sister.
**ପ୍ରତୀକ୍ଷା ସାହୁ, ସାକ୍ଷୀଗୋପାଳ, ପୁରୀ**

ରାଖୀର ବନ୍ଧନ ଭଉଣୀର ମାନ, ରକ୍ଷା କଲେ ଭାଇ ଦେଇ ତା' ଜୀବନ। ବିପଦରେ ଥିଲା ଦ୍ରୌପଦୀର ମାନ ରକ୍ଷା କରିଥିଲେ କୃଷ୍ଣ ଭାଇ। ଏ ନିଆରା ପରମ୍ପରା ସମ୍ପର୍କ ଈଶ୍ୱର ଦାନ। ରାଖୀର ବନ୍ଧନ ଭଉଣୀର ମାନ, ରକ୍ଷା କରେ ଭାଇ ତା' ଜୀବନ। ଆହେ ବିଶ୍ୱକର୍ତ୍ତା ସୁଭଦ୍ରାର ଭାଇ ଏ ସମ୍ପର୍କ ଥାଉ ଚିରଦିନ ପାଇଁ କାଳିଆ ତୋ ହାତେ ସୁଭଦ୍ରାର ରାଖୀ, ପାଉଣା ତାହାର ରଖିବନି ବାକି। ରକ୍ଷା କରେ ତା ଭାଇ ଜୀବନ।
**ତୃପ୍ତିମୟୀ ବରାଳ, ସତ୍ୟବାଦୀ, ପୁରୀ**

A love between a brother and sister is one of the dee[est and noblest of human emltions 'Raksha Bandhan' is a special occasion to celebrate this emotional bonding when a sister ties a Rakshi a holy thread around her brothers wrist [rays for his long life.
**ରେଣୁକା ସାହୁ, ସାକ୍ଷୀଗୋପାଳ, ପୁରୀ**

ରାଖୀ ହେଉଛି ଆମ ସଂସ୍କୃତିର ଏକ ବିଚିତ୍ର ଓ ମହନୀୟ ପର୍ବ। ରକ୍ଷାବନ୍ଧନ କେବଳ ଯେ ଭାଇର ଭଉଣୀକୁ ରକ୍ଷା କରିବାର ପର୍ବ ନୁହେଁ, ଏହା ଭାରତୀୟ ସଂସ୍କୃତିରେ ଭାଇର ଭଉଣୀ ପ୍ରତି ସ୍ନେହ, ମମତା, ଯତ୍ନ ଓ ତ୍ୟାଗର ପ୍ରତୀକ ଏବଂ ପରମ୍ପରା। ସମସ୍ତ ପ୍ରାଣୀ ଓ ପ୍ରକୃତିର ମିଳନ ଓ ସୁରକ୍ଷାର ଅତୁଟ ବନ୍ଧନର ପର୍ବ ରକ୍ଷା ବନ୍ଧନ। ତେଣୁ: ରେଶମୀ ଡୋରରେ ଦୁଇଟି ମନ
ବାନ୍ଧି ରଖିଥାଏ ସାରା ଜୀବନ।
**ଗୀତାଞ୍ଜଳି ରାୟ, ଓଲ୍ଡ ଟାଉନ, ଭୁବନେଶ୍ୱର**

ଚନ୍ଦନ ମାଳିଟି ହାତରେ ବାନ୍ଧି ଶୁଭମନାସେ ଭଉଣୀ ପ୍ରଭୁଙ୍କୁ ଡାକି... କୋଟିକରେ ମୋର ଗୋଟିଏ ଭାଇ ଚଳନ୍ତି ଠାକୁର ସେ ମୋ ପାଇଁ... ମୋ ଆୟୁଷ ନେଇ ତୁମେ ଜିଇ ରୁହ ଭାଇ ତୁମ ଚଲାପଥେ ପଡୁ ଫୁଲ ବରଷି... ଥିବାଯାଏ ମୋ ପରାଣ ଏ ବନ୍ଧନକୁ କେବେ ଭୁଲି ନ ଯିବ ଭାଇ।
**ମମତା ସାହୁ, ଲିଙ୍ଗରାଜ ନଗର,ପୁରୁଣା ଭୁବନେଶ୍ୱର**

ରକ୍ଷାବନ୍ଧନ ଯେବେ ଆସେ, ଭାଇଟିଏ ଅତି ଆଦରରେ ଭଉଣୀକୁ ଖୋଜିବସେ।
ଏହି ପବିତ୍ର ବନ୍ଧନରେ ବାନ୍ଧି ହୋଇଥାଏ, ଦୁଇଟି କଅଁଳ ଜୀବନ। ଭାଇ ଦେଇଥାଏ ଭଉଣୀକୁ କଥା ରଖିବ ତାହାର ମାନ। ଜୀବନର ଟଙ୍କା ପଇସାଠାରୁ ବଡ଼, ଭାଇଭଉଣୀର ସ୍ନେହ।
ଭଉଣୀ ବିନା ଭାଇ ଜୀବନ ଅଧୁରା
ଏହା ଅଟେ ଅତୁଟ ବନ୍ଧନ।
**ଜିତେନ୍ଦ୍ର ମହାପାତ୍ର, ପଟ୍ଟନାୟିକିଆ, ପୁରୀ**

ସ୍ନେହ, ପ୍ରେମରେ ବନ୍ଧା ଏ ସମ୍ପର୍କ ଆମର। ଲୋଡ଼ା ନାହିଁ ମୋର କିଛି। କିନ୍ତୁ ମୋ ଭଉଣୀକୁ ମିଳୁ ସବୁ ହସ ଖୁସୀ। ମୁଁ ଭୁଲିଯିବି ସବୁ ଦୁଃଖ ଆଉ ସେ ଦୁଃଖ ନ ଆସିବ ମୋର ପାଖ।
ସୁଖ, ଶାନ୍ତି, ସମୃଦ୍ଧି ରଙ୍ଗରେ ମୋ ଭଉଣୀ ଜୀବନ ହେଉ ରଙ୍ଗାୟିତ। କଣ୍ଟକିତ ପଥ ତା'ର ହେଉ କୁସୁମିତ, ଏତିକି ମିନତି ତୋ ପାଖରେ ଜଗତର ନାଥ।
**ଦୀପ୍ତିରଞ୍ଜନ ମିଶ୍ର, ରଘୁନାଥ ଆୟୁର୍ବେଦିକ କ୍ଲିନିକ, କଟକ**

ଭାରତବର୍ଷ ଯେପରି ପରମ୍ପରା ସଂସ୍କୃତିକୁ ଆଧାର କରି ଏକ ଧାର୍ମିକ ଦେଶର ଆଖ୍ୟା ପାଇଛି। ସେହିପରି ଧର୍ମ ଏବଂ ଅଧର୍ମ ତତ୍ତ୍ୱର ସମ୍ପର୍କ ଯୋଡ଼ିରହିଛି ଭାରତ ବର୍ଷର ଇତିହାସରେ। ସାଧାରଣତଃ ଭାରତବର୍ଷରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଏ। ତନ୍ମଧ୍ୟରୁ ରକ୍ଷାବନ୍ଧନ ଏକ ସ୍ୱତନ୍ତ୍ର ପର୍ବ। ରକ୍ଷାବନ୍ଧନ ହେଉଛି ଭ୍ରାତୃ ଭଗିନୀ ବିଶିଷ୍ଟ ଏକ ମୁଖ୍ୟପର୍ବ। ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ ଏକ ଯୁଦ୍ଧ ସମୟରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ହସ୍ତକମଳରୁ ରକ୍ତ ଝରୁଥିଲା।
**ସୁଇଟ ପାତ୍ର,ଭୀମଟାଙ୍ଗୀ, ଭୁବନେଶ୍ୱର**

ପୃଥ୍ୱୀରାଜ ଚୌହାନ ଇତିହାସରେ ରାଖୀର ମାନ୍ୟତା ରଖି ମାତୃଭୂମି ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ସମ୍ରାଟ ଆକବର ଧର୍ମକୁ ଭୁଲି ହିନ୍ଦୁଧର୍ମରେ ମଧ୍ୟ ଭଗ୍ନୀ ସ୍ନେହକୁ ଗ୍ରହଣ କରି ରକ୍ଷାବନ୍ଧନ ପର୍ବରେ ହିନ୍ଦୁନାରୀଙ୍କ ହସ୍ତରୁ ରାଖୀ ଗ୍ରହଣ କରି ଜାତି, ଧର୍ମ ନିର୍ବିଶେଷରେ ଜଣାଇ ଦେଇଛନ୍ତି ଯେ ରାଖୀ କେବଳ ବନ୍ଧନ ନୁହେଁ। ଏହା ଭାରତ ମାଆର ସନ୍ତାନମାନଙ୍କ ପାଇଁ ସୁରକ୍ଷାର ଅଭିମନ୍ତ୍ରିତ ସୂତ୍ର।
**ଭାଗ୍ୟଶ୍ରୀ ବିଶ୍ୱାଳ, ସାକ୍ଷୀଗୋପାଳ, ପୁରୀ**

ରାଖୀ ପୂର୍ଣ୍ଣିମା ଅବସରରେ ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ। ସେ ସବୁବେଳେ ନିର୍ଭୁଲ ଭାବରେ ସତ୍ୟ ଘଟଣାକୁ ଆମ ଆଗରେ ପ୍ରକାଶ କରିଥାନ୍ତି।
**ଅମରେନ୍ଦ୍ର ଦତ୍ତ, ଜୟଦେବବିହାର, ଭୁବନେଶ୍ୱର**

R: Re-afferming loves affection, A-A prayer for long lifes success, K- Keeping memories alive, H- Happiness laughter, I-Innumerable shared stories.
**ହରିଶ ଚନ୍ଦ୍ର ସାହୁ, ସୌରଭ ବିହାର, ବଦରପୁର**

ଆମ ଓଡ଼ିଆ ଜାତିର ମାତୃଭାଷା ଓଡ଼ିଆରେ ୪୯୦ ଗୋଟି ଶବ୍ଦ ମଧ୍ୟରୁ 'ଭ' ଏପରି ଏକ ଅକ୍ଷର ତା'ଠାରୁ ଦୁଇଗୋଟି ପବିତ୍ର ଶବ୍ଦର ଉତ୍ପତ୍ତି। ଗୋଟିଏ ହେଲା 'ଭାଇ' ଅନ୍ୟଟି 'ଭଉଣୀ' । ଭାଇ ଭଉଣୀର ପବିତ୍ର ଅତୁଟ ବନ୍ଧନକୁ ମନେ ରଖିବା ପାଇଁ ଭଗବାନ ଶ୍ରାବଣ ମାସର ପବିତ୍ର ପୂର୍ଣ୍ଣିମା ତିଥିକୁ ପାଳନ କରିବା ପାଇଁ କହିଥାନ୍ତି।
**ଜୟକୃଷ୍ଣ ନାୟକ, ଅମଲାପଡ଼ା, ଢେଙ୍କାନାଳ**

ଭାଇ ଭଉଣୀର ଅନାବିଳ ସ୍ନେହର ସାକ୍ଷୀ ଏଇ ରାଖୀ।
ଭଉଣୀର ସମ୍ମାନ ଓ ରକ୍ଷା କବଚର ପ୍ରତୀକ ଏଇ ରାଖୀ।
ଶ୍ରାବଣ ପୂର୍ଣ୍ଣିମାରେ ଭାଇ ପାଇଁ ପୂର୍ଣ୍ଣ ଆୟୁର ପୂର୍ଣ୍ଣତା ଏଇ ରାଖୀ।
ଭାଇଭଉଣୀର ପବିତ୍ର ବନ୍ଧନର ମହାନ୍ ପର୍ବ ଏଇ ରାଖୀ।
**ସଂଗୀତା ପଣ୍ଡା,ବରଗଡ଼**

ହୀରାଟିଏ ପରି ଚାନ୍ଦଟିଏ ପରି କୋଟିଏରେ
ଗୋଟିଏ ମୋ ଭଉଣୀ, ରାଖୀକୁ ଛୁଇଁ ମୁଁ ଶପଥ
କରୁଛି ମରିବା ଯାଏ ମୁଁ ରହିବି ତୋ ଭାଇ ହୋଇ।
**– ସୁପ୍ରିୟା ସାହୁ, ହଳଦୀବସନ୍ତ, ପିପିଲି**

ଆମ ଭାରତବର୍ଷର ସର୍ବପ୍ରାଚୀନ ପରମ୍ପରା ହେଉଛି ରକ୍ଷାବନ୍ଧନ। ଏହା ଶ୍ରାବଣମାସ ପୂର୍ଣ୍ଣମୀ ତିଥିରେ ପାଳନ ହୁଏ। ଏହାକୁ ଗହ୍ମା ପୂର୍ଣ୍ଣମୀ ଓ ବଳଭଦ୍ର ଜନ୍ମ ମଧ୍ୟ କୁହାଯାଏ। ମହାଭାରତର ଦ୍ରୌପଦୀ ଶ୍ରୀକୃଷ୍ଣଙ୍କ ହାତରେ ରାଖୀ ବାନ୍ଧିବାର ଉଦାହରଣ ମଧ୍ୟ ରହିଛି। ରାଖୀକୁ ଶକ୍ତି, ବିଶ୍ୱାସ ଓ ବିଜୟର ପ୍ରତୀକ ବୋଲି କୁହାଯାଏ। ରାଖୀକୁ ରକ୍ଷା କବଚ ରୂପେ ଗ୍ରହଣ କରାଯାଏ। ରକ୍ଷାବନ୍ଧନ ପର୍ବ ଭାରତର ସଂସ୍କୃତି, ସଭ୍ୟତା ଓ ପରମ୍ପରାର ଅମୂଲ୍ୟ ପ୍ରତୀକ । ଆଜିର ବ୍ୟସ୍ତ ଦୁନିଆରେ ରକ୍ଷା ବନ୍ଧନ ପରିବାରକୁ ଏକତ୍ର କରିଥାଏ।
**ବିଦ୍ୟୁତ୍‌ପ୍ରଭା ସାହୁ, ହଳଦୀବସନ୍ତ, କଟକ**

ଭାଇ ଓ ଭଉଣୀର ସମ୍ପର୍କ ହେଉଛି ଭକ୍ତ ଓ ଭଗବାନଙ୍କ ସମ୍ପର୍କର ପ୍ରତୀକ। ଯେପରି ଭକ୍ତ ଓ ଭଗବାନଙ୍କ ସମ୍ପର୍କରେ ଅତୁଟ ବିଶ୍ୱାସ, ଧର୍ମ ଓ ନିବିଡ଼ତା ଥାଏ, ତାହାର ପ୍ରତୀକ ହେଉଛି 'ରାଖୀ'। ତେଣୁ ରାଖୀ ହେଉଛି ଅତୁଟ ପ୍ରେମ, ଧର୍ମ ଓ ବିଶ୍ୱାସର ମାପକାଠି ରକ୍ଷକ ହେଉଛି ପବିତ୍ର ସମ୍ପର୍କର ବିଶାଳ ସେତୁ।
**ଦିଲୀପ କୁମାର ସୁରଜିତ, କାଳୁପଡ଼ାଘାଟ,ଖୋର୍ଦ୍ଧା**

ଜଗାରେ!! ଏ ବନ୍ଧନ ତୋ'ଠାରେ ମୋର ସମର୍ପଣ ବନ୍ଧନ। ରାଖୀ ପୂର୍ଣ୍ଣିମା ଅବସରରେ ଅନନ୍ତ ବିଶ୍ୱର ସମସ୍ତ ଭାଇଭଉଣୀମାନଙ୍କୁ ଅକିଞ୍ଚନର ଆବେଗଭରା ଶୁଭେଚ୍ଛା।
**ରବୀନ୍ଦ୍ରନାଥ ସାହୁ, ପଦନଦାସପୁର, ମାହାଙ୍ଗା, କଟକ**

ମନରେ କେତେଭାବନା ନେଇ ଏହି ଦିନଟିକୁ ଥିଲି ମୁଁ ଚାହିଁ, ପ୍ରଭୁ ତୁମେ ଏମିତି କାହିଁକି କଲ ? ମୋ ଭାଇକୁ ମୋଠୁ ଛଡେଇ ନେଲ । ମନକୁ ମୋର ଦେଲି ବୁଝାଇ, ଜଗନ୍ନାଥ ତୁମେ ମୋର ଜନମ ଜନମର ଭାଇ, ତୁମ ପାଇଁ ରାଖୀ ଦେଲି ପଠାଇ, ମୋ ଦୃଢ଼ ବିଶ୍ୱାସ ଭାଙ୍ଗିବ ନାହିଁ । ରାଖୀ ପାଇ ହାତେ ବାନ୍ଧିବ ନେଇ ।
**ମିନତି ତ୍ରିପାଠୀ,ଆଇଆରସି ଭିଲେଜ, ଭୁବନେଶ୍ୱର**

ରକ୍ଷା ବନ୍ଧନ ହେଉଛି ଭ୍ରାତୃଭଗିନୀ ବିଶିଷ୍ଟ ଏକ ମୁଖ୍ୟ ପର୍ବ। ଏହି ପର୍ବର ତାତ୍ପର୍ଯ୍ୟ ହେଉଛି ଭଉଣୀମାନେ ଭାଇମାନଙ୍କ ସୁରକ୍ଷା ବନ୍ଧନ ମଧ୍ୟରେ ସୁରକ୍ଷିତ ରହିବା ପାଇଁ ଭାଇମାନଙ୍କୁ ରାଖୀ ବାନ୍ଧିଥାନ୍ତି। ଏହି ଭାରତ ବର୍ଷରେ ଏକ ଅନନ୍ୟ ପରମ୍ପରା। ଏହି ରକ୍ଷା ବନ୍ଧନ ଭାଇ ଓ ଭଉଣୀ ମଧ୍ୟରେ ବନ୍ଧନକୁ ମଜଭୁତ ଓ ଅତି ନିବିଡ଼ କରେ ।
**ନମିତା ପାଇକରାୟ, ରଥପୁର,ଖୋର୍ଦ୍ଧା**

ମାଗି ଜାଣେ ନାହିଁ, ରାଗି ଜାଣେ ନାହିଁ । ଫୁଲଠୁଁ କୋମଳ ମୋ ଭଉଣୀ ମନ। ଜୀବନ ଯନ୍ତ୍ରଣା ଆପଣାଇ ନିଏ, ନାହିଁ ତା'ର ଅଭିମାନ। ସୁଖ ଦୁଃଖ ଭରା ଜୀବନର ପଥେ ସେ ମୋ ଶୀତଳଛାଇ । ସ୍ନେହ ବିଶ୍ୱାସର ଏଇ ଅତୁଟ ବନ୍ଧନ ଜନମ ଜନମ ପାଇଁ ।
**ଜଗବନ୍ଧୁ ଦାସ, ଗୋପାଳପୁର, କଟକ**

ଶ୍ରାବଣମାସ ପୂର୍ଣ୍ଣିମାରେ ରାଖୀପୂର୍ଣ୍ଣିମା ଓ ବଳଦେବଙ୍କ ଜନ୍ମ ପାଳନ ହୁଏ। ରାଖୀ ବନ୍ଧନ ଭାଇଭଉଣୀଙ୍କ ପବିତ୍ର ସ୍ନେହ ସୁରକ୍ଷା ପ୍ରତୀକ। ରାଖୀ ମଧ୍ୟ କିଛି ଭାଇଭଉଣୀଙ୍କ ବର୍ଷକ ମନୋମାଳିନ୍ୟ ଦୂର କରିଥାଏ। ଏହି ଦିନକୁ ପାଟରାମାନେ ତାଙ୍କ ଇଷ୍ଟଦେବ ପାଇଁ ଗହ୍ମାପର୍ବ ଭାବେ ପାଳନ କରନ୍ତି । ପୁରୀରେ ବଳଭଦ୍ରଙ୍କ ପାଇଁ ନୀଳ, ଜାମୁକୋଳି ଏବଂ ଜଗନ୍ନାଥଙ୍କ ପାଇଁ ହଳଦୀ, ନାଳି ରଙ୍ଗର ରାଖୀ ପାଟରାସେବକ ଦେଇଥାନ୍ତି ।
**ଆଲୋକ ପ୍ରିୟ ମହାନ୍ତି, ସପ୍ତବଡିନଗର, ଭୁବନେଶ୍ୱର**



ଅତୁଟ ବନ୍ଧନ ରାଖୀ ଯୁଗେ ଯୁଗେ ରହି ସାକ୍ଷୀ ମୋ ଭାଇ ସୈନିକ ଦେଶ ତା'ର ଆଗ । କର୍ତ୍ତବ୍ୟ କରେନି ହେଳା, ଚାହିଁ ବସିଥିବି ରାଖୀରେ ମଣ୍ଡୁ ତାକୁ ଆସିବୁ କେବେ ତୁ ପରା, ପଠେଇଛି ରାଖୀ ମୁଁ ହାତି ଛୁଆଁଇ ରାଖୀ ବାନ୍ଧିଦିଏ ଭାଇ, ଗହ୍ମାପୂର୍ଣ୍ଣିମାରେ ପ୍ରଭୁ ବଳରାମ ଉଦ୍ଧବ କହିଦେ ଯାଇ । ଆରବର୍ଷ ପୁଣି ତୋ ହାତରେ ଭାଇ ରାଖି ବାନ୍ଧୁଥିବା ମୁହିଁ ।
**ସଞ୍ଜୁଲତା ନାୟକ, ନିୟର କଳିଙ୍ଗ ଷ୍ଟୁଡିଓ, ଭୁବନେଶ୍ୱର**

ଭାଇ ଓ ଭଉଣୀଙ୍କ ସମ୍ପର୍କ ଜନ୍ମ ଜନ୍ମାନ୍ତର ବାନ୍ଧି ହୋଇରହିଥାଏ । ଏହି ପର୍ବ ଶ୍ରୀକୃଷ୍ଣଙ୍କର ପର୍ବ ଓ ଗୋମାତାଙ୍କ ପର୍ବ ଅଟେ। ଏହା ଏକ ବଡ ବଡ ମୁନି, ଋଷି, ଦେବଦେବୀ ଭାଇ ଓ ଭଉଣୀଙ୍କର ମଧ୍ୟ ଗୀତା, ଭାଗବତ ପୋଥିମାନଙ୍କରେ ଲିଖିତ ବାନ୍ଧି ହୋଇ ରହିଥାଏ । ରହିବ ଭାଇ ହାତରେ ଭଉଣୀ ବାନ୍ଧିଲେ ଏହା ସୁସମ୍ପର୍କ ଓ ମଧୁରତା ରହିଥାଏ ।
**ସୁଶାନ୍ତ କୁମାର ଚୌଧୁରୀ, କୁମୁଟି ସାହି ପୁରୀ**

ଶ୍ରାବଣ ମାସ ପୂର୍ଣ୍ଣିମା ତିଥିକୁ ଗହ୍ମାପୂର୍ଣ୍ଣିମା କିମ୍ବା ରାଖୀବନ୍ଧନ କୁହାଯାଏ। ଏହି ପର୍ବଟି ବଳଭଦ୍ରଙ୍କ ଜନ୍ମ ଦିବସ ଉପଲକ୍ଷେ ଓଡିଆଙ୍କ ଘରେ ଘରେ ଭଉଣୀ ଭାଇକୁ ରାଖୀବାନ୍ଧି ଭାଇଠାରୁ ଆଶୀର୍ବାଦ ନେଇଥାଏ । ଏହି ପର୍ବରେ ଘରେ ପିଠାପଣା ହୋଇଥାଏ ଏବଂ ପର୍ବରେ ଗୋମାତାଙ୍କୁ ପୂଜା କରି ରାଖୀ ବନ୍ଧାଯାଏ। ଏହି ପର୍ବଟି ଭାଇ ଭଉଣୀଙ୍କର ଅତୁଟ ବନ୍ଧନ ।
**ସରୋଜ ପାତ୍ର, ପୁରୀ**

ଭାଇଭଉଣୀର ସମ୍ପର୍କ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ ନିଜ ନିଜ ମଧ୍ୟରେ ରାଖୀ ବାନ୍ଧି ମିଷ୍ଟାନ୍ନ ଖାଇ ଓ ଖୁଆଇ ସମ୍ପର୍କ ସ୍ଥାପନ କରିଥାନ୍ତି।
**ଏଲିଜା ବେହେରା, ଓଟିଏମ୍, ଚୌଦ୍ୱାର**

ରାଖୀପୂର୍ଣ୍ଣିମାରେ ଭଉଣୀ ଭାଇ ହାତରେ ଶ୍ରଦ୍ଧାରେ ରାଖୀଟିଏ ବାନ୍ଧିଥାଏ। ସ୍ନେହ, ଶ୍ରଦ୍ଧା, ପ୍ରୀତି ଅତୁଟ ବନ୍ଧନ ରାଖୀ ପୂର୍ଣ୍ଣିମାଟି କହେ ଭାଇ ଭଉଣୀର ସମ୍ପର୍କ ଅମ୍ଳାନଚିର ଚିହ୍ନଟରେ ଥାଏ। ଭାଇର ଭଉଣୀ ପ୍ରତି ଥିବା ଦାୟିତ୍ୱ ଓ ଭଉଣୀର ଭାଇ ପ୍ରତି ଥିବା ସ୍ନେହ, ଆଦର ସମ୍ମାନକୁ ଦୃଢ କରିଥାଏ। ରାଖୀ ବନ୍ଧନର ପ୍ରତିବଦ୍ଧତା ଭାଇ ଭଉଣୀ ଜୀବନରେ ସୁରକ୍ଷା କବଚ ପ୍ରଦାନ କରିଥାଏ ।
**ଗୀତାମଲୀ ରାୟ, ଓଲ୍ଡ ଟାଉନ୍, ଭୁବନେଶ୍ୱର**

ରାଖୀ ଭାଇ ଭଉଣୀର ଅତୁଟ ବନ୍ଧନ। ପୁରାଣରେ ବଳିରାଜା ଦାନ କଥା ମଧ୍ୟ ଏହା ସହିତ ଜଡିତ। ଶ୍ରୀକୃଷ୍ଣ ଶିଶୁପାଳ ବଧ କରିବା ସମୟରେ ତାଙ୍କ ଅଙ୍ଗୁଳି କଟିଯିବାରୁ ଦ୍ରୌପଦୀ ଶାଢିଚିରି ବାନ୍ଧିଥିଲେ । ପ୍ରତିବଦଳରେ ବସ୍ତ୍ରହରଣ ସମୟରେ କୋଟିବସ୍ତ୍ର ଦେଇ ଭଉଣୀର ମର୍ଯ୍ୟାଦା ରକ୍ଷା କରିଥିଲେ। ଏହି ଦିନଟିକୁ ବଳଭଦ୍ର ଜନ୍ମ ମଧ୍ୟ କୁହାଯାଏ । ଏହି ଦିନ ଚାଷୀ ପରିବାରରେ ଲଙ୍ଗଳ, କୋଡି, ଶାବଳ ଇତ୍ୟାଦି ଚାଷ ଉପକରଣ ପୂଜା କରାଯାଏ । ପରିବାରରେ ବିଭିନ୍ନ ପିଠାପଣା ମଧ୍ୟ ହୋଇଥାଏ । ପୂଜା ପାଇଁ ବ୍ରାହ୍ମଣ ଦେଇଥିବା ପଇତା ପିନ୍ଧିବା ଭାରି ମଜା ଲାଗେ ।
**ଭଗବାନ ପ୍ରଧାନ, ବୁଗୁଡା ବଡଦାଣ୍ଡ ସାହି, ଗଞ୍ଜାମ**

ରାଖୀ ଭାରତ ଭୂମିର ସାକ୍ଷୀ । ଭଉଣୀ ବାନ୍ଧିବ ଭାଇ ହାତରେ ରାଖୀ। ଭାଇ କରିବ ଭଉଣୀର ରକ୍ଷା। ଯେ ପର୍ଯ୍ୟନ୍ତ ଅଛି ରାଖୀ ପୂର୍ଣ୍ଣିମାର ମର୍ଯ୍ୟାଦା । ଏମିତି ଅତୁଟ ବନ୍ଧନ କେବେ ତୁଟିବ ନାହିଁ । ଭାଇ ଭଉଣୀର କାହାଣୀ କେବେ ସରିବ ନାହିଁ ।
**ଆଦ୍ୟାଶା ସାମନ୍ତରାୟ, ସାକ୍ଷୀଗୋପାଳ, ପୁରୀ**

A heartful Wishes to all my dear Brother/Sisters. We sisters tie a thread of unbreakable bond and protect you from all nagetivity. on this beautiful occassions we Indians are grateful to have this festival to celebrate. Raksha bandhan derives all the sister to the protected by their brothers, thanking to all my dear brothers.
**Sakundutta Barik, Chakeisihani, Mancheswar Industrial Estate**

ଆଜିର ଦିନଟି କିଛି ଖାସ ମୋ ପାଇଁ ଅନେକ ରହିଥାଏ ସଦା ମୁଁ ତୋ ପାଇଁ ଭଉଣୀର ରାଖୀ ବନ୍ଧା ଅଛି ମୋ ହାତରେ ।
**ନିରଞ୍ଜନ ଦାସ, ଚୈତନ, ପୁରୀ ସଦର**

I am very thankful to God, Who give me a brother like you. Having a brother like you make me foel Safe in this cruel world. I always pray for you to have love, Health and prosperity. Have a lovely Rakshabandhan .
**Abhipsha Sarangi, Kanark nakar, Pallahat Khurda**

ରାଖୀ ପୂର୍ଣ୍ଣିମା ଏକା ଭାରତୀୟ ପର୍ବ । ଏହା ଭାଇ ଓ ଭଉଣୀର ପର୍ବ, ଭଉଣୀମାନେ ଭାଇଙ୍କ ହାତରେ ରାଖୀ ବାନ୍ଧି ସେମାନଙ୍କ କପାଳରେ ତିଳକ ଓ ଚାଉଳ ଲଗାଇ ପୂଜା କରନ୍ତି । ଭାଇମାନେ ନିଜ ଭଉଣୀଙ୍କୁ ଉପହାର ଆକାରରେ ପ୍ରେମ ବ୍ୟକ୍ତ କରନ୍ତି ଆଉ ଭଉଣୀକୁ ସୁରକ୍ଷା ଦେବାକୁ ପ୍ରତିଜ୍ଞା କରନ୍ତି। ଏହା ଭାଇ ଭଉଣୀଙ୍କ ବନ୍ଧନକୁ ବହୁତ ମଜଭୁତ କରିଥାଏ । ଏଇ ରାଖୀ ପୂର୍ଣ୍ଣିମା ସଂସ୍କୃତର ଉତ୍ପନ୍ନ, ଯାହାର ଅର୍ଥ ହେଉଛି ସୁରକ୍ଷା ଓ ଯତ୍ନର ବନ୍ଧନ ।
**ସମୀକ୍ଷା ପ୍ରଧାନ, କୁମ୍ଭାର ସାହି, ଢେଙ୍କାନାଳ**

ରାଖୀ ପୂର୍ଣ୍ଣିମା ଭାଇ ଏବଂ ଭଉଣୀମାନଙ୍କର ଏକ ପବିତ୍ର ପର୍ବ । ଏହି ପର୍ବ ଓଡିଶା ସମେତ ସାରା ଭାରତ ବର୍ଷରେ ପାଳିତ ହୁଏ। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳନ କରାଯାଏ । ଏହି ଦିନ ଭଉଣୀ ଭାଇର ମଥାରେ ତିଳକ ଲଗେଇବା ସହ ହାତରେ ରାଖୀ ବାନ୍ଧିଥାଏ । ଭାଇ ମଧ୍ୟ ଭଉଣୀକୁ ସୁରକ୍ଷାର ପ୍ରତିଶ୍ରୁତି ଦେଇଥାଏ ।
**ପ୍ରଦୀପ କୁମାର ସାହୁ, ଶଣ୍ଢପୁର ପୁରୀ**

ଭାଇଭଉଣୀର ସମ୍ପର୍କ କେବଳ ରକ୍ତରୁ ନିର୍ଦ୍ଧାରିତ ହୁଏନାହିଁ ବରଂ ଏହା ଏକ ଆବେଗିକ ସମ୍ପର୍କ ମଧ୍ୟ। ଏହି ସମ୍ପର୍କକୁ ସୁଦୃଢ ଓ ଅତୁଟ ରଖିବା ଆମର କର୍ତ୍ତବ୍ୟ। ଯିଏ ସୁରକ୍ଷା ପ୍ରଦାନ କରେ ତାଙ୍କ ହାତରେ ରାଖୀ ବାନ୍ଧିବା ଅନିବାର୍ଯ୍ୟ। ନିଜ ଭଉଣୀମାନଙ୍କଠାରୁ ଦୂରରେ ରହି ଆମ ଦେଶକୁ ସୁରକ୍ଷା ପ୍ରଦାନ କରୁଥିବା ସେଇ ସୈନ୍ୟଭାଇମାନଙ୍କ ପାଇଁ ଏହି ପବିତ୍ର ରାଖୀପୂର୍ଣ୍ଣିମା ସୁଖଦପୂର୍ଣ୍ଣ ହେଉ ।
**ଅପରୂପା ବେହେରା, ବାଲେଶ୍ୱର, ଅଢା**

ସ୍ନେହ ଶ୍ରଦ୍ଧା ହୃଦେ ମଙ୍ଗଳ କାମନା ରକ୍ଷାବନ୍ଧନେ ଭଉଣୀ, ଭାଇ ଜୀବ ଥିବାଯାଏ ବାଟ ଚାଲୁଥିବେ ପରସ୍ପର ସାହାହୋଇ । ରାଖୀ ପୂନେଇଁରେ ଆନନ୍ଦ ଉଲ୍ଲାସ ସ୍ନେହଭରା ମିଠାକଥା ଆଣିଦିଏ। ଆଜି ଲୁହର ସମ୍ଭାର ଗାଇ ଶେଷ ଶ୍ରାବଣର ଗାଥା ଅଭୁଲା ମନଟି ସ୍ମୃତି ସାଉଁଟୁଛି ଅମାନିଆ ଲୁହଧାର କହେ ଓ ବନ୍ଧନ ରହିବ ଅତୁଟ ଜନ୍ମ ଜନ୍ମାନ୍ତର ।
**ପ୍ରିୟବ୍ରତ ଅମୀୟ ରଞ୍ଜନ ମହାନ୍ତି, ବଇଣ୍ଡା, ଅନୁଗୋଳ**

ଏ ରାଖୀ କେବଳ ଗୋଟେ ସୂତା ନୁହେଁ, ଏ ହେଉଛି ମୂକ ସାକ୍ଷୀ ଆମ ସମ୍ପର୍କର ମାନ ଅଭିମାନ ଅବା ସ୍ନେହ ମମତାର।
**ପ୍ରଶାନ୍ତ ବେହେରା, ଦିତାବିତନ,ପୁରୀ**

ସ୍ନେହ ପ୍ରେମର ବନ୍ଧନ ଏ ପାଳେ ସାରା ସଂସାର। ସାରା ଜଗତରେ ସବୁଠୁ ପବିତ୍ର ପ୍ରେମ ଏ ଭାଇ ଭଉଣୀର । ଭାଙ୍ଗିଲେ ବି ଭାଙ୍ଗେ ନାହିଁ ବିଶ୍ୱାସର ଅତୁଟ ବନ୍ଧନ। ଏ ବନ୍ଧନକୁ ସଂସାର କହେ ଭାଇ ଭଉଣୀର ରକ୍ଷାବନ୍ଧନ। ଶ୍ରାବଣ ମାସରେ ମେଘର ରିମ୍‌ଝିମ୍ ନୃତ୍ୟରେ ସାରା ପ୍ରକୃତି ସବୁଜିମାରେ ଖେଳନ୍ତି। ଚିକ୍‌ମିକ୍ ବିଜୁଳି ଘଡ଼ଘଡି ନାଦରେ ମାତା ଧରିତ୍ରୀ ନୀଳଆକାଶକୁ ଇନ୍ଦ୍ରଧନୁର ରାଖୀ ବାନ୍ଧନ୍ତି।
**ଦୀପ୍ତିରେଖା ଦାଶ, ଚର୍ଚ୍ଚିକା ବଜାର, ଜଗତ୍‌ସିଂହପୁର**

ରାଖୀ ପୂର୍ଣ୍ଣିମା ବା ରକ୍ଷାବନ୍ଧନ କେବଳ ଭାଇ ଭଉଣୀର ସମ୍ପର୍କରେ ସୀମିତ ନୁହେଁ। ଜଣେ ବିବାହିତ ମହିଳା ତାଙ୍କ ସ୍ୱାମୀ, ଶାଶୁ ଏବଂ ଶ୍ୱଶୁର ଘର ଲୋକଙ୍କ ହେପାଜତ ନେବା ସହ ବାପଘର ଲୋକଙ୍କ ଚିନ୍ତାରେ ସଦାସର୍ବଦା ଥା'ନ୍ତି। ଉଭୟ ପରିବାର ମଙ୍ଗଳ ପାଇଁ ଭଗବାନଙ୍କଠାରେ ପ୍ରାର୍ଥନା କରିଥା'ନ୍ତି। ଦୁଇ କୁଳର ହିତା ହୋଇଥିବାରୁ ତାଙ୍କୁ ଦୁହିତା ମଧ୍ୟ କୁହାଯାଇଥାଏ।
**ଶୁଭାଶିଷ ବାରିକ, ଲୋଇସିଂହା, ବଲାଙ୍ଗୀର**

ଅତୁଟ ଏ ଜୀବନ, ଅତୁଟ ଏ ବନ୍ଧନ ରେଶମୀ ଡୋରିରେ ବନ୍ଧା ହୁଏ ଭାଇ ଭଉଣୀର ପ୍ରେମ। ଶ୍ରୀମନ୍ଦିର ଆଜି ଚଳଚଞ୍ଚଳ, ଜନ୍ମ ହେଲେ ପ୍ରଭୁ ବଳରାମ, ଗହ୍ମାପୂର୍ଣ୍ଣିମାକୁ ରାଖୀ ବନ୍ଧା ବୋଲି କରନ୍ତି ସର୍ବେ ପାଳନ। ଜଗାବଳିଆଙ୍କୁ ବାନ୍ଧିବେ ସୁଭଦ୍ରା ରାଖୀ । ସୁଭଦ୍ରା ହେଉଛି ଜଗାବଳିଆଙ୍କ ଆଖି, ଭାଇ ଭଉଣୀ ଚାହିଁ ବସିଥିବେ କେବେ ସେ ଆସିବ ରାଖୀ ।
**ସୁଧାଂଶୁଶେଖର ନାୟକ, ଅଲ୍ ଇଣ୍ଡିଆ ରେଡ଼ିଓ, କଟକ**

ମହାଭାରତରେ ମଧ୍ୟ ଏପରି ଏକ ପୌରାଣିକ କାହାଣୀ ରହିଛି କୃଷ୍ଣ ଓ ଦ୍ରୌପଦୀଙ୍କୁ ନେଇ । ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା । ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ି ଚିରି ସେଥିରେ ଗୁଡାଇ ଦେଇଥିଲେ । ଦୌପଦୀଙ୍କ ମଧ୍ୟରେ ଶ୍ରୀକୃଷ୍ଣ ଭଉଣୀର ସ୍ନେହ ପାଇଥିଲେ । ଯେତେବେଳେ କୁରୁସଭାରେ ଦ୍ରୌପଦୀଙ୍କୁ କୌରବମାନେ ବିବସନା କରିବାକୁ ଉଦ୍ୟତ ହେଲେ ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ରଦାନ କରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ।
**କୌଶଲ୍ୟା ମଲ୍ଲିକ, ଦୁର୍ଗାବଜାର, ଚୌଦ୍ୱାର**

ଗଲାବର୍ଷ ଭଳି ଏବେ ଆସିଅଛି ଅତୁଟ ବନ୍ଧନ ରାଖୀ। ଭଉଣୀର ରଣ ଭାଇର ବନ୍ଧନରେ ରହିଥାଉ ସଦା ଲାଖି। ପବିତ୍ର ମନରେ ପବିତ୍ର ଧନରେ ରକ୍ଷା କରି ଭଉଣୀକି ଦେଖାଇଦେବ ଏ ଭାଇ ବାହାଦୁରି, କିଛି ରଖିବନି ବାକି । ମନେ ରଖିଥିବେ ସମସ୍ତ ଭଉଣୀ ଭାଇଙ୍କ ସମ୍ମାନ ଟିକି। ସବୁ କିଛି କରୁଅଛି ଭଉଣୀମାନଙ୍କ ପାଇଁକି ।
**ରବୀନ୍ଦ୍ରନାଥ ମହାନ୍ତି, କିଟ୍, ଭୁବନେଶ୍ୱର-୨୪**

ରକ୍ଷାବନ୍ଧନ ହେଉଛି ଭ୍ରାତୃ ଭଗିନୀ ବିଶିଷ୍ଟ ଏକ ମୁଖ୍ୟ ପର୍ବ। ଶ୍ରାବଣ ମାସ ପୂର୍ଣ୍ଣିମା ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏ ପର୍ବ ହେଉଛି ଏକ ବିଶିଷ୍ଟ ହିନ୍ଦୁ ପର୍ବ। ଭଉଣୀମାନେ ଭାଇମାନଙ୍କୁ ସୁରକ୍ଷା ବନ୍ଧନ ମଧ୍ୟରେ ସଂରକ୍ଷିତ କରିବା ପାଇଁ ଭାଇମାନଙ୍କୁ ରାଖୀ ବାନ୍ଧିଥାନ୍ତି। ରାଖୀ ବାନ୍ଧିବା ପାଇଁ ରକ୍ତର ସମ୍ପର୍କ ନୁହେଁ ବରଂ ହୃଦୟର ତଥା ଆତ୍ମାର ସମ୍ପର୍କ ଆବଶ୍ୟକ। ସମସ୍ତ ଭାଇ ଭଉଣୀ

ଭଉଣୀ ଆଖିରୁ ଝରିଲେ ଲୁହ, ଭାଇ ଛାତି ତଳେ ଉଠଇ କୋହ, ଛାଇପରି ପାଖେ ଥାଏ, ରାଗ ରୁଷା ମାନ ଖାଲି ଅଭିମାନ ସବୁ ହସି ହସି ସହିଯାଏ। ସୁନା ଭାଇ ମୋର ସିଏ, ସୁନା ରୁପା ମୋତି, ମାଣିକ ନୁହେଁ ସମ୍ପର୍କର ସୂତା ରାଖୀ। ମୁଠାଏ ମମତା ଅସରନ୍ତି ଶ୍ରଦ୍ଧା ଆଞ୍ଜୁଳାଏ ଭରା ପ୍ରୀତି, ଯୁଗ ଯୁଗ ପାଇଁ ଅମୂଲ୍ୟ ସିନା ଏହି ଅତୁଟ ବନ୍ଧନ। ବଡଠାକୁରଙ୍କୁ ଶୁଭ ଜନ୍ମଦିନେ ଜଣାଉଛି ଅଭିନନ୍ଦନ, ଶ୍ରାବଣ ମାସରେ ପ୍ରତି ବରଷରେ ଆସୁଥାଉ ରାଖୀ ପୂନେଇଁ। ସ୍ନେହର ପ୍ରତୀକ ସୂତାର ସମ୍ପର୍କ ରାଖୀ ବାନ୍ଧୁଥାଏ ମୁହିଁ। ତୁମ କୁନି ଭଉଣୀ ଟେ ହୋଇ।
**ତପସ୍ୱିନୀ ମହାନ୍ତି, ଡାବରକୂଳ, ଅଡ଼ଙ୍ଗା, ଜଗତ୍‌ସିଂହପୁର**

ସଂସାର ଭିତରେ ଜଣେ ଭାଇ, ତା'ପରି କେହି ତୁଳନା ନାହିଁ। ତା' ମୂଲ ସେତ ଅମୂଲ୍ୟମୂଲ , ତା ସ୍ନେହେ ଝରେ ଅମୃତ ଝର । ସେ ମୋ ପିତା ସେ ମୋ ମାତା, ସେ ମୋ ପାଇଁ ଶ୍ରେଷ୍ଠର ଭ୍ରାତା, ତା' ମମତା ସେତ ଅତୁଳନୀୟ। ସେ ମୋ ପାଇଁ ଠାକୁର ଘର , ରାଖୀ ବାନ୍ଧିକି ମୁଁ କରେ ସ୍ମରଣ, ଏଭଳି ଭାଇ ମୋତେ ମିଳୁ ସବୁ ଜନ୍ମର।
**ରଶ୍ମିରେଖା ନାୟକ,ବାଲିଚନ୍ଦ୍ରପୁର, ଯାଜପୁର**

ଭାରି ବଢ଼ିଆ ମୋ ଭଉଣୀଟିଏ, ତା' ସଙ୍ଗେ କେହି ତୁଳନା ନୁହେଁ, ତା' ସ୍ନେହରେ ଝରେ ଏତେ ଅମୃତ, ତା'ମନରେ ଥାଏ କେତେ ପରଷ, ଦୁନିଆ ଭିତରେ ଜଣେ ଭଉଣୀ ମୋର, ସେ ମୋର ତ ହୃଦୟ ଗାର, ବିଧାତା ଗଢ଼ିଛି ଭଉଣୀ ମୋତେ, ଯୁଗେ ଯୁଗେ ମିଳୁ ମତେ ଏମନ୍ତେ। ରାଖୀ ବରଷକେ ବାନ୍ଧିକି ମତେ, ସୁରକ୍ଷା କବଚ ଦିଅଇ ମତେ।
**ନୀହାର ରଞ୍ଜନ ନାୟକ, ମାହାଙ୍ଗା, କଟକ**

ଭଉଣୀର ଭାଇ ପ୍ରତି ଥିବା ଭଲପାଇବା ଓ ଭାଇର ଭଉଣୀ ପ୍ରତି ଥିବା କର୍ତ୍ତବ୍ୟବୋଧ ଏହି ପର୍ବ ପ୍ରତିନିଧିତ୍ୱ କରେ। ଭଉଣୀର ସେହି ସ୍ନେହବୋଳା ରାଖୀ ଖଣ୍ଡକର ମୂଲ୍ୟ ଅମୂଲ୍ୟ ଅଟେ। ଭାଇ ଭଉଣୀକୁ ସବୁ ବିପଦରୁ ରକ୍ଷା କରିବା ପାଇଁ ପ୍ରତିଜ୍ଞା କରିଥାଏ। ଭାଇ ଭଉଣୀ ମଧ୍ୟରେ ଥିବା ଏହି ସୁନ୍ଦର ସମ୍ପର୍କ ସବୁବେଳେ ଅତୁଟ ରହୁ, ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
**ଦେବାଶିଷ କର, ଭଦ୍ରକ, ଅର୍ଣ୍ଣପାଳ**

ଶ୍ରାବଣ ମାସ ପୂର୍ଣ୍ଣିମା ତିଥିକୁ ଗହ୍ମା ପୂର୍ଣ୍ଣିମା କିମ୍ବା ରାକ୍ଷାବନ୍ଧନ କୁହାଯାଏ। ଏହି ପର୍ବଟି ବଳଭଦ୍ର ଜନ୍ମ ଉତ୍ସବରେ ଓଡ଼ିଆଙ୍କ ଘରେ ଘରେ ଭଉଣୀ ଭାଇକୁ ରାଖୀ ବାନ୍ଧି ଆଶୀର୍ବାଦ ନେଇଥାଏ ଏବଂ ଭଉଣୀ ଭାଇକୁ କହେ ତୁମେ ସାରା ଜୀବନ ମୋ ପାଖରେ ରକ୍ଷା କବଚ ହୋଇ ସବୁ ବେଳେ ଥିବ। ଘରେ ପିଠାପଣା ହୋଇଥାଏ। ଗୋ ମାତାକୁ ପୂଜା କରାଯାଇ ପିଠା ଖାଇବାକୁ ଦିଆଯାଏ। ରାଖୀ ବନ୍ଧାଯାଏ।
**ବର୍ଷା ସାହୁ, ମିଶ୍ରସାହି, ଦେବନଗର , ପୁରୀ**

ରକ୍ଷାବନ୍ଧନ ହେଉଛି ଭ୍ରାତୃ ଭଗିନୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଦିନ। ଅତ୍ୟନ୍ତ ଉତ୍କଣ୍ଠାର ସହ ପ୍ରତ୍ୟେକ ଭଗିନୀ ଏହି ଦିନଟିକୁ ଅପେକ୍ଷା କରିଥାନ୍ତି। ଭ୍ରାତୃ ଭଗିନୀଙ୍କ ଅତୁଟ ସମ୍ପର୍କକୁ ବାନ୍ଧି ରଖିବାକୁ ରକ୍ଷାବନ୍ଧନ ଦିନଟି ପାଳନ କରାଯାଏ। ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ଏକ ଯୁଦ୍ଧ ସମୟରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ହସ୍ତକମଳରୁ ରକ୍ତ ଝରୁଥିଲା। ଦ୍ରୌପଦୀ ନିଜ ବସ୍ତ୍ରରୁ ଖଣ୍ଡେ ଚିରି ଶ୍ରୀକୃଷ୍ଣଙ୍କୁ ବାନ୍ଧିଥିଲେ। ପରେ ଭଗବାନ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ବସ୍ତ୍ର ହରଣ ସମୟରେ ବସ୍ତ୍ରଦାନ କରି ମାନ ରକ୍ଷା କରିଥିଲେ।
**ଶୀତଳ ମହାନ୍ତି, ଟଙ୍କପାଣିରୋଡ, ଭୁବନେଶ୍ୱର**

ଅପାଶୋରା ଆମ ସୁନାଝରାଦିନ ଅମଳିନ ଆମ ସ୍ମୃତି। ଭାବର ବନ୍ଧନେ ବାନ୍ଧିଛି ଆମକୁ ଅମୂଲ୍ୟ ମୂଲ୍ୟ ଏ ରାଖୀ। ତୁମ ଚଉବାହା ସାହାଥିଲେ ଭାଇ, ସେଇ ଚତୁର୍ଦ୍ଧା ମୂରତି, ଶ୍ରୀମନ୍ଦିରରେ ରାଖୀ ଭାଇ ଭଗିନୀର ଅତୁଟ ଅଭେଦ ପ୍ରୀତି। ମୋ ମାନଙ୍କୁ ରଖି ଗହ୍ମା ପୂନେଇଁରେ ଏତିକି ମିନତି କୃପା ନେତ୍ରେଥିବ ରଖି।
**ଦେବଶ୍ରୀ ସ୍ୱାଇଁ, କୌଶଲ୍ୟାଗଙ୍ଗ, ପୁରୀ**

ରାଖୀ ପୂର୍ଣ୍ଣିମା ଆମ ହିନ୍ଦୁ ଧର୍ମର ଏକ ମହତ୍ୱପୂର୍ଣ୍ଣ ପର୍ବ। ଏହି ଦିନରେ ଭଉଣୀ ଭାଇର ହାତରେ ରାଖୀ ବାନ୍ଧିଥାଏ। ପ୍ରତିବଦଳରେ ଭାଇ ଭଉଣୀକୁ ସାରା ଜୀବନ ରକ୍ଷା କରିବାର ପ୍ରତିଶ୍ରୁତି ଦେଇଥାଏ। ଏହି ଦିନ ବଳରାମଙ୍କ ଜନ୍ମ ଦିବସ। ପ୍ରଭୁ ବଳରାମ ଯାହାଙ୍କୁ କି ଆମ ଓଡ଼ିଶାର ଚାଷୀମାନଙ୍କ ଠାକୁର ଭାବେ ପୂଜା କରାଯାଏ । ରାଖୀକୁ କେବଳ ସୂତା ନୁହେଁ, ଭାଇ ପ୍ରତିଥିବା ଅତୁଟ ବିଶ୍ୱାସର ପ୍ରତୀକ ରୂପେ ଗ୍ରହଣ କରାଯାଇଥାଏ।
**ଆନନ୍ଦସ୍ୱରୂପ ସାହୁ, ପଦ୍ମପୁର, ରାୟଗଡ଼ା**

ରେଶମୀ ଡୋରିରେ ଚନ୍ଦନର ମାଳି ବାନ୍ଧିଦେଲା ଭଉଣୀ ହାତରେ ମୋର, ଆସିଲେ ଆସିବ ଯେତେ ଝଡ଼ ପଛେ ରହିଥିବି ସଦା ସାଥିରେ ତୋର। ମଥା ଉପରେ ହାତ ରହିଥିଲେ ମୋର ମହକି ଉଠିବ ତୋ ଜୀବନ, କେଉଁ ଜନମର ପୁଣ୍ୟ ମିଳିଛି ଆଜି, ତଅପୋଇ ପରି ଭଉଣୀଟିଏ ପାଇଛି ତୁମକୁ ରାଖୀରେ ଆଜି।
**ଲିଙ୍ଗରାଜ ପାତ୍ର, ଓଲ୍‌ଡଟାଉନ, ଭୁବନେଶ୍ୱର**







ସମୟାନୁକ୍ରମେ ଦିନ ପରେ ଦିନ ବିତିଚାଲିଛି। ସବୁବର୍ଷ ପରି ଏବର୍ଷ ରାଖୀପୂର୍ଣ୍ଣିମା ଆସୁଛି। କିନ୍ତୁ ତୁମେ ମୋ ପାଖରେ ନାହିଁ। କରୋନା ମୋଠୁ ତୁମକୁ ଛଡ଼ାଇ ନେଲା। ମୁଁ ତ ତମ ଜଗତକୁ ଯାଇପାରିବି ନାହିଁ କିନ୍ତୁ ମୋର ଜଗତର ନାଥ ଜଗନ୍ନାଥଙ୍କ ଉପରେ ଭରସା ଅଛି ସେ ମୋ ରାଖୀ ତୁମ ପାଖକୁ ପଠାଇ ଦେବେ।
**ଦୀପିକା ସୁବୁଦ୍ଧିରାୟ, ଦେବୀନଗର, କଟକ**

ଭାଇ-ଭଉଣୀର ଅତୁଟ ସମ୍ପର୍କର ବନ୍ଧନ ଏ ଅନନ୍ୟ ରାକ୍ଷୀ-ପର୍ବ । ଯେଉଁଥିରେ ଭଉଣୀ ତା'ର ସାରା ଜୀବନର ସୁରକ୍ଷା କବଚ ଭାବେ ରାଖୀ ବାନ୍ଧିଥାଏ । ଏ ବର୍ଷ ଆମେ ସମସ୍ତେ ଭଉଣୀମାନେ ଶପଥ ନେଇ ଗଛରେ ରାଖୀ ବାନ୍ଧି ତାଙ୍କୁ ଭାଇ ରୂପେ ଗ୍ରହଣ କଲେ ପରିବେଶର ସୁରକ୍ଷା ଓ ସନ୍ତୁଳନ ହୋଇପାରିବ ଏବଂ ଏକ ଅନନ୍ୟ ଉଦାହରଣ ସୃଷ୍ଟି ହେବ ।
**ସରିତା ସ୍ୱାଇଁ, ନୂଆବଜାର, କଟକ**

For my sister Every time I made a mistake you felt responsible, every time I was unhappy you felt accountable, every time I was hurt, you felt answerable I owe my happy my childhood to a sister so adocable.
Manoj Kumar Swain,
Rajabagicha, Cuttack

ରକ୍ଷାର ବନ୍ଧନ, ସ୍ନେହର ବନ୍ଧନ,
ମମତା ବନ୍ଧନେ ବନ୍ଧା,
ଧରିତ୍ରୀ ଗଗନ ସୁଭଦ୍ରା ମୋହନ,
ଯେମିତି ପ୍ରୀତିରେ ଛନ୍ଦା।
ଭାଇର ଆଶିଷ ଭଉଣୀର ବିଶ୍ୱାସ
ଅଛି ଥିବ କାଳେ କାଳେ।
ଭାଇଭଗ୍ନୀ ପ୍ରୀତି କାଳିଆ ଦେଖାଏ,
ରଥଯାତରାର ଛଳେ।
**ଉପେନ୍ଦ୍ର କୁମାର ମହାପାତ୍ର ସୁହାଗପୁର, ପୁରୀ**

ଭାଇ ଭଉଣୀର ପ୍ରେମ, ସ୍ନେହ ଭଲ ପାଇବାର ଅତୁଟ ବନ୍ଧନକୁ ହିଁ କୁହାଯାଏ ରକ୍ଷାବନ୍ଧନ। ଭାଇଭଉଣୀଙ୍କୁ ରକ୍ଷା କରିବା ତା'ର ସୁଖଦୁଃଖରେ ସାହା ହେବା ହିଁ ଏହି ରକ୍ଷାବନ୍ଧନର ମହତ୍ତ୍ୱ। ଶ୍ରାବଣ ମାସର ପୂର୍ଣ୍ଣିମା ଦିନଟିକୁ ରାଖୀ ପୂର୍ଣ୍ଣିମା ରୂପେ ପାଳନ କରାଯାଏ। ରାଖୀ ବନ୍ଧନର ଆଧ୍ୟାତ୍ମିକ ଭାବନା ଭାଇଭଉଣୀର ସମ୍ପର୍କରେ ଭକ୍ତି ଓ ଶ୍ରଦ୍ଧା ସୃଷ୍ଟି କରିଥାଏ। ରାଖୀବନ୍ଧନର ସ୍ୱଚ୍ଛ ଚିନ୍ତାଧାରା ଭାଇ ଭଉଣୀର ସମ୍ପର୍କକୁ ଚିର ସବୁଜ କରିଥାଏ। ରାଖୀ ରୂପକ ରେଶମୀ ଡୋରିଟିକୁ ଭାଇ ଭଉଣୀକୁ ସୁରକ୍ଷା କରିବାରେ ଦୃଢ଼ ପ୍ରତିଶ୍ରୁତି ଦେଇଥାଏ।
**ତନୁଶ୍ରୀ ରାୟ, ଶ୍ରୀରାମନଗର, ଓଲ୍ଡ ଟାଉନ୍**

ରେଶମୀ ଡୋରିରେ ଚନ୍ଦନର ମାଳି ବାନ୍ଧିଦେଲା ଭଉଣୀ ହାତରେ ମୋର, ଆସିଲେ ଆସିବ ଯେତେ ଝଡ଼ ପଛେ ରହିଥିବି ସଦା ସାଥିରେ ତୋର, ମଥା ଉପରେ ହାତ ରହିଥିଲେ ମୋର ମହକି ଉଠିବ ତୋ ଜୀବନ, କେଉଁ ଜନମର ପୁଣ୍ୟ ମିଳିଛି ଆଜି, ତଥାପୋଇ ପରି ଭଉଣୀଟିଏ ପାଇଛି ତୁମକୁ ରାଖୀରେ ଆଜି।
**ଲିଙ୍ଗରାଜ ପାତ୍ର,**
**ଓଲ୍ଡ ଟାଉନ, ଭୁବନେଶ୍ୱର**

ଭାଇଭଉଣୀଙ୍କ ପ୍ରେମର ଏ ଅତୁଟ ବନ୍ଧନ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଜୀବିତ ରହେ। ରାଖୀ ପୂର୍ଣ୍ଣିମା ଦିନରେ ଏ ଗଭୀର ସମ୍ପର୍କକୁ ଉଜ୍ଜୀବିତ କରି ଚିରସ୍ଥାୟୀ ଓ ସୁଦୃଢ଼ କରେ। ଭଉଣୀର ମାନସମ୍ମାନ ଓ ସୁରକ୍ଷା ଭାଇର ପ୍ରଧାନ କର୍ତ୍ତବ୍ୟ ଓ ପରମଧର୍ମ। ଯେତେ ଝାଡ଼ଝଞ୍ଜା ଆସୁ ଭଉଣୀଟି ଅତୁଟ ପ୍ରେମରେ ବନ୍ଧାହୋଇ ସେଇ ହାତରେ ସୁରକ୍ଷାର ରାଖୀ ବାନ୍ଧେ। ବନ୍ଧନକୁ ଅତୁଟ ରଖିବା ପାଇଁ ଜଗତକର୍ତ୍ତାଙ୍କୁ ପ୍ରାର୍ଥନା କରେ।
**କ୍ଷୀରୋଦ ରଞ୍ଜନ ମହାନ୍ତି**
**ଉଦଳା, ମୟୂରଭଞ୍ଜ**

ଭାଇ ଓ ଭଉଣୀର ସମ୍ପର୍କ ଏକ ଅତୁଟ ସମ୍ପର୍କ। ତାହା ଏକ ସରଳ, ନିଷ୍ପାପ ବନ୍ଧନ। ଭାଇ ଓ ଭଉଣୀ ମଧ୍ୟରେ ଯେତେ ଝଗଡ଼ା ହେଉ ନା କାହିଁକି ତଥାପି ମଧ୍ୟ ଦୁହେଁ ଦୁହିଁଙ୍କୁ କେବେ ମଧ୍ୟ କଷ୍ଟରେ ଦେଖିପାରନ୍ତି ନାହିଁ। ରାଖୀ ପୂର୍ଣ୍ଣିମାର ମାନେ ଏହା ନୁହେଁ କି କେବଳ ଭାଇ ତା'ର ଭଉଣୀକୁ ସୁରକ୍ଷା ପ୍ରଦାନ କରିବ, ତା'ମାନେ ଏହା ଯେ ଦୁହେଁ ଦୁହିଁଙ୍କୁ ସୁରକ୍ଷା ପ୍ରଦାନ କରିବେ।
**ସ୍ନେହମୟୀ ନାୟକ,ଖଇରି, ପିପିଲି, ପୁରୀ**

ଏହି ରାଖୀ ପୂର୍ଣ୍ଣିମାର ପରମ୍ପରାକୁ ହୃଦୟରୁ ପାଳନକଲେ ଭାଇମାନେ ମଧ୍ୟ ନିଜ ଭଉଣୀ ପାଇଁ ସୁବିଧା ସମୟରେ ସାମଗ୍ରୀ କିଣିଦେବେ। ଆଜିକାଲି କିନ୍ତୁ ଭାଇମାନେ କେବଳ ନିଜ ଭଉଣୀର ରକ୍ଷା କରନ୍ତି। କିନ୍ତୁ ଏହା ଉଚିତ ନୁହେଁ। ଯିଏ ରାଖୀ ବାନ୍ଧି ନ ଥାଏ, ସେ ବି ଭଉଣୀ । ତା'ର ବି ସୁରକ୍ଷା ଆମର କର୍ତ୍ତବ୍ୟ। ଏଣୁ ଅସୁବିଧା ସମୟରେ ଭାଇ ହେଉ କିମ୍ବା ଭଉଣୀ ସମସ୍ତଙ୍କୁ ରକ୍ଷାକରି ଖୁସି ବାଣ୍ଟିବା ଭାରତର ପରମ୍ପରା।
**ଦୟାନିଧି ନାଥ, ସହଦେବଖୁଣ୍ଟା, ବାଲେଶ୍ୱର**

ବରଷକେ ଥରେ ରାଖୀ ପରବ, କାହାଣୀ କେତେ ସେ ଭାଇ ଭଉଣୀର, ସ୍ନେହର ଡୋରିରେ ବାନ୍ଧି ରଖିଥାଏ ଭାଇଟି ମୋର ସାରା ଜୀବନ। ଯୁଗେ ଯୁଗେ ସେ ଈଶ୍ୱର ଦାନ, ମମତା ମନ୍ଦିରେ ଅଲିଭା ଗାର, ଦୁନିଆରେ ମୋତେ ଆଲୋକ ଦେଖାଇ, ପବିତ୍ର ଡୋର ସେ ଅତୁଟଗାର, ଭାଇଟି ମୋର ସବୁଠୁ ଭଲ, ଈଶ୍ୱର ମୋତେ ଆଶିଷ ଦିଅ, ଏ ଭାଇ ମିଳୁ ଶହେ ଜନ୍ମ।
**ରଶ୍ମିରେଖା ନାୟକ, ମାନତୀରା, ଯାଜପୁର**

କଳୁଷିତ ଏହି ଘୃଣ୍ୟ ସମାଜେ ଅବଳା ଭଗିନୀ ପାଇଁ ସ୍ନେହ ମମତାର ରାଖୀଟିଏ ସାଜି ଚାଲି ଆସିବାରେ ଭାଇ। ଭ୍ରାତୃଭାବର ସ୍ୱର୍ଗୀୟ ସମ୍ପର୍କ କାମୁକର ବିଷ ମିଶିଛି । ବିଧାତାର ଏହି ଶ୍ରେଷ୍ଠ ମାନବ ନିତ୍ୟ ପିଶାଚ ସାଜୁଛି। ତଥାପି ଆଜି ମୁଁ ଭ୍ରାତୃଭାବର ବଢ଼ାଇଦେଇଛି ହାତ ସେନେହର ଡୋରି ବାନ୍ଧିବୁକି ଥରେ ଦୂରହେବ ମୋର ଭୀତ।
**ଆଦ୍ୟାଶା ମହାପାତ୍ର, ସୁହାଗପୁର, ପୁରୀ**

ଜାତି ନନ୍ଦିଘୋଷ ଚଳିବ କି ଭାଇ,
ସ୍ୱାର୍ଥକୁ କଲେ ସାରଥି
ଭାଇ ଭଗ୍ନୀ ସ୍ନେହ କିଣାବିକା ହେଲେ
ଏ କି ଭ୍ରାତୃଭାବ ପ୍ରୀତି!
କରତ୍ତାଙ୍କ ସୃଷ୍ଟି ଜନନୀ ଭଗିନୀ ପ୍ରାଣଦାତା
ଏ ବିଶ୍ୱର, ହଜାଇ ଦିଅନା ମହନୀୟ ଭାବ
ମର୍ଯ୍ୟାଦା ରାଖୀ ପୂର୍ଣ୍ଣିମାର।
**ଅଂଶୁମାନ ଦଶ, ନ.ସି. ନଗର, ଅନୁଗୋଳ**

ବାରମାସରେ ତେର ପର୍ବ ମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ। ଏହା ସମଗ୍ର ଭାରତବର୍ଷରେ ପାଳନ କରାଯାଏ। ରାଖୀ ଭାଇଭଉଣୀର ସ୍ନେହ ଓ ସମ୍ମାନ। ଦୀର୍ଘାୟୁ ଓ ମଙ୍ଗଳ କାମନା ସହ ଭଉଣୀ ଭାଇଠାରୁ ମାଗିବ ସେ ଜୀବନଯାକର ସୁରକ୍ଷା। ରାଖୀକୁ ଶକ୍ତି, ବିଶ୍ୱାସ ଏବଂ ବିଜୟର ପ୍ରତୀକ ବୋଲି କୁହାଯାଏ।
**ରଞ୍ଜୁଲତା ସାହୁ, ମାଳନ୍ଦା, ଯାଜପୁର**

ରାଖୀ ପୂର୍ଣ୍ଣିମା ଭାଇ ଏବଂ ଭଉଣୀ ମାନଙ୍କର ଏକ ପବିତ୍ର ପର୍ବ । ଏହି ପର୍ବ ଓଡ଼ିଶା ସମେତ ସାରା ଭାରତବର୍ଷରେ ପାଳିତ ହୁଏ। ପ୍ରତି ବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳନ କରାଯାଏ। ଏହିଦିନ ଭଉଣୀ ଭାଇର ମଥାରେ ତିଳକ ଲଗେଇବା ସହ ହାତରେ ରାଖୀ ବାନ୍ଧିଥାଏ। ଭାଇ ମଧ୍ୟ ଭଉଣୀକୁ ସୁରକ୍ଷାର ପ୍ରତିଶ୍ରୁତି ଦେବା ସହ ଉପହାର ଦେଇଥାଏ।
**ପ୍ରିୟାଂଶୁ ବେହେରା, ପଳାଶୁଣୀ,**
**ଭୁବନେଶ୍ୱର**

ରାଖୀ ପୂର୍ଣ୍ଣିମା ଭାଇ ଏବଂ ଭଉଣୀ ମାନଙ୍କର ପବିତ୍ର ସମ୍ପର୍କର ଦିବସ। ଗହ୍ମାପୂର୍ଣ୍ଣିମା ଦିନ ଭଉଣୀ ତା' ଭାଇ ମଥାରେ ତିଳକ ଲଗାଇ ହାତରେ ରାଖୀ ବାନ୍ଧେ ଏବଂ ମିଠା ଖୁଆଏ। ସେହିଦିନ ମହାପ୍ରଭୁ ବଳଭଦ୍ର ଜନ୍ମ ହୋଇଥିଲେ। ସେହିଦିନ ଗୋମାତାଙ୍କର ପୂଜା କରାଯାଏ। ମହାଭାରତ କାହାଣୀ ଅନୁସାରେ ଶ୍ରୀକୃଷ୍ଣଙ୍କ ହସ୍ତରେ କ୍ଷତ ଦେଖି ଦ୍ରୌପଦୀ ନିଜ ଶାଢ଼ିରୁ କାନି ଚିରି ତାଙ୍କ ହସ୍ତରେ ବାନ୍ଧିଥିଲେ। ଏହି ସମ୍ପର୍କକୁ ରକ୍ଷାବନ୍ଧନର ମାନ୍ୟତା ଦିଆଯାଇଛି। ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟରେ ଶ୍ରୀକୃଷ୍ଣ କୋଟିଏ ବସ୍ତ୍ର ପ୍ରଦାନ କରିଥିଲେ।
**ସୁଚିସ୍ମିତା ବାରିକ**

ବିଶାଳ ଏ ଖଣିର ମଧୁଝରରୁ ଝରିପଡ଼େ ପବିତ୍ର ଏ ରାଖୀ ପୂର୍ଣ୍ଣିମାର ଅତୁଟ ସ୍ନେହ ଓ ମମତାର କିଛି ମଧୁର ପାଖୁଡ଼ା। ଭାଇ, ଭଉଣୀଙ୍କ ଅନାବିଳ ମଧୁର ସ୍ନେହର ଅନ୍ୟନାମ ତା'ର ଭଉଣୀ ସୁରକ୍ଷା ବଡ଼ ଆଶା ଓ ଅଭିଳାଷ। ପବିତ୍ର ଏ ରାଖୀ ପୂର୍ଣ୍ଣିମାରେ ଭାଇ ଭଉଣୀଙ୍କ ଏହି ରାଖୀ ପିନ୍ଧାଇବାର ଅତୁଟ ବନ୍ଧନ ସର୍ବଦା ଅତୁଟ ରହୁ। ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**-କୁମାରୀ ଶ୍ରୀୟା ଶ୍ୱେତାମ୍ବରୀ**
**ପ୍ରାଚୀନଗର, ଭଦ୍ରକ**

ରାଖୀ ଆସିଛିରେ ବରଷକେ ଥରେ ନେଇ ପ୍ରୀତିର ସୁମନ, ପ୍ରତି ପରାଣରେ ଭରିଦେବା ଲାଗି ମମତାର ସନ୍ଧାନ। ରକ୍ଷାସୂତ୍ରରେ ବାନ୍ଧିଦେବା ଆମେ ପ୍ରତି ଜନ ମନ ତନ, ବିଶ୍ୱ ବନ୍ଧ୍ୟା ଜନନୀ ବକ୍ଷରେ ଦେବା ଶୀତଳତାର ସ୍ପନ୍ଦନ। ଗୋଟିଏ ସୁରେ ଗାଇବା ଆଜି ଭାରତମାତା। ହଟିଯିବ ଯେତେ କଳୁଷ କାଳିମା ଯନ୍ତ୍ରଣାସିକ୍ତ ବ୍ୟଥା।
**ଲକ୍ଷ୍ମୀପ୍ରିୟା ପ୍ରିୟଦର୍ଶିନୀ, ବାସୁକେରା,ପୁରୀ**

A love between a brother and sister is one of the deepest and noblest of human emotions 'Raksha Bandhan' is a special occasion to celebrate emotional bonding. When a sister ties to a rakhi a holy thread around her brother's wrist, prays for his longlife and brother reciprocates by offering her the gifts she love must. Happy Rasksha Bandhan to all .
Manyata Sasmal, Byree,Jajpur

ଅମୂଲ୍ୟ ଭଣ୍ଡାରର ଏ ମିଠା ଝରିରୁ ଝରିପଡ଼େ ସ୍ନେହ ମମତାର ଦରୋଟି ଏ ମଧୁପାଖୁଡ଼ା। ପବିତ୍ର ଏ 'ରାଖୀ ପୂର୍ଣ୍ଣିମା'ରେ ଭାଇ ଭଉଣୀଙ୍କ ମିଠା ସମ୍ପର୍କର ଅନ୍ୟ ନାମ ସେ ଯେ ଭଉଣୀ ସୁରକ୍ଷା କବଚର ବଡ଼ ଆଶା ଓ ଆକାଂକ୍ଷା। ପବିତ୍ର ଏ ଗହ୍ମାପୂର୍ଣ୍ଣିମା ଅବସରରେ ସମସ୍ତ ଭାଇ ଓ ଭଉଣୀଙ୍କ ମଧ୍ୟରେ ଏ ଅତୁଟ ବନ୍ଧନ ଚିରଦିନ ଅତୁଟ ରହୁ, ଏହା ହିଁ ମୋର ପ୍ରଭୁଙ୍କ ନିକଟରେ ନିବେଦନ।
**କୁମାରୀ ଶ୍ରୀୟାଂଶୀ ଶତରୂପା,**
**ପ୍ରାଚୀନଗର, ଭଦ୍ରକ**

ଧରିତ୍ରୀ ମା'ର ବୀରପୁତ୍ରଗଣ ତୁମ ଉଦ୍ଦେଶ୍ୟରେ ବାନ୍ଧିଲି ରାଖୀ, ଦୂରେ ଥାଇ ତୁମ ଶୁଭ ମନାସୁଛି ଶ୍ରୀଜଗନ୍ନାଥଙ୍କୁ କରି ମୁଁ ସାକ୍ଷୀ। ରେଶମ ସୂତାରେ କେତେ ଯେ ଶକତି, ଭରିଦେବ ମନେ ଆତ୍ମବିଶ୍ୱାସ, ଦେଶମାତୃକାର ସେବା କରୁଅଛ ଭାଇ ତୁମେ ଅହର୍ନିଶ। ବିପତ୍ତି ପଡ଼ିଲେ ଅଧର୍ଯ୍ୟ ହେବନି, କରିବନି କେବେ ମନକୁ ଊଣା,ଜୀବନକୁ ବାଜି ଲଗାଇ ଲଢ଼ିବ ସେଇ ହେବ ମୋର ରାଖୀ ପାଉଣା।
**ରଶ୍ମିରେଖା ମହାରଣା,ବିଦ୍ୟାଧରପୁର, କଟକ**

ଆଜିର ଏ ନାନୋ, ସ୍ୱାର୍ଥସର୍ବସ୍ୱ ପାରିବାରିକ ଚିନ୍ତାଧାରା ଏବଂ ଆଇନର ଷଟ୍ ପଦୀକ ଜାଲରେ ଭାଇଭଉଣୀର ସମ୍ପର୍କ ଦିଗଭ୍ରଷ୍ଟ। କେଉଁଟି ରକ୍ତପାତ କିମ୍ବା ସମ୍ପର୍କ କାଠଗଡ଼ାରେ ତଥାପି ଆଜି ବଡ଼ଠାକୁରଙ୍କ ପବିତ୍ର ଜନ୍ମତିଥିରେ ଭଉଣୀ ମନେପକାଏ ଭାଇକୁ। କିନ୍ତୁ ମୁଁ ଭ୍ରାତୃହୀନୀ, ପରନ୍ତୁ ଦେଶର ଅଗଣିତ ଚାଷୀ, ଶ୍ରମିକ, ସୈନିକ ଭାଇମାନଙ୍କୁ ଦେଉଛି ଏ ନିସ୍ୱାର୍ଥ ରାଖୀ ଉପହାର।
**ବିଶ୍ୱଜିତା ମିଶ୍ର,ସାକ୍ଷୀଗୋପାଳ, ପୁରୀ**

Dearest Bhaiya, you are not just a brother to me but a friend have. When you are around nothing seems impossible. Always be there to make me feel happy and blessed. On the occasion of Rakhsha Bandhan, I just want to say that I am very lucky to be your little sister. Happy Raksha Bandhan.
Jasmin Sahoo, Kuansha, Bhadrak



ରାଖୀପୂର୍ଣ୍ଣିମା ଭାଇଭଉଣୀଙ୍କ ସମ୍ପର୍କକୁ ନିବିଡ଼ କରିଥାଏ। ରାଖୀପୂର୍ଣ୍ଣିମାକୁ ଓଡ଼ିଶାରେ ଗହ୍ମାପୂର୍ଣ୍ଣିମା କୁହାଯାଏ। ଭଉଣୀମାନେ ଭାଇମାନଙ୍କ ହସ୍ତରେ ରାଖୀ ବାନ୍ଧିଥାଆନ୍ତି। ମିଠା ଖୁଆଇ ବନ୍ଦାପନା କରିବା ସହ ବିପଦ ବେଳେ ଭଉଣୀମାନଙ୍କୁ ସାହାଯ୍ୟ କରିବା ପାଇଁ ନିବେଦନ କରିଥାଆନ୍ତି। ଏହିଦିନ ଘରେ ଘରେ ପିଠାପଣା ଓ ବିଭିନ୍ନ ପ୍ରକାର ମିଠା ଠାକୁରଙ୍କୁ ଅର୍ପଣ କରାଯାଇଥାଏ। ଭାଇମାନେ ଭଉଣୀମାନଙ୍କୁ ବିଶେଷ କିଛି ଉପହାର ପ୍ରଦାନ କରିଥାଆନ୍ତି। ଏହିଦିନ ପ୍ରଭୁ ବଳଭଦ୍ର ଜନ୍ମ ହୋଇଥଲେ ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି।
**ପ୍ରତୀକ ମିଶ୍ର, ବିଡ଼ାନାସୀ, କଟକ**

ଏହି ଦେଶ ଦୁନିଆରେ ଭରି ରହିଛି ଅନେକ ପରମ୍ପରା। ସେହି ପରମ୍ପରାକୁ ନେଇ ଗଢ଼ି ଉଠିଛି ସଂସ୍କୃତି। ସେହି ସଂସ୍କୃତିକୁ ଆଧାର କରି ଗଢ଼ି ଉଠିଛି ଅନେକ ପର୍ବପର୍ବାଣି। ତନ୍ମଧ୍ୟରୁ ରକ୍ଷାବନ୍ଧନ ହେଉଛି ଏକ ସ୍ୱତନ୍ତ୍ର ପର୍ବ। ଏହି ପର୍ବ ହେଉଛି ଏକ ବିଶିଷ୍ଟ ହିନ୍ଦୁ ପର୍ବ। ଉକ୍ତ ପର୍ବର ନାମ ରକ୍ଷାବନ୍ଧନ ହେବାର ତାତ୍ପର୍ଯ୍ୟ ହେଲା ଭଉଣୀମାନେ ଭାଇମାନଙ୍କ ସୁରକ୍ଷା ବନ୍ଧନ ମଧ୍ୟରେ ସୁରକ୍ଷିତ ରହିବା ପାଇଁ ଭାଇମାନଙ୍କୁ ରାଖୀ ବାନ୍ଧିଥାଆନ୍ତି।
**ଐଶ୍ୱର୍ଯ୍ୟା ବିରାଟ,ପାଣିସାଳିଆ, ଗଡ଼ସିଂହପୁର**

ରାଖୀ ପୂର୍ଣ୍ଣିମା ଭାଇ ଓ ଭଉଣୀମାନଙ୍କର ଏକ ପବିତ୍ର ପର୍ବ । ଏହି ପର୍ବ ଓଡ଼ିଶା ସମେତ ସାରା ଭାରତବର୍ଷରେ ପାଳିତ ହୁଏ। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମ ତିଥିରେ ଏହି ପର୍ବ ପାଳନ କରାଯାଏ। ଏହିଦିନ ଭଉଣୀ ଭାଇର ମଥାରେ ତିଳକ ଲଗେଇବା ସହ ହାତରେ ରାଖୀ ବାନ୍ଧିଥାଏ। ମୋର ସମସ୍ତ ଭାଇଭଉଣୀଙ୍କୁ ପବିତ୍ର ରାଖୀ ପୂର୍ଣ୍ଣିମାର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭ କାମନା।
**ଆକାଂକ୍ଷା ମହାନ୍ତ, ଜଟଣୀ**

ଭାଇଭଉଣୀର ପ୍ରେମର ପରବ,
ଏଇ ଯେ ରାଖୀ ପୂନେଇଁ।
ଭଉଣୀ ହାତରୁ ରାଖୀ ବାନ୍ଧିବାକୁ
ଭାଇ ରହିଛି ଅନାଇ।
ରାଖୀ ନୁହେଁ ଏକ ରଙ୍ଗବେରଙ୍ଗର,
ରେଶମୀ ସୂତାର ଡୋରି।
ଭାଇ ଭଉଣୀଙ୍କ ମମତା ଓ ଶ୍ରଦ୍ଧା,
ଏଥିରେ ଥାଏ ତ ଭରି।
ଭଉଣୀର ରାଖୀ ଭାଇ ପାଇଁ ହୁଏ,
ଅଧିକ ଅୟୁଷ ସେ ତ
ଭାଇ ଲାଗି ଭଉଣୀ ପ୍ରାର୍ଥନା କରଇ,
ପଥ ହେଉ କୁସୁମିତ।
**ଆଦ୍ୟାଶା ପ୍ରଧାନ, ସତ୍ୟବାଦୀ, ପୁରୀ**

ଶ୍ରାବଣ ମାସର ରାଖୀ ପୂନେଇଁରେ ଭାଇ ହାତେ ବାନ୍ଧି ରାଖୀ, ଦୀର୍ଘାୟୁ କାମନା କରଇ ଭଉଣୀ ଜଗନ୍ନାଥେ ରଖି ସାକ୍ଷୀ। ଶ୍ରୀକୃଷ୍ଣଙ୍କ ହସ୍ତେ ଅଞ୍ଚଳରୁ ଖଣ୍ଡେ ବାନ୍ଧିଥିଲେ ଦ୍ରୌପଦୀ, କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କଲେ କରୁଣା ବାରିଧି । ଭାଇ ଭଉଣୀର ପବିତ୍ର ସମ୍ପର୍କ ରେଶମୀ ଡୋରିରେ ବନ୍ଧା, ଭାଇର ସୌଭାଗ୍ୟ ଭଉଣୀ ସୁରକ୍ଷା ଅଦୃଶ୍ୟେ ହୋଇଛି ଛନ୍ଦା।
**ମାଧବୀଲତା ଦେଇ, ଶ୍ରୀମୁଖ, ପୁରୀ**

ଚାତକ ଯେପରି ଚାହିଁ ରହିଥାଏ ବାରିଧାରାକୁ, ମୁଁ ସେହିପରି ଚାହିଁ ରହିଥାଏ ମୋ ଭାଇ ଆସିବା ପଥକୁ। କେମିତି ମୋ ଭାଇ ଆସିଲେ ମୁଁ ମୋ ଭାଇ ହାତରେ ରାଖି ବାନ୍ଧିବି। ଡୋରି ନହୁଁ ସେତ କେତେ ବଚନ। ଭଉଣୀର ମାନ ଭାଇ ଜୀବନ। ଡୋରି ବୋଲି ଯାହା ଦେଖୁଛି ଆଖି। ସେତ ହେଉଛି ସ୍ନେହର ରାଖୀ। ମୋ ଭାଇ ଯେତେ ଦୂରରେ ଥାଆନ୍ତୁ, ମହାପ୍ରଭୁଙ୍କ କୃପାରୁ ସବୁବେଳେ ସୁଖ ଶାନ୍ତିରେ ଥାଆନ୍ତୁ।
**ଦୀପ୍ତିରେଖା ଦାଶ, ଚର୍ଚ୍ଚିକା ବଜାର, ଜଗତ୍‌ସିଂହପୁର**

ସୈନିକର ନୁହେଁ ପୁଷ୍ପାଭରାପଥ ଚାହିଁଲେ ବାଧିବ ନାହିଁ, କଣ୍ଟକିତ ପରା ମୋ ଜୀବନ ପଥ ଆଘାତ ପାଏ ମୁଁ କାହିଁ। ଭଉଣୀ ଦେଇଛି ସ୍ନେହଭରା ଚିଠି ଗହ୍ମାପୂର୍ଣ୍ଣିମୀକୁ ଆସ, ବଳରାମ ଜନ୍ମ ରାଖୀ ସେହିଦିନ ଚାହିଁ ବସିଅଛି ସେତ। ରାଖୀ ବାନ୍ଧିଥିଲେ ପୃଥିବୀ ଚନ୍ଦ୍ରକୁ ଜଗତ ଉଦ୍ଧାର ପାଇଁ କର୍ତ୍ତବ୍ୟ ପାଳନ କରୁଛନ୍ତି ଚନ୍ଦ୍ର ଚତୁଃପାରୁଶରେ ରହି।
**ସଂଘମିତ୍ରା ନାୟକ, କର କ୍ଲିନିକ୍ ଆଣ୍ଡ**
**ହସ୍ପିଟାଲ, ଭୁବନେଶ୍ୱର**

ଜୀବନର ପଥ ଭାରି ଅଙ୍କାବଙ୍କା ଚାଲିବା ସହଜ ନୁହେଁ, ଚାଲୁଚାଲୁ ପଡି ଉଠିବାକୁ ହୁଏ ମଣିଷ ଜୀବନ ଇଏ। ତୋ ଭାଇ ଗରିବ ନାହିଁ ଧନଦ୍ରବ୍ୟ ରାଖୀ ପାଉଣା କାହିଁ ଆଣିବ, ସୁରକ୍ଷା କବଚ ସାଜି ଭଉଣୀର ପାଖେ ପାଖେ ରହୁଥିବ। ରାଖୀ ବନ୍ଧନରେ ବଳରାମ ଜନ୍ମ ଶ୍ରୀକ୍ଷେତ୍ର ଉତ୍ସବ ମୁଖର ହେବ। ଦ୍ରୌପଦୀଙ୍କ ଋଣ ଶିଝିବା ପାଇଁକି କୃଷ୍ଣ କୋଟି ବସ୍ତ୍ର ଦେବେ।
**ଶିଖା ନାୟକ, ଖଣ୍ଡଗିରି, ଭୁବନେଶ୍ୱର**

ଭାଇ ଭଉଣୀଙ୍କ ଅତୁଟ ବନ୍ଧନର ସାକ୍ଷୀ ରାଖୀ ପୂର୍ଣ୍ଣିମା। ପ୍ରକୃତରେ ଯେଉଁ ଭାଇଭଉଣୀ ସାରା ଜୀବନ ଜଣେ ଅନ୍ୟ ଜଣଙ୍କ ସୁଖଦୁଃଖରେ ଠିଆ ହୁଅନ୍ତି ତାହା ହିଁ ପବିତ୍ର ସମ୍ପର୍କ, ସ୍ନେହ ଓ ଶ୍ରଦ୍ଧା। କେବଳ ହୋଟେଲରେ ସୁସ୍ୱାଦ ଖାଦ୍ୟ ଖାଇ ଦାମୀ ଉପହାର ନେଇ ରାଖୀ ସେଲିବ୍ରେଟ୍ କରିବା ନୁହେଁ। ଏବେର ପିଢ଼ିଙ୍କୁ ମୋର ବାର୍ତ୍ତା ବିବାହ ପରେ ମଧ୍ୟ ଭଉଣୀମାନଙ୍କୁ ଭୁଲ ନାହିଁ। ପିଲାଦିନେ ଏକାଠି ବିତାଇଥିବା ଦିନ ଅଭୁଲା ସ୍ମୃତି ହୋଇ ରହୁ।
**ଅର୍ଚ୍ଚନା ବେହେରା, ପଳାଶୁଣୀ,ଭୁବନେଶ୍ୱର**

ଭାଇ ଭଉଣୀ ଯେତେବି ଝଗଡ଼ା କରନ୍ତୁନା କାହିଁକି ହେଲେ ଗୋଟେ ଭାଇ ପାଇଁ ତା' ଭଉଣୀ ତା' ଜୀବନ ହୋଇଥାଏ। ମା' ପରେ ଯଦି କେହି ଆମମାନଙ୍କ କଥା ବୁଝିପାରେ ତା' ହେଲେ ଏହା ହେଉଛି ଆମ ବଡ଼ ଭଉଣୀ। ଝଗଡ଼ା ପରେ ସବୁ ସମ୍ପର୍କ ଖରାପ ହୋଇଯାଏ। ହେଲେ ଭାଇ ଭଉଣୀର ଝଗଡ଼ାରେ ସମ୍ପର୍କ ମଜଭୁତ ଥାଏ। ଏ ଦୁନିଆରେ ସମସ୍ତଙ୍କର ପ୍ରେମ ସରିଯାଏ। ହେଲେ ଭାଇ ଭଉଣୀର ଭଲ ପାଇବା କେବେବି ଶେଷ ହୋଇ ନ ଥାଏ।
**ଚିତ୍ତରଞ୍ଜନ ମହାପାତ୍ର,କଣ୍ଟିଲୋ, ନୟାଗଡ଼**

ମୁଣ୍ଡେ ଗନ୍ଧପୁଷ୍ପ ଅକ୍ଷତ ପକାଇ କପାଳେ ଚୁଆଚନ୍ଦନ, ହସ୍ତେ ଦୀପ ଜ୍ୟୋତି ଆଳତି କରିଣ ଭାଇକୁ କରେ ବନ୍ଦନ। ରାଖୀ ବାନ୍ଧି ହସ୍ତେ ଭୂମିଷ୍ଠ ପ୍ରଣାମ ଭାଇକୁ ଭଗ୍ନୀ କରଇ, ସ୍ୱହସ୍ତେ ସୁସ୍ୱାଦୁ ମିଷ୍ଟାନ୍ନ ଖୁଆଏ। ଶ୍ରଦ୍ଧାରେ ଖାଅଇ ଭାଇ। ଭଉଣୀ ମନରେ ଅଦମ୍ୟ ବିଶ୍ୱାସ ଭାଇ ହେବ ତା'ର ସାହା ବିପଦେ ଆପଦେ ଢାଲ ହୋଇ ସେହୁ ଭଉଣୀକୁ ଦେବ ରାହା
**ସୁରେନ୍ଦ୍ର କୁମାର ପୃଷ୍ଟି, ଭୁବନ, ଢେଙ୍କାନାଳ**

ସମୟ ସ୍ରୋତରେ ସ୍ମୃତିସବୁ ହୁଏ ମଳିନ,
ରାଖୀର ସ୍ମୃତି ରହେ ଅମଳିନ।
ସ୍ନେହ, ପ୍ରେମ ସୁରକ୍ଷାର ଇଏ ଅତୁଟ ବନ୍ଧନ,
ଭାଇଭଉଣୀ ପବିତ୍ର ସମ୍ପର୍କର ଡୋର
କରେ ବିଶ୍ୱଭ୍ରାତୃତ୍ୱର ଜୟଗାନ।
**ମିନତୀ ପ୍ରଧାନ, ସୈନିକ ସ୍କୁଲ**
**ଅଞ୍ଚଳ, ଭୁବନେଶ୍ୱର**

ଭାଇ ତ ଭାଇ ମୋରି ଭାଇ। ମୁଁ ତୋର ବଡ଼ ଭଉଣୀ, ହେଲେ ତୁ ମୋର ସାନ ଭାଇ।
ଭାଇଠୁ ବହୁତ ଦୂରରେ ଅଛିତ ମୁହିଁ।
ରାଖୀ ନ ପିନ୍ଧିଲେ ସେ ଅଭିମାନ କରଇ ନାହିଁ।
ଅଳ୍ପକେ କଥାରେ ସବୁକଥା ବୁଝେଇ ସେହି।
ତା' ପାଖେ ଅଳି ମୁଁ କିଛି କରଇ ନାହିଁ।
ଭାଇ ତ ଭାଇ ମୋରି ଭାଇ।
**ମଧୁସ୍ମିତା ପୃଷ୍ଟି, ମହୁପଡା, ଯାଜପୁର**

ଅଭିମାନ କିସ କରିଛୁ କି ଭାଇ,
ରାଖୀ ପୂର୍ଣ୍ଣିମୀକୁ ଆସିବୁ କି ନାଇଁ,
ମୁଁ ଜାଣିଛି ତୁ ଆସିବୁ ନିଶ୍ଚୟ
ଅତୁଟ ବନ୍ଧନ ଦେବ ପରିଚୟ।
ଲୋଡ଼ାନାହିଁ ମୋର କିଛି ଉପହାର
ଲୋଡ଼ା ଖାଲି ମୋର ହସ ଦୁଇ ଧାର।
ମନେ ମୋର ନାଇଁ କିଛି
ଅବସୋସ
ପ୍ରଭୁ ଜଗନ୍ନାଥ ଦିଅନ୍ତୁ
ଆୟୁଷ।
**ଜ୍ୟୋତ୍ସ୍ନାରାଣୀ**
**ଆଦକ୍, ବମିଖାଲ,**
**ଭୁବନେଶ୍ୱର**

ତୁ ପରା ମୋର ସୁନାଭାଇ, ଦୋକାନକୁ ଯାଇ ବାଛି ବାଛି ରାଖୀ ଆଣିଛି ମୁହିଁ। ଦାମିକା ରାଖୀ ଆଣିଛି ତୋ ପାଇଁ ପିନ୍ଧିବୁ ବୋଲି ତୁହି। ବାହା ବିଦା ଦେଇ ରାଖୀ ପୂର୍ଣ୍ଣିମାରେ ମୋ ଶାଶୁଘରକୁ ଯିବାକୁ ଭୁଲିବୁନି ତୁହି। ତୁ ପରା ମୋର ସୁନା ଭାଇ।
**ଅର୍ଚ୍ଚନା ପୃଷ୍ଟି, ବାଇଁଶିରିଆ, ବରୀ, ଯାଜପୁର**

ଅଳିଅଳି ମୋର ସୁଭଦ୍ରା ଭଉଣୀ ହାତରେ ବାନ୍ଧିଛି ରାଖୀ, ରାଖୀର ପାଉଣା କିପରି ଶୁଝିବି, ଏହି ଦୀପଶିଖା ସାକ୍ଷୀ । ସୀମନ୍ତରେ ତୋର ସୁହାଗ ସିନ୍ଦୂର ଦାଉଦାଉ ହୋଇ ଜଳୁ। ତୋ ଚଲାପଥରେ କଣ୍ଟା ଯେତେ ସବୁ ପାରିଜାତ ହୋଇପଡୁ ।
**ସନ୍ତୋଷ କୁମାର ସାମନ୍ତରାୟ,**
**ଦୋଳମୁଣ୍ଡାଇ, ମହତାବ ରୋଡ,**
**କଟକ**

ଭାଇ ଭଉଣୀଙ୍କ ପବିତ୍ର ବନ୍ଧନ
ସ୍ନେହ ମମତାର ରାଖୀ,
ସମ୍ପର୍କ ସେତୁର ସୁରକ୍ଷା କବଚ
ରହିଥାଏ ସଦା ସାକ୍ଷୀ ।
ଚିରନ୍ତନ ଏହି ପବିତ୍ର ବନ୍ଧନ
ନ ଥାଏ କାଳିମା ଏଠି,
ଦୁଃଖ ବିପଦରେ ସଦା ରହିଥାଏ
ସାକ୍ଷୀ ଅଟେ ଏହି ରାଖୀ ।
**ଜୟଦେବ ଦାସ, ଗୋପାଳପୁର, ଗୋବିନ୍ଦପୁର, କଟକ**

ମାଗି ଜାଣେ ନାହିଁ, ରାଗି ଜାଣେ ନାହିଁ, ଫୁଲଠୁଁ କୋମଳ ମୋ ଭଉଣୀ ମନ। ଜୀବନ ଯନ୍ତ୍ରଣା ଆପଣାଇ ନିଏ, ନାହିଁ ତାର ଅଭିମାନ। ସୁଖଦୁଃଖ ଭରା ଜୀବନର ପଥେ ସେ ମୋ ଶୀତଳଛାଇ, ସ୍ନେହ ବିଶ୍ୱାସର ଏଇ ଅତୁଟ ବନ୍ଧନ ଜନମ ଜନମ ପାଇଁ ।
**ଜଗବନ୍ଧୁ ଦାସ, ଗୋପାଳପୁର, କଟକ**

ଏ ରାଖୀ କେବଳ ଗୋଟେ ଛୋଟ ସୂତା ନୁହେଁ, ଏହା ହେଉଛି ମୂକସାକ୍ଷୀ ଆମ ସମ୍ପର୍କର। ମାନ, ଅଭିମାନ ଅବା ତୋ ସ୍ନେହଭରା ଗାଳି ଏହା ତ ହେଉଛି ଭାଇ ଭଉଣୀ ସ୍ନେହ ଓ ମମତାର । ଆଜିର ଦିନଟି ହେଉଛି ଭାଇ ଓ ଭଉଣୀର ପବିତ୍ର ସମ୍ପର୍କର ପର୍ବ ରାଖୀ ପୂର୍ଣ୍ଣିମା ।
**ଜଗଦୀଶ ଦାସ, ସାଇଲୋ ଗୋବିନ୍ଦପୁର, କଟକ**

କେମିତି ନୀରବ ରହିଛ ଭାଇ, ଏଠି ମୁଁ ରହିଛି ଗଞ୍ଜଣା ସହି। ରାଖୀପୂର୍ଣ୍ଣିମାରେ ଘରକୁ ଯାଇ, ତୁମ ହାତେ ରାଖୀ ବାନ୍ଧିବା ପାଇଁ । ମନ ହେଉଛି ହାଇଁ ପାଇଁ, ଶାଶୁଘରେ ପରମିଶନ ନାହିଁ । ଯୌତୁକ ଜୁଇରେ ଜଳୁଛି ମୁହିଁ, ମୋ ସୁନା ଭାଇ, ଭାର ଧରି ସାଥେ ଆସିବ ଧାଇଁ, ରାଖୀ ପୂନେଇଁକୁ ରହିଲି ଚାହିଁ।
**ସାଇମିତା ଦାଶ, ପ୍ରଶାନ୍ତ ଦାଶ, ହାଉସିଂବୋର୍ଡ କଲୋନୀ,ଚୌଦ୍ୱାର**

ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ପରି,
ଜଣେ ଅନ୍ୟ ବିନା ଅଧା ।
ଭାଇଭଉଣୀର ପବିତ୍ର ବନ୍ଧନ,
ଯହିଁ ଅଛି ସ୍ନେହ, ଶ୍ରଦ୍ଧା ।
ଭାଇ ଭଉଣୀର ପବିତ୍ର ବନ୍ଧନ
ଅଟଇ ରାଖୀର ଡୋରି
ଭାଇ ଭଉଣୀର ଅପୂର୍ବ ସେନେହ
ରହିଥାଏ ହୃଦେ ଭରି ।
**ସୀତାକାନ୍ତ ସୌମ ରଞ୍ଜନ ମହାନ୍ତି,**
**ପଟିଆ, ଭୁବନେଶ୍ୱର**

ରାଖୀ ପୂର୍ଣ୍ଣିମା ବା ରକ୍ଷାବନ୍ଧନର ଅର୍ଥ କୌଣସି ସ୍ଥୂଳବନ୍ଧନ ନୁହେଁ, ବରଂ ଧର୍ମର ବନ୍ଧନ । ଯେତେବେଳ ଯାଏ ମନୁଷ୍ୟ ତା ନିଜର କର୍ମକୁ ନ ସୁଧାରିଛି, ସେତେବେଳ ଯାଏ ରକ୍ଷାର କୌଣସି ଉପାୟ ନାହିଁ। ସଂସାରରେ ଯେତେବେଳେ ଜୀବାତ୍ମାମାନେ ବିଷୟ ବିକାରରେ ବୁଡି ଦୁଃଖୀ ଅଶାନ୍ତ ହୋଇଯାନ୍ତି, ସେତେବେଳେ ଏକମାତ୍ର ରକ୍ଷକ ପରମାତ୍ମା ଶିବଙ୍କୁ ଡାକନ୍ତି, ତ୍ରାହି ମାଂ ପୁଣ୍ଡରିକାକ୍ଷୋ ସର୍ବ ପାପୋ ହରୋ ହରେ ।
**ଡ. ଅନ୍ତର୍ଯ୍ୟାମୀ ନାୟକ, ଅଧ୍ୟାପକ,**
**ବାବା କଖାରୁଆ ବୈଦ୍ୟନାଥ କନିଷ୍ଠ**
**ମହାବିଦ୍ୟାଳୟ, ମୟୁରଭଞ୍ଜ**

ସୁରକ୍ଷାର ପ୍ରତୀକ ଟିଏ ଏହି ରାଖୀ, ଯାହାକୁ ନେଇ ଭଉଣୀଟିଏ ସ୍ନେହ ସରାଗ, ଆଶା ବିଶ୍ୱାସର ସହିତ ବାନ୍ଧି ଦେଇଥାଏ ଭାଇର ହାତେ, ଭାଇଟି ମଧ୍ୟ ଅଭୟର ପ୍ରତିଶ୍ରୁତି ଦେଇ ଚିର ସାହା ହୋଇ ରହିଥାଏ ଭଉଣୀ ସାଥେ। ଭଉଣୀ ଭାଇଙ୍କ ଏହି ଭାବର ବନ୍ଧନ, ସବୁଦିନ ରହିଥାଉ ଅତୁଟ, ଲାଗୁଥାଉ ଗହ ଗହ ବାସୁଥାଉ ଫୁଲଚନ୍ଦନ ।
**ସନ୍ତୋଷିନୀ ନାୟକ, ଧୁବଲପଡା, ବଲାଙ୍ଗୀର**

ରାଖୀ ହେଉଛି ବିଶ୍ୱାସ ଆଉ ଭରସାର
ମୂକସାକ୍ଷୀ, ସ୍ନେହ ମମତାର ସମ୍ପର୍କର ଡୋରି।
ସୁଖଦୁଃଖ ବିପଦ ଆପଦର ସୁରକ୍ଷା କବଚ।
ଭଉଣୀର ଖୁସି ହିଁ ଭାଇର ଖୁସି।
**ସାରଦା ଦାସ, ଗୋପାଳପୁର, କଟକ**

ରାଖୀ ଆସିଛିରେ ଆଜି ଆସିଛି, କେତେ ନୂଆ ଆଶା ନେଇ ଆସିଛି ।
ସେନେହୁ ସରାଗେ ବନ୍ଧାଏ ଡୋର, ଚିର ଶାଶ୍ୱତ କବଚ ଦୁର୍ବାର ।
ରକ୍ଷାର ଶପଥ ନେଇଛି,
ପୋଛି ହୃଦୟରୁ ମାନ ଅଭିମାନ, ବାଦ ବିବାଦର ହେଉ ଅବସାନ ।
ପୁଲକିତ ନୟନେ ଚାହିଁଛି, କେତେ ନୂଆ ଆଶା ନେଇ ଆସିଛି ।
**ଅଶ୍ୱିନୀ କୁମାର ଭୂତିଆ, ଦେଉଳବେଡା**
**କୋଲିୟାରୀ, ଅନୁଗୋଳ**

ପରସ୍ପର ବନ୍ଧନରେ ବନ୍ଧା ସକାଳ ମାନବ ଜୀବନ। ହେଲେ ସେଥିରେ ଲୁଚି ରହିଥାଏ ଭଙ୍ଗାର ଶଙ୍କା । ଯେଉଁ ବନ୍ଧନରେ ଲେଶ ମାତ୍ର ବିଚ୍ଛେଦ ନ ଥାଏ ସେହି ବନ୍ଧନ ହେଲା ଭଉଣୀ, ଭାଇଙ୍କ ପବିତ୍ର ଶୁଦ୍ଧ ଡୋରିରେ ବନ୍ଧା ସେଇ ଅତୁଟ ବନ୍ଧନ। ଯେପରି ବିଶ୍ୱ ସହ ପ୍ରକୃତିର ବନ୍ଧନ।
**ଲକ୍ଷ୍ମୀକାନ୍ତ ମହାରଣା,**
**ଆଦିମାତା କଲୋନୀ, ଭୁବନେଶ୍ୱର**

ରାଖୀ ଭଉଣୀ ଭାଇର ଅତୁଟ ବନ୍ଧନ, ସେ ଏକ ଭାବମିଳନର ଚିର ସମ୍ପର୍କର ମନ । ରାଖୀ କେବଳ ନୁହେଁ ଏକ ରେଶମୀ ଡୋର, ସେତ ଭଉଣୀ ଭାଇର ସମ୍ପର୍କ ମଧୁର । ରାଖୀ ଏକ ମିତ ଟିଏ ସ୍ନେହ ଶ୍ରଦ୍ଧା ମନରେ ଜଗାଏ, ରାଖୀ ଏକ ଗୀତଟିଏ ସାତ ସ୍ୱରକୁ ଶିଖାଏ ।
**ଜୟଶ୍ରୀ ସାହୁ, କୋଖିପାଲି, ବିଜେପୁର, ବରଗଡ**

ଭାଇ ଭଉଣୀର ଅତୁଟ ବନ୍ଧନ ଭିତରେ ଯୋଡି ରହିଛି ଚିରନ୍ତନ ରକ୍ଷାବନ୍ଧନ । ଭଉଣୀର ସୁରକ୍ଷା କବଚ ସଦୃଶ ରାଖୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ଯାହାକି ଦେବତା ଓ ଦାନବ ଭିତରେ ଥିବା ଅହଂକାରକୁ ସମ୍ପର୍କର ରଜ୍ଜୁରେ ବାନ୍ଧି ଜାତି ଅଜାତିର ଭେଦଭାବକୁ ପବିତ୍ର ବନ୍ଧନ ଭିତରେ ଆବଦ୍ଧ କରି ରଖେ ।
**ସନ୍ତୋଷ କୁମାର ସାହୁ, ଦାମୋଦରପୁର ବାଲେଶ୍ୱର**

ହାତରେ ମୋ ବାନ୍ଧି ଦେଲୁ ମମତାର ଡୋରି,
ଭାଇକୁ ମନରୁ କେବେ ଦେବୁନି ପାଶୋରି।
ତୋ ପରି ସବୁ ଭଉଣୀ ପାଇଁ, ବରଷକୁ ଥରେ
ଆସେ ରାଖୀ ପୂନେଇଁ ।
ତୋର ଏଇ ଶ୍ରଦ୍ଧା, ଭକତିର ରାଖୀ, ଜନମ
ଜନମ ପାଇଁ ଆମ ସମ୍ପର୍କର ସାକ୍ଷୀ ।
କୁସୁମିତ ହେଉ ଚଲାପଥ ତୋର, ସୁରଭିତ
ହେଉ ମନ । ଫୁଲପରି ହସ ସବୁବେଳେ ଥାଉ,
ଦୁଃଖ ହୋଇଯାଉ ଦୂର ।
**ଐଶ୍ୱରିୟା ରଞ୍ଜନ ମହାନ୍ତି, ଭୁବନେଶ୍ୱର**

ଟିକିଟିକି ତାରାଫୁଲ ରୂପେଲି ଚନ୍ଦ୍ରମା,
ସୁନା ତାରକସି ଜରି ଅପୂର୍ବ ସୁଷମା ।
ରେଶମୀ ସୂତାରେ ଜୋଖି ଆଖି ଝଲସଇ,
ଆମ ପ୍ରିୟ ରାଖୀ ସେହି ସଭିଙ୍କୁ ଜିତାଇ ।
ଗହ୍ମା ପୂନେଇଁ ଦିନରେ ବଳଭଦ୍ର ପୂଜା,
ଘରେ ଘରେ ରାଖୀ ହୋଇଥାଏ ଖୋଜା ।
ସୁବର୍ଣ୍ଣ ଥାଳିରୁ ଫୁଲ ଚନ୍ଦନକୁ ନେଇ ।
ଭାଇ ହାତେ ଭଉଣୀ ରାଖୀ ବାନ୍ଧିଥାଉ ।
**ରାଜଶ୍ରୀ ମନସା ମହାନ୍ତି, ଶହୀଦନଗର, ଭୁବନେଶ୍ୱର**

କିଏ କହେ ରାଖୀ ତାକୁ ଆଉ କିଏ ରେଶମୀର ଡୋର,
ପବିତ୍ର ବନ୍ଧନ ଅଟେ ଜନ୍ମ ଜନ୍ମାନ୍ତର ।
ମାଗୁ ନାହିଁ ସୁନା ରୁପା ଅବା ରାଜାର ଉଆସ,
ହସେଇବୁ ମୋତେ ଥିବା ଯାଏ ମୋ ଆୟୁଷ ।
ସଂସାରର ସବୁଠାରୁ ଶ୍ରେଷ୍ଠ ବରଦାନ
ଭାଇ ଭଉଣୀର ଏହି ଅତୁଟ ବନ୍ଧନ ।
ବାନ୍ଧିଲି ରାଖୀ ରଖିବୁ ମାନ ।
**ଈପ୍ସିତା ବେହେରା, ଦେଉଳବେଡା କୋଲିୟାରୀ, ଅନୁଗୋଳ**

ବରଷକର ଦିନଟିଏ, ପବିତ୍ର ବନ୍ଧନ ଚିହ୍ନଟିଏ। ଭଉଣୀ ମନରର ଉନ୍ମାଦରେ ଭାଇ ମନରେ ପୁଲକ ଦିଏ । ସ୍ନେହର ଅଭୟ, ରକ୍ଷାର ଭାଇ, ପୁଣି ଭାଇ ଉପହାର, ଭଉଣୀ ମନରେ ଭରିଦିଏ ଖୁସିର ଜୁଆର । ବନ୍ଧନ ଏ ଯେ ବନ୍ଧନ ରେଶମୀ ଡୋରୀର ବନ୍ଧନ, ଯାହା ସଂସାରରେ ଅତୁଟ, ଅଭୁଲା ଓ ଚିରନ୍ତନ ।
**ସନ୍ତୋଷ କୁମାର ସାମନ୍ତରାୟ, କଟକରୋଡ, ଭୁବନେଶ୍ୱର**

A Sister is a gift to the heart, A friend to the spirit
A Golden thread to meaning at life.
**Sonali Beher,Rasulgarh, BBSR**

ଏ ରାଖୀ ବନ୍ଧନ ନୁହେଁ କେବଳ ଦୁଇଟି ଶବ୍ଦର ସମଷ୍ଟି, ଅବା କାଗଜ ବା ସୂତାର ଡୋରି। ସେତ ଆମ ସମ୍ପର୍କର ମୂକସାକ୍ଷୀ। ମାନ, ଅଭିମାନ ଅବା ତୋ ସ୍ନେହଭରା ଗାଳି । ଏହା ହିଁ ତ ହେଉଛି ଭାଇ ଭଉଣୀର ଜନ୍ମ ଜନ୍ମାନ୍ତର ସମ୍ପର୍କ । ସ୍ନେହ ମମତାର ରେଶମୀ ଡୋରି ।
**କୀର୍ତ୍ତିକାନ୍ତ ଶେଖର, ଜୟଦୁର୍ଗାନଗର, ଭୁବନେଶ୍ୱର**

ଡାକରେ ପାଇଲି ଭଉଣୀଠୁ ରାଖୀ
ଭଉଣୀ ଅଛି ମୋ ଦୂରେ,
ଚିଠିଟେ ଲେଖିଛି ଦୂରରେ ଥିଲେ ବି
ତୁମ ପାଇଁ ମନ ଝୁରେ ।
ମୋ ଆୟୁଷ ନେଇ ତୁମେ ଜିଇ ରୁହ
କୁଶଳରେ ସଦା ଥାଅ,
ସେଇ ଚିଠି ପଢ଼ି ଆଖିରେ ମୋହର
ଲହଡ଼ି ଭାଙ୍ଗୁଛି ଲୁହ ।
**ସତ୍ୟଜିତ୍ ବାରିକ, ନୟାପଲ୍ଲୀ, ଭୁବନେଶ୍ୱର**

ଶ୍ରାବଣରେ ଭାସି ଯାଇଛି
କାଗଜଡଙ୍ଗାର ବୟସ,
ସମୟ ବଦଳି ଚାଲିଛି
ତୁଟିନାହିଁ ମନର ବିଶ୍ୱାସ।
ଯେତେ ଦୂରେ ରୁହ ପଛେ ଭାଇ
ସ୍ନେହ ଶ୍ରଦ୍ଧା ଅପାସୋରା
ଭୁଲିହୁଏନାହିଁ ।
ରାଖୀ ପୂନେଇଁ ଖାଲି ପରବ ନୁହଁଇ, ଭଉଣୀକୁ
ସୁରକ୍ଷା ଦେଲେ ମହତ ରହିବ ଯାଇ ।
**ଆଦ୍ୟାଶା ଷଡ଼ଙ୍ଗୀ, ନିମାଇସାପୁର, ଟାଙ୍ଗୀ, କଟକ**

ଢାଳିବୁନି କେବେ ଦୁଇଟୋପା ଲୁହ, ଅସହାୟ ନୁହେଁ ତୁହି । ଅଞ୍ଜଳି କରି ଦୁଃଖଯାକ ନେବି, ପାଖେ ପାଖେ ଥିବି ମୁହିଁ । ଭାଇ ହୋଇ ତୋର ରଖିବି ମୁଁ ମାନ, କେବେ ନ ଭୁଲିବି ତୋର ଏହି ସ୍ନେହ । ସ୍ନେହ ମମତାରେ ଭରା ଏ ବନ୍ଧନ ତୋ ରାଖୀର ମାନ ରଖିବି ମୁହିଁ ।
**ସତ୍ୟବ୍ରତ ବାରିକ, ବମିଖାଲ, ଭୁବନେଶ୍ୱର**

Times & Money changes many things.
Be our love and the Bond
we share never changes.
This Rakhi Brings all my Blessings
love and care for you.
**Jayashree Beher, Khurda, BBSR**

ରଖୀବନ୍ଧନ ପରମ୍ପରା ହେଉଛି ଭାଇ ଭଉଣୀ ମଧ୍ୟରେ ଅତୁଟ ବନ୍ଧନକୁ ସୁଦୃଢ଼ କରିବା। ସ୍ନେହ ଶ୍ରଦ୍ଧାକୁ ଚିରଦିନ ପାଇଁ ଅତୁଟ ରଖିବା ଫଳରେ ପିତାମାତାଙ୍କ ଅନୁପସ୍ଥିତିରେ ଭାଇକୁ ମଧ୍ୟ ଭଉଣୀର ସୁଖ ଦୁଃଖରେ ନିଜର କର୍ତ୍ତବ୍ୟ ପାଳନ କରିବା ପାଇଁ ପ୍ରେରଣା ଦେବା । ଯାହା ମହାପ୍ରଭୁ ବିଶ୍ୱବାସୀଙ୍କୁ ତାଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା ମାଧ୍ୟମରେ ସୁଚାଉଛନ୍ତି ।
**ଦୁର୍ଗାପ୍ରସାଦ ରାମ, ଟ୍ରାଫିକ ଛକ, ଖୋର୍ଦ୍ଧା**

ଭାରତୀୟ ସଂସ୍କୃତି ଓ ପରମ୍ପରା ମଧ୍ୟରେ ଆମ ଓଡ଼ିଆ ସଂସ୍କୃତି ଅନ୍ୟତମ । ତନ୍ମଧ୍ୟରୁ ରାଖୀ ପୂର୍ଣ୍ଣିମା ଏକ ଏବଂ ଏହାର ଅନ୍ୟନାମ ଗହ୍ମା ପୂର୍ଣ୍ଣିମା ମଧ୍ୟ । ଏହି ଦିନଟି ଆମ ପରମ୍ପରାରେ ବଳଭଦ୍ର ଜନ୍ମ ଭାବରେ ମଧ୍ୟ ପାଳିତ ହୁଏ । ଭାଇମାନଙ୍କ ହାତରେ ରାଖୀ ବାନ୍ଧିବା ସହ ଗୋମାତାଙ୍କୁ ମଧ୍ୟ ପୂଜା କରାଯାଏ । ଯେତେ ଦୂରେ ଥିଲେ ମଧ୍ୟ ଭଉଣୀର ଭାଇକଥା ନିଶ୍ଚୟ ମନେପଡିବା ପାଇଁ ରାଖୀ ଏକ ମାଧ୍ୟମ ।
**ପ୍ରତିଭା ପଣ୍ଡା, ଗୋପବନ୍ଧୁ ନଗର, ଚରମ୍ପା, ଭଦ୍ରକ**

ଭାଇମାନଙ୍କର ସୁରକ୍ଷା କବଚ
ଭଉଣୀର ସୂତା ଡୋର
ପବିତ୍ର ସମ୍ପର୍କ ଅତୁଟ ବନ୍ଧନ
ରଖିଥାଏ ନିରନ୍ତର ।
ମଧୁର ସମ୍ପର୍କ ସ୍ନେହ ଆଶୀର୍ବାଦ
ଏଇ ଡୋର ମୂକସାକ୍ଷୀ
ଭାଇଭଉଣୀଙ୍କ ରକ୍ଷାକବଚ
ନାମ ଅଟେ ତା'ର ରାଖୀ।
**କଲ୍ପିତା ପ୍ରିୟଦର୍ଶିନୀ, ମେଟ୍ରୋସାଟେଲାଇଟ୍, ସିଟି, ହଂସପାଳ**

ରାଖୀ ନୁହେଁ ଇଏ ସ୍ନେହର ପ୍ରତୀକ
ମିଠା ସମ୍ପର୍କର ଡୋରି,
ସଦାଥାଏ ସାଜି ସୁରକ୍ଷା କବଚ
କେହି ନୁହେଁ ତା'ର ସରି ।
**ମଞ୍ଜୁଶ୍ରୀ ବେହେରା, ଘରନମ୍ବର-୮୯୦, ଫେଜ-୨, ଡୁମୁଡୁମା**

ସବୁଠୁ ସୁନ୍ଦର ଆମ ଭାଇ ଭଉଣୀଙ୍କ ବନ୍ଧନ
ସବୁ ସମସ୍ୟାର ଏହା ଏକଇ ନିଦାନ,
କ୍ଷଣକ ପାଇଁ କି ରାଗ ରୁଷା ଅଭିମାନ
ସ୍ନେହର ଡୋରିରେ ବନ୍ଧା ଆମରି ଜୀବନ ।
**ସତ୍ୟଭାମା ସାହୁ, ଡୁମୁଡୁମା, ଭୁବନେଶ୍ୱର**

ସାମ୍ପ୍ରତିକ ପରିସ୍ଥିତିରେ ଭାଇମାନଙ୍କ ପାରିଲା ପଣିଆର ପରୀକ୍ଷା ଆଗତ ପ୍ରାୟ। ରାସ୍ତାଘାଟରେ ନାରୀ ରକ୍ତ ପିପାଶୁ ନରରାକ୍ଷସମାନେ ନାରୀମାନଙ୍କ ସହ ଅଘଟଣ ଘଟାଉଛନ୍ତି । ଭଉଣୀଟିଏ ଦୈନନ୍ଦିନ କାମ ପାଇଁ ବାହାରକୁ ଯାଇ ଫେରିବା ନିରାପଦ ନୁହେଁ । ଏପରି ଦୁର୍ଦ୍ଦିନରେ ଭଉଣୀ ବାନ୍ଧିଥିବା ପବିତ୍ର ରାଖୀର ମୂଲ୍ୟ ସ୍ୱରୂପ ପ୍ରତ୍ୟେକ
ଭାଇ ଭଉଣୀମାନଙ୍କୁ
ସୁରକ୍ଷା ପ୍ରଦାନ ଏକାନ୍ତ
ଆବଶ୍ୟକ । ଗଛ ଦିଏ
ଛାଇ, ବଳ ଦିଏ ଭାଇ।
**ସ୍ୱର୍ଣ୍ଣବାଳା ନାୟକ, ସତ୍ୟନଗର, ଭୁବନେଶ୍ୱର**

ଶ୍ରାବଣ ମାସରେ ମେଘର ରିମ୍‌ଝିମ୍ ନୃତ୍ୟର ସାରା
ପ୍ରକୃତି ସବୁଜିମାରେ ଖେଳନ୍ତି,
ଚିକ୍‌ମିକ୍ ବିଜୁଳି ଘଡ଼ଘଡି ନାଦରେ ମାତା ଧରିତ୍ରୀ
ନୀଳ ଆକାଶକୁ ଇନ୍ଦ୍ରଧନୁର ରାଖୀ ବାନ୍ଧନ୍ତି ।
କେତେ ମାନ ଅଭିମାନର ବିଧ୍ୱସ୍ତ, ରାଖୀର ସୂତାଟି
ଏହି ଭଉଣୀ ଭାଇର ସମ୍ପର୍କର ମୂଲ୍ୟ ଦେଇ ନ
ପାରିବେ କେହି ।
**ରାଜଶ୍ରୀ ପ୍ରଭାତୀ ମହାନ୍ତି, ବାପୁଜୀନଗର, ଭୁବନେଶ୍ୱର**

ଡୋରି ସିନା ଅଟେ ରେଶମୀ ସୂତାର
ସ୍ମୃତିଭରା ଏଇ ରାଖୀ,
ଭାଇ ଭଉଣୀଙ୍କ ପବିତ୍ରବନ୍ଧନ
ଯୁଗଯୁଗର ସେ ସାକ୍ଷୀ।
ଭଉଣୀର ରକ୍ଷା କରିବାକୁ ଭାଇ
ଏ ରାଖୀ କଥାଦିଏ,
ରାଖୀ ନୁହେଁ ସେ ତ ଆଶା ଭରସାର
ସ୍ନେହ ବୋଳା ସୂତାଟିଏ ।
**ଗୁରୁପ୍ରସାଦ ମହାନ୍ତି, ଆଚାର୍ଯ୍ୟବିହାର, ଭୁବନେଶ୍ୱର**

ଅକ୍ଷତ ତିଳକ ସାଥିରେ ଚନ୍ଦନ ଗୋଳି,
ଅତି ଯତନରେ ସଜାଇଛି ଅର୍ଘ୍ୟଥାଳି ,
ଅଖଣ୍ଡ ବିଶ୍ୱାସରେ ଗୁନ୍ଥି ସେନେହ ମାଳି,
ଅଙ୍କିତି କରିଛି ତାକୁ ଶ୍ରଦ୍ଧାପ୍ରୀତି ବୋଳି,
ଅନନ୍ୟ ଏ ଡୋରିକୁ ବାନ୍ଧି କରିବି ଅଳି,
ଅମୂଲ୍ୟ ବନ୍ଧନ ଆମ ନ ଯାଉ ବଦଳି ।
**ତୃପ୍ତିମୟୀ ପଟ୍ଟନାୟକ, ମନ୍ଦରଓସ୍ତା, ଗଡ଼ସାନପୁଟ, ପୁରୀ**

ଆମ ଓଡ଼ିଆ ଜାତିର ମାତୃଭାଷା ଓଡ଼ିଆରେ ୪୯ ଅକ୍ଷର ମଧ୍ୟରୁ 'ଭ' ଏପରି ଏକ ଅକ୍ଷର ତା' ଠାରୁ ଦୁଇଗୋଟି ପବିତ୍ର ଶବ୍ଦର ଉତ୍ପତ୍ତି । ଗୋଟିଏ ହେଲା ଭାଇ ଅନ୍ୟଟି ଭଉଣୀ । ଭାଇ ଭଉଣୀର ପବିତ୍ର ଅତୁଟ ବନ୍ଧନକୁ ମନେରଖିବା ପାଇଁ ଭଗବାନ ଶ୍ରାବଣ ମାସର ପବିତ୍ର ପୂର୍ଣ୍ଣମୀଟିକୁ ପାଳନ କରିବା ପାଇଁ କହିଛନ୍ତି ।
**ଜୟକୃଷ୍ଣ ନାୟକ, ଅମଲାପଡା, ଢେଙ୍କାନାଳ**

ବଳିବର୍ଦ୍ଧ ପୂଜା, ଶ୍ରୀନ୍ଦିରରେ ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ ଓ ରାଖୀଲାଗି କେନ୍ଦ୍ରାପଡା ଶ୍ରୀବଳଦେବଜୀଉଙ୍କ ଜନ୍ମାଭିଷେକ, ଏକଲକ୍ଷ ତୁଳସୀ ପ୍ରଦାନ କରାଯାଇଥାଏ ରାଖୀପୂର୍ଣ୍ଣିମାରେ । ରାଖୀ ବନ୍ଧନ ପର୍ବ ଭଉଣୀ ଭାଇ ହାତରେ ରାଖୀ ବାନ୍ଧିଥାଏ । କୁଳପୁରୋହିତ ଯଜମାନଙ୍କ ହାତରେ ରାଖୀବନ୍ଧନ କରିଥା'ନ୍ତି । ଓଡ଼ିଶାରେ ଗୋମାତା ପୂଜା ଓ କୃଷିଭିତ୍ତିକ ପର୍ବରେ ବଳଦଙ୍କୁ ପୂଜା, ପିଠା ଖୁଆଇବାର ପରମ୍ପରା ରହିଛି ।
**ଓମ୍ ପ୍ରସାଦ ମିଶ୍ର, ପାଟପୁର, ନିମାପଡା, ପୁରୀ**

ଆତ୍ମସିକ୍ତ ଭାବେ ଭଉଣୀଟି ଭାଇ ହାତରେ ରାଖୀ ବାନ୍ଧିଥାଏ । ଏହା ସେମାନଙ୍କ ମଧ୍ୟରେ ଜନ୍ମ ଜନ୍ମାନ୍ତରର ପବିତ୍ର ଓ ଅତୁଟ ବନ୍ଧନ ସୃଷ୍ଟି କରିଥାଏ । ଭଉଣୀ ସମ୍ମୁଖୀନ ହେଉଥିବା ପ୍ରତ୍ୟେକ ସମସ୍ୟାକୁ ଭାଇ ଢାଲ ସାଜି ସୁରକ୍ଷା ପ୍ରଦାନ କରିଥାଏ । ତେଣୁ ରାଖୀକୁ କେବଳ ସୂତାର ସମାହାର ଭାବିବା ଠିକ୍ ନୁହେଁ ।
ଭାଇ ଅଛି ଯାହାର
ଭୟ ନାହିଁ ତାହାର
**ମହେଶ୍ୱର ନାୟକ, ଦୋବନ୍ଧା, କେନ୍ଦ୍ରାପଡା**

ପବିତ୍ର ଶ୍ରାବଣ ମାସରେ ପାଳିତ ରାଖୀପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମା ଦିନ ମହାପ୍ରଭୁ ବଳଦେବ ଜନ୍ମଗ୍ରହଣ କରିଥିଲେ । ଏଥିରେ ଭଉଣୀ ଭାଇର ହାତରେ ରାଖୀ ବାନ୍ଧି ତା'ର ଶୁଭ ମନାସୁଥିବା ବେଳେ ଭାଇ ତା'ର ସୁରକ୍ଷା ଓ ଭବିଷ୍ୟତର ଦାୟିତ୍ୱ ନେବାକୁ ପ୍ରତିଶ୍ରୁତି ଦେଇଥାଏ । ଏହି ଦିନ ଗୋମାତାକୁ ପୂଜା କରି ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଦିଆଯାଇଥାଏ ।
**ବୈଦ୍ୟନାଥ ମଲ୍ଲିକ, ବଡସୁଆର, ଯାଜପୁର**

You are the perfect
Annoging sister
without whom I can not
Imagine my Life
Keep on Annoging me
like that my lovely Sister.
**Monali Behera, Rasulgarh, BBSR**

ଭ୍ରାତାଭଗ୍ନୀ ପ୍ରୀତି ନୁହେଁ ସ୍ୱାର୍ଥ, ଭ୍ରମ
ଅତିବ ନିବଡ଼ ଅମୃତ ଅସୀମ ।
ଶାଶ୍ୱତ ପ୍ରେମ ବେନି ଆକର୍ଷଣ
ରକ୍ଷାବନ୍ଧନଟି ସ୍ମୃତିର ପ୍ରମାଣ ।
ତାଳଧ୍ୱଜେ ବଡ଼, ନନ୍ଦିଘୋଷେ ସାନ
ତିନିରଥ ମଧ୍ୟରେ ଦେବଦଳନ ।
**ଦେବାଶିଷ ମାନସ ରଂଜନ ମହାନ୍ତି, ଖାରବେଳ ନଗର, ଭୁବନେଶ୍ୱର**

ସବୁ ସମ୍ପର୍କର ମୂଲ୍ୟ ଭିନ୍ନ ଭିନ୍ନ, ସବୁର ଭିନ୍ନ କାହାଣୀ,
ସବୁ ସମ୍ପର୍କରୁ ଶ୍ରେଷ୍ଠ ଗୋଟେ ନାମ ପରିଚୟ ତା'ର ଭଉଣୀ।
ସବୁଠୁ ସୁନ୍ଦର, ସବୁଠୁ ପବିତ୍ର ଅଳଙ୍କାର ଟିଏ ରାଖୀ,
ସୂତା ଖଣ୍ଡେ ନୁହେଁ, ଦୁଇ ଆତ୍ମା ମଧ୍ୟେ ସମ୍ପର୍କର ମୂକସାକ୍ଷୀ ।
**ରାଜକିଶୋର ମହାନ୍ତି, ସିଙ୍ଗିପୁର, ଖୋର୍ଦ୍ଧା**

ବନ୍ଧନ ମଧ୍ୟରେ ଶ୍ରେଷ୍ଠ ବନ୍ଧନ ଯେ
ସମ୍ପର୍କ ମଧ୍ୟରେ ଶ୍ରେଷ୍ଠ, ରକ୍ଷାବନ୍ଧନରେ
ରାଣ ଦେଇ ଭାଇ ରଖେ ଭଉଣୀ ସମ୍ମାନ ।
ପତଳା ସୂତାର ମଜଭୁତ ଫାଶ
ବାନ୍ଧି ରଖେ ଦୁଇ ମାନ,
ନିଃସ୍ୱାର୍ଥପର ପ୍ରେମ ପୁଣି
ଏଠି
ନିଆରା ତା' ସାରମର୍ମ ।
**ପାର୍ବତୀ ମହାନ୍ତି, କୋଲଥିଆ, ଖଣ୍ଡଗିରି, ଭୁବନେଶ୍ୱର**



କୃଷିଭିତ୍ତିକ ଓ ଭ୍ରାତୃପ୍ରେମର ଅପୂର୍ବ ମିଳନର ସମାହାର ହେଉଛି ରାଖୀପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମା। ସମଗ୍ର ଉତ୍କଳରେ ମହାଆଡମ୍ବରରେ ଏହା ପାଳନ ହୋଇଥାଏ । ଏଥିରେ ବଳଭଦ୍ରଙ୍କ ହଳ ଆୟୁଧ ପୂଜା ପାଇବା ସହିତ ଗୋମାତାଙ୍କୁ ପୂଜାର୍ଚ୍ଚନା କରାଯାଏ । ଏହି ପର୍ବରେ ଭଉଣୀ ଭାଇର ଶୁଭ ମନାସୁଥିବା ବେଳେ ଭାଇ ତା'ର ସୁରକ୍ଷା ଓ ଭବିଷ୍ୟତର ଉନ୍ନତି ନିମିତ୍ତ ପ୍ରତିଶ୍ରୁତି ଦେଇଥାଏ ।
**ବୈଦ୍ୟନାଥ ମଲ୍ଲିକ, ବଡସୁଆର, ଯାଜପୁର**

ରାଖୀ... ଭଉଣୀ ସ୍ନେହଭରା ସନ୍ତକଟିଏ
ରାଖୀ... ସ୍ନେହ ଶ୍ରଦ୍ଧାର ବନ୍ଧନ ସିଏ
ରାଖୀ.... ଭଉଣୀର ରକ୍ଷାକବଚ ସିଏ
ରାଖୀ... ଅତୁଟ ସମ୍ପର୍କର ଡୋର ସିଏ
ରାଖୀ... ଭାବ ପ୍ରୀତିର ସେ ପରିଭାଷା
ରାଖୀ... ଭାଇର ଦାୟିତ୍ୱ ଭଉଣୀର ସୁରକ୍ଷା ।
**ରାଜଶ୍ରୀ ମିନତି ମହାନ୍ତି, ସିଙ୍ଗିପୁର, ଖୋର୍ଦ୍ଧା**

ରଙ୍ଗିଆ ସୂତାଖିଅଟିଏ ସିନା ରକ୍ଷାକବଚ ଏ ପ୍ରିୟ ରାଖୀ, ଭଉଣୀ ହାତରୁ ଭାଇହାତେ ବନ୍ଧାଥାଏ ଚିରଦିନ ସାକ୍ଷୀ । ରକ୍ଷାବନ୍ଧନ ଏ ଭଉଣୀ ଭାଇର ଅତୁଟ ବନ୍ଧନ ଡୋରି, ସ୍ନେହ , ଶ୍ରଦ୍ଧା, ପ୍ରେମ ମହକ ସମ୍ପର୍କ ହୃଦୟେ ଜଗାଏ କେବେ ଯାଏ ନାହିଁ ସରି । ଠାକୁରଙ୍କ ପାଖେ ପ୍ରାର୍ଥନା କରେ ମୁଁ ଦୀନହୀନ ଅକିଞ୍ଚନ, ଭାବର ବନ୍ଧନ ଭଉଣୀ ଭାଇର ରହିଥାଉ ଚିରଦିନ ।
**ପ୍ରଦୀପ କୁମାର ନାଏକ, ହାତୀସରା, ବଲାଙ୍ଗୀର**

ମହିମାମୟ ରାଖୀ ଅତୁଟ ବନ୍ଧନ ପ୍ରତିଷ୍ଠା କରିଥାଏ । ରାଖୀବନ୍ଧନ ଉତ୍ସବ ମାହୋଲରେ ଭାଇମାନେ ଉଲ୍ଲସିତ ହେବା ସହ ଭଉଣୀମାନଙ୍କର ସୁରକ୍ଷା ପ୍ରଦାନ ନିମନ୍ତେ ସଂକଳ୍ପବଦ୍ଧ ହେବା ଆବଶ୍ୟକ ।

ଆଜିର ସମାଜରେ ଭଉଣୀମାନେ ଅତ୍ୟାଚାରିତ, ନିର୍ଯାତିତ ଓ ଲୁଣ୍ଠିତ ହେଉଛନ୍ତି । ସେମାନଙ୍କର ଏପରି ଦୁଃସମୟରେ ପ୍ରତ୍ୟେକ ଭାଇ ସହାୟତା କରିବାକୁ ଆଗଭର ହେବା ଉଚିତ ।
**କିରଣ ଅମିଷା, ସତ୍ୟନଗର, ଭୁବନେଶ୍ୱର**

ଢାଳିଦିଅ ମାଆଗୋ ଶୁଭ ଆଶିଷଧାରା
ମୋ ଭାଇର ଚଲାପଥରେ,
ବିଞ୍ଚି ଦିଅ ମାଆଗୋ ମଲ୍ଲୀ, କେତକୀ ପାଖୁଡା
ମୋ ଭାଇର ଆଶା ରଥରେ ।
**ପାର୍ବତୀ ମହାନ୍ତି, କୋଲଥିଆ, ଖଣ୍ଡଗିରି, ଭୁବନେଶ୍ୱର**

ଭାରତବର୍ଷରେ ଉତ୍କଳ ଏକ ପୁଣ୍ୟଭୂମି, ଏହାର ଜଳ, ବାୟୁ, ବଣ, ପାହାଡ, ପର୍ବତ ଓ ନଦୀସବୁ ପୁଣ୍ୟମୟ । ଏହାର ଧୂଳିକଣାରେ ମହାନତା ଓ ପବିତ୍ରତା ଭରିରହିଛି । ଶ୍ରାବଣ ମାସରେ ରାଖୀପୂର୍ଣ୍ଣିମା ପାଳିତ ହୁଏ । ଗହ୍ମାପୂର୍ଣ୍ଣିମାର ଅନ୍ୟନାମ ରାଖୀପୂର୍ଣ୍ଣିମା । ଏହି ଦିନ ଭଉଣୀମାନେ ପବିତ୍ର ମନରେ ଭାଇମାନଙ୍କ ହାତରେ ରାଖୀବନ୍ଧନ କରି ଭ୍ରାତୃଭଗିନୀ ସ୍ନେହକୁ ଦୃଢୀଭୂତ କରିଥାନ୍ତି । ଗାଈଗୋରୁଙ୍କ ପୂଜା କରାଯାଏ ।
**ଅଭିଲିପ୍‌ସା ମିଶ୍ର, ପାଟପୁର, ନିମାପଡା, ପୁରୀ**

ରାଖୀ ପୂନେଇଁରେ ରକ୍ଷାବନ୍ଧନ ଶୂନ୍ୟ ହାତ, ଭିଜି ଯାଇଥାଏ ଲୁହରେ ହାତଟି ଚାହିଁ ଭଉଣୀବାଟ । ସ୍ନେହ, ଶ୍ରଦ୍ଧା ହୃଦେ ଭଉଣୀଟି ଥିଲା ରକ୍ଷାବନ୍ଧନର ଆଶା ବହି, ନିୟତି ନିୟମେ କାନ୍ଦି ଚାଲିଗଲା ଏହି ଶେଷଦେଖା କରି । ଭଉଣୀ ମୋ କାହିଁ ! ସ୍ମୃତି ସାଉଁଟୁଛି ଅମାନିଆ ଆଖିଲୁହ, ସେହି ଆଖିଲୁହ ଝରଣା କୂଳରେ ଭେଟହୁଏ ତମ ସହ ।
**ଐଶ୍ୱରିୟାରଞ୍ଜନ ମହାନ୍ତି, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି**

ପବିତ୍ର ବନ୍ଧନେ ବାନ୍ଧିଦିଏ ଆଜି
ରାଖୀର ସୂତ୍ରଟି ସାଜି,
ଧନର ଗୌରବ ନ ଥାଏ ଯେଉଁଠି
ଭଗିନୀ ସମ୍ପର୍କ ରାଜି।
କେତେ ଅଭିମାନ, ମାନର ବିଧ୍ୱସ୍ତ
ରାଖୀର ସୂତ୍ରଟି ଏହି,
ଭଉଣୀ ଭାଇର ସମ୍ପର୍କର ମୂଲ୍ୟ
ଦେଇ ନ ପାରିବେ କେହି ।
**ସସ୍ମିତା ପାତ୍ର (ମହାନ୍ତି), ଆଚାର୍ଯ୍ୟବିହାର, ଭୁବନେଶ୍ୱର**

My Brother loves Rakhi of Dorae-mon,
Likes to flaunt it under Glittering sun.
Ralishes my ladoos and sweetbuns
But never Brother to thank me a ton
Protects me as Superman of Iron.
Whole Rakhi Purnima, We have too much Fun.
**Ahaana Paikray, Unit-3, Sriy talkies . BBSR**

Shining Rakhis Twinkling Rakhis Everywhere.
Sisters tying rakhis with love & care.
Treating Brothers with sweets & ectairs.
This rakhi festival is really rare
When brothers Protect, Who will dare.
Raksha bandhan ends with great Fanfare.
**Promodini paikray, Sriya talkies , BBSR**

My Rakhi is the most expensive gift
Where love affection never drifts
neither the bond between me & my sister shift
Nor there is any sort of rift
or it requires ladder of lift
just Pure seeds of love inside flovery grip.
**Ahwan kumar paikray, unit-3, near sriyas talkies, BBSR**

କେଉଁ ଜନମର ପୁଣ୍ୟଫଳ ବଳେ ତୁ ଆସିଛୁ ମୋ ଭଉଣୀ ହୋଇ, ସବୁ ଜନମରେ ପାଉଥିବି ତତେ ହୋଇ ମୁଁ ତୋର ଭାଇ । ମଧୁଠୁ ମଧୁର ଅମୃତବାଣୀରେ ମୋ ଭଉଣୀ ସର୍ବ ମନ କିଣିନିଏ ! ମନ୍ତ୍ରଣାରେ ମନ୍ତ୍ରୀ, ସେବାବେଳେ ଦାସୀ, ବିପଦେ ବାନ୍ଧବୀ ପରି, ସଦାବେଳେ ମୋ ପାଖେ ପାଖେ ରହିଥାଏ ।
**ଦୀପାଞ୍ଜଳି ପାତ୍ର, ଭୁବନେଶ୍ୱର, ଖୋର୍ଦ୍ଧା**

ମୋ ଭଉଣୀ ସେନେହ ମଧୁଠୁ ମଧୁର, ଗାଳି ତା'ର ଦାଣ୍ଡଧୂଳି, ଭାଇ ଡାକି ଦେଲେ ମୋ ପେଟ ପୂରିଯାଏ, ଅମୃତ ପଡଇ ଝରି । ଆଜି ରାଖୀ ପୂନେଇଁରେ ଦେଉଛି କଥା ଜୀବନ ଦେଇ ରଖିବି ତୋ ମାନ ନୁଆଁଇ ଦେବିନି ମଥା ! ହୃଦୟଟି ମୋ ଭଉଣୀର ଆକାଶଠୁଁ ବଡ ତ୍ୟାଗ ଅମୂଲମୂଲ, ନିଜ ସୁଖ ଦେଖିବାକୁ ସକାଳ ନିଅଣ୍ଟ, ଜୀବନ ତା' ଗଙ୍ଗଶିଉଳି ଫୁଲ !
**ବାବୁରାମ ପାତ୍ର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା**

ଦେଖିଦେଲେ ମୋ ଭଉଣୀର ହସହସ ମୁହଁ ଭୁଲିଯାଏ ଭୋକଶୋଷ, ମୂହୁର୍ତ୍ତେ ମୋ ଠାରୁ ଦୂରେଇଗଲେ ତୁ ଅମୃତ ବି ମତେ ଲାଗଇ ବିଷ ! ଅଲିଅଳି ଭଉଣୀ ମୋର ସ୍ନେହ ମମତାର ନଈ, ସାରା ଜୀବନର ତପସ୍ୟା ତା'ର ସବୁ ତ ମୋରି ପାଇଁ ! ସବୁ ଜନମରେ ଜନମିବି ମୁହିଁ ହୋଇ ତୋ ଭାଇ । ତା' ହାତରୁ ଏଇ ରାଖୀ ବାନ୍ଧିବା ପାଇଁ ।
**ବିଦ୍ୟୁତ୍‌ପ୍ରଭା, ଓଲ୍‌ଡ ଟାଉନ, ଭୁବନେଶ୍ୱର**

ମାଗିଜାଣେ ନାହିଁ, ରାଗି ଜାଣେ ନାହିଁ, ଫୁଲଠୁଁ କୋମଳ ମୋ ଭଉଣୀ ମନ! ଜୀବନ ଯନ୍ତ୍ରଣା ଆପଣାଇ ନିଏ, ନାହିଁ ତା'ର କିଛି ଅଭିମାନ। ସୁଖ ଦୁଃଖଭରା ଜୀବନର ପଥେ ସେ ମୋ ଶୀତଳଛାଇ । ସ୍ନେହ ବିଶ୍ୱାସରେ ବନ୍ଧା ରେଶମୀ ଡୋରିର ଏହି ଅତୁଟ ବନ୍ଧନ ଜନମ ଜନମ ପାଇଁ।
**ଦେବରାଜ ପାତ୍ର, ଲିଙ୍ଗରାଜନଗର, ଖୋର୍ଦ୍ଧା**

ରାଖୀ ବନ୍ଧନ ହେଉଛି ଭ୍ରାତୃଭଗିନୀ ବିଶିଷ୍ଟ ଏକ ମୁଖ୍ୟ ପର୍ବ । ରକ୍ଷାବନ୍ଧନ ହେବାର ତାତ୍ପର୍ଯ୍ୟ ହେଲା ଭଉଣୀମାନେ ଭାଇମାନଙ୍କ ସୁରକ୍ଷା ବନ୍ଧନ ମଧ୍ୟରେ ସୁରକ୍ଷିତ ରହିବା ପାଇଁ ଭାଇମାନଙ୍କୁ ରାଖୀ ବାନ୍ଧିଥାନ୍ତି । ସମ୍ପୂର୍ଣ୍ଣ ଭାରତବର୍ଷରେ ଏହି ପର୍ବକୁ ବହୁତ ଉତ୍ସାହ ତଥା ଆନନ୍ଦର ସହିତ ପାଳନ କରାଯାଏ । ରାଖୀ ବାନ୍ଧିବା ପାଇଁ ରକ୍ତର ସମ୍ପର୍କ ଆବଶ୍ୟକ ନୁହେଁ ବରଂ ହୃଦୟର ତଥା ଆତ୍ମାର ସମ୍ପର୍କ ଆବଶ୍ୟକ । ଭଉଣୀ ହୃଦୟରୁ ନୁହେଁ ବରଂ କିଛି ପାଇବା ପାଇଁ ରାଖୀ ବାନ୍ଧିଥାନ୍ତି, ରାଖୀ ବାନ୍ଧି ସାରିଲା ପରେ ଟଙ୍କା ଡ୍ରେସ ଏପରି ଅନେକ ସାମଗ୍ରୀ ମାଗିଥାନ୍ତି ।
**ସୁବେଶ ବାରିକ, ଶଙ୍କରପୁର, କଟକ**

ଭଉଣୀର ସ୍ନେହ ସରାଗ ବଳେ, ଭାଇ ପ୍ରତିଷ୍ଠା ଲଭଇ ଧରାପୃଷ୍ଠରେ, ରେଶମୀ ଡୋରଟି ହାତରେ ବାନ୍ଧି, ଶୁଭମନାସେ ଭଉଣୀ ପ୍ରଭୁଙ୍କୁ ଡାକି, ତା' ବଦଳେ ଭାଇ କରେ ପ୍ରତିଜ୍ଞା ସୁରକ୍ଷା ଦେବ ସେ ଜୀବନସାରା, ଏ ସମ୍ପର୍କ ଅଟଇ ଅତି ନିବିଡ, ଯାହାକୁ ସଂସାର କହେ ଭାଇ ଭଉଣୀର ରକ୍ଷାବନ୍ଧନ ।
**ଲିଙ୍ଗରାଜ ପାତ୍ର, ଭୁବନେଶ୍ୱର,ଖୋର୍ଦ୍ଧା**

ମୋ ସୁନାଭଉଣୀ ତୁ ଏମିତି ଖଣ୍ଡେ ଧୂପକାଠି ନ ଜଳି ବି ମହ ମହ ବାସୁ, ତୁ ଏମିତି ମୁଣ୍ଡାଏ ସୁନା ନ ମାଜିଲେ ବି ଜଳଜଳ ଦିଶୁ, ତୁ ଏମିତି କୁଞ୍ଚାଏ ଧାନ ବିନା ତାତିରେ ଫୁଟୁ ଖଇ ! ତୋହରି ହାତରୁ ରାଖୀ ବାନ୍ଧିବା ପାଇଁ, ଜନମେ ଜନମେ ହେବି ମୁଁ ତୋର ଭାଇ !
**ବିଦ୍ୟୁତ୍ ପ୍ରଭା, ଓଲ୍‌ଡଟାଉନ୍, ଭୁବନେଶ୍ୱର**

ତୁମେ ମୋତେ ଯେପରି ନିଜ ଭଉଣୀ ରୂପରେ ଦେଖୁଛ ଏବଂ ଅପବିତ୍ର ମନୋଭାବଠାରୁ ଦୂରରେ ରହୁଛ। ସେହିପରି ଅନ୍ୟ ନାରୀମାନଙ୍କୁ ମଧ୍ୟ ନିଜର ଭଉଣୀ ବୋଲି ବୁଝିପାରିଲେ ମୋର ଲଜ୍ଜାର ରକ୍ଷା ହୋଇପାରିବ । ନରଦ୍ୱାରା ନାରୀର ରକ୍ଷା କରିବା ହେଉଛି ରକ୍ଷାବନ୍ଧନ ।
**ଆଶାଲତା ସାହୁ, ଶହୀଦନଗର, ଭୁବନେଶ୍ୱର**

ସୂତା ଖିଅଟେ ତୁ ବାନ୍ଧି ନେଇ ମୋର, ହୃଦୟ କରିଲୁ ଘର। ନଉକାର ନାଉରୀ ମୁହିଁ ଲୋ, ମନରେ ରଖନା ଡର, ବିପଦେ ଆପଦେ ତୋର ବରଗଛ ପରି ଛିଡା ହୋଇଯିବି କରିବିନି କେବେ ପର।
**ପ୍ରମୋଦ କୁମାର ବାରିକ,ବମିଖାଲ, ଭୁବନେଶ୍ୱର**

ଭଉଣୀ ମମତା ସେନେହ ଫିତା, ସମ୍ପର୍କ ମାଳାରେ ହୋଇଛି ଗୁନ୍ଥା । ଦିନେ ନୁହେଁ ସେତ ସାରା ଜନମ ରକ୍ଷା ବନ୍ଧନ ଏ ତ ରକ୍ଷା ବନ୍ଧନ। ରେଶମ ସୂତାର ରାଖୀ ନୁହେଁ ଏତ ଅଟଇ ସେନେହ ଡୋରି, ଭାଇ ଭଉଣୀ ଅତୁଟ ବନ୍ଧନ ଥିବ ଯୁଗ ଯୁଗ ଧରି।
**ବିଭୁଦତ୍ତ ବାରିକ, ବମିଖାଲ, ଭୁବନେଶ୍ୱର**

ଭଗବାନଙ୍କ ପରେ ଯଦି କେହିଥାଏ ସେ ହେଉଛନ୍ତି ପିତା ମାତା । ଆଉ ଏହି ପିତାମାତା ରୂପକ ସୁନ୍ଦର ଫୁଲ ଗଛର ଦୁଇଟି ସୁନ୍ଦର ଫୁଲ ହେଲେ ପୁଅ ଝିଅ, ସମ୍ପର୍କ ଭାଇ ଓ ଭଉଣୀ । ତାଙ୍କରି ଭିତରେ ଅନାବିଳ ସେହ୍ନ ଭରିଦେବା ପାଇଁ ଯେଉଁ ସମ୍ପର୍କ ଆମେ ପାଳୁରେ ତାହା ହେଉଛି ରାଖୀ ପୂର୍ଣ୍ଣିମା ଏହା ଏକ ମଧୁର ସମ୍ପର୍କର ପରିଚୟ। ଫୁଲର କୋମଳ ପାଖୁଡା ଭଳି ସବୁ ଭାଇ ଭଉଣୀମାନେ ଖୁସିରେ ରୁହନ୍ତୁ ଏହା ହିଁ ମୋର ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ କାମନା ।
**ତରୁଣ ମହାପାତ୍ର, ଗ୍ରାମ ଭୁଇଁପୁର, ଖୋର୍ଦ୍ଧା**

Bhai, you make me laugh even when I Don't want To smile.
''HAPPY RAKSHA BANDHAN''
**PADMAJA MOHANTY, MUKUNDA MISHRA NAGAR, PHASE-3 PURI**

ସନାତନ ଧର୍ମ ଅନୁଯାୟୀ 'ରାଖୀ ପୂର୍ଣ୍ଣିମା' ଅଥବା 'ରକ୍ଷା ବନ୍ଧନ' ପର୍ବ ଓଡ଼ିଶା ତଥା ସମଗ୍ର ଭାରତବର୍ଷରେ ବହୁତ ଆଡମ୍ବର ସହକାରେ ଘରେ ଘରେ ପାଳନ କରାଯାଏ। ଏହିଦିନ ଭଉଣୀମାନେ ଭାଇମାନଙ୍କର ଶୁଭ ମନାସି, ଘରେ ତିଆରି କରାଯାଉଥିବା ପିଠା ଆଉ ମିଠା ଖୁଆଇ ସେମାନଙ୍କର ହାତରେ ପବିତ୍ର ରାଖୀ ବାନ୍ଧିଥାନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ଅନୁଯାୟୀ ଶ୍ରୀମନ୍ଦିରରେ ଦେବୀ ସୁଭଦ୍ରା ତାଙ୍କର ଭାଇ ପ୍ରଭୁ ଜଗନ୍ନାଥ ଏବଂ ପ୍ରଭୁ ବଳଭଦ୍ରଙ୍କ ହାତରେ ମଧ୍ୟ ରାଖୀ ପିନ୍ଧାଇ ଜଗତକୁ ଭାଇ ଭଉଣୀ ସମ୍ପର୍କ ବିଷୟରେ ଅବଗତ କରାଇଛନ୍ତି।
**ଅରୁଣ କୁମାର ରଥ, ବୀରହରେକୃଷ୍ଣପୁର, ପୁରୀ**

ଭାଇ ପାଇଁ ଜାଳେ ସଞ୍ଜ ସଳିତା, ଭାଇ ମଥାରେ ଲଗାଏ ବିଜୟ ଟିକା। ଭାଇ ହାତେ ବାନ୍ଧେ ରେଶମୀ ଡୋର, ଭାଇ ପାଖେ ପୁଣି କରଇ ଅଳି । ଭଉଣୀ ପାଇଁ ସେ ଶୁଭ ମନାସେ, ଭଉଣୀକୁ ଧରି ବାଟ ଚଲାଏ, ଭଉଣୀ ପାଇଁ ସେ ଜୀବନ ଦିଏ।
**ସଞ୍ଚିତା ପ୍ରିୟଦର୍ଶିନୀ,ବମିଖାଲ, ଭୁବନେଶ୍ୱର**

ଭରସା ବିଶ୍ୱାସ ଶ୍ରଦ୍ଧା ସେହ୍ନ ମମତା ମାନ
ଅଭିମାନ କି ରାଗ ରୁଷା ସୁରକ୍ଷାକବଚ
ସୂତାଖିଅଟିଏ ରକ୍ଷାବନ୍ଧନ ଅତୁଟଗାର, ସ୍ନେହର
ପିରାମିଡ ଶ୍ରଦ୍ଧାର ଗନ୍ତାଘର,ଅମାପ ସ୍ନେହର
ଅସରନ୍ତି ମନ ସେହ୍ନ କାଙ୍ଗାଲୁଣୀ ତୁଠ ଜଗତ
ଜିତା ରାଖୀ ବାନ୍ଧି କରୁ ମୋତେ ସୁରକ୍ଷା।
ସରୋଜ କୁମାର ଜେନା
**କଳିଙ୍ଗ ନଗର, ସୁକିନ୍ଦା, ଯାଜପୁର**

ପରମ୍ପରା ଆଜି ତିଷ୍ଟି ରହିଅଛି ସୁରକ୍ଷିତ ନୁହେଁ ନାରୀ, ଦୁଷ୍କର୍ମେ ପୀଡ଼ିତ ଝରାଫୁଲ ସହ କୁଦୁଲି ବେବିନା ପରି। ନାରୀ ନିରାପତ୍ତା ସୁରକ୍ଷାକବଚ ଖୋଜୁଛି ପ୍ରତିଟି ନାରୀ, ଭାଇର ହାତରେ ଭଉଣୀ ବାନ୍ଧଇ ରକ୍ଷା ବନ୍ଧନର ଡୋରି। ଦ୍ୱାପର ଯୁଗରୁ କଳି ଯୁଗଯାଏ ମନେ ଅତୁଟ ବିଶ୍ୱାସ, ରାଖୀ ବାନ୍ଧି ଭଗ୍ନି ଭାଇର ହାତରେ ପାଳଇ ପ୍ରତି ବରଷ ।
**ସୋନାଲି ଶୁଚିସ୍ମିତା ପୁଷ୍ଟି, ନୂଆ ଭବନ ମଠଛକ, ଢେଙ୍କାନାଳ**

ପ୍ରତିଶ୍ରୁତି ଥାଏ, କିନ୍ତୁ ପ୍ରତାରଣା ନ ଥାଏ। ହେଳା ଭାବ ଥାଏ କିନ୍ତୁ ହିଂସା ଭାବ ନ ଥାଏ। ଏମିତି ଏକ ଭାବର ଦାମିନୀରେ ବାନ୍ଧି ହୋଇ ରହିଥାନ୍ତି, ଦୁଇ ପବିତ୍ର ଆତ୍ମା। ଦୁହେଁ ମିଶି ଲେଖନ୍ତି ସେହ୍ନ ଆଦର ହୃଦୟସ୍ପର୍ଶୀ ପ୍ରବନ୍ଧ। ଥଟ୍ଟା ତାମସାର ପରିଧି ଭିତରେ ରହି ମଧ୍ୟ ପରସ୍ପର ପ୍ରତି ଥିବା କର୍ତ୍ତବ୍ୟକୁ ହୁଏତ ଭୁଲି ନଥାନ୍ତି। ସେଇ ପବିତ୍ରତମ ସମ୍ପର୍କର ମୂକସାକ୍ଷୀ ସାଜେ ରାଖୀ।
**ସୁଶ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ଦଇତାପଡା ସାହି, ପୁରୀ**

ପୁରାଣରେ ରହିଛି ଉଲ୍ଲେଖ ଏହାର, ଭାଇ ଭଉଣୀ ପ୍ରତିଶ୍ରୁତି ଓ ଉପହାର। ଶ୍ରାବଣ ମାସ ଗହ୍ମାପୂର୍ଣ୍ଣିମାରେ ପାଳିତ ଏହି ପର୍ବ, ଯାହା ରାଖୀ ପୂର୍ଣ୍ଣିମା ନାମରେ ନାମିତ।
ଏହି ଦିନ ଭଉଣୀ ବାନ୍ଧେ ଭାଇ ହାତରେ ରାଖୀ, ଭାଇଠାରୁ ନେଇ ରକ୍ଷା ପ୍ରତିଶ୍ରୁତି।
କିଛି ଅଝଟ ଓ ସେହ୍ନ ମମତାରେ ବନ୍ଧା, ଭାଇ ଭଉଣୀର ସମ୍ପର୍କ ଅତୁଟ ଓ ଅବୋଝା।।
**ଜେସିକା ବେଉରିଆ, ରାମଚନ୍ଦ୍ରପୁର, ଯାଜପୁର**

ଭାଇ ଭଉଣୀର ସମ୍ପର୍କ ସୁଦୃଢ଼, ନୁହେଁ କେହି ସେଠି ଛୋଟ ଅବା ବଡ଼। ସ୍ନେହ ଓ ପ୍ରେମର ଶ୍ରେଷ୍ଠ ନିଦର୍ଶନ ରାଖୀଟିଏ ସେତ, ମମତା ଭରା ଏ ଅତୁଟ ବନ୍ଧନ ସବୁରି ହୃଦୟ ଜିତେ।
**ଜ୍ୟୋତିରାଣୀ ମହାରଣା, ବିଦ୍ୟାଧରପୁର (କଳୀମେଳା), ନୂଆବଜାର କଟକ**

ମୁ ଏକ ଭାରତବାସୀ ପବିତ୍ର ରାଖୀ ପୂର୍ଣ୍ଣିମାରେ ନାରୀ ପ୍ରତି ସମ୍ମାନ ତଥା ସଶକ୍ତୀ କରଣ ଏବଂ ଗରିବ ଉନ୍ନୟନ ପ୍ରତି ଅଗ୍ରାଧିକାର ଦିଆଯିବା ଆବଶ୍ୟକ ଅନୁଭବ କରେ। ସରକାର ଏଥିପ୍ରତି ଅଧିକ ଧ୍ୟାନ ଦେବା ଦରକାର। ସମସ୍ତଙ୍କୁ ପବିତ୍ର ରାଖୀ ପୂର୍ଣ୍ଣିମାରେ ଅଭିନନ୍ଦନ ଓ ଶୁଭେଚ୍ଛା ।
**ଆକାଂକ୍ଷା ଜେନା, ନୟାପଲ୍ଲୀ, ଭୁବନେଶ୍ୱର**

# ଅତୁଟ ବନ୍ଧନ

Malai Wali Basti, phiilo ka Haar, August ka mahina patang ki bahar, bhai ke hatho par behna ka pyar, mubarak Ho Apko bhai behan ka ye Tyohaar
**Guru Prasad Sahoo, Raja bazar, jatani, Khordha,**

ସେହ୍ନ ମମତାର ମଧୁର ସମ୍ପର୍କ ଭାବର ବନ୍ଧନ ରାଖୀ। ଭାଇ ଭଉଣୀର ଅତୁଟ ବିଶ୍ୱାସ ଜନମ ମରଣ ସାକ୍ଷୀ।
**ସ୍ୱର୍ଣ୍ଣପ୍ରଭା ବେହେରା, ରଘୁନାଥ ନଗର, ଭୁବନେଶ୍ୱର**

ଅଭୁଲା ସୃଷ୍ଟିର ମନଲୋଭା ତିଥି ଅତୁଟ ବନ୍ଧନ ଭାଗ୍ୟ ସୂତାଖିଆ ପରେ ବନ୍ଧାହୋଇ ସେତ ଦୁଃଖେ ସୁଖେ ହୁଏ ସାକ୍ଷୀ, ସ୍ୱଶୀୟ ସମ୍ପର୍କ ଭାଇ ଭଉଣୀର ଅମ୍ଳାନ ଯା ସ୍ନେହ ପ୍ରତି ନିଆରା ଭାବର ଡୋରିରେ ବନ୍ଧା ସେ ଅପାତସାରା ତାର ରୀତ।
**ଜଗଦିଶ ଦାଶ, ଗୋପାଳପୁର,କଟକ**

ଭାଇ ଭଉଣୀର ସ୍ନେହ ମମତାର ରହିଛି କେତେ କାହାଣୀ, ରାଖୀ ପୂର୍ଣ୍ଣିମାର ମଧୁର ମୁହୂର୍ତ୍ତେ ବାନ୍ଧେ ରାଖୀ ମୋ ଭଉଣୀ।
**ପ୍ରଭାତ ରଞ୍ଜନ ବେହେରା, ଡୁମୁଡୁମା, ଭୁବନେଶ୍ୱର**

ସେହ୍ନ ପ୍ରେମ ବିଶ୍ୱାସର ପର୍ବ ରାଖୀ। ଯେଉଁ ଉତ୍ସବରେ ଭଉଣୀ ଭାଇ କପାଳରେ ଟିକା ଓ ହାତରେ ପବିତ୍ର ସୂତା ବାନ୍ଧି ଶୁଭମନାସି ଥାଏ । ପ୍ରତି ବଦଳରେ ଭାଇ ସୁରକ୍ଷାର ପଣ ନିଏ। ଆମ ରାଜ୍ୟରେ ବଡ଼ ଠାକୁର ବଳଭଦ୍ରଙ୍କର ଜନ୍ମଦିନ ଏହି ଦିନ ପଡେ। ଭାଇ ଭଉଣୀର ସମ୍ପର୍କ ଖୁବ୍ ପବିତ୍ର। ଇତିହାସ ଦେଖିଲେ ରାଜ୍ୟର ସୁରକ୍ଷା ପାଇଁ ରାଣୀ ପଦ୍ମିନୀ ମୋଗଲ ସମ୍ରାଟ ହୁମାୟନଙ୍କୁ ରାଖୀ ବାନ୍ଧି ନିଜର ସୁରକ୍ଷା ମଣିଥିଲେ।
**ଦେବୀ ପ୍ରସାଦ ରଥ, ୟୁନିଟ୍ -୪, ଭୁବନେଶ୍ୱର**

ଭଉଣୀର ରାଖୀ ଅଛି ବନ୍ଧା ମୋ ହାତରେ, କରୁଛି ଶପଥ ଆଜି ମୁଁ ତୋ ପାଖରେ। ତୋର ଖୁସି ବଦଳରେ ଦେଇପାରେ ଜୀବନ ଲୁହ ପୋଛି ଆଖିରେ ତୋ ଦେଇପାରେ ସପନ। ୨. ଭଉଣୀ ରାଖୀ ବାନ୍ଧିଲା ପରେ, ଭାଇର କର୍ତ୍ତବ୍ୟ ଭୁଲି ନ ଯାରେ।
**ରାଧାମୋହନ ସାହୁ, ମୁକୁନ୍ଦ ମିଶ୍ର ନଗର ଗୋପୀନାଥପୁର, ପୁରୀ**

ଭାଇ ତତେ ମୋର ରହିଲା ରାଣ, ତୋ ଆଖିରେ କେବେ ଦେବିନି ମୁଁ ଲୁହ, ରାଖୀ ବାନ୍ଧିଲି ମୋର ରଖିବୁ ମାନ। ସମ୍ପର୍କ ଏହା ଜନ୍ମ ଜନ୍ମର , ଯାହା ଶାଶ୍ୱତ, ପବିତ୍ର, ସୁନ୍ଦର। ସୁରକ୍ଷା ଓ ଶୁଭକାମନା ଦୀର୍ଘାନ୍ତର ପ୍ରତୀକ ରାଖୀ ସୂତାର ଅନେକ ମାହାତ୍ମ୍ୟ । ସେହି ରାଖୀ ମା' ସୁଭଦ୍ରା ପ୍ରଭୁ ବଡ ଠାକୁରଙ୍କୁ ବାନ୍ଧନ୍ତି। ସେଥିରେ ଥାଏ ଭଉଣୀର ଅଭିମାନ, ଗର୍ବ, ସ୍ୱାଭିମାନ ଏବଂ ଭାଇର ଥାଏ ପ୍ରତିଶ୍ରୁତି ସୁରକ୍ଷାର ମାନ।
**ଦିଶିତା ରଥ, ୟୁନିଟ୍ -୪, ଶାସ୍ତ୍ରୀ ନଗର, ଭୁବନେଶ୍ୱର**

ଭଉଣୀର ସ୍ନେହ ଓ ଭଲ ପାଇବା କୌଣସି ପ୍ରାର୍ଥନାଠାରୁ କମ୍ ନୁହେଁ । ସାଧାରଣତଃ ଦୂରତା ବଢିଗଲେ ସମ୍ପର୍କ ଫିକା ପଡିଯାଏ। କିନ୍ତୁ ଭାଇ ଭଉଣୀର ସମ୍ପର୍କ ଘନିଷ୍ଠତା କେବେ କମ୍ ହୋଇ ନ ଥାଏ। ସେ ଦୂରରେ ଥାଉ ଅବା ପାଖରେ। ଆଖିରୁ ଗଲେ ମନରୁ ଯାଏ । ଭାଇ ଭଉଣୀରେ କିନ୍ତୁ ସମ୍ଭବ ନୁହେଁ।
**ରଶ୍ମିରଞ୍ଜିତା ସାହୁ, ପୁରୀ**

ଦ୍ୱାପର ଯୁଗରେ କୃଷ୍ଣ ଅବତାରେ ପଣତ କାନିର ଡୋରି, ବାନ୍ଧଇ ଦ୍ରୌପଦୀ କୃଷ୍ଣଙ୍କ ହସ୍ତରେ ଭକ୍ତି ପ୍ରଣିପାତ କରି। କୁରୁସଭା ମଧ୍ୟେ ପାପୀ ଦୁଃଶାସନ କରଇ ବସ୍ତ୍ର ହରଣ । ଲଜ୍ଜାରେ ଦ୍ରୌପଦୀ ସଂଘର୍ଷ କରଇ ଲଜ୍ଜା ନିବାରଣ। ପାଞ୍ଚ ସ୍ୱାମୀ ଥାଇ ପାଞ୍ଚାଳି ଦ୍ରୌପଦୀ ନ ହୋଇଲେ କେହି ସାହା । କୃଷ୍ଣ ଭଗବାନ କୋଟି ବସ୍ତ୍ର ଦେଇ ଦ୍ରୌପଦୀକୁ ଦେଲେ ରାହା।
**ସୁଲୋଚନା ସାହୁ, ତାଳଗୋରଡ, କାମାକ୍ଷାନଗର, ଢେଙ୍କାନାଳ**

ରକ୍ଷା ବନ୍ଧନ ସୁରକ୍ଷା ଯଥା ଯତ୍ନର ବନ୍ଧନ । ଭଉଣୀ ଭାଇ ହାତରେ ରକ୍ଷା ସୂତ୍ର ବାନ୍ଧି ଭାଇର ଶୁଭ ମନାସି ଥାଏ । ତା'ବଦଳରେ ଭାଇମାନେ ଉପହାରସ୍ୱରୂପ ପ୍ରେମ ବ୍ୟକ୍ତ କରି ନିଜର ତଥା ସମଗ୍ର ଉଣୀମାନଙ୍କୁ ସୁରକ୍ଷା ପ୍ରଦାନ ସହିତ ସମାଜର କୁତ୍ସିତ ପ୍ରଥା, ପରଦା ପ୍ରଥାକୁ ନିରୁତ୍ସାହିତ କରିବା ସହିତ ବିଧବା ବିବାହକୁ ପ୍ରୋତ୍ସାହିତ କରି ସେମାନଙ୍କର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଶପଥ ନେବା। ତାହାହେଲେ ସମାଜରେ ଏହି ପବିତ୍ର ପର୍ବର ପ୍ରକୃତ ମୂଲ୍ୟବୋଧର ପରିପ୍ରକାଶ ଘଟିବ।
**ପୀତବାସ ତ୍ରିପାଠୀ, ବାଘମାରୀ ଥାନା ପାଖ, ଜିଲା-ଖୋର୍ଦ୍ଧା**

ପବିତ୍ର ଡୋରରେ ବନ୍ଧା ଭାଇ ଭଉଣୀର ଜୀବନ। ଜଣଙ୍କୁ କଷ୍ଟ ହେଲେ ଅନ୍ୟ ଜଣେ ଆଘାତ ପାଏ। ସବୁ ଭଉଣୀ ତାଙ୍କ ଭାଇଙ୍କର ଆଖିର ତାରା ଯେପରି ପ୍ରଭୁ ଜଗନ୍ନାଥ, ବଳଭଦ୍ରଙ୍କ ପାଇଁ ସୁଭଦ୍ରା। ରାଖୀ ନୁହେଁ କେବଳ ଗୋଟେ ରଙ୍ଗିନ ସୂତା, ସେ ତ ଆମ ସମାଜ, ସଂସ୍କୃତିର ଅମୃତ ଗାଥା। ରାଖୀ ହେଉଛି ଅବିଶ୍ୱାସ ଦୁନିଆରେ ବିଶ୍ୱାସର ସେତୁଟିଏ, ସମ୍ପର୍କର ମୋହଟିଏ, ସ୍ନେହର ନିରନ୍ତର ଉତ୍ସଟିଏ, ଦୁଇଟି ଆତ୍ମାକୁ ବାନ୍ଧୁଥିବା ସୂତା ଖିଅର ପବିତ୍ର ବନ୍ଧନଟିଏ, ପ୍ରତି ଜନ୍ମେ ଭାଇ ଭଉଣୀ ହେବାର ଶପଥଟିଏ, ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
**ସୁଧାକର ଦାସ, ଖଣ୍ଡପଡା (ନୟାଗଡ)**

ଇନ୍ଦ୍ରାଣୀ ନିଜର ସୁରକ୍ଷା ପାଇଁ ଇନ୍ଦ୍ରଙ୍କ ହାତରେ ରାଖୀ ବାନ୍ଧିଥିଲେ । ସମୟକ୍ରମେ ଏହା ରାଖୀ ବନ୍ଧନରେ ପରିବର୍ତ୍ତନ ହେଲା। ଶ୍ରାବଣର ପୂର୍ଣ୍ଣିମା ତିଥିରେ ହୋଇଥାଏ ରାଖୀ ବନ୍ଧନ । ରାଖୀ ଭାଇ ଓ ଭଉଣୀ ଭିତରେ ଥିବା ସ୍ନେହ ସମ୍ପର୍କ ଭଲପାଇବାକୁ ଉଜ୍ଜିବିତ କରିଥାଏ । ଆଜିର ସମାଜରେ ପାରିବାରିକ ଭଲପାଇବା କମିଗଲାଣି। ରାଖୀ ପୂର୍ଣ୍ଣିମାରେ ଭାଇ ଭଉଣୀ ଏକାଠି ହେବା ଉଚିତ।
**ଅବିନାଶ ବରାଳ, ମାଣଡିଆ, ଢେଙ୍କାନାଳ**

ରାଖୀ ଅତୀତ, ବର୍ତ୍ତମାନ, ଭବିଷ୍ୟତର ଅତୁଟ ବନ୍ଧନ, ରାଖୀ ନିଃସ୍ୱାର୍ଥପର ମଧୁର ସମ୍ପର୍କର ଅମୂଲ୍ୟ ସୋପାନ, ରାଖୀ ସଙ୍କୋଚ ନିବିଡତାର ଅଭୁଲା ଅବଦାନ, ରାଖୀ ସତେଜ ଚିରସବୁଜ ଭାବର ଆଦାନ ପ୍ରଦାନ, ରାଖୀ ସତ୍ୟ ଶିବ ସୁନ୍ଦର ମମତା ଡୋରିର ପ୍ରତିଫଳନ। ରାଖୀ ଭାଇ ଭଉଣୀ ସ୍ନେହ ସାକ୍ଷୀର ଜ୍ୱଳନ୍ତ ଉଦାହରଣ।
**ବିଧାନ କୁମାର ଦାସ, ଛେଣ୍ଡ କଲୋନୀ, ରାଉରକେଲା**

ରାଖୀ ପୂର୍ଣ୍ଣିମା ହେଉଛି ଓଡ଼ିଶାର ଏକ ବଡ ପର୍ବ । ଏହା ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ମହାଆଡମ୍ବରରେ ପାଳିତ ହୁଏ । ଏହି ଦିନ ଭଉଣୀମାନେ ଭାଇମାନଙ୍କ ହାତରେ ରକ୍ଷା ବନ୍ଧନ କରନ୍ତି । ରାଖୀ ବାନ୍ଧି ଭଉଣୀ ତା'ର ଭାଇଠାରୁ ସୁରକ୍ଷା କାମନା କରିଥାଏ। ପ୍ରାଚୀନ କାଳରେ ଦେଶ ରକ୍ଷାର ଦାୟିତ୍ୱ କ୍ଷତ୍ରୀୟ ଓ ଖଣ୍ଡାୟତମାନଙ୍କ ଉପରେ ନ୍ୟସ୍ତ ଥିବାରୁ ବ୍ରାହ୍ମଣମାନେ ସେମାନଙ୍କ ହାତରେ ରକ୍ଷା ବନ୍ଧନ କରୁଥିଲେ। ପୁରାଣ ଓ ଇତିହାସରୁ ପ୍ରମାଣ ମିଳେ ଯେ, ଭଉଣୀ ଯମୁନା ଯମଙ୍କ ହାତରେ ରାଖୀ ବାନ୍ଧି ଯମଯନ୍ତ୍ରଣାରୁ ରକ୍ଷା ପାଇଲେ।
**ଡୋଲାମଣି ପାକି, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାଟମୁନିଗୁଡା, ରାୟଗଡ**

ରାଖୀ ପୂର୍ଣ୍ଣିମା ହେଉଛି ଭାଇ ଭଉଣୀ ଅମର ପ୍ରେମ, ରେଶମୀ ଡୋରେ ବନ୍ଧା ଯେମିତି। ଧରିତ୍ରୀ ଗଗନ ସୁଭଦ୍ରା ମୋହନ ପ୍ରୀତିରେ ଛନ୍ଦା। ଏହି ବନ୍ଧନରେ ଥାଏ ତ୍ୟାଗ, ସେବା, ଭକ୍ତି ଓ ଶ୍ରଦ୍ଧାର ବାରତା, ଯେଉଁଥିପାଇଁ ଏ ବନ୍ଧନ ଅତୁଟ, ଅମୂଲ୍ୟ ଓ ଅଦ୍ୱିତୀୟ ଲାଭ କରିଥାଏ ଏବଂ କରୁଥିବ ମଧ୍ୟ।
**ସୁଶାନ୍ତ କୁମାର ସାସମଲ, ଗଞ୍ଜାମ**

ଆସିଅଛି ରକ୍ଷାବନ୍ଧନ । ହୋଇବ ଆମ ଭାଇ ଭଉଣୀଙ୍କ ମହାମିଳନ । ଭାଇହାତେ ମୁଁ ବାନ୍ଧିବି ରାଖୀ, ଅନାଇ ବସିଛି ସାରା ବରଷ ଚାହିଁ । ଭାଇ ଦେବ ସୁବର୍ଣ୍ଣର ଉପହାର । କରିବାକୁ ମନ ପ୍ରସନ୍ନ ମୋହର । ହେଲେ ଉପହାରେ ନାହିଁ ମୋ ପ୍ରୟୋଜନ । କେବଳ ତା ସ୍ନେହାଦରେ ଥାଏ ମୋ ମନ।
**ସ୍ମିତା ମହାପାତ୍ର, ବ୍ରହ୍ମପୁର**

ଜନ୍ମ ଜନମର ପୁଣ୍ୟ ଫଳ ବଳେ, ଆସିଛି ଭଉଣୀ। ସବୁ ଜନମରେ ପାଉଥାଏ ତୋତେ ହୋଇ ମୁଁ ଭାଇ। ମଧୁଠୁ ମଧୁର ଅମୃତ ବାଣୀରେ ସର୍ବ ମନ କିଣି ନିଏ, ମନ୍ତ୍ରଣାରେ ମନ୍ତ୍ରୀ ତ୍ୟାଗରେ ଦଧୀଚି, ମା' ପରି ପାସେ ଥାଏ। ଭାଉ ଭଉଣୀ ବନ୍ଧନ ଏ ରାଖୀ, ନୁହେଁ ଧାରେ ସୂତାଖିଅ, ପ୍ରେମ ଅନାବିଳ ସମ୍ପର୍କ ଶାଶ୍ୱତ, ଜଣେ ଆତ୍ମା ଜଣେ ଦେହ।
**ରବୀନ୍ଦ୍ର କୁମାର ମହାପାତ୍ର, ସୁହାଗପୁର, ପିପିଲି**

ଶ୍ରାବଣ ମାସ ପୂର୍ଣ୍ଣମୀ ତିଥିରେ ଭଗବାନ ବଳରାମଙ୍କର ଜନ୍ମ ହୋଇଥିବାରୁ ଏହି ପର୍ବକୁ ଗହ୍ମାପର୍ବ ବା ରକ୍ଷାବନ୍ଧନ କୁହାଯାଇଥାଏ । ଭାଇ ଭଉଣୀଙ୍କ ମଧ୍ୟରେ ଥିବା ପବିତ୍ର ପ୍ରେମ ଓ ସ୍ନେହଭରା ସମ୍ପର୍କର ନିଆରା ପର୍ବ ହେଉଛି ରକ୍ଷା ବନ୍ଧନ । ସାରା ଦେଶରେ ଏହି ପର୍ବରେ ଜଣେ ଭଉଣୀ ତା'ର ଭାଇର ଦକ୍ଷିଣ ହସ୍ତରେ ରାଖୀ ବାନ୍ଧି ତା'ର ଦୀର୍ଘାୟୁ କାମନା କରିଥାଏ । ଭାଇ ମଧ୍ୟ ତା ଭଉଣୀ ପାଇଁ ରକ୍ଷା କବଚ ସାଜିଥାଏ।
**ସାଲେନି ବିଭାର, ଡାଲିଆକୁଦି, ହାଟମୁନିଗୁଡା**

ଭାଇ ଭଉଣୀର ସମ୍ପର୍କ ପାଳି ଅଛୁ ଆମେ ଜୀବନ ରକ୍ଷା ବନ୍ଧନ, ସିନ୍ଦୂର ଚନ୍ଦନ ମମତାର ବନ୍ଧନ ଭାଇ ସଙ୍ଗେ ଭଉଣୀର ସେନେହର ମିଳନ । ଭାଇ ହାତେ ରାଖୀ ବାନ୍ଧି ଭଉଣୀ କରିଥାଏ ଭାଇର ଜୀବନ ରକ୍ଷା, ଭଉଣୀର ଯେତେ ଝଡଝଞ୍ଜା ଆସିଲେ ବି ଭାଇ କରିଥାଏ ତା' ଜୀବନ ରକ୍ଷା।
**ବିନୋଦ ବିହାରୀ ବେହେରା, ଦହପଡା, ବାଲେଶ୍ୱର**

ଓଡିଶାର କୋଟି କୋଟି ଭାଇ ଭଉଣୀମାନଙ୍କୁ ମୋର ସାଦର ପ୍ରଣାମ ଏବଂ ରାଖୀ ପୂର୍ଣ୍ଣିମାର ଶୁଭେଚ୍ଛା ଓ ଶୁଭକାମନା। ଭାଇ, ଭଉଣୀର ସମ୍ପର୍କ ଚିର ପବିତ୍ର। ଏହାର ଅନ୍ୟ ନାମ ରକ୍ଷାବନ୍ଧନ । ଏ ବନ୍ଧନ କେବଳ ଭାଇ ଭଉଣୀଙ୍କର ସ୍ନେହର ପରିଭାଷା । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଆମ କୋଟି କୋଟି ଓଡିଆଙ୍କର ଠାକୁର ବଳଭଦ୍ର, ଜଗନ୍ନାଥ, ମା' ସୁଭଦ୍ରା। ବର୍ଷକୁ ଗୋଟିଏ ଦିନ ପ୍ରତ୍ୟେକ ଭଉଣୀ ଚାହିଁ ବସିଥାଏ ପବିତ୍ର ରାଖୀ ଡୋର ଭାଇ ହାତରେ ବାନ୍ଧି ସୁରକ୍ଷା ପାଇଁ। ମୋର ଆଜିକାର ଭାଇ, ଭଉଣୀମାନଙ୍କୁ ଅନୁରୋଧ ସମସ୍ତେ ପବିତ୍ର ମନରେ ଯୁଗ ଯୁଗ ଧରି ଏହି ପର୍ବକୁ ପାଳନ କରନ୍ତୁ।
**ଆୟୁଷ ମହାପାତ୍ର, ନବମ ଶ୍ରେଣୀ, ପୁରୀ**

There is no other love like the love for a sis. there's no other love like the love from a sister, if I can choose my sister in next life, ther it will be you. Love you sis, Happy Raksha Bandhan.
**Jyotiranjan Pradhan, BBSR**

ଭାଇ ହାତେ ରାଖୀ ବାନ୍ଧଇ ଭଉଣୀ କାଳିଆକୁ ସାକ୍ଷୀ ରଖି, ଅତୁଟ ବନ୍ଧନ ସୁରକ୍ଷିତ ରଖେ ଆଜୀବନ ଚକା ଆଖି, କଥାଦିଏ ଭାଇ ଭଉଣୀକୁ ତା'ର ସାଜିବ ରକ୍ଷା କବଚ, ପ୍ରତି ବଦଳରେ ଭଉଣୀ ସାଜିବ ଭାଇର ଶୁଭଚିନ୍ତକ, ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ହୋଇ ରହିବେ ଭାଇ ଭଉଣୀ, ଚିରସ୍ମରଣୀୟ ହୋଇ ରହିଯାଉ ପବିତ୍ର ରାଖୀପୂର୍ଣ୍ଣିମୀ।
**ଶୀଲା ଦାସ, ରାଉରକେଲା**

ରାଖୀ ପୂର୍ଣ୍ଣିମା ଭାଇ ଏବଂ ଭଉଣୀମାନଙ୍କର ଏକ ପବିତ୍ର ପର୍ବ ଅଟେ। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣମୀ ତିଥିରେ ଏହି ପର୍ବ ପାଳନ କରାଯାଏ । ଏହି ଦିନ ଭଉଣୀ ଭାଇ ମଥାରେ ତିଳକ ଲଗେଇବା ସହ ରାଖୀ ବାନ୍ଧେ । ରକ୍ଷାକୁ ଶକ୍ତି, ବିଶ୍ୱାସ ଏବଂ ବିଜୟର ପ୍ରତୀକ ବୋଲି କୁହାଯାଉଛି । ଏହି ଦିନ ପ୍ରଭୁ ଶ୍ରୀ ବଳଭଦ୍ରଙ୍କର ଜନ୍ମ ଦିନ ହୋଇଥିବାରୁ ଏହି ପର୍ବକୁ ଗହ୍ମାପୂର୍ଣ୍ଣିମା ବୋଲି ମଧ୍ୟ କୁହାଯାଏ। ଓଡିଶାର ପୁରପଲ୍ଲୀରେ ବଳଦମାନଙ୍କୁ ପୂଜା କରାଯାଏ।
**ରାଜସ୍ମିତା ପାଣି, ଭୁବନେଶ୍ୱର**

ପତଳା ସୂତାର ମଜଭୁତ ଡୋରି ହେଉଛି ରାଖୀ। ରାଖୀ କେବଳ ଏକ ଡୋରି ନୁହେଁ ବନ୍ଧନ। ସ୍ନେହ, ମମତା, ଭରସା, ପ୍ରତିଶ୍ରୁତି। ସବୁ ସମ୍ପର୍କଠୁ ନିଆରା ଏହି ସମ୍ପର୍କର ପ୍ରତୀକ ହେଉଛି ରାଖୀ, ଯାହା ଭଉଣୀର ଭାଇ ପ୍ରତି ସ୍ନେହ ଓ ପ୍ରେମକୁ ଏବଂ ଭଉଣୀ ପ୍ରତି ଭାଇର କର୍ତ୍ତବ୍ୟକୁ ଦର୍ଶାଏ । ଏହି ପର୍ବ ପାଳନ ଦ୍ୱାରା ସମ୍ପର୍କ ଦୃଢ ହେବା ସହ ସ୍ନେହ, ପ୍ରେମ ଅତୁଟ ରହେ।
**ଦେବାଶିଷ ମିଶ୍ର, କେନ୍ଦୁଝର**

ମଧୁର, ମଧୁର, ମଧୁଠୁ ମଧୁର
ମଧୁର ତା' ସ୍ନେହ ପ୍ରୀତି,
ମମତା ବନ୍ଧନେ ମନ ଯୋଡିଦିଏ,
ଚିର ଅଭୁଲା ତା ସ୍ମୃତି।
ଦେଖ ଏ ବନ୍ଧନ ରାଖୀ
ରାଖୀ ନୁହେଁ ସେ ତ ଆଖି,
ସେ ଆଖି ବଳରେ ଆତ୍ମା ହୃଦୟରେ
ଜଗତ ପାରୁଛି ଦେଖି।
**ଅନ୍ନପୂର୍ଣ୍ଣା ମହାପାତ୍ର, ପିପିଲି, ପୁରୀ**

ରକ୍ଷା ବନ୍ଧନ ଭାଇ ଓ ଭଉଣୀଙ୍କ ଏକ ନିଆରା ପ୍ରେମର ଉତ୍କୃଷ୍ଟ ନିଦର୍ଶନ। ରାଖୀ ବାନ୍ଧିବା ପାଇଁ କେବଳ ରକ୍ତର ସମ୍ପର୍କ ଆବଶ୍ୟକ ନୁହେଁ, ବରଂ ହୃଦୟ ତଥା ଆତ୍ମାର ସମ୍ପର୍କ ଆବଶ୍ୟକ । ଭଉଣୀଟିଏ ଭାଇ ହାତରେ ରାଖୀ ବାନ୍ଧି ଭାଇର ଦୀର୍ଘାୟୁ କାମନା କରିବା ସହ ନିଜର ସୁରକ୍ଷା ପାଇଁ ପ୍ରତିଶ୍ରୁତି ପାଇଥାଏ। ପରସ୍ପର ସୁଖଦୁଃଖରେ ଭାଗି ହୋଇ ଅସୁବିଧା ସମୟରେ ଜଣେ ଅନ୍ୟ ଜଣଙ୍କୁ ସାହାଯ୍ୟ କରିବା ତଥା ଖୁସି ବାଣ୍ଟିବା ହିଁ ଏହାର ମୂଳ ଉଦ୍ଦେଶ୍ୟ। ଏହା ହିଁ ଆମ ସଂସ୍କୃତି ।
**ତୃପ୍ତିମୟୀ ରଥ, ମହିପୁର, ନୟାଗଡ଼**

ଭାଇର ଉତ୍ତମ ସ୍ୱାସ୍ଥ୍ୟ ଏବଂ ନୀରୋଗ ଜୀବନ କାମନା କରି ସୁରକ୍ଷା କବଚ ସ୍ୱରୂପ ଭଉଣୀଟିଏ ବାନ୍ଧିଥାଏ ଭାଇ ହାତରେ ରାଖୀ । ପୌରାଣିକ ଐତିହ୍ୟ ଦୃଷ୍ଟିରୁ ଏହି ପର୍ବ ପାଳନ ଯେତିକି ଗୁରୁତ୍ୱପୂର୍ଣ୍ଣ ତା'ଠାରୁ ଅଧିକ ମୂଲ୍ୟବାନ ସାମାଜିକ ଓ ପାରିବାରିକ ସଂହତି ବନ୍ଧନ ଦୃଢ କରୁଥିବା ହେତୁ। ସମସ୍ତ ଭଉଣୀଙ୍କୁ ସୁରକ୍ଷା ଦେଲେ ରକ୍ଷା ବନ୍ଧନର ଉଚିତ ମୂଲ୍ୟବୋଧ ପରିପ୍ରକାଶ ପାଇବ। ନାରୀ ସୁରକ୍ଷା ଏହି ପର୍ବର ମୂଳମନ୍ତ୍ର।
**ପ୍ରବୀର କୁମାର ମିଶ୍ର, କେନ୍ଦୁଝର**

ଭାଇ ଭଉଣୀଙ୍କ ପବିତ୍ର ବନ୍ଧନ, ସ୍ନେହରେ ଭରିନି ରାଖୀ । ଉତ୍କଳ ପ୍ରଦେଶ କେଉଁ କାଳରୁ, ରହିଚି ତ ମୂକସାକ୍ଷୀ। ଦ୍ରୌପଦୀ ବାନ୍ଧିଥିଲେ କୃଷ୍ଣଙ୍କ ହାତେ, ରଖିଥିଲେ ତାଙ୍କ ମାନ, ପବିତ୍ର ସମ୍ପର୍କ ଈଶ୍ୱରଙ୍କ ଦାନ, ରହିଥାଉ ଚିରଦିନ । ସମ୍ପର୍କର ଡୋର ଏତେ ଯେ ନିବିଡ, ରହନ୍ତି ସବୁ ଉର୍ଦ୍ଧ୍ୱରେ, ଏ ବନ୍ଧନ ଥାଉ ଚିରଦିନ ପାଇଁ ଇତିହାସ ଯାଉ ଗାଇଲେ। ଜନମ ଜନମ ପାଇଁ ଭାଇ ମୋର, ସର୍ବ ସୁଖରେ ଥାଉ, ମୁଁ ତୋ ଭଉଣୀ ଶୁଭ ମନାସୁଛି, ପ୍ରଭୁଙ୍କ ଆଶିଷ ରହୁ।।
**ରୀନାରାଣୀ ମହାନ୍ତି, କଟକ**

ଆଜିପରା ରାଖୀବନ୍ଧନ ହେ ଭାଇ
ମୋ ଆସ୍ଥା ବିଶ୍ୱାସର ଦିନ,
ଜନ୍ମ ଜନମେ ବିତିଯିବ ସିନା
ତୁଟିବନି ଏ ବନ୍ଧନ।
ସାକ୍ଷୀ ଥାଉ ଏଇ ସୂତା ଖଣ୍ଡେ ଆଜି
ତୁମ ହାତ ଧାରେ ରହି।
ମୋ ଚାରି ପାର୍ଶ୍ୱରେ ସୁଦୃଢ ବଳୟ
ମୋର ଆଦରର ଭାଇ ।
କେବେ ବି ଭୁଲିବ ନାହିଁ
ଯେତେଦିନ ଅଛି ମୁହିଁ।
**ପୁଷ୍ପଲତା ମହାନ୍ତି, ଭୁବନେଶ୍ୱର**



ରକ୍ଷା କବଚ ଏ ସୂତାଖିଅ, ସୁରକ୍ଷା ଯୋଗାଏ ମାଗ କି ନ ମାଗ ସେ ପ୍ରତିଶ୍ରୁତିବଦ୍ଧ । ଜଗନ୍ନାଥ ବଳଭଦ୍ର, ସୁଭଦ୍ରାଙ୍କୁ ଧରି ଭକ୍ତଙ୍କୁ ଦର୍ଶନ ଦେବା ସହିତ ଭ୍ରାତୃଭାବ ଓ ସୁରକ୍ଷାକାରୀ ହୋଇ ଜଗତ ସୁରକ୍ଷା ଦେବା ବାର୍ତ୍ତା ଦିଅନ୍ତି ।
**ଡାକ୍ତର ଅଜୟ ମହାପାତ୍ର, ସାହାରା ନର୍ସିଂହୋମ, କଟକ**

ମୁଁ ମୋର ଓଡିଶାବାସୀଙ୍କୁ ରାଖୀବନ୍ଧନ ଉପଲକ୍ଷେ ସାଦର ପ୍ରଣାମ ଏବଂ ଶୁଭକାମନା ଜଣାଉଛି । ଭାଇ ଏବଂ ରାଖୀ ଦୁଇଟି ଶବ୍ଦ ସମ୍ପୂର୍ଣ୍ଣ ନିବିଡ । ମୋ ମତରେ ଭାଇ ହେଉଛନ୍ତି ସମ୍ପୂର୍ଣ୍ଣ ଭାଗବତ ଈଶ୍ୱର ଏବଂ ରାଖୀ ହେଉଛି ରକ୍ଷାର ଡୋରି । ଅର୍ଥାତ ଭାଇ ସାକ୍ଷାତ୍ ଈଶ୍ୱର । ଭଉଣୀଟିଏ ତା'ର ଈଶ୍ୱରଙ୍କୁ ସ୍ନେହର ଡୋରିଟିଏ ବାନ୍ଧି ସର୍ବଦା ସୁରକ୍ଷାର ସାହାଯ୍ୟ ମାଗିଥାଏ । ଆଉ ଏହି ପରମ୍ପରା ସ୍ୱୟଂ ମା' ସୁଭଦ୍ରାଙ୍କ ଦୁଇ ଭାଇଙ୍କୁ ରକ୍ଷା ବନ୍ଧନରେ ବାନ୍ଧି ଯୁଗ ଯୁଗ ପାଇଁ ଉଦାହରଣ ଦେଉଛନ୍ତି ଯେ, ଆଜିର ଭାଇ ଭଉଣୀମାନେ ଏହି ପରମ୍ପରାକୁ କଳଙ୍କିତ ନ କରି ଆଗାମୀ ପିଢି ପାଇଁ ଉଦାହରଣ ହୁଅନ୍ତୁ।
**ଜ୍ୟୋତି ମହାପାତ୍ର, ପୁରୀ**

ଝଗଡା ପରେ ସବୁ ସମ୍ପର୍କ ଖରାପ ହୋଇଯାଏ। ହେଲେ ଭାଇ ଭଉଣୀଙ୍କ ଝଗଡାରେ ସମ୍ପର୍କ ମଜଭୁତ ହୋଇଯାଏ। ଏ ଦୁନିଆରେ ସମସ୍ତଙ୍କର ପ୍ରେମ ସରିଯାଇଥାଏ ହେଲେ ଭାଇ ଭଉଣୀର ଭଲପାଇବା କେବେ ବି ଶେଷ ହୋଇ ନ ଥାଏ। କିଏ କହିଲା ଭଗବାନ ସବୁ ସମ୍ପର୍କକୁ ଭାଙ୍ଗି ଦିଅନ୍ତି, ଭାଇ ଭଉଣୀ ଗୋଟେ ଏମିତି ଏକ ସମ୍ପର୍କ କିଛି ଭାଙ୍ଗିବା ତ ଦୂରର କଥା କେହି ଅଲଗା ବି କରିପାରିବେନି।
**ଅସୀମା ପ୍ରିୟଦର୍ଶିନୀ ନାୟକ, ଭୁବନେଶ୍ୱର**

ଭାଇ ଆଉ ଭଉଣୀ ଭଲପାଇବାର ଏତିକି ଅନ୍ତର ହୋଇଥାଏ କି ଯିଏ କନ୍ଦେଇ ପୁଣି ମନେଇଦିଏ ସେ ହେଉଛି ଭାଇ। ଆଉ ଯିଏ କନ୍ଦେଇବା ପରେ ନିଜେ କାନ୍ଦେ ସେ ହେଉଛି ଭଉଣୀ। ମା' ପରେ ଯଦି କେହି ଆମ ମନକଥା ବୁଝିପାରେ ତାହେଲେ ସେ ହେଉଛି ଭାଇ । ଏ ଦୁନିଆରେ ବହୁତ ହିରୋ ଅଛନ୍ତି ହେଲେ ଭଉଣୀ ପାଇଁ ତା ଭାଇ ହିଁ ହିରୋ ହୋଇଥାଏ।
**ପ୍ରୀତି ପ୍ରଜ୍ଞା ବେହେରା, ପାରାଦୀପ**

ନାରୀଟିଏ କେବେ ଝିଅଟିଏ ତ କେବେ ଗେହ୍ଲୀ ଭଉଣୀଟିଏ । ପୁଣି କେବେ କାହା ଅର୍ଦ୍ଧାଙ୍ଗିନୀ ତ କେବେ ବାତ୍ସଲ୍ୟ ମମତାର ଭିଜା ମାଆଟିଏ । ସବୁଠୁ ସ୍ୱତନ୍ତ୍ର ଭଉଣୀର ମଧୁର ସମ୍ବୋଧନ । ଭାଇ ଭଉଣୀର ଏଇ ମଧୁରତାକୁ ସାକ୍ଷୀ ରାଖି । ରାଖୀ ହେଉଛି ଭଉଣୀର ଭାଇ ପ୍ରତି ମଙ୍ଗଳ ସୂଚକ ଅଫିଟା ଗଣ୍ଠି । ଆଉ ପ୍ରତିଶ୍ରୁତିବଦ୍ଧ ଭାଇଟିର ଭଉଣୀପ୍ରତି ସଶକ୍ତ ସୂତାଟିଏ। ରାଖୀ ଭାଇ ଭଉଣୀର ପବିତ୍ର ଓ ଅମ୍ଳାନ ସମ୍ପର୍କକୁ ଆହୁରି ଟାଣ କରେ।
**ବିମଳା ଶଙ୍କର ଦାଶ, ରାୟଗଡା**

ଏହି ରାଖୀ ପୂର୍ଣ୍ଣିମାରେ ମୁଁ ଜଗତର ନାଥଙ୍କୁ ପ୍ରାର୍ଥନା କରୁଛି କି ସେ ମୋ ସ୍ନେହରେ ଭାଇକୁ ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘାୟୁ, ଜଗତର ସମସ୍ତ ଖୁସି, ଶାନ୍ତି ଏବଂ ତା'ର ସମସ୍ତ ଇଚ୍ଛା ପ୍ରଦାନ କରନ୍ତୁ। ମୋ ପ୍ରିୟ ଭାଇକୁ ରାଖୀ ପୂର୍ଣ୍ଣିମାର ବିଶେଷ ଅଭିନନ୍ଦନ। ଏହି ରାଖୀରେ ମୁଁ କାମନା କରୁଛି ଯେ, ଆମର ଏହି ସ୍ନେହର ସମ୍ପର୍କକୁ ମହାପ୍ରଭୁ ଆହୁରି ମଜଭୁତ କରନ୍ତୁ।
**ସ୍ମୃତିରେଖା ମହାନ୍ତି, ଭୁବନେଶ୍ୱର**

ସ୍ନେହର ସମ୍ପର୍କ ଏ ଭାବର ସମ୍ପର୍କ ସମ୍ପର୍କରେ ବନ୍ଧା ଡୋରି । ଏ ରାଖୀ ପୂର୍ଣ୍ଣିମାରେ ଅଭୁଲା ସମ୍ପର୍କ ରଖେ ଆପଣାର କରି । ଭାଇ ସାଥେ ଥିଲେ ଭଉଣୀ ତ କେବେ ଯାଏନି କାହାକୁ ଡରି । ଭାଇ ଭଉଣୀର ଏ ସ୍ୱର୍ଗୀୟ ସମ୍ପର୍କ ସବୁଠୁ ନିଆରା ଭାରି। ଏ ସମ୍ପର୍କରେ ଥାଏ ତ୍ୟାଗ, ସେବା, ଭକ୍ତି ଓ ଶ୍ରଦ୍ଧାର ବାର୍ତ୍ତା। ସ୍ନେହ ଓ ପବିତ୍ରତାର ପ୍ରତୀକ ଏ ବନ୍ଧନ।
**ବିନ୍ଦୁଶ୍ରୀ ସେଠୀ, ଭୁବନେଶ୍ୱର**

ଆଜିର ଦିନଟି କିଛି ଖାସ୍ ମୋ ପାଇଁ,
ଅନେଇ ରହିଥାଏ ସଦା ମୁଁ ତୋ ପାଇଁ
ଭଉଣୀର ରାଖୀ ଅଛି ବନ୍ଧା ମୋ ହାତରେ।
କରୁଛି ଶପଥ ଆଜି ମୁଁ ତୋ ପାଖରେ
ତୋ ଭାଇ ସବୁଦିନ ଅଛି ତୋରି ପାଖରେ।
ହାପି ରାଖୀ ପୂର୍ଣ୍ଣିମା।
**ମିଥୁନ କୁମାର ନାୟକ, ଭୁବନେଶ୍ୱର**

ସେନେହ ସୂତାରେ ମମତାର ଡୋରି
ଦେଇଛି ବାନ୍ଧି ମୁଁ ହାତରେ ତୋର
ମନେ ରଖିଥିବୁ ଭୁଲିତୁ ନ ଯିବୁ
ରେଶମୀ ଡୋରକୁ ନ କରି ପର।
ହାପି ରାଖୀପୂର୍ଣ୍ଣିମା ଭାଇ।
**ସସ୍ମାଜେନା ନାୟକ, ଭୁବନେଶ୍ୱର**

ଏକ ଭାବାତ୍ମକ ଭାବ ବନ୍ଧର ଭାବରେ ଭଉଣୀ ଭାଇ ହାତରେ ବାନ୍ଧି ଦିଏ ରେଶମୀ ଡୋରି । ଭାଇର ଶୁଭ ମନାସି ହୃଦୟ ଭାବୋଚ୍ଛ୍ୱାସ ଆବେଗରେ ପରିପୂରିତ ହୋଇଥାଏ ଭଉଣୀର ହୃଦୟ । ଏହି ପବିତ୍ର ସାଂସ୍କୃତିକ ପରମ୍ପରା ପରିବାରରେ ଖୁସିର ଜୁଆର ଖେଳେଇ ଦିଏ । ଉତ୍କଳୀୟ ସଂସ୍କୃତିକୁ ଉଜ୍ଜୀବିତ କରେ । ବାରମାସରେ ତେର ପରବ ମଧ୍ୟରେ ରକ୍ଷାବନ୍ଧନ ଗୋଟିଏ ସୁନ୍ଦର ପର୍ବ।
**ନିତ୍ୟାନନ୍ଦ ବାରିକ,ଅନୁଗୋଳ**

ରାଖୀ ପୂର୍ଣ୍ଣିମା ଭାଇ ଓ ଭଉଣୀର ସମ୍ପର୍କ। ଭାଇ କେବେ ଭଉଣୀର ରାଖୀ ବନ୍ଧନ ଭୁଲି ପାରେ ନାହିଁ। ରାଖୀ ଗୋଟିଏ ଏମିତି ଜିନିଷ ସବୁ ବର୍ଷ ପାଳନ ହୁଏ। ଭାଇ ଭଉଣୀ କେବେ ଝଗଡା ହେବେ ନାହିଁ। ସେମାନେ ବହୁତ ଖୁସିରେ ରହନ୍ତି।
**ଚନ୍ଦନ କୁଲିଶିକା, କେ.ଡାମୁଣୀ**

ରାଖୀ ସୂତା ନୁହେଁ ପବିତ୍ର ଗଣ୍ଠିଟିଏ। ଭାଇ ଯେତେ ରାଗରେ ଥିଲେ ମଧ ଭଉଣୀଟିଏ ଭାଇ ହାତରେ ରାଖୀଟିଏ ବାନ୍ଧିଦେଲେ ରାଗ ସବୁ ଉଡିଯାଏ । ଭଉଣୀ ଯେତେବେଳେ ଭାଇ ହାତରେ ରାଖୀ ବାନ୍ଧେ ସେତେବେଳେ ଭାଇ ବହୁତ ଖୁସି ହୋଇଯାଏ। ଝିଅମାନେ ଏହି ପର୍ବ ଆସିଲେ ବହୁତ ଖୁସି ହୁଅନ୍ତି।
**ଟୁନା କୁଲିସିକା, ରାୟଗଡା**

ରାଖୀ ପୂର୍ଣ୍ଣିମାରେ ଭାଇ ଓ ଭଉଣୀ ବହୁତ ସ୍ନେହ ଶ୍ରଦ୍ଧାରେ ରହିଥାନ୍ତି ଏବଂ ଭଉଣୀ ଓ ଭାଇକୁ ରାଖୀ ବାନ୍ଧିଥାଏ ଏବଂ ଭାଇ ଭଉଣୀର ରାଖୀବନ୍ଧା ହାତ କେବେ ବୁଲି ପାରି ନ ଥାଏ ଏବଂ ରାଖୀ ପୂର୍ଣ୍ଣିମା ପ୍ରତି ବର୍ଷ ପାଳନ ହୁଏ ଏବଂ ଏହି ଦିନରେ ସମସ୍ତେ ମିଳିତ ହୋଇଥାନ୍ତି । ସମସ୍ତଙ୍କୁ ମୋ ତରଫରୁ ଅଭିନନ୍ଦନ ।
**ରିଙ୍କୁ ତୋଇକା, କେ.ଡାମୁଣୀ**

ରାଖୀପୂର୍ଣ୍ଣିମା ଏକ ପବିତ୍ର ବନ୍ଧନ। ଭଉଣୀ ଭାଇର ଲମ୍ବା ଜୀବନ କାମନା କରି ଭାଇ ହାତରେ ରାଖୀ ବାନ୍ଧିଥାଏ । ଏହା ଭାଇ ଭଉଣୀଙ୍କ ସମ୍ପର୍କକୁ ଦୃଢ କରିଥାଏ । ଭାଇ ମଧ ଭଉଣୀକୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦେଇଥାଏ।
**ପୂର୍ଣ୍ଣିମା ହିକ୍କା, ସରକାରୀ ଉଚ୍ଚ ବିଦ୍ୟାଳୟ, କୁମ୍ଭାର ଡାମୁଣୀ**

ରାଖୀପୂର୍ଣ୍ଣିମା ଏମିତି ଏକ ପବିତ୍ର ବନ୍ଧନ ଯେ କି ଭାଇ ଭଉଣୀର ସମ୍ପର୍କକୁ ନିବିଡ କରିଥାଏ। ଏହି ଦିନ ସବୁ ଭଉଣୀମାନେ ନିଜ ଭାଇଙ୍କୁ ରାଖୀ ବାନ୍ଧି ନିଜର ସୁରକ୍ଷା ଓ ସମ୍ମାନ ମାଗିଥାନ୍ତି। ଏହି ରାଖୀ ପୂର୍ଣ୍ଣିମାରେ ଭାଇ ଭଉଣୀର ଭଲପାଇବାର ମହତ୍ତ୍ୱ ବୁଝାଇଥାଏ। ରାଖୀଟି ସାମାନ୍ୟ ସୂତାଟିଏ କିନ୍ତୁ ତାହାର ମହତ୍ତ୍ୱ ଅଧିକ। ଭାଇ ଭଉଣୀଙ୍କ ଏକ ଦୃଢ ସମ୍ପର୍କ ସାରା ଜୀବନ ରହିବ।
**ମିଲି କାଡା, କୁମ୍ଭାରଡାମୁଣୀ**

ରାଖୀ ପୂର୍ଣ୍ଣିମା ହେଉଛି ଭାଇ ଓ ଭଉଣୀ ମଧ୍ୟରେ ସ୍ଥାପନ ହୋଇଥିବା ପବିତ୍ର ବନ୍ଧନ ବା ସମ୍ପର୍କ । ରାଖୀ ପୂର୍ଣ୍ଣିମା ଦିନ ଭଉଣୀ ତାହାର ଭାଇକୁ ସମସ୍ତ ବିପଦରୁ ରକ୍ଷା କରେ ବୋଲି ଜାଣି ସେ ଭାଇ ହାତରେ ରାଖୀ ବାନ୍ଧିଥାଏ।
**ମାମାଲି ମଟିଆ, କୁମ୍ଭାରଡାମୁଣୀ**

ରାଖୀ ପୂର୍ଣ୍ଣିମା ଭାଇ ଏବଂ ଭଉଣୀମାନଙ୍କର ଏକ ପବିତ୍ର ପର୍ବ ଅଟେ। ପ୍ରତିବର୍ଷ ଶ୍ରାବଣମାସ ପୂର୍ଣ୍ଣମୀ ତିଥିରେ ଏହି ପର୍ବ ପାଳନ କରାଯାଏ। ରାଖୀ ପୂର୍ଣ୍ଣିମା ଶ୍ରାବଣ ପୂର୍ଣ୍ଣିମା ଦିନ ପାଳନ କରାଯାଏ। ଭାଇମାନେ ସେମାନଙ୍କ ଭଉଣୀର ସୁରକ୍ଷା ଏବଂ ଯତ୍ନ ନେବା ପାଇଁ ଏକ ଶପଥ ନେଇଥାନ୍ତି। ସୁରକ୍ଷା ବନ୍ଧନକୁ ରାଖୀ ପୂର୍ଣ୍ଣିମା କୁହାଯାଏ।
**ପ୍ରମୋଦ କୁମାର ମିଶ୍ର, ପୁରୀ**

ଜୀବନର ସବୁ ବିପଦରୁ ଉଦ୍ଧାର ପାଇବା ପାଇଁ ଭଉଣୀ ତାହାର ଭାଇ ଉପରେ ନିର୍ଭରଶୀଳ ଥାଏ। ତେଣୁ ଭଉଣୀ ତାହାର ଭାଇ ହାତରେ ରାଖୀ ବାନ୍ଧିବାର ସଂକଳ୍ପ ନେଇ ରାଖୀ ବାନ୍ଧିଥାଏ।
**ସୋନାଲି କୁସୁଲିଆ, କୁମ୍ଭାରଡାମୁଣ**

ରାଖୀଟି ଛୋଟ ସୂତା ଖଣ୍ଡଟିଏ । ଭାଇ ଓ ଭଉଣୀର ଉତ୍ତମ ସମ୍ପର୍କ ସ୍ଥାପନ କରିବା ପାଇଁ ଭଉଣୀ ତାହାର ଭାଇ ହାତରେ ରାଖୀ ବାନ୍ଧିଥାଏ।
**ଦେବେଶ ହିଆଲ**

ରାଖୀ ପୂର୍ଣ୍ଣିମା ହେଉଛି ଭାଇ ଓ ଭଉଣୀ ମଧ୍ୟରେ ସ୍ଥାପନ ହୋଇଥିବା ପବିତ୍ର ବନ୍ଧନ ବା ସମ୍ପର୍କ। ରାଖୀ ପୂର୍ଣ୍ଣିମା ଦିନ ଭଉଣୀ ତାହାର ଭାଇକୁ ସମସ୍ତ ବିପଦର ରକ୍ଷକ ବୋଲି ଜାଣି ସେ ଭାଇ ହାତରେ ରାଖୀ ବାନ୍ଧିଥାଏ।
**ନିରୁପମା ଖରା, କୁମ୍ଭାରଡାମୁଣୀ**

ସେନେହ ସୂତାରେ ମମତା ମାଳି
ଦେଉଛି ବାନ୍ଧି ମୁଁ ହାତରେ ତୋର
ମନେ ରଖିବୁ ଭୁଲି ତୁ ନ ଯିବୁ
ରେଶମୀ ଡୋରକୁ ନ କରି ପର ।।
**କୈଳାସ ୱାଡକା, କୁମ୍ଭାରଡାମୁଣୀ**

ରାକ୍ଷୀ ବନ୍ଧନ ଏକ ପବିତ୍ର ବନ୍ଧନ। ରାଖୀ ନୁହେଁ କେବଳ ଖଣ୍ଡିଏ ସୂତା। ଏହା ବାନ୍ଧି ଦେଇଥାଏ ଭାଇ ଓ ଭଉଣୀର ପ୍ରେମ ନିବିଡତା। ରାଖୀ ପ୍ରେମ ବନ୍ଧନର ସାକ୍ଷୀ। ସେନେହ ଡୋରେ ବାନ୍ଧି ହୃଦୟ ମନ ହେଉ ଏକ । ଭାଇ ରଖିଥାଏ ଭଉଣୀର ମାନ। ରାଖୀ ବନ୍ଧନ ଏକ ପବିତ୍ର ବନ୍ଧନ।
**ମାମାଲି ନେମାଲ ପୁମି, କୁମ୍ଭାରଡାମୁଣୀ**

କେବେ ସେ ବନ୍ଧୁ ତ କେବେ ପୁଣି ବାପା ପରି ବିପଦ ଆପଦରେ ଯିଏ ଆମ ମନେ ପଡେ, ଯିଏ ଦେଇପାରେ ବରଗଛ ଛାଇ ପରି ଆଶ୍ରା, ସିଏ କେବଳ ଭାଇ।
**ରାଜେଶ ପିଡିକାକା, ସରକାରୀ ଉଚ୍ଚ ବିଦ୍ୟାଳୟ, କୁମ୍ଭାରଡାମୁଣୀ**

ରାଖୀ ଏକ ପବିତ୍ର ବନ୍ଧନ। ଭାଇ ହାତରେ ଭଉଣୀ ରାଖୀ ବାନ୍ଧିଥାଏ ଏହି ରାଖୀ ପୂର୍ଣ୍ଣିମା ଦିନ। ଭଉଣୀର ରକ୍ଷା କରିବା ଦାୟିତ୍ୱ ଭାଇ ହାତରେ ଥାଏ। ତେଣୁ ଭଉଣୀ ଭାଇକୁ ରାଖୀ ବାନ୍ଧିଥାଏ। ମହାଭାରତରେ ଦ୍ରୌପଦୀ କୃଷ୍ଣଙ୍କ କ୍ଷତ ସ୍ଥାନରେ ନିଜର ଲୁଗା ଚିରି ବାନ୍ଧି ଦେଇଥିଲେ। ରକ୍ତ ବାହାରିବା ବନ୍ଦ ହୋଇଯାଇଥିଲା। ଯେତେବେଳେ ଦ୍ରୌପଦୀଙ୍କ ବସ୍ତ୍ରହରଣ ହୋଇଥିଲା ସେହି ସମୟରେ ଭାଇର କର୍ତ୍ତବ୍ୟ ରକ୍ଷା କରି ଭଉଣୀକୁ ବସ୍ତ୍ର ପ୍ରଦାନ କରି ଭଉଣୀର ମାନ ରକ୍ଷା କରିଥିଲେ।
**ପ୍ରତିମା ପଡିକାକା, ସରକାରୀ ଉଚ୍ଚ ବିଦ୍ୟାଳୟ, କୁମ୍ଭାରଡାମୁଣୀ**

ଭାଇ ଭଉଣୀର ସମ୍ପର୍କ ଅତୁଟ। ରାଖୀ ଦ୍ୱାରା ଏହି ସମ୍ପର୍କଟି ବଢିଥାଏ। ରାକ୍ଷୀକୁ କେବଳ ସାମାନ୍ୟ ସୂତା ଖଣ୍ଡିଏ ଭାବିବାଟା ଆମର ମୂର୍ଖାମି। ଏହା ଭାଇ ଓ ଭଉଣୀକୁ ଏକତା ରଜ୍ଜୁରେ ବାନ୍ଧି ରଖେ। ରାଖୀ ପୂର୍ଣ୍ଣିମାରେ ଭାଇ ଭଉଣୀକୁ ସର୍ବଦା ସୁରକ୍ଷା ଦେବା ପାଇଁ ଶପଥ ନେଇଥାଏ। ତେଣୁ ରାଖୀ ପୂର୍ଣ୍ଣିମା ସମସ୍ତ ପର୍ବଠାରୁ ଶ୍ରେଷ୍ଠ ।
**ଜ୍ୟୋତିପ୍ରଜ୍ଞା ପଣ୍ଡା, କୁମ୍ଭାରଡାମୁଣୀ, ରାୟଗଡା**

ଭାଇ ଭଉଣୀର ପବିତ୍ର ସମ୍ପର୍କ ସାକ୍ଷୀ ହେଉଛି ରାଖୀ। ରାଖୀ ସୂତା ନୁହେଁ ପବିତ୍ର ଗଣ୍ଠିଟିଏ। ରାଖୀ ବାନ୍ଧି ଭଉଣୀ ଭାଇର ମଙ୍ଗଳ କାମନା କରେ ଓ ଭାଇ ଭଉଣୀକୁ ଚିରକାଳ ସୁରକ୍ଷା ଦିଏ। ଏହି ରାଖୀ ଭାଇ ଭଉଣୀର ସ୍ନେହ ସରାଗର ବନ୍ଧନ। ରାଖୀ ବନ୍ଧନ ହେଉଛି ଏକ ପବିତ୍ର ବନ୍ଧନ। ଏଇଟା ହେଲା ଭାଇ ଭଉଣୀର ବନ୍ଧନ। ଭାଇ ଭଉଣୀକୁ ରକ୍ଷା କରିଥାନ୍ତି।
**ରାକ୍ଷୀ ନାୟକ, ରାୟଗଡା**

# ଅତୁଟ ବନ୍ଧନ

ରାଖୀ ପୂର୍ଣ୍ଣିମା ହେଉଛି ଭାଇ ଓ ଭଉଣୀର ଏକ ପବିତ୍ର ବନ୍ଧନର ପର୍ବ । ଏହି ଦିନ ଭଉଣୀ ତା'ର ଭାଇର ମଥାରେ ତିଳକ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ । ଭାଇ ମଧ୍ୟ ଭଉଣୀକୁ ସୁନ୍ଦର ଉପହାର ଦେବା ସହ ଭଉଣୀକୁ ଜୀବନ ସାରା ଭ୍ରାତୃପ୍ରେମ ଓ ରକ୍ଷା କବଚ ସାଜିଥାଏ ।
**ସସ୍ମିତା ବେହେରା, କୁମ୍ଭାରଡାମୁଣୀ**

ରାଖୀ ପୂର୍ଣ୍ଣିମା ଏକ ପବିତ୍ର ବନ୍ଧନର ପର୍ବ । ରାଖୀ ହେଉଛି ସ୍ୱତଃ ଭାଇ ଭଉଣୀର ଦୃଢ ସମ୍ପର୍କର ଏକ ପ୍ରତୀକ ଅଟେ ।
**ଆଶିଷ ଗୌଡ, କୁମ୍ଭାରଡାମୁଣୀ**

ରାଖୀ ବନ୍ଧନ ଏମିତି ଗୋଟେ ଅତୁଟ ପବିତ୍ର ସମ୍ପର୍କ, ଏହି ଦିନ ଭଉଣୀମାନେ ନିଜ ଭାଇଙ୍କୁ ରାଖୀ ବାନ୍ଧିଥାନ୍ତି । ଯାହାକି ସାମାନ୍ୟ ଫିତାଟିଏ କିନ୍ତୁ ତାହାର ମହତ୍ତ୍ୱ ଅଧିକ । ଏହି ରାଖୀ ପୂର୍ଣ୍ଣିମା ଭାଇ ଭଉଣୀଙ୍କ ଭଲପାଇବାର ମହତ୍ତ୍ୱକୁ ବୁଝାଇଥାଏ । ଏହା ଭାଇ ଓ ଭଉଣୀଙ୍କ ମଧ୍ୟରେ ନିବିଡି ଭାବ ରଖିଥାଏ । ଏହି ଦିନ ସବୁ ଭଉଣୀମାନେ ନିଜ ଭାଇଙ୍କ ହାତରେ ରାଖୀ ବାନ୍ଧି ନିଜର ସୁରକ୍ଷା ମାଗିଥାନ୍ତି ।
**ଜୟଶ୍ରୀ ପାତ୍ର, କୁମ୍ଭାରଡାମୁଣୀ**

ରାଖୀ ପୂର୍ଣ୍ଣିମା ହେଉଛି ଭାଇ ଭଉଣୀର ସ୍ନେହର ପ୍ରତୀକ । ସେହି ଦିନଟିକୁ ଭଉଣୀ ଉତ୍କଣ୍ଠାର ସହିତ ଅପେକ୍ଷା କରି ବସିଥାଏ । ସେଦି ମଧ୍ୟ ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ । ଯେପରି ମା' ସୁଭଦ୍ରା ତାଙ୍କ ଦୁଇଭାଇଙ୍କ ହାତରେ ରାଖୀ ବାନ୍ଧନ୍ତି ସେହିପରି ଓଡିଆନେ ପାଳନ୍ତି ତାହା ନୁହେଁ, ଏ ପର୍ବ ସବୁ ବର୍ଗର ଲୋକମାନେ ପାଳନ୍ତି । ଭାଇର ହାତ କେବଳ ଆଶୀର୍ବାଦ ପାଇଁ । ବଡ କଥା ହେଲା ସାହାଯ୍ୟ ସହଯୋଗର ପର୍ବ ଏହି ପବିତ୍ର ପୂର୍ଣ୍ଣମୀ ।
**ଜ୍ୟୋତ୍ସ୍ନା ସାହୁ, ଅନୁଗୋଳ**

ଗୋଟିଏ ଗର୍ଭରୁ ଜନମିଲୁ ଆମେ ଦୁଇ ଭଉଣୀଭାଇ । କୋଟି ତାରା ମେଳେ ଚନ୍ଦ୍ରମା ସମ ମୋ ସୁନା ଭାଇ । ତୁ ମୋର କାଳିଆ ତୁ ମୋର ବଳିଆ, ସୁଭଦ୍ରା ଭଉଣୀ ମୁହିଁ । ସୃଷ୍ଟି ଥିବା ଯାଏ ଭାଇ ହାତ ଥିବ ଭଉଣୀ ରାଖୀକୁ ଚାହିଁ । ପ୍ରଳୟ ଆସିଲେ ଡରିବି କାହିଁ, ସାହା ପରା ମୋର ଭାଇ ।
**ପଦ୍ମଜା ପାତ୍ର, ବାରକୋଣା, ବାଲେଶ୍ୱର**

ରାଖୀ ପୂର୍ଣ୍ଣିମା ହେଉଛି ଏକ ପବିତ୍ର ସମ୍ପର୍କ । ଏହା ଶ୍ରାବଣ ମାସରେ ହୋଇଥାଏ । ଶ୍ରାବଣ ମାସରେ ବଳଭଦ୍ରଙ୍କ ଜନ୍ମ ହୋଇଥିବାରୁ ଏହାକୁ ରାଖୀ ପୂର୍ଣ୍ଣିମା ଆଖ୍ୟା ଦିଆଯାଇଛି । ଏହି ମାସରେ କୃଷକମାନଙ୍କର ଚାଷ କରିବା ଶେଷ ହୋଇଥାଏ । ଏହି ଦିନ ଭଉଣୀ ଭାଇକୁ ରାଖୀ ବାନ୍ଧି ତାଙ୍କର ପବିତ୍ର ସମ୍ପର୍କକୁ ବଢ଼ାଇଥାନ୍ତି । ତେଣୁ ଏହାକୁ ରାଖୀ ପୂର୍ଣ୍ଣିମା କୁହାଯାଏ ।
**ପୀତାମ୍ବର କୁଶଳ, ଜ୍ୟୋତିଗୁଡ଼ା**

ଶ୍ରାବଣର ପୂର୍ଣ୍ଣିମା ତିଥିରେ ଏହି ରାଖୀ ପୂର୍ଣ୍ଣିମା ପଡ଼େ । ଏହାକୁ ଗହ୍ମାପର୍ବ ବା ବଳଭଦ୍ରଙ୍କ ଜନ୍ମ କୁହାଯାଏ । ଏହିଦିନ ଗାଈବଳଦଙ୍କୁ ପୂଜା କରାଯାଏ । ବନ୍ଧନ ଏକ ଏପରି ଶବ୍ଦ ଭାଇ ଓ ଭଉଣୀର ଅତୁଟ ବନ୍ଧନ । ଏହିଦିନ ଅଲିଅଳି ଭଉଣୀ ତା'ର ଭାଇ ହାତରେ ରାଖୀ ବାନ୍ଧି ଭାଇର ଶୁଭ ମନାସୀ ଥାଏ । ଗୋପୀମାନେ ଭଗବାନ ଶ୍ରୀକୃଷ୍ଣଙ୍କର ହାତରେ ରାଖୀ ବାନ୍ଧି ଥିଲେ । ଏହାକୁ ମଧ୍ୟ ରାସପୂର୍ଣ୍ଣିମା କୁହାଯାଏ । ଏହିଦିନ ନାନା ପ୍ରକାରର ପିଠାପଣା ଘରେ ହୋଇଥାଏ । ରାଖୀ ଭାଇଭଉଣୀର ଶ୍ରଦ୍ଧା ଓ ସ୍ନେହ, ମମତାର ପ୍ରତୀକ ।
**ଜିତେନ୍ଦ୍ର କୁମାର ମହାନ୍ତି, ଖଣ୍ଡଗିରି , ଭୁବନେଶ୍ୱର**

ବିପଦ ଆପଦର ଭରସାଟିଏ ରାଖୀ,
ସମ୍ପର୍କର ସୁଦୃଢ଼ ସେତୁଟିଏ ସେ ରାଖୀ ।
ଭାଇ ଭଗିନୀର ପର୍ବଟିଏ ଯେ ରାଖୀ,
ଭଉଣୀ ସ୍ନେହର ପବିତ୍ର ଡୋରି ରାଖୀ ।
ସୁନ୍ଦର ସୁମଧୁର ସ୍ମୃତିଟିଏ ସେ ରାଖୀ,
ମାଗିଲେ ଜୀବନ, ଦେବି ମୁଁ ପରାଣ, ସମୟ ରହିଲା ସାଖୀ ।
**ସୌମ୍ୟାଂଶୁ ତ୍ରିପାଠୀ, ପଟିଆ, ଭୁବନେଶ୍ୱର**

ଭାଇ ଭଉଣୀର ସମ୍ପର୍କ ଡୋର ରାଖୀ ପୂନେଇଁ, ମହତ୍ତ୍ୱ ତା'ର ବରଷକେ ଥରେ ଗହ୍ମା ପୂନେଇଁ । ଗୋମାତା ସେବାରେ ମନ ବଳେଇ । ପିଠା, ମିଠା ସଙ୍ଗେ ଖିରି କାକରା ସଭିଙ୍କର ଘରେ ହୁଏ ଯାତରା । ମନେ ରଖିଥିବ ରାଖୀ ପୂନେଇଁ ଭାଇ ଭଉଣୀର ସମ୍ପର୍କ ଏହି ।
**ପ୍ରୟାସ ପ୍ରିୟଦର୍ଶୀ ବେହେରା, ଭୁବନେଶ୍ୱର**

ଏହି ଦେଶ ଦୁନିଆରେ ଅନେକ ପରମ୍ପରାକୁ ନେଇ ଗଢ଼ିଉଠିଛି ସଂସ୍କୃତି, ସେହି ସଂସ୍କୃତିକୁ ଆଧାର କରି ଗଢ଼ିଉଠିଛି ଅନେକ ପର୍ବପର୍ବାଣି । ତନ୍ମଧ୍ୟରୁ ରକ୍ଷାବନ୍ଧନ ହେଉଛି ଏକ ସ୍ୱତନ୍ତ୍ର ପର୍ବ । ରକ୍ଷାବନ୍ଧନ ହେଉଛି ଭ୍ରାତୃ ଭଗିନୀ ବିଶିଷ୍ଟ ଏକ ମୁଖ୍ୟପର୍ବ । ଯଦ୍ୱାରା ଭାଇ ଭଉଣୀକୁ ପ୍ରତ୍ୟେକ କଷ୍ଟ ସମୟରେ ଉଦ୍ଧାର କରିଥାଏ । ଶ୍ରାବଣ ମାସ ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ ଏହି ପର୍ବ ।
**ପଙ୍କଜ କୁମାର ପାଢ଼ୀ, ରଙ୍ଗମାଟିଆ, ଖୋର୍ଦ୍ଧା**

" Happy are we when we are together ! You are may tourch to my darkness, Smile my cry. Happy are we when we are together, the house feels empty when giggle don't sound. With all the fights and argument we grew, getting back stronger, all time, You are the fun to my loneliness, from a sister to a best friend ! Happy are we when we are together .
**Priya Dash, Kunash, Bhadrak**

ଆସିଛି ରାଖୀ, ସ୍ନେହର ସାଖୀ
ପରବ ଏ ଭଉଣୀ-ଭାଇର
ବାନ୍ଧିବ ଭଉଣୀ ସେନେହ ଡୋରି
ଭାଇ ହୋଇବ କବଚ ତାହାର ।
**ଉର୍ମିଳା ନିଶିକା, ଥୁଆପାଡ଼ି**

ଭାଇ ଭଉଣୀର ସେନେହ ମିଳନ ନେଇ
ଆସିଛି ଏ ରାଖୀ ଶୁଭ ବାରତା ବାହି ।
**ନନ୍ଦିନୀ ତୁଇକା, ଭେଜିପଦର, ବିଷମକଟକ**

ସମ୍ପର୍କର ବନ୍ଧନରେ ବନ୍ଧା ଏ ଜୀବନ
ତା' ମଧ୍ୟେ ପବିତ୍ର ଭାଇ ଭଉଣୀ ବନ୍ଧନ ।
ଭଉଣୀ ଭଲପାଇବା ମା'ର ସମାନ
ଭାଇ ରକ୍ଷାକରୁଥାଏ ଭଉଣୀ ସମ୍ମାନ ।
ଗହ୍ମାପୂର୍ଣ୍ଣିମା ଆସିଛି ରାଖୀ ପର୍ବ ଆଣି
ସେ ରାଖୀ ବାନ୍ଧିବ ଭାଇ ହାତରେ ଭଉଣୀ ।
ପବିତ୍ର ଭାବ- ପବିତ୍ର ମନ
ପବିତ୍ର ପର୍ବ- ରକ୍ଷା ବନ୍ଧନ ।
**ରାଜେଶ କୁମାର ସାହୁ, ବାହାଡ଼ା, ନୟାଗଡ଼**

ରାଖୀ ପୂର୍ଣ୍ଣିମା ଆମ ଦେଶର ଏକ ମୁଖ୍ୟ ପର୍ବ । ଏହା ଭାଇ ଭଉଣୀର ପବିତ୍ର ସମ୍ପର୍କକୁ ଆଜୀବନ ଜୀବିତ କରି ରଖିଥାଏ । ଏହା ସମାଜରେ ଭାଇ ଭଉଣୀ ସମ୍ପର୍କର ମଧୁର ବନ୍ଧନ ବଜାୟ ରଖେ ଏବଂ ଶାନ୍ତି ମୈତ୍ରୀ ପ୍ରତିଷ୍ଠା ପାଇଁ ସହାୟକ ହୋଇଥାଏ । ଏହି ପର୍ବରେ ଭଉଣୀ ନୂତନ ବସ୍ତ୍ର ପରିଧାନ କରି ଈଶ୍ୱରଙ୍କୁ ସ୍ମରଣ କରି ଭାଇର ମଙ୍ଗଳ କାମନା କରି ରାଖୀ ବାନ୍ଧିଥାଏ । ତତ୍‌ସହ ଭାଇ ମଧ୍ୟ ଭଉଣୀର ସୁରକ୍ଷା ନିମନ୍ତେ କଥା ଦେଇଥାଏ ।
**ପୁଷ୍ପିତା ନାଗ, ମାଲିଡେପାଗଡ଼ା**

''ଚନ୍ଦନର ଟିକା, ପବିତ୍ର ରେଶମର ସୂତା ;
ଶ୍ରାବଣର ଧାରା, ବର୍ଷାର ମଧୁର ମୂର୍ଚ୍ଛନା ;
ଏ ସମୟର ସ୍ପନ୍ଦନରେ କିଛି ଖାସ୍ ଅଛି,
ଏ ବନ୍ଧନରେ ନିବିଡ଼ ବିଶ୍ୱାସ ହିଁ ରହିଛି ।''
''ଚଲାପଥ ପୁଷ୍ପିତ ହେଉ ତୁମର ସର୍ବଦା,
ମନ ପ୍ରାଙ୍ଗଣେ ଖେଳୁ କୁସୁମିତ ଉନ୍ମାଦନା ;
ସାରା ଜୀବନ ଭରସାର ପ୍ରତିଶ୍ରୁତି ଅଛି,
'ରକ୍ଷାବନ୍ଧନ'ର ଶୁଭକାମନା ଜଣାଉଛି ।''
**ସଚିନ କୁମାର ପାଠୀ, ଶ୍ରୀକ୍ଷେତ୍ର କଲୋନୀ, ପୁରୀ**

ରାଖୀ, ସେ ଯେ ଆମ ଭାଇଭଉଣୀଙ୍କ ସ୍ନେହ ଶ୍ରଦ୍ଧାର ସାକ୍ଷୀ, ଉଉଣୀକୁ ମୋ କେବେ କରିବି ନାହିଁ ଦୁଃଖୀ, ଛୁଆଟି ବେଳୁ ତାଙ୍କୁ ଆଣିଛି ବଢ଼େଇ ତା' ସୁରକ୍ଷା ପାଇଁ ମୁଁ ଯେ ଦାୟୀ ରହିଛି, ରହିବି ସଦା ତା' ଦାୟିତ୍ୱ ନେଇ ସେ ଯେ ଆମ ପରିବାରର ସୁନା କଣ୍ଢେଇ ।
**ସୂର୍ଯ୍ୟ ସିଦ୍ଧାନ୍ତ ରଥ, ଦୁରୁଦୁରା, ନୟାଗଡ଼**

ସାରା ଦୁନିଆ ପାଇଁ ଗୋଟେ ଭାଇ ଯେତେ ଅଯୋଗ୍ୟ ଓ ଅଲୋଡ଼ା ହେଉନା କାହିଁକି.... କିନ୍ତୁ ତା' ଭଉଣୀର କୌଣସି କଥାକୁ ସେ କେବେ ବି ଇଗ୍‌ନୋର କରିପାରେନା । କାହିଁକି ନା ଭଉଣୀର ସ୍ଥାନ ସବୁବେଳେ ଭାଇର ହୃଦୟରେ ହିଁ ଥାଏ । ଯିଏ କନ୍ଦାଇ ମଜାନିଏ ତାକୁ ଭାଇ କୁହାଯାଏ । କିନ୍ତୁ ଯିଏ କନ୍ଦାଇ ନିଜେ କାନ୍ଦି ପକାଏ ! ଦୁନିଆରେ ସେ ହିଁ କେବଳ ଗୋଟିଏ ଭଉଣୀ ହିଁ ହୋଇଥାଏ ।
**ଲଲାଟେନ୍ଦୁ ରାଉତ, ବାଲିଝରା, ପାରାଦୀପ**

ରାଖୀ ରାଖୀ ରାଖୀ
ଆଜିଠୁ ରହିଲୁ ସାକ୍ଷୀ
ଉଡ଼ିଯାଏ ମନ ପକ୍ଷୀ
ଆସିବାରୁ ରାଖୀ ।
**ଦେବେନ୍ଦ୍ର ଗୌଡ଼, ଥୁଆସାଡ଼ି, ରାୟଗଡ଼ା**

ରାଖୀ ପୂର୍ଣ୍ଣିମାରେ ଭଉଣୀମାନେ ସୁରକ୍ଷାର ଦାୟିତ୍ୱ ଭାଇମାନଙ୍କ ହାତରେ ସମର୍ପଣ କରି ରାଖୀ ବାନ୍ଧନ୍ତି, ଶରଣ ପଶନ୍ତି, ମିଠା ଖୁଆନ୍ତି ।
**କୁମୁଦିନୀ ମିଶ୍ର, ହେରାଗୋହିରୀ ସାହି, ପୁରୀ**

ଭାଇ ରାଖୀଟିଏ ଭଉଣୀ ହାତରୁ ବାନ୍ଧି ସାରିବା ପରେ ବହୁତ ଖୁସିରେ ଗୋଟିଏ ଉପହାର ଦିଏ । ସେହି ଉପହାରଟି ଛୋଟ ହେଲେ ମଧ୍ୟ ଭଉଣୀ ପାଇଁ ଏକ ଅମୂଲ୍ୟ ସମ୍ପତ୍ତି ଅଟେ । ଭାଇ ତା' ଭଉଣୀକୁ ସାରା ଜୀବନ ସୁରକ୍ଷା କବଚର ପ୍ରତିଶ୍ରୁତି ଦେଇଥାଏ । ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମା ତିଥିରେ ରକ୍ଷାବନ୍ଧନ ପାଳନ କରାଯାଏ ।
**ଲକ୍ଷ୍ମୀପ୍ରିୟା ଦାସ, ବାଲିଝରା, ଜଗତ୍‌ସିଂହପୁର**

ରାଖୀ ଭାଇ ଓ ଭଉଣୀର ପବିତ୍ର ବନ୍ଧନ । ଭଉଣୀ ରାଖୀ ବାନ୍ଧି ନିଜର ରକ୍ଷା ପାଇଁ ଭାଇକୁ ଅନୁରୋଧ କରେ । ରାଜା ଇନ୍ଦ୍ରଙ୍କ ପତ୍ନୀ ଇନ୍ଦ୍ରାଣୀ ଦେବଗୁରୁ ବୃହସ୍ପତିଙ୍କ ହାତରେ ରାଖୀ ବାନ୍ଧି ଥିଲେ । ଆଜିର ସମାଜରେ ବଢୁଥିବା ଅତ୍ୟାଚର ଦୂର କରିବା ପାଇଁ ରାଖୀ ପର୍ବ ।
**ମୋନାଲିସା ପୂଜାରୀ, ଦୁର୍ଗାମାଧବ ନଗର**

A- Rakhi is a simple thread, which is attached on decorated with simple stones or gems. But here is the twist it is not just a simple thread is symbolizes the love, respect, caring nature between a brother and sister.
**Aditya the Great Gouda, Mahima nagar, Bandhabahal, Jharsuguda**

ରାଖୀ ଭିଜିଗଲା ଆଖି ଲୁହରେ
ସୁରକ୍ଷା ଦେଉଛି ଭାଇ ସୀମାରେ ।
ଅନେକ ଦିନର ଥିଲା ଅପେକ୍ଷା
ଭାଇ ତ କରୁଛି ଦେଶ ସୁରକ୍ଷା ।
ଆଗକୁ କ'ଣ କିଛି ନ ଜାଣି
ଭାଇ ବାଟକୁ ଚାତକ ପରି
ଅନାଇ ରହିଛି ସୁନା ଭଉଣୀ ।
**ବିଶ୍ୱ ଭୂଷଣ ରାଉତରାୟ, ମଧୁବନ, ଲେନ୍-୨, ପୁରୀ**

ଅତୁଟ ସମ୍ପର୍କ ବନ୍ଧନର ସାକ୍ଷୀ ଯେ ରାଖୀ
ସ୍ନେହ, ଶ୍ରଦ୍ଧା ଓ ପ୍ରେମରେ ବନ୍ଧା ରହୁ ହେ ଚକାଆଖି ।
ମୁଁ ଯେ ସୁଭଦ୍ରା ତୁମ ଭଉଣୀ ଅଲିଅଳି ନିରିମାଖି
ବାନ୍ଧିଲି ରାଖୀ ଦିଅ ବଚନ ସଦା ରହୁ ସଂସାର ଆମ ସୁଖୀ ।
**ସୁଭଦ୍ରା ଦାସ, କେବିସି ପାଖ**

ରାଖୀ ପୂର୍ଣ୍ଣିମାରେ ଭାଇ ହାତରେ ଭଉଣୀ ରାଖୀ ବାନ୍ଧିଥାଏ ଓ ଏହାର ଉଦ୍ଦେଶ୍ୟ ଓ ପ୍ରୀତି ସମସ୍ତଙ୍କୁ ଜଣା । ମୋର ଏହି ଶୁଭ ଅବସରରେ ବାର୍ତ୍ତା ରହିବ, ବର୍ତ୍ତମାନ ସମୟ ଆସିଛି, ଭଉଣୀମାନେ ଭାଇ ହାତରେ ରାଖୀ ବାନ୍ଧିବା ସହିତ ଏକ ରାଖୀ ନିଜ ହାତରେ ମଧ୍ୟ ବାନ୍ଧନ୍ତୁ । ନିଜକୁ ମନୋବଳ ଦିଅନ୍ତୁ । ନିଜେ ନିଜର ପ୍ରତ୍ୟେକ ସମୟରେ ରକ୍ଷା ପାଇଁ ଯତ୍ନ ନିଅନ୍ତୁ ଓ ଦୁନିଆରେ ଶକ୍ତିଶାଳୀ ନାରୀ ଭାବେ ବଞ୍ଚନ୍ତୁ ।
**ଚିନ୍ମୟୀ ଦାସ, ମାଟିମଣ୍ଡପ ସାହି, ଲେନ୍, ପୁରୀ**

Dear Seema,
Thanks for that Nok Jhok, those little pokes and jokes. You are a gift to my heart, a golden thread to my meaningful life. The memories have kept me going through life.
**Chitta Ranjan Sahoo, Rental Colony, Nayapalli, BBSR**

ସେନେହ ସୂତାରେ ମମତାର ଡୋରି, ଦେଇଛି ବାନ୍ଧି ମୁଁ ହାତରେ ତୋର, ମନେ ରଖିଥିବୁ ଭୁଲି ତୁ ନ ଯିବୁ, ରେଶମୀ ଡୋରକୁ ନ କରି ପର । ଅନାବିଳ ସ୍ନେହ ନେଇ ଭାଇ ପ୍ରତି ଏ ଉକ୍ତିଟି ଏ ବନ୍ଧନକୁ ସୁଦୃଢ଼ କରି ଅତୁଟ ବନ୍ଧନ କରୁ । ସମାଜର ଦୁଇଟି ସୁନ୍ଦର ବନ୍ଧନ ଭାଇ ଓ ଭଉଣୀର । ଉଭୟ ପରସ୍ପର ପରିପୂରକ । ଦୁହେଁ ଏଥିପ୍ରତି ଦାୟିତ୍ୱବାନ୍ ହେବା ଉଚିତ । ଯାହାକି ଯେତେ ଝଡ଼ ଆସିଲେ ଭାଙ୍ଗିବନି, ନିଆଁରେ ପୋଡ଼ିଲେ ବି ଆହୁରି ଅତୁଟ ହୋଇ ସୁନାଭଳି ଚମକିବ । ଏହା ହିଁ ଅତୁଟ ବନ୍ଧନ ।
**ଶୁଭଶ୍ରୀ ମହାପାତ୍ର, ଭୂଇଁପୁର, ବେଗୁନିଆ, ଖୋର୍ଦ୍ଧା**

ରାଖୀପରା ନୁହେଁ ସୂତାଖିଅଟିଏ
ସମ୍ପର୍କର ସୁନାସୂତା,
ନିଦର୍ଶନ ତାହା ଭାଇ, ଉଉଣୀର
ସ୍ନେହ, ଶ୍ରଦ୍ଧା ଓ ମମତା ।
**ରାଜକିଶୋର ପତି, ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର**

ସାକ୍ଷୀ ରହିଲା ଏ ରାଖୀ ମୋହର, କରିବନି କେବେ ମୋତେ ଯେ ପର, ସମ୍ପର୍କ ନୁହେଁ ଏ ଦୁଇ ଦିନର, ଏ ବନ୍ଧନ ଅଟେ ଯୁଗ ଯୁଗର, ଯେବେଠୁ ଅଛନ୍ତି ନନ୍ଦ ନନ୍ଦନ, ସେବେଠୁ ଅଛି ଏ ରାଖୀ ବନ୍ଧନ, ଖଣ୍ଡିଏ ଡୋରିର ମହତ୍ତ୍ୱ ଏତେ, କିଏ ବଖାଣିବ କେଉଁଠି କେତେ, ଭାଇ ଭଉଣୀର ସମ୍ପର୍କ କଥା, ଯୁଗେ ଯୁଗେ ଲେଖା ଅଛି ଏ ଗାଥା । ଯେତେଦିନ ଥିବେ ସୁରୁଯ ତାରା, ସେତେଦିନ ଥିବ ଏ ବନ୍ଧନ ପରା ।
**ଶୀତଲ ମହାନ୍ତି, ନିଉ, ଏ. ବି. କଲୋନୀ, ଭୁବନେଶ୍ୱର**

ଭାଇ ହାତେ ଭଉଣୀ ବାନ୍ଧେ ଯେ ରାଖୀ,
ସ୍ନେହ ବନ୍ଧନକୁ ରଖି ଯେ ସାଖୀ ।
ସ୍ନେହ ପ୍ରେମ ମମତା ଯେ ଅମୂଲମୂଲ,
ଗୋମାତା ଅଟନ୍ତି ଦେବତା ତୁଲ୍ୟ ।
ଭାଇ ବନେ କବଚ ତା' ଭଉଣୀ ପାଇଁ,
ଅପୂର୍ବ ଏ ବନ୍ଧନ ଆଉ କେଉଁଠି କାହିଁ ?
ଭାବ ପ୍ରେମ ଭରା ପ୍ରୀତିର ଦୃଢ଼ ବନ୍ଧନ,
ଭଉଣୀ ତୁଳସୀ ହେଲେ ଭାଇ ଚନ୍ଦନ ।
**ରାଜଶ୍ରୀ ମହାନ୍ତି, ବାପୁଜୀ ନଗର, ଭୁବନେଶ୍ୱର**

''କେମିତିକା ତୁମେ ଡାକବାଲା ଭାଇ, ଖବର ଦେଲେ ବି ଆସୁନ କିମ୍ପାଇ,
ଜାଣିନ କି ରାଖୀ ପାଖେଇ ଆସିଲା, ''ଅତୁଟ ବନ୍ଧନ'' କାନେ କହିଗଲା ।
ଆଉ ଅଳ୍ପଦିନ ବାକି ଅଛି ଭାଇ, ରାଖୀ ପଠେଇବି ମୋ ଭାଇ ପାଇଁ,
ଚାଉଳ ଦୂବରେ ସଜେଇଛି ଥାଳି, ଚନ୍ଦନ ସିନ୍ଦୂର ସାଇେ ଝରାଫୁଲ,
ମେଲ୍ କି ମେସେଜ୍ କିଛି ଲୋଡା ନାହିଁ
କୋରିଅର, ହ୍ୱାଟ୍ ଆପ୍ କାମ ବି ଦଉନି,
ଜଲଦି ଆସ ତୁମେ ଡାକବାଲା ଭାଇ
ଛ' ତାରିଖ ସୁଦ୍ଧା ଦେବ ପହଞ୍ଚାଇ ।
**ଶ୍ରୀୟାଂସ ଆଦକ୍ ପଟ୍ଟନାୟକ, ୪୫୮, ବମିଖାଲ, ଭୁବନେଶ୍ୱର**

ରାଖୀ ପୂର୍ଣ୍ଣିମା ଏକ ପବିତ୍ର ହିନ୍ଦୁ ପର୍ବ ଅଟେ । ରାଖୀ ପୂର୍ଣ୍ଣିମାକୁ ରକ୍ଷାବନ୍ଧନ ମଧ୍ୟ କୁହାଯାଏ । ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପଡୁଥିବାରୁ ଏହାକୁ ଶ୍ରାବଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଭାଇ ଭଉଣୀ ପବିତ୍ର ସମ୍ପର୍କର ଝଲକ ରାଖୀ ପୂର୍ଣ୍ଣିମା । ଏହିଦିନ ଭଉଣୀ ଭାଇ ହାତରେ ରାଖୀ ବାନ୍ଧିଥାଏ । ରାଖୀକୁ ଶକ୍ତ, ବିଶ୍ୱାସ ଏବଂ ବିଜୟର ପ୍ରତୀକ ବୋଲି କୁହାଯାଏ ।
**ସାଇ ସଂଗୀତା ମହାପାତ୍ର, ରାୟଗଡ଼ା**



I have an elder sister. Ever though we quarrel most of the time, when she is not around, it feels so lonely without her . But trust me didi. I love and care for you will protect you till the end.
**Sai Swastik Das, Sastri Nagar, Unit-IV, BBSR.**

ଉତ୍କଳୀୟ ପରମ୍ପରାର ସର୍ବୋତ୍ତମ ଜଗନ୍ନାଥ ସଂସ୍କୃତିରେ ପରିବାରବାଦର ପ୍ରତିଫଳନ ଦେଖିବାକୁ ମିଳେ । ସ୍ୱୟଂ ଜଗତର ନାଥ ଜଗନ୍ନାଥ ନିଜ ଧର୍ମପତ୍ନୀଙ୍କୁ ଛାଡ଼ି ଭଉଣୀ ସୁଭଦ୍ରାଙ୍କ ସହ ଯାତ୍ରା କରିବା, ଭାଇ ଭଉଣୀଙ୍କ ନିବିଡ଼, ଅନାବିଳ ଘନିଷ୍ଠ ସମ୍ପର୍କର ଜ୍ୱଳନ୍ତ ଉଦାହରଣ । ଏହି ପରମ୍ପରାକୁ ଆମ୍ଭେମାନେ ସ୍ନେହ ଓ ପ୍ରେମର ସହ ରକ୍ଷା କରୁଅଛୁ ।
**ନିରଞ୍ଜନ ରଥ, ଛାୟାପଥ ଲେନ୍, ନୟାଗଡ଼**

I can well describe you by hilanious to the most protective one, Wishing you great Raksha Bandhan, Bro. Stay blessed, send me gift, chocolate and much more. A lot more quarrels, fights are still on our way. Love You !!
**Khushi, Plot no. 214, sastri Nagar, Unit-IV, BBSR**

ରକ୍ଷା ବନ୍ଧନ ହେଉଛି ସଂରକ୍ଷଣର ବନ୍ଧନ । ଏହି ପବିତ୍ର ଅବସରରେ ଭାଇ ଓ ଭଉଣୀମାନେ ପରସ୍ପର ପାଇଁ ଅନନ୍ତ ପ୍ରେମ ପ୍ରତିଜ୍ଞା କରନ୍ତି । ଭଉଣୀମାନେ ନିଜ ଭାଇମାନଙ୍କ ହାତରେ ଏକ ପବିତ୍ର ସୂତା ବାନ୍ଧି ସେମାନଙ୍କ ଦୀର୍ଘ ଜୀବନ ପାଇଁ ପ୍ରାର୍ଥନା କରନ୍ତି । ଏହାର ପ୍ରତିବଦଳରେ ଭାଇମାନେ ନିଜ ଭଉଣୀମାନଙ୍କୁ ପ୍ରତ୍ୟେକ ଅଘଟଣ ଏବଂ ବାଧାବିଘ୍ନରୁ ରକ୍ଷା କରିବା ପାଇଁ ଶପଥ ନିଅନ୍ତି ଏବଂ ଭଉଣୀମାନଙ୍କୁ ମଧ୍ୟ ଉପହାର ଦିଅନ୍ତି ।
**ଶକ୍ତି ପ୍ରସାଦ ସିଂ, ମଞ୍ଚେଶ୍ୱର, ଭୁବନେଶ୍ୱର**

ପ୍ରିୟର ମୋ ଭଉଣୀ,
ସ୍ନେହ ପ୍ରେମର ବନ୍ଧନ ଏ, ପାଳେ ସାରା ସଂସାର ସାରା ଜଗତରେ ସବୁଠୁ ପବିତ୍ର ପ୍ରେମ ଏ ଭାଇଭଉଣୀର ସମ୍ପର୍କ । ଭାଙ୍ଗିଲେ ବି ଭାଙ୍ଗେ ନାହିଁ ବିଶ୍ୱାସର ଅତୁଟ ଏ ବନ୍ଧନ । ଏ ବନ୍ଧନକୁ ସଂସାର କହେ ଭାଇଭଉଣୀର ରକ୍ଷାବନ୍ଧନ, ଏତେ ସିନା ଲେଖିଦେଲି ହେଲେ ଭଉଣୀଟେ ମୋର ନାହିଁ ।
**ଚନ୍ଦନ ସାହୁ, ନୂଆଗାଁ, କଣାସ, ପୁରୀ**

ରକ୍ଷା ବନ୍ଧନ ହେଉଛି ଭାଇ ଭଗିନୀ ବିଶିଷ୍ଟ ଏକ ମୁଖ୍ୟ ପର୍ବ । ଶ୍ରାବଣ ମାସ ପୂର୍ଣ୍ଣମୀ ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏ ପର୍ବ ହେଉଛି ଏକ ବିଶିଷ୍ଟ ହିନ୍ଦୁ ପର୍ବ । ଭଉଣୀମାନେ ଭାଇମାନଙ୍କୁ ସୁରକ୍ଷା ବନ୍ଧନ ମଧ୍ୟରେ ସୁରକ୍ଷିତ ରହିବା ପାଇଁ ଭାଇମାନଙ୍କୁ ରାଖୀ ବାନ୍ଧି ଥାନ୍ତି । ରାଖୀ ବାନ୍ଧିବା ପାଇଁ ରକ୍ତର ସମ୍ପର୍କ ନୁହେଁ, ବରଂ ହୃଦୟର ତଥା ଆତ୍ମାର ସମ୍ପର୍କ ଆବଶ୍ୟକ । ସମସ୍ତ ଭାଇ ଭଉଣୀ ନିଜ ନିଜ ମଧରେ ରାଖୀ ବାନ୍ଧି ମିଷ୍ଟାନ୍ନ ଖାଇ ଓ ଖୁଆଇ ସମ୍ପର୍କ ସ୍ଥାପନ କରିଥାନ୍ତି ।
**ଲିଜା ବେହେରା, ଦୁର୍ଗାବଜାର, ଚୌଦ୍ୱାର**

ରାଖୀ ନୁହେଁ ଏ ତ ମୋର ଦୁଇ ଆଖି ସାଇତି ରଖିଥିବ ମୋର ଦୁଇ ଭାଇ, ସାନ ଭଉଣୀକୁ କରିବନି ପର ସ୍ତ୍ରୀକୁ ପାଖରେ ପାଇ ।
ସ୍ନେହ ସୂତା ମମତାର ଡୋରି ହାତରେ ଦେଲି ମୁଁ ବାନ୍ଧି, ମନେ ରଖିଥିବ ଭୁଲି ତୁମେ ଯିବନି ରେଶମୀ ଡୋରକୁ ନ କରି ପର ।
**ସଂଗୀତା ଖଟୁଆ, ଜାଗମରା, ଭୁବନେଶ୍ୱର**

ପବିତ୍ର ରାଖୀ ପୂର୍ଣ୍ଣିମା ହିନ୍ଦୁ ଧର୍ମର ଏକ ବିଶେଷ ପର୍ବ । ଏହି ପର୍ବରେ ଭଉଣୀ ଭାଇ ହାତରେ ରାଖୀ ବାନ୍ଧିଥାଏ ଏବଂ ସେହିଦିନ ଭାଇ ଓ ଭଉଣୀଙ୍କ ମଧ୍ୟରେ ଅତୁଟ ସ୍ନେହର ଆଲୋକପାତ ହୋଇଥାଏ । ବିଶେଷକରି ଏହି ପର୍ବରେ ପୌରାଣିକ ଓ ଐତିହାସିକ ସମ୍ବନ୍ଧ ରହିଛି । ହିନ୍ଦୁଧର୍ମରେ ବଳଭଦ୍ରଙ୍କର ଜନ୍ମଦିନ ପାଳନ କରାଯାଏ । ରାଖୀ ପୂର୍ଣ୍ଣିମାରେ ଭଉଣୀ ରାଖୀ ବାନ୍ଧି ଭାଇର ଦୀର୍ଘାୟୁ ଓ ସୁଖ ଶାନ୍ତି କାମନା କରିଥାଏ ।
**ରାକେଶ ସୁମନ ବେହେରା, କୋଠପଦା, କଟକ**

ରାଖୀ ପୂର୍ଣ୍ଣିମାରେ ରକ୍ଷା ବନ୍ଧନ, ଅତୁଟ ଅତୁଳ ଶ୍ରଦ୍ଧା ସୁମନ ।
ଭାଇ ହାତେ ଭଉଣୀ ରାଖୀ ବାନ୍ଧି, ମଥାରେ ଲଗାଇବ ଚନ୍ଦନ ।
ଭାଇ ହେବ ଯାର ସଦା ପ୍ରହରୀ,
ବିପଦେ ଆପଦେ ସହାୟକାରୀ ।
ଭଉଣୀ ଅବଳା ନ ହେବ ଦୁର୍ବଳ
ଭାଇ ତା'ର ସାଥେ ସୁରକ୍ଷା ଢାଲ ।
ଏ ପୁଣ୍ୟ ତିଥି ଆମର ଗୌରବ,
ଆନନ୍ଦ ଉଲ୍ଲାସର ଗଣପର୍ବ ।
**ଦେବାଶିଷ ପାଣିଗ୍ରାହୀ, କଳ୍ପବାସୀ ନଗର, ଗଞ୍ଜାମ**

ଭାଇ ଭଉଣୀର ସ୍ନେହ, ମମତାର ଡୋରରେ ବନ୍ଧା
ଏ ସୂତାଖିଅଟିଏ,
ଜୀବନର ନିବିଡ଼ ବନ୍ଧନ, ଦୃଢ଼ ଓ ମଜଭୁତ ସେତୁଟିଏ ।
ଅଭୁଲା ସ୍ମୃତିର ମନଲୋଭା ତିଥି
ଅତୁଟ ବନ୍ଧନ ଏ ରାଖୀ,
ଆପଦେ ବିପଦେ ଭାଇ ସାହା ହୋଇ
ଭଉଣୀକୁ କରେ ସୁଖୀ ।
**ପ୍ରତିମା ସାମନ୍ତରାୟ, ବମିଖାଲ, ଭୁବନେଶ୍ୱର**

ଗହ୍ମା ପୂର୍ଣ୍ଣିମାରେ ଭଉଣୀମାନେ ଭାଇମାନଙ୍କ ହାତରେ ରାଖୀ ବାନ୍ଧି ଥାଆନ୍ତି । ଯାହାର ଭାଇ ବା ଭଉଣୀ ନାହାନ୍ତି ସେମାନେ ଏହିଦିନ ନୂତନ ସମ୍ପର୍କ ତିଆରି କରିଥାଆନ୍ତି । ରାଖୀକୁ ଭାଇ ଭଉଣୀ ସମ୍ପର୍କ ତଥା ଜାତି ଧର୍ମ ଭିତରେ ସୀମିତି ନ ରଖି ଏହାକୁ ନୂତନ ସମ୍ପର୍କ (ସମ୍ପର୍କ ଦିବସ) ଭାବରେ ପାଳନ କରିବାକୁ ଆହ୍ୱାନ ଦେବାର ଆବଶ୍ୟକତା ଅଛି ।
**କଲ୍ୟାଣୀ ମହାନ୍ତି, କଚେରି, ବଡ଼ମ୍ବା,କଟକ**

ଆମର ୧୨ଟି ମାସରେ ୧୩ ପର୍ବ ହୋଇଥାଏ ସେଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ହେଉଛି ଅନ୍ୟତମ । ଏହି ରାଖୀ ପୂର୍ଣ୍ଣିମା ହେଉଛି ଭାଇ ଓ ଭଉଣୀର ପବିତ୍ର ସମ୍ପର୍କ । ଏହା ମୁଖ୍ୟତଃ ଶ୍ରାବଣ ବା ଅଗଷ୍ଟ ମାସରେ ପାଳନ କରାଯାଏ । ଏହି ରାଖୀ ପୂର୍ଣ୍ଣିମାରେ ଭାଇମାନଙ୍କୁ ନିଜର ଗେହ୍ଲା ଭଉଣୀମାନେ ରାଖୀ ବାନ୍ଧନ୍ତି ।
**ରାଜେନ୍ଦ୍ର କୌଶଲ୍ୟା, ସରକାରୀ ହାଇସ୍କୁଲ ଗୋଟିଗୁଡ଼ା, ବିଷମ କଟକ, ରାୟଗଡ଼ା**

ରାଖୀ ପୂର୍ଣ୍ଣିମା ଭାଇ ଓ ଭଉଣୀ ସମ୍ପର୍କରେ ହୋଇଥାଏ । ଏହିଦିନ ଭାଇ ଓ ଭଉଣୀମାନଙ୍କର ପବିତ୍ର ଦିନ । ଏହି ପର୍ବ ଅଗଷ୍ଟ ମାସରେ ପାଳନ ହୋଇଥାଏ । ସେହିଦିନ ଲଙ୍ଗଳକୁ ପୂଜା କରାଯାଏ ।
**ଲାହା ମଲିକା, ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଟିଗୁଡ଼ା**

ରାଖୀ ପୂର୍ଣ୍ଣିମା ଝିଅ ପିଲାମାନଙ୍କର ଶୁଭ ଉତ୍ସବ ହୋଇଥାଏ । ଏହା ଆଷାଢ଼ ମାସରେ ହୋଇଥାଏ । ଝିଅ ପିଲା ଭାଇମାନଙ୍କ ହାତରେ ରାଖୀ ବାନ୍ଧନ୍ତି । ଓ ଆଷାଢ଼ ମାସରେ ମଧ୍ୟ ବଳଦେବଙ୍କ ଜନ୍ମଦିନ ହୋଇଥାଏ । ଏହି ମାସରେ ଲଡୁ ,ରସଗୋଲା, ଆଦିମିଠା ଖାଇଥାନ୍ତି ।
**ଶ୍ରୀଲା କଲାଳା, ଗୋଟିଗୁଡ଼ା ସ୍କୁଲ**

ପ୍ରତିବର୍ଷ ଶ୍ରାବଣ ମାସରେ ରାଖୀ ପୂର୍ଣ୍ଣିମା ପାଳନ କରାଯାଏ । ରାଖୀ ପୂର୍ଣ୍ଣିମା ଦିନ ସକାଳୁ ବଡ଼ ଲୋକଙ୍କୁ ମୁଣ୍ଡିଆ ମାରୁ । ଭଉଣୀମାନେ ଭାଇଙ୍କୁ ରାଖୀ ବାନ୍ଧିଦିଅନ୍ତି । ଏହା ଏକ ପବିତ୍ର ରାଖୀ ବନ୍ଧନ ଅଟେ । ରାଖୀ ପୂର୍ଣ୍ଣିମାରେ ବଳଭଦ୍ର ଜନ୍ମ ହୋଇଥିଲେ ।
**ଜୟନ୍ତ କୁମ୍ବିକା, ଜିଏଚ୍‌ଏସ୍, ଗୋଟିଗୁଡ଼ା**

ରାଖୀ ପୂର୍ଣ୍ଣିମା: ଏହି ପୂର୍ଣ୍ଣିମା ଦୁଇ ଭାଇ ଓ ଭଉଣୀକୁ ଅଧିକ ଗୁରୁତ୍ୱ ଭାବେ ସୂଚାଏ । ଏହି ରାଖୀ ବନ୍ଧନ ଶ୍ରାବଣ ମାସରେ ହୁଏ । ଏହି ରାଖୀ ବନ୍ଧନରେ ଭାଇଙ୍କ ହାତରେ ଭଉଣୀ ରାଖୀ ବାନ୍ଧିଥାନ୍ତି । ଏହି ଶ୍ରାବଣ ମାସରେ ଚାଷୀମାନେ ବିଲରେ ଚାଷ କରନ୍ତି ।
**ଜିତେନ୍ଦ୍ର ମାମବଲିକା, ସରକାରୀ ହାଇସ୍କୁଲ ଗୋଟିଗୁଡ଼ା**

ବାର ମାସରେ ଥରେ ଆସେ ଏହି ରାଖୀ ପୂର୍ଣ୍ଣିମା । ହିନ୍ଦୁମାନଙ୍କର ଏହି ଜାତୀୟ ପର୍ବ ଶ୍ରାବଣ ମାସର ଶୁକ୍ଳପକ୍ଷ ତିଥିରେ ହୋଇଥାଏ । ରାଖୀ ବନ୍ଧନ ହେଉଛି ଭାଇ ଓ ଭଉଣୀମାନଙ୍କର ପବିତ୍ର ସମ୍ପର୍କ ।
**ଦୁଃଶାସନ ପିଡିକାକା, ଗୋଡିଗୁଡା**

ଶ୍ରାବଣ ମାସ ଶୁକ୍ଳପକ୍ଷରେ ଏହି ରାଖୀ ପୂର୍ଣ୍ଣିମା ପଡ଼େ । ଭାଇ ଭଉଣୀଙ୍କ ସମ୍ପର୍କ ବଢିବା ପାଇ ଏହି ପର୍ବ ପାଳନ କରାଯାଏ । ଏହି ରାଖୀ ପୂର୍ଣ୍ଣିମାରେ ପ୍ରଭୁ ଶ୍ରୀଭଳବଦ୍ର ଜନ୍ମଗ୍ରହଣ କରିଥିଲେ, ତେଣୁ ଆମେ ଏହି ପର୍ବକୁ ପବିତ୍ର ରାଖୀ ପୂର୍ଣ୍ଣିମା ରୂପେ ପାଳନ କରୁ ।
**ବନ୍ଦନା ଟୁକୁରୁକ, ଗୋଡିଗୁଡା**

ରାଖୀ ପୂର୍ଣ୍ଣିମା ହଉଛି ଗୋଟିଏ ପବିତ୍ର ବନ୍ଧନ । ଏହି ପର୍ବରେ ଭାଇକୁ ନିଜ ଭଉଣୀମାନେ ରାଖୀ ବାନ୍ଧିଥାନ୍ତି । ଭାଇ ଏବଂ ଭଉଣୀର ସମ୍ପର୍କ ଏକ ଅତୁଟ ସମ୍ପର୍କ ।
**ଲଳିତ ଦିଗାଲ, ଗୋଡିଗୁଡା**

ରାଖୀ ପୂର୍ଣ୍ଣିମା ଏକ ପବିତ୍ର ବନ୍ଧନ । ଏହା ହେଉଛି ଭାଇ ଭଉଣୀ ସମ୍ପର୍କ । ରାଖୀ ପୂର୍ଣ୍ଣିମା ଦିନ ବଳଭଦ୍ର ଜନ୍ମ ହୋଇଥିଲେ । ସେଥି ପାଇଁ ଗୋରୁଙ୍କୁ ପୂଜା କରାଯାଏ । ଲଙ୍ଗଳ ପୂଜା କରାଯାଏ । ଏହା ଆମର ପବିତ୍ର ପର୍ବ ।
**ଅମ୍ବିକା ହିକାକ୍, ଗୋଡିଗୁଡା**

ରାଖୀ ପୂର୍ଣ୍ଣିମା ହେଉଛି ଭାଇ ଭଉଣୀଙ୍କ ଏକ ପବିତ୍ର ସମ୍ପର୍କ । ଏହା ଶ୍ରାବଣ ମାସ ଶୁକ୍ଳ ପକ୍ଷରେ ପାଳନ କରାଯାଏ । ଏହି ଦିନ ବଳଭଦ୍ର ଜନ୍ମ ହୋଇଥିଲେ । ଏହା ହିନ୍ଦୁ ଧର୍ମର ପରମ୍ପରା, ଏହି ଦିନରେ ଭଉଣୀ ଭାଇ ହାତରେରେ ରାଖୀ ବାନ୍ଧେ ଏବଂ ଭାଇର ମଙ୍ଗଳ ପାଇଁ ପ୍ରାର୍ଥନା କରେ ।
**ପୁଷ୍ପାନ୍ତି ନିଶିକାଏ, ସରକାରୀ ହାଇସ୍କୁଲ ଗୋଡିଗୁଡା**

ଏହି ଦୁନିଆରେ ସବୁ ସମ୍ପର୍କଠାରୁ ପବିତ୍ର ଏବଂ ଅତୁଟ ସମ୍ପର୍କ ହେଉଛି ଭାଇ ଭଉଣୀର ସମ୍ପର୍କ । ଭାଇ ଭଉଣୀଙ୍କ ସମ୍ପର୍କକୁ ଅତୁଟ ରଖିବା ପାଇଁ ଶ୍ରାବଣ ପୂର୍ଣ୍ଣିମା ଦିନ ରାଖୀ ପୂର୍ଣ୍ଣିମା ହୋଇଥାଏ । ଏହି ପୂର୍ଣ୍ଣିମା ଦିନ ଭଉଣୀମାନେ ଭାଇଙ୍କୁ ରାଖୀ ବାନ୍ଧିଥାନ୍ତି । ରାଖୀ ପୂର୍ଣ୍ଣିମା ଦିନ ପ୍ରଭୁ ବଳଭଦ୍ର ଜନ୍ମ ଗ୍ରହଣ କରିଥିଲେ । ଏହି ଦିନ ପୁଅମାନେ ନିଜ ଭଉଣୀଙ୍କୁ ଏହି ବାର୍ତ୍ତା ଦିଅନ୍ତି । ସେମାନେ ନିଜ ଶାଶୁ ଶ୍ୱଶୁରଙ୍କୁ ନିଜଠାରୁ ଅଲଗା ନ କରନ୍ତୁ ।
**ତୁନା ପାଣି, ଗୋଡିଗୁଡା**

ରାଖୀ ପୂର୍ଣ୍ଣିମା ହେଉଛି ଏକ ପବିତ୍ର ସମ୍ପର୍କ । ଏହା ଶ୍ରାବଣ ମାସରେ ହୋଇଥାଏ । ଶ୍ରାବଣ ମାସରେ ବଳଭଦ୍ରଙ୍କ ଜନ୍ମ ହୋଇଥିବାରୁ ଏହାକୁ ରାଖୀ ପୂର୍ଣ୍ଣିମା ନାମରେ ଆଖ୍ୟା ଦିଆଯାଇଛି । ଏହି ମାସରେ କୃଷକମାନଙ୍କର ଚାଷ କରିବା ଶେଷ ହୋଇଥାଏ । ଏହି ଦିନ ଭଉଣୀ ଭାଇକୁ ରାଖୀ ବାନ୍ଧି ତାଙ୍କର ପବିତ୍ର ସମ୍ପର୍କକୁ ବଢାଇ ଥାନ୍ତି ।
**ପିତାମ୍ବର କୁଶଳ, ସରକାରୀ ଉଚ୍ଚ ବିଦ୍ୟାଳୟ,ଗୋଡିଗୁଡା**

ରାଖୀ ପୂର୍ଣ୍ଣିମା ହିନ୍ଦୁମାନଙ୍କର ଏକ ପର୍ବ । ଆମେ ସମସ୍ତେ ଏହି ରାଖୀ ପୂର୍ଣ୍ଣିମା ପାଳନ କରୁ । ଭାଇମାନଙ୍କ ହାତରେ ରାଖୀ ବାନ୍ଧୁ । ବଡ ଭାଇଙ୍କଠାରୁ ଆଶୀର୍ବାଦ ପାଇ ଥାଉ । ରାଖୀ ପୂର୍ଣ୍ଣିମାରେ ଭାଇ ଭଉଣୀର ମାନ ଦେଇଥାଏ । ସେହିଦିନ ଗାଈଙ୍କୁ ପୂଜା କରାଯାଏ ।
**ମାଳତି ହିକାକ**





# ଅତୁଟ ବନ୍ଧନ





ରାଖୀ ପୂର୍ଣ୍ଣିମା ହେଉଛି ଏକ ପବିତ୍ର ବନ୍ଧନ। ଏହି ରାଖୀ ପୂର୍ଣ୍ଣିମା ଶ୍ରାବଣ ମାସରେ ପାଳନ କରାଯାଏ। ଏହା ଗୋଟିଏ ହିନ୍ଦୁମାନଙ୍କର ଗୋଟେ ପବିତ୍ର ପର୍ବ । ଏହି ପର୍ବରେ ଭାଇ ହାତରେ ଭଉଣୀ ରାଖୀ ବାନ୍ଧିଥାଏ। ଏହି ରାଖୀ ପୂର୍ଣ୍ଣିମା ସାରା ଓଡ଼ିଶାରେ ଧୁମ୍‌ଧାମ୍‌ରେ ପାଳନ କରାଯାଏ।
**ସନ୍ତୋସିନି ଟୁକୁରକା**
**ସରକାରୀ ବିଦ୍ୟାଳୟ ଗୋଡିଗୁଡା**

ଆମର ୧୨ ମାସର ୧୩ ପର୍ବ ମଧ୍ୟରେ ରାଖୀ ପୂର୍ଣ୍ଣିମା ଭାଇ ଏବଂ ଭଉଣୀଙ୍କ ପବିତ୍ର ସମ୍ପର୍କ ଏବଂ ବଳଭଦ୍ର ଜନ୍ମ ଗ୍ରହଣ କରିଥିଲେ। ଅଗଷ୍ଟ ମାସ ଶୁକ୍ଳ ପକ୍ଷ ଶ୍ରାବଣ ମାସରେ ହୋଇଥାଏ। ରାଖୀ ପୂର୍ଣ୍ଣିମା ଦିନ ଗାଈଙ୍କୁ ଖାଇବାକୁ ଦିଆଯାଏ।
**ରଞ୍ଜନ ସରକ,ଗୋଡିଗୁଡା, ରାୟଗଡା**

ରାଖୀ ପୂର୍ଣ୍ଣିମା ଅଗଷ୍ଟରେ ପଡ଼େ। ଏହି ମାସରେ ଚାଷୀ ଭାଇମାନେ ଚାଷ କାମ ସାରନ୍ତି। ରାଖୀ ପୂର୍ଣ୍ଣିମାରେ ଭଉଣୀମାନେ ଭାଇଙ୍କୁ ସ୍ନେହ କରନ୍ତି ଏବଂ ଭଉଣୀମାନେ ବି ରାଖୀ ବାନ୍ଧି ଭାଇମାନଙ୍କୁ ସ୍ନେହ କରନ୍ତି । ଏହାକୁ ପବିତ୍ର ରାଖୀ ପୂର୍ଣ୍ଣିମା କୁହାଯାଏ।
**ଦେବରାଜ ଦାକାସିକା, ଗୋଡିଗୁଡା**

ଗହ୍ମା ପୂର୍ଣ୍ଣିମା ଦିନ ଶ୍ରୀବଳଭଦ୍ର ଜନ୍ମ ହୋଇଥିଲେ। ଏହାକୁ ରାଖୀ ପୂର୍ଣ୍ଣିମା କୁହାଯାଏ। ସେ ଦିନ ଭାଇକୁ ଭଉଣୀମାନେ ରାଖୀ ବାନ୍ଧିଥାନ୍ତି। ତାହା ସହିତ ଚାଷ କାର୍ଯ୍ୟ ସମାପ୍ତ ହୋଇଥାଏ।
**ରିଙ୍କୁ ସରକା, ଗୋଡିଗୁଡା**

ଏହା ଏକ ପବିତ୍ର ରାଖୀ ପୂର୍ଣ୍ଣିମା। ଏହା ଶ୍ରାବଣ ମାସର ଶୁକ୍ଳ ପକ୍ଷ ତିଥିରେ ଆରମ୍ଭ ହୁଏ। ସେଦିନ ଭଉଣୀ ଭାଇଙ୍କୁ ରାଖୀ ବାନ୍ଧି ଦିଅନ୍ତି। ରାଖୀ ବାନ୍ଧି ସାରିଲା ପରେ ଭଉଣୀ ଭାଇଙ୍କୁ ମିଠା ଖୁଆଇ ଦିଅନ୍ତି। ମିଠା ଖାଇ ସାରି ଭାଇ ଖୁସିରେ କିଛି ପଇସା ଦିଅନ୍ତି। ଏହି ଦିନରେ ବଳଭଦ୍ର ଜନ୍ମ ଗ୍ରହଣ କରିଥିଲେ। ସେଥିପାଇଁ ରାଖୀ ପୂର୍ଣ୍ଣିମା ପାଳନ କରାଯାଏ।
**ଆକାଶ କୁଟୁକା,ଗୋଡିଗୁଡା**

ରାଖୀ ପୂର୍ଣ୍ଣିମା ଦିନ ବଳଭଦ୍ରଙ୍କ ଜନ୍ମ। ଭଉଣୀମାନେ ଭାଇମାନଙ୍କୁ ରାଖୀ ବନ୍ଧନ କରି ଖୁସିରେ ମିଠା ଖୁଆନ୍ତି। ଏହି ଦିନ ଭାଇ ଓ ଭଉଣୀ ମାନଙ୍କର ଏକ ପବିତ୍ର ଦିନ, ଭଉଣୀ ଭାଇକୁ ସବୁବେଳେ ମନେ ପକାଇଥାଏ।
**ସୁନା ପିଡିକାକା, ଗୋଡିଗୁଡା**

ରାଖୀ ପୂର୍ଣ୍ଣିମା ହିନ୍ଦୁମାନଙ୍କର ଏକ ପର୍ବ । ରାଖୀ ପୂର୍ଣ୍ଣିମା ଦିନ ଭଉଣୀ ଭାଇମାନଙ୍କୁ ରାଖୀ ବାନ୍ଧନ୍ତି। ଆଉ ଭାଇମାନେ ଖୁସିରେ ଭଉଣୀ ମାନଙ୍କୁ ଗିଫ୍ଟ ଦିଅନ୍ତି। ।
**ଟମନା କଡକା, ଗୋଡିଗୁଡା**

ଏହା ଏକ ପବିତ୍ର ରାଖୀ ପୂର୍ଣ୍ଣିମା। ଏହା ଶ୍ରାବଣମାସ ଶୁକ୍ଳପକ୍ଷ (ଅଗଷ୍ଟ)ରେ ପାଳନ କରାଯାଏ। ଏହି ଦିନରେ ଭାଇ ଓ ଭଉଣୀଙ୍କ ସମ୍ପର୍କ ଗୁରୁତ୍ୱ ପୂର୍ଣ୍ଣ । ଏହି ପବିତ୍ର ରାଖୀ ପୂର୍ଣ୍ଣିମାରେ ଭଉଣୀମାନେ ଭାଇମାନଙ୍କୁ ରାଖୀ ବାନ୍ଧନ୍ତି। ଏହି ଦିନରେ ବଳଭଦ୍ର ଜନ୍ମଗ୍ରହଣ କରିଥିଲେ।
**ବିଦ୍ୟାଧର ଜାକାସିକା, ଗୋଡିଗୁଡା**

ରାଖୀ ପୂର୍ଣ୍ଣିମା ଗୋଟିଏ ପବିତ୍ର ରକ୍ଷା ବନ୍ଧନ। ଶ୍ରାବଣ ମାସରେ ଏହ ପବିତ୍ର ରାଖୀ ପୂର୍ଣ୍ଣିମା ହୁଏ ଏବଂ ଏଥିରେ ଭଉଣୀ ମାନେ ଭାଇମାନଙ୍କୁ ରାଖୀ ବାନ୍ଧନ୍ତି। ଭଉଣୀ ମାନଙ୍କ ଉପରେ ଯେତେ କଷ୍ଟ ଅସୁବିଧା ଆସେ ସେ ସବୁକୁ ଭାଇମାନେ ସେ ସବୁର ମୁକ୍ତି ଦେଇଥାନ୍ତି। ଏହି ତିଥିରେ ଶ୍ରୀ ବଳଭଦ୍ରଙ୍କ ଜନ୍ମ ହୋଇଥିଲେ।
**ଜଗନ୍ନାଥ ପ୍ରାସ୍କା, ବିଷମ କଟକ**

ଆମ ରାଖୀ ପୂର୍ଣ୍ଣିମା ହେଉଛି ହିନ୍ଦୁ ମାନଙ୍କର । ମୁଁ ମୋର ଭଉଣୀକୁ ରାକ୍ଷୀ ଏବଂ ମୋର ଭଉଣୀଙ୍କୁ ସବୁବେଳେ ଖୁସୀ କରିବେ ଆଉ ସବୁ ଦିନ ମୁଁ ମୋର ଭଉଣୀ ପାଇଁ ଯାହା ଦରକାର ତାହା ମୁଁ କିଣି ଦେବି ଏଣୁ ମୋର ଭଉଣୀଙ୍କୁ ସବୁ ବେଳେ ପଚାରିବ ଯେ ଭଉଣୀ ତମେ କେମିତି ଅଛ।
**ସନ୍ଦୀପ କମିଟିକା, ଗୋଡିଗୁଡା**

ରାକ୍ଷୀ ପୂର୍ଣ୍ଣିମା ହେଉଛି ଏକ ପବିତ୍ର ବନ୍ଧନ ଏହା ଶ୍ରାବଣ ମାସ ଶୁକ୍ଳ ପକ୍ଷରେ ପାଳନ କରାଯାଏ। ଏହି ପର୍ବ ଭଉଣୀ ପାଇଁ ସବୁଠୁ ସୁଖୀ ହୋଇଥାଏ। କାରଣ ଏହି ଦିନରେ ଭାଇ ଯେଉଁଠି ବି ଥାଉ ସବୁ କାମ ଛାଡି ଏହି ଦିନରେ ଭଉଣୀ ପାଖକୁ ଆସିଥାଏ ଏବଂ ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ଥାଏ। ଏହି ଦିନରେ ବଳଭଦ୍ର ଜନ୍ମ ହୋଇଥିଲେ। ତେଣୁ ଏହି ଦିନରେ ଗାଈଙ୍କୁ ଖାଇବାକୁ ଦିଆଯାଏ।
**ତପସ୍ୱିନୀ କୁଟୁକା, ଗୋଡିଗୁଡା**

ରାଖୀ ବନ୍ଧନ- ରାଖୀ ପୂର୍ଣ୍ଣିମା ହେଉଛି ପବିତ୍ର ବନ୍ଧନ। ଏହା ଶ୍ରାବଣ ମାସର ଶୁକ୍ଳ ପକ୍ଷରେ ହୁଏ। ସେ ଦିନ ବଳଭଦ୍ର ଜନ୍ମ ହୋଇଥିଲେ। ଭଉଣୀମାନେ ଭାଇଙ୍କ ହାତରେ ରାଖୀ ବାନ୍ଧନ୍ତି। ଦୁନିଆର ସବୁ ଖୁସି ଭାଇମାନେ ଭଉଣୀମାନଙ୍କୁ ଦିଅନ୍ତି ।
**ମମତା ହିକାକ, ଗୋଡିଗୁଡା**

ରାଖୀ ପୂର୍ଣ୍ଣିମା ହେଉଛି ଏକ ପବିତ୍ର ଦିବସ । ଭଉଣୀ ଭାଇ ହାତରେ ରାଖୀ ବାନ୍ଧେ । ରାଖୀ ପୂର୍ଣ୍ଣିମା ଦିନ ବଳଭଦ୍ର ଜନ୍ମ ହୋଇଥିଲେ।
**ସୁରେନ୍ଦ୍ର କୁମ୍ଭାର, ଗୋଡିଗୁଡା**

ରାଖୀ ବନ୍ଧନ ଏକ ମହତ୍ତ୍ୱପୂର୍ଣ୍ଣ ଅତୁଟ ତଥା ପବିତ୍ର ବନ୍ଧନ ଅଟେ । ଭଗିନୀଗତା ଉକ୍ତ ଦିନ ଅତି ସ୍ନେହ, ଶ୍ରଦ୍ଧା ସମ୍ମାନ, ଉତ୍ସାହ ଓ ଆନନ୍ଦ ସହିତ ପାଳନ କରିବା ସଙ୍ଗେ ଭାଇ ମାନଙ୍କ ମଙ୍ଗଳ କାମନା କରି ସେମାନଙ୍କର ସର୍ବଦା ସୁସ୍ଥ ଓ ସୁରକ୍ଷିତ ରହିବେ।
**ଦୁର୍ଗା ପ୍ରସାଦ ମହାପାତ୍ର , ମିନା ବଜାର, ଢେଙ୍କାନାଳ**

As said, "Siblings may be the keeper of one's identity".
A bond more complex than chemistry,
Filled with serenity that lasts till eternity,
Celebrating the strength of our braternity
I tie you a Rakhi with all my emotional itegrity.
**Sheetal Snigdha Moharana, Bidyadharpur, Nayabazar, Cuttack**

ପ୍ରତିଶ୍ରୁତି ଥାଏ, କିନ୍ତୁ ପ୍ରତାରଣା ନ ଥାଏ। ହେଳା ଭାବ ଥାଏ, କିନ୍ତୁ ହିଂସା ଭାବ ନ ଥାଏ। ଏମିତି ଏକ ଭାବର ଦାମିନୀରେ ବାନ୍ଧି ହୋଇ ରହିଥାନ୍ତି ଦୁଇ ପବିତ୍ର ଆତ୍ମା। ଦୁହେଁ ମିଶି ଲେଖନ୍ତି ସ୍ନେହ, ଆଦରର ସେଇ ହୃଦୟସ୍ପର୍ଶୀ ପ୍ରବନ୍ଧ। ଥଟ୍ଟା, ତାମସାର ପରିଧି ଭିତରେ ରହି ମଧ୍ୟ ପରସ୍ପର ପ୍ରତି ଥିବା କର୍ତ୍ତବ୍ୟକୁ ହୁଏତ ଭୁଲି ନ ଥାନ୍ତି। ସେଇ ପବିତ୍ରତମ ସମ୍ପର୍କର ମୂକ ସାକ୍ଷୀ ସାଜେ ରାଖୀ।
**ସୁଶ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ଦଇତାପଡ଼ା ସାହି, ପୁରୀ**

ଏ ବନ୍ଧନ ସୂତା ଖିଏ ହେଉ ବା ଲୁଗାକାନି ଅଞ୍ଚଳର ଅଙ୍ଗ ବିଶେଷ, ଏହା ମଇଳା ହେଲେ ବି ରକ୍ଷାକାରୀକୁ ରକ୍ଷା କରିବାର ପ୍ରେରଣା ଯୋଗାଏ। ବର୍ଷ -ବର୍ଷ ଆଜୀବନ ହୋଇଥାଏ ପ୍ରିୟ ଅଛିଣ୍ଡା ; ଭାଇଙ୍କର ଗେହ୍ଲି ଭଉଣୀ।
**ଜ୍ୟୋତ୍ସ୍ନାମୟୀ ପାଣି, ମର୍କତନଗର, ସେକ୍ଟର-୬, କଟକ-୧୪**

ମୁଁ ସୁରକ୍ଷାର ବନ୍ଧନ ପାଇଁ
ଜଗତରନାଥ, ବଳଭଦ୍ର, ସୁଭଦ୍ରାଙ୍କ
ରକ୍ଷାକାରୀ ; ସୂତାଖିଏର ଏଇ ପବିତ୍ର
ବନ୍ଧନ ସୁରକ୍ଷା କବଚ ; ଭଇଭଉଣୀ
ପରସ୍ପର ରକ୍ଷା ନିମିତ୍ତ ଏଇ ପର୍ବ ମଧ
ଗୋ ପୂଜା ନିମିତ୍ତ ଗହ୍ମାପୂର୍ଣ୍ଣିମା ଭାବେ
ପରିଚିତ।
**ଜ୍ୟୋତିର୍ମୟ ମହାପାତ୍ର, କଟକ**

ମୋ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ, ତୁମେ ମୋତେ ସର୍ବଦା ସମର୍ଥନ କରିଛ ଏବଂ ଭଲ ପାଇଛ। ଏହି ରକ୍ଷାବନ୍ଧନରେ, ମୁଁ ତୁମ ପାଇଁ ସମାନ କାର୍ଯ୍ୟ କରିବାକୁ ପ୍ରତିଜ୍ଞା କରୁଛି ଏବଂ ଯାହା ବି ହେଉନା କାହିଁକି ସବୁବେଳେ ତୁମ ପାଖରେ ଛିଡ଼ା ହେବି।
**ଲିଙ୍ଗରାଯୋଡ଼ି, ଗୋଡ଼ିସାହି, ଅନୁଗୋଳ**

ନାହିଁ ଦରକାର କିଛି ମୋହରି, ତୋ ପରି ଭଉଣୀ ଥିବ ଯାହାରି, ଭଉଣୀ ତୁ ମୋ ଜଗତଜିତା, ଚଉଁରା ମୂଳେ ସଂଜ ସଳିତା। ସ୍ନେହ ମମତାର କେତେ ଅଭିମାନ, ଖୁନ୍ଦି ହୋଇଥାଏ ପ୍ରୀତିର ଝର। ତୋ ଋଣ କିଏ ପାରିବ ଶୁଝି। ଭଉଣୀ ଲୋ ତୁ ତ ମୋ ସୁନାନାକୀ, ଆଶିଷ ବରଷୁ ତୋ ଉପରେ। ଗୁହାରି କରୁଛି ହେ କଳାଠାକୁର।
**ସ୍ମୃତି ରଞ୍ଜନ ନାୟକ, ନିମମୂଳସାହି, କଟକ**

ପତଳା ସୂତାର ମଜଭୁତ ଡୋରି ହେଉଛି ରାଖୀ। ରାଖୀ କେବଳ ଏକ ଡୋରି ନୁହେଁ ବନ୍ଧନ। ସ୍ନେହ, ମମତା, ଭରସା, ପ୍ରତିଶ୍ରୁତି! ସବୁ ସମ୍ପର୍କଠୁ ନିଆରା ଏହି ସମ୍ପର୍କର ପ୍ରତୀକ ହେଉଛି 'ରାଖୀ', ଯାହା ଭଉଣୀର ଭାଇ ପ୍ରତି ସ୍ନେହ ଓ ପ୍ରେମକୁ ଏବଂ ଭଉଣୀ ପ୍ରତି ଭାଇର କର୍ତ୍ତବ୍ୟକୁ ଦର୍ଶାଏ। ଏହି ପର୍ବ ଦ୍ୱାରା ସମ୍ପର୍କ ଦୃଢ଼ ହେବା ସହ ସ୍ନେହ ପ୍ରେମ ଅତୁଟ ରହେ।
**ଦେବାଶିଷ ମିଶ୍ର, ଶିବନାରାୟଣପୁର, କେନ୍ଦୁଝର**

ମଧୁର ମଧୁର ମଧୁଠୁ ମଧୁର
ମଧୁର ତା' ସ୍ନେହ ପ୍ରୀତି,
ମମତା ବନ୍ଧନେ ମନ ଯୋଡ଼ିଦିଏ
ଚିର ଅଭୁଲାତା ସ୍ମୃତି।
ଦେଖି ଏ ବନ୍ଧନ ରାଖୀ
ରାଖୀ ନୁହେଁ ସେ ତ ଆଖି,
ସେ ଆଖି ବଳରେ ଆତ୍ମା ହୃଦୟରେ
ଜଗତ ପାରୁଛି ଦେଖି।
**ଅନ୍ନପୂର୍ଣ୍ଣା ମହାପାତ୍ର ମହାପାତ୍ର, ସୁହାଗପୁର ପୁରୀ**

ରାଖୀ, ସେ ଭାଇ ସେନେହର ସାକ୍ଷୀ, ଭଉଣୀ
ଓଠହସର ସାକ୍ଷୀ,
ହୋଇପାରେ କାହା ପାଇଁ ବଜାରରେ ମିଳୁଥିବା
ଖଣ୍ଡେ ଫିତା ।
କିନ୍ତୁ ଭାଇ ପାଇଁ ଭଉଣୀ ବାନ୍ଧିଥିବା ଫିତାରେ ଥାଏ
ଅଜସ୍ର ସ୍ନେହ ମମତା। ପାଉଣାରେ ଚାହେଁ ନାହିଁ
ଭଉଣୀ
ଦାମୀ, ଉପହାର, ଭାଇର ଖୁସି ତା' ସୁଖର
ସମ୍ଭାର।
ରାଖୀ ସିନା ଆସେ ବରଷକୁ ଥରେ,
ହେଲେ ଛାଇ ହୋଇ ରହିବି ସଦା ମୋ ଭଉଣୀ
ସାଥିରେ।
**ସ୍ମୃତି ରଞ୍ଜନ ସାହୁ, ଚଢ଼େଇଗାଁ, ଜଗତ୍‌ସିଂହପୁର**

ହାତରେ ମୋ ବାନ୍ଧିଦେଲୁ ମମତାର ଡୋରି,
ଭାଇକୁ ମନରୁ କେବେ ଦେବୁନି ପାସୋରି।
ତୋ ପରି ସବୁ ଭଉଣୀ ପାଇଁ, ବରଷକେ ଥରେ ଆସେ
ରାଖୀ ପୂନେଇଁ।
ତୋର ଏଇ ଶ୍ରଦ୍ଧା ଭକତିର ରାଖୀ, ଜନମ ଜନମ
ପାଇଁ ଆମ ସମ୍ପର୍କର ସାକ୍ଷୀ।
କୁସୁମିତ ହେଉ ଚଲାପଥ ତୋର, ସୁରଭିତ ହେଉ ମନ।
ଫୁଲପରି ହସ ସବୁବେଳେ ଥାଉ, ଦୁଃଖ ହୋଇଯାଉ ଦୂର।
**ଐଶ୍ୱରିୟା ରଞ୍ଜନ ମହାନ୍ତି, ପ୍ରକୃତି ବିହାର, ବରମୁଣ୍ଡା, ଭୁବନେଶ୍ୱର**

ସ୍ନେହ ମମତାର ମଧୁର ସମ୍ପର୍କ
ଭାବର ବନ୍ଧନ ରାଖୀ।
ଭାଇ ଭଉଣୀର ଅତୁଟ ବିଶ୍ୱାସ
ଜନମ ମରଣ ସାକ୍ଷୀ।
**ସ୍ୱର୍ଣ୍ଣପ୍ରଭା ବେହେରା, ରଘୁନାଥପୁର, ଭୁବନେଶ୍ୱର**

ଭାଇ ଭଉଣୀର ସମ୍ପର୍କ ସୁଦୃଢ଼
ନୁହେଁ କେହି ସେଠି ଛୋଟ ଅବା ବଡ଼
ସ୍ନେହ ଓ ପ୍ରେମର ଶ୍ରେଷ୍ଠ ନିଦର୍ଶନ
ରାଖୀଟିଏ ସେତ ଅଟେ
ମମତା ଭରା ଏ ଅତୁଟ ବନ୍ଧନ
ସବୁରି ହୃଦୟ ଜିତେ।
**ଜ୍ୟୋତିରାଣୀ ମହାରଣା, ବିଦ୍ୟାଧରପୁର କଟକ**

ଭାଇର ଉତ୍ତମ ସ୍ୱାସ୍ଥ୍ୟ ଏବଂ ନୀରୋଗ ଜୀବନ କାମନା କରି ସୁରକ୍ଷା କବଚ ସ୍ୱରୂପ ଭଉଣୀଟିଏ ବାନ୍ଧିଥାଏ ଭାଇ ହାତରେ ରାଖୀ। ପୌରାଣିକ ଐତିହ୍ୟ ଦୃଷ୍ଟିରୁ



ଏହି ପର୍ବ ପାଳନ ଯେତିକି ଗୁରୁତ୍ୱପୂର୍ଣ୍ଣ ତା'ଠାରୁ ଅଧିକ ମୂଲ୍ୟବାନ ସାମାଜିକ ଓ ପାରିବାରିକ ସଂହତି ବନ୍ଧନ ଦୃଢ଼ କରୁଥିବା ହେତୁ। ସମସ୍ତ ଭଉଣୀଙ୍କୁ ସୁରକ୍ଷା ଦେଲେ ରକ୍ଷାବନ୍ଧନର ଉଚିତ ମୂଲ୍ୟବୋଧ ପରିପ୍ରକାଶ ପାଇବ। ନାରୀ ସୁରକ୍ଷା ଏହି ପର୍ବର ମୂଳମନ୍ତ୍ର।
**ପ୍ରବୀର କୁମାର ମିଶ୍ର, ସ୍ୱାମ୍‌ପାଟଣା, କେନ୍ଦୁଝର**

ସମ୍ପର୍କର ଅନନ୍ୟ ବନ୍ଧନ, ହୃଦୟରେ ସାଇତା
ଅନାବିଳ ପ୍ରେମ, ଭଉଣୀ ଆଗରେ ସମ୍ପୂର୍ଣ୍ଣ
ପରିପ୍ରକାଶ ନ କରି ହେଲେ ବି ହୃଦୟର ଆବେଗ
ଭାବନା ରାଇଜରେ ଉଡ଼ି ବୁଲେ ପ୍ରୀତିର ଡେଣା
ମେଲାଇ।
ଭଗିନୀ ପ୍ରେମୀକାଳିଆ ସାଆନ୍ତ ପାଶେ ନତମସ୍ତକ
ହୁଏ ଭାଇ।
ମାଗେ ମଣିମା, କରୁଣା ବାରିରେ ଭିଜେଇ ଦିଅ,
ଅତୁଟ ସେନେହ ଡୋରି ପିନ୍ଧାଇ।
**ଭକ୍ତଚରଣ ଦାଶ, ଉତ୍ତରା,**
**ପୂଜାଶାସନ, ପୁରୀ**

ସବୁଠାରୁ ଖୁସି ତୁମଠାରୁ ପାଇଛି। ଭାଗ୍ୟ ଯେ ତୁମ ଭଳି ଭଉଣୀ ପାଇଛି। ଛୋଟବେଳରୁ ତୁମେ ମୋର ଛାଇ ହୋଇ ରହିଛ। କେବେ ମୋ ଆଖିରେ ଲୁହ ଦେଇନ। ମୋର ସବୁ ଭୁଲ୍‌କୁ କ୍ଷମା କରିଦେଇଥାଏ। ଘରେ ବହୁତ ଲୋକ ଅଛନ୍ତି। ହେଲେ ତମେ ସମସ୍ତଙ୍କ ଠାରୁ ଭିନ୍ନ। ନିଜଠାରୁ ହିଁ ଅଧିକ ମୋତେ ଭଲ ପାଉଥିଲ। ରାଖୀ ପୂର୍ଣ୍ଣିମା ଆସିଲେ ତୁମ କଥା ବହୁତ ମନେପଡେ। ଭଉଣୀ ତୁମେ ମୋର ଭଗବାନଠାରୁ କମ୍ ନୁହଁ।
**ଅଜାମ୍ବର ନାଏକ,ମାଣିକାପଦର, କଳାହାଣ୍ଡି**

ରାଖୀ ଭିଜିଗଲା ଆଖି ଲୁହରେ। ସୁରକ୍ଷା ଦେଉଛି
ଭାଇ ସୀମାରେ ଅନେକ ଦିନରୁ କରିଛି ଅପେକ୍ଷା
ଭାଇ ତ କରୁଛି ଦେଶ ସୁରକ୍ଷା, ସତରେ
ରାଖୀରେ କର୍ତ୍ତବ୍ୟରତ ଭାଇ ଭଉଣୀର ସ୍ନେହ,
ପ୍ରେମ ଓ ଅଭିମାନ କେତେ ମହାନ୍।
**ପୂଜା ବ୍ରାଲିକା, ହାଟମୁନିଗୁଡା**

ସେନେହ ସୂତାରେ ମମତାର ମାଳି ଦେଉଛି ବାନ୍ଧି ମୁଁ ହାତରେ ତୋର, ମନେ ରଖିଥିବୁ ଭୁଲି ନ ଯିବୁ ରେଶମୀ ଡୋରକୁ ନ କରି ପର। ସ୍ନେହ ଓ ପ୍ରେମର ଏହି ପର୍ବ ପରମ୍ପରା ମହାନ। ସମସ୍ତ ଭାଇଙ୍କ ଦୀର୍ଘାୟୁ ଜୀବନ ଓ ଉଜ୍ଜ୍ୱଳ ଭବିଷ୍ୟତର ଆଶାରେ ସେମାନଙ୍କ ପ୍ରିୟ ଭଉଣୀ।
**ତୁଳସୀ ଡାକାପ୍ରାସ୍କା, ହାଟମୁନିଗୁଡା**

ରାଖୀ ପୂର୍ଣ୍ଣିମା ଭାଇ ଓ ଭଉଣୀଙ୍କର ସମ୍ପର୍କକୁ ନିବିଡ କରିଥାଏ। ଭଉଣୀ ଏ ଅବସରରେ ନିଜ ଇଷ୍ଟଦେବୀଙ୍କ ପାଖରେ ଆଶିଷ ଢାଳି ଦେବାକୁ ପ୍ରାର୍ଥନା କରିଥାଏ। ରାଖୀ ପୂର୍ଣ୍ଣିମା ଅବସରରେ ସମସ୍ତ ଭାଇ ଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
**କଲ୍ୟାଣୀ ପିଡିକା, ହାଟମୁନିଗୁଡା,**

ସମଗ୍ର ଭାରତବର୍ଷର ପର୍ବପର୍ବାଣି ମଧ୍ୟରେ ରାଖୀ ପୂର୍ଣ୍ଣିମାର ସ୍ଥାନ ସ୍ୱତନ୍ତ୍ର। ଭାରତୀୟ ସଂସ୍କୃତି ମହାନ୍ ସଂସ୍କୃତିର ଏହା ପରିଚାଳକ । ଏହା ଭାଇ ଓ ଭଉଣୀ ଉଭୟଙ୍କୁ ନେଇ ଆଗକୁ ବଢ଼ିଥାଏ। କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଯେ ଭାଇମାନଙ୍କ କୁନି ଭଉଣୀକୁ ମାତୃ ଗର୍ଭର ହିଁ ମାରିଦିଆଯାଉଛି। ସେହି ଘୃଣ୍ୟ କର୍ମ କେତେଜଣ ହାତକୁ ଖାଲି କରିଦେଇଛି। ଆମ ଦେଶରେ ଦେବୀ ପୂଜା ପରମ୍ପରା ରହିଛି ମାତ୍ର କନ୍ୟାଭ୍ରୁଣ ହତ୍ୟା ଆମକୁ କଳଙ୍କିତ କରିଛି। ଏହି ପର୍ବ ଆମକୁ କନ୍ୟାସନ୍ତାନର ଆବଶ୍ୟକତାକୁ ଆମକୁ ମନେ ପକେଇ ଦିଏ। ଶେଷରେ ଏହି ପର୍ବ ଅବସରରେ ମୋର ହାର୍ଦ୍ଦିକ ଅଭିନନ୍ଦନ।
**ଚଞ୍ଚଳା ଉର୍ଲାକା, ହାଟମୁନିଗୁଡା**

ରାଖୀ ପୂର୍ଣ୍ଣିମାରେ ରାଖୀ ବାନ୍ଧିବାର ପରମ୍ପରା ବହୁ ପୁରାତନ। ସମସ୍ତ ଭଉଣୀ ନିଜର ଭାଇ ସମ୍ମାନ ପ୍ରଦାନ କରୁଥିବା ବ୍ୟକ୍ତିବିଶେଷ ମାନଙ୍କୁ ଶ୍ରାବଣ ମାସର ପୂର୍ଣ୍ଣିମା ଅବସରରେ ରାଖୀ ବାନ୍ଧିଥାଏ। ରାକ୍ଷସ ଓ ଇନ୍ଦ୍ରଙ୍କ ଯୁଦ୍ଧ ସମୟରେ ସଚ୍ଚୀ ଇନ୍ଦ୍ରଙ୍କ ହାତରେ ଏକ ରେଶମୀ ଡୋର ବାନ୍ଧିଥିଲେ। ଯାହାର ଫଳ ସ୍ୱରୂପ ଇନ୍ଦ୍ର ଯୁଦ୍ଧଜୟ କରିଥିଲେ। ତେଣୁ ପ୍ରତ୍ୟେକ ଭଉଣୀ ନିଜ ଭାଇର ସମସ୍ତ ଦିଗରେ ବିଜୟ ଲାଭ କାମନା କରିଥିଲେ। ଏହି ରେଶମୀ ଡୋରକୁ ବାନ୍ଧିଥାନ୍ତି। ପରିଣାମରେ ସମସ୍ତ ଭାଇଭଉଣୀମାନଙ୍କୁ ରାଖୀ ପୂର୍ଣ୍ଣିମାର ହାର୍ଦ୍ଦିକ ଅଭିନନ୍ଦନ।
**ସୁବାସିନୀ କ୍ରାଲିକା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ହାଟମୁନିଗୁଡା**

ରାଖୀ ପୂର୍ଣ୍ଣିମର ଅନ୍ୟ ନାମ ରକ୍ଷାବନ୍ଧନ। ଏହାର ଅର୍ଥ ଏକ ସୂତା ଯିଏ ଆମକୁ ରକ୍ଷା କରିପାରିବ। ଏହି ସୂତା ମଧ୍ୟ ସାମାଜିକ, ପୌରାଣିକ, ଧାର୍ମିକ ଓ ଐତିହାସିକ ଭାବର ଏକ ବନ୍ଧନ। ଭାଇ ଭଉଣୀଙ୍କର ସମ୍ପର୍କର ତୁଳନା ନାହିଁ। ଏହି ପର୍ବ ସେମାନଙ୍କ ମଧ୍ୟରେ ଥିବା ଭଲ ପାଇବା ଏକଜୁଟ ଭାବ ଏବଂ ବିଶ୍ୱାସର ପ୍ରତୀକ । ଏହା ହିଁ ଏହି ପବିତ୍ର ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
**ଦମୟନ୍ତୀ ପିଡିକାକା, ହାଟମୁନିଗୁଡା**

ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ଏଠାରେ ସମସ୍ତ ଧର୍ମର ପର୍ବକୁ ଧୁମଧାମରେ ପାଳନ କରାଯାଇଥାଏ। ରାଖୀ ପୂର୍ଣ୍ଣିମା ହିନ୍ଦୁଧର୍ମର ଏକ ବିଶିଷ୍ଟ ପର୍ବ । ଏହି ପର୍ବରେ ସମସ୍ତ ଭଉଣୀ ନିଜ ଭାଇମାନଙ୍କ ହାତରେ ରାଖୀ ଡୋରି ବାନ୍ଧି ଓ ସେମାନଙ୍କର ମଙ୍ଗଳ କାମନା କରିଥାନ୍ତି। ସେହିପରି ଭାଇ ମଧ୍ୟ ଭଉଣୀମାନଙ୍କର ହାତରେ ରାଖୀ ଡୋରି ବାନ୍ଧି ସେମାନଙ୍କର ମଙ୍ଗଳ କାମନା କରିଥାନ୍ତି। ସେହିପରି ଭାଇ ମଧ୍ୟ ଭଉଣୀମାନଙ୍କର ରକ୍ଷା କରିବା ଲାଗି ସଂକଳ୍ପ ନେଇଥାନ୍ତି। ସେହିପରି

ଆମ ଦେଶର ରକ୍ଷା ଲାଗି ଜଗି ରହିଥିବା ସମସ୍ତ ସୈନ୍ୟବାହିନୀଙ୍କୁ ମୋର ରାଖୀ ପୂର୍ଣ୍ଣିମାର ଅଜସ୍ର ଅଭିନନ୍ଦନ। ସେମାନଙ୍କ ବଳିଦାନ ପାଇଁ ମୁଁ ଓ ମୋ ଦେଶ ମଧ୍ୟ ସୁରକ୍ଷିତ।
**ଭଗବତୀ ଜାଗାରାଙ୍ଗା, ହାଟମୁନିଗୁଡା**

ରାଖୀ ପୂର୍ଣ୍ଣିମା ଭାଇ ଏବଂ ଭଉଣୀମାନଙ୍କର ଏକ ପବିତ୍ର ପର୍ବ । ଏହି ପର୍ବ ଓଡ଼ିଶା ସମେତ ସାରା ଭାରତବର୍ଷରେ ପାଳିତ ହୁଏ। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳନ କରାଯାଏ। ଏହିଦିନ ଭଉଣୀ ତାର ଭାଇର ମଥରେ ତିଳକ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ। ଭାଇ ମଧ୍ୟ ଭଉଣୀକୁ ସୁନ୍ଦର ଉପହାର ଦେବା ସହ ଭଉଣୀର ରକ୍ଷା କବଚ ସାଜିବାକୁ ପ୍ରତିଶ୍ରୁତି ଦେଇଥାଏ। ପରିଶେଷରେ ମୋ ତରଫରୁ ରାଖୀ ପୂର୍ଣ୍ଣିମାର ଅଭିନନ୍ଦନ।
**ପୁନାଲୁ ହିକକା, ହାଟମୁନିଗୁଡା**

ଏହି ଦେଶ ଦୁନିଆରେ ଭରି ରହିଛି ଅନେକ ପରମ୍ପରା। ସେହି ପରମ୍ପରାକୁ ନେଇ ଗଢ଼ୁ ଉଠିଛି ସଂସ୍କୃତି, ସେହି ସଂସ୍କୃତିକୁ ଆଧାର କରି ଗଢ଼ି ଉଠିଛି ଅନେକ ପର୍ବପର୍ବାଣି। ସାଧାରଣତଃ ଭାରତବର୍ଷରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଏ। ତନ୍ମଧ୍ୟରୁ ରକ୍ଷାବନ୍ଧନ ହେଉଛି ଏକ ସ୍ୱତନ୍ତ୍ର ପର୍ବ। ଭଗବାନ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ତାଙ୍କର ବସ୍ତ୍ରହରଣ ସମୟରେ ବସ୍ତ୍ରଦାନ କରି ତାଙ୍କ ସମ୍ମାନ ରକ୍ଷା କରିଥିଲେ। ଏହି ଉଦାହରଣକୁ ମନେ ରଖିବା ପ୍ରତ୍ୟେକ ଭଉଣୀ ନିଜ ଭାଇମାନଙ୍କ ରକ୍ଷାବନ୍ଧନର ହାର୍ଦ୍ଦିକ ଅଭିନନ୍ଦନ।
**ମଞ୍ଜୁ କୁଲୁସିକା, ହାଟମୁନିଗୁଡା**

ରାଖୀ ପୂର୍ଣ୍ଣିମା ଦିନ ଭଉଣୀମାନେ ଭାଇମାନଙ୍କ ପାଇଁ ନିଜ ହାତରେ ସେମାନଙ୍କ ପସନ୍ଦର ଖାଦ୍ୟ ତିଆରି କରନ୍ତି। ଭାଇ ହାତରେ ରାଖୀ ବାନ୍ଧି ତା'ର ଦୀର୍ଘାୟୁ ଓ ଶୁଭ ମନାସେ। ତା' ପରେ ସେ ଭାଇକୁ ପ୍ରଣାମ କରି ଆଶୀର୍ବାଦ ନିଏ। ପୁରାଣ ଓ ଇତିହାସର ପ୍ରମାଣ ମିଳେ ଯେ ଭଉଣୀ ଯମୁନା ଯମଙ୍କ ହାତରେ ରାଖୀ ବାନ୍ଧି ଯମଯନ୍ତ୍ରଣାରୁ ମୁକ୍ତି ପାଇଥିଲେ। ଏହା ସମାଜ ମଧ୍ୟରେ ଏକତା ସହଯୋଗର ନିବିଡ ବନ୍ଧନ ସୃଷ୍ଟି କରେ। ମୋ ତରଫରୁ ରାଖୀ ପୂର୍ଣ୍ଣିମାର ଅଶେଷ ଶୁଭେଚ୍ଛା।
**ବାସନ୍ତୀ ହିକକା,**
**ହାଟମୁନିଗୁଡା**

ଶ୍ରାବଣ ମାସ ପୂର୍ଣ୍ଣମୀ ଦିନ ଏହି ପର୍ବ ପାଳନ କରାଯାଇଥାଏ। ଏହି ପର୍ବ ହେଉଛି ବିଶିଷ୍ଟ ହିନ୍ଦୁପର୍ବ। ଏହି ପର୍ବର ନାମ ରକ୍ଷାବନ୍ଧନ ହେବାର ତାତ୍ପର୍ଯ୍ୟ ହେଲା ଭଉଣୀମାନେ ଭାଇମାନଙ୍କ ହାତରେ ସୁରକ୍ଷା ବନ୍ଧନ ମଧ୍ୟରେ ସୁରକ୍ଷିତ ପାଇଁ ଭାଇମାନଙ୍କୁ ରାଖୀ ବାନ୍ଧିଥାନ୍ତି। ରାଖୀ ବାନ୍ଧିବା ପାଇଁ ରକ୍ତର ସମ୍ପର୍କ ଆବଶ୍ୟକ। ବିଦ୍ୟାଳୟ ମାନଙ୍କରେ ମଧ୍ୟ ଅତି ଆଡମ୍ବରରେ ଏହି ଉତ୍ସବ ପାଳିତ ହୁଏ। ତେଣୁ ସମସ୍ତଙ୍କୁ ରକ୍ଷାବନ୍ଧନରେ ଶୁଭେଚ୍ଛା ଓ ଶୁଭକାମନା।
**ଝାନ୍‌ସୀ କର୍ଣ୍ଣିକା, ହାଟମୁନିଗୁଡା,**

ରାଖୀ ପୂର୍ଣ୍ଣିମା ଏକ ଭାରତୀୟ ପର୍ବ। ଏହା ଭାଇ ଓ ଭଉଣୀମାନଙ୍କର ପର୍ବ। ରାଖୀ ପୂର୍ଣ୍ଣିମାକୁ ରକ୍ଷାବନ୍ଧନ ମଧ୍ୟ କୁହାଯାଏ। ଏହି ପୂର୍ଣ୍ଣିମା ଶ୍ରାବଣ ମାସ ପୂର୍ଣ୍ଣିମା ଦିନ ପାଳନ କରାଯାଉଥିବାରୁ ଏହାକୁ ଶ୍ରାବଣ ପୂର୍ଣ୍ଣିମା କୁହାଯାଏ। ଏହିଦିନ ଭଉଣୀ ତା'ର ଭାଇର ମଥାରେ ତିଳକ ଲଗାଇ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ। ସମସ୍ତଙ୍କୁ ରାଖୀ ପୂର୍ଣ୍ଣିମାର ଅନେକ ଅନେକ ଶୁଭେଚ୍ଛା।
**ଟୁମୁକି ଗଗେରାଙ୍ଗା, ହାଟମୁନିଗୁଡା,**

ସବୁଠୁ ସୁନ୍ଦର, ସବୁଠୁ ମଧୁର, ମୋର ପ୍ରିୟ ଭାଇ। ସଂସାର ଯାକର ସବୁ ଆଶ୍ୱାସନା ନିର୍ଭରଯୋଗ୍ୟ ପ୍ରତୀକ। ତୁମ ହାତ ଧରି ବାଟ ଚାଲୁ ଚାଲୁ ଶିଖିଲି ସଂସାର ମାୟା। ଶୈଶବରୁ ପୁଣି ଆଜି ପରଯନ୍ତ ତରୁମେ ଅଛ ମୋର ସାଙ୍ଗେ। ଆଜି ଏ ଦିନରେ ହାତେ ରାଖୀ ବାନ୍ଧିଦେଲି, ବିଶ୍ୱାସର ରାଖୀଟିଏ କରିଛି କରିବି ସୁରକ୍ଷା ମୋହର, ଦେହେ ପ୍ରାଣ ଥିବା ଯାଏ।
**ଅମ୍ରିତା ମହାନ୍ତି, ବଡ଼ଗଡ଼ ବ୍ରିଟ୍ କଲୋନୀ**

ରାଖୀ ପୂର୍ଣ୍ଣିମାରେ ରାଖୀ ବାନ୍ଧିବାର ପରମ୍ପରା ପୁରାତନ। ସମସ୍ତ ଭଉଣୀ ଭାଇ ସମ୍ମାନ ପ୍ରଦାନ କରୁଥିବା ବ୍ୟକ୍ତିବିଶେଷମାନଙ୍କୁ ଶ୍ରାବଣ ମାସର ପୂର୍ଣ୍ଣିମା ଅବସରରେ ରାଖୀ ବାନ୍ଧିଥାନ୍ତି। ରାଖୀ ଓ ଇନ୍ଦ୍ରଙ୍କ ଯୁଦ୍ଧ ସମୟରେ ସଚ୍ଚି ଇନ୍ଦ୍ରଙ୍କ ହାତରେ ଏକ ରେଶମୀ ଡୋର ବାନ୍ଧିଥିଲେ, ଯାହାର ଫଳସ୍ୱରୂପ ଇନ୍ଦ୍ର ଯୁଦ୍ଧଜୟ କରିଥିଲେ। ତେଣୁ ପ୍ରତ୍ୟେକ ଭଉଣୀ ନିଜ ଭାଇର ସମସ୍ତ ଦିଗରେ ବିଜୟଲାଭ କାମନା କରି ଏହି ରେଶମୀ ଡୋରକୁ ବାନ୍ଧିଥାନ୍ତି। ପରିଶେଷରେ ସମସ୍ତ ଭାଇ ଭଉଣୀମାନଙ୍କୁ ରାଖୀ ପୂର୍ଣ୍ଣିମାର ହାର୍ଦ୍ଦିକ ଅଭିନନ୍ଦନ।
**ପଦ୍ମିନୀ କିଲାକା, ହାଟମୁନିଗୁଡା**

In every phase of life, you have supported me to the almost and loved me. This Raksha Bandhan, I promise to do the same for you and will always stand by your side no matter, what happy Raksha Bandhan.
**Madhusmita Mishra, Pokhoriput**

ଭାଇ ଓ ଭଉଣୀ ମଧ୍ୟରେ ଥିବା ନିବିଡ ସମ୍ପର୍କର ଅପୂର୍ବ ନିଦର୍ଶନ ହେଉଛି ରକ୍ଷାବନ୍ଧନ। ଏହି ପର୍ବ ସ୍ନେହ ଶ୍ରଦ୍ଧା, ବିଶ୍ୱାସ ଓ କର୍ତ୍ତବ୍ୟ ନିଷ୍ଠାର ବାର୍ତ୍ତା ବହନକରେ। ଭଉଣୀଟିଏ ଭାଇର ଦୀର୍ଘାୟୁ କାମନା କରି ତା ହାତରେ ବାନ୍ଧିଦିଏ ରାଖୀ। ଭାଇଟି ଜୀବନସାରା ଭଉଣୀକୁ ରକ୍ଷା କରି ପବିତ୍ର ରକ୍ଷାବନ୍ଧନର ଅକ୍ଷୁଣ୍ଣ ରଖିବାର ପ୍ରତିଶ୍ରୁତି ଦିଏ।
**ଲୋପାମୁଦ୍ରା ମିଶ୍ର, ରାୟଗଡ଼ା**

ଭାରତ ସଂସ୍କୃତି ଓ ସଭ୍ୟତାର ଦେଶ । ଭାଇ ଭଉଣୀର ସମ୍ପର୍କ କେବଳ ଗୋଟିଏ ଦିନର ନୁହେଁ କିନ୍ତୁ ଐହାସିକ ଓ ଧାର୍ମିକ ତତ୍ତ୍ୱ ଲାଗି ରାଖୀ ପୂର୍ଣ୍ଣିମାର ମହତ୍ତ୍ୱ ଅଧିକ। ଏହା ଭାରତର ପ୍ରାଚୀନତମ ପର୍ବ । ବର୍ତ୍ତମାନ ଏହା ପରମ୍ପରା ଏକ ବ୍ୟବସାୟୀ ଭଳି ମନେ ହେଉଛି। ତେଣୁ ମୋର ଅନୁରୋଧ ଏପରି କରା ନ ଯାଇ ଏହାର ପବିତ୍ରତା ପ୍ରତି ସମ୍ମାନ ଦିଆଯାଉ।
**ନେହା ବାଗ, ହାଟମୁନିଗୁଡା**

ମୋବାଇଲ ଓ ଇଣ୍ଟରନେଟ୍ ଯୁଗରେ ଭାବ ଆଦାନ ପ୍ରଦାନ ରୂପରେଖରେ ଆସିଛି କେତେକେତେ ପରିବର୍ତ୍ତନ। କିନ୍ତୁ ପରିବର୍ତ୍ତନ ମଧ୍ୟରେ ରକ୍ଷାବନ୍ଧନ ପର୍ବକୁ ବଜାୟ ରଖିଛି ତା'ର ପାରମ୍ପରିକ ମହତ୍ତ୍ୱ ଓ ମହନୀୟତା। ଭଉଣୀର ସର୍ବମଙ୍ଗଳ କାମନା ଓ ଭାଇର ସର୍ବସୁରକ୍ଷାର ଅତୁଟ ବନ୍ଧନ ଦେଇଛି ରଖାବନ୍ଧ।।
**ସୁଶାନ୍ତ କୁମାର ସାସମଲ, ବ୍ରହ୍ମପୁର, ଗଞ୍ଜାମ**

ବିପଦରେ ଥିଲା ଦ୍ରୌପଦୀର ମାନ, କୋଟି ବସ୍ତ୍ର ଦେଇ ରକ୍ଷା କରିଥିଲେ କୃଷ୍ଣ। ରକ୍ଷାବନ୍ଧନରେ ଭଉଣୀର ମନ ରକ୍ଷା କରିଥାଏ ଭାଇ ନ କରି ଅଭିମାନ।
**ବିକ୍ରମ ମହାନ୍ତି, ରସୁଲଗଡ**

You are everthing to me sweet sister. I am so greatful that God blessed me with you. Youpush me to be the best person that I can be and you always help me when I need it most. I love you with all my heart.
**Diptiranjan Mishra, CTC**

ରାଖୀ ପୂର୍ଣ୍ଣିମା ଦିନରେ ଭଉଣୀମାନେ ଭାଇମାନଙ୍କ ହାତରେ ରାଖୀ ବାନ୍ଧି ଥାଆନ୍ତି ବିନା ସ୍ୱାର୍ଥରେ ବିନା ଆଶାରେ। ଭାଇମାନେ ସ୍ନେହ ଓ ଶ୍ରଦ୍ଧା ସହିତ ଭଉଣୀମାନଙ୍କୁ କିଛି ଉପହାର ଦେଇଥାନ୍ତି। ଏହା ଏକ ଅନୁଭାବିକ ପବିତ୍ର ଶକ୍ତିର ବନ୍ଧନ ଓ ସାଥି ରହେ ରାଖୀ ଏ ଦିନର ଉଭୟଙ୍କ ପାଇଁ। ଉଭୟେ ବଞ୍ଚିଥିବା ଯାଏ।
**ଚକ୍ରଧର ରାଉତ, ପଡୁଆଁପଦା, ବାଲେଶ୍ୱର**

ରାଖୀ ପୂର୍ଣ୍ଣିମା ଭ୍ରାତା-ଭଗିନୀ ସମ୍ପର୍କର ଏକ ପ୍ରୀତିର ପବିତ୍ର ପର୍ବ। ପରସ୍ପର ସୁରକ୍ଷା କବଚର ପର୍ବ । ସ୍ନେହ ଓ ତ୍ୟାଗର ପର୍ବ। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବ ହୋଇଥାଏ। ଉତ୍କଳର ମଉଡ଼ମଣି ଏହି ପର୍ବ ମହା ଆଡମ୍ବରରେ ପାଳିତ ହୁଏ। ସେଥିଲାଗି ଉତ୍କଳ ପରମ୍ପରାର ରାଖୀକୁ ରକ୍ଷାକବଚ ରୂପେ ଗ୍ରହଣ କରାଯାଏ।
**ସଂଗ୍ରାମ କିଶୋର ଦାଶ,**
**ବାସୁଦେବପୁର, ଭଦ୍ରକ**

ରାଖୀ ବନ୍ଧନ ଆମ ଦେଶର ବଡ଼ ପର୍ବ । ଏହି ପର୍ବଟି ଶ୍ରାବଣ ମାସର ପୂର୍ଣ୍ଣମୀ ତିଥିରେ ପାଳନ କରାଯାଏ ଓ ଏହି ପର୍ବରେ ପ୍ରଭୁ ଶ୍ରୀବଳଭଦ୍ର ଜନ୍ମ ଗ୍ରହଣ କରିଥିଲେ ଓ ଏହି ପର୍ବରେ ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କୁ ପ୍ରଥମେ ବାନ୍ଧିଥିଲେ। ତାଙ୍କର ଲମ୍ବା ଆୟୁଷ ପାଇଁ ଏହି ପର୍ବରେ ଭଉଣୀମାନେ ନିଜ ଭାଇମାନେ ନିଜର ଭଉଣୀଙ୍କ ପାଇଁ କିଛି ଉପହାର ଆଣି ଭଉଣୀଙ୍କ ହାତରେ ଦିଅନ୍ତି। ଏହି ପର୍ବଟି ଭାଇ ଓ ଭଉଣୀ ପାଇଁ ଏକ ଖୁସିର ପର୍ବ ଓ ଭାଇମାନେ ଭଉଣୀଙ୍କ ସୁଖଦୁଃଖରେ ରକ୍ଷା କରନ୍ତି। ଏହି ପର୍ବଟି ମୂଲ୍ୟବାନ ।
**ଜ୍ୟୋତି ମାଝି,ଲରାସରା**

ଗହ୍ମାପୂର୍ଣ୍ଣମୀର ଅନ୍ୟ ନାମ ରାଖୀ ପୂର୍ଣ୍ଣିମା। ଏହି ଦିନ ରକ୍ଷାବନ୍ଧନ ହୁଏ। ଭଉଣୀମାନେ ପବିତ୍ର ମନରେ ଭାଇମାନଙ୍କ ହାତରେ ରାଖୀ ବନ୍ଧନ କରି ଭ୍ରାତୃଭଗିନୀ ସ୍ନେହକୁ ଆହୁରି ଦୃଢ଼ତର କରିଥାନ୍ତି। ଭାଇର ମଙ୍ଗଳ କାମନା କରିବା ଭଉଣୀର ସହଜାତ ପ୍ରକୃତି। ଭାଇ ବିନା ଭଉଣୀ ଅସହାୟ ମନେକରେ। ତେଣୁ ଭାଇର ମଙ୍ଗଳ କାମନା କରି ସମସ୍ତ ଭାରତବର୍ଷରେ ଏହି ପର୍ବ ପାଳନ କରାଯାଏ। ଭାଇ ତାକୁ କିଛି ସ୍ନେହର ଉପହାର ଦେଇଥାଏ। ତାକୁ କିଛି ଉପଢୌକନ ଦେଉ ବା ନ ଦେଉ ସେ ଚାହେଁ ଭାଇର ସୁରକ୍ଷା।
**ବେବିନା ପାତ୍ର,ଲରାସରା ହାଇସ୍କୁଲ, ଲରାସରା**

ରାଖୀ ପୂର୍ଣ୍ଣିମା ହେଉଛି ଏକ ପବିତ୍ର ପର୍ବ। ଏହି ପର୍ବରେ ଭଉଣୀ ତା'ର ଭାଇକୁ ରାଖୀ ବାନ୍ଧେ। ଭାଇମାନେ ଭଉଣୀମାନଙ୍କୁ ଉପହାର ଦେଇଥାନ୍ତି। ଏହି ପର୍ବକୁ ସମସ୍ତେ ଆନନ୍ଦରେ ପାଳନ କରନ୍ତି। ଗହ୍ମା ପୂର୍ଣ୍ଣିମାର ଅନ୍ୟ ନାମ ରାଖୀ ପୂର୍ଣ୍ଣିମା। ଭଉଣୀ ଭାଇର ମଥାରେ ଚନ୍ଦନ ଲଗାଇ ଦିଏ। ବଡ଼ଭାଇ ଭଉଣୀକୁ ଆଶୀର୍ବାଦ ଦେଇଥାଏ।
**ଅମନ ତାଣ୍ଡି,ଲରାସରା**

ରାଖୀ ହେଉଛି ଏକ ପବିତ୍ର ଓ ଅତୁଟ ବନ୍ଧନ, ଯାହା ଭାଇ ଓ ଭଉଣୀକୁ ଗୋଟିଏ ଡୋରିରେ ବାନ୍ଧି ରଖିଥାଏ । ଭାଇମାନଙ୍କୁ ତାଙ୍କ ମଙ୍ଗଳ କାମନା ଏବଂ ଭଉଣୀର ରକ୍ଷା କରିବ ବୋଲି ରାଖୀ ବାନ୍ଧିଥାଏ । ଭାଇ ଓ ଭଉଣୀର ବନ୍ଧନ ଏକ ଅପୂର୍ବ ବନ୍ଧନ । ରାଖୀ ବାନ୍ଧି ଭଉଣୀ ବହୁତ ଖୁସି ହୁଏ ଏବଂ ତା' ଭାଇଠାରୁ କେବଳ ଭଉଣୀର ଦୁଃଖ ସୁଖ ସମସ୍ତ କାର୍ଯ୍ୟରେ ରକ୍ଷା କରିବ ବୋଲି ଏତିକି ଆଶା କରିଥାଏ ।
**ଅହଲ୍ୟା ଓରାମ, ଧଉଁଲା ଖମନ, ସୁନ୍ଦରଗଡ଼**

You are the person who hold me my bad time's , you are the person who dances with me in my happiness. I can't recall even a single day when you were absent from my life. I really love you sister.
**Diptiranjan Mishra,Cuttack**

ରାଖୀ ପୂର୍ଣ୍ଣିମାକୁ ବଳଭଦ୍ରଙ୍କ ଜନ୍ମଦିନ ଭାବେ ପାଳନ କରାଯାଏ । ଏହା ହେଉଛି ଭାଇ ଭଉଣୀଙ୍କ ପ୍ରେମର ଅତୁଟ ବନ୍ଧନ । ଏହିଦିନ ଭଉଣୀ ଭାଇ ହାତରେ ରାଖୀ ବାନ୍ଧିଥାଏ । ପ୍ରତି ବଦଳରେ ଭାଇ ଭଉଣୀର ବିପଦ ସମୟରେ ସହାୟ ହୋଇଥାଏ । ପୁରାଣରେ ଅନେକ କଥା ମଧ୍ୟ ଏହି ରାଖୀ ପୂର୍ଣ୍ଣିମା ସହିତ ଜଡ଼ିତ ଅଛି । ଇତିହାସର ରାଜା ହୁମାୟୁନ ଓ ରାଣୀ ପଦ୍ମାବତୀ ଏହି ବନ୍ଧନ ସହ ଜଡ଼ିତ । ଏହି ପର୍ବର ଗହ୍ମାଡିଆ, ଲଙ୍ଗଳ ପୂଜା ସାଙ୍ଗକୁ ଗୋମାତାଙ୍କ ପୂଜା କରିବା ପରମ୍ପରା ଆଜି ରହିଛି ।
**ଚିନ୍ମୟୀ ଗୌଡ଼, କୁମୁଣ୍ଡି, ଗଞ୍ଜାମ**

ଭଉଣୀଟି ମୋର କେଡ଼େ ଆପଣାର ତା'ପରି ନାହିଁ କେହି, ମୋତେ ପିଲାବେଳୁ କୋଳେଇ କାଖେଇ ମଣିଷ କରିଛି ସେହି । ଅତୁଟ ବନ୍ଧନ ସୂତାଖିଏ ରାଖୀ, ମୋ ହାତରେ ବାନ୍ଧି ଦେଇ , ସୁଖଶାନ୍ତି ମାନ ଅମାପ ଆୟୁଷ, ଠାକୁରଙ୍କୁ ମାଗେ ସେଇ, ତାକୁ ମୁଁ ଭୁଲିବି କାହିଁ ଥିବି ତା'ର ସାହା ହୋଇ ।
**ଅମିତ କୁମାର ଅମାନ୍ତ, କୁମେଲସିଂଘା, ବରଗଡ଼**

ଭାରତବର୍ଷରେ ୧୨ ମାସରେ ତେରପର୍ବ । ସେଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ । ଦେବପୂଜା, ଗୋପୂଜା, ମାନବପୂଜା ପାଳିତ ହୋଇଥାଏ । ରାଖୀ, ପଇତା, ପୂଜା ସାମଗ୍ରୀକୁ ନେଇ ପରମ୍ପରା ଅନୁସାରେ ପୂଜା କରାଯାଏ । ଏହିଦିନ ବଳଭଦ୍ର ଠାକୁରଙ୍କ ଜନ୍ମ ଉତ୍ସବ ପାଳନ ହୋଇଥାଏ ଓ ଭଉଣୀ ତା' ଭାଇ ହାତରେ ରାଖୀ ବାନ୍ଧୀ ଦୀର୍ଘାୟୁ କାମନା କରିଥାଏ । ଏହି ପୂର୍ଣ୍ଣିମା ଚିରସ୍ମରଣୀୟ । ସ୍ନେହ, ପ୍ରେମ, ତ୍ୟାଗ କର୍ତ୍ତବ୍ୟର ଅତୁଟ ବନ୍ଧନ ।
**ଦୀପ୍ତି ସାମନ୍ତରାୟ, ମଦନପୁର**

ଯେଉଁ ବନ୍ଧନରେ ନ ଥାଏ ବୈମାତୃକ ମନୋଭାବ, ଯେଉଁ ବନ୍ଧନରେ ନ ଥାଏ ସ୍ୱାର୍ଥପର ଚିନ୍ତାଧାରା, ଯେଉଁ ବନ୍ଧନରେ ନ ଥାଏ ରାଗ ଅଭିମାନର ଛାପ , ଯେଉଁ ବନ୍ଧନରେ ନ ଥାଏ ବାଦ ବିବାଦର ଚିହ୍ନ, ଯେଉଁ ବନ୍ଧନରେ ନ ଥାଏ ଭୁଲ୍ ବୁଝାମଣାର ସଙ୍କେତ ସେହି ଆଲୌକିକ, ସୁଗନ୍ଧିତ, ଚିରସବୁଜ ଅତୁଟ ବନ୍ଧନ ହିଁ ରାଖୀ ।
**ହର୍ଷୋଲ୍ଲାସ ଦାସ, ଛେଣ୍ଡ, ରାଉରକେଲା**

ସିନ୍ଦୂରକୁ ବନ୍ଧନ ମମତାର ବନ୍ଧନ, ଭାଇ ସାଥେ ଭଉଣୀ ସେନେହର ମିଳନ । ରାଖୀ ପୁନେଇରେ ଝୁରେ ଭଉଣୀ ମନ, ଭାଇ ପାଇଁ ଏ ଭଉଣୀର ଲକ୍ଷେ ସପନ । ଭାଇକୁ ପିନ୍ଧାଇବି ରାଖୀ ତିଳକ ଚିତା, ଭାଇ ହେବ ମୋର ଜଗତଜିତା । ଭାଇ ଉପରେ ନ ପଡୁ କାହାର ନଜର, ଭାଇ ହେଉ ସମସ୍ତଙ୍କ ଆପଣାର । ଆପଣମାନଙ୍କୁ ଏ କୁନି ଭଉଣୀର ସାଷ୍ଟାଙ୍ଗ ନମନ । ରାଖୀ ପୂର୍ଣ୍ଣିମାର ହାର୍ଦ୍ଦିକ ଅଭିନନ୍ଦନ ।
**ସାଇଶ୍ରୀ ସତ୍ୟରୂପା ତ୍ରିପାଠୀ, ନୟାଗଡ଼**

Raksha Bandhan is not just about Rakhi and Mithai. It also portrays a beautiful bond between me and my well wisher .
**Uttamananda Rout,Khandagiri**

ତୋ ହାତରେ ରାଖୀ ବାନ୍ଧୁଥାଏ ସଦା
ଜୀବନରେ ଥିବା ଯାଏ, ପିଲାଦିନ କଳି, ତ୍ୟାଗ–ମୂରତିରେ ଅନାବିଳ ସ୍ନେହ ଥାଏ ।
**ଶ୍ରୀୟଙ୍କା ରାଉତ, ଆଇଗିଣିଆ, ଖଣ୍ଡଗିରି**

ସ୍ନେହ ମମତାର ପ୍ରତୀକ ଅଟଇ ରକ୍ଷାବନ୍ଧନ, ସୁଖେ ଦୁଃଖେ ସଦା ତୋ ସାଥେ ଚାଲିବି ସାରା ଜୀବନ ।
**ସିଦ୍ଧାର୍ଥ ରାଉତ, ଖଣ୍ଡଗିରି, ଭୁବନେଶ୍ୱର**

ସ୍ନେହ ସରଧାର ରାଖୀ ଆଜି ମୁଁ ବାନ୍ଧୁଛି
ମୋ ପ୍ରିୟଜନ ହାତେ, ମମତାର ଡୋର ସଦା ବନ୍ଧା ରହୁ ଜୀବନର ଚଲାପଥେ ।
**ସୁନନ୍ଦା ମହାନ୍ତି, ଆଇଗିଣିଆ, ଭୁବନେଶ୍ୱର**

ରକ୍ଷାବନ୍ଧନ ଏକ ଭାରତୀୟ ହିନ୍ଦୁ ପରମ୍ପରା । ରକ୍ଷାବନ୍ଧନର ତାତ୍ପର୍ଯ୍ୟ ହେଉଛି ଯେ, ଭଉଣୀମାନେ ଭାଇମାନଙ୍କ ସୁରକ୍ଷା ବନ୍ଧନରେ ସୁରକ୍ଷିତ ରହିବା ପାଇଁ ଭାଇମାନଙ୍କୁ ରାଖୀ ବାନ୍ଧିଥାନ୍ତି । ଏହି ପରମ୍ପରା ଭାଇ ଓ ଭଉଣୀ ମଧ୍ୟରେ ହୃଦୟ ଓ ଆତ୍ମାର ସମ୍ପର୍କକୁ ବୁଝାଏ । ଶ୍ରାବଣ ମାସ ପୂର୍ଣ୍ଣିମା ଦିନ ଏହି ପର୍ବ ପାଳନ କରାଯାଇଥାଏ ।
**ସହଦେବ ବେହେରା,ଚାରଭାଟ, ସମ୍ବଲପୁର**

ରାଖୀ ପୂର୍ଣ୍ଣିମା ଭାଇ ଭଉଣୀ ଏବଂ ଭଉଣୀମାନଙ୍କର ଏକ ପବିତ୍ର ବନ୍ଧନର ପବିତ୍ର ପର୍ବ। ଏହି ପର୍ବ ଓଡ଼ିଶା ସମେତ ସାରା ଭାରତ ବର୍ଷରେ ପାଳନ କରାଯାଏ । ପ୍ରତି ବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳନ କରାଯାଏ । ଏହି ଦିନ ଭଉଣୀ ଭାଇର ମଥାରେ ତିଳକ ଲଗାଇବା ସହ ହାତରେ ରାଖୀ ବାନ୍ଧିଥାଏ । ଭାଇ ମଧ୍ୟ ଭଉଣୀକୁ ସୁରକ୍ଷାର ପ୍ରତିଶ୍ରୁତି ଦେବା ସହ ସୁନ୍ଦର ଉପହାର ଦେଇଥାଏ ।
**ଶିବାନୀ ବୁଦ୍ଧୁଲା, ସୁନ୍ଦରଗଡ଼**

ରାଖୀ ଭାଇ ଓ ଭଉଣୀଙ୍କ ସମ୍ପର୍କକୁ ନିବିଡ଼ କରିଥାଏ । ସେହିପରି ପୃଥିବୀ ମା'ର ସମସ୍ତ ଦେଶ ଯଦି ପରସ୍ପରକୁ ଭାଇଭଉଣୀ ମନେକରି ରାଖୀ ବାନ୍ଧିବାର ପରମ୍ପରା ଆରମ୍ଭ କରନ୍ତି ତା'ହେଲେ ପାକିସ୍ତାନ, ରୁଷିଆ, ୟୁକ୍ରେନ୍ ଭଳି ଦେଶରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା । ମା'ମାନେ ସନ୍ତାନ, ଭଉଣୀମାନେ ଭାଇ ହରାଇ ନ ଥାନ୍ତେ । ସମସ୍ତଙ୍କୁ ରାଖୀ ପୂର୍ଣ୍ଣିମାର ହାର୍ଦ୍ଦିକ ଅଭିନନ୍ଦନ ।
**ଶଶିରେଖା ଡୁଇକା, , ହାଟମୁନିଗୁଡା**

ସାଧାରଣତଃ ଭାରତବର୍ଷରେ ୧୨ମାସରେ ୧୩ ପର୍ବ ପାଳନ କରାଯାଏ । ତନ୍ମଧ୍ୟରୁ ରକ୍ଷାବନ୍ଧନ ହେଉଛି ଏକ ସ୍ୱତନ୍ତ୍ର ପର୍ବ । ଭଗବାନ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ତାଙ୍କର ବସ୍ତ୍ରହରଣ ସମୟରେ ବସ୍ତ୍ରଦାନ କରି ତାଙ୍କ ସମ୍ମାନ ରକ୍ଷା କରିଥିଲେ । ଏହି ଉଦାହରଣକୁ ମନେରଖି ପ୍ରତ୍ୟେକ ଭଉଣୀ ନିଜ ଭାଇମାନଙ୍କୁ ରକ୍ଷା ବନ୍ଧନ ଦିନ ରାଖୀ ବାନ୍ଧିଥାନ୍ତି । ମୋ ତରଫରୁ ସବୁ ଭାଇଭଉଣୀଙ୍କୁ ରକ୍ଷାବନ୍ଧନର ହାର୍ଦ୍ଦିକ ଅଭିନନ୍ଦନ ।
**ନଳିନୀ କଲାକା, ହାଟମୁନିଗୁଡ଼ା**

ରାଖୀ ଭିଜିଗଲା ଆଖି ଲୁହରେ, ସୁରକ୍ଷା ଦେଉଛି ଭାଇ ସୀମାରେ, ଅନେକ ଦିନରୁ କରିଛି ଅପେକ୍ଷା, ଭାଇ ତ କରୁଛି ଦେଶ ସୁରକ୍ଷା । ସତରେ ରାଖୀରେ ଲାଗି କର୍ତ୍ତବ୍ୟରତ ଭାଇ ପ୍ରତି ଭଉଣୀର ସ୍ନେହ, ପ୍ରେମ ଓ ଅଭିମାନ କେତେ ମହାନ୍ ।
**ଶିବାନୀ ହିକ୍କା, ହାଟମୁନିଗୁଡ଼ା**

ମମତା ରଜ୍ଜୁ ବାନ୍ଧିଦେଲି ଆଜି ମୋ ସୁନା ଭାଇର ହାତେ, ଯୁଗଯୁଗାନ୍ତର ସାଥୀ ହୋଇ ଦୁହେଁ ଚାଲୁଥିବା ନିଜ ପଥେ, ଶିଳାବନ୍ଧୁର ଏ ଦୁନିଆର ରାସ୍ତାରେ ଝୁଣ୍ଟି ପଡିଗଲେ ମୁହିଁ, ହାତ ଧରି ମୋତେ କୋଳେଇ ନେବୁରେ ଅଳିକରେ ସୁନା ମୁହିଁ । କାଳିଆ ପାଖରେ ପ୍ରଣତି ବାଡୁଛି ନିତି ତୋହରି ମଙ୍ଗଳ ପାଇଁ ।
**ଭୂମି, ରସୁଲଗଡ଼, ଭୁବନେଶ୍ୱର**

ଜଗାବଳିଆ ହାତରେ ରାଖୀ ବାନ୍ଧିବା ପାଇଁ ବସିଛି ସୁଭଦ୍ରା ମା' ବର୍ଷେ ହେଲା ଅନେଇ, ଆସିଛିରେ ଆସିଛି ରାଖୀ ପୁନେଇଁ ।
**ଖୁସି ଗୌଡ଼, ଥୁଆପୋଷି, ରାୟଗଡ଼ା**

Raksha means Protection, Bandhan means to tie the bracelet wishing brothers to reach the heights of success and the bond of brother and sister continue and grow together .
**Madhu Pattnaik, Nuakhairpali, Bargarh**

ଭାଇ ଭଉଣୀର ସେନେହ ଶରଧା ଯୁଗେ ଯୁଗେ ରହିଥାଉ, ସବୁ ଘରେ ଖୁସିର ଫୁଲ ଫୁଟିଥାଉ, ରାଖୀ ଏମିତି ଆସୁଥାଉ ଏମିତି ଆସୁଥାଉ ।
**ହରପ୍ରିୟା ଗୌଡ଼, ଧୁଆପାଡ଼ି, ରାୟଗଡ଼ା**

ଓଡ଼ିଶାରେ ବାରମାସରେ ତେର ପର୍ବ ପାଳିତ ହୁଏ । ଏଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ । ରାଖୀ ପୂର୍ଣ୍ଣିମାକୁ ରାଖୀ ବନ୍ଧନ ମଧ୍ୟ କୁହାଯାଏ । ଏହିଦିନ ବଳଭଦ୍ର ଜନ୍ମ ହୋଇଥିବାରୁ ଏହା ବଳଭଦ୍ର ଜନ୍ମ ବା ଗହ୍ମା ପୂର୍ଣ୍ଣିମା କୁହାଯାଏ । ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପଡେ । ଏହି ପର୍ବ ଓଡ଼ିଶା ସମେତ ସାରା ଭାରତରେ ପାଳନ କରି ଭାଇ ଭଉଣୀର ପବିତ୍ର ସମ୍ପର୍କର ଝଲକ ରାଖୀ ପୂର୍ଣ୍ଣିମାରୁ ମିଳିଥାଏ । ଭଉଣୀ ଭାଇର ମଥାରେ ତିଳକ ଲଗାଇ ଅରୁଆ ଚାଉଳ ଦୀପରେ ବନ୍ଦାପନାକରି ଭାଇର ହାତରେ ରାଖୀ ବାନ୍ଧିଥାଏ ତଥା ଭାଇର ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥାଏ ।
**ତନୁଜା କୁଶୁଲିଆ,ନୂଆଗାଁ , ବିଷମକଟକ**

ଭାରତବର୍ଷରେ ୧୨ ମାସରେ ତେର ପର୍ବ ପାଳନ କରାଯାଇଥାଏ । ସେଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ । ରକ୍ଷାବନ୍ଧନ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପଡୁଥିବାରୁ ଏହା ରାଖୀ ପୂର୍ଣ୍ଣିମା ନାମରେ ନାମିତ । କାରଣ ଏହିଦିନ ଭଗବାନ ବଳରାମ ଜନ୍ମ ହୋଇଛନ୍ତି । ଭଉଣୀମାନେ ଭାଇମାନଙ୍କ ହାତରେ ରାଖୀ ବାନ୍ଧିଥାନ୍ତି । ରାଖୀ ବନ୍ଧନ ବଦଳରେ ଭଉଣୀ ତା' ଭାଇଠାରୁ ସୁରକ୍ଷା କାମନା କରିଥାଏ । ରକ୍ଷାବନ୍ଧନ ଉତ୍ସବ ଏକ ପବିତ୍ର ଉତ୍ସବ । ଏହି ଉତ୍ସବରେ ସ୍ନେହ ଓ ସୌହାର୍ଦ୍ଦ୍ୟର ଉତ୍ସବ ।
**ଦୁଷିବ କଟିମ, ବିଷମକଟକ, ରାୟଗଡ଼ା**

ଓଡ଼ିଶାରେ ବାରମାସରେ ତେର ପର୍ବ । ଏଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ । ରାଖୀ ପୂର୍ଣ୍ଣିମାକୁ ରକ୍ଷାବନ୍ଧନ ମଧ୍ୟ କୁହାଯାଏ । ଏହିଦିନ ବଳଭଦ୍ର ଜନ୍ମ ହୋଇଥିବାରୁ ଏହାକୁ ବଳଭଦ୍ର ଜନ୍ମ ବା ଗହ୍ମାପୂର୍ଣ୍ଣିମା କୁହାଯାଏ । ଏହି ପର୍ବ ଓଡ଼ିଶା ସମେତ ଭାରତରେ ପାଳନ କରାଯାଏ । ଭାଇ ଭଉଣୀର ପବିତ୍ର ସମ୍ପର୍କର ଝଲକ ରାଖୀ ପୂର୍ଣ୍ଣିମାରୁ ମିଳିଥାଏ । ଭଉଣୀ ଭାଇର ମଥାରେ ତିଳକ ଲଗାଇ ଅରୁଆ ଚାଉଳ ଦୀପରେ ବନ୍ଦାପନା କରି ଭାଇର ହାତରେ ରାଖୀ ବାନ୍ଧିଥାଏ ତଥା ଭାଇର ଭବିଷ୍ୟତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥାଏ ।
**ରଞ୍ଜିତ ହିଆଲ, ନୂଆଗାଁ, ରାୟଗଡ଼ା**

ରକ୍ଷାବନ୍ଧନ ଇଏ ଭାଇ ଭଉଣୀର ସୁରକ୍ଷାର ବନ୍ଧନ, ଭାଇ ହାତେ ଭଉଣୀ ରାଖୀ ବାନ୍ଧି ଭାଇ ରକ୍ଷାକଲେ ଭଉଣୀ ଜୀବନ, ସୀମାରେ ଥିବା ସୈନିକ ଭାଇ ହାତେ ରାଖୀ ବଦଳରେ ଥାଏ ଷ୍ଟେନ୍‌ଗନ୍, ଭାରତରେ କୋଟି କୋଟି ଭଉଣୀଙ୍କୁ ସୁରକ୍ଷା ଦେଇଯାଏ ତାଙ୍କର ଜୀବନ ।
**ନିଶି ସ୍ୱପ୍ନା ବେହେରା, ଦହପଡା**

ଏହି ପର୍ବ ହେଉଛି ଏକ ବିଶିଷ୍ଟ ହିନ୍ଦୁ ପର୍ବ । ରାଖୀ ବାନ୍ଧିବା ପାଇଁ ରକ୍ତର ସମ୍ପର୍କ ଆବଶ୍ୟକ ନୁହେଁ ବରଂ ହୃଦୟର ତଥା ଆତ୍ମାର ସମ୍ପର୍କ ଆବଶ୍ୟକ । ବିଶ୍ୱ ରାଖୀ ପୂର୍ଣ୍ଣିମା ସଂସ୍କୃତରୁ ଉତ୍ପନ୍ନ ଯାହାର ଅର୍ଥ ହେଉଛି ସୁରକ୍ଷା ଏବଂ ଯତ୍ନର ବନ୍ଧନ । ଭାଇମାନେ ନିଜ ଭଉଣୀକୁ ଉପହାର ଆକାରରେ ନିଜର ପ୍ରେମ ବ୍ୟକ୍ତ କରନ୍ତି । ଭାଇମାନେ ସେହିଦିନ ସେମାନଙ୍କର ଭଉଣୀର ସୁରକ୍ଷା ଏବଂ ଯତ୍ନ ନେବା ପାଇଁ ଏକ ଶପଥ ନେଇଥିଲେ । ରାଖୀ ପୂର୍ଣ୍ଣିମା ପର୍ବ ଶ୍ରାବଣ ପୂର୍ଣ୍ଣିମା ଦିନ ପାଳନ କରାଯାଏ । ସୁରକ୍ଷା ବନ୍ଧନକୁ ରାଖୀ ପୂର୍ଣ୍ଣିମା କୁହାଯାଏ ।
**କୌଶଲ୍ୟା ମଲ୍ଲିକ୍, ଦୁର୍ଗାବଜାର, ଚୌଦ୍ୱାର**

ରାଖୀ ବା ରକ୍ଷୀସା ବନ୍ଧନ ଏକ ଭାରତୀୟ ପରମ୍ପରା । ରାଖୀ ବନ୍ଧନ ମାନେ ଭାଇ ଭଉଣୀଙ୍କୁ ଏକ ପବିତ୍ର ସମ୍ପର୍କକୁ ବୁଝାଏ । ର । ଖ 1 ଭ ଉ ଣ 1 ର ଏକ ରକ୍ଷାକବଚ । ଭଉଣୀ ରାଖୀଟିଏ ବାନ୍ଧି ଭାଇଠାରୁ ନିଜର ସୁରକ୍ଷା ଓ ସ୍ନେହ ବା ଆଶାକରିଥାଏ । ରାଖୀ ଭାଇ ଭଉଣୀର ଓ ସ୍ନେହର ପ୍ରତୀକ ।
**ମଣି ପିଡିକାକା,ନିର୍ଗୁଣ୍ଡି, ବିଷମକଟକ**



ରାଖୀ ବା ରକ୍ଷାବନ୍ଧନ ଏକ ଭାରତୀୟ ପରମ୍ପରା । ରାଖୀ ବନ୍ଧନ ମାନେ ଭାଇ ଭଉଣୀକୁ ଏକ ପବିତ୍ର ବା ଘନିଷ୍ଠ ସମ୍ପର୍କକୁ ବୁଝାଏ । ରାଖୀ ଭଉଣୀର ଏକ ରକ୍ଷାକବକ । ରାଖୀଟିଏ ବାନ୍ଧି ଭାଇଠାରୁ ନିଜର ସୁରକ୍ଷା ଓ ସ୍ନେହ ଆଶା କରିଥାଏ । ରାକ୍ଷୀ ଭାଇ ଭଉଣୀର ପବିତ୍ର ଓ ସ୍ନେହର ପ୍ରତୀକ । ତେଣୁ ମୁଁ ଭାରତୀୟ ଝିଅ ହୋଇଥିବାରୁ ଗର୍ବ ଅନୁଭବ କରେ ।
**ଚଞ୍ଚଳା ପିଡିକାକା, ନିର୍ଗୁଣ୍ଡି**

ରାଖୀ ବା ରକ୍ଷାବନ୍ଧନ ଏକ ଭାରତୀୟ ପରମ୍ପରା । ଭାରତୀୟଙ୍କ ବ୍ୟତୀତ ଅନ୍ୟ କୌଣସି ଦେଶରେ ଏହା ପ୍ରଚଳିତ ନୁହେଁ । ରକ୍ଷା ବନ୍ଧନ ମାନେ ଭାଇଭଉଣୀର ପବିତ୍ର ବା ଘନିଷ୍ଠ ସମ୍ପର୍କକୁ ବୁଝାଏ । ରାଖୀ ଭଉଣୀର ଏକ ରକ୍ଷାକବଚ । ଭଉଣୀ ରାଖୀଟିଏ ବାନ୍ଧି ଭାଇଠାରୁ ନିଜର ସୁରକ୍ଷା ଓ ସ୍ନେହ ଆଦର ପାଇଥାଏ ।
**ବନ୍ଧୁ ମହାନ୍ତି, କୁର୍ମୁଲିଆ, ନିର୍ଗୁଣ୍ଡି**

ରାଖୀ ବା ରକ୍‌ସା ବନ୍ଧନ ଏକ ଭାରତୀୟ ପରମ୍ପରା । ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶରେ ପ୍ରଚଳିତ ନୁହେଁ । ରକ୍‌ସା ବନ୍ଧନ ମାନେ ଭାଇ ଭଉଣୀଙ୍କର ପବିତ୍ର ବା ଘନିଷ୍ଠ ସମ୍ପର୍କକୁ ବୁଝାଏ । ରାଖୀ ଭଉଣୀର ଏକ ରକ୍ଷାକବଚ । ଭଉଣୀ ରାଖୀଟିଏ ବାନ୍ଧିଥାଏ ଭାଇଠାରୁ ନିଜର ସୁରକ୍ଷ ଓ ସ୍ନେହ ଚାହିଁଥାଏ ।
**ଶିବ ହିକ୍କା, ହିକିରି**

ରକ୍ଷାବନ୍ଧନ ଏକ ଭାରତୀୟ ପରମ୍ପରା । ଏହା ପବିତ୍ର ବନ୍ଧନର ଘନିଷ୍ଠ ସମ୍ପର୍କକୁ ବୁଝାଏ । ରାଖୀ ଭଉଣୀର ଏକ ରକ୍ଷାକବଚ । ଭଉଣୀ ରାଖୀଟିଏ ବାନ୍ଧିଥାଏ ଭାଇଠାରୁ ନିଜର ସୁରକ୍ଷା ଓ ସ୍ନେହ ଚାହିଁଥାଏ ।
**ଆଦ୍ୟାଶା ମହାକୁଡ଼, ଝିଗିଡ଼ି**

ରାଖୀ ବା ରକ୍ଷା ବନ୍ଧନ ଏକ ଭାରତୀୟ ପରମ୍ପରା । ଅଟେ ଭାରତୀୟଙ୍କ ବ୍ୟତୀତ ଅନ୍ୟ କୌଣସି ଦେଶରେ ଏହା ପ୍ରଚଳିତ ନୁହେଁ । ରକ୍ଷା ବନ୍ଧନମାନେ ଭାଇଭଉଣୀର ପବିତ୍ର ବା ଘନିଷ୍ଠ ସମ୍ପର୍କକୁ ବୁଝାଏ । ରାଖୀ ଭଉଣୀର ଏକ ରକ୍ଷା କବଚ । ଭଉଣୀ ରାକ୍ଷୀଟିଏ ବାନ୍ଧି ଭାଇଠାରୁ ନିଜର ସୁରକ୍ଷା ଓ ସ୍ନେହ ଆଦର ପାଇଥାଏ ।
**ରଞ୍ଜନ ଟାକ୍ରି, ନିର୍ଗୁଣ୍ଡି**

ରାଖୀ ବା ରକ୍ଷାବନ୍ଧନ ଏକ ଭାରତୀୟ ପରମ୍ପରା । ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶରେ ଏହା ପ୍ରଚଳିତ ନୁହେଁ । ରକ୍ଷା ବନ୍ଧନମାନେ ଭାଇଭଉଣୀର ପବିତ୍ର ସ୍ନେହର ପ୍ରତୀକ ।
**ବିଭୁ ବେହେରା,ଝିଗିଡ଼ି**

ରାଖୀ ବା ରକ୍ଷାବନ୍ଧନ ଏକ ଭାରତୀୟ ପରମ୍ପରା । ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶରେ ଏହା ପ୍ରଚଳିତ ନୁହେଁ । ରକ୍ଷା ବନ୍ଧନ ମାନେ ଭାଇଭଉଣୀର ପବିତ୍ର ସ୍ନେହର ପ୍ରତୀକ । ଭଉଣୀ ଭାଇକୁ ରାଖୀ ବାନ୍ଧି ନିଜର ସୁରକ୍ଷା ଚାହେଁ । ସେ ଦିନ ଭାଇ ଭଉଣୀକୁ ଗିଫ୍ଟ ଦିଏ । ଜନ୍ମ ଜନ୍ମର ।
**ଗଣେଶ ଭୋଗୀ, ଝିଗିଡ଼ି**

ରାଖୀ ବା ରକ୍ଷା ବନ୍ଧନ । ରକ୍ଷା ବନ୍ଧନମାନେ ଭଉଣୀଙ୍କ ଏହି ପବିତ୍ର ବା ଘନିଷ୍ଠ ସମ୍ପର୍କକୁ ବୁଝାଏ । ରାକ୍ଷୀ ଭଉଣୀର ଏକ ରକ୍ଷା କବଚ । ଭଉଣୀ ରାଖୀ ବାନ୍ଧି ଭାଇଠାରୁ ନିଜର ସୁରକ୍ଷା ଚାହେଁ । ତେଣୁ ଭାରତୀୟ ପୁଅ ହୋଇଥିବାରୁ ମୁଁ ନିଜକୁ ଗର୍ବିତ ମନେକରେ ।
**ରାଜା ଉର୍ଲାକା, ଝିଗିଡି**

ଓଡ଼ିଶାରେ ବାରମାସରେ ତେର ପର୍ବ ପାଳିତ ହୁଏ । ଏଥିମଧ୍ୟରୁ ରକ୍ଷାବନ୍ଧନ ବା ରାଖୀ ପୂର୍ଣ୍ଣିମା ଅନ୍ୟତମ । ଏହି ଉ ତ୍ସ ବ ଟି ଗ ହ୍ମ । ପୂର୍ଣ୍ଣିମା ଅ ବ ସ ର ରେ ଅତି ଆନନ୍ଦ ଓ ଉତ୍ସାହ ସହକାରେ ପାଳିତ ହୋଇଥାଏ । ଏହା ଶ୍ରାବଣମାସ ପୂର୍ଣ୍ଣିମା ତୀଥରେ ପଡୁଥିବାରୁ ଏହାକୁ ଶ୍ରାବଣ ପୂର୍ଣ୍ଣିମା ମଧ କୁହାଯାଏ । ଏହିଦିନ ଭଉଣୀ ଭାଇର କପାଳରେ ଚନ୍ଦନ ସିନ୍ଦୂର ଲଗାଇ ମଣିବନ୍ଧନରେ ରାଖୀ ବାନ୍ଧେ । ସ୍ନେହରେ ମିଠା ଖୁଆଇଥାଏ ।
**ଦିଲୀପ କୁମାର ପାତ୍ର,ରାୟଗଡ଼ା, ବିଷମ କଟକ**

ସ୍ନେହର ମୋହର ଗେହ୍ଲା ଭଉଣୀ ଲୋ ରାଖୀକୁ ଅଭିନନ୍ଦନ, ଦୂରରେ ଥିଲେ ବି ପାଖରେ ଅଛି ମୁଁ ଆସୁ ଯେତେ ବାଧା ବିଘ୍ନ । ମନେରଖିଥିବୁ ଭାଇକୁ ତୋହର କରିବୁନି କେବେ ପର, ରାଖୀ ପୂର୍ଣ୍ଣିମାରେ ନ ଥିଲେ ବି ପାଖେ ହୃଦ ପରେ ଅଛି ତୋର ।
**ମନୋଜ କୁମାର ବେହେରା, ଜେକେପୁର, ରାୟଗଡ଼ା**

ରାଖୀ ପଠେଇଲି ଡାକରେ, ସୁଦୂରରେ ଥିବା ରାଖୀ ଭାଇ ମୋର, ବାନ୍ଧିଦେବ ତୁମ ହାତରେ, ସେନେହ ଦେଲି ମୁଁ ରାଖୀରେ, ସଭିଙ୍କୁ ସେନେହ ବାଣ୍ଟିଦେବ ଭାଇ, ଅକୁଣ୍ଠିତ ଭରା ଅନ୍ତରେ, ମମତା ଦେଲି ମୁଁ ରାଖୀରେ, ତୁମରି ମମତା ସଦା ରହିଥାଉ, ଲାଗିଥାଉ ଜନହିତରେ, ଶୁଭ ମନାସିଲି ରାଖୀରେ, ଭଲ କାମ କରି ଯଶସ୍ୱୀ ହୁଅ, ଏହି କଥା ମନେ ଭାଜରେ ।
**ସୁସ୍ମିତା ପାଠୀ, ଶ୍ରୀକ୍ଷେତ୍ର କଲୋନୀ, ପୁରୀ**

ଭାଇ ଭଉଣୀର ଅନାବିଳ ସ୍ନେହର ସାକ୍ଷୀ ଏଇ ରାଖୀ । ଭଉଣୀର ସମ୍ମାନ ଓ ରକ୍ଷା କବଚର ପ୍ରତୀକ ଏଇ ରାଖୀ, ଶ୍ରାବଣ ପୂର୍ଣ୍ଣିମାରେ ଭାଇ ପାଇଁ ପୂର୍ଣ୍ଣ ଆୟୁର ଏଇ ରାଖୀ । ଭାଇ ଭଉଣୀର ପବିତ୍ର ବନ୍ଧନର ମହାନ୍ ପର୍ବ ଏଇ ରାଖୀ ।
**ସଙ୍ଗୀତା ପଣ୍ଡା, ସୁଭାଷନଗର,ବରଗଡ଼**

ରାଖୀ ପୂର୍ଣ୍ଣିମାରେ ଭାଇ ନାହିଁ ସାଥେ ଆଖିରୁ ଝରୁଛି ଲୁହ, ସବୁ ବରଷର ପାଖରେ ଥିଲା ମୋ ଆଜି ନାହିଁ କାହିଁ କହ ? ରାଖୀ ପୂର୍ଣ୍ଣିମାରେ ଅଭିନନ୍ଦନ ଖୋଜୁଛି ଭଉଣୀ ତୋର– ଯେଉଁଠି ଥିଲେ ବି ରାଖୀ ପଠାଉଛି ପିନ୍ଧିବୁ ରାଖୀକୁ ମୋର ।
**ଶ୍ରୀରଞ୍ଜନୀ ବେହେରା, ଜେକେପୁର**

ରକ୍ଷାବନ୍ଧନ ପ୍ରତିବର୍ଷ ପାଳନ କରାଯାଏ । ଏହା କେତେ ତାରିଖରେ ପାଳନ କରାଯାଇଥିଲା ତାହା ସ୍ପଷ୍ଟ ଜଣାପଡୁନି, କିନ୍ତୁ ପୁରାଣରେ ରାଖୀ ଖାଲି ଭାଇଙ୍କୁ ବନ୍ଧାଯାଇଥାଏ । ଯେକୌଣସି ବ୍ୟକ୍ତି ଆଦର କରେ, ଭଲ ଲାଗେ ଓ ସୁରକ୍ଷା ନିମନ୍ତେ ସଚେତନ ଓ ସାହସ ଯୋଗାଏ ତାକୁ ହିଁ ରାଖୀ ବନ୍ଧାଯାଏ । ଇନ୍ଦ୍ରଙ୍କ ପତ୍ନୀ ସଚୀ ପ୍ରଥମେ ତାଙ୍କୁ ରକ୍ଷାସୂତ୍ର ବାନ୍ଧିଥିଲେ । ତେଣୁ ସେ ଯୁଦ୍ଧରେ ରାକ୍ଷସଙ୍କୁ ହରାଇ ସ୍ୱର୍ଗକୁ ରକ୍ଷା କରିଥିଲେ ।
**ମହେନ୍ଦ୍ର ହିକ୍କା, ସାନଧାଣ୍ଡରା,ରାୟଗଡା**

ରକ୍ଷା ବନ୍ଧନ ହେଉଛି ଭ୍ରାତୃ ଭଗିନୀ ବିଶିଷ୍ଟ ଏକ ମୁଖ୍ୟ ପର୍ବ । ଶ୍ରାବଣମାସ ପୂର୍ଣ୍ଣିମା ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏପର୍ବ ହେଉଛି ଏକ ବିଶିଷ୍ଟ ହିନ୍ଦୁ ପର୍ବ । ଭଉଣୀମାନେ ସୁରକ୍ଷା ବନ୍ଧନରେ ସୁରକ୍ଷିତ ରଖିବା ପାଇଁ ଭାଇମାନଙ୍କୁ ରାଖୀ ବାନ୍ଧିଥାନ୍ତି । ରାଖୀ ବାନ୍ଧିବା ପାଇଁ ରକ୍ତର ସମ୍ପର୍କ ନୁହେଁ ବରଂ ହୃଦୟର ତଥା ଆତ୍ମାର ସମ୍ପର୍କ ଆବଶ୍ୟକ । ସମସ୍ତ ଭାଇ ଭଉଣୀ ନିଜ ନିଜ ମଧ୍ୟରେ ରାଖୀ ବାନ୍ଧି ମିଷ୍ଟାନ୍ନ ଖାଇ ଓ ଖୁଆଇ ସମ୍ପର୍କ ସ୍ଥାପନ କରିଥାନ୍ତି ।
**ଲିଜା ବେହେରା, ଓଟିଏମ୍ , ଦୁର୍ଗାବଜାର, ଚୌଦ୍ୱାର**

ସେନେହ ସୂତାରେ ମମତାର ମାଳି, ଦେଇଛି ବାନ୍ଧି ମୁଁ ହାତରେ ତୋର, ମନେରଖିଥିବୁ ଭୁଲି ନ ଯିବୁ, ରେଶମୀ ଡୋରକୁ ନ କରି ପର ।
**ତପସ୍ୱିନୀ ଗଜେନ୍ଦ୍ର, ତେଲେନପାଲି, ଝାରସୁଗୁଡ଼ା**

Happy Rakya Bandhan, Dear Sister, I will always tease you the most because I love you the most. Being around you is always fun and there is no dull moment with you. Stay blessed and keep smiling always.
**Umasankar Mishra,Puri**

ପ୍ରତ୍ୟେକ ଭାଇ ଭଉଣୀର ସ୍ନେହର ଅତୁଟ ସମ୍ପର୍କର ସାକ୍ଷୀ ହେଉଛି ରାଖୀ । ପ୍ରତି ଓଡ଼ିଆଣୀର ଦୁର୍ବଳତା ହେଉଛି ରାଖୀ । ଏହା ଏକ ମଜଭୁତ ଗଣ୍ଠି ଯାହା କେବେ ଫିଟେ ନାହିଁ । ସମସ୍ତଙ୍କୁ ହୃଦୟରୁ ବାନ୍ଧି ରଖେ । ତେଣୁ ମୋ ତରଫରୁ ଏହି ରାଖୀ ପୂର୍ଣ୍ଣିମା ଉପଲକ୍ଷେ ଶୁଭେଚ୍ଛା ଓ ଶୁଭ କାମନା ।
**ସଦାଶିବ ମହାରଣା, ବଙ୍କସାହି, ଭଦ୍ରକ**

ମା' ଦୁର୍ଗାଙ୍କଠାରେ ଭକ୍ତଟିଏ ନିଜ ପରିବାରର ସୁରକ୍ଷା କାମନା କରି ଡୋରି ବାନ୍ଧିଥାଏ । ସେହିପରି ଭଉଣୀଟିଏ ଭାଇ ନିକଟରେ ନିଜର ସୁରକ୍ଷା କାମନା କରି ଡୋରି ସ୍ୱରୂପ ରାଖୀ ବାନ୍ଧିଥାଏ । ତେଣୁ ଏହି ଦିବସ ଉପଲକ୍ଷେ ମୋର ସମସ୍ତ ଭାଇ ଭଉଣୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
**ଶଙ୍କର କୁମାର ଦେ, ଲାହାପଟି, ଭଦ୍ରକ**

ରେଶମୀ ଡୋରରେ ରାଖୀର ବନ୍ଧନ ବାନ୍ଧି ହୋଇଗଲେ ଥରେ, ସାରା ଜୀବନରେ ଭାଇ ଭଉଣୀର ସମ୍ପର୍କ ସୁଦୃଢ଼ କରେ । ରଙ୍ଗବେରଙ୍ଗର ରାଖୀ ରୂପରେଖ, ସଭିଙ୍କୁ ଆକୃଷ୍ଟ କରେ, ଭଳି ଭଳି କେତେ ରାଖୀ ଫୁଲ ପରି ସବୁରି ମନକୁ ହରେ ।
**କିରଣ କୁମାର ବିଶି, ତେଲେନପାଲି, ଝାରସୁଗୁଡ଼ା**

ଭାଇ ଭଉଣୀର ସମ୍ପର୍କ ନିଆରା, ବାନ୍ଧଇ ସମ୍ପର୍କ ଡୋରେ, ରାଖୀ ରହିଯାଏ ସାଖୀ ହୋଇ ତାର, ସେନେହ ମମତା ଝରେ । ରାଖୀର ପାଉଣା ବାକି ରହିଯାଏ, ଭଗିନୀ ଯାଏ ଶାଶୁଘରେ, ବିପଦେ ଆପଦେ ଭଉଣୀର ଡାକେ ଭାଇ ଧାଇଁଯାଏ ଖରେ ।
**ବିକାଶ ଗଜେନ୍ଦ୍ର, ବେହେରାମାଲ, ଝାରସୁଗୁଡ଼ା**

ରକ୍ଷାବନ୍ଧନ ଏମିତି ଏକ ପରମ୍ପରା ଯିଏ ଯେଉଁଠି ଥିଲେ ମଧ୍ୟ ସୂତା ଖଣ୍ଡିଏ ଭଉଣୀ ତାର ଭାଇ ପାଇଁ ଖୁବ୍ ସରାଗ ସହିତ ପଠାଇଥାଏ । ଭଉଣୀକୁ ଜୀବନସାରା ସୁରକ୍ଷା ଦେବା ନିମନ୍ତେ ଏହା ଅତୁଟ ରକ୍ଷାବନ୍ଧନ ବା ରକ୍ଷାକବଚ । ପ୍ରେମ , ପ୍ରୀତି ଓ ସରାଗର ସେତୁ ଏହି ରକ୍ଷାବନ୍ଧନର ବିଶେଷତ୍ୱ ।
**ସୋନୋମ ଜହୋଲି ଖିଲାର, କଲ୍ୟାଣୀନଗର**

ଓଡ଼ିଶାର ଏକ ବଡ଼ ପର୍ବ ରାଖୀ ପୂର୍ଣ୍ଣିମା । ଭାଇ ଓ ଭଉଣୀର ସ୍ନେହ ଓ ଭଲପାଇବା ସହ ନିବିଡ ସମ୍ପର୍କ ସେତୁକୁ ବୁଝାଇଥାଏ । ଭଉଣୀକୁ ରକ୍ଷା କରିବା ନିମନ୍ତେ ଭାଇ ତା'ର ଦାମ ଦେଇଥାଏ ସୁରକ୍ଷା ଉପରେ । ଭଗବାନ ବଳରାମଙ୍କର ଜନ୍ମ ଦିବସ ସହିତ ଗହ୍ମାପୂର୍ଣ୍ଣିମା ଏହି ଦିନରେ ପାଳନ କରାଯାଇଥାଏ ।
**ଚୈତାଳି ଖିଲାର, ସାମୁରାଇ(କଲ୍ୟାଣୀନଗର), ଭଦ୍ରକ**

ବିଭିନ୍ନ ପର୍ବର ବିଭିନ୍ନ ମହତ୍ତ୍ୱ ତଥା ବାର୍ତ୍ତା ସମାଜ ପାଇଁ ବହନ କରିଥାଏ । ଯେପରିକି ଏହି ରାଖୀ ପୁନେଇ ପର୍ବ ଭାଇ ଭଉଣୀ ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ, ଅନାବିଳ ପ୍ରେମ ବନ୍ଧନର ବାର୍ତ୍ତା ନେଇଆସେ । ଭଉଣୀଟି ଭାଇର ସୁସ୍ଥ ନିରାମୟ ଜୀବନ କାମନା କରି ରାଖୀ ବାନ୍ଧିଥାଏ । ଭାଇ ମଧ୍ୟ ଭଉଣୀର ସୁଖ ଦୁଃଖରେ ଭାଗୀ ହୋଇ ଭଉଣୀକୁ ସୁରକ୍ଷା ବଳୟରେ ରଖିଥାଏ । ଏହି ତ ଆମର ସମୃଦ୍ଧ ସଂସ୍କୃତି ତଥା ପରମ୍ପରାର ପରିଚୟ । ସମୃଦ୍ଧ ସଂସ୍କୃତି ସମୃଦ୍ଧି ଦେଶ ।
**ପୀତବାସ ତ୍ରିପାଠୀ, ବାଘମାରୀ,ଖୋର୍ଦ୍ଧା**

ସୂତା ନୁହେଁ ଏ ତ ଅମୂଲ୍ୟ ରତନ, ଭାଇ ଭଉଣୀଙ୍କ ଏ ତ ପବିତ୍ର ବନ୍ଧନ । ରକ୍ଷା କରିବାର ପ୍ରତିଶ୍ରୁତି ଦିଏ, ଉପହାର ଦେଇ ପ୍ରତିଜ୍ଞା ଲିଭାଏ । ଉପହାର ବଡ଼ ନୁହେଁ ସେ ଭଉଣୀ ପାଇଁ, ପ୍ରାର୍ଥନା କରେ ସେ ନିଜ ଭାଇ ଖୁସି ପାଇଁ । ସବୁ ପୂର୍ଣ୍ଣ ହେଉ ମୋ ଭାଇର ଇଚ୍ଛା, ରାଖୀ ପୂର୍ଣ୍ଣିମାର ଅନେକ ଅନେକ ଶୁଭେଚ୍ଛା ।
**ବର୍ଷା ପ୍ରଧାନ, ଖଇରପାଲି, ବରଗଡ଼**

ରାଖୀ ତୋର ଆଜି ରହିଲା ସାକ୍ଷୀ, ତୋ ପାଇଁ ଜୀବନ ହେବ ସୁରଖ୍ୟା ସବୁ ଖୁସି ତୋର କିଣିପାରିବି । ଲୋଡ଼ାହେଲେ ନିଜକୁ ବିକି ଦେବି । ହୋଇ ରହିଥିବୁ କେତେ ତୁ ସୁଖୀ, ରାଖୀ ତୋର ଆଜି ରହିଲା ସାକ୍ଷୀ । ତୋ ପାଇଁ ଜୀବନ ଦେବି ମୁଁ ରଖି ।
**ରାଧାମଣି ପାତ୍ର, ଗୋପାଳପୁର,ବାଲେଶ୍ୱର**

Rakhi is the combination of fie words.R:–Rock strong relationship. A:Acceptance all along, K:Kindness to the core. H: Heart-warming presence. I:Idealistic relationship.
**Guru Prasad Sahoo, Rajabazar, Jatni**

Raksha Bandhan is an auspicious festival that celebrates the beautiful bond of brothers and sisters. Raksha means protection and Bandhan means bond. It is a pledge taken by the brothers to protect and safeguard their sister in all stage of life. A Rakhi is tied by the sister's on her brother's wrist to ask her for his lifelong and support. The festival of Raksha Bandhan symblizes the barriers of caste, creed and religion.
**Subham Behera, Bagalpur, Cuttack**

ଶୁଭ ରକ୍ଷାବନ୍ଧନ ମୋ ଭାଇ । ଏହି ରକ୍ଷା ବନ୍ଧନରେ ମୁଁ ତୁମକୁ ପ୍ରତିଶ୍ରୁତି ଦେଉଛି ଯେ, ତୁମକୁ ଥଟ୍ଟା କରିବାକୁ କେବେବି ଛାଡିବି ନାହିଁ କିନ୍ତୁ ଯେତେବେଳେ ବି ତୁମେ ମୋତେ କଷ୍ଟ ସମୟରେ ଆବଶ୍ୟକ କରିବ ମୁଁ ତୁମକୁ ସୁରକ୍ଷା ଏବଂ ସମର୍ଥନ କରିବା ପାଇଁ ସଦାସର୍ବଦା ତୁମ ପାଖରେ ଥିବି ।
**ଟିଂକି ମେହେର, ଚିଟୈଗୁଡ଼ା,କଳାହାଣ୍ଡି**

ମୋର ପ୍ରିୟ ଭାଇ ମୁଁ ଜାଣେ , ମୁଁ ତୁମ ସହିତ ବହୁତ ଯୁଦ୍ଧକରେ, କିନ୍ତୁ ଆଜି ରାଧା ବୃନ୍ଦାବନଙ୍କ ଏକ ଶୁଭ ଅବସରରେ ମୁଁ କେବଳ ଆପଣଙ୍କୁ କହିବାକୁ ଚାହେଁ ଯେ, ତୁମେ ମୋର ଦୁନିଆ ଏବଂ ତୁମର ଭଉଣୀ ହେବା ମୋ ପାଇଁ ଗୌରବର ବିଷୟ ।
**ଗିରିସୂତା ମେହେର,ଚିଟୈଗୁଡ଼ା, କଳାହାଣ୍ଡି**

ଭଗବାନ ସମଗ୍ର ଜଗତର ଯତ୍ନ ନେଇ ପାରି ନ ଥିଲେ, କିନ୍ତୁ ସେ ପ୍ରତ୍ୟେକ ପରିବାରକୁ ମାତା ଦେଇଛନ୍ତି । ସେହିଭଳି ମା' ଆମ ଜୀବନର ସମଗ୍ର ଅଙ୍ଗର ଯତ୍ନ ନେଇ ପାରି ନ ଥିଲେ, କିନ୍ତୁ ସେ ଭାଇମାନଙ୍କୁ ଦେଇଥିଲେ, ମୋର ଭାଇ ହୋଇଥିବାରୁ ଧନ୍ୟବାଦ ।
**ଆୟୁଷୀ ମେହେର, ଚିଟୈଗୁଡ଼ା, କଳାହାଣ୍ଡି**

ଦୁଇ ଭାଇ କେତେ ସ୍ନେହ ଅଜାଡୁଛ ଅଲିଅଳି ଭଉଣୀକୁ, ରାଖୀ ପୁନିଅରେ ଭଉଣୀ ବାନ୍ଧୁଛି 'ବାସୁଙ୍ଗା' ପାଟସୂତା ଦୁଇଭାଇଙ୍କୁ । ଦୁହିଁଙ୍କ ପାଇଁ ନାଲି ନୀଳ ପୀତ ବନାଉଛି ରକ୍ଷାସୂତ୍ର । ଶିଖାଉଛ ତୁମେ ଜଗତଜନକୁ ଭାଇ ଭଉଣୀ ମହତ୍ତ୍ୱ ।
**ଡ. ଶୁଭ୍ରମିତା ପଣ୍ଡା, ଅରୁମ୍ବକମ୍, ଚେନ୍ନାଇ**

ଏକ ଶାଶ୍ୱତ, ନିଃସ୍ୱାର୍ଥପର, ଅନାବିଳ ସ୍ନେହର ପ୍ରତୀକ ରକ୍ଷାବନ୍ଧନ । ଅଲିଅଳି ଭଉଣୀଟିଏ ଆଦର, ଶ୍ରଦ୍ଧା ଓ ଭଲ ପାଇବା ପୂର୍ବକ ନିଜର ସବୁ ଆସ୍ଥା ଓ ବିଶ୍ୱାସକୁ ଏକତ୍ର କରି ଭାଇ ହାତରେ ବାନ୍ଧି ଦେଇଥାଏ ରେଶମୀ ସୂତା ରୂପୀ ରକ୍ଷାକବଚ । ଏହାର ପ୍ରତି ବଦଳରେ ଭାଇଟିଏ ସ୍ନେହଭରା ଉପହାର ତାକୁ ଏହି ପ୍ରତିଶ୍ରୁତି ଦିଏ ଯେ, ଜୀବନରେ ପ୍ରତ୍ୟେକ ପରିସ୍ଥିତିରେ ତାର ଭାଇ ତା' ସହ ପାଦେ ପାଦେ ଛାଇ ଭଳି ଅଛି ।
**ସୋନାଲି ବେହେରା, Unit–2, BBSR**

ସକାଳୁ ସଞ୍ଜ ଆସୁଛି ନଇ, କେତେ ସରାଗେ ଜଗିଛି ଭାଇ । ପିନ୍ଧାଇବି ରାଖୀ ରେଶମ ଡୋରି, ଆମ ସେନେହ କେବେ ତୁଟିବ ନାହିଁ ମୋ ସୁନା ଭାଇ ।
**ରିନି ମେହେର,ଚିଟୈଗୁଡ଼ା, କୁନାଗଡ**

ଦୁନିଆରେ ଥିବା ସବୁ ସମ୍ପର୍କଠାରୁ ନିଆରା ଭାଇ ଭଉଣୀ ସମ୍ପର୍କ । ଏହି ସମ୍ପର୍କର ସାକ୍ଷୀ ରୂପେ ରାଖୀ ପୂର୍ଣ୍ଣିମା ପାଳନ କରାଯାଏ , ଯାହା ଭାରତୀୟ ସଂସ୍କୃତିର ପରମ୍ପରା, ବୈଶିଷ୍ଟ୍ୟ ତଥା ମହାନତାର ଏକ ଅଗ୍ରଣୀ ବାର୍ତ୍ତାବହ ଭାବରେ ଚିର ପରିଚିତ, ହେଉଛି ପବିତ୍ର ରାଖୀପୂର୍ଣ୍ଣିମା । ରାଖୀ ହେଉଛି ଦୁଇ ଭାଇ ଓ ଭଉଣୀ ମଧ୍ୟରେ ଅନାବିଳ ସ୍ନେହର ପ୍ରତୀକ ।
**ଶକ୍ତି ପୂଜାରିଣୀ ଦାଶ, ପାଟେଣୀଗାଁ, ଜଗତସିଂହପୁର**

ରାଖୀ ପୂର୍ଣ୍ଣିମା ଏକ ପବିତ୍ର ଦିବସ । ପୁରାଣରେ ଅଛି ଯୁଦ୍ଧରେ ଶ୍ରୀକୃଷ୍ଣଙ୍କ ହାତରୁ ରକ୍ତ ସ୍ରାବ ହେଉଥିଲା । ଏହା ଦେଖି ଦ୍ରୌପଦୀ ତାଙ୍କ ବସ୍ତ୍ରରୁ ଖଣ୍ଡିଏ କନା ଚିରି ଶ୍ରୀକୃଷ୍ଣଙ୍କ ହାତରେ ବାନ୍ଧିଥିଲେ । ଏହିଦିନଠୁ ପ୍ରତ୍ୟେକ ଭଉଣୀ ତାଙ୍କ ଭାଇକୁ ରାଖୀ ବାନ୍ଧନ୍ତି ଓ ଭାଇମାନେ ଉପହାର ଦେଇ ସୁରକ୍ଷା କରିବୁ ବୋଲି ଶପଥ ନିଅନ୍ତି ।

**ରମାକାନ୍ତ ବେରଦଲେଇ, ବିଷମକଟକ, ରାୟଗଡ଼ା**

ସେନେହ ସୂତାର ମମତାର ଡୋର, ଦେଉଛି ବାନ୍ଧି ମୁଁ ହାତରେ ତୋର । ମନେ ରଖିଥିବୁ ଭୁଲି ନ ଯିବୁ, ରେଶମୀ ଡୋରକୁ ନ କରି ପର । ରେଶମୀ ଡୋରରେ ଦୁଇଟି ମନ, ଭାଇ ଭଉଣୀର ନିଆରା ବନ୍ଧନ । ବାନ୍ଧିରଖିଥାଏ ସାରା ଜୀବନ ।

**ଦୀପ୍ତିରେଖା ଦାଶ, ଚର୍ଚ୍ଚିକାବଜାର, ଜଗତ୍‌ସିଂହପୁର**

This is not only a bond of love and together but it's a thread that binds our lives and our hearts and a promise that someone is always there for you no matter what .

**Somit Kumar Rout, Buxibazar, Cuttack**

No matter the distances between us, my Rakhi will always reach on time, to be tied on the wrist of my loving brother with the heart warming wishes of joy and happiness to illuminate your life.

**Jayashree Nayak, Cuttack**

ଏହି ପର୍ବ ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପାଳନ କରାଯାଏ । ରାଖୀ କେବଳ ଏକ ରେଶମ ସୂତା ତାହା ନୁହେଁ ,ଏହା ଉଭୟ ଭାଇ ଓ ଭଉଣୀଙ୍କ ମଧ୍ୟରେ ଥିବା ନିବିଡ ସମ୍ପର୍କ । ପ୍ରେମ ଓ ଶ୍ରଦ୍ଧାକୁ ଦର୍ଶାଇଥାଏ । ରାଖୀକୁ ଶକ୍ତି ,ବିଶ୍ୱାସ ଓ ବିଜୟର ପ୍ରତୀକ ବୋଲି କୁହାଯାଏ । ରକ୍ଷାବନ୍ଧନ ପର୍ବ ଭାରତର ସଂସ୍କୃତି ଏବଂ ପରମ୍ପରାର ଏକ ପ୍ରତୀକ ।

**Sikharani Mishra, Rama-takies**

ରାଖୀ ପୂର୍ଣ୍ଣିମାରେ ଆଜିକାଲି ଭାଇମାନେ କେବଳ ନିଜ ଭଉଣୀର ରକ୍ଷା କରନ୍ତି, କିନ୍ତୁ ଏହା ଉଚିତ ନୁହେଁ । ଯିଏ ରାଖୀ ବାନ୍ଧି ନ ଥାଏ ସିଏ ବି ଭଉଣୀ । ତା'ର ବି ରକ୍ଷା ଆମର କର୍ତ୍ତବ୍ୟ । ତେଣୁ ଅସୁବିଧା ସମୟରେ ଭାଇ ହେଉ କିମ୍ବା ଭଉଣୀ ନିଜର ହେଉ ବା ପର ସମସ୍ତଙ୍କୁ ରକ୍ଷା କରି ଖୁସି ବାଣ୍ଟିବା ହେଉଛି ଭାରତୀୟ ପରମ୍ପରା ।

**ରୁବି ପରବିନ୍, ସୂତାହାଟ, ବାବୁଗଳି**

ରାଖୀ ଭିଜିଗଲା ଆଖି ଲୁହରେ, ସୁରକ୍ଷା ଦେଉଛି ଭାଇ ସୀମାରେ, ଅନେକ ଦିନର ଥିଲା ଅପେକ୍ଷା, ଭାଇ କରୁଛି ଦେଶ ସୁରକ୍ଷା, ତୁ ପରା ଆମର କୁଳ ନନ୍ଦନ, ରାଖୀ ପୂର୍ଣ୍ଣିମାକୁ ଅଭିନନ୍ଦନ ।

**ଜୟଶ୍ରୀ ମିଶ୍ର, ରାୟଗଡ଼ା**

ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ଯୁଦ୍ଧ ସମୟରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ହସ୍ତକମଳରୁ ରକ୍ତ ଝରୁଥିଲା । ଏହା ଦେଖି ଦ୍ରୌପଦୀଙ୍କ ମନ ବ୍ୟଥିତ ହୋଇଉଠିଲା, ସେ ନିଜର ବସ୍ତ୍ରରୁ ଖଣ୍ଡିଏ କନା ଚିରି ଶ୍ରୀକୃଷ୍ଣଙ୍କ ହାତରେ ବାନ୍ଧିଦେଇଥିଲେ । ଏବଂ ରକ୍ତସ୍ରୋତ ବନ୍ଦ ହୋଇଥିଲା । ପରିଣାମ ସ୍ୱରୂପ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟରେ ବସ୍ତ୍ରଦାନ କରି ଦ୍ରୌପଦୀଙ୍କ ରକ୍ଷା କରିଥିଲେ । ସେବେଠାରୁ ରକ୍ଷା ବନ୍ଧନ ପାଳିତ ହୋଇଆସୁଛି ।

**Komal Khan,Tinkonia bagicha**

ଜଣେ ଭାଇ ଏବଂ ଭଉଣୀଙ୍କ ମଧ୍ୟରେ ଥିବା ପ୍ରେମ ହେଉଛି ମନୁଷ୍ୟର ଭାବପ୍ରବଣତା । ରାଖୀ ବୃନ୍ଦାବନଙ୍କର ଏକ ଗଭୀରତମ ତଥା ଶ୍ରେଷ୍ଠତମ, ସେଲିବ୍ରେଶନ ପାଇଁ ଏକ ବିଶେଷ ଉତ୍ସବ ହେଉଛି ତାଙ୍କ ଭଉଣୀ ହୋଲି ସୂତା ସହିତ ତାଙ୍କ ଭାଇ ପାଇଁ ପ୍ରାର୍ଥନା କରିବା ଏବଂ ଭାଇ ତାଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ପ୍ରତିକ୍ରିୟା କରନ୍ତି । ଆମର ହୃଦୟ ହେଉଛି ଛୋଟ ସୂତାର ଖଣ୍ଡ ଯାହାକି ସବୁକିଛି ଅପେକ୍ଷା ଅଧିକ ଶକ୍ତି । ଏହା ରାଖୀ ଭାବରେ ଜଣାଶୁଣା । ତୁମକୁ ବହୁତ ରାଖୀ ବନ୍ଧନ ଶୁଭେଚ୍ଛା ।

**ଇ. ସତ୍ୟ ନିହାନ୍ତି, ଦାଙ୍ଗେଡ, ବରଗଡ଼**

ଓଡ଼ିଶାରେ ବାରମାସରେ ତେର ପର୍ବ ପାଳିତ ହୋଇଥାଏ । ଏଥିମଧ୍ୟରୁ ରକ୍ଷାବନ୍ଧନ ବା ରାଖୀ ପୂର୍ଣ୍ଣିମା ଅନ୍ୟତମ । ଏହି ଉତ୍ସବଟି ଗହ୍ମାପୂର୍ଣ୍ଣିମା ଅବସରରେ ଅତି ଆନନ୍ଦ ଓ ଉତ୍ସାହ ମଧ୍ୟରେ ପାଳିତ ହୋଇଥାଏ । କେତେକ ଭଉଣୀ ରାଖୀ କେବଳ ଉପହାର ପାଇଁ ବାନ୍ଧନ୍ତି । କିନ୍ତୁ ଏହି ପର୍ବ ଗୋଟେ ପ୍ରେମ ଭଉଣୀମାନଙ୍କ ଭାଇଙ୍କ ପ୍ରତି ।

**ମେହେନ୍ଦି ପରୱିନ୍, ତିନିକୋଣିଆ ବଗିଚା**

ରକ୍ଷାବନ୍ଧନ ଭାଇ ଭଉଣୀର ଏକ ପବିତ୍ର ସମ୍ପର୍କର ବନ୍ଧନ । ଏହି ବନ୍ଧନ ଭଉଣୀ ଭାଇଙ୍କୁ ସ୍ନେହ, ଶ୍ରଦ୍ଧା, ଭକ୍ତି ଭାବରେ ବାନ୍ଧି ଦେଇଥାଏ । ତେଣୁ ଭାଇଟିଏ ଭଉଣୀକୁ ସୁରକ୍ଷା ଦେବା ପାଇଁ ଜାଗ୍ରତ ସର୍ବଦା ଥାଏ । ଭଉଣୀ ମଧ୍ୟ ଭାଇ ହାତରେ ରାଖୀ ବାନ୍ଧି ଭାଇର ଶୁଭ ମନାସେ । ଭାଇଟି ମୋହର ଥାଉ ଭଲେ ଭଲେ । ଏ ବନ୍ଧନ ରହିଥାଉ ଚିରଦିନ । ଭଉଣୀ-ଭାଇର ଦୃଢ଼ ହେଉ ମନ ।

**ସୁଦାମ ସାହୁ, କନ୍ଦାଗାଡ, ସୁବର୍ଣ୍ଣପୁର**

ଜନଜୀବନରେ ଆମୋଦ ପ୍ରମୋଦ ଏବଂ ସାମାଜିକ ସୌହାର୍ଦ୍ଦ୍ୟ ପାଇଁ ଭାରତୀୟ ଜୀବନ ଧାରାରେ ଯୋଡିହୋଇ ରହିଛି। ଅନେକ ପର୍ବପର୍ବାଣି,

ଭାରତବର୍ଷରେ ବିଭିନ୍ନ ରାଜ୍ୟରେ ବିଭିନ୍ନ ପର୍ବପର୍ବାଣି ଖୁବ୍ ଜାକଜମକମରେ ପାଳନ କରାଯାଏ। ବାରମାସରେ ତେର ପରବ ମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ, ଯାହା ସମଗ୍ର ଭାରତବର୍ଷରେ ପାଳନ କରାଯାଏ। ଭାଇ ଭଉଣୀର ସ୍ନେହ ଓ ଶ୍ରଦ୍ଧାର ଏକ ସୁନ୍ଦର ସେତୁ। ଏହି ଛୋଟ ଡୋରିରେ ରହିଥାଏ ଭଉଣୀର ଭାଇ ପ୍ରତି ସ୍ନେହ ଓ ସମ୍ମାନ। ଦୀର୍ଘାୟୁ ଓ ମଙ୍ଗଳ କାମନା ସହ ଭଉଣୀ ଭାଇଠାରୁ ମାଗିବସେ।

**ମୋନାଲି ସାହୁ, ଖାଲସାହି, ରାୟଗଡ଼ା**

ରାଖୀ ପୂର୍ଣ୍ଣିମାରେ ଖାଲି ହାତ ଦେଖି ଖୋଜୁଛି ରାଖୀକୁ ତୋର, ସବୁ ବରଷରେ ବାନ୍ଧୁଥିଲୁ ରାଖୀ ଖାଲି ଆଜି ହାତ ମୋର ରାଖୀ ପାଇଁ ଆଜି ଅପେକ୍ଷାରେ ହାତ ପିନ୍ଧିବି ରାଖୀକୁ ତୋର।

**ସନ୍ତୋଷ କୁମାର ମିଶ୍ର, ରାୟଗଡ଼ା**

ସଂସାର ମଧ୍ୟରେ ଥିବା ଅନେକ ସମ୍ପର୍କ ମଧ୍ୟରୁ ଭାଇ ଓ ଭଉଣୀର ସମ୍ପର୍କ ଅଧିକ ସୁମଧୁର ଏବଂ ରାଖୀ ପୂର୍ଣ୍ଣିମା ହେଉଛି ଏହି ସୁମଧୁର ସମ୍ପର୍କକୁ ଏକ ବିଶ୍ୱାସର ଡୋରିରେ ବାନ୍ଧୁଥିବା ଏକ ପବିତ୍ର ବନ୍ଧନ। ଏହି ରାଖୀ ପୂର୍ଣ୍ଣିମା ଦିନ ପ୍ରତ୍ୟେକ ଭଉଣୀ ଭାଇ ମଥାରେ ତିଳକ ଲଗାଇ ତା' ହାତରେ ରାଖୀ ବାନ୍ଧିଥାଏ । ପ୍ରତ୍ୟେକ ଭାଇ ତା' ଭଉଣୀର ରକ୍ଷାର ବଚନ ଦେଇଥାଏ। ସତରେ ବଡ ମଧୁର ସମ୍ପର୍କ।

**ସ୍ୱପ୍ନା ବିଶି, ଟୁପାପଡା, ବରଗଡ**

ରାଖୀ ପୂର୍ଣ୍ଣିମା ଭାଇ ଏବଂ ଭଉଣୀମାନଙ୍କର ଏକ ପବିତ୍ର ପର୍ବ । ଏହି ପର୍ବ ଓଡ଼ିଶା ସମେତ ସାରା ଭାରତବର୍ଷରେ ପାଳିତ ହୁଏ। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମୀ ତିଥିରେ ଏହି ପର୍ବ ପାଳନ କରାଯାଏ। ଭଉଣୀ ଭାଇର ମଥାରେ ତିଳକ ଲଗେଇବା ସହ ହାତରେ ରାଖୀ ବାନ୍ଧିଥାଏ। ଭାଇ ମଧ୍ଯ ଭଉଣୀକୁ ସୁରକ୍ଷାର ପ୍ରତିଶ୍ରୁତି ଦେବା ସହ ସୁନ୍ଦର ଉପହାର ଦେଇଥାଏ। ରାଖୀକୁ ଶକ୍ତି, ବିଶ୍ୱାସ ଏବଂ ବିଜୟର ପ୍ରତୀକ ବୋଲି କୁହାଯାଏ। ଏହିଦିନ ପ୍ରଭୁ ବଳଭଦ୍ରଙ୍କର ଜନ୍ମଦିନ । ଏହାକୁ ଗହ୍ମା ପର୍ବ କହନ୍ତି।

**ସାହିଲ କୁମାର ଦାଶ, ନୂଆଗୁଡା, କଳାହାଣ୍ଡି**

ସାହସ,ଧୈର୍ଯ୍ୟ, ସହାନୁଭୂତିର ପ୍ରତୀକ ତୁମେ, ସବୁ କଠିନ ସମୟର ପ୍ରେରଣାଦାତା ଅଟ ତୁମେ, ସମୟ ବା ଦୂରତା ପ୍ରତିବନ୍ଧକ ହୋଇପାରିନି ଯାହା ପାଖେ, କେବେ ବି ବିଶ୍ୱାସ ଭାଙ୍ଗିବନି ଭାଇ ମୋର, ଈଶ୍ୱରଙ୍କ ସୃଷ୍ଟିର ତୁମେ ହିଁ ସର୍ବୋତ୍ତମ ଉପହାର, ଅକ୍ଷୁଣ୍ଣ ରହୁ ଏ ପବିତ୍ର 'ରକ୍ଷାବନ୍ଧନ'।

**ଝୁନା ମିଶ୍ର, ସେକ୍ଟର-୩/୩୩୧, ନୀଳାଦ୍ରିବିହାର**

ଶ୍ରାବଣ ପୂର୍ଣ୍ଣିମା ଦିନ ଭଉଣୀ ଭାଇର ଶୁଭ କାମନା କରି ଭାଇର ହାତରେ ରାଖୀଟିଏ ବାନ୍ଧିଥାଏ। ଏହା ହେଉଛି ଭଉଣୀର ଅତୁଟ ପ୍ରେମ। ଆମ ହିନ୍ଦୁ ସଂସ୍କୃତିରେ ଏହି ପ୍ରଥା ଚଳି ଆସୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଭଉଣୀକୁ ଅତି ଭଲ ପାଉଥିବାରୁ ସାଥିରେ ମାଉସୀ ଘରକୁ ଯାଇଥିଲେ।

**ପୁନମ ପ୍ରଧାନ, ଡିଏଭି ହାଇସ୍କୁଲ, ଝାରସୁଗୁଡା**

ରାଖୀ ପୂର୍ଣ୍ଣିମା ଭାରତର ସଂସ୍କୃତିର ଏକ ପର୍ବ। ମଥାରେ ତିଳକ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପ୍ରାର୍ଥନା କରିଥାଏ। ଭାଇ ମଧ୍ଯ ଉପହାର ସଦୃଶ ଭଉଣୀକୁ ବିପଦରୁ ରକ୍ଷା କରିବାକୁ ପ୍ରତିଶ୍ରୁତି ଦେଇଥାଏ। ଇତିହାସ ସାକ୍ଷୀ ସଦୃଶ ମେୱାଡ଼ର ରାଣୀ ମୋଗଲ ସମ୍ରାଟ ହୁମାୟୁନଙ୍କୁ ସୁରକ୍ଷା ସାହାଯ୍ୟ ପାଇଁ ରାଖୀ ବାନ୍ଧିଥିଲେ। ଧର୍ମ ଅନୁସାରେ ଶ୍ରାବଣ ମାସରେ ୮ଟି ଗ୍ରହ ପୃଥିବୀ ଉପରେ ଆକ୍ରମଣ କରିଥିଲେ। ପୃଥିବୀ ନିଜକୁ ରକ୍ଷା କରିବା ପାଇଁ ଚନ୍ଦ୍ରଙ୍କ ହାତରେ ରାଖୀ ବାନ୍ଧିଥିଲେ। ଏହା ତ୍ୟାଗର ବନ୍ଧନ।

**ସୁଭଦ୍ରା ରାଣୀ ମହାନ୍ତି, ଶାସନବାଡ, ବାଲେଶ୍ୱର**

ବଳୀଙ୍କୁ ବାମନ ପାତାଳେ ଚାପିଲେ, ତିନିପାଦ ଭୂମି ମାପି। ବିଷ୍ଣୁଙ୍କୁ କହିଲେ ଦାନବ ସମ୍ରାଟ, ମୋ ଦ୍ୱାର ରହିଥିବଜଗି, ରାଖୀ ପୁନିଅଁରେ ମହାଲକ୍ଷ୍ମୀ ବଳୀହାତେ ରାଖୀ ବାନ୍ଧି। ଗୋଲକ ଗମନ ବର ମାଗିନେଲେ ଭ୍ରାତାଙ୍କ ଚରଣବନ୍ଦୀ। ଉପହାର ସହ ଭଉଣୀକୁ ବିଦା କଲେ। ତୁହେଁ ଠକ୍ ବୋଲି ସେ କହିଦେଲେ।

**ଜ୍ୟୋତ୍ସ୍ନାରାଣୀ ପଣ୍ଡା, ବ୍ରହ୍ମପୁର**

ରକ୍ଷାବନ୍ଧନ ଏମିତି ଗୋଟିଏ ଅତୁଟବନ୍ଧନ, ଯାହାକି ଭାଇ ଭଉଣୀଙ୍କ ମଧ୍ୟରେ ଥିବା ସ୍ନେହ ଓ ପ୍ରେମକୁ ବାନ୍ଧି ରଖିଥାଏ। ରାଖୀ ପୂର୍ଣ୍ଣିମା ଉପରେ ଓ ଭଉଣୀଙ୍କ ସ୍ନେହ ଓ ପ୍ରେମର ପ୍ରତୀକ। ଏହି ଦିନ ଗୋଟିଏ ଭାଇ ତା' ଭଉଣୀକୁ ବିପଦରୁ ରକ୍ଷା କରିବାରେ ପ୍ରତିଶ୍ରୁତି ଦେଇଥାଏ। ଆମେ ଦେଶବାସୀ ମଧ୍ଯ ଭାଇ ଓ ଭଉଣୀ। ତେଣୁ ଆମେ ପରସ୍ପରକୁ ସମସ୍ତ ବିପଦରୁ ରକ୍ଷା କରିବା ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ଭାରତବାସୀଙ୍କୁ ମୋ ଶୁଭେଚ୍ଛା।

**ସସ୍ମିତା ରତ୍ନାଳୁ, ଝଗଡି, ବିଷମକଟକ**

ଢାଳିଦିଅ ମାଆଗୋ ଶୁଭ ଆଶିଷଧାରା। ମୋ ଭାଇର ଚଲାପଥର ଛିଞ୍ଚିଦିଅ ମା' ବଣମଲ୍ଲୀ। କେତକୀ ପାଖୁଡା ମୋ ଭାଇର ଆଶା ରଥରେ।

**ସୁଲୋଚନା ସାହୁ, ଶୈଳଶ୍ରୀ ବିହାର**

ଶ୍ରାବଣ ପୂର୍ଣ୍ଣିମାକୁ ରାଖୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା କୁହାଯାଏ। ରାଖୀ ବନ୍ଧନ ହେଉଛି ଭାଇ ଓ ଭଉଣୀର ସ୍ନେହ ଓ ପବିତ୍ର ବନ୍ଧନ। ଏହିଦିନ ଭଉଣୀମାନେ ଅପେକ୍ଷା କରିଥାନ୍ତି। ଏହି ଦିନ ସକାଳୁ ସ୍ନାନ କରି ନୂଆ ପୋଷାକ ପିନ୍ଧି ଘର ଦେବତାକୁ ଦର୍ଶନ କରିଥାନ୍ତି । ପରେ ଭାଇକୁ ଫୁଲରେ ସଜାଇ ହାତରେ ରାଖୀ ବାନ୍ଧିଥାନ୍ତି। ମିଠା ଖୁଆଇ ଦିଅଁଙ୍କ ପାଖରେ ଭାଇର ମନସ୍କାମନା କରନ୍ତି।

**ରୋହନ ସାହୁ, ଧମା, ସମ୍ବଲପୁର**

ଭାରତ ଏକ ଜନବହୁଳ ରାଷ୍ଟ୍ର ହୋଇଥିବାରୁ ଏଠାରେ ୧୨ ମାସରେ ତେର ପରବ ପାଳନ କରାଯାଏ। ସେଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ନାମରେ ନାମିତ ହୋଇଅଛି। ଏହିଦିନ ଭଉଣୀ ତାର ଭାଇର ମଥାରେ ତିଳକ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ। ଭାଇ ମଧ୍ୟ ଭଉଣୀକୁ ସୁନ୍ଦର ଉପହାର ଦେବା ସହ ଭଉଣୀର ରକ୍ଷାକବଚ ସାଜିବାକୁ ପ୍ରତିଶ୍ରୁତି ଦେଇଥାଏ।

**ବିନ୍ଦୁସ୍ମିତା ବାରିକ, ଐଶ୍ୱନ୍ୟପଡା**

ସେନେହ ମମତାର ଡୋରି ଆମର ଭାଇ! ଉହୁଁ ତୁ ତ ବୋଉର ପୁଅ। ରାଖୀ ସାଖୀ ଅଟେ ଏ ସମ୍ପର୍କର ମାନ ଅଭିମାନ ତୋଳା ସୂତାର ଖିଅ। ମନେ ରଖିବୁ ସାଇତି ଭଉଣୀକୁ ତୋର ନ ଦେବୁ ଦୂରେଇ ଦୋଷକୁ କରି ନିଜର।

**ସୁଶ୍ରୀ ସଙ୍ଗୀତା ସେଠୀ, ଶାସ୍ତ୍ରୀନଗର, ଭୁବନେଶ୍ୱର**

ସ୍ନେହର ଭଉଣୀ, ଆଶା କରୁଛି ଭଲରେ ଥିବୁ। ପ୍ରତିବର୍ଷ ପରି ଏ ବର୍ଷ ରାଖୀ ପାଇଲି। ଏଥର ରାଖୀ ଖୁବ୍ ଚିତ୍ତାକର୍ଷକ ଥିଲା। ଆଉ ତା ସାଥିରେ ଚୁକ୍ତିପତ୍ର ବି ପାଇଲି। ଏ ସବୁର କିଛି ଆବଶ୍ୟକତା ନାହିଁ। କାରଣ ତୋ ଭଲ ପାଇବା ଓ ବିଶ୍ୱାସ ମୋ ସହ ଅଛି। ଆଶା କରୁଛି ମୋ କହିବାର କଥା ତୁ ବୁଝିଯାଇଥିବୁ।

**ତିତାତାରାମ ନନ୍ଦ ବ୍ରହ୍ମଚାରୀ, ବାଲେଶ୍ୱର**

ଭାଇ ମୋର ସବୁକିଛି
ଭାଇ ମୋର ଦୁନିଆ ।
ଭାଇ ମୋତେ ସ୍ନେହଦିଏ
ବାପା ବୋଉ ଭଳିଆ ।
ନିଜ ଭାଇ ନ ଥିଲେ ନାଇ
ଅଛି ମୋ ଲାଗି କାଳିଆ,
ଭାଇ ତାକୁ କରିଛି ମୁଁ
ସାହା ଏକା ଚକାଡୋଳିଆ
ବଡ଼ଭାଇ ସାଜି ମୋର
ଦିଏ ମୋତେ ସୁରକ୍ଷା,
ଆମର ଏ ଅତୁଟ ବନ୍ଧନ
ସବୁଠାରୁ ବଢ଼ିଆ ।

**ଅପର୍ଣ୍ଣା ସିଂହ, ରଘୁନାଥଗଞ୍ଜ, ମୟୂରଭଞ୍ଜ**

'ରାଖୀ ନୁହେଁ ଏକ ସାଧାରଣ ଡୋରି
ଭ୍ରାତୃ ପ୍ରୀତି ସଂସ୍କୃତିର ବନ୍ଧନ
ଜାତି ଅଜାତିର ଭେଦଭାବ ନାହିଁ
ଦେଇଥାଏ ଆମ ସଂସ୍କୃତିର ଆହ୍ୱାନ ।'

**ପୁଣ୍ୟଶ୍ଳୋକ ବିଶି, ନୂଆଗୁଡା, କୁନାଗଡ**

ଗୋଟେ ସୂତାର ଡୋରିରୁ ଆରମ୍ଭ ସମ୍ପର୍କଟି ଜନ୍ମଜନ୍ମାନ୍ତର ନିମନ୍ତେ ଭଉଣୀ ପାଇଁ ସାଜେ ରକ୍ଷାକବଚ ଓ ଭାଇକୁ ଭଉଣୀ ରୂପରେ ଭେଟିଦିଏ ମା'ର ସ୍ନେହ ମମତା ତଥା ଗୋଟିଏ ଉତ୍ତମ ବନ୍ଧୁର ସହଯୋଗ । ରାଖୀସୂତାର ଅତୁଟ ବନ୍ଧନଟି ଦାନବକୁ ମାନବ ବନାଏ ତ ପୁଣି ସ୍ୱୟଂ ନାରାୟଣଙ୍କୁ ବି ଭାଇର ଭୂମିକା ତୁଲାଇବାକୁ ବାଧ କରାଏ ।

**ଅପର୍ଣ୍ଣା ଗୁଡ୍ଡୁଲୁ, ବାରିପଦା, ମୟୂରଭଞ୍ଜ**

ରାଖୀ ପୂର୍ଣ୍ଣିମା ଏକ ଭାରତୀୟ ପର୍ବ । ଏହା ଭାଇ ଓ ଭଉଣୀମାନଙ୍କର ପର୍ବ । ଏହି ଦିନରେ ଭାଇମାନେ ଭଉଣୀଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଜ୍ଞା କରନ୍ତି । ଏଥିରେ ଭାଇ ଏବଂ ଭଉଣୀଙ୍କ ମଧ୍ୟରେ ବନ୍ଧନକୁ ମଜଭୁତ କରେ । ସୁରକ୍ଷା ବନ୍ଧନକୁ ରାଖୀ ପୂର୍ଣ୍ଣିମା କୁହାଯାଏ ।

**ଜାହିଦ୍ ଖାନ୍, ଡାଗ୍‌ବର ସାହି**

ରାଖୀ ପୂର୍ଣ୍ଣିମା ଭାଇ ଏବଂ ଭଉଣୀମାନଙ୍କର ଏକ ପବିତ୍ର ପର୍ବ। ଏହିଦିନ ଓଡ଼ିଶା ସମେତ ସାରା ଭାରତରେ ପାଳିତ ହୁଏ। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳନ କରାଯାଏ। ଏହି ଦିନ ଭଉଣୀ ଭାଇ ମଥାରେ ତିଳକ ଲଗେଇବା ସହ ହାତରେ ରାଖୀ ବାନ୍ଧିଥାଏ।

**ୱାହିଦ୍ ଖାନ୍, ସୂତାହାଟ ମିଶନ ରୋଡ**

'ରାଖୀ ନୁହେଁ ସାକ୍ଷୀ, ଅତୁଟା ବନ୍ଧନ
ଭାଇଭଉଣୀଙ୍କ ପ୍ରତି,
ଦେଶ, ଜାତି, ଧର୍ମ, ସଂସ୍କୃତି କବଚ
ଏ ବିଶ୍ୱବାସୀଙ୍କ ନୀତି' ।

**କବିତା ନାଏକ, ନୂଆଗୁଡା, କୁନାଗଡ**

ସ୍ନେହର ସମ୍ପର୍କ ଭାବର ସମ୍ପର୍କ
ସମ୍ପର୍କରେ ବନ୍ଧା ଡୋରି
ରାଖୀ ପୂର୍ଣ୍ଣିମାର ଅଭୁଲା ସମ୍ପର୍କ
ରଖେ ଆପଣାର କରି
ଭାଇ ସାଥେ ଥିଲେ ଭଉଣୀ ତ କେବେ
କାହାକୁ ଯାଏନି ଡରି
ଭାଇ ଭଉଣୀର ସ୍ୱର୍ଗୀୟ ସମ୍ପର୍କ
ସବୁଠୁ ନିଆରା ଡୋରି।

**ଗୋବିନ୍ଦ ସାହୁ, ଜଟଣୀ, ଖୋର୍ଦ୍ଧା**



A love between a brother and sister is one of the deepest and noblest of human emotions. Raksha Bandhan is a special occasion to celebration this emotional bonding when a sister- A holy thread around her brother wrist. Prays for life long life and the brother reciprocates by offering her the gifts she loves the most. A small piece of thread has more power then everything that is known as Rashi.Wish your very happy Raksha Bandhan.

**E.Durga ,Janged, Bargarh**

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ରତ୍ନଗର୍ଭା ଉତ୍କଳର ରକ୍ଷାବନ୍ଧନ ବା ଗହ୍ମା ପୂର୍ଣ୍ଣିମା ଏକ ସାମାଜିକ ପର୍ବ। ଭଉଣୀଟିଏ ଭାଇ ହାତରେ ସୁରକ୍ଷା ପାଇଁ ସୂତାଖଣ୍ଡିଏ ବାନ୍ଧିଥାଏ। କେବଳ ଭଉଣୀ ନୁହେଁ ନିଜର ସୁରକ୍ଷା ପାଇଁ ଯେ କେହି ମଧ୍ୟ ଅନ୍ୟକୁ ବନ୍ଧନରେ ବାନ୍ଧିପାରିଥାଏ। ବନ୍ଧନ ଅତୁଟ। ଏହି ଦିନ ବଡଠାକୁର ବଳଭଦ୍ରଙ୍କର ଜନ୍ମଦିନ।

**ଅଂଶୁମାନ ବେହେରା, ଗୌଡସାହି, ରାୟଗଡା**

ଆଖିରୁ ମୋହର ଝରୁଥିଲେ ଲୁହ,
ହୃଦୟରୁ ଝରେ ତୋ ଲହୁ,
ତୋ ସ୍ନେହ ମମତା ମହୁଠାରୁ ମିଠା
କେମିତି କହିବି ଆଉ,
ଜନମେ ଜନମେ ସୁନା ଭାଇ ମୋର
ସାଥୀ ହୋଇ ପାଖେ ଥିବୁ
କଅଁଳ ହାତରେ ଆଖିରୁ ମୋହର
ଲୁହଧାର ପୋଛିଦେବୁ।

**ପ୍ରଣତି ସାହୁ, ଗୁରୁଜଙ୍ଗ, ମାଳିସାହି, ଖୋର୍ଦ୍ଧା**

Times and money changes many things but the love and the bond between brother and sister never changes. Raksha Bandhan is not restricted between blood related relations. This brings all blessings pure love and fighter bond for evey brother and sister.

**Shreeyash Mishra, Saranda, Baragarh**

Raksha Bandhan tells the loving Relationship between brothers and sisters tie a Rakhi on the wrist of their brothers. In return, brothers present gifts to their sisters. Sister prays for the long life of their brothers. There are many ways of celebration for this beatiful rest.

**Jayaprakash Das, Cuttack**

ରେଶମ ଡୋରି ଧରି ଆସିଛି ଶ୍ରାବଣ ମୁଖେ ଦୁଃଖେ ଆଜି ପୂରିବ ମନ। ଭାଇ ଭଉଣୀର ସ୍ନେହଭରା ରକ୍ଷାବନ୍ଧନ ଉତ୍ସବରେ ସମସ୍ତଙ୍କୁ ମୋର ଆନ୍ତରିକ ଅଭିନନ୍ଦନ।

**ରିନି ମେହେର, ଚିଚେଇଗୁଡା, କୁନାଗଡ**

ରାଖୀ ପୂର୍ଣ୍ଣିମା ଏକ ପବିତ୍ର ପର୍ବ। ଏହି ଦିନ ଭଉଣୀ ଭାଇକୁ ରାଖୀ ବାନ୍ଧେ। ଭାଇ ତାଙ୍କ ଭଉଣୀକୁ ଉପହାର ଦିଅନ୍ତି ଓ ତା' ସାଙ୍ଗେ ସବୁବେଳେ ସବୁ ସମୟରେ ଯେକୌଣସି ପରିସ୍ଥିତିରେ ସୁରକ୍ଷା କରିବି ବୋଲି ଶପଥ ନିଅନ୍ତି। ଏହି ସୁରକ୍ଷାର ବନ୍ଧନକୁ ରାଖୀ ପୂର୍ଣ୍ଣିମା କୁହାଯାଏ।

**ସୁନିତା ବେରଦଲେଇ, ବିଷମକଟକ, ରାୟଗଡ଼ା**

ରାଖୀ ପୂର୍ଣ୍ଣିମା ଭାଇ ଓ ଭଉଣୀମାନଙ୍କର ଏକ ପବିତ୍ର ବନ୍ଧନ। ପ୍ରତି ବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମୀ ତିଥିରେ ଏହି ପର୍ବ ପାଳନ କରାଯାଏ। ଏହିଦିନରେ ଭଉଣୀ ଭାଇର ମଥାରେ ତିଳକ ଲଗାଇ ହାତରେ ରାଖୀ ବାନ୍ଧିଥାଏ। ଭାଇ ତାର ଭଉଣୀକୁ ଉପହାର ଦିଏ। ଭଉଣୀକୁ ତାର ସୁଖ ଦୁଃଖରେ ବିପଦ ଆପଦରେ ରକ୍ଷା କରିବା ପାଇଁ ପ୍ରତିଶ୍ରୁତି ଦିଏ।

**ସଞ୍ଜୁଲତା ନାୟକ, ଦେଓଗାଁ, କେଉଁଝର**

ଓଡ଼ିଶାରେ ବାରମାସରେ ତେର ପର୍ବ ପାଳିତ ହୁଏ। ଏଥିମଧ୍ୟରୁ ରକ୍ଷାବନ୍ଧନ ବା ରାଖୀ ପୂର୍ଣ୍ଣିମା ଅନ୍ୟତମ। ଏହି ଉତ୍ସବଟି ଗହ୍ମାପୂର୍ଣ୍ଣିମା ଅବସରରେ ଅତି ଆନନ୍ଦ ଓ ଉତ୍ସାହ ମଧ୍ୟରେ ପାଳନ ହୋଇଥାଏ। ବର୍ତ୍ତମାନ ଏହି ରାଖୀପର୍ବ ସବୁଆଡେ ପାଳିତ ହେଉଛି। ରକ୍ଷାବନ୍ଧନର ବୈଶିଷ୍ଟ୍ୟ ରକ୍ଷାବନ୍ଧନ ଉତ୍ସବ ତଥା ଗହ୍ମାପର୍ବ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ମହାଆଡମ୍ବରରେ ପାଳିତ ହୁଏ।

**ସୁଚିତ୍ରା ପ୍ରଧାନୀ, ରାୟଗଡ଼ା**

ଭାଇ ଓ ଭଉଣୀ ମଧ୍ୟରେ ଥିବା ଅତୁଟ ବନ୍ଧନ ହେଉଛି ରକ୍ଷାବନ୍ଧନ, ଯାହା ସବୁ ସମ୍ପର୍କର ଊର୍ଦ୍ଧ୍ୱରେ। ଏହାର ଉଦାହରଣ ମହାଭାରତରେ ମଧ୍ୟ ଦେଖାଯାଇଥିଲା। କୃଷ୍ଣଙ୍କ ଅଙ୍ଗୁଳିରେ ଥରେ କ୍ଷତ ହୋଇଯାଇଥିଲା। ଏହା ଦେଖି ଦ୍ରୌପଦୀ ନିଜର ପିନ୍ଧିଥିବା ଶାଢ଼ି ଚିରି କୃଷ୍ଣଙ୍କ ଅଙ୍ଗୁଳିରେ ବାନ୍ଧିଥିଲେ। କୃଷ୍ଣ ଏହାର ଋଣ ପରିଶୋଧ କରିବାକୁ ଯାଇ ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟରେ କୋଟି ବସ୍ତ୍ର ଦେଇ ତାଙ୍କ ଲଜ୍ଜା ନିବାରଣ କରିଥିଲେ।

**ଜନନୀ ମହାପାତ୍ର, ଅତାବିରା, ବରଗଡ**

ସୁଖ-ଦୁଃଖର ଜୀବନ ମୋଡରେ ସମ୍ପର୍କର ସଂଜ୍ଞା ଅନେକ। ଏହି ସମ୍ପର୍କର ମଧୁର ପରିଭାଷାକୁ ପଢ଼ାଯାଏ, ଭାଇ ଭଉଣୀର ଦୃଢ଼ ସମ୍ପର୍କର କାହାଣୀରେ। ଦୁଇ ସ୍ୱଚ୍ଛ ହୃଦୟ ରହିବ ଧାରାରେ ଯେବେ ଆରମ୍ଭ ହୁଏ ମିଳନର ପର୍ବ, ଏହି ଅପୂର୍ବ ମିଳନର ପର୍ବ ପୁଣି ଜନ୍ମ ନିଏ, ବିଶ୍ୱାସର ବନ୍ଧନ ଓ ପର୍ବ ସମ୍ପର୍କରେ ରଥକୁ ରକ୍ଷା ସୂତ୍ରର ଡୋରିରେ ବାନ୍ଧି ରଖେ। ପରସ୍ପର ପ୍ରତି ଗଭୀର ଭଲ ପାଇବା, ସ୍ନେହ ସମ୍ପର୍କରେ ସଂପ୍ରୀତି ଆଣେ। ଏ ସମ୍ପର୍କର ସ୍ୱାଦ ଅମୃତ ଭଳି।

**ଗାୟତ୍ରୀ ମିଶ୍ର, ଆର୍.ଆର୍. ଆଇଟି କଲୋନୀ, ସୁନ୍ଦରଗଡ**

ସ୍ନେହ ମମତାର ମଧୁର ସମ୍ପର୍କ
ଭାବର ବନ୍ଧନ ରାଖୀ
ଭାଇ ଭଉଣୀର ଅତୁଟ ବିଶ୍ୱାସ
ଜନମ ମରଣ ସାକ୍ଷୀ।

**ଜ୍ୟୋତିର୍ମୟୀ ପ୍ରିୟଦର୍ଶିନୀ, ଭୁବନେଶ୍ୱର**

They always stand behind them in support. If every brother stand for their sister then every girls have become a super women. They achive successfull life in which no one pull their legs beacuse every brother of our india are stand behind us. So this Rakhi we pray for our brothers. Happy Raksha Bandhan.

**Monalisha Mohapatra, Bargarh**

ରାଖୀ ପୂର୍ଣ୍ଣିମା ଭାରତର ଏକ ଅତ୍ୟନ୍ତ ମନୋରଞ୍ଜକ ପର୍ବ । ଏହା ହେଉଛି ଭାଇ ଓ ଭଉଣୀମାନଙ୍କ ଭଲ ପାଇବାର ଏକ ପ୍ରସିଦ୍ଧ ପର୍ବ। ବିଶ୍ୱ ରାଖୀ ପୂର୍ଣ୍ଣିମା ସଂସ୍କୃତିର ଉତ୍ପନ୍ନ ଯାହାର ଅର୍ଥ ହେଉଛି ସୁରକ୍ଷା ଏବଂ ଯତ୍ନର ବନ୍ଧନ। ଏହି ପର୍ବର ନାମ ରକ୍ଷାବନ୍ଧନ ହେବାର ତାତ୍ପର୍ଯ୍ୟ ହେଲା ଯେ ଭଉଣୀମାନେ ଭାଇମାନଙ୍କ ସୁରକ୍ଷା ବନ୍ଧନ ମଧ୍ୟରେ ସୁରକ୍ଷିତ ହେବା ପାଇଁ ଭାଇମାନଙ୍କୁ ରାଖୀ ବାନ୍ଧିଥାନ୍ତି। ତେଣୁ ଏହି ପର୍ବକୁ ସ୍ୱାଗତ କରିବା ପାଇଁ ମୁଁ ବହୁତ ଉତ୍ସାହିତ ଅଛି। ଏହି ପର୍ବ ଉପଲକ୍ଷେ ସମସ୍ତ ଭାଇ ଓ ଭଉଣୀଙ୍କୁ ଶୁଭେଚ୍ଛା ଜଣାଉଛି।

**ଭୂମିକା ଦାଶ, ନୂଆଗୁଡା, ଚିଚେଇଗୁଡା, କୁନାଗଡ**

ଭାବର ବନ୍ଧନ ସ୍ନେହର ବନ୍ଧନ
ବନ୍ଧନରେ ବନ୍ଧା ଡୋରି
ଭାଇ ଭଉଣୀର ଅତୁଟ ବନ୍ଧନ
ସୂତାଖିଏ ହୁଏ ଭାରି
ଭାଇ ହାତେ ବାନ୍ଧି ଠାକୁରଙ୍କୁ ମାଗେ
ଭାଇ କହେ ଋଣ ଶୁଝିବି ଜୀବନେ
ହୋଇ ତୋର ରକ୍ଷାକାରୀ।

**ଜ୍ୟୋସ୍ନା ରାଉତରାୟ, ନୂଆଖିରପାଲି, ବରଗଡ**

ଭାଇମାନେ ଜୀବନ ନାମକ ଏକ ଅନ୍ଧକାର ଏବଂ ଲମ୍ବା ରାସ୍ତାରେ ଲ୍ୟାମ୍ପପୋଷ୍ଟ ପରି। ସେମାନେ ଦୂରତାକୁ ଛୋଟ କରନ୍ତି ନାହିଁ। ସେମାନେ ରାସ୍ତାକୁ ଆଲୋକିତ କରନ୍ତି ଏବଂ ଭ୍ରମଣକୁ ମୂଲ୍ୟବାନ କରନ୍ତି।

**ଅଷ୍ଟମୀ ମେହେର, ଚିଚେଇଗୁଡା, କଳାହାଣ୍ଡି**

ମୋ ଜୀବନର ସବୁଠାରୁ ତୁ ଏକ ଅଦ୍ଭୁତ ଭଉଣୀ । ମୁଁ ଜାଣେ ଆମେ ସବୁ ସମୟରେ ଫାଇଟ୍ କରୁ , କିନ୍ତୁ ଏହି ଫାଇଟ୍ ଆମ ସମ୍ପର୍କର ଏକ ମହତ୍ତ୍ୱପୂର୍ଣ୍ଣ ଜିନିଷ। ଆଉ ମୁଁ ପ୍ରୋମିସ୍ କରୁଛି ଯେକୌଣସି କାମରେ ତୋ ପାଖରେ ରହିବି।

**ମନୋଜ କୁମାର ସ୍ୱାଇଁ ,ରାଜାବଗିଚା, କଟକ**

ଭାରତବର୍ଷରେ ୧୨ ମାସରେ ତେର ପୂର୍ଣ୍ଣମୀ ପାଳନ କରାଯାଏ। ସେହି ମଧ୍ୟରୁ ରାଖୀ ପୂର୍ଣ୍ଣମୀ ଅନ୍ୟତମ। ରାଖୀ ପୂର୍ଣ୍ଣିମାକୁ ରକ୍ଷାବନ୍ଧନ ମଧ୍ୟ କୁହାଯାଏ। ଏହି ପୂର୍ଣ୍ଣମୀ ଶ୍ରାବଣ ମାସ ପୂର୍ଣ୍ଣମାଦିନ ପାଳନ କରାଯାଉଥିବାରୁ ଶ୍ରାବଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହିଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହି ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା ମଧ୍ୟ କୁହାଯାଏ। ରାଖୀ ପୂର୍ଣ୍ଣିମା ବା ରକ୍ଷା ବନ୍ଧନ ଓଡ଼ିଶା ସମେତ ସାରା ଭାରତରେ ମହା ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରାଯାଏ। ଏହିଦିନ ଭଉଣୀ ତା'ର ଭାଇର ମଥାରେ ତିଳକ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ମନାସି ଥାଆନ୍ତି।

**ଲକ୍ଷ୍ମୀ ରୋହିଦାସ,ଲରାସରା ହାଇସ୍କୁଲ, ଲରାସରା**

ରକ୍ଷାବନ୍ଧନ ହେଉଛି ପବିତ୍ର ପର୍ବ। ରାଖୀ ପୂର୍ଣ୍ଣିମାକୁ ରକ୍ଷାବନ୍ଧନ ମଧ୍ୟ କୁହାଯାଏ ଓ ଏହି ପର୍ବ ଶ୍ରାବଣ ମାସରେ ହୋଇଥାଏ। ଏହି ପର୍ବକୁ ଆନନ୍ଦ ଓ ଉଲ୍ଲାସ ସହ ପାଳନ କରାଯାଏ। ଏହି ପର୍ବରେ ଭଉଣୀ ଭାଇକୁ ତିଳକ ଲଗାଇ ଥାଏ ଓ ହାତରେ ରାଖୀ ବାନ୍ଧିଥାଏ। ଏହି ପର୍ବରେ ଭାଇ ଭଉଣୀକୁ ଉପହାର ଦେଇଥାଏ। ଭାରତ ଏକ ଜନବହୁଳ ରାଷ୍ଟ୍ର ହୋଇଥିବାରୁ ଏଠାରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଇଥାଏ ରାଖୀ ପୂର୍ଣ୍ଣିମା ଅନ୍ୟତମ ଅଟେ।

**ପ୍ରଭାସିନୀ ଭେସ୍ରା, ଲରାସରା ହାଇସ୍କୁଲ, ଲରାସରା**

ରକ୍ଷାବନ୍ଧନ ହେଉଛି ପବିତ୍ର ପର୍ବ। ଏହି ପର୍ବ ଶ୍ରାବଣ ମାସରେ ହୋଇଥାଏ। ଏହି ପର୍ବ ରକ୍ତ ସମ୍ପର୍କ ଥିଲେ ଓ ରକ୍ତ ସମ୍ପର୍କ ନ ଥିଲେ ମଧ୍ୟ ରକ୍ଷା ବନ୍ଧନ ପାଳନ କରିବା ମହତ୍ତ୍ୱ ଅଛି। ଏହି ପର୍ବରେ ଭଉଣୀମାନେ ଭାଇମାନଙ୍କୁ ରାଖୀ ବାନ୍ଧନ୍ତି। ଭଉଣୀମାନେ ଭାଇମାନଙ୍କର ଲମ୍ବା ଆୟୁ ପାଇଁ ରାଖୀ ବାନ୍ଧନ୍ତି। ଭାଇମାନେ ଭଉଣୀମାନଙ୍କର ସୁରକ୍ଷା କରନ୍ତି। ରାଖୀ ପୂର୍ଣ୍ଣିମାକୁ ରକ୍ଷାବନ୍ଧନ ମଧ୍ୟ କୁହାଯାଏ।

**ସିମରନ୍ ପାତ୍ର,ଲରାସରା ଉଚ୍ଚ ବିଦ୍ୟାଳୟ, ଲରାସରା**

ରାଖୀ ପୂର୍ଣ୍ଣିମା ଏକ ପବିତ୍ର ବନ୍ଧୁ ପର୍ବ । ରାଖୀ ପୂର୍ଣ୍ଣିମାକୁ ରକ୍ଷାବନ୍ଧନ ମଧ୍ୟ କୁହାଯାଏ। ଏହିଦିନ ବଳଭଦ୍ର ଜନ୍ମ ହୋଇଥିବାରୁ ଏହାକୁ ବଳଭଦ୍ର ଜନ୍ମ ବା ଗହ୍ମା ପୂର୍ଣ୍ଣିମା କୁହାଯାଏ। ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପଡୁଥିବାରୁ ଏହାକୁ ଶ୍ରାବଣ ମାସ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଭାଇ ଭଉଣୀ ପବିତ୍ର ସମ୍ପର୍କର ରାଖୀ ପୂର୍ଣ୍ଣିମାରେ ଭଉଣୀ ଭାଇର ମଥାରେ ତିଳକ ଲଗାଇ ରାଖୀ ବାନ୍ଧିଦିଏ ।

**ସୀମା ଟଣ୍ଡନ, ଲରାସରା ହାଇସ୍କୁଲ, ଲରାସରା**

ରାଖୀ ପୂର୍ଣ୍ଣିମା ଭାଇ ଏବଂ ଭଉଣୀମାନଙ୍କର ଏକ ପବିତ୍ର ପର୍ବ । ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମୀ ତିଥିରେ ଏହି ପର୍ବ ପାଳନ କରାଯାଏ। ଏହିଦିନ ଭଉଣୀ ଭାଇର ମଥାରେ ତିଳକ ଲଗେଇବା ସହ ହାତରେ ରାଖୀ ବାନ୍ଧିଥାଏ। ଭାଇ ମଧ୍ୟ ଭଉଣୀକୁ ସୁରକ୍ଷାର ପ୍ରତିଶ୍ରୁତି ଦେବା ସହ ସୁନ୍ଦର ଉପହାର ଦେଇଥାଏ। ରାଖୀକୁ ଶକ୍ତି, ବିଶ୍ୱାସ ଏବଂ ବିଜୟର ପ୍ରତୀକ ବୋଲି କୁହାଯାଏ। ଏହିଦିନ ପ୍ରଭୁ ଶ୍ରୀବଳଭଦ୍ରଙ୍କର ଜନ୍ମଦିନ ହୋଇଥିବାରୁ ଏହି ପର୍ବକୁ ଗହ୍ମାପର୍ବ ବୋଲି କୁହାଯାଏ।

**ଧରିତ୍ରୀ ବୁଡ୍‌କ, ଲରାସରା ହାଇସ୍କୁଲ, ଲରାସରା**

ରାଖୀ ପୂର୍ଣ୍ଣିମା ଏକ ପବିତ୍ର ବନ୍ଧନ । ରାଖୀ ପୂର୍ଣ୍ଣିମାକୁ ଏକ ରକ୍ଷାବନ୍ଧନ ମଧ୍ୟ କୁହାଯାଏ। ଏହି ପର୍ବ ସାରା ଭାରତରେ ପାଳିତ ହୁଏ। ଏହି ପର୍ବ ଏଥିପାଇଁ ପାଳନ କରାଯାଏ କି ଭଉଣୀ ନିଜ ଭାଇକୁ ସବୁ ବିପଦରୁ ରକ୍ଷା କରିବ ଓ ସବୁବେଳେ ତା'ର ସାଙ୍ଗରେ ଥିବ ବୋଲି ଭଉଣୀ ଭାଇକୁ ରାଖୀ ବାନ୍ଧି ସାରିବା ପରେ ଭଉଣୀକୁ ଏକ ଉପହାର ଦେଇଥାଏ। ତେଣୁ ଭାଇ ବି ଭଉଣୀର ରକ୍ଷା କରିଥାଏ।

**ସାନିଆ ଭୋଇ, ଲରାସରା ହାଇସ୍କୁଲ, ଲରାସରା**





# ଅତୁଟ ବନ୍ଧନ

ଏଇ ସେଇ ରାଖୀ
ସେନେହର ସାକ୍ଷୀ
ରେଶମୀ ଡୋରରେ ଦୁଇଟି ମନ
ଭାଇ ଭଉଣୀ ନିଆରା ବନ୍ଧନ
ବାନ୍ଧି ରଖିଥାଏ ସାରା ଜୀବନ।
**ଗୋବିନ୍ଦ ସାହୁ, ଗୁରୁଜଙ୍ଗ, ଖୋର୍ଦ୍ଧା**

ରାଖୀ ପୂର୍ଣ୍ଣିମାରେ ରାଖୀ ବାନ୍ଧିବା ପାଇଁ କେବଳ ରକ୍ତର ସମ୍ପର୍କ ଆବଶ୍ୟକ ନୁହେଁ, ବରଂ ହୃଦୟର ସମ୍ପର୍କ ଆବଶ୍ୟକ। କେବଳ ନିଜର ଭାଇ ଭଉଣୀଙ୍କୁ ରାଖୀ ବାନ୍ଧିବା ତାହା ନୁହେଁ, ନିଜର ଭାଇ ସ୍ୱରୂପ ଆଖ୍ୟା ଦେଇ ଯାହାର ଭଉଣୀ ନଥାନ୍ତି ସେମାନେ ମଧ୍ୟ ରାଖୀ ବାନ୍ଧିଥାନ୍ତି। ବିଦ୍ୟାଳୟରେ ମଧ୍ୟ ଏ ପର୍ବ ଉତ୍ସାହିତ ସହିତ ପାଳନ କରାଯାଏ ଏବଂ ମିଷ୍ଟାନ ଖୁଆଇ ସମ୍ପର୍କ ସ୍ଥାପନ କରିଥାନ୍ତି।
**Imtiaz Khan, Sutahat Majid lane**

ହୀରାଟିଏ ପରି ଚାନ୍ଦଟିଏ ପରି କୋଟିଏରେ ଗୋଟିଏ ମୋ ଭଉଣୀ, ରାଖୀକୁ ଛୁଇଁ ମୁଁ ଶପଥ କରୁଚି ମରିବା ଯାଏ ମୁଁ ରହିବି ତୋ ଭାଇ ହୋଇ।
**ସୁପ୍ରିୟା ସାହୁ, ହଳଦୀବସନ୍ତ, ପିପିଲି**

ସେ ଏକମାତ୍ର ବନ୍ଧନ ଡୋର ଯାହା ସମାଜ ବୁକୁରେ ଜାତି, ଧର୍ମ, ଉଚ୍ଚନୀଚ ଭେଦଭାବ ପତନ ଘଟାଇ ପୁରୁଷ ଆଖିରେ ଜନ୍ମୁଥିବା ପଶୁତ୍ୱର ପରଦାକୁ ହଟାଇ ବୋଲିଦିଏ ବିବେକ, ମମତାର ଝଲକ। ସେ ମୋର ରକ୍ତର ନୁହେଁ ଅଥଚ ବାନ୍ଧି ଦେଇ ଯାଏ ଯେଉଁ ବନ୍ଧନରେ ମୁଁ ତା ପାଖେ ଠିଆ ହୁଏ ବିଶ୍ୱାସ ଓ ସୁରକ୍ଷାର ଶକ୍ତିଶାଳୀ କବଚ ହୋଇ। ରାଖୀ.... ଅତୁଟ ଏ ବନ୍ଧନ.... ପବିତ୍ରତାର ସାକ୍ଷୀ।
**ଚେତନା ଦାସ, ପ୍ରଭାତୀ, କେନ୍ଦ୍ରାପଡ଼ା,**

ବିଶ୍ୱ ଦରବାରରେ ଭାରତ ହେଉଛି ବସୁନ୍ଧରା କୁଟୁମ୍ବକଂ କୁରୁସଭାରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କର ଯେପରି ମାନମହତ ରକ୍ଷା କରିଥିଲେ, ଠିକ୍ ସେହିପରି କଲେଜ କ୍ୟାମ୍ପସରେ ହେଉ ବା ବସ୍, ଟ୍ରେନରେ ଅସହାୟ ନାରୀ ପ୍ରତି ସାହାଯ୍ୟ କରିବା ଉଚିତ୍। ଆସନ୍ତୁ ସମସ୍ତେ ଏହି ରକ୍ଷାବନ୍ଧନରେ ଦୃଢ଼ ସଙ୍କଳ୍ପ ନେଇ ଭଉଣୀମାନଙ୍କ ମାନସମ୍ମାନ ରକ୍ଷା କରିବା।
**ବୀରବର ବିଶ୍ୱାଳ, ସହଲା, ସୋନପୁର**

ରାଖୀ ଆସିଛିରେ ଆଜି ଆସିଛି, କେତେ ନୂଆ ଆଶା ନେଇ ଆସିଛି। ସେନେହ ସରାଗେ ବନ୍ଧାଏ ଡୋର, ଚିର ଶାଶ୍ୱତ କବଚ ଦୁର୍ବାର।
ରକ୍ଷାର ଶପଥ ନେଇଛି ପୋଛି ହୃଦୟରୁ ମାନ ଅଭିମାନ, ବାଦ ବିବାଦର ହେବ ଅବସାନ।
ପୁଲକିତ ନୟନେ ଚାହିଁଛି, କେତେ ନୂଆ ଆଶା ନେଇ ଆସିଛି।
**ଅଶ୍ୱିନୀ କୁମାର ଭୂତିଆ, ଦେଉଳବେଢ଼ା, ଅନୁଗୋଳ**

ତୁ ରାଖୀଟେ ବାନ୍ଧିଲୁ ହାତରେ ମୋର
ପଚାରିଲି ଦେବି କି ଉପହାର,
ହସି ତୁ କହିଲୁ ଲୋଡ଼ା ନାହିଁ କିଛି
ସରଗଠୁ ବଡ଼ ମୋ ପାଇଁ, ମୋ ଭାଇ ଅଛି।
**ଶୁଭେନ୍ଦୁ କୁମାର ମହାପାତ୍ର, ବରମୁଣ୍ଡା, ଖୋର୍ଦ୍ଧା**

କିଏ କହେ ରାଖୀ ତାକୁ ଆଉ କିଏ ରେଶମୀର ଡୋର, ପବିତ୍ର ବନ୍ଧନ ଅଟେ ଜନ୍ମ ଜନ୍ମାନ୍ତର।
ମାଗୁନାହିଁ ସୁନା, ରୁପା ଅବା ରାଜାର ଉଆସ
ହସେଇବାକୁ ମୋତେ ଥିବା ଯାଏ ମୋ ଆୟୁଷ
ସଂସାରର ସବୁଠାରୁ ଶ୍ରେଷ୍ଠ ବରଦାନ
ଭାଉ ଭଉଣୀର ଏହି ଅତୁଟ ବନ୍ଧନ।
ବାନ୍ଧିଲି ରାଖୀ ରଖିବୁ ମାନ।
**ଶ୍ରୀମତୀ ଇପ୍‌ସିତା ବେହେରା, ଦେଉଳବେଢ଼ା, ଅନୁଗୋଳ**

ରାଖୀ ପୂର୍ଣ୍ଣିମା ଭାଇଭଉଣୀମାନଙ୍କର ଏକ ଆନନ୍ଦ ଓ ସ୍ମରଣୀୟ ଉତ୍ସବ। ଏହି ଦିନଟି ଉଭୟଙ୍କ ସ୍ନେହ ଭରା ଭଲ ପାଇବା ଓ ନିର୍ଜୀବ ସମ୍ପର୍କକୁ ମନେ ପକାଏ। କିନ୍ତୁ ଯେଉଁ ଭାଇର ଭଉଣୀ ନାହିଁ, ଯେଉଁ ଭଉଣୀର ଭାଇ ନାହିଁ ତାଙ୍କ ପାଇଁ ଏହି ଦିନଟି ବହୁ କଷ୍ଟ ଓ ଦୁଃଖଦାୟକ ହୋଇଥାଏ। ଏହି କ୍ଷେତ୍ରରେ ଧରମ ଭାଇଭଉଣୀର ଆଶ୍ରୟ ନିଅନ୍ତି ଏବଂ କେତେକାଂଶ ଅଧାବାଟରେ ବାଟବଣା ହୁଅନ୍ତି।
**ଈଶ୍ୱରୀ ବାରିକ, ରାମନାକୁପଲି, ରାୟଗଡ଼ା**

ରାଖୀର ପର୍ବ ଆସିଛି। ଚାରିଆଡ଼େ ଖୁସିର ଲହରୀ ଖେଳୁଛି। ଭଉଣୀ ଭାଇ ପ୍ରତି ଭଲ ପାଇବା ଗୋଟିଏ ରେଶମ ଡୋରିରେ ବନ୍ଧା ହୋଇଛି। ଭାଇର ଅଧିକ ଆୟୁଷ ପାଇଁ ଭଉଣୀର ପ୍ରାର୍ଥନା ହେଉଛି ରାଖୀ। ଭଉଣୀର ପବିତ୍ର ଭଲ ପାଇବାର ସାକ୍ଷୀ ହେଉଛି ରାଖୀ। ଲଢ଼ିବା, ଝଗଡ଼ା କରିବା, ମନେଇବା ଏହା ଭାଇ ଭଉଣୀଙ୍କ ଭଲ ପାଇବା ହୋଇଥାଏ। ଏହି ରାଖୀର ପର୍ବ ସେ ଭଲପାଇବାକୁ ଅଧିକ ବଢ଼େଇ ଦେଇଥାଏ। ଦୁନିଆରେ ସବୁଠୁ ନିଆରା ଭାଇଭଉଣୀଙ୍କ ଏହି ପ୍ରେମ ଓ ବନ୍ଧନ ଦୁନିଆ ପାଇଁ ବରଦାନ।
**ସ୍ମୃତିଶ୍ରୀୟା ସାହୁ, ବନହରପାଲି, ଝାରସୁଗୁଡ଼ା**

ଭ୍ରାତୃ-ଭଗିନୀ ପ୍ରେମର ପ୍ରତୀକ ଏ ରାଖୀ। ଅବ୍ୟକ୍ତ ଭଲ ପାଇବାର ସନ୍ତକ ଏ ରାଖୀ। ଭଉଣୀର ଛାଇକୁ ମଧ୍ୟ ସୁରକ୍ଷା ଦେବାର ପଣ କରିଥିବା ଶକ୍ତିର ନାଁ ରାଖୀ। ରାଖୀ ପ୍ରେମରେ ଭାବରେ, ଆବେଗରେ ଉଲ୍ଲାସ ଆଉ ବିଶ୍ୱାସରେ ମଞ୍ଜୁରା ହୋଇଥିବା ସୂତାଟିଏ। ରାଖୀ ପୂର୍ଣ୍ଣିମା ଗୋଟିଏ ଦିନ ନୁହେଁ, ଏହା ଏକ ଅସରନ୍ତି ସମୟ-ଖଣ୍ଡ, ଚିର ସତେଜ ଓ ଚିରାବେଗ-ପୂର୍ଣ୍ଣ।
**ଜୀବନ ପ୍ରଦୀପ ପ୍ରଧାନ, ଭୋଗରା, ନୟାଗଡ଼**

ସେନେହ ସୂତାରେ ମମତାର ମାଳି,
ଦେଉଛି ବାନ୍ଧି ମୁଁ ହାତରେ ତୋର,
ମନେ ରଖିଥିବୁ ଭୁଲି ନ ଯିବୁ
ରେଶମୀ ଡୋରକୁ ନ କରି ପର,
ରକ୍ଷା ବନ୍ଧନ ହିନ୍ଦୁ ଧର୍ମର ପ୍ରମୁଖ ପର୍ବ ଅଟେ। ଶ୍ରାବଣ ମାସର ପୂର୍ଣ୍ଣିମାରେ ଏହି ପର୍ବ ପାଳନ କରାଯାଏ। ଏହିଦିନ ସବୁ ଭଉଣୀ ଭାଇମାନଙ୍କୁ ରାଖୀ ବାନ୍ଧି କୁଶଳତା କାମନା କରନ୍ତି।
**ଗାୟତ୍ରୀ ମଲ୍ଲିକ, ଓଲ୍ଡ ଟାଉନ, ଭୁବନେଶ୍ୱର**

ରାଖୀର ବନ୍ଧନ ସୁଦୃଢ଼ କରେ ଭାଇ ଓ ଭଉଣୀର ପବିତ୍ର ସମ୍ପର୍କ। ଭଉଣୀ ଭାଇର ମଙ୍ଗଳ ଓ ଦୀର୍ଘାୟୁ କାମନା କରିଥାଏ। ଯେତେବେଳେ ଭଉଣୀ ଭାଇକୁ ରାଖୀ ବାନ୍ଧିଥାଏ ସେତେବେଳେ ଭାଇ ସାରା ଜୀବନ ଭଉଣୀର ସୁରକ୍ଷା ନେବା ପାଇଁ ଶପଥ କରେ। ଯେ କୌଣସି ବାଧା ଭଉଣୀର ପବିତ୍ର ସ୍ନେହର ମମତା ସମ୍ପର୍କ ନିକଟରେ ତୁଚ୍ଛ ଅଟେ। ଭଉଣୀ ଯେଉଁଠାରେ ଥିଲେ ମଧ୍ୟ ପ୍ରତିବର୍ଷ ରାଖୀ ବାନ୍ଧିଥାଏ। ଏଣୁ ପବିତ୍ର ରାଖୀ ପୂର୍ଣ୍ଣିମାରେ ସମସ୍ତ ଭାଇଙ୍କୁ ମୋର ମଙ୍ଗଳକାମନା ବା ମଙ୍ଗଳ ନିମନ୍ତେ ମୁଁ ଭଗବାନଙ୍କୁ ପ୍ରାର୍ଥନା କରୁଛି।
**ଶୁଚିସ୍ମିତା ବାଗ, ସରଣ୍ଡା, ବରଗଡ଼**

ପ୍ରାୟ ଦିନ ଗଣମାଧ୍ୟମର ପୃଷ୍ଠା ଓ ବୈଦ୍ୟୁତିକ ଗଣମାଧ୍ୟମ 'ଭଗିନୀ' ମାନଙ୍କ ଅସହାୟତାର ଦୃଶ୍ୟ ଆଜି ଆମ ସାମାଜିକ ବିଧିବ୍ୟବସ୍ଥାକୁ ବହୁ କୁଣ୍ଠିତ କରିପକାଉଛି। ଯାହା ନାରୀ ପାଇଁ ସୃଷ୍ଟି ସମଗ୍ର ଜ ଗ ତ । ଏମାନଙ୍କ ଉନ୍ନତି ସାଧନ ହୋଇପାରିଲେ ଭାଇ ଭଉଣୀର ଅତୁଟ ବନ୍ଧନ ଆହୁରି ଉଜ୍ଜୀବିତ ହୋଇପାରିବ।
**ସୁଶାନ୍ତ କୁମାର ସାସମଲ, ହନୁମାନ ନଗର, ଗଞ୍ଜାମ**

ଆଷାଢ଼ ଗଲେ ଶ୍ରାବଣ ଆସେ, ଫୁଲ ଥାଳି ଧରି ଡାକି ଥିଲି ଆରେ ମୋର ଭାଇ, ମିଠା ଖୁଆଇ ବାନ୍ଧିବି ରାଖୀ। ହସ ଖୁସୀରେ ଥିବୁ ମୋର ଭାଇ ଭଲରେ ରଖିବୁ ମା' ସମଲେଇ।.
**ଭାଗ ହରିପାଳ, ସାନପୁଆପାଲି, ସୋନପୁର**

ରାଖୀ ଏକ ପବିତ୍ର ସମ୍ପର୍କ ଭାଇ ଭଉଣୀର ସ୍ନେହ ଆଦରରେ ତିଆରି ରାଖୀ। ରାଖୀ ପାଇଁ ଭାଇ ଅପେକ୍ଷାରେ ଭଉଣୀ କେତେ ଉପାସ, ବ୍ରତ, କରି ଠାକୁର ପାଖରେ ଗୁହାରି କରିଥାଏ ମୋ ଭାଇକୁ ଶକ୍ତି, ଧୈର୍ଯ୍ୟ, ସାହସ ମିଳୁ ବୋଲି ଏବଂ ଭାଇ ଯେତେ ଦୂରରେ ଥିଲେ ବି ଭଉଣୀ ରାଖୀକୁ ଅନେଇ ଥାଏ।
**ଟୁନିଆ ମୁଣ୍ଡା, ସୋହେଲା, ସୋନପୁର**

ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ଏକ ଯୁଦ୍ଧ ସମୟରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ହସ୍ତକମଳରୁ ରକ୍ତ ଝରୁଥିଲା, ଯାହାକୁ ଦେଖି ଦ୍ରୌପଦୀଙ୍କ ମନ ବ୍ୟଥିତ ହୋଇ ଉଠିଥିଲା ଏବଂ ବ୍ୟାକୁଳ ଚିତ୍ତରେ ଦ୍ରୌପଦୀ ନିଜର ବସ୍ତ୍ରରୁ ଖଣ୍ଡିଏ କନା ଚିରି ଶ୍ରୀକୃଷ୍ଣଙ୍କ ଆଘାତ ସ୍ଥଳରେ ବାନ୍ଧି ଦେଇଥିଲେ ଏବଂ ରକ୍ତସ୍ରୋତ ବନ୍ଦ ହୋଇଯାଇଥିଲା। ପରିଣାମ ସ୍ୱରୂପ ଭଗବାନ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ତାଙ୍କର ବସ୍ତ୍ରହରଣ ସମୟରେ ରକ୍ଷା କରିଥିଲେ। ଏହି ଉଦାହରଣକୁ ମନରେ ରଖି ପ୍ରତ୍ୟେକ ଭଉଣୀ ନିଜ ଭାଇ ହାତରେ ରାଖୀ ବାନ୍ଧେ।
**ଶ୍ରଦ୍ଧାଞ୍ଜଳି ଗୌଡ଼, ବିଷମକଟକ, ରାୟଗଡ଼ା**

ରକ୍ଷାର ପ୍ରତୀକ ହେଉଛି– ରାଖୀ ବନ୍ଧନ ବା ରାଖୀ। ପୂର୍ଣ୍ଣମୀ ଧର୍ମାନୁମତରେ ଶ୍ରାବଣ ପୂର୍ଣ୍ଣିମା ତିଥିରେ ପାଳିତ ହୁଏ। ରାଖୀ ପୂର୍ଣ୍ଣମୀ ପାଳିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କ ଦୃଢ଼ ହେବା ସହ ସ୍ନେହ, ପ୍ରେମ ଅତୁଟ ରହିଥାଏ। ରକ୍ଷାବନ୍ଧନରେ ଭଉଣୀ ପୂର୍ଣ୍ଣ ବିଶ୍ୱାସରେ ତା ଭାଇକୁ ତା ରେଶମୀ ରାଖୀ ଡୋରରେ ବାନ୍ଧିଥାଏ ତ'ର ରକ୍ଷା ନିମନ୍ତେ। ସେନେହ ସୂତାରେ ମମତାର ମାଳି ଦେଉଛି ବାନ୍ଧି ମୁଁ ହାତରେ ତୋର ମନେ ରଖିଥିବୁ ଭୁଲି ତୁ ନ ଯିବୁ ରେଶମୀ ଡୋରକୁ ନ କରି ପଛ।
**ମନସ୍ୱୀ ଜେନା, ରାଉରକେଲା କଲେଜ, ରାଉରକେଲା**

ଭାଇ ଭଉଣୀଙ୍କ ଅମର ପ୍ରେମ ରେଶମୀ ଡୋରେ ବନ୍ଧା। ଯେପରି କୃଷ୍ଣ ସୁଭଦ୍ରା ଅତୁଟ ପ୍ରୀତିରେ ଛନ୍ଦା। ବିଧାତା ଗଢ଼ିଛି ଯେ ଭାଇ ଭଉଣୀ ଯା ଭିତରେ ଅଛି କେତେ କଳି, ରାଗ, ଅଭିମାନ, ସ୍ନେହ ଭଲ ପାଇବାର କାହାଣୀ। ବାନ୍ଧିଲି ଭାଇ ତୋ ହାତେ ରାଖୀ, ଏଇ ରାଖୀ ଆମ ଅତୁଟ ବନ୍ଧନର ମୂକସାକ୍ଷୀ। ଭାଇ ହେଉ ମୋ ଜଗତଜିତା ତୁ ହିଁ ପରା ମୋ ଜୀବନ ସଳିତା। ଏହି ବାର୍ତ୍ତା ମାଧ୍ୟମରେ ସମସ୍ତ ଭାଇଙ୍କୁ ରାଖୀ ପୂର୍ଣ୍ଣିମାର ହାର୍ଦ୍ଦିକ ଅଭିନନ୍ଦନ।
**ତୃପ୍ତିମୟୀ ରଥ, ଦୁରୁଦରା, ନୟାଗଡ଼**

ରକ୍ଷା ବନ୍ଧନ ଏମିତି ଗୋଟିଏ ଅତୁଟ ବନ୍ଧନ ଯାହାକି ଭାଇ ଓ ଭଉଣୀଙ୍କ ମଧ୍ୟରେ ଥିବା ସ୍ନେହ ଓ ପ୍ରେମର ପ୍ରତୀକ ଅଟେ। ରକ୍ଷା ବନ୍ଧନରେ ଗୋଟିଏ ଭାଇ ତା'ର ଭଉଣୀର ରକ୍ଷା କରିବା ବୋଲି ପ୍ରତିଶ୍ରୁତି ଦେଇଥାଏ ଓ ଏହାର ପାଳନ ମଧ୍ୟ କରିଥାଏ।
**ଗୀତାଞ୍ଜଳି ମହାନ୍ତି, ବଡ଼ଦ୍ୱାର ସାହି, ରାୟଗଡ଼ା**

ରାଖୀ ପୂର୍ଣ୍ଣିମା ଭାଇ ଭଉଣୀଙ୍କର ଏକ ପବିତ୍ର ପର୍ବ ଅଟେ। ଏହି ପର୍ବ ସାରା ଭାରତବର୍ଷରେ ପାଳିତ ହୁଏ। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣମୀ ତିଥିରେ ଏହି ପର୍ବ ପାଳନ କରାଯାଏ। ଏହି ପର୍ବରେ ଭଉଣୀ ଭାଇର ମଥାରେ ଚନ୍ଦନ ଲଗେଇବା ସହ ହାତରେ ରାଖୀ ବାନ୍ଧିଥାଏ। ଭାଇ ମଧ୍ୟ ଭଉଣୀକୁ ସୁରକ୍ଷାର ପ୍ରତିଶ୍ରୁତି ଦେବା ସହ ସୁନ୍ଦର ଉପହାର ଦେଇଥାଏ।
**ଚନ୍ଦନ କୁମାର ପିଡିକାକା, ବିଷମ କଟକ, ରାୟଗଡ଼ା**

ରାଖୀ ପୂର୍ଣ୍ଣିମା ଭାଇ ଏବଂ ଭଉଣୀମାନଙ୍କର ଏକ ପବିତ୍ର ପର୍ବ। ଏହି ପର୍ବ ଓଡ଼ିଶା ସମେତ ସାରା ଭାରତବର୍ଷରେ ପାଳିତ ହୁଏ। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳନ କରାଯାଏ। ଏହିଦିନ ଭଉଣୀ ଭାଇର ମଥାରେ ତିଳକ ଲଗାଇ ହାତରେ ରାଖୀ ବାନ୍ଧିଥାଏ। ଭାଇ ମଧ୍ୟ ଭଉଣୀକୁ ସୁରକ୍ଷାର ପ୍ରତିଶ୍ରୁତି ଦେଇ ସୁନ୍ଦର ଉପହାର ଦେଇଥାଏ। ରାଖୀକୁ ଶକ୍ତି, ବିଶ୍ୱାସ ଏବଂ ବିଜୟର ପ୍ରତୀକ ବୋଲି କୁହାଯାଏ। ଏହିଦିନ ପ୍ରଭୁ ବଳଦେବଙ୍କ ଜନ୍ମଦିନ।
**ରଞ୍ଜନ କୁମାର ପିଡ଼ିକାକା, ଡୁକୁମ, ବିଷମ କଟକ**

ଭାଇ ଭଉଣୀର ଏକ ପବିତ୍ର ସମ୍ପର୍କରେ ରକ୍ଷା ବନ୍ଧନ ଯୋଡ଼ିହୁଏ ଆଉ ଏକ ସ୍ମୃତିର ଫର୍ଦ୍ଦ। ସ୍ନେହ ଓ ଭଲପାଇବାର ଗୋଟିଏ ଅନନ୍ୟ ଅଧ୍ୟାୟ। ରେଶମୀ ଡୋରର ଅତୁଟ ବନ୍ଧନକୁ ଦୀର୍ଘସ୍ଥାୟୀ କରିବା ପାଇଁ ପ୍ରୟାସ କରନ୍ତି ଭାଇ ଭଉଣୀ। ଓଡ଼ିଆ ପର୍ବର ଏହା ଏକ ଶ୍ରେଷ୍ଠ ପରମ୍ପରାର ନମୁନା।
**ପ୍ରେମାନନ୍ଦ ବେହେରା, ଡମଣା, ଭୁବନେଶ୍ୱର**

ରାକ୍ଷୀ ପୂର୍ଣ୍ଣିମା ହେଉଛି ଭାଇ ଓ ଭଉଣୀମାନଙ୍କ ମଧ୍ୟରେ ବନ୍ଧନ, ଯତ୍ନ ଏବଂ ସ୍ନେହର ପ୍ରତୀକ। ଏହିଦିନ ଏକ ଭଉଣୀ ଦୀର୍ଘ ଜୀବନ ପାଇଁ ପ୍ରାର୍ଥନା କରିବାର ପ୍ରତୀକ ଭାବରେ ନିଜ ଭାଇର ହାତରେ ଏକ ସୂତା ବାନ୍ଧିଥାଏ। ଏହାର ପ୍ରତିବଦଳରେ ଭାଇ ଭଉଣୀକୁ ସର୍ବଦା ଖୁସି ରଖିବାକୁ ଏବଂ ସମସ୍ତ ଅସୁବିଧାରୁ ରକ୍ଷା କରିବାକୁ ପ୍ରତିଜ୍ଞା କରିଥାଏ। ଏହା ଏକ ହିନ୍ଦୁ ପର୍ବ ହେଲେ ମଧ୍ୟ ସାରା ଭାରତରେ ପାଳନ କରାଯାଏ।
**ଭେଙ୍କଟ ପ୍ରସାଦ ଖୁଣ୍ଟିଆ, ବଡ଼ମାଧପୁର, ଗଞ୍ଜାମ**



ରକ୍ଷା ବନ୍ଧନ ଏକ ପବିତ୍ର ପର୍ବ। ଏହା ଭାଇ ଭଉଣୀ ସମ୍ପର୍କର ଏକ ଅପୂର୍ବ ନିଦର୍ଶନ। ଭାଇ ହାତରେ ଭଉଣୀ ସ୍ନେହର ସନ୍ତକ ଏଥିପାଇଁ ବାନ୍ଧେ ଯେ ସୁଖରେ ଦୁଃଖରେ ସେ ତାର ସାଥୀ ହୋଇ ରହିବ। ପିତା ଓ ଘନିଷ୍ଠ ବନ୍ଧୁର ଦାୟିତ୍ୱ ଭାଇ ନିର୍ବାହ କରେ ଏବଂ ଭଉଣୀର ଖୟାଲ ରଖେ। ସେହିପରି ଭଉଣୀ ମଧ୍ୟ ମା ତଥା ସାଥୀ ରୂପରେ ଭାଇର ସୁଖ ସମୃଦ୍ଧିର କାମନା କରେ।
**ସୈରେନ୍ଦ୍ରି ପଣ୍ଡା, ଦଳେଇପଡ଼ା, ସମ୍ବଲପୁର**

ଓଡ଼ିଶା ଏକ ପର୍ବପର୍ବାଣି ପ୍ରିୟ ରାଜ୍ୟ ଅଟେ। ଓଡ଼ିଆ ବା ଜଗନ୍ନାଥ ସଂସ୍କୃତିରେ ବାର ମାସରେ ତେର ପର୍ବ ପାଳନ ହୁଏ। ସେଥି ମଧ୍ୟରୁ ରାଖୀ ପୂର୍ଣ୍ଣିମା ଏକ ମୁଖ୍ୟ ପର୍ବ ଅଟେ। ଏହି ଦିନ ବଳଭଦ୍ର ଠାକୁରଙ୍କ ଜନ୍ମଦିନ ହୋଇ ଥିବାରୁ ଏହାକୁ ବଳଭଦ୍ର ଜନ୍ମ ବା ଗହ୍ମା ପୂର୍ଣ୍ଣିମା କୁହାଯାଏ। ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କର ଝଲକ ଏହି ପୂର୍ଣ୍ଣିମାରୁ ମିଳିଥାଏ। ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଭଉଣୀ କାମନା କରିଥାଏ।
**ଭାଗ୍ୟଲକ୍ଷ୍ମୀ ସୂର୍ଯ୍ୟ, ଗୁଣ୍ଡିଚା ନଗର, ରାୟଗଡ଼ା**

ରାଖୀ ପୂର୍ଣ୍ଣିମାକୁ ଶ୍ରାବଣ ପୂର୍ଣ୍ଣମୀ କୁହାଯାଏ। ଏହି ଦିନରେ ବଳରାମ ଜନ୍ମ ହୋଇଥିବାରୁ ଗହ୍ମା ପୂର୍ଣ୍ଣିମା କୁହାଯାଏ। ଏହି ଦିନ ଭଉଣୀ ତା'ର ଭାଇର ମଥାରେ ତିଳକ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରେ। ଭାଇ ମଧ୍ୟ ଭଉଣୀର ରାକ୍ଷାକବଚ ସାଜି ସବୁ ବିପଦରୁ ଉଦ୍ଧାର କରିବା ପାଇଁ ପ୍ରତିଶ୍ରୁତି ଦେଇଥାଏ। ଇତିହାସରେ ହୁମାୟୁନ ତାଙ୍କ ଭଉଣୀ ହାତରୁ ରାଖୀ ବାନ୍ଧି ଥିଲେ। ପୃଥ୍ୱୀ ଚନ୍ଦ୍ରକୁ ନିଜର ଭାଇ କରି ରାଖୀ ବାନ୍ଧିଥିଲେ। ପୁରାଣରେ ଦ୍ରୌପଦୀ ମଧ୍ୟ କୃଷ୍ଣଙ୍କ ହାତରେ ରାଖୀ ବାନ୍ଧି ଥିଲେ। ରାଖୀ ପୂର୍ଣ୍ଣିମା ହେଉଛି ପ୍ରେମ, ତ୍ୟାଗ ଓ କର୍ତ୍ତବ୍ୟର ପର୍ବ। ଏହା ସମସ୍ତଙ୍କୁ ଦୃଢ଼ କରିଥାଏ।
**ଶୁଭଶ୍ରୀ ରାଉତ, ସରମରା, ଭଦ୍ରକ**

ସେନେହର ସୂତାରେ ମମତାର ମାଳି ଦେଉଛି ବାନ୍ଧି ମୁଁ ହାତରେ ତୋର, ମନେ ରଖିଥିବୁ ସୁନାଭାଇ ମୋର ରେଶମୀ ଡୋରକୁ ନ କରି ପର।
**ସସ୍ମିତା ମିଶ୍ର, ସୁହାଗପୁର, ପୁରୀ**

ଭାଇର ଅଧିକ ଆୟୁଷ ପାଇଁ
ଭଉଣୀର ପ୍ରାର୍ଥନା ହେଉଛି ରାଖୀ,
ଭଉଣୀର ପବିତ୍ର ଭଲ ପାଇବାର
ସାକ୍ଷୀ ହେଉଛି ରାଖୀ।
**ସୁପ୍ରଭା ସାହୁ, ବମିଖାଲ, ରସୁଲଗଡ଼, ଭୁବନେଶ୍ୱର**

ନମସ୍କାର,ମୋର ସମସ୍ତ ଭାଇ ଭଉଣୀଙ୍କୁ ପବିତ୍ର ରାଖୀ ପୂର୍ଣ୍ଣିମା ନିମନ୍ତେ ସ୍ୱାଗତ ଓ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି।
ସେନେହ ସୂତାରେ ମମତାର ଡୋର
ଦେଉଛି ବାନ୍ଧି ମୁଁ ହାତରେ ତୋର।
ମନେ ରଖିବାକୁ ଭୁଲି ନ ଯିବୁ ରେଶମୀ ଡୋରିକୁ ନକରି ପର।
**ସେବିକା ଭୋଇ, ବରଗଡ଼**

ରାଖୀ ପୂର୍ଣ୍ଣିମା ପାଇଁ ମୋର ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା। ରକ୍ଷା ବନ୍ଧନ ଏକ ଭାଇ ଓ ଭଉଣୀର ସମ୍ପର୍କ। ଏହି ସମ୍ପର୍କ ଦିନେ ଭଗବାନ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କ ପାଖରେ ଦେଖିବାକୁ ମିଳିଥିଲା ଏବଂ ଏହି ଦିନଠାରୁ ରାଖୀ ବନ୍ଧନ ଆରମ୍ଭ ହୋଇଥିଲା। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳନ କରାଯାଏ। ରାଖୀ ପୂର୍ଣ୍ଣିମା ହେଉଛି ସୁରକ୍ଷାର କବଚ ଓ ଏହିଦିନ ଭଉଣୀମାନେ ଭାଇମାନଙ୍କ ସୁରକ୍ଷାକବଚ ମଧ୍ୟରେ ସୁରକ୍ଷିତ ରହିବା ପାଇଁ ଓଡ଼ିଶା ସମେତ ସାରା ଭାରତବର୍ଷରେ ଭାଇମାନଙ୍କୁ ରାଖୀ ବାନ୍ଧିଥାନ୍ତି।
**ସରୋଜିନୀ ଵର୍ମା, ଦେବଗଡ଼**

ରାଖୀ ପୂର୍ଣ୍ଣିମା ଦିନ ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମ ହୋଇଥିବାରୁ ଏହାକୁ ବଳଭଦ୍ର ଜନ୍ମ ବା ଗହ୍ମା ପୂର୍ଣ୍ଣିମା କୁହାଯାଏ। ଏହା ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପାଳନ କରାଯାଏ। ରାଖୀ ପୂର୍ଣ୍ଣିମା ଭାଇ ଓ ଭଉଣୀମାନଙ୍କର ଏକ ପବିତ୍ର ପର୍ବ । ଏହିଦିନ ଭଉଣୀ ଭାଇର ମୁଣ୍ଡରେ ତିଳକ ଲଗାଇବା ସହିତ ହାତରେ ରାଖୀ ବାନ୍ଧିଥାଏ। ଭାଇ ମଧ୍ୟ ଭଉଣୀକୁ ସୁରକ୍ଷାର ପ୍ରତିଶ୍ରୁତି ଦେବା ସହିତ ସୁନ୍ଦର ଉପହାର ଦେଇଥାଏ। ରକ୍ଷାବନ୍ଧନ ପର୍ବ ଭାରତୀୟ ସଂସ୍କୃତି ପରମ୍ପରା ଓ ସଭ୍ୟତାର ଅମୂଲ୍ୟ ପ୍ରତୀକ ଅଟେ।
**ଅର୍ପିତା ପଧାନ, ଅଢ଼ାପରା, ଝାରସୁଗୁଡ଼ା**

ପୃଥିବୀ ପୃଷ୍ଠରେ ସୃଷ୍ଟି ହୋଇଥିବା ମନୁଷ୍ୟ ସମାଜ ପାଇଁ ଅତୁଟ ବନ୍ଧନର ଆବଶ୍ୟକତା ରହିଛି। ଅତୁଟ ବନ୍ଧନ କହିଲେ ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ ନକ୍ଷତ୍ରଗୁଡ଼ିକ ଆକାଶ ବକ୍ଷରେ କେଉଁ ଆଦିମ କାଳରୁ ବାନ୍ଧି ହୋଇରହିଛନ୍ତି। ମାଆ ଟିଏ ତାର ଛୁଆକୁ କିଭଳି ଭାବରେ ସ୍ନେହଦେଇ ଛୋଟରୁ ବଡ଼ କରୁଛି। ଭଉଣୀଟି ଭାଇହାତରେ ରାଖୀ ବାନ୍ଧି ପ୍ରେମର ସମ୍ପର୍କ ସ୍ଥାପନ କରୁଛି ଶ୍ରୀକୃଷ୍ଣଙ୍କର ଓ ସୁଦାମାର ଥିଲା ଅତୁଟ ବନ୍ଧନ। ସୁଦାମା ଭଗବାନଙ୍କୁ ଭକ୍ତିଠାରୁ ଅଧିକ ଭକ୍ତିକରି ପାରୁଥିଲା ବୋଲି ଭଗବାନ ଶ୍ରୀକୃଷ୍ଣ ସୁଦାମାକୁ ଅତୁଟ ବନ୍ଧନରେ ବାନ୍ଧି ପାଖରେ ଥିଲେ। ଏଥିରୁ ଜଣାଗଲା ସଂସାର ପାଇଁ ଅତୁଟ ବନ୍ଧର ଆବଶ୍ୟକତା ରହିଛି।
**ଦୀପ୍ତିମୟୀ ମହାରଣା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସାକ୍ଷୀଗୋପାଳ**

ରାଖୀ ପୂର୍ଣ୍ଣିମା ଦିନ ବଳଭଦ୍ରଙ୍କର ଜନ୍ମ। ତେଣୁ ଏହିଦିନକୁ ବଳଭଦ୍ର ଜନ୍ମ ବା ଗହ୍ମା ପୂର୍ଣ୍ଣିମା କୁହାଯାଏ। ଏହା ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପାଳିତ ହୋଇଥାଏ। ଏହି ପର୍ବ ଭାଇ ଭଉଣୀର ସ୍ନେହର ପର୍ବ। ଏହି ଦିନ ଭଉଣୀ ଭାଇ ହାତରେ ସ୍ନେହ, ପ୍ରେମ ଓ ସୁରକ୍ଷାର ରାଖୀ ବାନ୍ଧିଥାଏ ଏବଂ ଭାଇ ଭଉଣୀର ସର୍ବଦା ରକ୍ଷା କରିବାର ପ୍ରତିଶ୍ରୁତି ଦେଇ ସୁନ୍ଦର ସ୍ନେହର ଉପହାର ମଧ୍ୟ ଦେଇଥାଏ। ଏହା ସମାଜ ମଧ୍ୟରେ ଏକତା ଓ ସହଯୋଗର ନିବିଡ଼ ବନ୍ଧନ ସୃଷ୍ଟି କରିଥାଏ।
**ମୌସୁମୀ ପ୍ରଧାନ, ଅଢ଼ାପରା, ଝାରସୁଗୁଡ଼ା**

ରାଖୀ ପୂର୍ଣ୍ଣିମା ଏକ ପୁରୁଣା ପର୍ବ ଏହା ମୁଖ୍ୟତଃ ହିନ୍ଦୁ ଭାରତୀୟ ପରିବାରର ଭାଇ ଓ ଭଉଣୀମାନଙ୍କ ମଧ୍ୟରେ ପାଳନ କରାଯାଏ। ଏହିଦିନ ଭଉଣୀ ଭାଇ ହାତରେ ରାଖୀ ନାମକ ଏକ ସୂତା ବାନ୍ଧିଥାଏ ଏବଂ ଭାଇ ଭଉଣୀକୁ ଜୀବନ ସାରା ସେମାନଙ୍କର ସୁରକ୍ଷା ଏବଂ ଯତ୍ନ ନେବାକୁ ପ୍ରତିଜ୍ଞା କରିଥିଲେ। ଏହା ଯେ କୌଣସି ଦୁଇ ଜଣଙ୍କ ମଧ୍ୟରେ ପାଳନ କରାଯାଇପାରେ। ଯେଉଁମାନେ ବନ୍ଧୁତା ଓ ଭାଇଚାରା ପ୍ରେମ ବାଣ୍ଟନ୍ତି।
**ରୁପାଲି ସାହୁ, ଅଢ଼ାପରା, ଝାରସୁଗୁଡ଼ା**

ରାଖୀ ପୂର୍ଣ୍ଣିମା ହେଉଛି ଭାଇ ଭଉଣୀର ଅତୁଟ ବନ୍ଧନ। ଭଉଣୀ ଭାଇର ପବିତ୍ର ସମ୍ପର୍କ ରାଖୀ ପୂର୍ଣ୍ଣିମା। ସେଦିନ ଭାଇ ଭଉଣୀର ସ୍ନେହର ବନ୍ଧନ। ରାଖୀର ଅର୍ଥ ସୁରକ୍ଷା ଓ ବନ୍ଧନ। ରାଖୀ ପୂର୍ଣ୍ଣିମା ଦିନ ଭଉଣୀ ଭଗବାନଙ୍କ ପାଖରେ ଭାଇର ଉନ୍ନତି ଓ ସୁଖ ଶାନ୍ତି ପାଇଁ ପ୍ରାର୍ଥନା କରିଥାଏ। ରାଖୀ ଭଉଣୀ ବାନ୍ଧିବାର ଅର୍ଥ ଭାଇ ସବୁବେଳେ ଖୁସିରେ ରହିବ।
**ନଗେସ ପଟ୍ଟନାୟକ, ରାମନଗର, ବ୍ରହ୍ମପୁର**

ଏ ରାଖୀ କେବଳ ଗୋଟେ ଛୋଟ ସୂତା ନୁହେଁ।
ଏହା ହେଉଛି ମୂକ ସାକ୍ଷୀ ଆମ ସମ୍ପର୍କର ମାନ ଅଭିମାନ ଅବା ତୋ ସ୍ନେହ ଭରା ଗାଳି।
ଏହା ତ ହେଉଛି ଭାଇ ଭଉଣୀର ସ୍ନେହ ଓ ମମତା।
**କାର୍ତ୍ତିକ ପରିଡ଼ା, ଚକେଇସିଆଣି, ଭୁବନେଶ୍ୱର**

ସଜଳ ଦୁଇ ମନରେ ସମ୍ପର୍କର ଶବ୍ଦ ବୋଧଗମ୍ୟ ପୂର୍ବରୁ ହୁଏ ବିଶ୍ୱସ୍ତ। ହୋଇଉଠେ ଅତୁଟ ସହ ଆହୁରି ଅନ୍ତରଙ୍ଗ। ହୃଦୟେ ନୀରବିତ ସ୍ୱରର ଗୋପନ ଗୁଞ୍ଜରଣରେ ଛପିରହି ଯୋଡ଼ି ହୋଇଯାଏ ଆପଣାପଣର ମଧୁରତା। ଗୋଟେ ପଣତକାନି ତଳେ ରହି ଅନୁଭବ କରିହୁଏ ଅସୀମ ଆକାଶ ବିଶାଳ ପୃଥିବୀ। ବ୍ୟାପ୍ତ ଏତେ ସୁନ୍ଦର ପ୍ରସାରୀ ଯେ ତାର ମୂଲ୍ୟାୟନ ଆମ ଖାଲି ଆଖିକୁ ଦିଶେ ନାହିଁ।
**ବିଶ୍ୱ ରଞ୍ଜନ ମହାନ୍ତି, ସିଂହସାହି, ଅନୁଗୋଳ**

ନିଜ ପ୍ରାର୍ଥନାରେ ଯିଏ ତାର ବିଷୟରେ ଭାବେ ସିଏ ଭାଇ ଯିଏ ନିଜଠୁ ଆଗ ଭଉଣୀର ଚିନ୍ତା କରେ।
ରକ୍ଷା ବନ୍ଧନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା।
ସମସ୍ତ ଭାଇ ଭଉଣୀମାନଙ୍କୁ।
**ଇତିଶ୍ରୀ ବାରିକ, ନାରାୟଣୀ ସାହି, ଫୁଲବାଣୀ**

ଓଡ଼ିଆରେ ବାର ମାସରେ ତେର ପର୍ବ ପାଳିତ ହୁଏ। ଏଥି ମଧ୍ୟରୁ ରକ୍ଷାବନ୍ଧନ ଏକ ପବିତ୍ର ପର୍ବ। ଏଥିପାଇଁ ଏହାକୁ ଶ୍ରାବଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ରାଖୀ ପୂର୍ଣ୍ଣିମାରେ ଭାଇଙ୍କୁ ଭଉଣୀ ମାନେ ରାଖୀ ବାନ୍ଧନ୍ତି। ଭାଇ ଭଉଣୀକୁ ସୁରକ୍ଷାର ପ୍ରତିଶ୍ରୁତି ଦେଇଥାନ୍ତି।
**ପଙ୍କଜିନୀ ଗୌଡ଼, ବିଷମକଟକ**

ରାଖୀ ହେଉଛି ଭାଇ ଭଉଣୀ ମଧ୍ୟରେ ଥିବା ଅତୁଟ ବନ୍ଧନ। ରକ୍ଷାବନ୍ଧନ ଆମେ ପାଳନ କରିଥାଉ, କାରଣ ଭଉଣୀ ଉପରେ ଆସୁଥିବା କଷ୍ଟ ଓ ଦୁର୍ଦ୍ଦଶାକୁ ଭାଇ ହରଣ କରିନିଏ। ଆମ ଦେଶର ସୈନିକମାନେ ଯେପରି ଦେଶର ସୁରକ୍ଷା ନିମିତ୍ତ ପ୍ରାଣବଳି ଦେଇଥାନ୍ତି, ସେହିପରି ଭାଇ ମଧ୍ୟ ନିଜ ଭଉଣୀର ରକ୍ଷା ପାଇଁ ପଛଘୁଞ୍ଚା ଦିଏନାହିଁ।
**ଲିସା ବିଶ୍ୱାଳ, ଖମାରଡିହି, ଝାରସୁଗୁଡ଼ା**

ଯାହାର ମୁଣ୍ଡ ଉପରେ ଭାଇର ହାତ ଥାଏ ସବୁ କଷ୍ଟ ସମୟରେ ନିଜ ସାଥିରେ ଥାଏ ମାଡ଼ଗୋଳ ପୁଣି ସ୍ନେହର ବୁଝେଇବା ସେଥିପାଇଁତ ଏହିଋିଆରେ ଏତେ ସ୍ନେହ ଥାଏ। ରକ୍ଷା ବନ୍ଧନର ହାର୍ଦ୍ଦିକ ଅଭିନନ୍ଦନ।
**ପ୍ରୀତି ପ୍ରତୀକ୍ଷା, ନାରାୟଣୀ ସାହି, ଫୁଲବାଣୀ**

ହୀରାଟିଏ ପରି ଚାନ୍ଦ ଟିଏ ପରି
କୋଟିଏରେ ଗୋଟିଏ ମୋ ଭଉଣୀ
ରାଖୀକୁ ଛୁଇଁ ମୁଁ ଶପଥ କରୁଛି
ମରିବା ଯାଏଁ ମୁଁ ରହିବି ତୋ ଭାଇ ହୋଇ।
**ପ୍ୟାରୀମୋହନ ମହାପାତ୍ର, ଖୋର୍ଦ୍ଧା**

ସମୟ ଅହରହ ଭିଜୁଥାଉ, ସ୍ମୃତିର ଝିପି ଝିପି ବରଷାରେ....।
ସମ୍ପର୍କ ଏଇଭଳି ଗାଉଥାଉ, ଗୀତର ରାଗିଣୀରେ, ସଂଗୀତର ମୂର୍ଚ୍ଛନାରେ....।
ଭାଇ ଓ ଭଉଣୀର ପବିତ୍ର ଏ ବନ୍ଧନରେ।
ହାପି ରାଖୀ, ହାପି ଧରିତ୍ରୀ
**ସନ୍ଦୀପ ସତ୍ୟ ନାରାୟଣ ଭୂୟାଁ, ବାଲିଚନ୍ଦ୍ରପୁର, ଯାଜପୁର**

ରାଖୀ ପୂର୍ଣ୍ଣିମା ଭାଇ ଏବଂ ଭଉଣୀମାନଙ୍କ ମଧ୍ୟରେ ଏକ ସ୍ନେହର ବନ୍ଧନ। ଏହି ପର୍ବ ଭାରତର ସମୃଦ୍ଧି, ସଭ୍ୟତା ଏବଂ ପରମ୍ପରାର ଅମୂଲ୍ୟ ଐତିହ୍ୟ ଅଟେ। ଏହି ପରମ୍ପରାକୁ ବଜାୟ ରଖିବା ସହିତ ଏହାର ମୂଲ୍ୟବୋଧକୁ ପ୍ରତ୍ୟେକ ମଣିଷକୁ ବୁଝିବା ନିହାତିଆବଶ୍ୟକ। ରାଖୀ ପାଇଁ ଅନେକ ଶୁଭେଚ୍ଛା।
**ଦିପ୍ତୀ ମଞ୍ଜରୀ ସାହୁ, ଆଇଆଇପିଏସ କଲୋନୀ, ଝାରସୁଗୁଡ଼ା**

କୋଟିଏରେ ଗୋଟିଏ ମୋ ସୁନା ଭାଇ, ପାଖେ ପାଖେ ଥିବୁ ମୋ ଛାଇ ହୋଇ। ବାନ୍ଧିବି ତୋ ହାତେ ସ୍ନେହ ବନ୍ଧନ। ଆଜି ପରା ପବିତ୍ର ରାଖୀ ବନ୍ଧନ। ସର୍ବ ଶକ୍ତିମାନ ପ୍ରଭୁଙ୍କର ସୁନ୍ଦର ସଂରଚନା ହେଉଛି ପରିବାର। ଭାଇ ଭଉଣୀଙ୍କ ଏହି ନିଆରା ସମ୍ପର୍କକୁ ବଜାୟ ରଖିବା ଓ ସମଗ୍ର ନାରୀ ଜାତିକୁ ସମ୍ମାନ ଦେବା ଏହି ପର୍ବର ମୂଳ ଉଦ୍ଦେଶ୍ୟ।
**ସାଇଶ୍ରୀ ସତ୍ୟରୂପା ତ୍ରିପାଠୀ, ଦେବୋତ୍ତର କଲୋନୀ, ନୟାଗଡ଼**

ଭଉଣୀଙ୍କ ସ୍ନେହ ଶ୍ରଦ୍ଧାର ପ୍ରତୀକ ଭାଇ ହାତେ ବାନ୍ଧା ରାଖୀ। ଭାଇ ହାତ ରାଖୀ ଅଟେ ଏକା ଭଉଣୀ ସୁରକ୍ଷା ସାକ୍ଷୀ। ରକ୍ଷାବନ୍ଧନ ମହା ପରମ୍ପରା ସମ୍ପର୍କର ମହାପର୍ବ। ଏ ରକ୍ଷାବନ୍ଧନ ଆମ ସମାଜର ପର୍ବ ନୁହେଁ ମହାପର୍ବ। ଧନ୍ୟ ଏ ଜାତି, ଧନ୍ୟ ଜାତିନୀତି, ସଂପର୍କ ସଂସ୍କୃତି ବନ୍ଧା। ବିଶ୍ୱନିୟନ୍ତା ଜଗନ୍ନାଥଙ୍କ ହାତ ବି ସୁଭଦ୍ରାଙ୍କ ରାଖୀରେ ଛନ୍ଦା।
**ଇଂ. ଲଲାଟେନ୍ଦୁ ଦିକ୍ଷିତ୍, ସରକଣା, ବାଲିଅନ୍ତା, ଖୋର୍ଦ୍ଧା**

ରାଖୀ ସେ ତ ମୁକ୍ତ ଆକାଶର ଏକ ପକ୍ଷୀ,
ଉଡ଼ି ଉଡ଼ି ଯାଏ ବାଣ୍ଟି ମୈତ୍ରୀ ,ପ୍ରୀତି,
ଜଗାଏ ସବୁରି ମନେ ସ୍ନେହ ପ୍ରେମର ଜ୍ୟୋତି,
ଯୁଦ୍ଧ ହିଂସାର ନିଆଁ କବଳରେ ଚାହେଁ ଟିକିଏ ଶାନ୍ତି,
ଲୋଭ ଈର୍ଷା ମୋହଠୁ ଦୂରେଇ ଦିଏ ସଭିଙ୍କୁ ମୁକ୍ତି,
କ୍ଷଣସ୍ଥାୟୀ କିନ୍ତୁ କାଳ କାଳକୁ ରହିଯାଏ ତାହାରି ସ୍ମୃତି।
**ରାଜେଶ କୁମାର ପାତ୍ର, ରାମଚନ୍ଦ୍ରପୁର, କେନ୍ଦୁଝର**

ରକ୍ଷା ବନ୍ଧନ ପର୍ବ ଓଡ଼ିଶା ତଥା ଭାରତର ସଂସ୍କୃତି ସଭ୍ୟତା ଏବଂ ପରମ୍ପରା ଅମୂଲ୍ୟ ପ୍ରତୀକ। ଏହି ପର୍ବରେ ଭଉଣୀ ଭାଇଙ୍କୁ ରାଖୀ ବାନ୍ଧିଥାନ୍ତି ଯେହେତୁ ରାଖୀକୁ ଶକ୍ତି, ବିଶ୍ୱାସ ଏବଂ ବିଜୟର ପ୍ରତୀପ କୁହନ୍ତି। ଏହା ପୌରାଣିକ କ୍ଷେତ୍ରରେ ଭଗବାନ ଶ୍ରୀକୃଷ୍ଣ ଏବଂ ଦ୍ରୌପଦୀ ଦେବୀଙ୍କ ଉକ୍ତ ସମ୍ପର୍କର ଏହା ଜ୍ୱଳନ୍ତ ଉଦାହରଣ।
**କୋଏଲ ସାଲକା, ରାୟଗଡ଼ା**

ରାଖୀ ପୂର୍ଣ୍ଣିମାରେ ସିନ୍ଦୂର, ତିଳକ ଭାଇ ମଥାରେ ଲଗାଇ ଭାଇର ଶୁଭ ମନାସି ଭଉଣୀ ଭାଇ ହାତରେ ରାଖୀ ବାନ୍ଧିଥାଏ। ରାଖୀ ପୂର୍ଣ୍ଣିମାର ସାକ୍ଷୀ ରାଖୀ ଭାଇ ଭଉଣୀଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ନିବିଡ଼ କରିବା ସହିତ ବିଶ୍ୱାସକୁ ମଜବୁତ କରିଥାଏ। ଭାଇ ଭଉଣୀକୁ ସବୁବେଳେ ସବୁ ବିପଦରୁ ରକ୍ଷା କରିବ ବୋଲି କଥା ଦେଇଥାଏ।
**ଶକ୍ତିପୂଜାରିଣୀ ଦାଶ, ପାଟେଣୀଗାଁ, ଜଗତସିଂହପୁର**

ଭାଇ ଭଉଣୀର ପବିତ୍ର ବନ୍ଧନ ସଙ୍କେତ ବହନ କରି, ରାଖୀ ପୂର୍ଣ୍ଣିମାରେ ରକ୍ଷା ବନ୍ଧନ ଭାଇକୁ ଭଉଣୀ ଝୁରି। ସ୍ନେହରେ ବାନ୍ଧଇ ଡୋରି, ପ୍ରଭୁଙ୍କୁ ପ୍ରାର୍ଥନା କରି, ଭାଇ ମୋର ସୁଖ ଶାନ୍ତିରେ ରହୁ ହେ ଜଗତ କଲ୍ୟାଣକାରୀ।
**କବିତା ମଞ୍ଜରୀ ରଥ, ବାରଙ୍ଗ, ଜଗତସିଂହପୁର**

ପବିତ୍ର ବନ୍ଧନ ରକ୍ଷା ବନ୍ଧନ, ଭାଇ ବୁଝିପାରେ ଭଉଣୀମନ। ବିପଦେ ଆପଦେ ସାହା ହୁଅଇ, ଭଉଣୀ ପାଶେ ଅସଲ ଭଉଣୀର ସାହା ଭରସା ଭାଇ। ଏଣୁ ସେ ଖୁସିରେ ରାଖୀ ବାନ୍ଧିଲା ଭାଇର ମଙ୍ଗଳ କାମନା କରି। ସେହି ମମତାର ବାନ୍ଧଇ ଡୋରି। ନଇଁଯାଏ ମଥା ପାଦେ ତାଙ୍କର। ରଚିଲେ ଏ ପ୍ରଥା ସ୍ନେହ ବନ୍ଧନରେ।
**ଶ୍ରୀମତୀ ଗୀତାଞ୍ଜଳି ନନ୍ଦ, ହାଇକୋର୍ଟ କଲୋନୀ, କଟକ**

ଜଗତର ନାଥ ହେ ଜଗନ୍ନାଥ
ତୁମ୍ଭ ଚରଣରେ ମୋ ପ୍ରଣିପାତ।
ଭାଇ ମୋର ହେଉ ଜଗତ ଜିତା।
ଆଶିଷ ଢାଳନ୍ତୁ ଜଗତ କର୍ତ୍ତା।
ଭାଇ ହାତେ ରାଖୀ ବାନ୍ଧୁଛି ମୁହିଁ
ବିପଦେ ଆପଦେ ଆସିବ ଧାଇଁ।
**ଗୀତାଞ୍ଜଳି ପାଣି, ଶଙ୍କରପୁର, କଟକ**

ରାଖୀ ବାନ୍ଧିଲି ମୋ ରଖିବ ମାନ
ଭୁଲ ଥିଲେ ପଛେ ଧରିବ କାନ।
ଭାଉଜ ଆଗରେ ମୁଣ୍ଡେ ବସାଇ
ଟେକ ରଖିବ ମୋ ସୁନା ଭାଇ
ବିପଦେ ଆପଦେ ସାହା ହୋଇବ
ଯେତେ ଦୂରେ ଥାଅ ଧାଇଁ ଆସିବ
ରାଖୀ ପୂର୍ଣ୍ଣମୀରେ କରେ ପ୍ରାର୍ଥନା
ଆଶିଷ ଢାଳନ୍ତୁ କାଳିଆ ସୁନା।
**ମେନକା ମିଶ୍ର, ସାନୁଆସନ୍ଥ, ପୁରୀ**

ଭାଇ ଭଉଣୀର ପବିତ୍ର ବନ୍ଧନ ରାଖୀଟି ସେହି, ରାଖୀ ପୂର୍ଣ୍ଣମୀରେ ଭାଇହାତେ ରାଖୀ ବାନ୍ଧିବି ମୁହିଁ। ଜନମ୍ମ-ମରଣ ସ୍ନେହ ଶ୍ରଦ୍ଧା ଦେଇ ନିଏ କୋଳେଇ, ମୁଁ ତାର ସୁନା ଭଉଣୀ, ସେ ମୋ ସୁନାଭାଇ। ଏତିକି ଅଳି ମୋ ଜଗତର ନାଥ, ଜଗନ୍ନାଥ ପୟରେ। ଭାଇକୁ ମୋର ସାହା ହେଉଥିବ। ଜୀବନର ସବୁ ସମୟରେ ଆସୁମୋର ଜଗା ଭାଇ। ସୁଭଦ୍ରା ଭଉଣୀ ଅପେକ୍ଷା କରିଛି ରାଖୀ ବାନ୍ଧି ଦେବା ପାଇଁ।
**ସୁଶ୍ରୀ ସୁଚରିତା ନନ୍ଦ, ମଧୁସୂଦନ ଆଇନ ୟୁନିଭରସିଟି, କଟକ**

ରାଖୀ ପୂର୍ଣ୍ଣମୀର ରକ୍ଷା ବନ୍ଧନ। ଘରେ ଘରେ ଆମେ କରୁ ପାଳନ। ଭଇ-ଭଉଣୀର ପବିତ୍ର ସ୍ନେହ, ଯୁଗେ ଯୁଗେ ରହୁ ତାହା ଅକ୍ଷୁଣ୍ଣ। ଭାଇ ହେଉ ମୋର ଜଗତ ଜିତା। ସୁସ୍ଥ ରଖ ତାକୁ ଜଗତ କର୍ତ୍ତା। ମୋ ପାଇଁ ହୃଦୟରେ କରୁଣା ବହି ବିପଦେ ଆପଦେ ଆସିବେ ଧାଇଁ।
**ଶଶିଭୂଷଣ ନନ୍ଦ, ଜଗତପୁର, ରେଙ୍ଗାଲି ଦକ୍ଷିଣ କେନାଲ**



# ଧରିତ୍ରୀ
DHARITRI

# ଅତୁଟ ବନ୍ଧନ





ରେଶମୀ ଡୋରିରେ ସେନେହ ରଙ୍ଗ ବୋଳି ବାନ୍ଧି ଦେଲି ହାତରେ ତୋର। ଯେତେ ଝଡ ଆସୁ ପଛେ ରହିଥିବୁ ସାଙ୍ଗରେ ମୋର। ମୋ ମଥା ଉପରେ ହାତ ରଖି ଥିଲେ ତୋର। ମହକି ଉଠିବ ଜୀବନ ମୋର। ମିଳିଛି ଆଜି ଜଗନ୍ନାଥ ଓ ବଳଭଦ୍ର ପରି ପାଇଛି ତୁମକୁ ରାଖିରେ ଆଜି ବାନ୍ଧି ଦେଇ ଶରଧାର ଡୋରି ଟିକୁ ହାତରେ ତୋର, ହେ ଈଶ୍ୱର ସମ୍ପର୍କ ରହିଥାଉ ଜନ୍ମ ଜନ୍ମାନ୍ତର।
**ଦୀପ୍ତିରେଖା ଦାଶ, ଅର୍ଚ୍ଚନା ବଜାର, ଜଗତସିଂହପୁର**

ରକ୍ଷା ବନ୍ଧନ ଭାଇ ଭଉଣୀର ସ୍ନେହ ମମତାର ବଡ଼ ପରବ। ଭଉଣୀ ହାତେ ଭାଇ ରାଖୀ ବାନ୍ଧି ସିଏ କରିଥାଏ ବହୁତ ଗରବ। ଗେହ୍ଲା ଭଉଣୀର ମନରେ କେତେ ଦୁଃଖ ଦେଇ ନ ଥାଏ ଭାଇ। ନିଜେ ସବୁ ଦୁଃଖ କଷ୍ଟ ସହି, ଅଭାବ ଅନଟନକୁ ଭୁଲି ଭଉଣୀର ସବୁ ଅସୁବିଧା ଦିଏ ଦୂରେଇ।
**ସସ୍ମିତା ବେହେରା, ଦହପିଢ଼ା, ବାଲେଶ୍ୱର**

ରାଖୀ ପୂର୍ଣ୍ଣିମା ଭାଇ ଭଉଣୀ ପବିତ୍ର ସମ୍ପର୍କକୁ ଦର୍ଶାଇଥାଏ। ଏହା ପରିବାର ମଧ୍ୟରେ ସମସ୍ତଙ୍କୁ ସ୍ନେହ ଓ ଭଲପାଇବାର ଡୋରିରେ ବାନ୍ଧିବାର ପ୍ରୟାସ କରେ। ରାଖୀ ପୂର୍ଣ୍ଣିମା ସମାଜରେ ନାରୀକୁ ସମ୍ମାନ ଦେବା ଏବଂ ନାରୀଙ୍କୁ ସୁରକ୍ଷା ପାଇଁ ସମସ୍ତଙ୍କୁ ପ୍ରତିବଦ୍ଧ ହେବା ପାଇଁ ଏକ ଅବସର ଦିଏ। ଆଜିର ସମାଜରେ ନାରୀ ନିର୍ଯାତନା ଏକ ମୁଖ୍ୟ ସମସ୍ୟାରେ ପରିଣତ ହୋଇଛି। ଏହାକୁ ଦୂର କରିବା ପାଇଁ ରାଖୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ପାରିବ।
**ବିଜୟ ସିଂ ବରିହା, ବାଦାମବାଡ଼ି, କଟକ**

ସୁରକ୍ଷା, ଶପଥ, କର୍ତ୍ତବ୍ୟ ଓ ପ୍ରତିଶ୍ରୁତିର ପବିତ୍ର ବନ୍ଧନ ହେଉଛି ରକ୍ଷାବନ୍ଧନ। ପ୍ରତ୍ୟେକ ଭାଇ ତା ଭଉଣୀ ପାଇଁ ବନ୍ଧର ପ୍ରତୀକ। ଆଉ ସେଇ ବନ୍ଧ ପାଇଁ ଭଉଣୀଟିଏ ପ୍ରତ୍ୟେକ ରକ୍ଷା ବନ୍ଧନ ଦିନ ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷର ପ୍ରାର୍ଥନା କରିଥାଏ। ସ୍ନେହ, ମମତା, ଭଲ ପାଇବା ଓ ଅନ୍ତରରୁ ଆରମ୍ଭ ହୋଇଥିବା ଏ ସମ୍ପର୍କର ଡୋର କେବେବି ତୁଟେ ନାହିଁ। ସେଥିପାଇଁ ତ ଏ ସମ୍ପର୍କର ନାମ ହେଉଛି ଅତୁଟ ବନ୍ଧନ।
**ନମିତା ଦାସ, ପୁରୀ, ଓଡ଼ିଶା**

ଭାରତରେ ୧୨ ମାସରେ ୧୩ଟି ପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ। ଏହି ପର୍ବକୁ ଗହ୍ମାପର୍ବ ମଧ୍ୟ କୁହାଯାଏ। କାରଣ ଏହି ପବିତ୍ର ପର୍ବରେ ବଳଭଦ୍ରଙ୍କ ଜନ୍ମ ହୋଇଥିଲା। ଏହା ଆନନ୍ଦ ଓ ଉଲ୍ଲାସର ଦିନ। ରକ୍ଷାବନ୍ଧନ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପଡୁଥିବାରୁ ଏହି ରାଖୀ ପୂର୍ଣ୍ଣିମା ନାମରେ ନାମିତ। ରକ୍ଷାବନ୍ଧନ ପାଳିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କ ଦୃଢ଼ ହେବା ସହ ସ୍ନେହ ପ୍ରେମ ଦୃଢ଼ ରହିଥାଏ।
**ରୀନା ଭୁଏ, ଲରାସରା ହାଇସ୍କୁଲ, ଲରାସରା**

ରାଖୀ ପୂର୍ଣ୍ଣିମା ବା ରକ୍ଷାବନ୍ଧନ ଓଡ଼ିଶା ସମେତ ସାରା ଭାରତରେ ମହାଉତ୍ସାହର ସହ ପାଳନ କରାଯାଇଥାଏ। ଏହି ଦିନ ଭଉଣୀ ତା'ର ଭାଇ ମଥାରେ ତିଳକ ଲଗାଇ ହାତରେ ରାଖୀ ବାନ୍ଧି ମୁଣ୍ଡିଆ ମାରି ଭାଇର ଲମ୍ବା ଆୟୁଷ ପ୍ରାର୍ଥନା କରିଥାଏ। ଭାଇ ମଧ୍ୟ ରାଖୀ ବାନ୍ଧି ଭଉଣୀର ରକ୍ଷା କବଚ ସାଜିଥାଏ। ଭାଇ ତା'ର ଭଉଣୀକୁ ଟଙ୍କା ଓ ମନ ପସନ୍ଦର ଉପହାର ଦେଇ ସମସ୍ତ କଷ୍ଟ ବିପଦରୁ ରକ୍ଷା କରିବାର ପ୍ରତିଶ୍ରୁତି ଦେଇଥାଏ। ଏହିଠାରୁ ଜଣାପଡ଼େ ଯେ ଭାଇ ଭଉଣୀ ସମ୍ପର୍କ ଏକ ପବିତ୍ର ସମ୍ପର୍କ ବୋଲି କୁହାଯାଏ।
**ସୁଷମା ମୁଣ୍ଡା, ବିଲେଇନାଳୀ**

ରାଖୀ ପୂର୍ଣ୍ଣିମା ଆସିଲେ ମନେ ପଡ଼ିଯାଏ ସେଇ ଅପାସୋରା ସ୍ମୃତି ଗୁଡ଼ାକ। ଯେତେବେଳେ ତମେମାନେ ବାନ୍ଧି ଦେଉଥିଲ ରାଖୀ ପରେ ରାଖୀ ଏଇ ହାତେ। ତମମାନଙ୍କର ହସହସ ମୁହଁ ଦେଖି ମନ ପୂରିଯାଏ ଏଇ ଭାଇଟିର। ନା କେବେ କିଛି ମାଗିଛ, ନା,କିଛି ଅଳି କରିଛ। ସ୍ନେହ, ମମତା, ଭଲ ପାଇବା ଭରସା ଛଡ଼ା କିଛି ବି ଦେଇ ପାରିଲିନି ଏ ହତଭାଗା ଭାଇଟି। ଆଜି ତମେମାନେ ପାଖରେ ନ ଥିଲେ ବି ମଳିନ ପଡ଼ିନି କେବେ ଆମ ଭାଇ ଭଉଣୀର ଅତୁଟ ବନ୍ଧନ।
**ପ୍ରତାପ କୁମାର ନାୟକ, ଜଙ୍କିଆ, ଖୋର୍ଦ୍ଧା**

ଛୋଟ ଥିଲାବେଳେ ଭାଇ ଭଉଣୀର ସମ୍ପର୍କ କେତେ ମଧୁର ବଡ଼ ହେଲା ପରେ ସେଇ ଭାଇ ପୁଣି ଭରିଦିଏ ସାତପର। ଆଉ କାହା ହାତ ରାଖୀ ପିନ୍ଧି ସେଇ ଭାଇ ଦିଏ କେତେ ଉପହାର, ଜାଣିପାରେ ନାହିଁ ଦେଖିପାରେ ନାହିଁ ଭଉଣୀ ଆଖିରୁ ଝରେ କେତେ ଲୁହ ଧାର। ଯାହା ହେଉ ପଛେ ଭାଇ ଭଉଣୀର ସମ୍ପର୍କ ନ ହେଉ ପର, କାଳିଆ ପାଦରେ ମାଗଇ ଭଉଣୀ, ଭାଇ ସୁଖେ ଥାଉ ମୋର।
**ସ୍ୱାଗତିକା ମହାନ୍ତି, ଜୟଦେବ ବିହାର, ଭୁବନେଶ୍ୱର**

ରକ୍ଷାବନ୍ଧନ ଭାରତୀୟ ପରମ୍ପରାର ଏକ ପର୍ବ ଓ ଉତ୍ସବ। ଏହା ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପାଳନ କରାଯାଏ। ଏହା ପ୍ରତ୍ୟେକ ବର୍ଷ ଶ୍ରାବଣ ମାସରେ ପଡ଼ିଥାଏ। ରକ୍ଷାବନ୍ଧନ ଭାଇ ଭଉଣୀର ଅତୁଟ ସ୍ନେହ ସମ୍ପର୍କ । ଏହି ଦିନରେ ସମସ୍ତ ଭାଇଙ୍କୁ ରାଖୀ ବାନ୍ଧନ୍ତି। ରାଖୀ ବାନ୍ଧିଲା ପରେ ସବୁ ଭଉଣୀ ଭାଇମାନଙ୍କର ମଙ୍ଗଳ କୁଶଳ କାମନା କରନ୍ତି । ଭାଇ ଜୀବନ ସାରା ଭଉଣୀ ରକ୍ଷା କରିବାକୁ ପାଇଁ ବଚନ ଦେଇଥାଏ। ଭାଇ ଜୀବନ ସାରା ଭଉଣୀର ସମ୍ମାନ ରକ୍ଷା କରିଥାଏ।
**ମଇନି କାଶି, ସଟାଅଡ଼ା, ରାୟଗଡ଼ା**

ରାଖୀ ପୂର୍ଣ୍ଣିମା ଏକ ଏହିପରି ପର୍ବ ଯେଉଁଥିରେ ଭାଇ ଓ ଭଉଣୀଙ୍କ ସମ୍ପର୍କକୁ ଅତୁଟ ଓ ସୁନ୍ଦର କରିଥାଏ। ଏହି ଦୁନିଆର ସବୁଠାରୁ ସୁନ୍ଦର ସମ୍ପର୍କ ହେଉଛି ଭାଇ ଓ ଭଉଣୀଙ୍କ ଭିତରେ ଯେଉଁ ଝଗଡ଼ା ହୋଇଥାଏ ସେଥିରୁ ତାଙ୍କ ସମ୍ପର୍କ ଅଧିକ ସୁନ୍ଦର ଓ ଅତୁଟ ହୋଇଥାଏ। ସବୁ ରାଖୀ ପୂର୍ଣ୍ଣିମାରେ ଭଉଣୀ ସକାଳୁ ଉଠି ଗାଧୋଇ ସଜବାଜ ହୋଇ ନିଜ ଭାଇ ହାତରେ ରାଖୀ ବାନ୍ଧିଥାଏ। ସେଦିନଠାରୁ ଭାଇ ଭଉଣୀକୁ ରକ୍ଷା କରିଥାଏ।
**ମୋନାଲିସା ପାଢ଼ୀ, ଆର. ଉଦୟଗିରି, ଗଜପତି**

ବନ୍ଧନ ଭିତରେ ଏ ରକ୍ଷାବନ୍ଧନ
ଯୋଡ଼ିଦିଏ ଭାଇ ଭଉଣୀଙ୍କ ମାନ।
ଭଉଣୀ ବାନ୍ଧିବ ସ୍ନେହର ବନ୍ଧନ
ଥିଲେ ଥାଉ ପଛେ ମାନ ଅଭିମାନ।
ଶାଶ୍ୱତ ପ୍ରେମର ପବିତ୍ର ବନ୍ଧନ
ସ୍ୱାର୍ଥ ନାହିଁ ଯହିଁ ଅଛି ଚିରନ୍ତନ।
ବରଷକେ ଥରେ ରକ୍ଷାବନ୍ଧନ
ରେଶମୀ ସୂତାରେ ମନ ପ୍ରାଣ।
**ଐଶ୍ୱର୍ଯ୍ୟ ରଞ୍ଜନ ମହାନ୍ତି, ଭରତପୁର, ଭୁବନେଶ୍ୱର**

''ଦୁଇ ଭାଇ ମୋର ଜଗା-ବଳିଆ,
ପୁରୀ ବାସୀ ସିଏ ନୀଳାଚଳିଆ।
ରାଖୀ ପୂନେଇଁକୁ ଶ୍ରୀକ୍ଷେତ୍ର ଯିବି,
ଭାଇ ଦୁଇଙ୍କୁ ମୁଁ ରାଖୀ ବାନ୍ଧିବି।
ବଳିଆ ଭାଇର ଜନମ ଦିନ।
ଆନନ୍ଦ ବଜାରେ ଖାଇବା ଅନ୍ନ।
ଧଣ୍ଡା ତୁଳସୀକୁ ହାତରେ ନାଇଁ
ଫେରି ଆସିବ ମୁଁ ହଳଦୀ ମୁହିଁ।
**ସସ୍ମିତା ପଟ୍ଟନାୟକ, ବମିଖାଲ, ଭୁବନେଶ୍ୱର**

ଅନେକ ସଂସ୍କୃତି ଓ ପରମ୍ପରା ଭରା ଆମ ଦେଶ। ଏଠି ବାର ମାସରେ ଅଠର ପର୍ବ। 'ରାଖୀ ପୂର୍ଣ୍ଣିମା' ଅନ୍ୟତମ ପର୍ବ। ଏହା ଭଉଣୀ ଓ ଭାଇଙ୍କର ପବିତ୍ର ଅତୁଟ ବନ୍ଧନର ପର୍ବ। ଏହିଦିନ ଭଉଣୀ ଭାଇର ବଳିଷ୍ଠ ହାତରେ ରାଖୀ ବାନ୍ଧି ସାରା ଜୀବନର ରକ୍ଷା କବଚକୁ ଆହୁରି ସୁଦୃଢ଼ କରେ। ଭାଇ ମଧ୍ୟ ଛାତି ଫୁଲାଇ କର୍ତ୍ତବ୍ୟ ପାଳନ କରେ। ବ୍ୟସ୍ତମୟ ଜୀବନରେ ସମସ୍ତେ ଘରକୁ ଆସି ଖୁସି, ଆନନ୍ଦରେ ମିଳିମିଶି ପାଳନ କରନ୍ତୁ। ପର୍ବ ପାଇଁ ହାର୍ଦ୍ଦିକ ଅଭିନନ୍ଦନ।
**ମୃତ୍ୟୁଞ୍ଜୟ ମଲିକ, କରୁମୁଣ୍ଡା, କନ୍ଧମାଳ**

ଭିନ୍ନ ଏକ ସମ୍ପର୍କର ସୂତା,
ରାଖୀ,
ଅବ୍ୟକ୍ତ ସେ ଅପ୍ରାକୃତ,
ଶାଶ୍ୱତ ସେ ଅଟଇ ପବିତ୍ର,
ଭାଇ-ଭଉଣୀର ସ୍ନେହ ଏକ
ନିଃସର୍ତ୍ତ ପରଖ,
ରାଖୀ ଯୋଡ଼େ ଅନିର୍ବଚନୀୟ
ପବିତ୍ର ସମ୍ପର୍କ।
**ରବୀନ୍ଦ୍ର ନାଥ ବେହେରା, ନୂଆଖଇରପାଲି, ବରଗଡ଼**

ରାଖୀ ପୂର୍ଣ୍ଣିମା ହେଉଛି ଏକ ଆଧ୍ୟାତ୍ମିକ ପର୍ବ ଯାହା କେବଳ ଓଡ଼ିଶାରେ ହିଁ ନାହିଁ କିନ୍ତୁ ସମଗ୍ର ଭାରତରେ ପାଳନ କରାଯାଏ। ଏହି ପର୍ବରେ ଭଉଣୀମାନେ ତାଙ୍କ ଭାଇମାନଙ୍କୁ ରାଖୀ ବାନ୍ଧନ୍ତି ଯାହାର ଉଦ୍ଦେଶ୍ୟ ହେଉଛି ଭାଇ ଭଉଣୀଙ୍କ ମଧ୍ୟରେ ଥିବା ସ୍ନେହ ଓ ଭାଇମାନଙ୍କ ଭଉଣୀମାନଙ୍କୁ ରକ୍ଷା କରିବା, କର୍ତ୍ତବ୍ୟକୁ ଜଣାଇବା।
**ଆଦିତ୍ୟ ସାହୁ, ଦି କୌଶଳ ବିଦ୍ୟାଳୟ, ବରଗଡ଼**

ରାଖୀ, ସେ ଭାଇ ସେହ୍ନର ସାକ୍ଷୀ, ଭଉଣୀ ଓଠ ହସର ସାକ୍ଷୀ, ହୋଇପାରେ କାହା ପାଇଁ ବଜାରରେ ମିଳୁଥିବା ଖଣ୍ଡେ ଫିତା। କିନ୍ତୁ ଭାଇ ପାଇଁ ଭଉଣୀ ବାନ୍ଧିଥିବା ଫିତାରେ ଥାଏ ଅଜସ୍ର ସେହ୍ନ ଓ ମମତା, ପାଉଣାରେ ଚାହେଁ ନାହିଁ ଭଉଣୀ ଦାମୀ ଉପହାର, ଭାଇର ଖୁସି ତା' ସୁଖର ସମ୍ଭାର ରାଖୀ ସିନା ଆସେ ବରଷକୁ ଥରେ, ହେଲେ ଛାଇ ହୋଇ ରହିବ ସଦା ମୋର ଭଉଣୀ ସାଥିରେ।
**ସ୍ମୃତି ରଞ୍ଜନ ସାହୁ, ଜଗତ୍‌ସିଂହପୁର**

ରାଖୀ ପୂର୍ଣ୍ଣିମା ଶ୍ରାବଣ ମାସର ଶେଷରେ ପଡିଥାଏ। ଏହି ପର୍ବରେ ଭଉଣୀମାନେ ଭାଇ ହାତରେ ରାଖୀ ବାନ୍ଧନ୍ତି। ରାଖୀ ହେଉଛି ଭାଇ ଭଉଣୀର ସେହ୍ନର ପ୍ରତୀକ। ଏହି ପୂର୍ବରେ ଗୋ ମାତାକୁ ପୂଜା କରାଯାଏ। ଭାଇ ଭଉଣୀକୁ ଉପହାର ଦିଅନ୍ତି।
**ଚିନ୍ମୟ ବେହେରା, ଡେଲାଙ୍ଗ, ପୁରୀ**

ରାଖୀ ବନ୍ଧନରେ ଶକ୍ତ ହୋଇଥାଏ ଭାଇ ଭଉଣୀଙ୍କ ସମ୍ପର୍କର ଡୋରି। ଆତ୍ମିୟତା ଭାବ ବିକଶିତ ହୁଏ। ଶ୍ରଦ୍ଧା, ଭକ୍ତି, ସେବା ତ୍ୟାଗକୁ ଆଦରି ସତ୍ୟ ନ୍ୟାୟ ଧର୍ମେ ଗଢ଼ି ଉଠିଥାଏ। ଭାଇ ଭଉଣୀର ଅତୁଟ ବନ୍ଧନ ଆଜୀବନ ସାଜେ ସୁରକ୍ଷା କବଚ। ପୁଣ୍ୟ ଓ ପବିତ୍ର ଏ ରାଖୀ ବନ୍ଧନ।
**MARMASPARSHI DAS, ROURKELA**

ସେନେହ ସୂତାର ମମତାର ଡୋରି ଦେଉଛି ବାନ୍ଧି ମୁଁ ହାତରେ ତୋର, ମନେ ରଖିଥିବୁ ଭୁଲି ତୁ ନ ଯିବୁ, ରେଶମି ଡୋରକୁ ନ କରି ପର । ଅନାବିଳ ସେହ୍ନ ନେଇ ଭାଇ ପ୍ରତି ଏ ଭକ୍ତିଟି ଏ ବନ୍ଧନକୁ ଅତୁଟ ବନ୍ଧନ କରି ରଖୁ । ସମାଜର ଦୁଇଟି ଅବିଚ୍ଛେଦ୍ୟ ଅଙ୍ଗ ଭାଇ ଓ ଭଉଣୀ। ଉଭୟ ପରସ୍ପର ପରିପୂରକ । ଏ ବନ୍ଧନ ପ୍ରତି ଦାୟିତ୍ୱବାନ ହେବା ଉଚିତ ; ଯାହା କି ସୁନାଭଳି ଚମକିବ।
**ଶୁଭଶ୍ରୀ ମହାପାତ୍ର, ଭୂଇଁପୁର, ଖୋର୍ଦ୍ଧା**

ପ୍ରତିଶ୍ରୁତି ଥାଏ କିନ୍ତୁ ପ୍ରତାରଣା ନ ଥାଏ। ହେଳା ଭାବ ଥାଏ, କିନ୍ତୁ ହିଂସା ଭାବ ନ ଥାଏ। ଏମିତି ଏକ ଭାବର ଦାମିନୀରେ ବାନ୍ଧି ହୋଇ ରହିଥାନ୍ତି ଦୁଇ ପବିତ୍ର ଆତ୍ମା। ଦୁହେଁ ମିଶି ଲେଖନ୍ତି ସେହ୍ନ, ଆଦରର ସେଇ ହୃଦୟ ସ୍ପର୍ଶୀ ପ୍ରବନ୍ଧ। ଥଟ୍ଟା ତାମସାର ପରିଧି ଭିତରେ ରହି ମଧ୍ୟ ପରସ୍ପର ପ୍ରତି ଥିବା କର୍ତ୍ତବ୍ୟକୁ ହୁଏତ ଭୁଲି ନ ଥାନ୍ତି। ସେଇ ପବିତ୍ର ତମ ସମ୍ପର୍କର ମୂକ ସାକ୍ଷୀ ସାଜେ ରାଖୀ।
**ସୁଶ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ଦୁଇତାପଡା ସାହି, ପୁରୀ**

ରାଖୀ ବନ୍ଧନ ଭଉଣୀଙ୍କର ସେହ୍ନ-ମମତା ଓ ଅତୁଟ ବନ୍ଧନର ପ୍ରତୀକ। ଶାସ୍ତ୍ରାନୁସାରେ ମାତା ଲକ୍ଷ୍ମୀ ରାଖୀ ବାନ୍ଧି ଭ୍ରାତୃତ୍ୱ ଉପହାର ସ୍ୱରୂପେ ବିଷ୍ଣୁଙ୍କୁ ଫେରି ପାଇଥିଲେ। ସେହି କାଳରେ ଭାଇ ହାତରେ ରାଖୀ ବାନ୍ଧି ଭଉଣୀ ତା' ସୁରକ୍ଷାର ପ୍ରତିଶ୍ରୁତି ସହିତ କିଛି ଉପହାର ପ୍ରାପ୍ତ କରେ।
**ରତ୍ନମ୍ବରା ମହାନ୍ତି, ଭିଏସ୍‌ଏସ୍ ନଗର**

ସବୁ ବର୍ଷ ପରି ଏ ବର୍ଷ ଧରିତ୍ରୀ ମାଗିଲା ରାଖୀ ସନ୍ଦେଶ, କେତେ ଯେ ପୁରସ୍କାର କରେ ବିତରଣ କରି ସଭିଙ୍କ ମନ ସନ୍ତୋଷ। ଯୋଡି ହେଲି ବାନ୍ଧି ପବିତ୍ର ରାଖୀ ଧରିତ୍ରୀ ସହ ଏ ବରଷ, ଆଶୀର୍ବାଦ ରହିଲା ଧରିତ୍ରୀର ସଫଳତା ଆଗେଇ ଚାଲୁ ଶହ ଶହ ବରଷ।
**ଭବାନୀ ଦାସ, ଉତ୍ତରା, ଭୁବନେଶ୍ୱର**

ଅପେକ୍ଷାର ଅନ୍ତ ଘଟି ଆସିଲା। ଏ ପବିତ୍ର ଦିନ ବାନ୍ଧବି ରାଖୀ ମୋ ଜଗା ହାତେ। ଭାବି ହୁଏ ଖୁସି ମୋ ମନ। ରାଖୀ ନୁହେଁ, ଏ ଭାବ ଡୋରି। ମୋ ଚକାନୟନ, ବାନ୍ଧି ହେଲି ତୁମ ସହ ଭାଙ୍ଗି ମାୟାର ବନ୍ଧନ।
**ମୋହିନୀ ଦାସ, କେଇସି, ଭୁବନେଶ୍ୱର**

ବାସ୍ତବରେ ସାମାଜିକ ସଂହତି ଏକ ସୁନ୍ଦର ସେତୁ ସୀମାରେ ଥିବା ଯବାନ ଭାଇମାନଙ୍କ ପାଇଁ ମଧ୍ୟ ଆମେ ରାଖୀ ବାନ୍ଧିଥାଉ।
**ସୁଭଦ୍ରା ପ୍ରଧାନ, ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟ, ବଲାଙ୍ଗୀର**

ରାଖୀ ଭାଇ ଭଉଣୀର ସମ୍ପର୍କରୁ ମଜଭୁତ କରିଥାଏ। ଏହା ହେଉଛି ପବିତ୍ର ବନ୍ଧନ। ନିଜର ସୁରକ୍ଷା ପାଇଁ ଭାଇ ହାତରେ ଭଉଣୀ ରାଖୀ ବାନ୍ଧିଥାଏ। ଭକ୍ତ ତାର ସୁରକ୍ଷା ପାଇଁ ଭଗବାନଙ୍କୁ ରାଖୀ ବାନ୍ଧିଥାଏ। ରାଖୀ ପୂର୍ଣ୍ଣିମା ଭାଇ ଭଉଣୀଙ୍କୁ ପରିବାର ସହିତ ଏକତ୍ର କରିବାର ସୁଯୋଗ ଦେଇଥାଏ। ରାଖୀ ହେଉଛି ଅତୁଟ ବନ୍ଧନ।
**ସବିତା ରଥ, ଆଡିଆ, ବନ୍ତ, ଭଦ୍ରକ**

ଭାଇ ଭଉଣୀଙ୍କ ସମ୍ପର୍କ ଅତୁଟ ବନ୍ଧନ। ଏହଦିନ ଭାଇ ହାତରେ ରାଖୀ ବାନ୍ଧିଲେ ତାହାକୁ ଅତୁଟ ବନ୍ଧନ କୁହାଯାଏ। ଏହି ପର୍ବ ବର୍ଷରେ ଗୋଟିଏ ଥର ପଡେ। ଏହିଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହି ପୂର୍ଣ୍ଣିମାକୁ ରାଖୀ ପୂର୍ଣ୍ଣିମା ବୋଲି କୁହାଯାଏ। ଏହି ପର୍ବକୁ ଭାଇ ଭଉଣୀମାନେ ଅପେକ୍ଷା କରିଥାନ୍ତି। ଯେ ଏହି ପର୍ବ କେମିତି ଶୀଘ୍ର ଆସିବ। ଏହିଦିନ ଉଣୀ ତାର ଭାଇ ମଥାରେ ଚନ୍ଦନ, ସିନ୍ଦୁର ଲଗାଇବା ପରେ ତା' ହାତରେ ରାଖୀ ବାନ୍ଧେ। ତା' ପରେ ଭାଇ ତାର କର୍ତ୍ତବ୍ୟ ପାଳନ କରେ।
**ଅଞ୍ଜଳି ଗୌଡ଼, ବିଷମ କଟକ, ଇନ୍ଦିରା କଲୋନୀ**

ହିନ୍ଦୁ ପର୍ବପର୍ବାଣୀ ବିଶ୍ୱକୁ ଶିଖାଏ ସ୍ନେହ, ପ୍ରେମ ଓ ଭାଇଚାରାର ପଦାର୍ଥ ପାଠ। ଭାଇ ପ୍ରତି ଥିବା ଅଫୁରନ୍ତି ବିଶ୍ୱାସ ଓ ଶୁଭଚିନ୍ତନ ନିଦର୍ଶନ ହେଉଛି ପବିତ୍ର ରାଖୀ ବନ୍ଧନ। ସୀମାରେ ଜଗିଥିବା ଯବାନମାନଙ୍କୁ ମଧ୍ୟ ଏହିଦିନ ଆମ୍ଭେ ରାଖୀ ବାନ୍ଧିଥାଉ। ଏ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
**ଶକ୍ତି ମେହେର, ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟ, ବଲାଙ୍ଗୀର**




ଆସିଚିରେ ବଳିଆର ଜନ୍ମ ଦିବସ, ପାଳିବା ପାଇଁ ସର୍ବେ ହେବା ହରସ।
ଭାଇ ଭଉଣୀର ସେହ୍ନ ବନ୍ଧନ ପାଇଁ, ସେହ୍ନ ବାଣ୍ଟି ପାଳିବାରେ ରାଖୀ ପୂନେଇଁ।
**ସବ୍ୟସାଚୀ ବିଡିକା, ରାୟଗଡା**

ରାଖୀର ବିଶେଷ ମହତ୍ତ୍ୱ ହେଉଛି ସୁରକ୍ଷା ଦେବା। ତେଣୁ ରକ୍ଷା କବଚଟିକୁ ପ୍ରତି ପରିବାରର ଲୋକେ ପାଳନ କରିଥାନ୍ତି। ଏହା ଓଡ଼ିଶାର ଏକ ଗଣ ପର୍ବ। ଭଉଣୀ ଭାଇର ହାତରେ ରାଖୀ ବା ସୂତା ଖିଅଟିଏ ସେହ୍ନ ବୋଳା ହୃଦୟରେ ବାନ୍ଧିଥାଏ ତା'ର ବିପଦରେ ଭାଇ ସାହା ହେବ ବୋଲି।
**ଶୁଭଙ୍କର ପ୍ରିୟରଞ୍ଜନ ଖିଲାର, ଭୁବନେଶ୍ୱର**

ରକ୍ଷା ବନ୍ଧନ ଏମିତି ଗୋଟିଏ ଅତୁଟ ବନ୍ଧନ, ଯାହାକି ଭାଇ ଓ ଭଉଣୀମାନଙ୍କ ମଧ୍ୟରେ ଥିବା ସେହ୍ନ ଓ ପ୍ରେମର ପ୍ରତୀକ ଅଟେ। ରକ୍ଷା ବନ୍ଧନରେ ଗୋଟିଏ ଭାଇ ତା' ଭଉଣୀକୁ ରକ୍ଷା କରିବ ବୋଲି ପ୍ରତିଶ୍ରୁତି ଦେଇଥାଏ ଓ ଏହାର ପାଳନ ମଧ୍ୟ କରିଥାଏ । ତେଣୁ ଆମେ ସବୁବେଳେ ପରସ୍ପରକୁ ସୁରକ୍ଷା ପ୍ରଦାନ କରିବା। ପବିତ୍ର ରକ୍ଷାବନ୍ଧନ ଅବସରରେ ମୋର ସମସ୍ତଙ୍କୁ ଶୁଭେଚ୍ଛା।
**ଶିବାନୀ ପାଳ, ଭାଙ୍ଗ ସାହି, ବିଷମ କଟକ**

ହିନ୍ଦୁ ପୌରାଣିକ କଥା ଅନୁସାରେ ପ୍ରାଚୀନ କାଳରେ ଦେବତା ଓ ରାକ୍ଷସମାନଙ୍କ ମଧ୍ୟରେ ୧୨ ବର୍ଷ କାଳ ଯୁଦ୍ଧ ହୋଇଥିଲା। ଯୁଦ୍ଧରେ ରାକ୍ଷସମାନେ ବିଜୟ ହୋଇଥିଲେ ସତ, କିନ୍ତୁ ପରବର୍ତ୍ତୀ ସମୟରେ ପାପରଭାର ବଢ଼ିଯିବାରୁ ଦେବତା ମାନେ ଚିନ୍ତା କରି ବୃହସ୍ପତିଙ୍କ ପାଖକୁ ଯାଇଥିଲେ। ଭବିଷ୍ୟପୁରାଣ ଅନୁସାରେ ଇନ୍ଦ୍ରାଣୀ ଦ୍ୱାରା ନିର୍ମିତ ରକ୍ଷାସୂତ୍ରକୁ ଦେବଗୁରୁ ବୃହସ୍ପତି ଇନ୍ଦ୍ରଙ୍କ ହାତରେ ବାନ୍ଧି ରାକ୍ଷସଙ୍କୁ ପରାସ୍ତ କରିଥିଲେ।
**ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ, ବରଗଡ**

ରାଖୀକୁ ରକ୍ଷା କବଚ ବା ସୁରକ୍ଷା କବଚ ରୂପେ ଗ୍ରହଣ କରାଯାଏ। ସମସ୍ତେ ଏହି ଉତ୍ସବକୁ ପାଳନ କରି ସୁଖ ଓ ସମୃଦ୍ଧି କାମନା କରିବା ଉଚିତ। ରାଖୀ

ସମ୍ପର୍କକୁ ଅତୁଟ ରଖିବା ଓ ମଜଭୁତ କରିବା ପାଇଁ ଭଉଣୀ ଭାଇ ହାତରେ ରାଖୀ ବାନ୍ଧିଥାଏ। ବ୍ୟସ୍ତବହୁଳ ସମାଜରେ ପରିବାରକୁ ଏକାଠି କରିବା ଓ ଗୋଟିଏ ଦିନ ହସ ମଉଜରେ ସମୟ କାଟିବାକୁ ସୁଯୋଗ ଦେଇଥାଏ ରାଖୀ। ଏହା ପବିତ୍ର ବନ୍ଧନ ଓ ସୁରକ୍ଷାର ପ୍ରତୀକ।
**ଝୁନୁଲତା ରାଉତ, କଳାପାହାଡ଼, ଆଡ଼ିଆ, ଭଦ୍ରକ**

ରକ୍ଷା ବନ୍ଧନ ଆମ ସଂସ୍କୃତିର ଏକ ନିଆରା ପର୍ବ। ଏହି ଦିନ ଉଉଣୀ ଭାଇ ହାତରେ ରାଖୀ ବାନ୍ଧି ନିଜର ସୁରକ୍ଷା ଓ ଭାଇର ମଙ୍ଗଳ ମନାସି ଥାଏ। ସେଦିନ ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ ହୋଇଥିବାରୁ ଚାଷୀମାନେ ବଳଦଙ୍କୁ ପୂଜା କରିବା ସହିତ ରାଖୀ ବାନ୍ଧିଥାନ୍ତି। ବଳଦ ଚାଷୀଙ୍କୁ ଆହାର ଯୋଗାଇଥାଏ।
**ଗୀତାଞ୍ଜଳି କର, କୁରଣ୍ଡା, ଅଡ଼ିଆ, ଭଦ୍ରକ**

ରାଖୀ ହେଉଛି ପବିତ୍ର ବନ୍ଧନର ପ୍ରତୀକ। ଭାଇଭଉଣୀର ସମ୍ପର୍କକୁ ଅତୁଟ ରଖିଥାଏ ରାଖୀ। ନିଜର ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଭଉଣୀ ଭାଇ ହାତରେ ଭକ୍ତ ଭଗବାନଙ୍କୁ ରାଖୀ ବାନ୍ଧିଥାଏ। ଚାଷୀମାନେ କୃଷି ଦେବତା ବଳଭଦ୍ରଙ୍କୁ ତାଙ୍କୁ ଜନ୍ମ ଦିନରେ ପୂଜା କରିବା ସହିତ ବଳଦଙ୍କୁ ରାଖୀ ବାନ୍ଧିଥାନ୍ତି।
**ସୁଶ୍ରୀ ସଙ୍ଗୀତା ରାଉତ, କଳାପାହାଡ଼, ଭଦ୍ରକ**

ସେନେହ ସୂତାରେ ବନ୍ଧନର ଡୋରି
ବାନ୍ଧି ମୁଁ ଦେଇଛି ହାତରେ ତୋର,
କେତେ ପୂଣ୍ୟ କରି ପାଇଛି ତୋତେ ମୁଁ
ଅତୁଟ ସମ୍ପର୍କ ଆମର।
ପୂଜି ବି ତୋତେ ମୁଁ ଦୀପାଳି ଜାଳି
ଲଗାଇବି ତିଳକ ଚନ୍ଦନ
ଫୁଲ ଚାଉଳରେ ବନ୍ଦିବି ତୋତେ ମୁଁ
ହେବା ଆମେ ଉଦାହରଣ।
**ସ୍ୱୟଂସ୍ମିତା ସ୍ୱାଇଁ, କଟରପଡ଼ା, କଟକ**

ଭାଇ ଭଉଣୀର ଅର୍ଥ ଯେ କେବଳ ପାରିବାରିକ ମଧ୍ୟରେ ସୀମିତ ତାହା ସ୍ୱୀକାର କରିବା ଉଚିତ ନୁହେଁ। କାରଣ ରକ୍ଷା ବନ୍ଧନ ହେଉଛି ଏକ ପବିତ୍ର, ଆତ୍ମିକ ବନ୍ଧନ। ମଣିଷ ମଣିଷ ମଧ୍ୟରେ ଓ ଜାତିବର୍ଣ୍ଣ ଆଦିର ଉର୍ଦ୍ଧ୍ୱରେ ମଣିଷକୁ ମଣିଷ ବିପଦ ସମୟରେ ସହଯୋଗ ଓ ସାହାଯ୍ୟ କରିବାର ଏକ ସୁବ୍ୟବସ୍ଥିତ ପ୍ରତିଜ୍ଞା।
**ଦିବ୍ୟା ମିଶ୍ର, ପୁରୁଣା ଏଜି କଲୋନୀ, ଭୁବନେଶ୍ୱର**

ଏଇ ସେଇ ରାଖୀ ସେନେହର ସା'ୀ ରେଶମୀ ଡୋରରେ ଦୁଇଟି ମନ, ଭାଇ ଭଉଣୀର ନିଆରା ବନ୍ଧନ ବାନ୍ଧି ରଖିଥାଏ ସାରା ଜୀବନ।
ରକ୍ଷା ବନ୍ଧନ ହିନ୍ଦୁ ଧର୍ମର ପ୍ରମୁଖ ପର୍ବ ଅଟେ। ରକ୍ଷା ବନ୍ଧନ ହେଉଛି ଭାତୃ ଭଗିନୀ ବିଶିଷ୍ଟ ଏକ ମୁଖ୍ୟ ପର୍ବ।
**ମାନସ କୁମାର ମଲିକ, ଭୁବନେଶ୍ୱର ଓଲ୍ଡ ଟାଉନ**

ଶ୍ରାବଣମାସ ପୂର୍ଣ୍ଣମୀରେ ରାଖୀ ପୂର୍ଣ୍ଣିମା ଓ ବଳଦେବ ଜନ୍ମ ପାଳନ ହୁଏ। ରାଖୀ ବନ୍ଧନ ଭାଇଭଉଣୀଙ୍କ ପବିତ୍ର ସ୍ନେହ ସୁରକ୍ଷାର ପ୍ରତୀକ। ରାଖୀ ମଧ୍ୟ କିଛି ଭାଇଭଉଣୀଙ୍କ ବର୍ଷକ ମାନମାଳିନ୍ୟ ଦୂର କରିଥାଏ। ଏହି ଦିନକୁ ପାଟରାମାନେ ତାଙ୍କର ଇଷ୍ଟଦେବଙ୍କ ପାଇଁ ଗହ୍ମାପର୍ବ ଭାବେ ପାଳନ କରନ୍ତି। ପୁରୀରେ ସୁଭଦ୍ରାଙ୍କ ପାଇଁ ନୀଳଜାମୁକୋଳି ଏବଂ ଜଗନ୍ନାଥଙ୍କ ପାଇଁ ହଳଦୀ, ନାଲି ରଙ୍ଗର ରାଖୀ ପାଟରା ସେବକ ଦେଇଥାନ୍ତି।
**ଆଲୋକ ପ୍ରିୟ ମହାନ୍ତି, ବରମୁଣ୍ଡା, ଭୁବନେଶ୍ୱର**

ରାଖୀ ନୁହେଁ ଇଏ ଏକ ଅପୂର୍ବ ବନ୍ଧନର ଶ୍ରେଷ୍ଠ ସମ୍ପର୍କ, ଯିଏ କି ନିସ୍ୱାର୍ଥ ଭାବନାର ସହିତ ନିଜର କର୍ତ୍ତବ୍ୟକୁ ସୁଦୃଢ଼ ଭାବରେ ସମ୍ପାଦନ କରି ଏକ ରକ୍ଷା ବନ୍ଧନର ପ୍ରତିଶ୍ରୁତିକୁ ପ୍ରମାଣିତ କରିଥାଏ। ଏକ ଭ୍ରାତା ତା' ସହୋଦରକୁ ଏକ ସ୍ନେହ ଭଲ ପାଇବାର ରକ୍ଷା କବଚର ପ୍ରତିଶ୍ରୁତି ଦେଇଥାଏ ରାଖରୀ ପୂର୍ଣ୍ଣିମା।
**ତୁଷାର କାନ୍ତି ଦାସ, ଗଣ୍ଡମୁଣ୍ଡା, ଭୁବନେଶ୍ୱର**

ପବିତ୍ର ରକ୍ଷା ବନ୍ଧନ ବା ରାଖୀ ପୂର୍ଣ୍ଣମୀ ହେଉଛି ଏକ ଖୁବ୍ ସୁନ୍ଦର ଶବ୍ଦର ପରିପ୍ରକାଶ। ଯାହାର ପ୍ରକ୍ୟତ ଅର୍ଥ ହେଉଛି ସୁରକ୍ଷା ଏବଂ ଯତ୍ନର ବନ୍ଧନ। ତେଣୁ ଏହା ସୁରକ୍ଷା ବନ୍ଧନ ନାମରେ ମଧ୍ୟ ନାମିତ। 'ରାଖୀ' ଏକ ଏମିତି ଶବ୍ଦ ଯାହାକି ପ୍ରତ୍ୟେକ ଭାଇ ଓ ଭଉଣୀର ସ୍ନେହ, ପ୍ରେମ ଏବଂ ବନ୍ଧନର ପ୍ରତୀକ। ଏହା ସର୍ବଦା ଶାଶ୍ୱତ ଏବଂ ଚିରନ୍ତନ। ତେଣୁ ରକ୍ଷା ବନ୍ଧନ ହେଉଛି ସମ୍ପର୍କର ବନ୍ଧନ, ପ୍ରେମର ବନ୍ଧନ, ସୁରକ୍ଷାର ବନ୍ଧନ,ସଂସ୍କୃତିର ବନ୍ଧନ ଏବଂ ବନ୍ଧନ ପ୍ରତିଶ୍ରୁତିର।
**ସ୍ମୃତିରେଖା ଦାସ, ବିଜୁପଟ୍ଟନାୟକ ନଗର, ସାମରାଇପୁର**

ସତ୍ୟର ସୂର୍ଯ୍ୟକୁ କେବେ ଅସତ୍ୟର କଳାବାଦଲ ଢାଙ୍କି ପାରେନି। ରାଖୀର ମୂଲ୍ୟକୁ କେବେ ଭଉଣୀ ନ ଥିବା ଭାଇ ବୁଝିପାରେନି। ଜୀବନ ଏମିତି ରାସ୍ତା ଚାଲୁଥିଲେ ବାଟ ସରେନି। ରାଖୀର ସ୍ମୃତି ଅନୁଭୂତି କେବେହେଲେ ଭୁଲି ହୁଏନି। ବାର୍ତ୍ତା: ରକ୍ଷାବନ୍ଧନ ସ୍ନେହ ଶ୍ରଦ୍ଧାର ପ୍ରତୀକ୍ଷିତ ଦିନ।
**ସାଇସ୍ୱାଗତ ପ୍ରଧାନ, ବନ୍ଧବାହାଲ, ଝାରସୁଗୁଡ଼ା**

ରେଶମୀ ଡୋରିଟି ହାତରେ ବାନ୍ଧି
ଶୁଭ ମନାସେ ଭଉଣୀ ପ୍ରଭୁଙ୍କୁ ଡାକି
ରାଖୀର ସନ୍ଦେଶ ଅତି ମଧୁର, ଆଜିର ନୁହେଁ ସେଅତି ପ୍ରାଚୀନ ସମ୍ପର୍କ ଅଟଇ ଅତିନିବିଡ଼ ନ ଭାଙ୍ଗେ ସେ କେବେ ଆସିଲେ ଝଡ଼ ତା ବଦଳେ ଭାଇ କରେ ପ୍ରତିଜ୍ଞା, ସୁରକ୍ଷା ଦେବ ସେ ଜୀବନ ସାରା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ, ପବିତ୍ର ଏ ସମ୍ପର୍କ ଲଭ୍ ସୁଯଶ
ଜଗତ କରତା ସୁଭଦ୍ରା ମାତ
ପୁରାଣ ଯୁଗରୁ ଅଛି କଥିତ।
**ଦିବାକର ମହାରଣା, ମୋଦିପଡ଼ା, ସମ୍ବଲପୁର**

ରକ୍ଷା ବନ୍ଧନର ଅର୍ଥ ହେଉଛି ସୁରକ୍ଷାର ଅତୁଟ କବଚ। ଶ୍ରାବଣର ପୂର୍ଣ୍ଣିମା ତିଥିରେ ପାଳିତ ଏହି ଉତ୍ସବଟି ଆମକୁ ଆମର ଦାୟିତ୍ୱବୋଧ ପ୍ରତି ସଚେତନ କରିଥାଏ। ଉଣଣୀଟି ଭାଇର ବଳ, ବୀର୍ଯ୍ୟ ଓ ସୌର୍ଯ୍ୟର କାମନା କରିଥାଏ। ପ୍ରତି ବଦଳରେ ଭାଇଟି ମୃତ୍ୟୁ ପର୍ଯ୍ୟନ୍ତ ନିଜ ଭଉଣୀର ସାମାଜିକ ସୁରକ୍ଷା ଓ ସମ୍ମାନବୋଧ ପ୍ରତି ଦୃଢ଼ ପ୍ରତିଶ୍ରୁତି ଦେଇଥାଏ।
**ଦେବୀପ୍ରସାଦ ଧର, ଜାଗମରା, ଭୁବନେଶ୍ୱର**

ଏହା (ରାଖୀ ପୂର୍ଣ୍ଣିମା) ଏକ ଭାରତୀୟ ପର୍ବ। ଏହି ପର୍ବଟି ଭାଇ ଭଉଣୀ ମଧ୍ୟରେ ଥିବା ବନ୍ଧନକୁ ଯୋଡ଼ି ରଖିଥାଏ। ଏହି ଦିନ ସବୁ ଭାଇଭଉଣୀମାନେ ଗୋଟିଏ ସ୍ଥାନରେ ଆସି ଏକାଠି ହୁଅନ୍ତି ଏବଂ ରାଖୀ ପୂର୍ଣ୍ଣିମା ପାଳନ କରନ୍ତି। ପଛେ ଯେତେ ଦୂରରେ ଥିଲେ ମଧ୍ୟ ମୁଁ ମୋ ଭାଇକୁ ରାଖୀ ବାନ୍ଧି ଦେଇ କୁହେ ମନେ ରଖିଥିବୁ ନ ଯିବୁ ରେଶମୀ ଡୋରକୁ।
**ଲିପସି ପରିଛା, ଫଳସାମୁଣ୍ଡା, ଝାରସୁଗୁଡ଼ା**

ବନ୍ଧୁତ୍ୱ ଏକ ଅବୁଝା ସମ୍ପର୍କ ହୋଇଥାଏ। ଏଠି ନ ଥାଏ ପୁଅ ଓ ଝିଅର ବୟସ ଧରା ଯାଇ ନ ଥାଏ। ପୁଅ ଝିଅର ବନ୍ଧ କେବଳ ପ୍ରତିଜ୍ଞା ଏ ଭଲ ସମ୍ପର୍କ ରହିବା ପାଇଁ ନିଜ ବନ୍ଧୁ ଓ ଭାଇମାନଙ୍କୁ ପାଇଁ ଶବ୍ଦମାଳାରେ ଗୁନ୍ଥା ସେଥିପାଇଁ ତ ଏ ସମ୍ପର୍କକୁ କୁହାଯାଏ ପୂର୍ଣ୍ଣତାର ଡୋରି। ଯାହା ପ୍ରେମ, ତ୍ୟାଗ, ସ୍ନେହ, ବିଶ୍ୱାସ।
**ଆଲିଶା ନାୟକ, ଭଗବାନପୁର (ଚନ୍ଦନପୁର), କଟକ**

ଓଡ଼ିଶାରେ ବାରମାସରେ ତେର ପର୍ବ ପାଳିତ ହୁଏ। ଏଥି ମଧ୍ୟରୁ ରକ୍ଷା ମନ୍ଧନ ଏକ ପବିତ୍ର ପର୍ବ। ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପଡ଼େ। ଏଥିପଇଁ ଏହାକୁ ଶ୍ରାବଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ରାଖୀ ପୂର୍ଣ୍ଣିମାରେ ଭାଇକୁ ଭଉଣୀମାନେ ରାଖୀ ବାନ୍ଧନ୍ତି। ଭାଇ ମଦ୍ୟ ଭଉଣକୁ ସୁରକ୍ଷାର ପ୍ରତିଶ୍ରୁତି ଦେଇଥାନ୍ତି।
**ମନୀଷା ଦଣ୍ଡସେନା, ବିଷମ କଟକ**

ରାଖୀ ଭଉଣୀର ଅତୁଟ ବିଶ୍ୱାସ ଓ ଭାଇର ସୁରକ୍ଷା ବନ୍ଧନର ଶକ୍ତ ଡୋରିଟିଏ। ରାଗ, ରୁଷା,ଅଭିମାନ ଭରା ସମ୍ପର୍କ ଅଟେ। ଈଶରଙ୍କ ପ୍ରଦତ୍ତ ଏକ ଅତୁଳନୀୟ ସ୍ନେହ, ଶାଶ୍ୱତ, ପ୍ରେମ ଓ ନିସ୍ୱାର୍ଥପରତାର ନିଆରା ସମ୍ପର୍କ ଅଟେ।
କୁରୁସଭାରେ ଶ୍ୟାମ ଦ୍ରୌପଦୀଙ୍କ ରାଖୀର ମାନ ରଖିଥିଲେ। ମୁଁ ଅଧମ ସଦା ତୋର ମାନ ରଖିବି।
**ଅମରେଶ କୁମାର ବଡ଼ଜେନା, ଉତ୍ତରାଛକ, ଭୁବନେଶ୍ୱର**

ଭାଇ, ତନ୍ତ୍ରୀରେ ମୋର ମନ୍ତ୍ର ଶୁଣାଏ ତୋର ସ୍ନେହ ଅନୁରାଗ। ଢାଙ୍କିଛି ମୋତେ ଫଣାରେ, ଯେମିତି ଜାଗ୍ରତ ଶେଷନାଗ। ମଶାଟେ ବସିଲେ ଦେହରେ କେଉଁଠି ହିଂସା ଉଡ଼ଇ ତୋର। ପ୍ରଳୟରେ ବି ତୁ ରକ୍ଷା ବଳୟ କଂସା କବାଟ ମୋର।
**ସଂଘମିତ୍ରା ଜେନା, ସିଡିଏ, କଟକ**

ପତଳା ସୂତାର ମଜବୁତ ଡୋରି ହେଉଛି ରାଖୀ, ଭାଇ ଭଉଣୀଙ୍କ ମିଠା ଚଗଲାମିର ପ୍ରତୀକ ହେଉଛି ରାଖୀ।
ଭାଇର ଅଧିକ ଆୟୁଷ ପାଇଁ ଭଉଣୀର ପ୍ରାର୍ଥନା ହେଉଛି ରାଖୀ।
ଭାଇର ପବିତ୍ର ଭଲପାଇବାର ସାକ୍ଷୀ ହେଉଛି ରାଖୀ।
**ସୁବାସିନୀ ନାୟକ, ୟୁନିଟ-୧, ଭୁବନେଶ୍ୱର**

ସ୍ନେହର ଭାଇ, ଏହି ପବିତ୍ର ରକ୍ଷା ବନ୍ଧନର ଡୋର ଦ୍ୱାରା ଆମେ ବିଶ୍ୱରେ ଶାନ୍ତି, ମୈତ୍ରୀ ଓ ପ୍ରେମ ଆଣି ଏକ ନୂତନ ବିଶ୍ୱ ସୃଷ୍ଟି କରିବା। ତେଣୁ ଏ ରାଖୀ ଆମ ପାଇଁ ସ୍ୱପରିବର୍ତ୍ତନରୁ ବିଶ୍ୱ ପରିବର୍ତ୍ତନ ଆଣିବା ପାଇଁ ଅତୁଟ ବନ୍ଧନ। ଯାହା ଭିତରେ ରହିଛି ଦୃଢ଼ ସଂକଳ୍ପ, ସଦ୍ ଭାବନା ଓ ସତ୍‌କର୍ମ।
**ପ୍ରଜ୍ଞା ପାରମିତା ସାହୁ, ବରମୁଣ୍ଡା, ଭୁବନେଶ୍ୱର**

ଭାଇ ଭଉଣୀର ସମ୍ପର୍କ ଡୋରୀ ରେଶମୀ ସୂତାରେ ରଖିଛି ଭିଡ଼ି ସୁନ୍ଦର ଦିଶିବ ତୋର ହାତରେ। ତତେ ବାନ୍ଧି ଦେବି ରାଖୀ ଗୋଟିଏ ନଈର ଆମେ ଦୁଇଟି ଧାରା ସ୍ନେହ ଦୋଳିରେ ବନ୍ଧା ଜୀବନ ସାରା।। ବାଣ୍ଟିନେବା ସୁଖଦୁଃଖ ଏକାଠି ହୋଇ ସ୍ନେହର ଏ ଡୋରି କେତେ ଛିଣ୍ଡିବ ନାହିଁ।
**ଆଶିକ କୁମାର , କଟକ**

ରାଖୀ ପୂର୍ଣ୍ଣିମାକୁ ଆମେ ବଳଭଦ୍ରଙ୍କ ଜନ୍ମ ବୋଲି କହବା। ଏହିଦିନ ପ୍ରତ୍ୟେକ ଗୋମାତାଙ୍କୁ ପୂଜା କରାଯାଏ। 'ରାଖୀ' ଏହା ଏକ ପବିତ୍ର ବନ୍ଧନ ଅଟେ। ପ୍ରତ୍ୟେକ ଭଉଣୀ ଓ ଭାଇ ଏହି ଦିନଟିକୁ ଅପେକ୍ଷା କରିଥାନ୍ତି। ଏହାକୁ ଆମେ ସାଧାରଣତଃ ଗୋଟିଏ ସୂତା ବୋଲି ଭାବିବା ନାହିଁ। ତା ଭାଇକୁ ଭଉଣୀର ରକ୍ଷା କରିବା ଦାୟିତ୍ୱ ତା ଭାଇକୁ ଦେଇଥାଏ। ଏହା ଏକ ପବିତ୍ର ବନ୍ଧନ ଅଟେ।
**ବର୍ଷା ରାଉଳ, ଚନ୍ଦନପୁର, ପୁରୀ**

ପବିତ୍ର ରକ୍ଷାବନ୍ଧନ ଉତ୍ସବ ଭଉଣୀର ଭାଇ ହାତରେ ଏକ ଦୁର୍ଭେଦ୍ୟ ରକ୍ଷାକବଚ। ଭାଇର ଭଉଣୀ କେତେ ପ୍ରିୟ ଏହାର ଶ୍ରେଷ୍ଠ ଦୃଶ୍ୟ ଯୁଗାବତାର ପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ମଧ୍ୟରେ ଭଉଣୀ ସୁଭଦ୍ରା। ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣଙ୍କର ଭଉଣୀ ଦ୍ରୌପଦୀଙ୍କୁ କୋଟିବସ୍ତ୍ର ଦାନ। ଏହି ଉତ୍ସବ ପବିତ୍ରତାର ସହ ପାଳନ କରିବା ଉଚିତ।
**ଶରତ ଚନ୍ଦ୍ର ମହାପାତ୍ର, ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର**

ରାଖୀ ପୂର୍ଣ୍ଣିମା ଭାଇ ଏବଂ ଭଉଣୀମାନଙ୍କର ପବିତ୍ର ପର୍ବ ଅଟେ। ଏହି ପର୍ବ ଓଡ଼ିଶା ସମେତ ସାରା ଭାରତବର୍ଷରେ ପାଳିତ ହୁଏ। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳନ କରାଯାଏ। ଏହିଦିନ ଭଉଣୀ ଭାଇର ମଥାରେ ତିଳକ, ଚନ୍ଦନ, ସିନ୍ଦୁର ଲଗେଇ ହାତରେ ରାଖୀ ବାନ୍ଧିଥାଏ। ଭାଇ ମଧ୍ୟ ଭଉଣୀକୁ ସୁରକ୍ଷାର ପ୍ରତିଶ୍ରୁତି ଦେଇ ଏବଂ ସୁନ୍ଦର ଉପହାର ଦେଇଥାଏ।
**ସରୋଜ କୁମାର ସାବତ, ବିଷମ କଟକ**

ସ୍ନେହର ଭଉଣୀ ତୋର ଆଗାମୀ ଭବିଷ୍ୟତ ସୁଖ, ସମୃଦ୍ଧିରେ ଭରିଯାଉ ତୋର ଚଲାପଥ ପୁଷ୍ପମୟ ହୋଇଯାଉ। ସବୁ ସୁଖ ତତେ ମିଳିଯାଉ। ଏହା ହିଁ ମୋର ଭଗବାନଙ୍କ ଠାରେ ଏତିକି ପ୍ରାର୍ଥନା କରୁଛି। ଆଜିର ଦିନରେ ମୁଁ ଶୁଭକାମନା କରୁଛି।
**ଦୁଷ୍ମନ୍ତ କୁମାର ପାତ୍ର, ଗୌଡ଼ଡିହା, କେନ୍ଦୁଝର**

**ବିଳମ୍ବରେ ପହଞ୍ଚିବା କାରଣରୁ ଅନେକ ବାର୍ତ୍ତା ପ୍ରକାଶ କରାଯାଇପାରି ନାହିଁ ଏଥିପାଇଁ ଆମେ ଦୁଃଖିତ।**